ସଂସ୍କୃତସାହିତ୍ୟସାରଶତମ୍

ମୁଦ୍ରାରାକ୍ଷସ-ନାଟକମ୍

ଅନୁବାଦ ଓ ସଂପାଦନା :
ଡକ୍ଟର ଧନେଶ୍ୱର ମହାପାତ୍ର

Digitized by PPRACHIN, SOA

ମୁଦ୍ରାରାକ୍ଷସ-ନାଟକମ୍

ରଚନା – ମହାକବି ବିଶାଖ ଦତ୍ତ

ଅନୁବାଦ ଓ ସମ୍ପାଦନା :

ଅଧ୍ୟାପକ ଡକ୍ଟର ଧନେଶ୍ୱର ମହାପାତ୍ର

ଏମ୍. ଏ. (ଓଡ଼ିଆ), ଏମ୍. ଏ. (ସଂସ୍କୃତ), ପିଏଚ୍. ଡି. (ଭାଷାତତ୍ତ୍ୱ)

ସାହିତ୍ୟାଚାର୍ଯ୍ୟ, ବି. ଇଡି., କୋବିଦ ॥

ପ୍ରକାଶିକା

ଶ୍ରୀମତୀ ଜୀବନ କୁମାରୀ ମହାପାତ୍ର

କଲ୍ୟାଣୀ ନଗର, କଟକ–୧୩

Digitized by PPRACHIN, SOA

MUDRARAKSHASA (NATAKAM)

BY

MAHAKAVI BISHAKHA DATTA

Translator and Editor

Dr. Dhaneswar Mahapatra

M. A. (Oriya), M. A. (Sanskrit).

Ph. D. (Linguistics), Sahityacharya, B. Ed., Kovid

Publisher

Srimati Jivan Kumari Mahapatra

Kayani nagar, Cuttack-13

ORISSA

January, 1984

Printed at :

Kalyan Press,

Kalyani nagar, Cuttack-13

ORISSA

Priee : **Rupees**

Digitized by PPRACHIN, SOA

ଭୂମିକା

ଚାଣକ୍ୟ— ଏକ ପ୍ରଚଣ୍ଡ, ଚମକପ୍ରଦ ନାମ । ଏ ନାମ ଶୁଣିଲା ମାତ୍ରେ ମନରେ ଭାବନା ଆସେ—ଦୁନିଆଁରେ ଯଦି କେହି ଉଦ୍ଧତ ହୁଏ, ତାକୁ ଜବତ୍‌କରିବାକୁ ହେବ, କେହି ଯଦି ମଦମତ୍ତ ହୁଏ, ତାକୁ ଉପଯୁକ୍ତ ଶାସ୍ତି ଦେବାକୁହେବ ।

ପ୍ରାୟ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀର କଥା । ସେତେବେଳେ ଭାରତରେ ମଗଧ ଏକ ଶକ୍ତିଶାଳୀ ରାଜ୍ୟ ଥିଲା । ପାଟଳିପୁତ୍ର ଥିଲା ତାହାର ରାଜଧାନୀ । ପାଟଳିପୁତ୍ରକୁ ପୁଷ୍ପପୁର ବା କୁସୁମପୁର ବୋଲି ମଧ୍ୟ କୁହାଯାଉଥିଲା । ମଗଧରେ ବିଖ୍ୟାତ ନନ୍ଦବଂଶର ମହାପଦ୍ମ ନନ୍ଦ ନାମକ ଜଣେ ପରାକ୍ରମଶାଳୀ ରାଜା ରାଜତ୍ୱ କରୁଥିଲେ । ପ୍ରତିବେଶୀ ରାଜାମାନଙ୍କୁ ଜିଣି ସେ ପ୍ରଚୁର କର ଆଦାୟ କରୁଥିଲେ । ତେଣୁ ତାଙ୍କର ରାଜକୋଷ ଅଜସ୍ର ଅର୍ଥରେ ପୂର୍ଣ୍ଣ ଥିଲା । କ୍ଷମତା ଓ ଧନ ମଦରେ ମହାପଦ୍ମ ନନ୍ଦ ଥିଲେ ଅତ୍ୟନ୍ତ ଉଦ୍ଧତ ଓ ଅସହନଶୀଳ ।

ଦିନେ ଏକ ବିଚିତ୍ର ଘଟଣା ଘଟିଲା । ରାଜାଙ୍କ ପିତୃଶ୍ରାଦ୍ଧ ଦିବସରେ ଚାଣକ୍ୟ ରାଜପ୍ରାସାଦକୁ ଆସିଥିଲେ । ଚାଣକ୍ୟ ଥିଲେ ବିଦ୍ୱାନ୍, ବେଦଜ୍ଞ ବ୍ରାହ୍ମଣ, କିନ୍ତୁ ରୂପରେ ଅସୁନ୍ଦର । ଉପାଧ୍ୟାୟତ୍ୱ (ଶିକ୍ଷକତା) ତାଙ୍କର ବୃତ୍ତି ଥିଲା । ରାଜା ଦେଖିଲେ ଏକ ଅସୁନ୍ଦର ବ୍ରାହ୍ମଣ ଆସନରେ ବସିଛନ୍ତି । ସେ ବିରକ୍ତ ଓ କ୍ରୁଦ୍ଧ ହୋଇ, ତାଙ୍କୁ କେଶାକର୍ଷଣ ପୂର୍ବକ ବହିଷ୍କାର କରିଦେଲେ । ଚାଣକ୍ୟ କ୍ରୋଧରେ ଅଗ୍ନିଶର୍ମା ହୋଇଗଲେ । ଯେଉଁ ଦିନ ନନ୍ଦବଂଶକୁ ଧ୍ୱଂସ କରିବେ, ସେହିଦିନ ମସ୍ତକର ମୁକୁଳା କେଶଶିଖାକୁ ବାନ୍ଧିବେ— ଏହି ପ୍ରତିଜ୍ଞା କରି ରାଜପ୍ରାସାଦରୁ ବାହାରି ଗଲେ ।

ପ୍ରତିଜ୍ଞା ସିନା କରିଦେଲେ, କିନ୍ତୁ ଉପାୟ କଅଣ ? ତାଙ୍କର ନା ଥିଲା ଧନ, ନା ଥିଲେ ଜନ । କିନ୍ତୁ ସେ ଦବିଗଲେ ନାହିଁ । ଅପମାନ, ଅବଜ୍ଞାକୁ ଜୀର୍ଣ୍ଣ କରି ସନ୍ନ୍ୟାସୀ ହୋଇଗଲେ ନାହିଁ । କିମ୍ବା "ଅନ୍ୟାୟ, ଅତ୍ୟାଚାର ବଢ଼ିଗଲା, ପ୍ରତୀକାର କରିବାକୁ ହେବ, ପ୍ରତୀକାର କରିବାକୁ ହେବ"— ଏମିତି କହି ବୁଲିଲେ ନାହିଁ । ସେ ଚୁପ୍‌ଚାପ୍ କାର୍ଯ୍ୟ ଆରମ୍ଭ କରିଦେଲେ ନିଜ ବୁଦ୍ଧି ଉପରେ ଭରସା ରଖି ।

Digitized by PPRACHIN, SOA

ନନ୍ଦରାଜାଙ୍କ ପରିବାରରେ ଅନ୍ତର୍ବିବାଦ କମ୍ ନ ଥିଲା । ମହାପଦ୍ମ ନନ୍ଦଙ୍କର ନଅ ପୁଅ । ଆଠ ଜଣ ବିବାହିତା ରାଣୀଙ୍କ ଗର୍ଭରୁ ଏବଂ ଜଣେ ମୁରା ନାମ୍ନୀ ଶୂଦ୍ର-ଜାତୀୟା ରକ୍ଷିତା ସ୍ତ୍ରୀଙ୍କ ଗର୍ଭରୁ ଜନ୍ମ ଗ୍ରହଣ କରିଥିଲେ । ଏହି ଶେଷୋକ୍ତ ପୁତ୍ରଙ୍କ ନାମ ଚନ୍ଦ୍ରଗୁପ୍ତ । ମୁରାଙ୍କର ପୁତ୍ର ହୋଇଥିବାରୁ ତାଙ୍କୁ ମୌର୍ଯ୍ୟ ଏବଂ ବୃଷଳ (ଶୂଦ୍ର) ବୋଲି ମଧ୍ୟ କୁହାଯାଉଥିଲା । ତାଙ୍କର ବୁଦ୍ଧିମତ୍ତା ସମ୍ବନ୍ଧରେ କେତେକ ପ୍ରବାଦ ଅଛି । ଥରେ ସିଂହଳର ରାଜା ଲୁହାଜାଲିର ପିଞ୍ଜରା ଭିତରେ ଏକ ସିଂହ ରଖି ମହାପଦ୍ମ ନନ୍ଦଙ୍କ ଦରବାରକୁ ପ୍ରେରଣ କରିଥିଲେ । ସେହି ସିଂହ ମହମରେ ତିଆରି ହୋଇ ଜୀବନ୍ତ ଭଳି ଦେଖାଯାଉଥିଲା । ସିଂହଳ ରାଜାଙ୍କର ବାର୍ତ୍ତା ଥିଲା ––ପିଞ୍ଜରା ଭଙ୍ଗା ହେବନାହିଁ, କିନ୍ତୁ ସିଂହ ତା ଭିତରୁ ଉଭେଇଯିବ । ଦରବାରର ସମସ୍ତେ ବହୁତ ଚିନ୍ତା କଲେ, ମାତ୍ର କାହାରି ମୁଣ୍ଡକୁ ବୁଦ୍ଧି ଜୁଟିଲା ନାହିଁ । ଚନ୍ଦ୍ର-ଗୁପ୍ତ ଚିନ୍ତା କରି ରହସ୍ୟ ଜାଣିପାରିଲେ ଏବଂ ପିଞ୍ଜରା ନିକଟରେ ଏକ ଉତ୍ତପ୍ତ ଲୌହପିଣ୍ଡ ରଖିବାରୁ ମହମ ନିର୍ମିତ ସିଂହଟି ତରଳିଗଲା ।

ଏହିପରି ଅନେକ କ୍ଷେତ୍ରରେ ଚନ୍ଦ୍ରଗୁପ୍ତଙ୍କ ବୁଦ୍ଧି ଓ ପ୍ରତିଭାର ପରିଚୟ ମିଳି-ଥିଲା । ତେଣୁ ତାଙ୍କର ଭାଇମାନେ ତାଙ୍କ ପ୍ରତି ବିଦ୍ୱେଷ ପୋଷଣ କରୁଥିଲେ । ରାଜା ମଧ୍ୟ ସେମାନଙ୍କ ପକ୍ଷ ନେଉଥିଲେ । କିନ୍ତୁ ଚନ୍ଦ୍ରଗୁପ୍ତ ଜ୍ୟେଷ୍ଠପୁତ୍ର ଥିବାରୁ ଏବଂ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଯୋଗ୍ୟ ଥିବାରୁ ନିଜକୁ ଉତ୍ତରାଧିକାରୀ ମନେ କରୁଥିଲେ । ତେଣୁ ପିତା ଓ ଭାଇମାନଙ୍କ ସହିତ ତାଙ୍କର ମନୋମାଳିନ୍ୟ ବଢ଼ି-ଉଠୁଥିଲା ।

ଚାଣକ୍ୟ ଏହି ସୁଯୋଗର ଉପଯୋଗ କରିବାକୁ ଚେଷ୍ଟା କଲେ । ସେ ଚନ୍ଦ୍ର-ଗୁପ୍ତଙ୍କ ସହିତ ବନ୍ଧୁତା ବାନ୍ଧିଲେ, ସୈନ୍ୟବାହିନୀ ଗଠନ କରାଇଲେ, ବିଶ୍ୱସ୍ତ ବ୍ୟକ୍ତିମାନଙ୍କୁ ଚରରୂପେ ନିଯୁକ୍ତ କଲେ, ରାଜ– ବିରକ୍ତ ପ୍ରଜାମାନଙ୍କ ମନରେ ସହଯୋଗ ସମର୍ଥନର ବୀଜ ପୋତିଲେ । ଏହିପରି ବିଭିନ୍ନ ଉପାୟ, ବିଭିନ୍ନ କୌଶଳ ପ୍ରୟୋଗ କରି ଶେଷରେ ନନ୍ଦବଂଶକୁ ଧ୍ୱଂସ କଲେ ଏବଂ ଚନ୍ଦ୍ରଗୁପ୍ତଙ୍କୁ ସିଂହାସନରେ ବସାଇ ନିଜେ ହେଲେ ତାଙ୍କର ପ୍ରଧାନ ମନ୍ତ୍ରୀ–ବାସ୍ତବରେ ସାମ୍ରାଜ୍ୟର ପରିଚାଳକ ।

ଚାଣକ୍ୟ ଅଖଣ୍ଡ କ୍ଷମତାର ଅଧିକାରୀ ହେଲା ପରେ କ'ଣ ମନୋରମ ପ୍ରାସାଦରେ ବାସ କଲେ ? କ୍ଷିରୀ, ପୁରୀ, ମଦ୍ୟ, ମାଂସ ଭୋଜନ କଲେ ?

Digitized by PPRACHIN, SOA

କୋଟି କୋଟି ମୁଦ୍ରାର ଅଧିକାରୀ ହେଲେ ? ନା । ତାଙ୍କର ସମ୍ପତ୍ତି ଖଅଣ ଓ କେତେ ଥିଲ, ଜଣେ ବୃଦ୍ଧ କଞ୍ଚୁକୀ ଦୁନିଆଁଙ୍କୁ ଜଣାଇ ଯାଇଛନ୍ତି—

"ଏ ଗୃହ ଆର୍ଯ୍ୟ ଚାଣକ୍ୟଙ୍କର । ଯାଏଁ, ପ୍ରବେଶ କରେଁ । (ପ୍ରବେଶ ପୂର୍ବକ ନିରୀକ୍ଷଣ କରି) ଅହୋ ! ରାଜାଧିରାଜାଙ୍କ ମନ୍ତ୍ରୀଙ୍କର ଏହି ଗୃହବିଭବ ! ଶୁଷ୍କ ଗୋମୟ ଭାଙ୍ଗିବା ପାଇଁ ଏଇ ପଥର ଖଣ୍ଡେ ! ଶିଷ୍ୟମାନଙ୍କ ଦ୍ୱାରା ସଂଗୃହୀତ ଗୋଛାଏ କୁଶ ! ଏଇ ଘରଟି ! ଏହାର କାନ୍ଥ ଭାଙ୍ଗିଗଲଣି ଏବଂ ଉପରେ ଶୁଖା ହୋଇଥିବା ସମିଧଗୁଡ଼ିକ ଦ୍ୱାରା ଛାଇ ନଇଁ ଆସିଛି !" (ଏଇ ବହିର ୮୭ ପୃଷ୍ଠା)

ଏହା ହିଁ ହେଲା ଚାଣକ୍ୟ—'ଆର୍ଯ୍ୟ' (ଉଚ୍ଚମନା) ଚାଣକ୍ୟଙ୍କର ମହତ୍ତ୍ୱ । ଏଇଥି ପାଇଁ ସେ ଜନଗଣଙ୍କର ଆସ୍ଥା ଲାଭ କରିପାରିଲେ, ସାମ୍ରାଜ୍ୟର ସୁପରିଚାଳନା କରିପାରିଲେ । ସେ କହିଗଲେ "ଯୋଽର୍ଥଶୁଚିଃ, ସ ଶୁଚିଃ" ଅର୍ଥାତ୍ ଯେ ଟଙ୍କା-ପଇସା ଦିଗରୁ ସାଧୁ, ସେ ହିଁ ପ୍ରକୃତରେ ସାଧୁ ।

ଚନ୍ଦ୍ରଗୁପ୍ତଙ୍କୁ ସିଂହାସନରେ ବସାଇ ଚାଣକ୍ୟ ଆଜୀବନ ପ୍ରଧାନ ଅମାତ୍ୟ ରୂପେ ରହିବାକୁ ଚାହିଁଲେ ନାହିଁ, କି ଆଜୀବନ କ୍ଷମତାର ସ୍ୱାଦ ଚାଖିଲେ ନାହିଁ । ସେ ଚାହିଁଲେ, ନନ୍ଦରାଜାଙ୍କର ପ୍ରଧାନ ଅମାତ୍ୟ ରାକ୍ଷସଙ୍କୁ ଚନ୍ଦ୍ରଗୁପ୍ତଙ୍କର ପ୍ରଧାନ ଅମାତ୍ୟ ପଦରେ ଅବସ୍ଥାପିତ କରାଇବେ । ରାକ୍ଷସ ଥିଲେ ଅତ୍ୟନ୍ତ ପ୍ରଭୁଭକ୍ତ, ବୁଦ୍ଧିମାନ୍, କର୍ମନିଷ୍ଠ କର୍ମଚାରୀ । ତାଙ୍କୁ ପାଇଲେ ଚନ୍ଦ୍ରଗୁପ୍ତଙ୍କ ସାମ୍ରାଜ୍ୟର ଶ୍ରୀ ସାଧିତ ହେବ, ଏହା ଥିଲ ଚାଣକ୍ୟଙ୍କର ଭାବନା । ଚାଣକ୍ୟଙ୍କର ନିଜର ସ୍ୱଧର୍ମ ଥିଲା ଅଧ୍ୟୟନ-ଅଧ୍ୟାପନା । ଘଟଣାଚକ୍ରରେ ସେ ରାଜନୀତିରେ ପ୍ରବେଶ କରିଥିଲେ ମାତ୍ର । ଲକ୍ଷ୍ୟ ଯେତେବେଳେ ପୂର୍ଣ୍ଣ ହୋଇଗଲା, ସେ ଆଉ କ୍ଷମତାରେ ରହିବାକୁ ଚାହିଁଲେ ନାହିଁ । ଯେଉଁ ଅଖଣ୍ଡ କ୍ଷମତା ସେ ନିଜେ ସୃଷ୍ଟି କରିଥିଲେ, ତାହା ଅନ୍ୟକୁ ଦେଇଦେବାକୁ ଇଚ୍ଛା କଲେ । ସେଥିପାଇଁ ରାକ୍ଷସଙ୍କୁ ହିଁ ସେ ଯୋଗ୍ୟ ପାତ୍ର ମନେ କଲେ ।

କିନ୍ତୁ ରାକ୍ଷସଙ୍କୁ ଚନ୍ଦ୍ରଗୁପ୍ତଙ୍କର ଅମାତ୍ୟ କରାଇବା ସହଜ ବ୍ୟାପାର ନ ଥିଲା । କାରଣ, ଚାଣକ୍ୟ ଓ ଚନ୍ଦ୍ରଗୁପ୍ତଙ୍କ ପ୍ରତି ରାକ୍ଷସଙ୍କର ବୈରଭାବ ବଦ୍ଧମୂଳ ଥିଲା । ରାକ୍ଷସ ବହୁଦିନ ଧରି ନନ୍ଦ ସାମ୍ରାଜ୍ୟର ମୁଖ୍ୟ ଅମାତ୍ୟରୂପେ କାର୍ଯ୍ୟ କରିଥିଲେ, ତେଣୁ ନନ୍ଦବଂଶ ପ୍ରତି ଆନୁଗତ୍ୟ ଭୁଲିପାରୁ ନ ଥିଲେ । ଚାଣକ୍ୟ ଓ ଚନ୍ଦ୍ରଗୁପ୍ତ

Digitized by PPRACHIN, SOA

ମିଳି ନନ୍ଦମାନଙ୍କୁ ଧ୍ୱଂସ କରିବାରୁ ସେ ଉଭୟଂକ ପ୍ରତି ଶତ୍ରୁ ହୋଇପଡ଼ିଲେ । ଚାଣକ୍ୟ ମଧ୍ୟ ଆଗରୁ ଚିନ୍ତା କରିଥିଲେ— ନନ୍ଦବଂଶର କେହି ଜଣେ ବ୍ୟକ୍ତି ଜୀବିତ ଥିବା ପର୍ଯ୍ୟନ୍ତ ରାକ୍ଷସ ନନ୍ଦରାଜ୍ୟର ପୁନରୁଦ୍ଧାର ନିମନ୍ତେ ଚେଷ୍ଟାରେ ଲାଗିରହିବେ । ତେଣୁ ସେ (ଚାଣକ୍ୟ) ନନ୍ଦରାଜାଙ୍କର ଶେଷ ଜୀବିତ ପୁତ୍ର ସର୍ବାର୍ଥସିଦ୍ଧି, ଯେ କି ନଗର-ଅବରୋଧ ସମୟରେ ବନକୁ ଲୁଚି ପଳାୟନ କରିଥିଲେ, ତାଙ୍କୁ ମଧ୍ୟ ହତ୍ୟା କରାଇଥିଲେ । ତଥାପି ରାକ୍ଷସ ଅନ୍ୟ ରାଜ୍ୟର ମଳୟକେତୁ ନାମକ ରାଜକୁମାରଂକ ସହିତ ବନ୍ଧୁତା ସ୍ଥାପନ କରି, ତାଙ୍କ ସାହାଯ୍ୟରେ ନନ୍ଦରାଜ୍ୟର ପୁନରୁଦ୍ଧାର ନିମନ୍ତେ ଚେଷ୍ଟା ଚଳାଇଲେ । ମଳୟକେତୁଙ୍କ ପିତା 'ପର୍ବତକ' ଭାରତର ପଶ୍ଚିମାଞ୍ଚଳର ଏକ ରାଜ୍ୟର ରାଜା ଥିଲେ । 'ମୁଦ୍ରାରାକ୍ଷସ'ରେ ପର୍ବତକ ଓ ମଳୟକେତୁଙ୍କୁ ଚାଣକ୍ୟ-ପକ୍ଷୀୟଙ୍କ ମୁଖରେ 'ମ୍ଲେଚ୍ଛ' ବୋଲି କୁହାଯାଇଛି । ପର୍ବତକ ଚାଣକ୍ୟ ଓ ଚନ୍ଦ୍ରଗୁପ୍ତଙ୍କୁ ସାହାଯ୍ୟ କରିଥିଲେ । ସେମାନଙ୍କ ମଧ୍ୟରେ ସର୍ତ୍ତ ହୋଇଥିଲା ଯେ, ନନ୍ଦରାଜ୍ୟ ଅଧିକୃତ ହେଲେ ପର୍ବତକ ତହିଁରୁ ଅଧେ ପାଇବେ । କିନ୍ତୁ ନନ୍ଦରାଜ୍ୟ ଅଧିକୃତ ହେଲା ପରେ କୌଶଳୀ ଚାଣକ୍ୟ ଏକ ସୁନ୍ଦରୀ ବିଷକନ୍ୟାକୁ,* ଯାହାକୁ କି ଚନ୍ଦ୍ରଗୁପ୍ତଙ୍କୁ ମାରିବା ଉଦ୍ଦେଶ୍ୟରେ ରାକ୍ଷସ ପଠାଇଥିଲେ, ତାକୁ ପର୍ବତକଙ୍କ ନିକଟକୁ ପଠାଇ ଦେଲେ । କାମୁକ ପର୍ବତକ ତାକୁ ରମଣ କରି ପଞ୍ଚତ୍ୱପ୍ରାପ୍ତ ହେଲେ ।

---

* ବିଷକନ୍ୟା ଦୁଇ ପ୍ରକାର କଥିତ ଅଛି । ପ୍ରଥମ— ଜ୍ୟୋତିଷ ଶାସ୍ତ୍ର ଅନୁସାରେ କେତେଗୋଟି ନିର୍ଦ୍ଦିଷ୍ଟ ତିଥି, ବାର, ନକ୍ଷତ୍ର ପ୍ରଭୃତିର ସଂଯୋଗ ଏଭଳି ଅଶୁଭ ବେଳ ଯେ, ସେତେବେଳେ ଯେଉଁ କନ୍ୟା ଜନ୍ମଗ୍ରହଣ କରେ, ତାକୁ ରମଣ କଲେ ପୁରୁଷ ମୃତ୍ୟୁ ମୁଖରେ ପଡ଼େ । ଦ୍ୱିତୀୟଟି ଆୟୁର୍ବେଦ ମତ । କନ୍ୟାଟିଏ ଜନ୍ମ ହେବା ସମୟରୁ କିମ୍ବା ସେ ଗର୍ଭରେ ଥିବା ସମୟରୁ ଖାଦ୍ୟରେ ଅଳ୍ପ ଅଳ୍ପ ବିଷ ନିର୍ଦ୍ଦିଷ୍ଟ ପ୍ରଣାଳୀ ଅନୁସାରେ ମିଶାଇ ଖାଇବାକୁ ଦେଲେ କ୍ରମେ କ୍ରମେ ସେ ବିଷ ଜୀର୍ଣ୍ଣ କରିବାରେ ଅଭ୍ୟସ୍ତ ହୋଇଯାଏ । ସେ ଯୌବନପ୍ରାପ୍ତ ହେଲେ ଯେଉଁ ପୁରୁଷ ତାକୁ ସମ୍ଭୋଗ କରେ, ସଙ୍ଗେ ସଙ୍ଗେ ତାର ମୃତ୍ୟୁ ଘଟେ । ନନ୍ଦରାଜ୍ୟ ଅଧିକୃତ ହେଲା ପରେ ପର୍ବତକ ତହିଁରୁ ଅଧେ ପାଇବା ଆଶାରେ ଖୁବ୍ ଉଲ୍ଲସିତ ହୋଇ ପଡ଼ିଥିଲେ । ତାଙ୍କର ଶୟନଗୃହକୁ ପରମାସୁନ୍ଦରୀ ଯୁବତୀଟିଏ ଯାଆନ୍ତେ, ସେ ତାକୁ ବିଷକନ୍ୟା ବୋଲି ଜାଣି ନ ପାରି ରମଣ କଲେ ଏବଂ ସଙ୍ଗେ ସଙ୍ଗେ ମୃତ୍ୟୁ ମୁଖରେ ପଡ଼ିଲେ ।

Digitized by PPRACHIN, SOA

ପର୍ବତକ ମଲା ପରେ ତାଙ୍କ ପୁତ୍ର ମଳୟକେତୁଙ୍କୁ ନନ୍ଦରାଜ୍ୟର ଅର୍ଦ୍ଧାଂଶ ଦିଆଯିବା କଥା । କିନ୍ତୁ ଚାଣକ୍ୟ ତାହା ନ ଦେବା ଉଦ୍ଦେଶ୍ୟରେ ଭାଗୁରାୟଣ ନାମକ ନିଜର ଜଣେ ଅତି ବିଶ୍ୱସ୍ତ ବ୍ୟକ୍ତିଙ୍କୁ ମଳୟକେତୁଙ୍କର କପଟ ମିତ୍ର କରାଇଲେ । ଭାଗୁରାୟଣ ମଳୟକେତୁଙ୍କୁ ଗୋପନରେ କହିଲେ—"ଆପଣଙ୍କ ପିତାଙ୍କୁ ଚାଣକ୍ୟ ହତ୍ୟା କରାଇଛି ଏବଂ ଆପଣଙ୍କୁ ମଧ୍ୟ ହତ୍ୟା କରାଇବାର ବ୍ୟବସ୍ଥା କରୁଛି ।" ଏହା ଶୁଣି ମଳୟକେତୁ ଛାନିଆଁ ହୋଇ ପାଟଳିପୁତ୍ରରୁ ପଳାୟନ କଲେ । ତାଙ୍କ ପରେ ପରେ ଭଦ୍ରଭଟ, ଭାଗୁରାୟଣ, ଡିଙ୍ଗରାତ ପ୍ରଭୃତି କେତେକ ବ୍ୟକ୍ତି, ଯେଉଁମାନେ କି ଚନ୍ଦ୍ରଗୁପ୍ତଙ୍କ ପ୍ରମୁଖ୍ୟ ଅନୁଚର ଥିଲେ, ସେମାନେ ଚାଣକ୍ୟଙ୍କ କୌଶଳ ଅନୁସାରେ, ଛଳନାରେ ଚନ୍ଦ୍ରଗୁପ୍ତଙ୍କ ପକ୍ଷ ପରିତ୍ୟାଗ କରି ମଳୟକେତୁ ନିକଟକୁ ଚାଲିଗଲେ । ଏଣେ ଚାଣକ୍ୟ ରାଜ୍ୟରେ ଏକ ମିଥ୍ୟା ଧାରଣା ପ୍ରସାର କରାଇଲେ ଯେ—"ଚନ୍ଦ୍ରଗୁପ୍ତ ଓ ପର୍ବତକ, ଉଭୟେ ଚାଣକ୍ୟଙ୍କର ଘନିଷ୍ଠ ବନ୍ଧୁ; ଦୁଇଜଣଙ୍କ ମଧ୍ୟରୁ କେହି ଜଣେ ମଲେ ଚାଣକ୍ୟର ଅନିଷ୍ଟ ସାଧିତ ହେବ—ଏଇ କାରଣରୁ ରାକ୍ଷସ ବିଷକନ୍ୟା ପ୍ରୟୋଗ କରି ପର୍ବତକଙ୍କୁ ମରାଇଲା ।"

ବିଷକନ୍ୟା ଦ୍ୱାରା ପର୍ବତକଙ୍କର ମୃତ୍ୟୁ ହୋଇଛି ବୋଲି ଶୁଣି ରାକ୍ଷସ ମର୍ମାହତ ହୋଇପଡ଼ିଲେ । ତଥାପି ଧୈର୍ଯ୍ୟର ସହିତ ମଳୟକେତୁଙ୍କୁ ଅବଲମ୍ବନ କରି ଚାଣକ୍ୟ ଓ ଚନ୍ଦ୍ରଗୁପ୍ତଙ୍କୁ ଦମନ କରିବା ପାଇଁ ଲାଗିପଡ଼ିଲେ । କିନ୍ତୁ ଚାଣକ୍ୟଙ୍କର ଲକ୍ଷ୍ୟ ହେଲା, ରାକ୍ଷସଙ୍କର ସମସ୍ତ ବୁଦ୍ଧିକୁ ପ୍ରତିହତ କରି ତାଙ୍କୁ ହିଁ ଚନ୍ଦ୍ରଗୁପ୍ତଂକର ମନ୍ତ୍ରୀ କରାଇବା । ଉଭୟ ଅମାତ୍ୟଂକର ବୁଦ୍ଧି ଓ ରାଜନୀତି-ମାରପେଞ୍ଚର ଯେଉଁ ଖେଳ ଚାଲିଲା, ତାହା ହିଁ 'ମୁଦ୍ରାରାକ୍ଷସ' ନାଟକର ବିଷୟବସ୍ତୁ ।

ଏହି ନାଟକର ବିଷୟବସ୍ତୁ ଏପରି ଗହନ, ଏବଂ ବିଷୟବସ୍ତୁର ବିନ୍ୟାସ ଏପରି ଜଟିଳ ଯେ, ଏହାକୁ ବୁଝିବା ସହଜ ନୁହେଁ । ରାଜନୀତି ତଥା କୂଟନୀତିକୁ କେନ୍ଦ୍ର କରି ରଚିତ ଏହି ନାଟକ ବିଶ୍ୱ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । ଏଥିରେ ଆଦୌ ଶୃଙ୍ଗାର ରସ ନାହିଁ । କିନ୍ତୁ ରାଜନୀତି ଓ କୂଟନୀତିର ମାରପେଞ୍ଚ ଚିତ୍ରଣରେ ନାଟକଟି ଅତ୍ୟନ୍ତ ଆକର୍ଷଣୀୟ । ଏହାକୁ ପଠନ କଲେ ବା ଏହାର ଅଭିନୟ ଦର୍ଶନ କଲେ ବୁଦ୍ଧି ଶାଣିତ ତଥା ପୌରୁଷ ପ୍ରଦୀପ୍ତ ହୋଇ-ଉଠେ । ଏହା ମୁଖ୍ୟତଃ ଧୀମାନ୍ ପାଠକ ବା ଦର୍ଶକଙ୍କ ନିମନ୍ତେ ଉଦ୍ଦିଷ୍ଟ । ପ୍ରାଚୀନ-

Digitized by PPRACHIN, SOA

ଇତିହାସ-ତଥ୍ୟ-ସମ୍ବଳିତ ହୋଇଥିବାରୁ ଐତିହାସିକ ଦୃଷ୍ଟିକୋଣରୁ ମଧ୍ୟ ଏହି ନାଟକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ନନ୍ଦବଂଶ ବିଧ୍ୱଂସକ ଚାଣକ୍ୟ ଓ 'ଅର୍ଥଶାସ୍ତ୍ର'ର ପ୍ରଣେତା ଚାଣକ୍ୟ ସମ୍ଭବତଃ ଏକ ବ୍ୟକ୍ତି ଥିଲେ । ଚାଣକ୍ୟଙ୍କର ପ୍ରକୃତ ନାମ ବିଷ୍ଣୁଗୁପ୍ତ । (ଏହି ନାମଟିର ଅର୍ଥ—ବିଷ୍ଣୁଙ୍କ ଦ୍ୱାରା ରକ୍ଷିତ) ତାଙ୍କ ଜନ୍ମସ୍ଥାନର ନାମ ଚଣକ, ତେଣୁ ତାଙ୍କର ଅନ୍ୟ ନାମ 'ଚାଣକ୍ୟ' । କେତେକ ବିଦ୍ୱାନ୍ କହନ୍ତି, ସେ କୁଟଲଗୋତ୍ରରେ ଜନ୍ମଗ୍ରହଣ କରିଥିଲେ । ତେଣୁ ଗୋତ୍ର ଅନୁସାରେ ତାଙ୍କର ନାମ କୌଟଲ୍ୟ, କିନ୍ତୁ ସାଧାରଣତଃ ତାଙ୍କୁ "କୌଟିଲ୍ୟ" କୁହାଯାଏ । ବୋଧହୁଏ, ସେ କୁଟିଳ କାର୍ଯ୍ୟ କରିବାରୁ(ସେପରି କରିବାକୁ ବାଧ୍ୟ ହୋଇଥିଲେ) ତାଙ୍କର ଏହି ନାମଟି ପ୍ରସିଦ୍ଧି ଲାଭ କରିଛି । ଚାଣକ୍ୟ ମୌର୍ଯ୍ୟ ସାମ୍ରାଜ୍ୟ ସ୍ଥାପନ କଲା ପରେ ଏକ ଉପାଦେୟ ଅର୍ଥଶାସ୍ତ୍ର (ରାଜନୀତିଶାସ୍ତ୍ର) ଲେଖିଥିଲେ । 'ଅର୍ଥଶାସ୍ତ୍ର'ରେ ରାଜ୍ୟ- ପରିଚାଳନାର ବହୁ ନୀତି ନିୟମ ଆଲୋଚନା କରାଯାଇଛି । ଏହା ଯଦିଓ ପ୍ରାଚୀନ ରାଜତନ୍ତ୍ର ଉପରେ ଆଧାରିତ, ତଥାପି ବର୍ତ୍ତମାନ ଯୁଗରେ ମଧ୍ୟ ଶାସନ ପରିକଳ୍ପନା ନିମନ୍ତେ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ ।

ଚାଣକ୍ୟଙ୍କ ନାମରେ ବହୁ ନୀତିଶ୍ଳୋକ ପ୍ରଚଳିତ ଅଛି । ପ୍ରକୃତରେ ସେହି ଶ୍ଳୋକଗୁଡ଼ିକୁ ଚାଣକ୍ୟ ରଚନା କରିଥିଲେ, କିମ୍ବା ପରବର୍ତ୍ତୀ କବିମାନେ ରଚନା କରି ଚାଣକ୍ୟଙ୍କ ନାମରେ ନାମିତ କରିଥିଲେ, କହିହେବନାହିଁ । ଚାଣକ୍ୟଶ୍ଳୋକଗୁଡ଼ିକ ବାସ୍ତବ ହିତାହିତ ସମ୍ବନ୍ଧରେ ଆମକୁ ସଚେତନ କରାଏ । ଜଗତ ଜଟିଳ କ୍ଷେତ୍ର, ସବୁ ମଣିଷ ସାଧୁସନ୍ଥ ନୁହନ୍ତି, କି ସବୁ ମଣିଷ ଖଣ୍ଡ ତସ୍କର ନୁହନ୍ତି । କେଉଁଠି କି ନୀତି ଅବଲମ୍ବନ କରିବାକୁ ହେବ, 'ଚାଣକ୍ୟଶ୍ଳୋକ' ସେ ସମ୍ପର୍କରେ ଆମକୁ ଚିନ୍ତା କରିବାକୁ ଶିକ୍ଷା ଦିଏ । ଉଦାହରଣ ସ୍ୱରୂପ—

"ଅର୍ଥନାଶଂ ମନସ୍ତାପଂ ଗୃହେ ଦୁଷ୍ଚରିତାନି ଚ ।
ବଞ୍ଚନଂ ଚାପମାନଂ ଚ ମତିମାନ୍ ନ ପ୍ରକାଶୟେତ୍ ॥"

(ଧନନାଶ, ମନସ୍ତାପ, ଘରେ ଘଟିଥିବା ଅଶୋଭନୀୟ ଘଟଣା, କେଉଁଠି ଠକିଯାଇଥିବା କଥା ବା ଅପମାନ ପାଇଥିବା କଥା କାହାକୁ କହିବ ନାହିଁ ।)

'ମୁଦ୍ରାରାକ୍ଷସ' ନାଟକର ପ୍ରଣେତା କବି ବିଶାଖ ଦତ୍ତ କେବେ ଓ କେଉଁଠି ଜନ୍ମଗ୍ରହଣ କରିଥିଲେ, ଏ ବିଷୟରେ ନିର୍ଦ୍ଦିଷ୍ଟ ତଥ୍ୟ ମିଳେନାହିଁ । ନାଟକର

Digitized by PPRACHIN, SOA

ପ୍ରସ୍ତାବନାରୁ ଜଣାଯାଏ, ସାମନ୍ତ ବଟେଶ୍ୱର ଦତ୍ତଙ୍କ ପୌତ୍ର, ମହାରାଜ ପଦଧାରୀ ପୃଥୁଙ୍କ ପୁତ୍ର କବି ବିଶାଖଦତ୍ତ ଏହାର ରଚୟିତା । ପ୍ରଫେସର ଉଇଲସନଙ୍କ ମତରେ ପୃଥୁ ଚୌହାନବଂଶୀୟ ଏବଂ ଖ୍ରୀ. ଦ୍ୱାଦଶ ଶତାବ୍ଦୀରେ ଗଜନୀର ରାଜା ମହମ୍ମଦ ଘୋରୀଙ୍କ ସହିତ ପୃଥୁଙ୍କର ଯୁଦ୍ଧ ହୋଇଥିଲା । ମାତ୍ର ସେହି ଚୌହାନବଂଶୀୟ ପୃଥୁଙ୍କୁ ସାଧାରଣତଃ ପୃଥୁରାଜ ବା ପୃଥ୍ୱୀରାଜ କୁହାଯାଏ । 'ସାମନ୍ତ ବଟେଶ୍ୱର ଦତ୍ତଙ୍କ ପୌତ୍ର' ଏହି ଅଂଶ ପୃଥୁଙ୍କୁ ପୃଥ୍ୱୀରାଜ ବୋଲି ପ୍ରମାଣିତ କରିବା ଦିଗରେ ପ୍ରତି-ବନ୍ଧକ । ଏହା ଛଡା, ଜର୍ମାନ ପ୍ରଫେସର ହିଲିବ୍ରାଣ୍ଡ ମହୋଦୟ ସମଗ୍ର ଭାରତ ଭ୍ରମଣ କରି, ମୁଦ୍ରାରାକ୍ଷସର ଅନେକ ପାଣ୍ଡୁଲିପି ସଂଗ୍ରହ କରି ଯେଉଁ ପାଠୋଦ୍ଧାର କରିଛନ୍ତି, ସେଥିରେ 'ପୃଥୁ' ସ୍ଥାନରେ 'ଭାସ୍କର ଦତ୍ତ' ନାମ ଅଛି ।

ନାଟକର ଶେଷରେ ଭରତ ବାକ୍ୟରେ 'ଚନ୍ଦ୍ରଗୁପ୍ତ' ନାମ ଥିବାରୁ ଏହା ଚନ୍ଦ୍ରଗୁପ୍ତଙ୍କ ସମୟରେ ରଚିତ ହୋଇଥିଲା ବୋଲି କେତେକେ କହନ୍ତି । କିନ୍ତୁ ଇତିହାସରେ ତିନି ଜଣ ଚନ୍ଦ୍ରଗୁପ୍ତଙ୍କ ନାମ ମିଳେ । ପ୍ରଥମ ଚନ୍ଦ୍ରଗୁପ୍ତ ମୌର୍ଯ୍ୟବଂଶୀୟ, ଯେ କି ଏହି ନାଟକର ନାୟକ । ତାଙ୍କ ଜୀବିତାବସ୍ଥାରେ ଏହା ରଚିତ ହୋଇଥିବ କି ନା, କହିହେବ ନାହିଁ । ଗୁପ୍ତବଂଶରେ ଦୁଇଜଣ ଚନ୍ଦ୍ରଗୁପ୍ତ ଥିଲେ । ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କୁ ବିକ୍ରମାଦିତ୍ୟ ବୋଲି ମଧ୍ୟ କୁହାଯାଏ । ବିକ୍ରମାଦିତ୍ୟଙ୍କ ସମୟରେ ଶକମାନେ ଭାରତ ଆକ୍ରମଣ କରିଥିଲେ ଏବଂ ସେ ସେମାନଙ୍କୁ ଦମନ କରିଥିଲେ । ନାଟକବର୍ଣ୍ଣିତ 'ମ୍ଲେଚ୍ଛ' ଶବ୍ଦ ସେହି ଶକମାନଙ୍କୁ ବୁଝାଉଥିବାର ଦର୍ଶାଇ କେହି କେହି ବିକ୍ରମାଦିତ୍ୟଙ୍କ ସମୟରେ ଅର୍ଥାତ୍ ଖ୍ରୀ. ପଞ୍ଚମ ଶତାବ୍ଦୀରେ ମୁଦ୍ରାରାକ୍ଷସ ରଚିତ ବୋଲି ମତ ଦିଅନ୍ତି ।

ଦଶରୂପକ ଓ ସରସ୍ୱତୀକଣ୍ଠାଭରଣ ନାମକ ଦୁଇଟି ସଂସ୍କୃତ ଗ୍ରନ୍ଥରେ ମୁଦ୍ରାରାକ୍ଷସ ନାଟକର ନାମ ଉଲ୍ଲିଖିତ ଅଛି । ଏହି ଗ୍ରନ୍ଥ ଦୁଇଟି ପ୍ରାୟ ଖ୍ରୀ. ଦଶମ ଶତାବ୍ଦୀରେ ରଚିତ ହୋଇଥିଲା । ତେଣୁ ମୁଦ୍ରାରାକ୍ଷସ ତତ୍ ପୂର୍ବରୁ ରଚିତ ହୋଇ-ଥିବାର ଅନୁମାନ । ବିଶାଖ ଦତ୍ତଙ୍କ ସମୟ ସମ୍ବନ୍ଧରେ ଯେତେ ଆଲୋଚନା ରହିଛି, ସେଥିରୁ ଜଣାଯାଏ, ତାଙ୍କର ସମୟ ଖ୍ରୀ. ଅଷ୍ଟମ ଶତାବ୍ଦୀର ପରବର୍ତ୍ତୀ ନୁହେଁ କି ଷଷ୍ଠ ଶତାବ୍ଦୀର ପୂର୍ବବର୍ତ୍ତୀ ନୁହେଁ । କବି ବିଶାଖ ଦତ୍ତଙ୍କ ସମୟକୁ ଚାଣକ୍ୟଙ୍କର ନାମ ଓ ଚରିତ ନିଶ୍ଚୟ ପ୍ରସିଦ୍ଧି ଲାଭ କରିଥିଲା । ବୁଦ୍ଧିମାନ୍ ତଥା କୌଶଳୀ ବ୍ୟକ୍ତି-ମାନଙ୍କ ମଧ୍ୟରେ ଚାଣକ୍ୟ ଅଗ୍ରଗଣ୍ୟ ହୋଇସାରିଥିଲେ । ଚାଣକ୍ୟ ଓ ଚନ୍ଦ୍ରଗୁପ୍ତଙ୍କ ଚରିତ ଶ୍ରୀମଦ୍ ଭାଗବତ ଓ ବିଷ୍ଣୁପୁରାଣରେ ମଧ୍ୟ ବର୍ଣ୍ଣିତ ଅଛି ।

Digitized by PPRACHIN, SOA

ରାକ୍ଷସଙ୍କର ନାମାଙ୍କିତ ଏକ ମୁଦ୍ରା (ମୁଦ୍ରିକା) ବଳରେ ଚାଣକ୍ୟ ତାଙ୍କୁ ଆୟତ୍ତ କରିପାରିଥିଲେ । ଏହି କାରଣରୁ ନାଟକର ନାମ ମୁଦ୍ରାରାକ୍ଷସ । ଏପରି ନାମକରଣ ମୂଳରେ 'ଅଭିଜ୍ଞାନଶାକୁନ୍ତଳ' ନାଟକର ପ୍ରଭାବ ଥିଲା ଭଳି ମନେ ହୁଏ । (ଅଭିଜ୍ଞାନ ଅର୍ଥାତ୍ ନିଦର୍ଶନ-ମୁଦ୍ରିକା ଦ୍ୱାରା ଦୁଷ୍ୟନ୍ତଙ୍କ ମନରେ ଶକୁନ୍ତଳାଙ୍କ ସ୍ମୃତି ଜାଗ୍ରତ ହୋଇଥିଲା ।)

ଚାଣକ୍ୟଙ୍କର ପ୍ରତିପକ୍ଷ ରାକ୍ଷସ । ରାକ୍ଷସ ଥିଲେ ନନ୍ଦକୁଳର ଏକାନ୍ତ ଅନୁଗତ ଅମାତ୍ୟ । ଚାଣକ୍ୟ ଓ ଚନ୍ଦ୍ରଗୁପ୍ତଙ୍କ ଦ୍ୱାରା ନନ୍ଦକୁଳ ଉନ୍ମୂଳିତ ହେଲା ପରେ ସେ (ରାକ୍ଷସ) ନନ୍ଦରାଜ୍ୟର ପୁନରୁଦ୍ଧାର ନିମନ୍ତେ ସଂକଳ୍ପବଦ୍ଧ ହେଲେ ଏବଂ ରାଜଧାନୀ ପାଟଳିପୁତ୍ରରୁ ପଳାୟନ କରିବା ପୂର୍ବରୁ ଚନ୍ଦ୍ରଗୁପ୍ତଙ୍କୁ ହତ୍ୟା କରିବାପାଇଁ ବହୁ ପ୍ରକାର ଷଡ଼ଯନ୍ତ୍ର କରିଗଲେ । ଚନ୍ଦ୍ରଗୁପ୍ତ ଯେତେବେଳେ ରାଜପ୍ରାସାଦରେ ପ୍ରବେଶ କରିବେ, ସେତେବେଳେ ତାଙ୍କ ଉପରକୁ ଯନ୍ତ୍ରତୋରଣ ପିଙ୍ଗିବା ପାଇଁ, ଶୟନ-କକ୍ଷରେ ନିଦ୍ରିତାବସ୍ଥାରେ ତାଙ୍କୁ ହତ୍ୟା କରିବା ପାଇଁ, ଔଷଧରେ ବିଷ ଦେବା ପାଇଁ ଏହିପରି ବହୁତ ବ୍ୟବସ୍ଥା ସେ କରିଯାଇଥିଲେ । କିନ୍ତୁ ବୁଦ୍ଧିମାନ୍, ସତର୍କସ୍ୱଭାବ ଚାଣକ୍ୟ ତାଙ୍କର ସମସ୍ତ ଷଡ଼ଯନ୍ତ୍ରକୁ ବ୍ୟର୍ଥ କରିଦେଲେ । ରାକ୍ଷସ ଅଜସ୍ର ଅର୍ଥ ବିନିଯୋଗ କରି ବହୁ ଗୁପ୍ତଚରଙ୍କୁ ମଧ୍ୟ ଲଗାଇଥିଲେ । କିନ୍ତୁ ଚାଣକ୍ୟଙ୍କ ବୁଦ୍ଧିରୁ ସେମାନଙ୍କର ସବୁ କୌଶଳ ବ୍ୟର୍ଥ ହୋଇଗଲା । ଚାଣକ୍ୟଙ୍କର କେତେକ ବିଶ୍ୱସ୍ତ ଲୋକ କପଟରେ ରାକ୍ଷସଙ୍କର ବିଶ୍ୱସ୍ତ ସାଜିଥିଲେ, ଏହା ରାକ୍ଷସ ଜାଣିପାରିଲେ ନାହିଁ । ଏହା ହିଁ ହେଲା ରାକ୍ଷସଙ୍କର ପରାଜୟର କାରଣ । ଶାସନ କାର୍ଯ୍ୟରେ ଚରନିଯୁକ୍ତି ପଦ୍ଧତି ବୋଧହୁଏ ଚାଣକ୍ୟଙ୍କ ସମୟରୁ ଖୁବ୍ ଗୁରୁତ୍ୱ ଲାଭ କରି ଆସିଛି ।

ଚାଣକ୍ୟ ଯଦିଓ ନନ୍ଦବଂଶକୁ ଧ୍ୱଂସ କରିଥିଲେ, ଯଦିଓ ବୁଦ୍ଧିରେ ରାକ୍ଷସଙ୍କୁ ବଳି ଯାଇଥିଲେ, ତଥାପି ତାଙ୍କ ମନରେ ଅହଙ୍କାର ନ ଥିଲା । ସେ ଅନ୍ତରାତ୍ମାରେ ଉପଲବ୍ଧି କରୁଥିଲେ—"ମୁଁ କିଛି କରିନାହିଁ, ଦୈବ ହିଁ ସବୁ କରିଛି ।" ତେଣୁ ସେ ଯେତେବେଳେ ଅହଙ୍କାର ପ୍ରକାଶ କଲା ଭଳି ଭଙ୍ଗୀରେ ପ୍ରଶ୍ନ କଲେ—

"କିଏ ଉତ୍ତୁଙ୍ଗଶିଖାରାଜିବିଶିଷ୍ଟ ପିଙ୍ଗଳବର୍ଣ୍ଣ ଅଗ୍ନିକୁ ପଣତରେ ବାନ୍ଧିଲା ? କିଏ ପ୍ରଚଣ୍ଡ ବାୟୁକୁ ଫାଶରେ ବାନ୍ଧି ଗତିହୀନ କଲା ? ଯେଉଁ ସିଂହର କେଶର ହସ୍ତୀମଦଜଳରେ ସୁଗନ୍ଧିତ, ସେଭଳି ସିଂହକୁ କିଏ ପିଞ୍ଜରାବଦ୍ଧ କଲା ? କିଏ ଅସଂଖ୍ୟମକରପୂର୍ଣ୍ଣ ସମୁଦ୍ରକୁ ହାତରେ ପହଁରି ପାର ହୋଇଗଲା ?"

Digitized by PPRACHIN, SOA

ଚଣ୍ଡାଳବେଶଧାରୀ ସିଦ୍ଧାର୍ଥକ ଉତ୍ତର ଦେଲେ–"ନୀତିନିପୁଣ, ବୁଦ୍ଧିମାନ୍ ଆର୍ଯ୍ୟ ଚାଣକ୍ୟ ।" ଚାଣକ୍ୟ ସଙ୍ଗେ ସଙ୍ଗେ ତାହା ପ୍ରତ୍ୟାଖ୍ୟାନ କରି କହିଲେ–"ନା, ନା, ସେପରି କୁହନାହିଁ । କୁହ–ନନ୍ଦକୁଳବିଦ୍ୱେଷୀ ଦୈବ ।" ପ୍ରକୃତରେ, ରାକ୍ଷସଙ୍କର ସମସ୍ତ ଯୋଜନା ନିଷ୍ଫଳ ହେବା ଓ ଚାଣକ୍ୟଙ୍କର ସମସ୍ତ ଯୋଜନା ସଫଳ ହେବା ମୂଳରେ ଦୈବର ଅଦୃଶ୍ୟ ହାତ ଥିଲା ବୋଲି ଧାରଣା ହୁଏ ।

'ମୁଦ୍ରାରାକ୍ଷସ' ନାଟକରେ ଏପରି ଅନେକ ଉକ୍ତି ଅଛି, ଯାହା କି ବର୍ତ୍ତମାନ ଯୁଗରେ ମଧ୍ୟ ଦିଗ୍‌ଦର୍ଶନ ଦିଏ । ରାଜନୀତି କ୍ଷେତ୍ରରେ ସବୁବେଳେ ଗୋଟିଏ ମତ ଧରିବାକୁ ପଡ଼ିବ କି ନା; କାହା ସହିତ ସବୁବେଳେ ଗୋଟିଏ ପ୍ରକାର ସମ୍ବନ୍ଧ ରଖିବାକୁ ପଡ଼ିବ କି ନା, ଏଭଳି ସଂଶୟରେ ନିମ୍ନଲିଖିତ ଉକ୍ତି ପ୍ରଣିଧାନ ଯୋଗ୍ୟ ।

ମିତ୍ରାଣି ଶତ୍ରୁତ୍ୱମୁପାନୟନ୍ତୀ ମିତ୍ରତ୍ୱମର୍ଥସ୍ୟ ବଶାଚ୍ଚ ଶତ୍ରୂନ୍ ।
ନୀତିର୍ନୟତ୍ୟସ୍ମୃତପୂର୍ବବୃତ୍ତଂ ଜନ୍ମାନ୍ତରଂ ଜୀବତ ଏବ ପୁଂସଃ ।।

(ରାଜନୀତି ପ୍ରୟୋଜନ ବଶତଃ ମିତ୍ରକୁ ଶତ୍ରୁରେ ତଥା ଶତ୍ରୁକୁ ମିତ୍ରରେ ପରିଣତ କରେ; ବ୍ୟକ୍ତି ଜୀଇ ଥାଉଁ ଥାଉଁ ତାର ଜନ୍ମାନ୍ତର ଘଟାଏ, ଯହିଁରେ କି ବ୍ୟକ୍ତି ପୂର୍ବ ବୃତ୍ତାନ୍ତ ସ୍ମରଣ କରିପାରେ ନାହିଁ ।) (ଏହି ବହିର ୧୪୨-୧୪୩ ପୃଷ୍ଠା)

ତେବେ କି ପ୍ରୟୋଜନରେ ରାଜନୀତିରେ ଏଭଳି ପରିବର୍ତ୍ତନଶୀଳ ନୀତି ଗ୍ରହଣ କରିବାକୁ ହୁଏ ? ପ୍ରୟୋଜନ ହେଉଛି ଜନଗଣଙ୍କ ମଙ୍ଗଳ । ଚାଣକ୍ୟ ନିଜର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ବା ଆଜୀବନ କ୍ଷମତାସୀନ ହୋଇ ରହିବା ପାଇଁ ପରିବର୍ତ୍ତନଶୀଳ ନୀତି ଗ୍ରହଣ କରିନଥିଲେ । ତାଙ୍କର ପରିବର୍ତ୍ତନଶୀଳ ନୀତିର ବା କୂଟନୀତିର ଲକ୍ଷ୍ୟ ଥିଲା ସତ୍ ରାଷ୍ଟ୍ର ପ୍ରତିଷ୍ଠା କରିବା । ଏହି ଲକ୍ଷ୍ୟ ତାଙ୍କ ମନରେ ଅଙ୍କୁରିତ ହୋଇଥିଲା ନିଜେ ଅପମାନିତ ହେବା ଯୋଗୁ । ଗାନ୍ଧିଜୀ ଯଦି ଅପମାନିତ ହୋଇ ନଥାନ୍ତେ, ଦକ୍ଷିଣ ଆଫ୍ରିକାରେ ରେଳଡବାରୁ ଯଦି ତାଙ୍କର ଟ୍ରଙ୍କ୍, ସୁଟ୍‌କେଶ୍ ପ୍ରଭୃତି ଜିନିଷପତ୍ର ପ୍ଲାଟଫର୍ମ ଉପରକୁ ଧଡ୍‌ଧାଡ୍ ଫିଙ୍ଗି ଦିଆଯାଇନଥାନ୍ତା, ତେବେ ଭାରତକୁ ମୁକ୍ତ କରିବାର ଭାବନା ହୁଏ ତ ତାଙ୍କର ଆସିନଥାନ୍ତା । ଚାଣକ୍ୟ ଓ ଗାନ୍ଧିଜୀ, ଉଭୟେ ସମାନ ଅପମାନିତ ବ୍ୟକ୍ତି । ଉଭୟେ ଅପମାନର ପ୍ରତିଶୋଧ ନେଇଛନ୍ତି । ଜଣେ ନେଇଛନ୍ତି ହିଂସାତ୍ମକ ମାର୍ଗରେ, ଅନ୍ୟ ଜଣେ ଅହିଂସାରେ ।

Digitized by PPRACHIN, SOA

ଓଡ଼ିଆରେ ସଂସ୍କୃତ ଗ୍ରନ୍ଥର, ବିଶେଷତଃ ସଂସ୍କୃତ ନାଟକର ମୁଦ୍ରଣ ଅତ୍ୟନ୍ତ କଷ୍ଟକର ତଥା ବ୍ୟୟସାପେକ୍ଷ । ସଂସ୍କୃତ ନାଟକରେ ନାରୀ ଚରିତ୍ର ଓ ନିମ୍ନ ଶ୍ରେଣୀର ଚରିତ୍ରମାନଙ୍କର ଭଷା ପ୍ରାକୃତ । ପ୍ରାକୃତ ପାଖେ ପାଖେ ସଂସ୍କୃତ ରୂପାନ୍ତର ଦିଆ-ଯାଏ । ନ ହେଲେ ପ୍ରାକୃତ ସହଜରେ ବୁଝିହୁଏ ନାହିଁ । ପ୍ରାକୃତ ଭଷାର ମୁଦ୍ରଣ ସଂସ୍କତ ଭଷାର ମୁଦ୍ରଣ ଅପେକ୍ଷା ଆହୁରି କଷ୍ଟକର । ତଥାପି ବଡ କଷ୍ଟରେ, ବଡ଼ ଯତ୍ନରେ ଏହି ନାଟକର ମୁଦ୍ରଣ କରଯାଇଛି । ବାମ ପାଖ ପୃଷ୍ଠାମାନଙ୍କରେ ମୂଳ ରଚନା ଓ ଡାହାଣ ପାଖ ପୃଷ୍ଠାମାନଙ୍କରେ ଅନୁବାଦ ଦେଇ ସଂସ୍କୃତ ଗ୍ରନ୍ଥ, ବିଶେଷତଃ ସଂସ୍କୃତ ନାଟକ ମୁଦ୍ରଣ କରିବା ଯେ କି ଦୁରୂହ ବ୍ୟାପାର, ତାହା କେବଳ ଅଭିଜ୍ଞ ଲେକ ଜାଣନ୍ତି । କାଗଜର ଦୁର୍ମୂଲ୍ୟତା ହେତୁ ଏହି ପୁସ୍ତକରେ ନିମ୍ନମାନର କାଗଜ ଦେବାକୁ ବାଧ୍ୟ ହେବାକୁ ପଡ଼ିଛି । ସବୁ ଜଗଦୀଶ୍ୱରଙ୍କ ଇଚ୍ଛା ।

"ତ୍ୱୟା ହୃଷୀକେଶ ହୃଦି ସ୍ଥିତେନ
ଯଥା ନିଯୁକ୍ତୋଽସ୍ମି ତଥା କରେମି ।" ଇତି

ବିନୀତ

ଧନେଶ୍ୱର ମହାପାତ୍ର

Digitized by PPRACHIN, SOA

ମୁଦ୍ରାରାକ୍ଷସନାଟକମ୍

Digitized by PPRACHIN, SOA

।। ଶ୍ରୀ ଶୁଭମସ୍ତୁ ।।

ମୁଦ୍ରାରାକ୍ଷସନାଟକମ୍

ଧନ୍ୟା କେୟଂ ସ୍ଥିତା ତେ ଶିରସି ? ଶଶିକଳା, କିନ୍ନୁ ନାମୈତଦସ୍ୟାଃ ?
ନାମୈବାସ୍ୟାସ୍ତଦେତତ୍ ପରିଚିତମପି ତେ ବିସ୍ମୃତଂ କସ୍ୟ ହେତୋଃ ?
ନାରୀଂ ପୃଚ୍ଛାମି ନେନ୍ଦୁଂ, କଥୟତୁ ବିଜୟା ନ ପ୍ରମାଣଂ ଯଦୀନ୍ଦୁଃ,
ଦେବ୍ୟା ନିହ୍ନୋତୁମିଚ୍ଛୋରିତି ସୁରସରିତଂ ଶାଠ୍ୟମବ୍ୟାଦ୍ ବିଭୋର୍ବଃ ॥୧॥

ଅପି ଚ—

ପାଦସ୍ୟାବିର୍ଭବନ୍ତୀମବନତିମବନେ ରକ୍ଷତଃ ସ୍ୱୈରପାତୈଃ
ସଂକୋଚେନୈବ ଦୋଷ୍ଣାଂ ମୁହୁରଭିନୟତଃ ସର୍ବଲୋକାତିଗାନାମ୍ ।
ଦୃଷ୍ଟିଂ ଲକ୍ଷ୍ୟେଷୁ ନୋଗ୍ରାଂ ଜ୍ୱଳନକଣମୁଚଂ ବଧ୍ନତୋ ଦାହଭୀତେଃ
ଇତ୍ୟାଧାରାନୁରୋଧାତ୍ ତ୍ରିପୁରବିଜୟିନଃ ପାତୁ ବୋ ଦୁଃଖନୃତ୍ୟମ୍ ॥୨॥

(ନାନ୍ଦ୍ୟନ୍ତେ)

ସୂତ୍ରଧାରଃ-ଅଳମତିପ୍ରସଙ୍ଗେନ । ଆଜ୍ଞାପିତୋଽସ୍ମି ପରିଷଦା ଯଥା—ଅଦ୍ୟ ସାମନ୍ତ-ବଟେଶ୍ୱରଦତ୍ତପୌତ୍ରସ୍ୟ ମହାରାଜପଦଭାକ୍-ପୃଥୁସୂନୋଃ କବେଃ ବିଶାଖଦତ୍ତସ୍ୟ କୃତିଃ ମୁଦ୍ରାରାକ୍ଷସଂ ନାମ ନାଟକଂ ନାଟୟିତବ୍ୟମ୍ ଇତି । ଯତ୍ ସତ୍ୟଂ କାବ୍ୟବିଶେଷବେଦିନ୍ୟାଂ ପରିଷଦି ପ୍ରୟୁଞ୍ଜାନସ୍ୟ ମମାପି ଚେତସି ସୁମହାନ୍ ପରିତୋଷଃ ପ୍ରାଦୁର୍ଭବତି । କୁତଃ—

Digitized by PPRACHIN, SOA

ମୁଦ୍ରାରାକ୍ଷସନାଟକ

(ନାନ୍ଦୀ ଗାନ)

ପାର୍ବତୀ— କିଏ ଏ ଭାଗ୍ୟବତୀ ତବ ଶିରଶୋଭିନୀ ?

ଶିବ— ଶଶିକଳା ପଗ ଗୋ ଗିରିରଜନନ୍ଦିନୀ ।

ପାର୍ବତୀ— ସତ ବୋଲୁଛ ପ୍ରିୟ ? ଏହାର ଏ ନାମ କି ?

ଶିବ— ପରିଚିତ ନାମଟି ଭୁଲିଲ କେହ୍ନେ ସଖୀ ?

ପାର୍ବତୀ– ନ ପୁଛେଁ ଶଶିକଥା, ପୁଛେଁ ନାରୀ ବିଷୟ

ଶିବ— ବିଜୟା ବୋଲୁ ତେବେ ଯଦି ତୁମ ସଂଶୟ ।

ଗିରିଜାଙ୍କଠାରୁ ଯେ ଜାହ୍ନବୀଙ୍କୁ ଏମନ୍ତେ
ଲୁଗ୍ୱଇବାକୁ ଇଛା କରନ୍ତି ନାନାମତେ,
ସେ ପ୍ରଭୁ ଶିବଙ୍କର ଶଠତା ସୁଖମୟ
ଦେଉ ତୁମ୍ଭମାନଙ୍କୁ ନିରନ୍ତର ଅଭୟ । ୧ ।

ଆଉ ମଧ୍ୟ— ରସାତଳେ ଧରା ଗ୍ଳିନ୍ଦିବ ବୋଲି
ନ ପାରନ୍ତି ପାଦ ସ୍ୱଚ୍ଛନ୍ଦେ ଗ୍ଳି,
ସଙ୍କୁଚିତେ ଭୁଜ ରଖନ୍ତି, ଭୁବନ
ନ ଅଣ୍ଟିବ ଯଦି ଦେବେ ପ୍ରସାରି ।
ଯହିଁ ଦେବେ ଦୃଷ୍ଟି ଜଳିବ ସେ ସୃଷ୍ଟି
ନ ଗ୍ୱହାଁନ୍ତି ତେଣ ବହ୍ନି-ନୟନେ,
ଅବନୀ ଅବସ୍ଥା ବିଗ୍ୱରି ଶଙ୍କର
ଆୟାସେ କରନ୍ତି ନୃତ୍ୟ ଏସନେ ।
ତ୍ରିପୁରବିଜୟୀ ଶିବଙ୍କର ସେହି
ଦୁଃଖନୃତ୍ୟ ସର୍ବସୁଖନିଧାନ,
ବିପଦ ନିବାରି ତୁମ୍ଭମାନଙ୍କର
କରୁ ଅବିରତେ ଶୁଭ ବିଧାନ । ୨ ।

ସୂତ୍ରଧାର— ବାହୁଲ୍ୟ ନିଷ୍ପ୍ରୟୋଜନ । ସାମନ୍ତ ବଟେଶ୍ୱର ଦତ୍ତଙ୍କ ପୌତ୍ର, ମହାରଜା-ପଦ-ଭୂଷିତ ପୃଥୁଙ୍କର ପୁତ୍ର, କବି ବିଶାଖ ଦତ୍ତ ମୁଦ୍ରାରକ୍ଷସ ନାମକ ଯେଉଁ ନାଟକ ରଚନା କରିଛନ୍ତି, ଆଜି ତାହାକୁ ଅଭିନୟ କରିବା ପାଇଁ ପରିଷଦ ମୋତେ ଆଦେଶ ଦେଇଛନ୍ତି । ଏହି କାବ୍ୟତତ୍ତ୍ୱଜ୍ଞ ଦର୍ଶକମଣ୍ଡଳିଙ୍କ ସମ୍ମୁଖରେ ଅଭିନୟ ପରିବେଷଣ କରିବାକୁ ଯାଉଥିବାରୁ ମୋ ମନରେ ଅତ୍ୟନ୍ତ ଆନନ୍ଦ ଜାତ ହେଉଅଛି । କାରଣ—

Digitized by PPRACHIN, SOA

ଚୀୟତେ ବାଲିଶସ୍ୟାପି ସତ୍କ୍ଷେତ୍ରପତିତା କୃଷିଃ ।
ନ ଶାଲେଃ ସ୍ତମ୍ବକାରିତା ବପ୍ତୁର୍ଗୁଣମପେକ୍ଷତେ ।। ୩ ।।

ତଦ୍ ଯାବଦ୍ ଇଦାନୀଂ ଗୃହଂ ଗତ୍ୱା ଗୃହିଣୀମାହୂୟ ଗୃହଜନେନ ସହ ସଙ୍ଗୀତକ ମନୁତିଷ୍ଠାମି । (ପରିକ୍ରମ୍ୟାବଲୋକ୍ୟ ଚ) ଇଦମେ ନୋ ଗୃହାଃ; ତଦ୍ ଯାବତ୍ ପ୍ରବିଶାମି । (ନାଟ୍ୟେନ ପ୍ରବିଶ୍ୟ ଅବଲୋକ୍ୟ ଚ) ଅହୋ ! ତତ୍ କିମିଦଂ ଅସ୍ମଦ୍ଗୃହେଷୁ ମହୋତ୍ସବ ଇବ ଦୃଶ୍ୟତେ ! ସ୍ୱସ୍ୱକର୍ମଣି ଅଧିକତରମଭିଯୁକ୍ତଃ ପରିଜନଃ ! ତଥାହି—

ବହତି ଜଲମିୟଂ ପିନଷ୍ଟି ଗନ୍ଧାନ୍ ଇୟମିୟମୁଦ୍ଗ୍ରଥତେ ସ୍ରଜୋ ବିଚିତ୍ରାଃ ।
ମୁସଲମିଦମିୟଞ୍ଚ ପାତକାଲେ ମୁହୁରନୁଯାତି କଲେନ ହୁଂକୃତେନ ।।୪।।

ଭବତୁ, କୁଟୁମ୍ବିନୀମାହୂୟ ପୃଚ୍ଛାମି । (ନେପଥ୍ୟାଭିମୁଖମବଲୋକ୍ୟ)

ଗୁଣବତ୍ୟୁପାୟନିଳୟେ ସ୍ଥିତିହେତୋ ସାଧିକେ ତ୍ରିବର୍ଗସ୍ୟ ।
ମଦ୍ଭବନନୀତିବିଦ୍ୟେ କାର୍ଯ୍ୟାଦାର୍ଯ୍ୟେ ଦ୍ରୁତମୁପେହି ।। ୫ ।।

ନଟୀ- (ପ୍ରବିଶ୍ୟ) ଅଜ୍ଜଉତ୍ତ ! ଇଅମ୍ହି । ଆଣ୍ଣାଣିଓଏଣ ମଂ ଅଣୁଗେହ୍ଣଦୁ ଅଜ୍ଜୋ । (ଆର୍ଯ୍ୟପୁତ୍ର ! ଇୟମସ୍ମି । ଆଜ୍ଞାନିୟୋଗେନ ମାଂ ଅନୁଗୃହ୍ଣାତୁ ଆର୍ଯ୍ୟଃ ।

ସୂତ୍ର- ଆର୍ଯ୍ୟେ ! ତିଷ୍ଠତୁ ତାବଦାଜ୍ଞାନିୟୋଗଃ । କଥୟ, କିମଦ୍ୟ ଭବତ୍ୟା ଭଗବତାଂ ବ୍ରାହ୍ମଣାନାମୁପନିମନ୍ତ୍ରଣେନ ଏତତ୍ କୁଟୁମ୍ବକମନୁଗୃହୀତମ୍ ? ଅଥବା ଅଭିମତା ଭବନମତିଥୟଃ ପ୍ରାପ୍ତାଃ, ଯତ ଏଷ ପାକ-ବିଶେଷାରମ୍ଭଃ ?

ନଟୀ- ଅଜ୍ଜ ! ଅଜ୍ଜ ଆମନ୍ତିଦା ମଏ ଭଅବନ୍ତୋ ବହ୍ମଣା । (ଆର୍ଯ୍ୟ ! ଅଦ୍ୟ ମୟା ଆମନ୍ତ୍ରିତାଃ ଭଗବନ୍ତୋ ବ୍ରାହ୍ମଣାଃ ।

ସୂତ୍ର- କଥୟ କସ୍ମିନ୍ ନିମିତ୍ତେ ?

ନଟୀ- ଉବରଜ୍ଜଦି କିଲ ଭଅବଂ ଚନ୍ଦୋତ୍ତି । (ଉପରଜ୍ୟତେ କିଲ ଭଗବାନ୍ ଚନ୍ଦ୍ର ଇତି ।)

ସୂତ୍ର- କ ଏବମାହ ?

ନଟୀ- ଏବଂ କ୍ଖୁ ଣଅରବାସୀ ଜଣୋ ମନ୍ତେଦି । (ଏବଂ ଖଲୁ ନଗରବାସୀ ଜନୋ ମନ୍ତ୍ରୟତେ ।)

Digitized by PPRACHIN, SOA

ଆଦୌ କୃଷିବିଜ୍ଞାନ ଜାଣି ନଥିବା ବ୍ୟକ୍ତି ମଧ୍ୟ ଯଦି ଉର୍ବର କ୍ଷେତ୍ରରେ ବୀଜ ବପନ କରେ, ତଥାପି ଫସଲ ସୁନ୍ଦର–ଭାବରେ ବଢିଉଠେ । ଧାନଗଛର ବଢିବା ଏବଂ ବୁଦା ମାଡିବା ବୁଣିଥିବା ଲୋକର ଗୁଣକୁ ଅପେକ୍ଷା କରେ ନାହିଁ । ୩ ।
ତା ହେଲେ ବର୍ତ୍ତମାନ ଗୃହକୁ ଯାଇ ଗୃହିଣୀଙ୍କୁ ଡାକି ସପରିବାର ସଙ୍ଗୀତ ଆରମ୍ଭ କରେଁ । (କିଛିଦୂର ଯାଇ ଏବଂ ଗୁହିଁ) ଏଇ ଆମ ଘର । ତା'ହେଲେ ପ୍ରବେଶ କରେଁ । (ନାଟ୍ୟରେ ପ୍ରବେଶ କରି ଏବଂ ଗୁହିଁ) ଆରେ ! ଆମ ଘରେ କ'ଣ ମହୋତ୍ସବ ଲାଗିଲା ପରି ଦିଶୁଛି ! ପରିଜନବର୍ଗ ନିଜ ନିଜ କାର୍ଯ୍ୟରେ ଖୁବ୍ ଲାଗିପଡ଼ିଛନ୍ତି ! କାରଣ—

ସ୍ତ୍ରୀ ମାନଙ୍କ ମଧ୍ୟରେ କିଏ ଜଳ ଆଣୁଛି, କିଏ ସୁଗନ୍ଧ ଦ୍ରବ୍ୟ ପେଷୁଛି, କିଏ ବିଚିତ୍ର ବର୍ଣ୍ଣର ମାଳା ଗୁନ୍ଥୁଛି, କିଏ ବା ମୁଷଳ-ପାତ କଲାବେଳେ ଅସ୍ପଷ୍ଟ ହୁଁ ହୁଁ ଶବ୍ଦ କରି ମୁଷଳନାଦର ଅନୁକରଣ କରୁଛି (ଚୂନା କୁଟୁଛି) । ୪ ।
ଆଚ୍ଛା, ଗୃହିଣୀଙ୍କୁ ଡାକି ପଚାରେଁ । (ଅନ୍ତରାଳକୁ ଗୁହିଁ)

ଆଗୋ ମୋର ଗୁଣବତୀ ଏଣିକି ଆସ ସୁମତି
ମୋ ସକଳ ଉପାୟର ତୁମେ ନିଳୟ,
ଧର୍ମ ଅର୍ଥ କାମବଳେ ସଂସାରେ ମାନବ ଚଳେ
ତୁମେ ସାଧୁଅଛ ମୋର ସେ ବର୍ଗଚୟ,
ନୀତିବିଦ୍ୟା ମୋର ଗୃହର,
ପ୍ରୟୋଜନ ଅଛି ଆଗୋ ଆସ ସତ୍ୱର । ୫ ।

ନଟୀ— (ପ୍ରବେଶ କରି) ଆର୍ଯ୍ୟପୁତ୍ର, ଏଇ ଆସିଲି । ଆଜ୍ଞା ଦେଇ ଅନୁଗୃହୀତ କରନ୍ତୁ ।

ସୂତ୍ର— ଆର୍ଯ୍ୟେ, ଆଜ୍ଞା ଦେବା କଥା ଥାଉ । କୁହ, ଆଜି କ'ଣ ତୁମେ ପୂଜ୍ୟ ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କରି ଆମର ପରିବାରକୁ ଅନୁଗୃହୀତ କରିଛ ? କିମ୍ବା କେହି ପ୍ରିୟ ଅତିଥି ଘରକୁ ଆସିଛନ୍ତି, ଯେଉଁଥିପାଇଁ ବିଶେଷ ରନ୍ଧାବଢ଼ା ଲାଗିଛି ?

ନଟୀ— ଆର୍ଯ୍ୟ, ମୁଁ ପୂଜ୍ୟ ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କରିଛି ।

ସୂତ୍ର— କେଉଁ କାରଣରୁ ?

ନଟୀ— ଆଜି ପରା ଚନ୍ଦ୍ରଗ୍ରହଣ ?

ସୂତ୍ର— ଆର୍ଯ୍ୟେ, କିଏ ଏହା କହିଲା ?

ନଟୀ— ନଗରର ଲୋକମାନେ ପରା କହୁଛନ୍ତି ।

Digitized by PPRACHIN, SOA

ସୂତ୍ର- ଆର୍ଯ୍ୟେ ! କୃତଶ୍ରମୋଽସ୍ମି ଚତୁଃଷଷ୍ଟ୍ୟଙ୍ଗେ ଜ୍ୟୋତିଃଶାସ୍ତ୍ରେ । ତତ୍ ପ୍ରବର୍ତ୍ତ୍ୟତାଂ ଭଗବତୋ ବ୍ରାହ୍ମଣାନୁଦ୍ଦିଶ୍ୟ ପାକଃ, ଚନ୍ଦ୍ରୋପରାଗଂ ପ୍ରତି ତୁ କେନାପି ବିପ୍ରଲବ୍ଧାଽସି । ପଶ୍ୟ—

କ୍ରୂରଗ୍ରହଃ ସକେତୁଶ୍ଚନ୍ଦ୍ରମସମ୍ପୂର୍ଣ୍ଣମଣ୍ଡଳମିଦାନୀମ୍ ।
ଅଭିଭବିତୁମିଚ୍ଛତି ବଳାତ୍.... ....

(ଇତି ଅର୍ଦ୍ଧୋକ୍ତେ)

(ନେପଥ୍ୟେ)

ଆଃ ! କ ଏଷ ମୟି ସ୍ଥିତେ ଚନ୍ଦ୍ରମଭିଭବିତୁମିଚ୍ଛତି ବଳାତ୍ ? ✳

ସୂତ୍ର- .... ରକ୍ଷତ୍ୟେନଂ ତୁ ବୁଧଯୋଗଃ ।। ୬ ।।

ନଟୀ- ଅଜ୍ଜ ! କୋ ଏସୋ କ୍ଖଣ ଧରଣିଗୋଅରୋ ଭବିଅ ଚନ୍ଦଂ ଗହାଭିଜୋଆଦୋ ରକ୍ଖିଦୁଂ ଇଚ୍ଛଦି ? (ଆର୍ଯ୍ୟେ ! କଃ ପୁନରେଷ ଧରଣିଗୋଚରୋ ଭୂତ୍ୱା ଚନ୍ଦ୍ରଂ ଗ୍ରହାଭିଯୋଗାଦ୍ ରକ୍ଷିତୁମିଚ୍ଛତି ?)

ସୂତ୍ର- ଆର୍ଯ୍ୟେ ! ଯତ୍ ସତ୍ୟଂ ମୟାଽପି ନ ଉପଲକ୍ଷିତଃ । ଭବତୁ, ଭୂୟୋଽଭିଯୁକ୍ତଃ ସ୍ୱରବ୍ୟକ୍ତିମୁପଲପ୍ସ୍ୟେ ।

(କ୍ରୂରଗ୍ରହଃ ସକେତୁ......ଇତ୍ୟାଦି ପୁଣି ଥରେ କହିଲେ)

(ନେପଥ୍ୟେ)

ଆଃ ! କ ଏଷ ମୟି ସ୍ଥିତେ ଚନ୍ଦ୍ରଗୁପ୍ତମଭିଭବିତୁମିଚ୍ଛତି ବଳାତ୍ ?

ସୂତ୍ର- (ଆକର୍ଣ୍ଣ୍ୟ) ଆ ! ଜ୍ଞାତମ୍ ! କୌଟିଲ୍ୟଃ.........

(ଇତି ଅର୍ଦ୍ଧୋକ୍ତେ ନଟୀ ଭୟଂ ନାଟୟତି)

ସୂତ୍ର- କୌଟିଲ୍ୟଃ କୁଟିଳମତିଃ ସ ଏଷ ଯେନ
କ୍ରୋଧାଗ୍ନୌ ପ୍ରସଭମଦାହି ନନ୍ଦବଂଶଃ ।
ଚନ୍ଦ୍ରସ୍ୟ ଗ୍ରହଣମିତି ଶ୍ରୁତେଃ ସନାମ୍ନୋ
ମୌର୍ଯ୍ୟେନ୍ଦୋର୍ଦ୍ୱିଷଦଭିଯୋଗ ଇତ୍ୟବୈତି ।। ୭ ।।

ତଦିତଃ ଆବାଂ ଗଚ୍ଛାବଃ । (ନିଷ୍କ୍ରାନ୍ତୌ)

।। ଇତି ପ୍ରସ୍ତାବନା ।।

✳ କେତୁପାଠେ କ୍ରୂରଗ୍ରହଃ ସଃ କେତୁଃ ଚନ୍ଦ୍ରମସଂ ପୂର୍ଣ୍ଣମଣ୍ଡଳଂ ଇଦାନୀମ୍ ଅଭିଭବିତୁଂ ଇଚ୍ଛତି ବଳାତ୍.... । (କ୍ରୂର ଗ୍ରହ ହେଉ କେତୁ ପୂର୍ଣ୍ଣମଣ୍ଡଳ ଚନ୍ଦ୍ରକୁ ବଳପୂର୍ବକ ଆକ୍ରମଣ କରିବାକୁ ଇଚ୍ଛୁଛି...

ଯଥାପାଠେ କ୍ରୂରଗ୍ରହଃ ସକେତୁଶ୍ଚନ୍ଦ୍ରଂ ଅସମ୍ପୂର୍ଣ୍ଣମଣ୍ଡଳଂ ଇଦାନୀମ୍ । ଅଭିଭବିତୁଂ ଇଚ୍ଛତି ବଳାତ୍.... । (କ୍ରୂର ଗ୍ରହ ଅର୍ଥାତ୍ ଅଶୁଭ ବା ଚାଣକ୍ୟ, ସକେତୁ, କେତୁ ଅର୍ଥାତ୍ ମଲୟକେତୁ ସହିତ ଅସମ୍ପୂର୍ଣ୍ଣମଣ୍ଡଳ ଅର୍ଥାତ୍ ରାଜ୍ୟପ୍ରତିଷ୍ଠାକୁ ପୂର୍ଣ୍ଣ କରିନଥିବା ଚନ୍ଦ୍ରଗୁପ୍ତଙ୍କୁ ବଳପୂର୍ବକ ଆକ୍ରମଣ କରିବାକୁ ଇଚ୍ଛୁଛି ... । ଶ୍ଳେଷ-ଅର୍ଥ ।

Digitized by PPRACHIN, SOA

ସୂତ୍ର— ଆର୍ଯ୍ୟେ ! ଚଉଷଠି ଜ୍ୟୋତିଷ ଶାସ୍ତ୍ରରେ ମୁଁ ଖୁବ୍ ପରିଶ୍ରମ କରିଛି । ତେବେ ପୂଜ୍ୟ ବ୍ରାହ୍ମଣମାନଙ୍କ ଉଦ୍ଦେଶ୍ୟରେ ରନ୍ଧାବଢ଼ା କର ; କିନ୍ତୁ ଚନ୍ଦ୍ରଗ୍ରହଣ ବିଷୟରେ ତୁମକୁ କେହି ପ୍ରତାରିତ କରିଛି । ଦେଖ— ପ୍ରସିଦ୍ଧ କ୍ରୂରଗ୍ରହ କେତୁ ବର୍ତ୍ତମାନ ପୂର୍ଣ୍ଣମଣ୍ଡଳ ଚନ୍ଦ୍ରକୁ ବଳପୂର୍ବକ ଆକ୍ରମଣ କରିବାକୁ ଚାହୁଁଛି... ... ... (ଅଧା କହିଲା ବେଳକୁ)

ନେପଥ୍ୟେ—ଆଃ ! ମୁଁ ଥାଉଁ ଥାଉଁ କିଏ ଚନ୍ଦ୍ରକୁ ବଳପୂର୍ବକ ଆକ୍ରମଣ କରିବାକୁ ଚାହୁଁଛି ? ※

ସୂତ୍ର— କିନ୍ତୁ ବୁଧଙ୍କ ସଂଯୋଗ ତାକୁ ରକ୍ଷା କରୁଛି । ୬ । ※※

ନଟୀ- ଆର୍ଯ୍ୟ ! କିଏ ପୃଥିବୀ ଉପରେ ଥାଇ ଚନ୍ଦ୍ରକୁ ଗ୍ରହ-ଆକ୍ରମଣରୁ ରକ୍ଷା କରିବାକୁ ଚାହୁଁଛି ?

ସୂତ୍ର- ଆର୍ଯ୍ୟେ ! ମୁଁ କିଛି ଲକ୍ଷ୍ୟ କରିପାରିଲି ନାହିଁ । ଅଚ୍ଛା, ପୁଣି ଥରେ ସାବଧାନ ହୋଇ ଧ୍ୟାନ ଦେବି । (ପ୍ରସିଦ୍ଧ କ୍ରୂରଗ୍ରହ କେତୁ...... ଇତ୍ୟାଦି ପୂର୍ବୋକ୍ତ କଥାକୁ ଆଉ ଥରେ କହିଲେ ।)

ନେପଥ୍ୟେ-ଆଃ ! ମୁଁ ଥାଉଁ ଥାଉଁ କିଏ ଚନ୍ଦ୍ରଗୁପ୍ତକୁ ବଳପୂର୍ବକ ଆକ୍ରମଣ କରିବାକୁ ଚାହୁଁଛି ?

ସୂତ୍ର- (କାନଡେରି) ଓ, ଜଣାଗଲା । କୌଟିଲ୍ୟ.........

(ନଟୀ ଭୟଭୀତ ହୋଇଯିବାର ଅଭିନୟ କଲେ)

ସୂତ୍ର— ଏ ସେହି କୁଟିଳମତି କୌଟିଲ୍ୟ (ଚାଣକ୍ୟ), ଯାହାଙ୍କର କ୍ରୋଧାଗ୍ନିରେ ନନ୍ଦବଂଶ ବଳାତ୍କାରରେ ଦଗ୍ଧ ହେଲା । ଚନ୍ଦ୍ରଗ୍ରହଣ କଥା ଶୁଣି ସେ ନାମସାଦୃଶ୍ୟ ହେତୁ ଚନ୍ଦ୍ରଗୁପ୍ତଙ୍କୁ ଶତ୍ରୁ ଆକ୍ରମଣ କରୁଛି ବୋଲି ଭାବି ନେଇଛନ୍ତି । ୭ ।

ତା'ହେଲେ ଆସ, ଏଠାରୁ ଚାଲିଯିବା । (ପ୍ରସ୍ଥାନ କଲେ)

(ପ୍ରସ୍ତାବନା ଶେଷ)

※ ସୂତ୍ରଧାରଙ୍କ ଉକ୍ତିରେ ଦୁଇ ପ୍ରକାର ଅର୍ଥ ନିହିତ । ସେଦିନ ଚନ୍ଦ୍ରଗ୍ରହଣ କାହିଁକି ହୋଇପାରୁନଥିଲା, ଏ ସମ୍ପର୍କରେ କହିବା ତାଙ୍କର ଅଭିପ୍ରାୟ । କିନ୍ତୁ ତାଙ୍କର କଥାକୁ ଅନ୍ତରାଳରେ ଥିବା ଚାଣକ୍ୟ ଭିନ୍ନ ପ୍ରକାରେ ବୁଝିଲେ । ଯଥା—"ଚନ୍ଦ୍ରଗୁପ୍ତଙ୍କର ରାଜ୍ୟପ୍ରତିଷ୍ଠା ବର୍ତ୍ତମାନ ପୂର୍ଣ୍ଣ ହୋଇନାହିଁ । ମନ୍ତ୍ରୀ ରାକ୍ଷସ ମଳୟକେତୁ ସହିତ ମିଳି ତାଙ୍କୁ ଆକ୍ରମଣ କରିବାକୁ ଚାହୁଁଛି ।" ଏହି ଦୁଇ ପ୍ରକାର ଅର୍ଥ ସୂତ୍ରଧାରଙ୍କ ସଂସ୍କୃତ ଉକ୍ତିରେ ଶ୍ଳେଷ-ଅଳଙ୍କାରରେ ନିହିତ ରହିଛି ।

※※ ସୂତ୍ରଧାରଙ୍କ କହିବାର ଅର୍ଥ— ବୁଧଗ୍ରହଙ୍କ ସଂଯୋଗ ଚନ୍ଦ୍ରକୁ ରକ୍ଷା କରୁଅଛି । କିନ୍ତୁ ଅନ୍ତରାଳରେ ଥିବା ଚାଣକ୍ୟ ବୁଝିଲେ ବୁଧ ଅର୍ଥାତ୍ ବିଦ୍ୱାନ୍ ଚାଣକ୍ୟଙ୍କ ସମ୍ପର୍କ ଚନ୍ଦ୍ରଗୁପ୍ତଙ୍କୁ ରକ୍ଷା କରୁଛି ।

Digitized by PPRACHIN, SOA

ପ୍ରଥମୋଽଙ୍କଃ

(ତତଃ ପ୍ରବିଶତି ମୁକ୍ତାଂ ଶିଖାଂ ପରାମୃଶନ୍ ଚାଣକ୍ୟଃ)

ଚାଣକ୍ୟଃ- କଥୟ, କ ଏଷଃ ମୟି ସ୍ଥିତେ ଚନ୍ଦ୍ରଗୁପ୍ତମଭିଭବିତୁମିଚ୍ଛତି ବଲାତ୍ ?

ଆସ୍ୱାଦିତଦ୍ୱିରଦଶୋଣିତଶୋଣଶୋଭାଂ
ସନ୍ଧ୍ୟାରୁଣାମିବ କଲାଂ ଶଶଲାଞ୍ଛନସ୍ୟ ।
ଜୃମ୍ଭାବିଦାରିତମୁଖସ୍ୟ ମୁଖାତ୍ ସ୍ଫୁରନ୍ତୀଂ
କୋ ହର୍ତ୍ତୁମିଚ୍ଛତି ହରେଃ ପରିଭୂୟ ଦଂଷ୍ଟ୍ରାମ୍ ।। ୮ ।।

ଅପି ଚ—

ନନ୍ଦକୁଲକାଲଭୁଜଗୀଂ କୋପାନଲବହଲଲୋଲଧୂମଲତାମ୍ ।
ଅଦ୍ୟାପି ବଧ୍ୟମାନାଂ ବଧ୍ୟଃ କୋ ନେଚ୍ଛତି ଶିଖାଂ ମେ ।। ୯ ।

ଅପି ଚ—

ଉଲ୍ଲଙ୍ଘୟନ୍ ମମ ସମୁଜ୍ଜ୍ୱଲତଃ ପ୍ରତାପଂ
କୋପସ୍ୟ ନନ୍ଦକୁଲକାନନଧୂମକେତୋଃ ।
ସଦ୍ୟଃ ପରାତ୍ମପରିଣାମବିବେକମୂଢ଼ଃ
କଃ ଶାଲଭେନ ବିଧିନା ଲଭତାଂ ବିନାଶମ୍ ।। ୧୦ ।।

ଶାର୍ଙ୍ଗରବ ! ଶାର୍ଙ୍ଗରବ !

ଶିଷ୍ୟଃ- (ପ୍ରବିଶ୍ୟ) ଉପାଧ୍ୟାୟ ! ଆଜ୍ଞାପୟତୁ ।

ଚାଣକ୍ୟଃ- ବତ୍ସ ! ଉପବେଷ୍ଟୁମିଚ୍ଛାମି ।

ଶିଷ୍ୟଃ- ଉପାଧ୍ୟାୟ ! ନନୁ ଇୟଂ ସନ୍ନିହିତବେତ୍ରାସନୈବ ଦ୍ୱାରପ୍ରକୋଷ୍ଠଶାଳା । ତଦସ୍ୟାମୁପବେଷ୍ଟୁମର୍ହତ୍ୟୁପାଧ୍ୟାୟଃ ।

ଚାଣକ୍ୟଃ- ବତ୍ସ ! କାର୍ଯ୍ୟାଭିନିବେଶ ଏବ ଅସ୍ମାନ୍ ଆକୁଲୟତି, ନ ପୁନଃ ଉପାଧ୍ୟାୟସହଭୂଃ ଶିଷ୍ୟଜନେ ଦୁଃଶୀଲତା । (ନାଟ୍ୟେନ ଉପବିଶ୍ୟ ଆତ୍ମଗତମ୍) କଥଂ ପ୍ରକାଶତାଂ ଗତୋଽୟମର୍ଥଃ ପୌରେଷୁ, ଯଥା କିଲ ନନ୍ଦକୁଲବିନାଶଜନିତରୋଷୋ ରାକ୍ଷସଃ ପିତୃବଧାମର୍ଷିତେନ ସକଲନନ୍ଦରାଜ୍ୟପରିପଣନପ୍ରୋତ୍ସାହିତେନ ପର୍ବତକପୁତ୍ରେଣ ମଲୟକେତୁନା ସହ ସନ୍ଧାୟ ତଦୁପଗୃହୀତେନ ଚ ମହତା ମ୍ଲେଚ୍ଛରାଜେନ ପରିବୃତୋ ବୃଷଲମଭିଯୋକ୍ତୁମୁଦ୍ୟତ ଇତି ।

Digitized by PPRACHIN, SOA

ପ୍ରଥମ ଅଙ୍କ

(ମସ୍ତକର ମୁକୁଳା କେଶଶିଖାକୁ ସ୍ପର୍ଶ କରିକରି କ୍ରୁଦ୍ଧ ଚାଣକ୍ୟଙ୍କର ପ୍ରବେଶ)

ଚାଣକ୍ୟ— କହ, ମୁଁ ଥାଉଁଥାଉଁ ଚନ୍ଦ୍ରଗୁପ୍ତଙ୍କୁ କିଏ ବଳପୂର୍ବକ ଆକ୍ରମଣ କରିବାକୁ ଚାହୁଁଛି ?

ହସ୍ତୀର ରକ୍ତ ଆସ୍ୱାଦନ କରି ରକ୍ତିମ ଆଭା ଧାରଣ କରିଥିବା ଏବଂ ସନ୍ଧ୍ୟାକାଳୀନ ଲୋହିତ ଚନ୍ଦ୍ରକଳା ପରି ଦିଶୁଥିବା ସିଂହର ଉଜ୍ଜ୍ୱଳ ଦାନ୍ତକୁ ସିଂହ ହାଇ ମାରୁଥିବାବେଳେ ତା'ର ଆଁ ହୋଇଥିବା ପାଟିଭିତରୁ ବଳପୂର୍ବକ ଉପାଡ଼ି ନେବାକୁ କିଏ ଚାହେଁ ? ୮ ।

ଆଉମଧ୍ୟ—

ମୋ'ର କେଶଶିଖା, ଯାହାକି ନନ୍ଦକୁଳର କାଳସର୍ପିଣୀସ୍ୱରୂପ ଏବଂ ମୋ କ୍ରୋଧାଗ୍ନିର ବହଳ ନୀଳ ଧୂମକୁଣ୍ଡଳୀସ୍ୱରୂପ, ତାହା ବନ୍ଧା ନ ହେଉ ବୋଲି ଏବେ ମଧ୍ୟ କିଏ ଇଚ୍ଛା କରେ ? ୯ ।

ଆଉ ମଧ୍ୟ—

ନନ୍ଦକୁଳରୂପକ ଅରଣ୍ୟର ଅଗ୍ନିସ୍ୱରୂପ ମୋର ପ୍ରଜ୍ୱଳିତ କ୍ରୋଧର ପ୍ରତାପକୁ ଲଘନ କରିବାକୁ ଯାଇ କିଏ ପତଙ୍ଗ ଭଳି ଅବିଳମ୍ବେ ଧ୍ୱଂସବରଣ କରିବାକୁ ଚାହେଁ ? ସେ ନିଶ୍ଚୟ ନିଜର ଏବଂ ପରର ଶକ୍ତି କଳନା କରିବାରେ ଅସମର୍ଥ । ୧୦ ।

ଶାର୍ଙ୍ଗରବ, ଶାର୍ଙ୍ଗରବ ।

ଶିଷ୍ୟ— (ପ୍ରବେଶ କରି) ଉପାଧ୍ୟାୟ, ଆଜ୍ଞା ଦିଅନ୍ତୁ ।

ଚାଣକ୍ୟ- ବତ୍ସ, ବସିବାକୁ ଚାହେଁ ।

ଶିଷ୍ୟ— ଉପାଧ୍ୟାୟ, ଏଇ ପ୍ରକୋଷ୍ଠର ଦ୍ୱାରଦେଶରେ ବେତ୍ରାସନ ଅଛି । ଆପଣ ବସିବା ହୁଅନ୍ତୁ ।

ଚାଣକ୍ୟ— ବତ୍ସ ! କାର୍ଯ୍ୟବ୍ୟସ୍ତତା ହିଁ ମୋତେ ବିବ୍ରତ କରୁଛି । ଶିଷ୍ୟମାନଙ୍କ ଉପରେ ଗୁରୁଙ୍କର ସାଧାରଣତଃ ଯେଉଁ ରୁକ୍ଷତା, ସେଇ ରୁକ୍ଷତା ଦେଖାଇବାକୁ ଯାଇ ଯେ ମୁଁ ବିବ୍ରତ, ତାହା ନୁହେଁ । (ବସି ସ୍ୱଗତ) ନନ୍ଦକୁଳର ବିନାଶରେ କ୍ରୁଦ୍ଧ ହୋଇଥିବା ରାକ୍ଷସ ପିତୃବଧ ଯୋଗୁ କ୍ରୁଦ୍ଧ ହୋଇଥିବା ପର୍ବତକପୁତ୍ର ମଳୟକେତୁକୁ ସମଗ୍ର ନନ୍ଦରାଜ୍ୟ ଅର୍ପଣ କରିବ ବୋଲି ସନ୍ଧିରେ ପ୍ରୋତ୍ସାହିତ କରି ଏବଂ ତା'ଦ୍ୱାରା (ମଳୟକେତୁ ଦ୍ୱାରା) ଏକତ୍ର କରାଯାଇଥିବା ମ୍ଳେଚ୍ଛରାଜାମାନଙ୍କର ସୈନ୍ୟବାହିନୀ ସାହାଯ୍ୟରେ ଚନ୍ଦ୍ରଗୁପ୍ତକୁ ଆକ୍ରମଣ କରିବ ବୋଲି ପ୍ରସ୍ତୁତ ହେଉଛି, ଏହି ସମ୍ବାଦ କିପରି ନଗରବାସୀମାନଙ୍କ ମଧ୍ୟରେ ପ୍ରକାଶ ପାଇଲା ?

Digitized by PPRACHIN, SOA

(ଚନ୍ତାକର) ଅଥଚ ଯେନ ମୟା ସର୍ବଲୋକପ୍ରକାଶଂ ନନ୍ଦବଂଶ-ବଧଂ ପ୍ରତିଜ୍ଞାୟ ନିସ୍ତୀର୍ଣ୍ଣା ଦୁସ୍ତରା ପ୍ରତିଜ୍ଞାସରିତ୍, ସୋଽହମିଦାନୀଂ ପ୍ରକାଶୀଭବନ୍ତମପ୍ୟେନମର୍ଥଂ ନ ସମର୍ଥଃ କିଂ ପ୍ରଶମୟିତୁମ୍ ? ଇତି ? କୁତ ଏତତ୍ ? ଯସ୍ୟ ମମ—

ଶ୍ୟାମୀକୃତ୍ୟାନନେନ୍ଦୂନ୍ ରିପୁଯୁବତିଦିଶାଂ ସନ୍ତତୈଃ ଶୋକଧୂମୈଃ
କାମଂ ମନ୍ତ୍ରିଦ୍ରୁମେଭ୍ୟୋ ନୟପବନହୃତଂ ମୋହଭସ୍ମ ପ୍ରକୀର୍ଯ୍ୟ ।
ଦଗ୍ଧ୍ୱା ସମ୍ଭ୍ରାନ୍ତପୌରଦ୍ୱିଜଗଣରହିତାନ୍ ନନ୍ଦବଂଶପ୍ରରୋହାନ୍
ଦାହ୍ୟାଭାବାନ୍ନ ଖେଦାଦ୍ ଜ୍ୱଲନ ଇବ ବନେ ଶାମ୍ୟତି କ୍ରୋଧବହ୍ନିଃ ॥୧୧

ଅପିଚ—

ଶୋଚନ୍ତୋଽବନତୈର୍ନରାଧିପଭୟାଦ୍ ଧିକ୍ଶବ୍ଦଗର୍ଭୈର୍ମୁଖୈଃ
ମାମଗ୍ର୍ୟାସନତୋଽବକୃଷ୍ଟମବଶଂ ଯେ ଦୃଷ୍ଟବନ୍ତଃ ପୁରା ।
ତେ ପଶ୍ୟନ୍ତି ତଥୈବ ସମ୍ପ୍ରତି ଜନା ନନ୍ଦଂ ମୟା ସାନ୍ୱୟଂ
ସିଂହେନେବ ଗଜେନ୍ଦ୍ରମଦ୍ରିଶିଖରାତ୍ ସିଂହାସନାତ୍ ପାତିତମ୍ ॥ ୧୨

ସୋଽହମିଦାନୀମବସିତପ୍ରତିଜ୍ଞାଭରୋଽପି ବୃଷଳାପେକ୍ଷୟା ଶସ୍ତ୍ରଂ ଧାରୟାମି । ଯେନ ମୟା—

ସମୁତ୍ଖାତା ନନ୍ଦା ନବ ହୃଦୟରୋଗା ଇବ ଭୁବଃ
କୃତା ମୌର୍ଯ୍ୟେ ଲକ୍ଷ୍ମୀଃ ସରସି ନଳିନୀବ ସ୍ଥିରପଦା ।
ଦ୍ୱୟୋଃ ସାରଂ ତୁଲ୍ୟଂ ଦ୍ୱିତୟମଭିଯୁକ୍ତେନ ମନସା
ଫଳଂ କୋପପ୍ରୀତ୍ୟୋର୍ଦ୍ୱିଷତି ଚ ବିଭକ୍ତଂ ସୁହୃଦି ଚ ॥ ୧୩ ॥

ଅଥବା, ଅଗୃହୀତେ ରାକ୍ଷସେ କିମୁତ୍ଖାତଂ ନନ୍ଦବଂଶସ୍ୟ ? କିଂ ବା ସ୍ଥୈର୍ଯ୍ୟମୁତ୍ପାଦିତଂ ଚନ୍ଦ୍ରଗୁପ୍ତଲକ୍ଷ୍ମ୍ୟାଃ ? (ବିଚିନ୍ତ୍ୟ) ଅହୋ ! ରାକ୍ଷସସ୍ୟ ନନ୍ଦବଂଶେ ନିରତିଶୟୋ ଭକ୍ତିଗୁଣଃ, ସ ଖଲୁ କସ୍ମିଂଶ୍ଚିଦପି

Digitized by PPRACHIN, SOA

(ଚିନ୍ତା କରି) ହଁ, ମୁଁ ସର୍ବସମକ୍ଷରେ ନନ୍ଦବଂଶ ଧ୍ୱଂସ କରିବାକୁ ପ୍ରତିଜ୍ଞା କରି ସେହି ଦୁସ୍ତର ପ୍ରତିଜ୍ଞାନଦୀକୁ ପାର ହୋଇଆସିଛି । ଆଉ ବର୍ତ୍ତମାନ ଏହି ପ୍ରକାଶ ପାଇଥିବା ବିଷୟକୁ କ'ଣ ଆୟତ କରିପାରିବି ନାହିଁ ? ମୁଁ ହେଉଛି ସେହି ବ୍ୟକ୍ତି, ଯାହାର—

କ୍ରୋଧାଗ୍ନି ଶତ୍ରୁସ୍ତ୍ରୀରୂପକ ଦିଗମାନଙ୍କର ମୁଖ-ଚନ୍ଦ୍ରମାନଙ୍କୁ ନିରବଚ୍ଛିନ୍ନ ଶୋକ-ଧୂମଦ୍ୱାରା ମଳିନ କରିଛି, ନୀତିରୂପକ ପବନରେ କିଂକର୍ତ୍ତବ୍ୟବିମୂଢ଼ତାରୂପକ ଭସ୍ମ ଉଡାଇ ମନ୍ତ୍ରୀରୂପକ ବୃକ୍ଷମାନଙ୍କ ଉପରେ ବିଞ୍ଚିଛି ଏବଂ ଭୟଭୀତ ନଗରବାସୀ ରୂପକ ପକ୍ଷୀଗଣଙ୍କୁ ଛାଡ଼ିଦେଇ ସମସ୍ତ ନନ୍ଦବଂଶରୂପକ ବାଉଁଶବଣକୁ ଭସ୍ମ କରିଦେଇଛି । ଅରଣ୍ୟରେ ଦାହ୍ୟ ପଦାର୍ଥ ଅଭାବରୁ ଦାବାଗ୍ନି ଶାନ୍ତ ହେଲା ପରି ବର୍ତ୍ତମାନ ମୋର କ୍ରୋଧାଗ୍ନି ଦାହ୍ୟ ଅଭାବରୁ ଶାନ୍ତ ହୋଇଛି, କ୍ଳାନ୍ତି ହେତୁରୁ ନୁହେଁ । ୧୧ ।

ଆହୁରି ମଧ୍ୟ—

ପୂର୍ବେ ଯେଉଁମାନେ ନନ୍ଦ ରାଜାଙ୍କ ଭୟରେ ତଳକୁ ମୁହଁ ପୋତି, ତୂଷ୍ଣିଭିତରେ ଧିକ୍ ଧିକ୍ ଶବ୍ଦ ଉଚ୍ଚାରଣ କରି, ଅତ୍ୟନ୍ତ ଦୁଃଖିତ ହୋଇ, ମୋତେ ନିରୁପାୟ ଅବସ୍ଥାରେ ସମ୍ମାନ ଆସନରୁ ଟଣା-ହୋଇଯିବାର ଦେଖିଥିଲେ, ସେହିମାନେ ପୁଣି, ସିଂହ ପର୍ବତ ଶିଖରରୁ ହସ୍ତୀକୁ ଭୂପାତିତ କଲାପରି ମୁଁ ନନ୍ଦକୁ ସବଂଶ ସିଂହା-ସନରୁ ଭୂପାତିତ କରିବାର ଦେଖିଲେ । ୧୨ ।

ମୁଁ ସେହି ଚାଣକ୍ୟ, ପ୍ରତିଜ୍ଞା ପୂର୍ଣ୍ଣ କରିସାରିଥିଲେ ସୁଦ୍ଧା ଚନ୍ଦ୍ରଗୁପ୍ତ ନିମନ୍ତେ ଶସ୍ତ୍ର ଧାରଣ କରିଛି । (ଅମାତ୍ୟ ଭାବରେ କାର୍ଯ୍ୟ କରୁଛି ।)

ମୁଁ ସେହି ଚାଣକ୍ୟ, ଯେ କି—

ପୃଥିବୀରୁ ନବନନ୍ଦଙ୍କୁ ହୃତ୍‌ପିଣ୍ଡରୁ ରୋଗ ଦୂର କଲା ପରି ଉତ୍-ପାଟିତ କରିଦେଇଛି ଏବଂ ସରୋବରରେ ପଦ୍ମିନୀ ପରି ମୌର୍ଯ୍ୟ (ଚନ୍ଦ୍ରଗୁପ୍ତ) ଠାରେ ରାଜଲକ୍ଷ୍ମୀଙ୍କୁ ପ୍ରତିଷ୍ଠିତ କରିଛି । ଏହିପରି ମୁଁ ଏକାଗ୍ରଚିତ୍ତରେ କାର୍ଯ୍ୟ କରି ଶତ୍ରୁ ଓ ମିତ୍ର ଉଭୟଙ୍କ ପ୍ରତି କୋପ ଓ ପ୍ରେମର ଉଭୟ ପ୍ରକାର ଫଳ ସମାନଭାବରେ ବାଣ୍ଟି ଦେଇଛି । ୧୩ ।

ନା, ରାକ୍ଷସକୁ ଜୟ ନ କଲେ ମୁଁ ବା ନନ୍ଦବଂଶର କ'ଣ ଉତ୍ପାଟନ କଲି ? ଚନ୍ଦ୍ରଗୁପ୍ତର ରାଜଲକ୍ଷ୍ମୀକୁ କଅଣ ବା ଦୃଢ଼ କଲି ? (ଚିନ୍ତା କରି) ଓଃ ! ନନ୍ଦବଂଶ ପ୍ରତି ରାକ୍ଷସର କି ଅସୀମ ଭକ୍ତି !

Digitized by PPRACHIN, SOA

କେବଳ ନନ୍ଦାନ୍ୱୟାବସ୍ଥବେ ବୃଷଳସ୍ୟ ସାଚିବ୍ୟଂ ଗ୍ରାହୟିତୁଂ ନ ଶକ୍ୟତେ , ତଦଭିଯୋଗଂ ପ୍ରତି ନିରୁଦ୍ୟୋଗୋଽସ୍ମାଭିରବସ୍ଥାପୟିତୁଂ ଶକ୍ୟ ଇତି ଅନୟୈବ ବୁଦ୍ଧ୍ୟା ତପୋବନଗତୋଽପି ଘାତିତସ୍ତପସ୍ୱୀ ନନ୍ଦବଂଶୀୟଃ ସର୍ବାର୍ଥସିଦ୍ଧିଃ । ଯାବଦସୌ ମଳୟକେତୁମଙ୍ଗୀକୃତ୍ୟାସ୍ମଦୁଚ୍ଛେଦାୟ ବିପୁଳତରଂ ପ୍ରୟତ୍ନମୁପଦର୍ଶୟତ୍ୟେବ । (ପ୍ରତ୍ୟକ୍ଷବଦାକାଶେ ଲକ୍ଷ୍ୟଂ ବଦ୍ଧ୍ୱା) ସାଧୁ ଅମାତ୍ୟ ରାକ୍ଷସ ! ମନ୍ତ୍ରିବୃହସ୍ପତେ ! ସାଧୁ ! କୁତଃ—

ଐଶ୍ୱର୍ଯ୍ୟାଦନପେତମୀଶ୍ୱରମୟଂ ଲୋକୋଽର୍ଥତଃ ସେବତେ
ତଂ ଗଚ୍ଛନ୍ତ୍ୟନୁ ଯେ ବିପତ୍ତିଷୁ ପୁନସ୍ତେ ତତ୍ପ୍ରତିଷ୍ଠାଽଽଶୟା ।
ଭର୍ତ୍ତୁର୍ଯେ ପ୍ରଳୟେଽପି ପୂର୍ବସୁକୃତାସଙ୍ଗେନ ନିଃସଙ୍ଗୟା
ଭକ୍ତ୍ୟା କାର୍ଯ୍ୟଧୁରଂ ବହନ୍ତି କୃତିନସ୍ତେ ଦୁର୍ଲଭସ୍ତ୍ୱାଦୃଶାଃ ।। ୧୪ ।।

ଅତ ଏବାସ୍ମାକଂ ତ୍ୱତ୍ସଂଗ୍ରହେ ପ୍ରୟତ୍ନଃ କଥମସୌ ବୃଷଳସ୍ୟ ସାଚିବ୍ୟଗ୍ରହଣେନ ସାନୁଗ୍ରହଃ ସ୍ୟାଦିତି । କୁତଃ—

ଅପ୍ରାଜ୍ଞେନ ଚ କାତରେଣ ଚ ଗୁଣଃ ସ୍ୟାତ୍ ସାନୁରାଗେଣ କଃ ?
ପ୍ରଜ୍ଞାବିକ୍ରମଶାଳିନୋଽପି ହି ଭବେତ୍ କିଂ ଭକ୍ତିହୀନାତ୍ ଫଳମ୍ ?
ପ୍ରଜ୍ଞାବିକ୍ରମଭକ୍ତୟଃ ସମୁଦିତା ଯେଷାଂ ଗୁଣା ଭୂତୟେ
ତେ ଭୃତ୍ୟା ନୃପତେଃ କଳତ୍ରମିତରେ ସମ୍ପତ୍ସୁ ଚାପତ୍ସୁ ଚ ।। ୧୫ ।।

Digitized by PPRACHIN, SOA

ନନ୍ଦବଂଶରେ କେହି ଜଣେ ମାତ୍ର ଜୀବିତ ଥିବା ପର୍ଯ୍ୟନ୍ତ ରାକ୍ଷସକୁ ଚନ୍ଦ୍ରଗୁପ୍ତର ମନ୍ତ୍ରୀତ୍ୱ ଗ୍ରହଣ କରାଇ ହେବ ନାହିଁ, ତାର ଚନ୍ଦ୍ରଗୁପ୍ତକୁ ଆକ୍ରମଣ କରିବାର ସମସ୍ତ ଉଦ୍ୟମକୁ ଯଦି ଛଡାଇଦିଆ-ଯାଇପାରିବ, ତେବେ ଯାଇ ତାକୁ ମନ୍ତ୍ରୀ ପଦରେ ରଖାଯାଇ ପାରିବ—ଏଇ ବିଚାରରେ ହିଁ ନନ୍ଦବଂଶୀୟ ବିଚରା ସର୍ବାର୍ଥସିଦ୍ଧିକୁ ହତ୍ୟା କରାହେଲା, ଯେ କି ତପୋବନକୁ ଚାଲି ଯାଇଥିଲା । ରାକ୍ଷସ ପୁଣି ମଳୟକେତୁର ସାହାଯ୍ୟ ନେଇ ଆମର ଉଚ୍ଛେଦ ସାଧନ କରିବ ବୋଲି ଆହୁରି ଅଧିକ ଚେଷ୍ଟା ଚଳାଇଛି । (କାହାକୁ ପ୍ରତ୍ୟକ୍ଷ ଭାବରେ ଦେଖିଲା ଭଳି ଶୂନ୍ୟଆଡ଼େ ଚାହିଁ) ଧନ୍ୟ ମନ୍ତ୍ରୀ ରାକ୍ଷସ ! ଧନ୍ୟ ଜ୍ଞାନୀ ବ୍ରାହ୍ମଣ ! ଧନ୍ୟ ବୃହସ୍ପତି ତୁଲ୍ୟ ମନ୍ତ୍ରୀ ! କାରଣ—

ପ୍ରଭୁର ଐଶ୍ୱର୍ଯ୍ୟ ଥିବା ସମୟରେ ଲୋକେ ଅର୍ଥ-ଆଶାରେ ତାର ସେବା କରନ୍ତି । ବିପତ୍ତିରେ ମଧ୍ୟ ଯେଉଁମାନେ ତାର ସାଥୀ ହୁଅନ୍ତି, ସେମାନେ ତାହା କରନ୍ତି ଭବିଷ୍ୟତରେ ସେ କାଳେ ପ୍ରତିଷ୍ଠିତ ହେବ, ଏଇ ଆଶାରେ ! କିନ୍ତୁ ପ୍ରଭୁ ସମୂଳେ ବିନାଶ ହେଲା ପରେ ମଧ୍ୟ ତା'ର ପୂର୍ବକୃତ ଉପକାର ସ୍ମରଣ କରି ପ୍ରତ୍ୟାଶାବିହୀନ ଭକ୍ତିର ସହିତ ଯେ ତା ପାଇଁ କାର୍ଯ୍ୟ କରେ, ସେଭଳି କୃତୀ ବ୍ୟକ୍ତି ବିରଳ । ତୁମେ ସେଇଭଳି ଜଣେ କୃତୀ ବ୍ୟକ୍ତି । ୧୪ ।

ଏଇ କାରଣରୁ ହିଁ ତୁମକୁ ମୋ ପକ୍ଷକୁ ଆଣିବା ନିମନ୍ତେ ମୁଁ ଚେଷ୍ଟା ଚଳାଇଛି। ମୋ ଚେଷ୍ଟା ସେତିକିବେଳେ ସଫଳ ହେବ, ଯେତେବେଳେ ତୁମେ ଚନ୍ଦ୍ରଗୁପ୍ତର ମନ୍ତ୍ରିତ୍ୱ ଗ୍ରହଣ କରିବ । ଯେହେତୁ—

ଯେଉଁ କର୍ମଚାରୀ ବିଜ୍ଞ ନୁହେଁ ଏବଂ ବିପଦରେ କାତର ହୋଇପଡେ, ସେ ଅତ୍ୟନ୍ତ ପ୍ରଭୁଭକ୍ତ ହେଲେ ମଧ୍ୟ ତା'ଦ୍ୱାରା ଲାଭ କଅଣ ? ଯାହାର ବୁଦ୍ଧି ଓ ବିକ୍ରମ ଅଛି, ସେ ଯଦି ଭକ୍ତିହୀନ ହୋଇଥାଏ, ତା'ଦ୍ୱାରା ବା ଲାଭ କଅଣ ? ତେଣୁ ଯେଉଁ କର୍ମ-ଚାରୀମାନଙ୍କର ବୁଦ୍ଧି, ବିକ୍ରମ ଓ ଭକ୍ତି ତିନିଟିଯାକ ଗୁଣ ଅଛି, ସେଇମାନେ ହିଁ ଶାସକଙ୍କର ସମ୍ପଦ ବିପଦ ସବୁଥିରେ ମଙ୍ଗଳ ସମ୍ପାଦନ କରନ୍ତି । ଅନ୍ୟମାନେ କେବଳ ସ୍ତ୍ରୀ ଭଳି ପୋଷ୍ୟ ହୁଅନ୍ତି । ୧୫ ।

Digitized by PPRACHIN, SOA

ତନ୍ମୟାଽପ୍ୟସ୍ମିନ୍ ବସ୍ତୁନି ନ ଶୟାନେନ ସ୍ଥୀୟତେ। ଯଥାଶକ୍ତି କ୍ରିୟତେ ତଦ୍‌ଗ୍ରହଣଂ ପ୍ରତି ଯତ୍ନଃ। କଥମିତି ? ଅତ୍ର ତାବଦ୍ ବୃଷଲ-ପର୍ବତକୟୋରନ୍ୟତରବିନାଶେନାପି ଚାଣକ୍ୟସ୍ୟାପକୃତଂ ଭବତୀତି ବିଷକନ୍ୟୟା ରାକ୍ଷସେନ ଅସ୍ମାକମତ୍ୟନ୍ତୋପକାରି ମିତ୍ରଂ ଘାତିତଃ ତପସ୍ୱୀ ପର୍ବତେଶ୍ୱରଃ ଇତି ସଂଚାରିତୋ ଜଗତି ଜନାପବାଦଃ। ଲୋକପ୍ରତ୍ୟୟାର୍ଥଂ ଅସ୍ୟୈବାର୍ଥସ୍ୟ ଅଭିବ୍ୟକ୍ତୟେ 'ପିତା ତେ ଚାଣକ୍ୟେନ ଘାତିତଃ' ଇତି ରହସି ତ୍ରାସୟିତ୍ୱା ଭାଗୁରାୟଣେନ ଅପବାହିତଃ ପର୍ବତକପୁତ୍ରଃ ମଲୟକେତୁଃ। ଶକ୍ୟଃ ଖଳୁ ଏଷ ରାକ୍ଷସମତିପରିଗୃହୀତୋଽପି ବ୍ୟୁତ୍ତିଷ୍ଠମାନୋ ବୁଦ୍ଧ୍ୟା ନିବାରୟିତୁମ୍। ନ ପୁନରସ୍ୟ ନିଗ୍ରହାତ୍ ପର୍ବତକବଧୋତ୍ପନ୍ନମୟଶଃ ପ୍ରକାଶୀଭବତ୍ ପ୍ରମାର୍ଷ୍ଟୁମ୍‌ଅଲମ୍‌ଇତି। ଅନ୍ୟଚ୍ଚ, ନିଯୁକ୍ତାଶ୍ଚ ମୟା ସ୍ୱପକ୍ଷପରପକ୍ଷୟୋଃ ଅନୁରକ୍ତାଽପରକ୍ତଜନଜିଜ୍ଞାସୟା ବହୁବିଧଦେଶଭାଷାବେଶାଚାରସଂଚାର-ବେଦିନୋ ନାନାବ୍ୟଞ୍ଜନାଃ ପ୍ରଣିଧୟଃ। ଅନ୍ୱିଷ୍ୟନ୍ତେ ଚ କୁସୁମପୁର-ବାସିନାଂ ନନ୍ଦାମାତ୍ୟସୁହୃଦାଂ ନିପୁଣତରଂ ପ୍ରଚାରଗତୟଃ। ତତ୍ତତ୍‌କାରଣମ୍ ଉତ୍ପାଦ୍ୟ କୃତକୃତ୍ୟତାମ୍ ଆପାଦିତାଃ ଚନ୍ଦ୍ରଗୁପ୍ତ-ସହୋତ୍ଥାୟିନଃ ଭଦ୍ରଭଟପ୍ରଭୃତୟଃ ପ୍ରଧାନପୁରୁଷାଃ। ଶତ୍ରୁପ୍ରୟୁକ୍ତାନାଂ ଚ ତୀକ୍ଷ୍ଣରସଦାନାଂ ପ୍ରତିବିଧାନଂ ପ୍ରତି ଅପ୍ରମାଦିନଃ ପରୀକ୍ଷିତଭକ୍ତୟଃ କ୍ଷିତିପତିପ୍ରତ୍ୟାସନ୍ନାଃ ନିଯୁକ୍ତାସ୍ତତ୍ର ଆପ୍ତପୁରୁଷାଃ। ଅସ୍ତି ଚ ଅସ୍ମାକଂ ସହାଧ୍ୟାୟି ମିତ୍ରଂ ବିଷ୍ଣୁଶର୍ମା ନାମ ବ୍ରାହ୍ମଣଃ। ସ ଚ ଔଶନସ୍ୟାଂ ଦଣ୍ଡନୀତ୍ୟାଂ ଚତୁଃଷଷ୍ଟ୍ୟଙ୍ଗେ ଜ୍ୟୋତିଃଶାସ୍ତ୍ରେ ଚ ପରଂ ପ୍ରାବୀଣ୍ୟମ୍ ଉପଗତଃ। ସ ଚ ମୟା କ୍ଷପଣକଲିଙ୍ଗଧାରୀ ନନ୍ଦବଧପ୍ରତିଜ୍ଞାନନ୍ତରମ୍ ଏବ କୁସୁମପୁରମ୍ ଉପନୀୟ ସର୍ବନନ୍ଦାମାତ୍ୟୈଃ ସହ ସଖ୍ୟଂ ଗ୍ରାହିତଃ।

Digitized by PPRACHIN, SOA

ତେଣୁ ମୁଁ ଯେ ଏ ବିଷୟରେ ସୁସ୍ଥ, ତାହା ନୁହେଁ । ତାକୁ ଧରିବାକୁ ମୁଁ ଯଥାଶକ୍ତି ଯତ୍ନ କରୁଛି । କିପରି ? "ରାକ୍ଷସ ହିଁ ବିଷକନ୍ୟା ସାହାଯ୍ୟରେ ଆମର ଅତ୍ୟନ୍ତ ଉପକାରୀ ମିତ୍ର ପର୍ବତକଙ୍କୁ ମରାଇଲା, କାରଣ ଚନ୍ଦ୍ରଗୁପ୍ତ ଏବଂ ପର୍ବତକ, ଏହି ଦୁଇଜଣଙ୍କ ମଧ୍ୟରୁ କେହି ଜଣେ ମଲେ ଚାଣକ୍ୟର ଅପକାର ସାଧିତ ହେବ ।"—ଏହି ଲୋକାପବାଦ ସଂସାରରେ ପ୍ରଚାର କରାଇ ଦିଆଯାଇଛି । ରାକ୍ଷସ ପର୍ବତକଙ୍କୁ ମରାଇଲା— ଏହି ଧାରଣାକୁ ଲୋକମାନଙ୍କ ମନରେ ଦୃଢ଼ କରିବାପାଇଁ ପର୍ବତକର ପୁତ୍ର ମଳୟକେତୁକୁ ଭାଗୁରାୟଣ " ତୁମ ପିତାଙ୍କୁ ଚାଣକ୍ୟ ମରାଇଛି " ଏହିପରି ଗୋପନରେ ଭୟଭୀତ କରାଇ ପଳାୟନ କରାଇଦେଇଛି । ବର୍ତ୍ତମାନ ମଳୟକେତୁ ଯଦି ରାକ୍ଷସର ବୁଦ୍ଧିରେ ପରିଚାଳିତ ହୋଇ ଚନ୍ଦ୍ରଗୁପ୍ତକୁ ଆକ୍ରମଣ କରିବାକୁ ପ୍ରସ୍ତୁତ ହୁଏ, ମୁଁ ତାକୁ ବୁଦ୍ଧିବଳରେ ସେଥିରୁ ନିବୃତ୍ତ କରିପାରିବି । କିନ୍ତୁ ପର୍ବତକର ହତ୍ୟାରୁ ରାକ୍ଷସର ଯେଉଁ ଦୁର୍ନାମ ପ୍ରକାଶ ପାଇଛି, ମୁଁ ମଳୟକେତୁକୁ ଦମନ କରି ସେହି ଦୁର୍ନାମକୁ ଲୋପ କରିଦେବା ଚାହେଁ ନାହିଁ । ଆମପକ୍ଷ ଓ ଶତ୍ରୁପକ୍ଷ ପ୍ରତି କେଉଁମାନେ ଅନୁରକ୍ତ ଓ କେଉଁମାନେ ବିରକ୍ତ, ଏହା ଜାଣିବା ପାଇଁ ମୁଁ ଅନେକ ଚରଙ୍କୁ ନିଯୁକ୍ତ କରିଛି, ଯେଉଁମାନେ କି ନାନା ଦେଶ, ବେଶ, ଭାଷା, ଆଚାର, ବ୍ୟବହାରରେ ଅଭିଜ୍ଞ ଅଟନ୍ତି ଏବଂ ନାନାପ୍ରକାର ଛଦ୍ମରୂପ ଧାରଣ କରିଛନ୍ତି । ନନ୍ଦଙ୍କର ଯେଉଁ ଅମାତ୍ୟ ଓ ବନ୍ଧୁମାନେ କୁସୁମପୁରରେ (ପାଟଳୀପୁତ୍ରରେ) ଅଛନ୍ତି, ସେମାନଙ୍କର କାର୍ଯ୍ୟକଳାପ ଭଲ ଭାବରେ ଲକ୍ଷ୍ୟ କରାଯାଉଛି । ଚନ୍ଦ୍ରଗୁପ୍ତର ଅଭ୍ୟୁଦୟରେ ଅଭ୍ୟୁଦୟ ଲାଭ କରୁଥିବା ଭଦ୍ରଭଟ ପ୍ରଭୃତି ରାଜପୁରୁଷମାନଙ୍କୁ ନାନା ଉପଲକ୍ଷରେ ସନ୍ତୁଷ୍ଟ କରାଯାଉଛି । ଶତ୍ରୁପକ୍ଷଦ୍ୱାରା ନିଯୋଜିତ 'ତୀକ୍ଷ୍ଣ' ଓ 'ରସଦ' ବ୍ୟକ୍ତିମାନଙ୍କର ପ୍ରତିକାର ବିଧାନ କରିବା ପାଇଁ ରାଜାଙ୍କ (ଚନ୍ଦ୍ରଗୁପ୍ତଙ୍କ) ପାଖରେ ଏଭଳି ବିଶ୍ୱାସୀ ଲୋକମାନଙ୍କୁ ନିଯୁକ୍ତ କରାଯାଇଛି, ଯେଉଁମାନଙ୍କ ସତର୍କତା ଓ ପ୍ରଭୁଭକ୍ତି ବିଷୟରେ କୌଣସି ସନ୍ଦେହ ନାହିଁ । ମୋର ଜଣେ ସହପାଠୀ ବିଷ୍ଣୁଶର୍ମା ନାମକ ବ୍ରାହ୍ମଣ ଅଛନ୍ତି । ସେ ଶୁକ୍ରାଚାର୍ଯ୍ୟ—ଦଣ୍ଡନୀତିରେ ଏବଂ ଚଉଷଠି ପ୍ରକାର ଜ୍ୟୋତିଷଶାସ୍ତ୍ରରେ ଅତ୍ୟନ୍ତ ପାରଦର୍ଶୀ । ନନ୍ଦବଂଶ ଧ୍ୱଂସ ନିମନ୍ତେ ପ୍ରତିଜ୍ଞା କଲାପରେ ମୁଁ ତାଙ୍କୁ କ୍ଷପଣକ ବେଶରେ ପାଟଳୀପୁତ୍ରକୁ ଆଣିଛି ଏବଂ ସେ ନନ୍ଦଙ୍କର ସମସ୍ତ ଅମାତ୍ୟଙ୍କ ସହିତ ବନ୍ଧୁ ହୋଇ-

Digitized by PPRACHIN, SOA

ତେନ ଇଦାନୀଂ ମହତ୍ ପ୍ରୟୋଜନମନୁଷ୍ଠେୟଂ ଭବିଷ୍ୟତି । ତଦ୍ ଏବମ୍ ଅସ୍ମିନ୍ନେ ନ କଶ୍ଚିତ୍ ପରିହାସ୍ୟତେ । ବୃଷଳ ଏବ କେବଳଂ ପ୍ରଧାନପ୍ରକୃତିଃ ଅସ୍ମାସୁ ଆରୋପିତରାଜ୍ୟତନ୍ତ୍ରଭରଃ ସତତମୁଦାସ୍ତେ । ଅଥବା ଯତ୍ ସ୍ୱୟଂ ଅଭିୟୋଗଦୁଃଖୈଃ ଅସାଧାରଣୈଃ ଅପାକୃତମ୍ , ତଦେବ ରାଜ୍ୟଂ ସୁଖୟତି । କୁତଃ—

ସ୍ୱୟମାହୃତ୍ୟ ଭୁଞ୍ଜାନା ବଳିନୋଽପି ସ୍ୱଭାବତଃ ।
ଗଜେନ୍ଦ୍ରାଶ୍ଚ ନରେନ୍ଦ୍ରାଶ୍ଚ ପ୍ରାୟଃ ସୀଦନ୍ତି ଦୁଃଖିତାଃ ।। ୧୬ ।।

(ତତଃ ପ୍ରବିଶତି ଯମପଟେନ ସହ ଚରଃ)

ଚରଃ— ପଣମହ ଜମସ୍ସ ଚଲଣେ କିଂ କଜ୍ଜଂ ଦେବେହିଂ ଅଣ୍ଣେହିଂ ।
ଏସୋ କ୍ଖୁ ଅଣ୍ଣଭତ୍ତାଣଂ ହରଇ ଜୀଅଂ ଚଡଫଡନ୍ତମ୍ ।। ୧୭ ।।
(ପ୍ରଣମତ ଯମସ୍ୟ ଚରଣୌ କିଂ କାର୍ଯ୍ୟଂ ଦେବୈରନ୍ୟୈଃ ।
ଏଷ ଖଲୁ ଅନ୍ୟ ଭକ୍ତାନାଂ ହରତି ଜୀବଂ ପରିସ୍ଫୁରନ୍ତମ୍ ।। ୧୭ ।।)

ଅବିଅ (ଅପି ଚ)—

ପୁରିସସ୍ସ ଜୀବିଦବ୍ୱଂ ବିସମାଦୋ ହୋଇ ଭତ୍ତିଗହିଆଦୋ ।
ମାରେଇ ସବ୍ୱଲୋଅଂ ଜୋ ତେଣ ଜମେଣ ଜୀଆମୋ ।। ୧୮ ।।

(ପୁରୁଷସ୍ୟ ଜୀବିତବ୍ୟଂ ବିଷମାଦ୍ ଭବତି ଭକ୍ତିଗୃହୀତାତ୍ ।
ମାରୟତି ସର୍ବଲୋକଂ ଯସ୍ତେନ ଯମେନ ଜୀବାମଃ ।। ୧୮ ।।)

ତା ଏଦଂ ଗେହଂ ପବିସିଅ ଜମପଡଅଂ ଦଂସଅନ୍ତୋ ଗାଏମି ।
(ତସ୍ମାତ୍ ଇଦଂ ଗୃହଂ ପ୍ରବିଶ୍ୟ ଯମପଟଂ ଦର୍ଶୟନ୍ ଗାୟାମି)
(ଇତି ପରିକ୍ରାମତି)

ଶିଷ୍ୟଃ— (ବିଲୋକ୍ୟ) ଭଦ୍ର ! ନ ପ୍ରଚେଷ୍ଟବ୍ୟମ୍ ।

ଚରଃ— ହଂହୋ ବହ୍ମଣ ! କସ୍ସ ଇଦଂ ଗେହମ୍ ? (ଅହୋ ବ୍ରାହ୍ମଣ ! କସ୍ୟ ଇଦଂ ଗୃହମ୍ ?)

ଶିଷ୍ୟଃ— ଅସ୍ମାକମ୍ ଉପାଧ୍ୟାୟସ୍ୟ ସୁଗୃହୀତନାମ୍ନଃ ଆର୍ଯ୍ୟ ଚାଣକ୍ୟସ୍ୟ ।

ଚରଃ— (ବିହସ୍ୟ) ହଂ ହୋ ବହ୍ମଣ ! ଅତ୍ତଣକେରକସ୍ସ ଜ୍ଜେବ ଏଦଂ ଧମ୍ମଭାଦୁଅସ୍ସ ଘରଂ ହୋଦି । ତା ଦେହି ମେ ପବେସଂ, ଜାବ ଦେ ଉବଜ୍ଝାଅସ୍ସ ଧମ୍ମଂ ଉପଦଂସାମି । (ଅହୋ ବ୍ରାହ୍ମଣ ! ଆତ୍ମୀୟସ୍ୟ ଏବ ଏତତ୍ ଧର୍ମଭ୍ରାତୁ ଗୃହଂ ଭବତି । ତଦ୍ ଦେହି ମେ ପ୍ରବେଶଂ, ଯାବତ୍ ତବ ଉପାଧ୍ୟାୟସ୍ୟ ଧର୍ମମୁପଦର୍ଶାମି ।)

Digitized by PPRACHIN, SOA

ପାରିଛନ୍ତି । ବିଶେଷତଃ ରାକ୍ଷସର ତାଙ୍କ ଉପରେ ଖୁବ୍ ବିଶ୍ୱାସ । ତାଙ୍କଦ୍ୱାରା ବର୍ତ୍ତମାନ ଏକ ବଡ କାର୍ଯ୍ୟ ସାଧିତ ହୋଇପାରିବ । ଏହି ସମସ୍ତ ଯୋଗୁଁ ଆମ ପକ୍ଷରେ କ୍ଷତିକାରକ କିଛି ନାହିଁ । କେବଳ ଚନ୍ଦ୍ରଗୁପ୍ତ ରାଜ୍ୟର ମୁଖ୍ୟ ଅଙ୍ଗ ହୋଇ ମଧ୍ୟ ମୋ ଉପରେ ରାଜ୍ୟ-ଚାଳନାର ସମସ୍ତ ଦାୟିତ୍ୱ ଦେଇ ଉଦାସୀନ ରହିଛନ୍ତି । ବସ୍ତୁତଃ ଯେଉଁ ରାଜପଣରେ ନିଜକୁ କିଛି କଷ୍ଟ କରିବାକୁ ପଡେ ନାହିଁ, ତାହା ଅତ୍ୟନ୍ତ ସୁଖକର ହୋଇଥାଏ । କାରଣ—

ହସ୍ତୀ ଓ ରଜା ସ୍ୱଭାବତଃ ବଳିଷ୍ଠ ହେଲେ ମଧ୍ୟ ସେମାନଙ୍କୁ ନିଜର ଭୋଗସାମଗ୍ରୀ ନିଜ ଦ୍ୱାରା ଅର୍ଜନ କରିବାକୁ ପଡ଼େ । ତେଣୁ ସେମାନେ ସାଧାରଣତଃ କ୍ଲେଶ ଅନୁଭବ କରନ୍ତି । ୧୬ ॥

(ଯମ-ଚିତ୍ରପଟ ଧରି ଏକ ଚରର ପ୍ରବେଶ)

ଚର— ଯମଙ୍କ ଚରଣେ କର ପ୍ରଣାମ
ଇତର ଦେବଙ୍କ ଠାରେ କି କାମ ?
ଇତର ଦେବଙ୍କ ଭକତ ଜନେ
ନାଶନ୍ତି ଶମନ ନିଷ୍ଠୁର ମନେ । ୧୭ ॥

ଆଉ ମଧ୍ୟ—

ଯମ ବିତରିବେ ଜୀବନ ଯେବେ ହୋଇବେ ପ୍ରୀତ
ସେ ପ୍ରାଣହାରୀଙ୍କ କୃପାରେ ଆମେ ଥାଉଁ ଜୀବିତ । ୧୮ ॥

ଯାଉଛି, ଏହି ଗୃହ ଭିତରେ ପ୍ରବେଶ କରି ଯମପଟ ଦେଖାଇ ଗୀତ ଗାଇବି । (ଯିବାରେ ଲାଗିଲେ)

ଶିଷ୍ୟ— ଭଦ୍ର, ପ୍ରବେଶ କରନାହିଁ ।

ଚର— ହେ ବ୍ରାହ୍ମଣ, ଏ କାହାର ଗୃହ ?

ଶିଷ୍ୟ— ଆମର ଉପାଧ୍ୟାୟ ସ୍ୱନାମଧନ୍ୟ ଆର୍ଯ୍ୟ ଚାଣକ୍ୟଙ୍କର ।

ଚର— (ହସି) ହେ ବ୍ରାହ୍ମଣ, ତା'ହେଲେ ଏ ମୋର ଆତ୍ମୀୟ ଧର୍ମଭାଇଙ୍କ ଘର । ତେଣୁ ମୋତେ ପ୍ରବେଶ କରିବାକୁ ଅନୁମତି ଦିଅ । ମୁଁ ତୁମ ଉପାଧ୍ୟାୟଙ୍କୁ ଧର୍ମ ଉପଦେଶ ଦେବି ।

Digitized by PPRACHIN, SOA

ଶିଷ୍ୟଃ— (ସକ୍ରୋଧମ୍) ଧିଙ୍ ମୂର୍ଖ ! କିଂ ଭବାନ୍ ଅସ୍ମଦୁପାଧ୍ୟାୟାଦପି ଧର୍ମବିତ୍ତରଃ ?

ଚରଃ— ହଂ ହୋ ବହ୍ମଣ ! ମା କୁପ୍ପ । ଣ ହୁ କ୍ଖୁ ସବ୍ବୋ ସବ୍ବଂ ଜାଣାଦି । ତା କିମ୍ପି ଦେ ଉବଜ୍ଝାଓ ଜାଣାଦି, କିମ୍ପି ଅମ୍ହାରିସା ବି ଜାଣନ୍ତି । (ଅହୋ ବ୍ରାହ୍ମଣ ! ମା କୁପ୍ୟ । ନ ହି ଖଲୁ ସର୍ବଃ ସର୍ବଂ ଜାନାତି । ତତ୍ କିମପି ତେ ଉପାଧ୍ୟାୟୋ ଜାନାତି, କିମପି ଅସ୍ମାଦୃଶାଃ ଅପି ଜାନନ୍ତି ।)

ଶିଷ୍ୟଃ— (ସକ୍ରୋଧମ୍) ମୂର୍ଖ ! ସର୍ବଜ୍ଞତାମ୍ ଉପାଧ୍ୟାୟସ୍ୟ ଚୋରୟିତୁମ୍ ଇଚ୍ଛସି ?

ଚରଃ— ହଂ ହୋ ବହ୍ମଣ ! ଜଇ ଦେ ଉବଜ୍ଝାଓ ସବ୍ବଂ ଜାଣାଦି, ଜାଣାଦୁ ଦାବ କସ୍ସ ଚନ୍ଦୋ ଅଣଭିମଦୋ ତ୍ତି । (ଅହୋ ବ୍ରାହ୍ମଣ ! ଯଦି ତବ ଉପାଧ୍ୟାୟଃ ସର୍ବଂ ଜାନାତି, ଜାନାତୁ ତାବତ୍ କସ୍ୟ ଚନ୍ଦ୍ରଃ ଅନଭିମତଃ ଇତି ।)

ଶିଷ୍ୟଃ— ମୂର୍ଖ ! କିମ୍ ଅନେନ ଜ୍ଞାତେନ ଗୁରୋ ର୍ଭବିଷ୍ୟତି ?

ଚରଃ— ହଂ ହୋ ବହ୍ମଣ ! ତୁଅ ଉବଜ୍ଝାଓ ଜ୍ଜେବ ଜାଣିସ୍ସଦି ଜଂ ଇମିଣା ଜାଣିଦେଣ ହୋଦି । ତୁମଂ ଦାବ ଉଜୁଅବୁଦ୍ଧିଆ ଏତ୍ତିଅଂ ଜାଣାସି କମଳାଣଂ ଚନ୍ଦୋ ଅଣଭିମଦୋ ତ୍ତି । ଣେ ପେକ୍ଖ— (ଅହୋ ବ୍ରାହ୍ମଣ ! ତବ ଉପାଧ୍ୟାୟ ଏବ ଜ୍ଞାସ୍ୟତି ଯଦ୍ ଏତେନ ଜ୍ଞାତେନ ଭବତି । ଋଜୁବୁଦ୍ଧିସ୍ତ୍ୱଂ ତାବଦ୍ ଏତାବତ୍ ଜାନାସି, କମଲାନାଂ ଚନ୍ଦ୍ରଃ ଅନଭିମତଃ ଇତି । ନନୁ ପଶ୍ୟ--)

> କମଲାଣଂ ମଣୋହରାଣଂ ବି ରୂଆଦୋ ବିସଂବଅଇ ଶୀଲଂ ।
> ସମ୍ପୁଣ୍ଣମଣ୍ଡଲମ୍ମି ବି ଜାଇଁ ଚନ୍ଦେ ବିରୁଦ୍ଧାଇଁ ॥ ୧୯
> (କମଲାନାଂ ମନୋହରାଣାମପି ରୂପାଦ୍ ବିସଂବଦତି ଶୀଲମ୍ ।
> ସଂପୂର୍ଣ୍ଣମଣ୍ଡଲେଽପି ଯାନି ଚନ୍ଦ୍ରେ ବିରୁଦ୍ଧାନି ॥ ୧୯ ॥)

ଚାଣକ୍ୟଃ- (ଆକର୍ଣ୍ଣ୍ୟ ଆତ୍ମଗତମ୍) ଅହେ ! "ଚନ୍ଦ୍ରଗୁପ୍ତାତ୍ ଅପରକ୍ତାନ୍ ପୁରୁଷାନ୍ ଜାନାମି" ଇତି ଉପକ୍ଷିପ୍ତମ୍ ଅନେନ ।

ଶିଷ୍ୟଃ— ମୂର୍ଖ ! କିମ୍ ଇଦମ୍ ଅସମ୍ବଦ୍ଧମ୍ ଅଭିଧୀୟତେ ?

ଚରଃ— ହଂ ହୋ ବହ୍ମଣ ! ସୁସଂବଦ୍ଧଂ ଜ୍ଜେବ ଏବ୍ବଂ ଭବେ······· ଅହୋ ବ୍ରାହ୍ମଣ ! ସୁସମ୍ବଦ୍ଧମ୍ ଏବ ଭବେତ୍······)

ଶିଷ୍ୟଃ— ଯଦି କିଂ ସ୍ୟାତ୍ ?

ଚରଃ— ଯଦି ସୁଣନ୍ତଂ ଜାଣନ୍ତଂ ଚ ଜଣଂ ଲହେ । (ଯଦି ଶୃଣ୍ୱନ୍ତଂ ଜାନନ୍ତଂ ଚ ଜନଂ ଲଭେ)

ଚାଣକ୍ୟଃ- (ବିଲୋକ୍ୟ) ଭଦ୍ର ! ସୁଖଂ ପ୍ରବିଶ, ଲପ୍ସ୍ୟସେ ଶ୍ରୋତାରଂ ଜ୍ଞାତାରଂ ଚ ।

ଚରଃ— (ପ୍ରବିଶ୍ୟ ଉପସୃତ୍ୟ ଚ) ଏସୋ ପବିସାମି । ଜେଦୁ ଜେଦୁ ଅଜ୍ଜୋ । (ଏଷ ପ୍ରବିଶାମି । ଜୟତୁ ଜୟତୁ ଆର୍ଯ୍ୟଃ ।)

Digitized by PPRACHIN, SOA

ଶିଷ୍ୟ— (କ୍ରୋଧରେ) ମୂର୍ଖ, ତୁମେ କ'ଣ ଆମ ଉପାଧ୍ୟାୟଙ୍କଠାରୁ ଅଧିକ ଧର୍ମଜ୍ଞ ?

ଚର— ହେ ବ୍ରାହ୍ମଣ, ରଗିଯାଅ ନାହିଁ । ସମସ୍ତେ ସବୁ କଥା ଜାଣନ୍ତି ନାହିଁ । ତୁମ ଉପାଧ୍ୟାୟ କିଛି ଜାଣନ୍ତି, ଆମ ଭଳି ଲୋକ ମଧ୍ୟ କିଛି ଜାଣନ୍ତି ।

ଶିଷ୍ୟ— ମୂର୍ଖ, ଆମ ଉପାଧ୍ୟାୟଙ୍କ ସର୍ବଜ୍ଞତା ଚୋରି କରିବାକୁ ଚାହୁଁଛ !

ଚର— ହେ ବ୍ରାହ୍ମଣ, ଯଦି ତୁମ ଉପାଧ୍ୟାୟ ସବୁ ଜାଣନ୍ତି, ତେବେ ପଚାରିଲ ଚନ୍ଦ୍ର କାହାର ଅବାଞ୍ଛିତ, ସେ ଜାଣନ୍ତି କି ?

ଶିଷ୍ୟ— ମୂର୍ଖ, ଏହା ଜାଣିଲେ ଗୁରୁଙ୍କର କି ଲାଭ ହେବ ?

ଚର— ତୁମର ଉପାଧ୍ୟାୟ ହିଁ ଜାଣିବେ, ଏଥିରେ କି ଲାଭ ? ତୁମେ ସାଧାସିଧା ଲୋକ । ତୁମେ କେବଳ ଏତିକି ଜାଣ ଯେ, ଚନ୍ଦ୍ର ପଦ୍ମକୁଳର ଅବାଞ୍ଛିତ । ତେବେ ଦେଖ—

ପଦ୍ମପୁଷ୍ପଗୁଡ଼ିକ ସୁନ୍ଦର ହେଲେ ମଧ୍ୟ ସେମାନଙ୍କର ସୌନ୍ଦର୍ଯ୍ୟ ସହିତ ଗୁଣ ଖାପ୍ ଖାଏ ନାହିଁ । କାରଣ, ସେମାନେ ପୂର୍ଣ୍ଣମଣ୍ଡଳ ଚନ୍ଦ୍ରର ବିରୋଧୀ । ୧୯ ।।

ଚାଣକ୍ୟ— (ଶୁଣିପାରି ସ୍ୱଗତ) ଓଃ ! ଚନ୍ଦ୍ରଗୁପ୍ତର ବିରୋଧୀ ବ୍ୟକ୍ତିମାନଙ୍କୁ ସେ ଜାଣିଛି ବୋଲି ସୂଚନା ଦେଉଛି ।

ଶିଷ୍ୟ— ମୂର୍ଖ, ଏ କଅଣ ଗୁଡ଼ାଏ ଅସମ୍ପର୍କ କଥା କହୁଛ ?

ଚର— ଏହା ଖୁବ୍ ସୁସମ୍ପର୍କ ହେବ .... ।

ଶିଷ୍ୟ— କିପରି ?

ଚର— ଯଦି ପ୍ରକୃତ ଶ୍ରୋତା ଓ ଜ୍ଞାତା ମିଳିବେ ।

ଚାଣକ୍ୟ— ଭଦ୍ର, ଅବାଧରେ ପ୍ରବେଶ କର । ଶ୍ରୋତାଙ୍କୁ ଓ ଜ୍ଞାତାଙ୍କୁ ପାଇବ ।

ଚର— ଏଇ ଯାଉଛି । (ପ୍ରବେଶ କରି ଓ ନିକଟକୁ ଯାଇ) ଆର୍ଯ୍ୟଙ୍କର ଜୟ ହେଉ ।

Digitized by PPRACHIN, SOA

ଚାଣକ୍ୟଃ- (ବିଲୋକ୍ୟ ଆତ୍ମଗତମ୍) ଆଃ ଜ୍ଞାତମ୍. ଅୟେ ! କଥମୟଂ ପ୍ରକୃତିଚିତ୍ତ-ପରିଜ୍ଞାନେ ନିଯୁକ୍ତୋ ନିପୁଣକଃ । (ପ୍ରକାଶମ୍) ଭଦ୍ର ! ସ୍ୱାଗତମ୍ । ଉପବିଶ୍ୟତାମ୍ ।

ଚରଃ— ଜଂ ଅଜ୍ଜୋ ଆଣବେଦି ତ୍ତି (ଯଦାର୍ଯ୍ୟଃ ଆଜ୍ଞାପୟତୀତି) (ଭୂମୌ ଉପବିଶତି)

ଚାଣକ୍ୟଃ- ଭଦ୍ର, ବର୍ଣ୍ଣୟ ଇଦାନୀଂ ସ୍ୱନିୟୋଗ-ବୃତ୍ତାନ୍ତମ୍ । ଅପି ବୃଷଲ ମନୁରକ୍ତାଃ ପ୍ରକୃତୟଃ ?

ଚରଃ— ଅଧ ଇଂ ? ଅଜ୍ଜେଣ କ୍ଖୁ ତେସୁ ତେସୁ ବିରଅକାରଣେସୁ ପରିହରିଦେସୁ ସୁଗହୀଦଣାମଧେଏ ଦେଏ ଚନ୍ଦଉତ୍ତେ ଦଢଂ ଅନୁରତ୍ତାଓ ପଇଦିଓ । କିନ୍ତୁ ଉଣ ସନ୍ତି ଏତ୍ଥ ଣଅରେ ଅମଚ୍ଚରକ୍ଖସେଣ ସହ ପଢମଂ ସମୁପ୍ପଣ୍ଣ-ସିଣେହବହୁମାଣା ତିଣ୍ଣି ପୁରିସା, ଜେ ଦେଅସ୍ସ ଚନ୍ଦସିରିଣୋ ସିରିଂ ଣ ସହନ୍ତି । (ଅଥ କିମ୍ ? ଆର୍ଯ୍ୟେଣ ଖଲୁ ତେଷୁ ତେଷୁ ବିରାଗକାରଣେଷୁ ପରିହୃତେଷୁ ସୁଗୃହୀତନାମଧେୟେ ଦେବେ ଚନ୍ଦ୍ରଗୁପ୍ତେ ଦୃଢମନୁରକ୍ତାଃ ପ୍ରକୃତୟଃ । କିନ୍ତୁ ପୁନଃ ସନ୍ତି ଅତ୍ର ନଗରେ ଅମାତ୍ୟରାକ୍ଷସେନ ସହ ପ୍ରଥମଂ ସମୁତ୍ପନ୍ନ ସ୍ନେହବହୁମାନାଃ ତ୍ରୟଃ ପୁରୁଷାଃ, ଯେ ଦେବସ୍ୟ ଚନ୍ଦ୍ରଶ୍ରିୟଃ ଶ୍ରିୟଂ ନ ସହନ୍ତେ ।)

ଚାଣକ୍ୟଃ- (ସକ୍ରୋଧମ୍) ନନୁ ବକ୍ତବ୍ୟଂ ସ୍ୱଜୀବିତଂ ନ ସହନ୍ତେ ଇତି । ଭଦ୍ର, ଅପି ଜ୍ଞାୟନ୍ତେ ନାମଧେୟତଃ ?

ଚରଃ— କଧଂ ଅଜାଣିଅଣାମଧେଆ ଅଜ୍ଜସ୍ସ ଣିବେଦୀଅନ୍ତି ? (କଥମ୍ ଅଜ୍ଞାତ-ନାମଧେୟାଃ ଆର୍ଯ୍ୟସ୍ୟ ନିବେଦ୍ୟନ୍ତେ ?)

ଚାଣକ୍ୟଃ- ତେନ ହି ଶ୍ରୋତୁମିଚ୍ଛାମି ।

ଚରଃ— ସୁଣାଦୁ ଅଜ୍ଜୋ, ପଢମଂ ଦାବ ଅଜ୍ଜସ୍ସ ରିପୁପକ୍ଖେ ବଦ୍ଧପକ୍ଖବାଦୀ କ୍ଖପଣଓ । (ଶୃଣୋତୁ ଆର୍ଯ୍ୟଃ, ପ୍ରଥମଂ ତାବଦ୍ ଆର୍ଯ୍ୟସ୍ୟ ରିପୁପକ୍ଷେ ବଦ୍ଧ-ପକ୍ଷପାତଃ କ୍ଷପଣକଃ ।)

ଚାଣକ୍ୟଃ- (ସହର୍ଷମାତ୍ମଗତମ୍) ଅସ୍ମଦ୍ରିପୁପକ୍ଷେ ବଦ୍ଧପକ୍ଷପାତଃ କ୍ଷପଣକଃ ! (ପ୍ରକାଶମ୍) କିଂନାମଧେୟୋ ହି ସଃ ?

ଚରଃ— ଜୀବସିଦ୍ଧି ଣାମ ।

ଚାଣକ୍ୟଃ- (ଅସ୍ମଦ୍ରିପୁପକ୍ଷେ ବଦ୍ଧପକ୍ଷପାତଃ କ୍ଷପଣକଃ, ଇତି କଥମ୍ ଅବଗତଂ ଭବତା ?

ଚରଃ— ଜେଣ ସା ଅମଚ୍ଚରକ୍ଖସେଣ ପଉତ୍ତା ବିସକଣ୍ଣଆ ଦେଏ ପବ୍ବଦେସ୍ସରେ ସମାବେସିଦା । (ଯେନ ସା ଅମାତ୍ୟରାକ୍ଷସେନ ପ୍ରଯୁକ୍ତା ବିଷକନ୍ୟକା ଦେବେ ପର୍ବତେଶ୍ୱରେ ସମାବେଶିତା ।)

Digitized by PPRACHIN, SOA

ଗ୍ଣକ୍ୟ— (ଗୁହିଁ ସ୍ୱଗତ) ହଁ, ଜାଣିଲି । ଏ ନିପୁଣକ । ପ୍ରଜାମାନଙ୍କର ମତିଗତି ଜାଣିବା ପାଇଁ ମୁଁ ଏହାକୁ ନିଯୁକ୍ତ କରିଥିଲି । (ପ୍ରକାଶ୍ୟରେ) ସ୍ୱାଗତ ଭଦ୍ର, ବସ ।

ଚର— ଆର୍ଯ୍ୟଙ୍କର ଯ ହା ଆଜ୍ଞା । (ତଳେ ବସିଲା)

ଗ୍ଣକ୍ୟ— ଭଦ୍ର, ବର୍ତ୍ତମାନ ତୁମ କାର୍ଯ୍ୟର ବୃତ୍ତାନ୍ତ ବର୍ଣ୍ଣନ କର । ପ୍ରଜାମାନେ କ'ଣ ଚନ୍ଦ୍ରଗୁପ୍ତଙ୍କ ପ୍ରତି ଅନୁରକ୍ତ ଅଛନ୍ତି ?

ଚର— ହଁ । ଆପଣ ସେମାନଙ୍କ ବିରାଗର କାରଣ ଗୁଡ଼ିକ ଦୂର କରିଦେଇଥିବା ଯୋଗୁଁ ପ୍ରାତଃସ୍ମରଣୀୟ ଚନ୍ଦ୍ରଗୁପ୍ତଙ୍କ ପ୍ରତି ସେମାନେ ଅନୁରକ୍ତ ଅଛନ୍ତି । କିନ୍ତୁ ଏହି ନଗରରେ କେବଳ ତିନିଜଣ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଅମାତ୍ୟ ରାକ୍ଷସଙ୍କ ପ୍ରତି ଖୁବ୍ ସ୍ନେହ ସମ୍ମାନ ପୋଷଣ କରନ୍ତି ଏବଂ ମହାରାଜ ଚନ୍ଦ୍ରଗୁପ୍ତଙ୍କର ରାଜଲକ୍ଷ୍ମୀକୁ ସହି ପାରୁନାହାନ୍ତି ।

ଗ୍ଣକ୍ୟ— (କ୍ରୋଧରେ) ଏଇଆ କୁହ ଯେ, ସେମାନେ ନିଜ ଜୀବନକୁ ସହି ପାରୁନାହାନ୍ତି । ଭଦ୍ର, ସେମାନଙ୍କର ନାମ ଜାଣ ?

ଚର— ନାମ ନ ଜାଣି ମୁଁ କିପରି ଆପଣଙ୍କୁ କହନ୍ତି ?

ଗ୍ଣକ୍ୟ— ତାହାହେଲେ ମୁଁ ଶୁଣିବାକୁ ଗ୍ହେଁ ।

ଚର— ଶୁଣନ୍ତୁ ଆର୍ଯ୍ୟ । ପ୍ରଥମ ହେଉଛି ଜଣେ କ୍ଷପଣକ । ସେ ଆମ ଶତ୍ରୁଙ୍କର ପୂର୍ଣ୍ଣ ସପକ୍ଷ ।

ଗ୍ଣକ୍ୟ— (ଆନନ୍ଦରେ ସ୍ୱଗତ ✳) କ୍ଷପଣକ ଆମ ଶତ୍ରୁଙ୍କ ସପକ୍ଷ ! (ପ୍ରକାଶ୍ୟରେ) ତାର ନାମ କଅଣ ?

ଚର— ତାର ନାମ ଜୀବସିଦ୍ଧି ।

ଗ୍ଣକ୍ୟ— ସେହି କ୍ଷପଣକ ଆମ ଶତ୍ରୁଙ୍କ ସପକ୍ଷ, ଏହା ତୁମେ କିପରି ଜାଣିଲ ?

✳ ଆନନ୍ଦର କାରଣ ଏହି ଯେ, ବିଷ୍ଣୁଶର୍ମା କ୍ଷପଣକବେଶ ଏବଂ 'ଜୀବସିଦ୍ଧି' ନାମଧାରଣ କରି ଶତ୍ରୁମାନଙ୍କର ବିଶ୍ୱାସ-ଭଜନ ହୋଇଛି, ଏ କଥା ଗ୍ଣକ୍ୟଙ୍କର ନିଜ ଚର ମଧ୍ୟ ଜାଣିନାହାନ୍ତି ।

Digitized by PPRACHIN, SOA

ଚାଣକ୍ୟଃ- (ସ୍ୱଗତମ୍) ଜ୍ଞାବସିଦ୍ଧିରେବ ତାବତ୍ ଅସ୍ମତ୍ପ୍ରଣିଧେଃ । (ପ୍ରକାଶମ୍) ଭଦ୍ର, ଅଥ ଅପରଃ କଃ ?

ଚରଃ— ଅଜ୍ଜ, ଅବରୋ କ୍‌ଖୁ ଅମଚ୍ଚ-ରକ୍‌ଖସସ୍ସ ପିଅବଅସ୍‌ସୋ କାଅତ୍‌ଥୋ ସଅଡଦାସୋ ଣାମ । (ଆର୍ଯ୍ୟ, ଅପରଃ ଖଳୁ ଅମାତ୍ୟରାକ୍ଷସସ୍ୟ ପ୍ରିୟବୟସ୍ୟଃ କାୟସ୍ଥଃ ଶକଟଦାସୋ ନାମ ।)

ଚାଣକ୍ୟଃ- (ବିହସ୍ୟ ଆତ୍ମଗତମ୍) କାୟସ୍ଥଃ ଇତି ଲଘ୍ୱୀ ମାତ୍ରା । ତଥାପି ନ ଯୁକ୍ତଂ ପ୍ରାକୃତମ୍ ଅପି ଶତ୍ରୁ ମବଜ୍ଞାତୁମ୍ । ତସ୍ମିନ୍ ମୟା ସୁହୃଚ୍ଛଦ୍ମନା ସିଦ୍ଧାର୍ଥକୋ ନିକ୍ଷିପ୍ତଃ । (ପ୍ରକାଶମ୍) ଭଦ୍ର, ତୃତୀୟଂ ଶ୍ରୋତୁମ୍ ଇଚ୍ଛାମି ।

ଚରଃ— ତଦୀଓ ବ ଅମଚ୍ଚରକ୍‌ଖସସ୍ସ ଦୁତ୍ତିଅଂ ବିଅ ହିଅଅଂ ପୁପ୍‌ଫଉରବାସୀ ମଣିଆରସେଟ୍‌ଠୀ ଚନ୍ଦଣଦାସୋ ଣାମ, ଜସ୍‌ସ ଗେହେ କଲତ୍ତଂ ଣାସୀକଦୁଅ ଅମଚ୍ଚ-ରକ୍‌ଖସ୍‌ସୋ ଣଅରାଦୋ ଅବକ୍‌କନ୍ତୋ । (ତୃତୀୟୋଽପି ଅମାତ୍ୟରାକ୍ଷସସ୍ୟ ଦ୍ୱିତୀୟମ୍ ଇବ ହୃଦୟଂ ପୁଷ୍ପପୁରବାସୀ ମଣିକାରଶ୍ରେଷ୍ଠୀ ଚନ୍ଦନଦାସୋ ନାମ, ଯସ୍ୟ ଗେହେ କଲତ୍ରଂ ନ୍ୟାସୀକୃତ୍ୟ ଅମାତ୍ୟରାକ୍ଷସୋ ନଗରାଦ୍ ଅପକ୍ରାନ୍ତଃ ।

ଚାଣକ୍ୟଃ- (ଆତ୍ମଗତମ୍) ନୂନଂ ସୁହୃତ୍ତମଃ । ନ ହି ଅନାତ୍ମସଦୃଶେଷୁ ରାକ୍ଷସଃ କଲତ୍ରଂ ନ୍ୟାସୀକରିଷ୍ୟତି । (ପ୍ରକାଶମ୍) ଭଦ୍ର, ଚନ୍ଦନଦାସସ୍ୟ ଗୃହେ ରାକ୍ଷସେନ କଲତ୍ରଂ ନ୍ୟାସୀକୃତମ୍ ଇତି କଥମ୍ ଅବଗମ୍ୟତେ ଭବତା ?

ଚରଃ— ଅଜ୍ଜ ! ଅଅଂ ଅଙ୍ଗୁଲୀଅମୁଦ୍ଦା ଅଜ୍ଜଂ ଅବଗଦତ୍ଥଂ କରିସ୍‌ସଦି । (ଆର୍ଯ୍ୟ ! ଇୟମ୍ ଅଙ୍ଗୁଳିମୁଦ୍ରା ଆର୍ଯ୍ୟମ୍ ଅବଗତାର୍ଥଂ କରିଷ୍ୟତି । (ଇତି ମୁଦ୍ରାମ୍ ଅର୍ପୟତି ।)

ଚାଣକ୍ୟଃ- (ମୁଦ୍ରାମ୍ ଅବଲୋକ୍ୟ ଗୃହୀତ୍ୱା ରାକ୍ଷସସ୍ୟ ନାମ ବାଚୟିତ୍ୱା ଚ ସହର୍ଷମ୍) ନନୁ ରାକ୍ଷସ ଏବ ଅସ୍ମଦଙ୍ଗୁଲିପ୍ରଣୟୀ ସଂବୃତ୍ତ ଇତି । (ପ୍ରକାଶମ୍) ଭଦ୍ର ! ଅଙ୍ଗୁଳିମୁଦ୍ରାଧିଗମଂ ବିସ୍ତରେଣ ଶ୍ରୋତୁମ୍ ଇଚ୍ଛାମି ।

ଚରଃ— ସୁଣାଦୁ ଅଜ୍ଜୋ । ଅତ୍ଥି ଦାବ ଅହଂ ଅଜ୍ଜେଣ ପଉରଜଣଚରିଦଦଂସଣେ ପରସ୍‌ସ ଅଣାସଙ୍କଣୀଏଣ ଇମିଣା ଜମପଡେଣ ଆହିଣ୍ଡନ୍ତୋ ମଣିଆରସେଟ୍‌ଠିଣୋ ଚନ୍ଦଣଦାସସ୍‌ସ ଘରଂ ପବିଟ୍‌ଠୋ ମ୍ହି, ତହିଂ ଜମପଡଅଂ ପସାରିଅ ପଉତ୍ତୋମ୍ହି ଗୀଦାଇଂ ଗାଇଦୁଂ—(ଶୃଣୋତୁ ଆର୍ଯ୍ୟଃ (ଅସ୍ତି ତାବତ୍ ଅହଂ ଆର୍ଯ୍ୟେଣ ପୌରଜନଚରିତ୍ରଦର୍ଶନେ ନିଯୁକ୍ତଃ । ତତଃ ପରଗୃହ ପ୍ରବେଶେ ପରସ୍ୟ ଅନାଶଙ୍କନୀୟେନ ଅନେନ ଯମପଟେନ ଆହିଣ୍ଡମାନୋ ମଣିକାରଶ୍ରେଷ୍ଠିନଃ ଚନ୍ଦନଦାସସ୍ୟ ଗୃହଂ ପ୍ରବିଷ୍ଟଃ ଅସ୍ମି । ତତ୍ର ଯମପଟଂ ପ୍ରସାର୍ଯ୍ୟ ପ୍ରବୃତ୍ତୋଽସ୍ମି ଗୀତାନି ଗାତୁମ୍..........)

Digitized by PPRACHIN, SOA

ଚର— ଅମାତ୍ୟ ରାକ୍ଷସ ଯେଉଁ ବିଷକନ୍ୟାର ବ୍ୟବସ୍ଥା କରିଥିଲା, ତାକୁ ନେଇ ଯେ ରାଜା ପର୍ବତେଶ୍ୱରଙ୍କ ସହିତ ମିଳିତ କରାଇଥିଲା, ସେ ହେଉଛି ସେହି ଜୀବସିଦ୍ଧି ।

ଚାଣକ୍ୟ— (ସ୍ୱଗତ) ସେହି ଜୀବସିଦ୍ଧି ହେଉଛି ମୋ'ରି ଚର । (ପ୍ରକାଶ୍ୟରେ) ଭଦ୍ର, ଦ୍ୱିତୀୟ ବ୍ୟକ୍ତି କିଏ ?

ଚର— ଦ୍ୱିତୀୟ ବ୍ୟକ୍ତି ହେଉଛି ଅମାତ୍ୟ ରାକ୍ଷସର ପ୍ରିୟବନ୍ଧୁ ଶକଟ ଦାସ ନାମକ କାୟସ୍ଥ ।

ଚାଣକ୍ୟ— (ହସି ସ୍ୱଗତ) କାୟସ୍ଥ ବା କେତେ ମାତ୍ର ? ତଥାପି କ୍ଷୁଦ୍ର ଶତ୍ରୁକୁ ମଧ୍ୟ ହେୟ ମନେ କରିବା ଅନୁଚିତ । ମୁଁ ସିଦ୍ଧାର୍ଥକକୁ ତା' ନିକଟରେ କପଟବନ୍ଧୁ ରୂପେ ରଖାଇଛି । (ପ୍ରକାଶ୍ୟରେ) ଭଦ୍ର, ତୃତୀୟ ବ୍ୟକ୍ତି କିଏ, ମୁଁ ଶୁଣିବାକୁ ଚାହେଁ ।

ଚର— ତୃତୀୟ ହେଉଛି ପୁଷ୍ପପୁର (ପାଟଳିପୁତ୍ର) ନିବାସୀ ଚନ୍ଦନଦାସ ନାମକ ଜଣେ ରତ୍ନ ବ୍ୟବସାୟୀ । ସେ ଅମାତ୍ୟ ରାକ୍ଷସର ଦ୍ୱିତୀୟ ହୃଦୟ ଭଳି । ତା' ଘରେ ଅମାତ୍ୟ ନିଜର ପରିବାର ରଖି ନଗରରୁ ଚାଲିଯାଇଛି ।

ଚାଣକ୍ୟ— (ସ୍ୱଗତ) ବୋଧ ହୁଏ ସେ ତା'ର ପରମବନ୍ଧୁ । ନିଜର ଅନୁରୂପ ବନ୍ଧୁ ନ ହୋଇଥିଲେ ରାକ୍ଷସ ତା' ଗୃହରେ ପରିବାର ରଖି ନ ଥାନ୍ତା । (ପ୍ରକାଶ୍ୟରେ) ଚନ୍ଦନଦାସର ଗୃହରେ ରାକ୍ଷସର ପରିବାର ରହିଛନ୍ତି ବୋଲି ତୁମେ କିପରି ଜାଣିଲ

ଚର— ଆର୍ଯ୍ୟ, ଏଇ ଅଙ୍ଗୁଳିମୁଦିଟି ଆପଣଙ୍କୁ ସମସ୍ତ ଅବଗତ କରାଇବ । (ମୁଦି ଦେଲା)

ଚାଣକ୍ୟ— (ମୁଦିଆଡେ ଚାହିଁ ତାହା ନେଲେ ଏବଂ ସେଥିରେ ରାକ୍ଷସର ନାମ ପଢି ଆନନ୍ଦରେ ସ୍ୱଗତ) ମୁଁ କହିପାରେଁ, ରାକ୍ଷସ ମୋ ହାତକୁ ଆସିଗଲା । (ପ୍ରକାଶ୍ୟରେ) ଭଦ୍ର, ଏହି ମୁଦିଟି କିପରି ପାଇଲ, ତାହା ମୁଁ ଆମୂଳଚୂଳ ଶୁଣିବାକୁ ଚାହେଁ ।

ଚର— ଶୁଣନ୍ତୁ ଆର୍ଯ୍ୟ । ଆପଣ ତ ମୋତେ ନଗରବାସୀମାନଙ୍କର ମତିଗତି ଜାଣିବାକୁ ନିଯୁକ୍ତ କରିଥିଲେ । ଯମପଟ ଦେଖାଇ ପରଗୃହରେ ପ୍ରବେଶ କଲେ କାହାରି ସନ୍ଦେହ କରିବାର ଅବକାଶ ନ ଥାଏ ; ତେଣୁ ଯମପଟ ଧରି ବୁଲୁବୁଲୁ ମୁଁ ରତ୍ନବ୍ୟବସାୟୀ ଶେଠ ଚନ୍ଦନଦାସର ଘରକୁ ଗଲି । ସେଠାରେ ଯମପଟ ଦେଖାଇ ଗୀତ ଗାଇବାକୁ ଆରମ୍ଭ କଲି ।

Digitized by PPRACHIN, SOA

ଚାଣକ୍ୟଃ- ତତସ୍ତତଃ ?

ଚରଃ— ତଦୋଏକ୍‌କାଦୋ ଆବରକାଦୋ ପଞ୍ଚବରିସଦେସୀଅ ପ୍‌ପିଅଦଂସଣୀଅ-ସରୀରାକଦୀ କୁମାରଓ ବାଲଜଣ ସୁଲହକୋଦୂହଲୋପ୍‌ଫୁଲ୍ଲଣଅଣଜୁଅଲଓ ଣିକ୍‌କମିଦୁଂ ପଉତ୍ତୋ । ତଦୋ ହା 'ଣିଗ୍‌ଗଦୋ ହା ଣିଗ୍‌ଗଦୋ' ତ୍ତି ସଂକାପରିଗ୍‌ଗହଣିଭୂଦ ଗୁରୁଓ ତସ୍‌ସ ଜ୍ଜେବ ଆବରକସସ ଅବ୍‌ଭନ୍ତରେ ଇତ୍ଥିଆଜଣସ୍‌ସ ଉତ୍ଥିଦୋ ମହନ୍ତୋ କଳଅଳୋ । ତଦୋ ଇସିଦୁଆର-ଦେଶଦାବିଦମୁହୀଏ ଏକାଏ ଇତ୍ଥିଆଏ ସୋ କୁମାରଓ ଣିକ୍‌କମନ୍ତୋ ଜ୍ଜେବ ଣିବ୍‌ଭଚ୍ଛିଅ ଅବଲମ୍ବିଦୋ କୋମଲାଏ ବାହୁଲଦାଏ । ତସ୍‌ସା ଅ କୁମାର-ସଂରୋହ-ସଂଭମପ୍‌ପଚଳିଦଙ୍ଗୁଳିଦୋ କରାଦୋ ପୁରିସଙ୍ଗୁଳିପରିଣାହପ୍‌ପ-ମାଣଘଡ଼ିଆ, ତାଏ ଇତ୍ଥିଆଏ ଅଣବବୁଦ୍ଧନ୍ତ ଜ୍ଜେବ ମମ ଚଲଣୋପାସଂ ସମାଗଚ୍ଛିଅ ପଣାମଣିହୁଆ ଣବବହୂ ବ୍ବ ଣିଚ୍ଚଳା ସଂବୁତ୍ତା । ମମ ବି ଅମଚ୍ଚରକ୍‌ଖସସ୍‌ସ ଣାମଂକଦେ ତ୍ତି ଅଜ୍ଜସ୍‌ସ ପାଦମୂଲଂ ପବ୍ବାଦ୍ଧା । ତା ଏସୋ ଇମାଏ ମୁଦ୍ଦାଏ ଆଗମୋ ତ୍ତି । (ତତଶ୍ଚ ଏକସ୍ମାତ୍ ଆବରକାତ୍ ପଞ୍ଚବର୍ଷ-ଦେଶୀୟଃ ପ୍ରିୟଦର୍ଶନୀୟଶରୀରାକୃତିଃ କୁମାରକୋ ବାଲଜନସୁଲଭ-କୌତୂହଲୋତ୍ଫୁଲ୍ଲନୟନଯୁଗଲକୋ ନିଷ୍କ୍ରମିତୁଂ ପ୍ରବୃତ୍ତଃ । ତତଃ 'ହା ନିର୍ଗତଃ ହା ନିର୍ଗତଃ' ଇତି ଶଙ୍କାପରିଗ୍ରହନିଭୃତଗୁରୁକଃ ତସ୍ୟ ଏବ ଆବରକସ୍ୟା-ଭ୍ୟନ୍ତରେ ସ୍ତ୍ରୀଜନସ୍ୟ ଉତ୍ଥିତୋ ମହାନ୍ କଳକଳଃ । ତତ ଈଷଦ୍-ଦ୍ୱାରଦେଶଦାର୍ପିତମୁଖ୍ୟା ଏକୟା ସ୍ତ୍ରିୟା ସ କୁମାରକୋ ନିଷ୍କ୍ରାମନ୍ ଏବ ନିର୍ଭର୍ତ୍ସ୍ୟ ଅବଲମ୍ବିତଃ କୋମଲୟା ବାହୁଲତୟା । ତସ୍ୟାଶ୍ଚ କୁମାର-ସଂରୋଧସଂଭ୍ରମପ୍ରଚଳିତାଙ୍ଗୁଲେଃ କରାତ୍ ପୁରୁଷାଙ୍ଗୁଳିପରିଣାହ-ପ୍ରମାଣ-ଘଟିତା ବିଗଳିତା ଇୟମ୍ ଅଙ୍ଗୁଳିମୁଦ୍ରିକା ଦେହଲୀବନ୍ଧେ ନିପତିତା, ତୟା ସ୍ତ୍ରିୟା- ଅନବବୁଧ୍ୟମାନା ଏବ ମମ ଚରଣପାର୍ଶ୍ୱଂ ସମାଗତ୍ୟ ପ୍ରଣାମନିଭୃତା ନବବଧୂରିବ ନିଶ୍ଚଳା ସଂବୃତ୍ତା । ମୟାଽପି ଅମାତ୍ୟରାକ୍ଷସସ୍ୟ ନାମାଙ୍କିତା ଇତି ଆର୍ଯ୍ୟସ୍ୟ ପାଦମୂଲଂ ପ୍ରାପିତା । ତସ୍ମାତ୍ ଏଷୋଽସ୍ୟା ମୁଦ୍ରାୟା ଆଗମ ଇତି ।)

ଚାଣକ୍ୟଃ- ଭଦ୍ର, ଶ୍ରୁତମ୍ । ଅପସର । ନ ଚିରାତ୍ ଅସ୍ୟ ପରିଶ୍ରମସ୍ୟ ଅନୁରୂପଂ ଫଲମଧିଗମିଷ୍ୟସି ।

ଚରଃ— ଜଂ ଅଜ୍ଜୋ ଆଣବେଦ୍ଦି ତ୍ତି । (ଯଦ୍ ଆର୍ଯ୍ୟ ଆଜ୍ଞାପୟତି ଇତି) (ଇତି ନିଷ୍କ୍ରାନ୍ତଃ)

ଚାଣକ୍ୟଃ- ଶାର୍ଙ୍ଗରବ ! ଶାର୍ଙ୍ଗରବ !

ଶିଷ୍ୟଃ— (ପ୍ରବିଶ୍ୟ) ଉପାଧ୍ୟାୟ ! ଆଜ୍ଞାପୟ ।

ଚାଣକ୍ୟଃ- ବତ୍ସ ! ମସୀଭାଜନଂ ପତ୍ରଞ୍ଚ ଆନୟ ।

Digitized by PPRACHIN, SOA

ଚାଣକ୍ୟ—— ତା'ପରେ ?

ଚର -- ତା'ପରେ ଏକ ପରଦା ଭିତରୁ ପାଞ୍ଚ ବର୍ଷର ଅତିସୁନ୍ଦର ପୁଅଟିଏ ବାହାରି ଆସୁଥିଲା । ଶିଶୁସୁଲଭ କୌତୂହଳରେ ତା'ର ଆଖିଯୋଡିକ ଉତ୍‌ଫୁଲ୍ଲ ହୋଇ ଉଠୁଥିଲା । ସଙ୍ଗେ ସଙ୍ଗେ ପରଦା ଭିତରେ ଥିବା ସ୍ତ୍ରୀ-ମାନଙ୍କ ମଧ୍ୟରେ "ଆହା ! ବାହାରକୁ ଚାଲିଗଲା ! ବାହାରକୁ ଚାଲିଗଲା !" ଏହିପରି ଆଶଙ୍କାଗମ୍ଭୀର ଏକ କୋଳାହଳ ଉଠିଲା । ତା'ପରେ ଜଣେ ସ୍ତ୍ରୀ ଦ୍ୱାରଦେଶରୁ ଅଳ୍ପ ମୁହଁ କାଢି ପିଲାଟି ବାହାରି ଯାଉଥିବା ଅବସ୍ଥାରେ ତାକୁ ତିରସ୍କାର କରି କୋମଳ ବାହୁଲତାରେ ଧରିନେଲା । ତାକୁ ଟଣାଓଟରା କଲାବେଳେ ସେହି ସ୍ତ୍ରୀର ହାତର ଅଙ୍ଗୁଳିଗୁଡ଼ିକ ସଂଚାଳିତ ହେବା ଫଳରେ ପୁରୁଷ ହାତ ଅଙ୍ଗୁଳିମାପରେ ନିର୍ମିତ ମୁଦିଟିଏ ତାର ଅଜଣାରେ ଅଙ୍ଗୁଳିରୁ ଖସି, କୁଳବଧୂଟିଏ ନୀରବରେ ପ୍ରଣାମ କଲାପରି ମୋ ପାଦ ନିକଟରେ ଆସି ପଡ଼ିଲା । ମୁଁ ଏଥିରେ ଅମାତ୍ୟ ରାକ୍ଷସଙ୍କର ନାମ ଅଙ୍କିତ ହୋଇଥିବାର ଦେଖି ଆପଣଙ୍କ ଚରଣ ତଳକୁ ଆଣିଛି । ତେଣୁ ଏହିପରି ଭାବରେ ମୁଦିଟି ମିଳିଅଛି ।

ଚାଣକ୍ୟ-- ଭଦ୍ର, ଶୁଣିଲି । ଯାଅ, ଅଚିରେ ଏହି ପରିଶ୍ରମର ଉପଯୁକ୍ତ ଫଳ ପାଇବ ।

ଚର-- ଯଥାଜ୍ଞା ଆର୍ଯ୍ୟ । (ଚାଲିଗଲା)

ଚାଣକ୍ୟ – ଶାର୍ଙ୍ଗରବ, ଶାର୍ଙ୍ଗରବ ।

ଶିଷ୍ୟ-— (ପ୍ରବେଶ କରି) ଉପାଧ୍ୟାୟ, ଆଜ୍ଞା ଦିଅନ୍ତୁ ।

ଚାଣକ୍ୟ— ବତ୍ସ, କାଳିପାତ୍ର ଏବଂ ପତ୍ର ଆଣ ।

Digitized by PPRACHIN, SOA

ଶିଷ୍ୟଃ— ଯଦାଜ୍ଞାପୟତି ଉପାଧ୍ୟାୟଃ । (ଇତି ନିଷ୍କ୍ରମ୍ୟ ପୁନଃ ପ୍ରବିଶ୍ୟ) ଉପାଧ୍ୟାୟ ! ଇଦଂ ମସୀଭାଜନଂ ପତ୍ରଞ୍ଚ ।

ଚାଣକ୍ୟଃ- (ଗୃହୀତ୍ୱା ସ୍ୱଗତମ୍) କିମତ୍ର ଲିଖାମି ? ଅନେନ ଖଳୁ ଲେଖେନ ରାକ୍ଷସୋ ଜେତବ୍ୟଃ ।

ପ୍ରତିହାରୀ- (ପ୍ରବିଶ୍ୟ) ଜେଦୁ ଜେଦୁ ଅଜ୍ଜୋ (ଜୟତୁ ଜୟତୁ ଆର୍ଯ୍ୟଃ)

ଚାଣକ୍ୟଃ- (ସହର୍ଷମାତ୍ମଗତମ୍) ଗୃହୀତୋଽୟଂ ଜୟ ଶବ୍ଦଃ । ଶୋଣୋତ୍ତରେ ! କିମ୍ ଆଗମନପ୍ରୟୋଜନମ୍ ?

ପ୍ରତି— ଅଜ୍ଜ ! କମଲମଉଲାଆରମଞ୍ଜଲିଂ ସୀସେ ଣିବେସିଅ ଦେଓ ଚନ୍ଦସିରୀ ଅଜ୍ଜଂ ବିଣ୍ଣବେଦି— ଇଚ୍ଛାମି ଅହଂ ଅଜ୍ଜେଣ ଅବ୍ଭଣୁଣ୍ଣାଦୋ ଦେଅସ୍ସ ପବ୍ବଦେ-ସରସ୍ସ ପାରଲୋଇଅଂ କାଦୁଂ । ତେଣ ଅ ଧାରିଦପୁବ୍ବାଇଂ ଆହରଣାଇଂ ଗୁଣବନ୍ତାଣଂ ବହ୍ମଣାଣଂ ପଡ଼ିବାଦେମି ତ୍ତି । (ଆର୍ଯ୍ୟ ! କମଲମୁକୁଲାକାରମ୍ ଅଞ୍ଜଲିଂ ଶୀର୍ଷେ ନିବେଶ୍ୟ ଦେବଶ୍ଚନ୍ଦ୍ରଶ୍ରୀରାର୍ଯ୍ୟଂ ବିଜ୍ଞାପୟତି— ଇଚ୍ଛାମ୍ୟହମ୍ ଆର୍ଯ୍ୟେଣ ଅଭ୍ୟନୁଜ୍ଞାତଃ ଦେବସ୍ୟ ପର୍ବତେଶ୍ୱରସ୍ୟ ପାରଲୌକିକଂ କର୍ତ୍ତୁମ୍ । ତେନ ଚ ଧାରିତପୂର୍ବାଣି ଆଭରଣାନି ଗୁଣବତାଂ ବ୍ରାହ୍ମଣାନାଂ ପ୍ରତିପାଦୟାମି ଇତି ।)

ଚାଣକ୍ୟଃ- (ସହର୍ଷମାତ୍ମଗତମ୍) ସାଧୁ ବୃଷଳ ! ସାଧୁ ! ମମୈବ ହୃଦୟେନ ସହ ସମନ୍ତ୍ର୍ୟ ସନ୍ଦିଷ୍ଟବାନସି । (ପ୍ରକାଶମ୍) ଶୋଣୋତ୍ତରେ ! ଉଚ୍ୟତାମ୍ ଅସ୍ମଦ୍-ବଚନାଦ୍ ବୃଷଳଃ —ସାଧୁ ବତ୍ସ ! ସାଧୁ ! ଅଭିଜ୍ଞଃ ଖଳୁ ଅସି ଲୋକବ୍ୟବହାରାଣାମ୍, ତଦ୍ ଅନୁଷ୍ଠୀୟତାମାତ୍ମନୋଽଭିପ୍ରାୟଃ, କିନ୍ତୁ ପର୍ବତେଶ୍ୱରଧୃତପୂର୍ବାଣି ଭୂଷଣାନି ଗୁଣବନ୍ତି, ଗୁଣବଦ୍ଭ୍ୟ ଏବ ବ୍ରାହ୍ମଣେଭ୍ୟଃ ପ୍ରତିପାଦନୀୟାନି । ତଦ୍ ଏଷୋ-ଽହଂ ସ୍ୱୟଂ ପରୀକ୍ଷିତଗୁଣାନ୍ ବ୍ରାହ୍ମଣାନ୍ ପ୍ରେଷୟାମି ।

ପ୍ରତି— ଜଂ ଅଜ୍ଜୋ ଆଣବେଦି । (ଯଦ୍ ଆର୍ଯ୍ୟଃ ଆଜ୍ଞାପୟତି)

ଚାଣକ୍ୟଃ- ଶାର୍ଙ୍ଗରବ ! ଶାର୍ଙ୍ଗରବ ! ଉଚ୍ୟନ୍ତାମ୍ ଅସ୍ମଦ୍ବଚନାଦ୍ ବିଶ୍ୱାବସୁ ପ୍ରଭୃତୟସ୍ତ୍ରୟୋ ଭ୍ରାତରୋ ଯଥା ବୃଷଳାତ୍ ପ୍ରତିଗୃହ୍ୟ ଆଭରଣାନି ଭବଦ୍ଭିଃ ଅହଂ ଦ୍ରଷ୍ଟବ୍ୟ ଇତି ।

ଶିଷ୍ୟଃ— ଯଦ୍ ଆଜ୍ଞାପୟତି ଉପାଧ୍ୟାୟଃ । (ଇତି ନିଷ୍କ୍ରାନ୍ତଃ)

ଚାଣକ୍ୟଃ- (ସ୍ୱଗତମ୍) ଉତ୍ତରୋଽୟଂ ଲେଖାର୍ଥଃ । ପୂର୍ବଃ କତମଃ ଅସ୍ତୁ ? (ବିଚିନ୍ତ୍ୟ) ଆଂ ଜ୍ଞାତଃ ! ଉପଲବ୍ଧବାନସ୍ମି ପ୍ରଣିଧିଭ୍ୟଃ, ଯଥା ତସ୍ୟ ମ୍ଲେଚ୍ଛରାଜବଳସ୍ୟ ମଧ୍ୟାତ୍ ପ୍ରଧାନତମାଃ ପଞ୍ଚ ରାଜାନଃ ପରୟା ଭକ୍ତ୍ୟା ରାକ୍ଷସମ୍ ଅନୁବର୍ତ୍ତନ୍ତେ । ତେ ଯଥା—

Digitized by PPRACHIN, SOA

ଶିଷ୍ୟ—— ଉପାଧ୍ୟାୟଙ୍କର ଯାହା ଆଜ୍ଞା । (ଯାଇ ଏବଂ ପୁଣି ପ୍ରବେଶ କରି) ଉପାଧ୍ୟାୟ, ଏଇ କାଳିପାତ୍ର ଓ ପତ୍ର ।

ଚାଣକ୍ୟ— (ପତ୍ର ଧରି ସ୍ୱଗତ) ଏଥିରେ କଅଣ ଲେଖିବି ? ଏହି ଲେଖାବଳରେ ରାକ୍ଷସକୁ ଜୟ କରିବାକୁ ହେବ ।

ପ୍ରତିହାରୀ- (ପ୍ରବେଶ କରି) ଆର୍ଯ୍ୟଙ୍କର ଜୟ ହେଉ ।

ଚାଣକ୍ୟ—(ଆନନ୍ଦରେ ସ୍ୱଗତ) ଜୟ ଧ୍ୱନି ବେଶ୍ ଭଲ ଲାଗିଲା । (ପ୍ରକାଶ୍ୟରେ) ଶୋଣୋତ୍ତରା, ଆଗମନର କାରଣ ?

ପ୍ରତି—— ଆର୍ଯ୍ୟ, ମହାରାଜ ଚନ୍ଦ୍ରଗୁପ୍ତ ପଦ୍ମକଳିକା ଆକୃତିର ଅଞ୍ଜଳି ମସ୍ତକରେ ଧାରଣ କରି ଆପଣଙ୍କୁ ଜଣାଇଛନ୍ତି—"ମୁଁ ଆପଣଙ୍କର ଅନୁମତି ନେଇ ରାଜା ପର୍ବତେଶ୍ୱରଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପାଦନ କରିବାକୁ ଚାହେଁ । ସେ ଯେଉଁ ଆଭରଣଗୁଡ଼ିକ ପରିଧାନ କରୁଥିଲେ, ସେଗୁଡ଼ିକୁ ମୁଁ ଗୁଣବାନ୍ ବ୍ରାହ୍ମଣମାନଙ୍କୁ ଦାନ କରିବି ।"

ଚାଣକ୍ୟ— ଧନ୍ୟ ବୃଷଳ ! ସତେ ଯେପରି ମୋ ହୃଦୟ ସହିତ ମନ୍ତ୍ରଣା କରି ଏହି ସମ୍ବାଦ ପଠାଇଛ । ଶୋଣୋତ୍ତରା, ମୋର କଥାନୁସାରେ ଚନ୍ଦ୍ରଗୁପ୍ତଙ୍କୁ କୁହ—"ଧନ୍ୟ ବତ୍ସ, ତୁମେ ସାଂସାରିକ ବ୍ୟବହାରରେ ଅଭିଜ୍ଞ ଅଟ । ନିଜର ଅଭିପ୍ରାୟ ଅନୁସାରେ କାର୍ଯ୍ୟ କର । ମାତ୍ର ପର୍ବତେଶ୍ୱର ଯେଉଁ ଆଭରଣଗୁଡ଼ିକ ପରିଧାନ କରୁଥିଲେ, ସେଗୁଡିକ ମୂଲ୍ୟବାନ୍ । ତେଣୁ ସେଗୁଡ଼ିକୁ ଗୁଣବାନ୍ ବ୍ରାହ୍ମଣମାନଙ୍କୁ ପ୍ରଦାନ କରିବା ଉଚିତ । ମୁଁ ନିଜେ ବ୍ରାହ୍ମଣମାନଙ୍କୁ ସେମାନଙ୍କର ଗୁଣ ପରୀକ୍ଷା କରି ପଠାଇବି ।

ପ୍ରତି—— ଯଥାଜ୍ଞା ଆର୍ଯ୍ୟ । (ଚାଲିଗଲା)

ଚାଣକ୍ୟ— ଶାର୍ଙ୍ଗରବ, ମୋର କଥାନୁସାରେ ବିଶ୍ୱାବସୁ ପ୍ରଭୃତି ତିନିଭାଇଙ୍କୁ କୁହ ଯେ, ସେମାନେ ଚନ୍ଦ୍ରଗୁପ୍ତଙ୍କଠାରୁ ଆଭରଣମାନ ଗ୍ରହଣ କରି ମୋତେ ଆସି ଦେଖା କରିବେ ।

ଶିଷ୍ୟ—— ହେଉ । (ଚାଲିଗଲେ)

ଚାଣକ୍ୟ—(ସ୍ୱଗତ) ଏ ତ (ଅର୍ଥାତ୍ ଅଳଙ୍କାର ବିଷୟ) ହେଲା ପତ୍ରର ଉତ୍ତର ଭାଗ । ପୂର୍ବଭାଗ କଅଣ ହେବ ? (ଚିନ୍ତା କରି) ହଁ, ଜାଣିଲି । ମୁଁ ଚରମାନଙ୍କଠାରୁ ଜାଣିବାକୁ ପାଇଛି ଯେ, ସେହି ମ୍ଲେଚ୍ଛରାଜର (ମଳୟକେତୁର) ଅନୁଗତମାନଙ୍କ ମଧ୍ୟରୁ ପ୍ରଧାନ ପାଞ୍ଚଜଣ ରାଜା ପରମବନ୍ଧୁ ଭାବରେ ରାକ୍ଷସକୁ ସାହାଯ୍ୟ କରୁଛନ୍ତି । ସେମାନେ ହେଉଛନ୍ତି—

Digitized by PPRACHIN, SOA

କୌଲୂତଶ୍ଚିତ୍ରବର୍ମା ମଲୟନରପତିଃ ସିଂହନାଦୋ ନୃସିଂହଃ
କାଶ୍ମୀରଃ ପୁଷ୍କରାକ୍ଷଃ କ୍ଷତରିପୁମହିମା ସୈନ୍ଧବଃ ସିନ୍ଧୁଷେଣଃ ।
ମେଘାକ୍ଷଃ ପଞ୍ଚମୋଽସ୍ମିନ୍ ପୃଥୁତୁରଗବଲଃ ପାରସୀକାଧିରାଜଃ
ନାମାନ୍ୟେଷାଂ ଲିଖାମି ଧ୍ରୁବମହମଧୁନା ଚନ୍ଦ୍ରଗୁପ୍ତଃ ପ୍ରମାଷ୍ଟୁ ॥ ୨୦

(ବିଚିନ୍ତ୍ୟ) ଅଥବା ନ ଲିଖାମି, ସର୍ବମନଭିବ୍ୟକ୍ତ ମେବ ତାବଦ୍ ଆସ୍ତାମ୍ ।
(ପ୍ରକାଶମ୍) ଶାର୍ଙ୍ଗରବ ! ଶାର୍ଙ୍ଗରବ !

ଶିଷ୍ୟଃ— (ପ୍ରବିଶ୍ୟ) ଉପାଧ୍ୟାୟ ! ଆଜ୍ଞାପୟ ।

ଚାଣକ୍ୟଃ- ବତ୍ସ, ଶ୍ରୋତ୍ରିୟାକ୍ଷରାଣି ପ୍ରଯତ୍ନେନ ଲିଖିତାନ୍ୟପି ନିୟତମ୍ ଅସ୍ଫୁଟାନି ଭବନ୍ତି । ତଦ୍ ଉଚ୍ୟତାମ୍ ଅସ୍ମଦ୍ବଚନାତ୍ ସିଦ୍ଧାର୍ଥକଃ । (କର୍ଣ୍ଣେ ଏବମିବ) "ଏଭିରକ୍ଷରୈଃ କେନାପି, କମପି, କସ୍ୟାପି ସ୍ୱୟଂ ବାଚ୍ୟମ୍" ଇତି ଅଦତ୍ତବାହ୍ୟନାମାନଂ ଲେଖଂ ଶକଟଦାସେନ ଲେଖୟିତ୍ୱା ମାମ୍ ଉପତିଷ୍ଠସ୍ୱ । ନ ଚ ଆଖ୍ୟେୟମ୍ ଅସ୍ମୈ ଚାଣକ୍ୟୋ ଲେଖୟତୀତି ।

ଶିଷ୍ୟଃ— ତଥେତି (ନିଷ୍କ୍ରାନ୍ତଃ)

ଚାଣକ୍ୟଃ- (ସ୍ୱଗତମ୍) ହନ୍ତ ଜିତୋ ମଲୟକେତୁଃ ।

ସିଦ୍ଧାର୍ଥକଃ- (ଲେଖହସ୍ତଃ ପ୍ରବିଶ୍ୟ) ଜେଦୁ ଜେଦୁ ଅଜ୍ଜୋ । ଅଜ୍ଜ ! ଅଅଂ ସୋ ସଅଡଦାସେଣ ସହତ୍ଥଲିହିଦୋ ଲେହୋ । (ଜୟତୁ ଜୟତୁ ଆର୍ଯ୍ୟଃ । ଆର୍ଯ୍ୟ ! ଅୟଂ ସଃ ଶକଟଦାସେନ ସ୍ୱହସ୍ତଲିଖିତୋ ଲେଖଃ ।)

ଚାଣକ୍ୟଃ- (ଗୃହୀତ୍ୱା ନିରୀକ୍ଷ୍ୟ) ଅହୋ ଦର୍ଶନୀୟତା ଅକ୍ଷରାଣାମ୍ ! (ଇତି ଅନୁବାଚ୍ୟ) ଭଦ୍ର ! ଅନୟା ମୁଦ୍ରୟା ମୁଦ୍ରୟ ଏନମ୍ ।

ସିଦ୍ଧା – ଜଂ ଅଜ୍ଜୋ ଆଣବେଦି ତ୍ତି । ଅଜ୍ଜ ! ଅଅଂ ସୋ ମୁଦ୍ଦିଦୋ ଲେହୋ । ତା ଆଣବେଦୁ ଅଜ୍ଜୋ କଂ ଅବରଂ ଅଣୁଚିଟ୍ଠିଅଦୁ ତ୍ତି । (ଯଦ୍ ଆର୍ଯ୍ୟ ଆଜ୍ଞାପୟତି । (ତଥା କୃତ୍ୱା) ଆର୍ଯ୍ୟ ! ଅୟଂ ସ ମୁଦ୍ରିତୋ ଲେଖଃ । ତଦ୍ ଆଜ୍ଞାପୟତୁ ଆର୍ଯ୍ୟଃ କମ୍ ଅପରମ୍ ଅନୁଷ୍ଠୀୟତାମ୍ ଇତି ।)

ଚାଣକ୍ୟଃ- ଭଦ୍ର, କସ୍ମିଂଶ୍ଚିଦ୍ ଆପ୍ତଜନାନୁଷ୍ଠେୟେ କର୍ମଣି ତ୍ୱାଂ ବ୍ୟାପାରୟିତୁମ୍ ଇଚ୍ଛାମି ।

ସିଦ୍ଧା— ଅଜ୍ଜ, ଅଣୁଗ୍ଗହୀଦୋ ମ୍ହି । ତା ଆଣବେଦୁ ଅଜ୍ଜୋ କଂ ଇମିଣା ଦାସଜଣେଣ ଅଜ୍ଜସ୍ସ ଅଣୁଚିଟ୍ଠିଦବ୍ବଂ । (ସହର୍ଷମ୍) (ଆର୍ଯ୍ୟ, ଅନୁଗୃହୀତୋଽସ୍ମି । ତଦ୍ ଆଜ୍ଞାପୟତୁ ଆର୍ଯ୍ୟଃ କମ୍ ଅନେନ ଦାସଜନେନ ଆର୍ଯ୍ୟସ୍ୟ ଅନୁଷ୍ଠାତବ୍ୟମ୍ ।)

ଚାଣକ୍ୟଃ- ଭଦ୍ର, ପ୍ରଥମଂ ତାବତ୍ ବଧସ୍ଥାନଂ ଗତ୍ୱା ଘାତକାଃ ସରୋଷଂ ଦକ୍ଷିଣାକ୍ଷିସଂକୋଚସଂଜ୍ଞାଂ ଗ୍ରାହୟିତବ୍ୟାଃ । ତତ ସ୍ତେଷୁ ଗୃହୀତସଂଜ୍ଞେଷୁ ଭୟାପଦେଶାଦ୍ ଇତସ୍ତତଃ ପ୍ରଦ୍ରୁତେଷୁ ଶକଟଦାସୋ ବଧସ୍ଥାନାଦ୍ ଅପନୀୟ

Digitized by PPRACHIN, SOA

କୁଳୁତରାଜ ଚିତ୍ରବର୍ମା, ମଳୟରାଜ ବୀର ସିଂହନାଦ, କାଶ୍ମୀରରାଜ ପୁଷ୍କରାକ୍ଷ, ସିନ୍ଧୁରାଜ ଶତ୍ରୁଜୟୀ ସିନ୍ଧୁଷେଣ, ଆଉ ବିରାଟ ଅଶ୍ୱବାହିନୀର ଅଧିକାରୀ ପାରସ୍ୟରାଜ ମେଘ । ମୁଁ ଏହିମାନଙ୍କର ନାମ ଲେଖୁଛି ; ଚିତ୍ରଗୁପ୍ତ ଏମାନଙ୍କ ନାମଗୁଡ଼ିକୁ ପୋଛିଦେଉ ।

(ଚିନ୍ତା କରି) କିନ୍ତୁ ନା, କାହାରି ନାମ ଲେଖିବିନାହିଁ ।

ସବୁ କିଛି ଅବ୍ୟକ୍ତ ହୋଇ ରହୁ । ଶାର୍ଙ୍ଗରବ ! ଶାର୍ଙ୍ଗରବ !

ଶିଷ୍ୟ— (ପ୍ରବେଶ କରି) ଉପାଧ୍ୟାୟ, ଆଜ୍ଞା ଦିଅନ୍ତୁ ।

ଚାଣକ୍ୟ— ବତ୍ସ, ଯେତେ ଯତ୍ନରେ ଲେଖିଲେ ମଧ୍ୟ ଶ୍ରୋତ୍ରିୟ (ବେଦ-ଅଧ୍ୟାପକ) ବ୍ରାହ୍ମଣମାନଙ୍କର ହସ୍ତାକ୍ଷର ଅସ୍ପଷ୍ଟ ହୁଏ । ତେଣୁ ମୋ କଥାନୁସାରେ ସିଦ୍ଧାର୍ଥକଙ୍କୁ କୁହ, (କାନପାଖରେ କଅଣ କହିଲେ) ସେ ଶକଟଦାସ ଦ୍ୱାରା ଏହା ଲେଖାଇ ମୋ ନିକଟକୁ ଆସିବେ । ଶକଟଦାସ କେବଳ ଏତିକି ଜାଣିବ ଯେ, କେହି ଜଣେ କାହାରି ପାଖକୁ କୌଣସି ବିଷୟରେ ଏହା ଲେଖାଉଛନ୍ତି । ଚାଣକ୍ୟ ଏହା ଲେଖାଉଛନ୍ତି ବୋଲି ସେ ଯେପରି ନ ଜାଣେ ।

ଶିଷ୍ୟ— ହେଉ (ଚାଲିଗଲେ)

ଚାଣକ୍ୟ— (ସ୍ୱଗତ) ବେଶ, ମଳୟକେତୁକୁ ଏବେ ଜିଣିଲି ।

(କିଛି ସମୟ ପରେ ଲେଖା ଘେନି ସିଦ୍ଧାର୍ଥକଙ୍କର ପ୍ରବେଶ)

ସିଦ୍ଧା— ଆର୍ଯ୍ୟଙ୍କର ଜୟ ହେଉ । ଆର୍ଯ୍ୟ, ଏଇ ଶକଟଦାସଙ୍କ ସ୍ୱହସ୍ତଲିଖିତ ଲେଖା ।

ଚାଣକ୍ୟ— (ନେଇ ନିରୀକ୍ଷଣ କରି) ବାଃ ! କି ସୁନ୍ଦର ଅକ୍ଷର ! (ନୀରବରେ ପଢ଼ି) ଭଦ୍ର, ଏଇ ମୁଦିରେ ଏଥିରେ ମୁଦ ଦିଅ ।

ସିଦ୍ଧା— ଆର୍ଯ୍ୟଙ୍କର ଯାହା ଆଜ୍ଞା । (ମୁଦ ଦେଇ) । ଆଉ କ'ଣ କରିବାକୁ ହେବ, ଆଜ୍ଞା ଦିଅନ୍ତୁ ।

ଚାଣକ୍ୟ— ଭଦ୍ର, ମୁଁ ତୁମକୁ ଏପରି ଏକ କାମରେ ଲଗାଇବାକୁ ଚାହେଁ, ଯାହା କି କେବଳ ମୁଁ ନିଜେ କରନ୍ତି ।

ସିଦ୍ଧା— (ଆନନ୍ଦରେ) ଆର୍ଯ୍ୟ, ଅନୁଗୃହୀତ ହେଲି । ଏ ଭୃତ୍ୟ ଆପଣଙ୍କର କି ପ୍ରୟୋଜନ ସାଧନ କରିବ, ଆଜ୍ଞା ଦିଅନ୍ତୁ ।

ଚାଣକ୍ୟ— ପ୍ରଥମେ ତୁମେ ବଧ୍ୟଭୂମିକୁ ଯାଇ କ୍ରୋଧରେ ଦକ୍ଷିଣ ଚକ୍ଷୁକୁ ସଙ୍କୁଚିତ କରି ଘାତକମାନଙ୍କୁ ସଙ୍କେତ ଦେବ । ସେମାନେ ସଙ୍କେତ ବୁଝିନେଇ ଭୟଛଳରେ ଏଣେତେଣେ ଧାଇଁ ପଳାଇଲେ ତୁମେ ଶକଟଦାସଙ୍କୁ ବଧ୍ୟଭୂମିରୁ

Digitized by PPRACHIN, SOA

ରାକ୍ଷସଂ ପ୍ରାପୟିତବ୍ୟଃ । ତସ୍ମାଚ୍ଚ ସୁହୃତ୍ପ୍ରାଣରକ୍ଷଣପରତୁଷ୍ଟାତ୍ ପାରତୋଷିକଂ ଗ୍ରାହ୍ୟମ୍ । ରାକ୍ଷସ ଏବ କଞ୍ଚିତ୍ କାଳଂ (କର୍ଣ୍ଣେ ଏବମେବମ୍) ସେବିତବ୍ୟଃ । ତତଃ ପ୍ରତ୍ୟାସନ୍ନେଷୁ ତ୍ୱୟା ପ୍ରୟୋଜନମ୍ ଇଦମ୍ ଅନୁଷ୍ଠେୟମ୍ ।

ସିଦ୍ଧା— ଜଂ ଅଜ୍ଜୋ ଆଣବେଦି ତ୍ତି (ଯଦ୍ ଆର୍ଯ୍ୟ ଆଜ୍ଞାପୟତି ଇତି)

ଚାଣକ୍ୟଃ- ଶାର୍ଙ୍ଗରବ ! ଶାର୍ଙ୍ଗରବ !

ଶିଷ୍ୟଃ— (ପ୍ରବିଶ୍ୟ) ଉପାଧ୍ୟାୟ ! ଆଜ୍ଞାପୟ ।

ଚାଣକ୍ୟଃ- ଉଚ୍ୟତାଂ ମଦ୍ବଚନାତ୍ କାଳପାଶିକୋ ଦଣ୍ଡପାଶିକଶ୍ଚ, ଯଥା ବୃଷଲଃ ସମାଜ୍ଞାପୟତି, ଯ ଏଷ କ୍ଷପଣକୋ ଜୀବସିଦ୍ଧି ର୍ନାମ ରାକ୍ଷସପ୍ରଯୁକ୍ତୋ ବିଷକନ୍ୟୟା ପର୍ବତେଶ୍ୱରଂ ଘାତିତବାନ୍, ସ ଏନମ୍ ଏବ ଦୋଷଂ ପ୍ରଖ୍ୟାପ୍ୟ ସନିକାରଂ ନଗରାଦ୍ ନିର୍ବାସ୍ୟତାମ୍ ଇତି ।

ଶିଷ୍ୟଃ— ତଥେତି (ଇତି ପରିକ୍ରାମତି)

ଚାଣକ୍ୟଃ- ବତ୍ସ ! ତିଷ୍ଠ ତିଷ୍ଠ । ଯୋଽୟମ୍ ଅପରଃ କାୟସ୍ଥଃ ଶକଟଦାସୋ ନାମ ରାକ୍ଷସପ୍ରଯୁକ୍ତୋ ନିତ୍ୟମସ୍ମଚ୍ଛରୀରମ୍ ଅଭିଦ୍ରୋଗ୍ଧୁମ୍ ଇହ ପ୍ରଯତତେ, ସ ଚାପି ଏନଂ ଦୋଷଂ ପ୍ରଖ୍ୟାପ୍ୟ ଶୂଳମ୍ ଆରୋପ୍ୟତାମ୍ । ଗୃହଜନଶ୍ଚାସ୍ୟ ବନ୍ଧନାଗାରେ ପ୍ରବେଶ୍ୟତାମ୍ ଇତି ।

ଶିଷ୍ୟ— ତଥେତି (ଇତି ନିଷ୍କ୍ରାନ୍ତଃ)

ଚାଣକ୍ୟଃ- (ଚିନ୍ତାଂ ନାଟୟିତ୍ୱା ସ୍ୱଗତମ୍) ଅପି ନାମ ଦୁରାତ୍ମା ରାକ୍ଷସୋ ଗୃହ୍ୟେତ ?

ସିଦ୍ଧା— ଅଜ୍ଜ ! ଗହିଦୋ । (ଆର୍ଯ୍ୟ ! ଗୃହୀତଃ)

ଚାଣକ୍ୟଃ (ସହର୍ଷମ୍ ଆତ୍ମଗତମ୍) ହନ୍ତ ! ଗୃହୀତଃ ରାକ୍ଷସଃ ? (ପ୍ରକାଶମ୍) ଭଦ୍ର ! କୋଽୟଂ ଗୃହୀତଃ ?

ସିଦ୍ଧା— ଗହିଦୋ ମଏ ଅଜ୍ଜସ୍ସ ସନ୍ଦେସୋ । ତା ଗମିସ୍ସମ୍ ଅହଂ କଜ୍ଜସିଦ୍ଧୀଏ (ଗୃହୀତୋ ମୟା ଆର୍ଯ୍ୟସ୍ୟ ସନ୍ଦେଶଃ, ତଦ୍ ଗମିଷ୍ୟାମି ଅହଂ କାର୍ଯ୍ୟସିଦ୍ଧ୍ୟୈ ।)

ଚାଣକ୍ୟଃ- (ସାଙ୍ଗୁଳିମୁଦ୍ରଂ ଲେଖମ୍ ଅର୍ପୟିତ୍ୱା) ଭଦ୍ର ! ସିଦ୍ଧାର୍ଥକ ! ଗମ୍ୟତାମ୍, ଅସ୍ତୁ ତେ କାର୍ଯ୍ୟସିଦ୍ଧିଃ ।

ସିଦ୍ଧା— ଜଂ ଅଜ୍ଜୋ ଆଣବେଦି ତ୍ତି । (ପ୍ରଣମ୍ୟ ନିଷ୍କ୍ରାନ୍ତଃ) (ଯତ୍ ଆର୍ଯ୍ୟ ଆଜ୍ଞାପୟତି ଇତି) ।

ଶିଷ୍ୟଃ— (ପ୍ରବିଶ୍ୟ) ଉପାଧ୍ୟାୟ ! କାଳପାଶିକଃ ଦଣ୍ଡପାଶିକଃ ଚ ଉପାଧ୍ୟାୟଂ ବିଜ୍ଞାପୟତଃ ଇଦମ୍ ଅନୁଷ୍ଠୀୟତେ ଦେବସ୍ୟ ଚନ୍ଦ୍ରଗୁପ୍ତସ୍ୟ ଶାସନମ୍ ଇତି ।

ଚାଣକ୍ୟଃ- ଶୋଭନମ୍ । ବତ୍ସ ! ମଣିକାରଶ୍ରେଷ୍ଠିନଂ ଚନ୍ଦନଦାସମ୍ ଇଦାନୀଂ ଦ୍ରଷ୍ଟୁମ୍ ଇଚ୍ଛାମି ।

Digitized by PPRACHIN, SOA

ନେଇ ରାକ୍ଷସ ପାଖରେ ପହଞ୍ଚାଇ ଦେବ । ସେ ତୁମକୁ, ବନ୍ଧୁର ପ୍ରାଣରକ୍ଷା କରିଥିବା ହେତୁ ପୁରସ୍କାର ଦେଲେ ତୁମେ ତାହା ଗ୍ରହଣ କରିବ ଏବଂ କିଛିକାଳ ରାକ୍ଷସର ସେବକ ହୋଇ ରହିବ । ତା’ପରେ ଆମର ଅନ୍ୟ ଲୋକମାନେ ପହଞ୍ଚିଗଲେ (କାନରେ କଅଣ ଚୁପ୍ ଚୁପ୍ କହିଲେ) ଏହି କାର୍ଯ୍ୟ କରିବ ।

ସିଦ୍ଧା — ଆର୍ଯ୍ୟଙ୍କର ଯାହା ଆଜ୍ଞା ।

ଚାଣକ୍ୟ— ଶାର୍ଙ୍ଗରବ, ଶାର୍ଙ୍ଗରବ ।

ଶିଷ୍ୟ— (ପ୍ରବେଶ କରି) ଉପାଧ୍ୟାୟ, ଆଜ୍ଞା ଦିଅନ୍ତୁ ।

ଚାଣକ୍ୟ— ମୋ କଥାନୁସାରେ କାଳପାଶିକ ଓ ଦଣ୍ଡପାଶିକଙ୍କୁ କୁହ, ଚନ୍ଦ୍ରଗୁପ୍ତ ଆଦେଶ ଦେଇଛନ୍ତି ଯେ, ଜୀବସିଦ୍ଧି ନାମକ ଯେଉଁ କ୍ଷପଣକ ରାକ୍ଷସ ପ୍ରଯୋଜିତ ବିଷକନ୍ୟା ଦ୍ୱାରା ପର୍ବତକଙ୍କୁ ମାରଇଥିଲା, ତାକୁ ତା’ର ଏହି ଅପରାଧ ଘୋଷଣା କରାଇ, ଧିକ୍କାରପୂର୍ବକ ନଗରରୁ ନିର୍ବାସିତ କରିଦେବେ ।

ଶିଷ୍ୟ — ହେଉ । (ଯିବାକୁ ଉଦ୍ୟତ)

ଚାଣକ୍ୟ— ବତ୍ସ, ରହ ରହ । ଶକଟଦାସ ନାମକ ଯେଉଁ କାୟସ୍ଥ ରାକ୍ଷସର ପ୍ରରୋଚନାରେ ସର୍ବଦା ଆମର ଜୀବନ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଛି, ତାକୁ ମଧ୍ୟ ତା’ର ଏହି ଅପରାଧ ଘୋଷଣା କରାଇ ଶୂଳୀରେ ଚଢାଇବେ ଏବଂ ତା’ର ପରିବାରକୁ କାରାରୁଦ୍ଧ କରିବେ ।

ଶିଷ୍ୟ— ହେଉ । (ଚାଲିଗଲା)

ଚାଣକ୍ୟ— (ଚିନ୍ତା କରି ସ୍ୱଗତ) ତେବେ କ’ଣ ଅମାତ୍ୟ ରାକ୍ଷସ ଧରା ପଡ଼ିବ ?

ସିଦ୍ଧା— ଆର୍ଯ୍ୟ ଧୃତ ।

ଚାଣକ୍ୟ—(ଆନନ୍ଦରେ ସ୍ୱଗତ) ବାଃ ! ରାକ୍ଷସ ଧୃତ ! (ପ୍ରକାଶ୍ୟରେ) ଭଦ୍ର, କିଏ ଧୃତ ?

ସିଦ୍ଧା— ଆର୍ଯ୍ୟଙ୍କର ଆଦେଶ ମୋର ଶିରୋଧୃତ । ତା’ହେଲେ ମୁଁ କାର୍ଯ୍ୟସାଧନ ନିମନ୍ତେ ଯାଉଛି ।

ଚାଣକ୍ୟ— (ଅଙ୍ଗୁଳିମୁଦ୍ରିକା ସହିତ ଲେଖା ଦେଇ)ତୁମର କାର୍ଯ୍ୟ ସିଦ୍ଧି ହେଉ ।

ସିଦ୍ଧା— ଆପଣଙ୍କର ଯାହା ଆଜ୍ଞା । (ପ୍ରଣାମ କରି ଚାଲିଗଲା)

ଶିଷ୍ୟ— (ପ୍ରବେଶ କରି) ଉପାଧ୍ୟାୟ, କାଳପାଶିକ ଓ ଦଣ୍ଡପାଶିକ ଆପଣଙ୍କୁ ଜଣାଇଛନ୍ତି ଯେ, ସେମାନେ ଚନ୍ଦ୍ରଗୁପ୍ତଙ୍କ ଆଜ୍ଞା ଅନୁସାରେ କାର୍ଯ୍ୟ କରିବାକୁ ଯାଉଛନ୍ତି ।

ଚାଣକ୍ୟ— ବେଶ୍ କଥା, ବତ୍ସ ! ରତ୍ନବ୍ୟବସାୟୀ ଚନ୍ଦନ ଦାସକୁ ମୁଁ ବର୍ତ୍ତମାନ ଦେଖିବାକୁ ଚାହେଁ ।

Digitized by PPRACHIN, SOA

ଶିଷ୍ୟଃ— (ଇତି ନିଷ୍କ୍ରମ୍ୟ ଚନ୍ଦନଦାସେନ ସହ ପୁନଃ ପ୍ରବିଶ୍ୟ) ଯତ୍ର ଆଜ୍ଞାପୟତି ଉପାଧ୍ୟାୟଃ । ଇତ ଇତଃ ଶ୍ରେଷ୍ଠିନ୍ ।

ଚନ୍ଦନଦାସଃ- (ସ୍ୱଗତମ୍) —

ଚାଣକ୍କମ୍ମି ଅଅରୁଣେ ସହସା ସଦ୍ଦାବିଦସ୍ସ ଲୋଅସ୍ସ ।
ଣିଦ୍ଦୋସସ୍ସ ବି ସଙ୍କା, କିଂ ଜାଦଦୋସସ୍ସ ।। ୨୧ ।।
ଚାଣକ୍ୟେ ଅକରୁଣେ ସହସା ଶବ୍ଦାୟିତସ୍ୟ ଲୋକସ୍ୟ
ନିର୍ଦୋଷସ୍ୟାପି ଶଙ୍କା, କିଂ ଜାତଦୋଷସ୍ୟ ।। ୨୧ ।।)

ତା ଭଣିଦା ମଏ ଧଣସେଣପ୍ପମୁହା ତିଣି ବାଣିଜଆ ଜଧା "କଦାବି ଚାଣକ୍କହଦଓ ଗେହଂ ମେ ବିଚଣ୍ଣାବେଦି, ତା ଅବହିଦା ଣିବ୍ବହଧ ଭଟ୍ଟିଣଃ ଅମଚ୍ଚରକ୍ଖସସ୍ସ ଘରଅଣଂ, ମହ ଦାବ ଜଂ ହୋଦି ତଂ ହୋଦୁ ତ୍ତି ।

(ତଦ୍ ଭଣିତା ମୟା ଧନସେନପ୍ରମୁଖାଃ ତ୍ରୟୋ ବାଣିଜକାଃ ଯଥା କଦାପି ଚାଣକ୍ୟହତକଃ ଗେହଂ ମେ ବିଚନୋତି । ତତ୍ର ଅବହିତା ନିର୍ବହତ ଭର୍ତ୍ତୁଃ ଅମାତ୍ୟରାକ୍ଷସସ୍ୟ ଗୃହଜନମ୍ । ମମ ତାବତ୍ ଯଦ୍ ଭବତି ତଦ୍ ଭବତୁ ଇତି ।

ଶିଷ୍ୟଃ— ଭୋ ଶ୍ରେଷ୍ଠିନ୍ ! ଇତ ଇତଃ ।

ଚନ୍ଦନଦାସଃ- ଅଅମ୍ ଆଗଦୋହ୍ମି (ଉଭୌ ପରିକ୍ରାମତଃ) ଅୟମ୍ ଆଗତୋଽସ୍ମି ।

ଶିଷ୍ୟଃ— ଉପାଧ୍ୟାୟ ! ଅୟଂ ଶ୍ରେଷ୍ଠୀ ଚନ୍ଦନଦାସଃ ।

ଚନ୍ଦନ— (ଉପସୃତ୍ୟ) । ଜେଦୁ ଜେଦୁ ଅଜ୍ଜୋ (ଜୟତୁ ଜୟତୁ ଆର୍ଯ୍ୟଃ ।)

ଚାଣକ୍ୟଃ- (ନାଟ୍ୟେନ ଅବଲୋକ୍ୟ) ଭୋ ଶ୍ରେଷ୍ଠିନ୍ ! ସ୍ୱାଗତମ୍ । ଇଦମ୍ ଆସନମ୍ ଆସ୍ୟତାମ୍ ।

ଚନ୍ଦନ— (ପ୍ରଣମ୍ୟ) କିଂ ଣ ଜାଣାଦି ଅଜ୍ଜୋ, ଜହା ଅଣୁଚିଦୋ ଉବଆରୋ ପରିହବାଦୋ ବି ମହନ୍ତଂ ଦୁଃଖମ୍ ଉପ୍ପାଦେଦି । ତା ଇହ ଜ୍ଜେବ ଅହଂ ଉଚିଦାଏ ଭୂମୀଏ ଉବବିସାମି । (କିଂ ନ ଜାନାତି ଆର୍ଯ୍ୟଃ, ଯଥା ଅନୁଚିତଃ ଉପଚାରଃ ପରିଭବାଦ୍ ଅପି ମହଦ୍ଦୁଃଖମ୍, ଉତ୍ପାଦୟତି । ତଦ୍ ଇହୈବ ଅହମ୍ ଉଚିତାୟାଂ ଭୂମୌ ଉପବିଶାମି ।

ଚାଣକ୍ୟଃ- ଭୋଃ ଶ୍ରେଷ୍ଠିନ୍ ! ମା ମା ଏବମ୍, ଉଚିତମ୍ ଏବ ଏତତ୍ ଅସ୍ମଦ୍ବିଧୈଃ ସହ ଭବତଃ, ତଦ୍ ଉପବିଶ୍ୟତାମ୍ ଆସନେ ଏବ ।

ଚନ୍ଦନ- (ସ୍ୱଗତମ୍) ଉବଲକ୍ଖିଦମ୍ ଅଣେଣ କିମ୍ପି (ପ୍ରକାଶମ୍) ଜମ୍ ଅଜ୍ଜୋ ଆଣବେଦି ତ୍ତି । (ଉପବିଷ୍ଟଃ) (ଉପଲକ୍ଷିତମ୍ ଅନେନ କିମପି । ଯଦ୍ ଆର୍ଯ୍ୟ ଆଜ୍ଞାପୟତି ଇତି) ।

ଚାଣକ୍ୟଃ- ଭୋଃ ଶ୍ରେଷ୍ଠିନ୍ ! ଚନ୍ଦନଦାସ ! ଅପି ପ୍ରଚୀୟନ୍ତେ ସଂବ୍ୟବହାରାଣାଂ ବୃଦ୍ଧିଲାଭାଃ ବଃ ?

Digitized by PPRACHIN, SOA

ଶିଷ୍ୟ— ହେଉ, (ଯାଇ କିଛିକ୍ଷଣ ପରେ ଚନ୍ଦନ ଦାସ ସହିତ ପ୍ରବେଶ କରି)
ଶେଠ୍‌ଜୀ, ଏଣେ ଆସନ୍ତୁ ।

ଚନ୍ଦନ – (ସ୍ୱଗତ) ନିଷ୍ଠୁର ଚାଣକ୍ୟର ଆକସ୍ମିକ ଡାକରାରେ ନିର୍ଦ୍ଦୋଷ ବ୍ୟକ୍ତିର ମଧ୍ୟ ମନରେ ଶଙ୍କା ଜାତ ହୁଏ । ଆଉ ମୁଁ ତ ଅପରାଧୀ, ମୋର ବା କ'ଣ ନ ହେବ ? ୨୧ ।।

ମୋ ଘରେ ରହିଥିବା ଧନସେନ ପ୍ରଭୃତିଙ୍କୁ ମୁଁ ସତର୍କ କରାଇ ଦେଇଛି ଯେ, କେତେବେଳେ ଖଳ ଚାଣକ୍ୟ ମୋ ଘର ଅନୁସନ୍ଧାନ କରିପାରେ । ତେଣୁ ଅମାତ୍ୟ ରାକ୍ଷସଙ୍କର ପରିବାରକୁ ଅନ୍ୟ ସ୍ଥାନକୁ ନେଇଯାଅ । ମୋର ପଛେ ଯାହା ହେବାର ହେଉ ।

ଶିଷ୍ୟ-- ଶେଠ୍‌ଜୀ, ଏଣେ ଆସନ୍ତୁ ।

ଚନ୍ଦନ-- ଏଇ ଆସୁଛି । (ଉଭୟେ ଯିବାରେ ଲାଗିଲେ ।)

ଶିଷ୍ୟ— (ନିକଟକୁ ଯାଇ) ଉପାଧ୍ୟାୟ, ଏଇ ଶେଠ ଚନ୍ଦନଦାସ ।

ଚନ୍ଦନ– ଆର୍ଯ୍ୟଙ୍କର ଜୟ ହେଉ ।

ଚାଣକ୍ୟ- (ଦୃଷ୍ଟିପାତ କରି) ସ୍ୱାଗତ ଶେଠଜୀ, ଏଇ ଆସନ, ବସନ୍ତୁ ।

ଚନ୍ଦନ– (ପ୍ରଣାମ କରି) ଆର୍ଯ୍ୟ ! ଅନୁଚିତ ସମ୍ମାନ ହୃଦୟରେ ଅପମାନଠାରୁ ମଧ୍ୟ ଅଧିକ ଦୁଃଖ ସୃଷ୍ଟି କରେ, ଏହା କଅଣ ଆପଣ ଜାଣନ୍ତିନାହିଁ ? ତେଣୁ ମୁଁ ଏଇ ଭୂଇଁଉପରେ ବସୁଛି ।

ଚାଣକ୍ୟ– ଶେଠ୍‌ଜୀ, ଏପରି କହନ୍ତୁ ନାହିଁ । ମୋ ପରି ବ୍ୟକ୍ତିମାନଙ୍କଠାରୁ ସମ୍ମାନ ଆପଣଙ୍କର ପ୍ରାପ୍ୟ । ତେଣୁ ଆସନରେ ବସନ୍ତୁ ।

ଚନ୍ଦନ– (ସ୍ୱଗତ) ଏ ବୋଧହୁଏ କିଛି ଅଭିସନ୍ଧି ରଖିଛି । (ପ୍ରକାଶ୍ୟରେ) ଆର୍ଯ୍ୟଙ୍କର ଯାହା ଆଜ୍ଞା । (ବସିଲେ)

ଚାଣକ୍ୟ– ହେ ଶେଠ ଚନ୍ଦନଦାସ ! ଆପଣଙ୍କର ସତ୍ ବାଣିଜ୍ୟ ବ୍ୟବସାୟର ଅଭିବୃଦ୍ଧି ହେଉଛି ତ ?

Digitized by PPRACHIN, SOA

ଚନ୍ଦନଃ- (ସ୍ୱଗତମ୍) ଅଚ୍ଚାଦରଃ ସଂକଣୀଓ । (ପ୍ରକାଶମ୍) ଅଜ୍ଜ ! ଅଧ ଇମ୍,
ଅଜ୍ଜସ୍ସ ପସାଏଣ ଅଖଣ୍ଡିଦା ମେ ବାଣିଜ୍ଜା । (ଅତ୍ୟାଦରଃ ଶଙ୍କନୀୟଃ ।
ଆର୍ଯ୍ୟ ! ଅଥ କିମ୍, ଆର୍ଯ୍ୟସ୍ୟ ପ୍ରସାଦେନ ଅଖଣ୍ଡିତା ମେ ବାଣିଜ୍ୟା ।)

ଚାଣକ୍ୟଃ- ଭୋଃ ଶ୍ରେଷ୍ଠିନ୍ ! ଅପି କଦାଚିତ୍ ଚନ୍ଦ୍ରଗୁପ୍ତଦୋଷାଃ ଅତିକ୍ରାନ୍ତପାର୍ଥିବଗୁଣାନ୍
ଅଧୁନା ସ୍ମାରୟନ୍ତି ପ୍ରକୃତୟଃ ?

ଚନ୍ଦନଃ- (କର୍ଣ୍ଣୌ ପିଧାୟ) ସନ୍ତଂ ପ ବଂ । ସାରଅଣିସାସମୁଗ୍ଗଦେଣ ବିଅ ପୁଣ୍ଣିମା-
ଚନ୍ଦେଣ ଚନ୍ଦସିରିଣା ଅଧିଅଂ ଣଂଦନ୍ତି ପଇଦିଓ । (ଶାନ୍ତଂ ପାପମ୍,
ଶାରଦନିଶାସମୁଦ୍‌ଗତେନ ଇବ ପୂର୍ଣ୍ଣିମାଚନ୍ଦ୍ରେଣ ଚନ୍ଦ୍ରଶ୍ରିୟା ଅଧିକଂ
ନନ୍ଦନ୍ତି ପ୍ରକୃତୟଃ ।)

ଚାଣକ୍ୟଃ- ଭୋଃ ଶ୍ରେଷ୍ଠିନ୍, ଯଦି ଏବଂ, ପ୍ରୀତାଭ୍ୟଃ ପ୍ରକୃତିଭ୍ୟଃ ପ୍ରିୟମ୍ ଇଚ୍ଛନ୍ତି ରାଜାନଃ ।

ଚନ୍ଦନଃ— ଆଣବେଦୁ ଅଜ୍ଜୋ । କିଂ କତ୍ତିଅଂ ବା ଅତ୍ଥଜାଦଂ ଇମାଦୋ ଜଣୀଅଦି
ତ୍ତି । (ଆଜ୍ଞାପୟତୁ ଆର୍ଯ୍ୟଃ, କିଂ କିୟଦ୍ ବା ଅର୍ଥଜାତମ୍ ଅସ୍ମାଦ୍ ଜନାତ୍
ଇଷ୍ୟତେ ଇତି ।)

ଚାଣକ୍ୟଃ—ଭୋଃ ଶ୍ରେଷ୍ଠିନ୍ ! ଚନ୍ଦ୍ରଗୁପ୍ତରାଜ୍ୟମ୍ ଇଦମ୍, ନ ନନ୍ଦରାଜ୍ୟମ୍ । ଯତଃ
ନନ୍ଦସ୍ୟ ଏବ ଅର୍ଥରୁଚେଃ ଅର୍ଥସମ୍ବନ୍ଧଃ ପ୍ରୀତିମ୍ ଉତ୍ପାଦୟତି, ଚନ୍ଦ୍ରଗୁପ୍ତସ୍ୟ
ତୁ ଭବତାମ୍ ଅପରିକ୍ଳେଶଃ ଏବ ।

ଚନ୍ଦନଃ— (ସହର୍ଷମ୍) ଅଜ୍ଜ ! ଅଣୁଗ୍ଗହୀଦୋହ୍ମି । (ଆର୍ଯ୍ୟ ! ଅନୁଗୃହୀତଃ ଅସ୍ମି ।)

ଚାଣକ୍ୟଃ— ଭୋ ଶ୍ରେଷ୍ଠିନ୍ ! ସ ଚ ଅପରିକ୍ଳେଶଃ କଥମ୍ ଆବିର୍ଭବତି ଇତି ନ ପୁନଃ
ପ୍ରଷ୍ଟବ୍ୟାଃ ସ୍ଥଃ ଭବନ୍ତଃ ?

ଚନ୍ଦନଃ— ଆଣବେଦୁ ଅଜ୍ଜୋ । (ଆଜ୍ଞାପୟତୁ ଆର୍ଯ୍ୟଃ ।)

ଚାଣକ୍ୟଃ— ସଂକ୍ଷେପତଃ ରାଜନି ଅବିରୁଦ୍ଧାଭିଃ ବୃତ୍ତିଭିଃ ବର୍ତ୍ତିତବ୍ୟମ୍ ।

ଚନ୍ଦନଃ— ଅଜ୍ଜ ! କୋ ଉଣ ଅଧଣ୍ଣୋ ଅଜ୍ଜେଣ ଅବଗଚ୍ଛୀଅଦି ? (ଆର୍ଯ୍ୟ ! କଃ ପୁନଃ
ଅଧନ୍ୟଃ ଆର୍ଯ୍ୟେଣ ଅବଗମ୍ୟତେ ?)

ଚାଣକ୍ୟଃ— ଭବାନ୍ ଏବ ତାବତ୍ ପ୍ରଥମଃ ।

ଚନ୍ଦନଃ— (କର୍ଣ୍ଣୌ ପିଧାୟ) ସନ୍ତଂ ପାବଂ, ସନ୍ତଂ ପାବଂ, କୀଦିସଃ ତିଣାଣଂ
ଅଗ୍‌ଗିଣା ସହ ବିରୋହୋ ? (ଶାନ୍ତଂ ପାପଂ, ଶାନ୍ତଂ ପାପଂ, କୀଦୃଶଃ
ତୃଣାନାମ୍ ଅଗ୍ନିନା ସହ ବିରୋଧଃ ?)

ଚାଣକ୍ୟଃ— ଅୟମ୍ ଈଦୃଶଃ ବିରୋଧଃ, ଯତ୍ ତ୍ୱମ୍ ଅଦ୍ୟ ଅପି ରାଜାପଥ୍ୟକାରିଣଃ
ଅମାତ୍ୟରାକ୍ଷସସ୍ୟ ଗୃହଜନଂ ସ୍ୱଗୃହମ୍ ଅଭିନୀୟ ରକ୍ଷସି ।

ଚନ୍ଦନ— ଅଜ୍ଜ ! ଅଲୀଅଂ ଏଦଂ କେଣାବି ଅଣଜ୍ଜେଣ ଅଜ୍ଜସ୍ସ ଣିବେଦିଦମ୍ । (ଆର୍ଯ୍ୟ !
ଅଲୀକମ୍ ଏତତ୍ କେନାପି ଅନାର୍ଯ୍ୟେଣ ଆର୍ଯ୍ୟସ୍ୟ ନିବେଦିତମ୍ ।

Digitized by PPRACHIN, SOA

ଚନ୍ଦନ— (ସ୍ୱଗତ) ଏହାର ଅତ୍ୟଧିକ ଆଦର ମୋର ଆଶଙ୍କା ଉଦ୍ରେକ କରୁଛି । (ପ୍ରକାଶ୍ୟରେ) ହଁ, ଆପଣଙ୍କ ଅନୁଗ୍ରହରେ ମୋର ବାଣିଜ୍ୟବ୍ୟବସାୟ ନିର୍ବିଘ୍ନରେ ଚାଲିଛି ।

ଚାଣକ୍ୟ — ଚନ୍ଦ୍ରଗୁପ୍ତଙ୍କର ଦୋଷତ୍ରୁଟି ପ୍ରଜାମାନଙ୍କ ମନରେ ସେମାନଙ୍କର ଅତୀତ ରଜାଙ୍କ ଗୁଣ ସ୍ମରଣ କରଉନାହିଁ ତ ?

ଚନ୍ଦନ— (କାନରେ ହାତ ଦେଇ) ରମ ! ରମ ! ଶରତ୍‌ପୂର୍ଣ୍ଣ ମାସ ପୂର୍ଣ୍ଣଚନ୍ଦ୍ରଠାରୁ ଲୋକମାନେ ଯେପରି ଆନନ୍ଦ ପାଆନ୍ତି, ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱରେ ପ୍ରଜାମାନେ ସେହିପରି ଆନନ୍ଦ ଲଭ କରୁଅଛନ୍ତି ।

ଚାଣକ୍ୟ— ଶେଠ୍‌ଜୀ, ଯଦି ଏପରି, ତେବେ ପ୍ରୀତ ପ୍ରଜାମାନଙ୍କଠାରୁ ରାଜାମାନେ କିଛି ଆଶା କରନ୍ତି ।

ଚନ୍ଦନ— ଆର୍ଯ୍ୟ, ଆଜ୍ଞା ଦେବା ହୁଅନ୍ତୁ, ମୋଠାରୁ ଆପଣ କେତେ ଅର୍ଥ ଚାହାଁନ୍ତି ?

ଚାଣକ୍ୟ— ଶେଠ୍‌ଜୀ, ଏ ହେଉଛି ଚନ୍ଦ୍ରଗୁପ୍ତଙ୍କ ରାଜ୍ୟ, ନନ୍ଦଙ୍କ ରାଜ୍ୟ ନୁହେଁ । ନନ୍ଦ ଅର୍ଥଲୋଭୀ ଥିଲେ, ତେଣୁ ଅର୍ଥଗତ ସମ୍ବନ୍ଧ ତାଙ୍କୁ ସନ୍ତୋଷ ଦେଉଥିଲା । କିନ୍ତୁ ଚନ୍ଦ୍ରଗୁପ୍ତ ସନ୍ତୁଷ୍ଟ ହେବେ ଆପଣମାନେ ଦୁଃଖ ନ ପାଇଲେ ।

ଚନ୍ଦନ— (ଆନନ୍ଦରେ) ଆର୍ଯ୍ୟ, ଅନୁଗୃହୀତ ହେଲି ।

ଚାଣକ୍ୟ— ଶେଠଜୀ, ଆପଣମାନଙ୍କର ଦୁଃଖ ନ ପାଇବା କିପରି ସମ୍ଭବ ହେବ, ଏ କଥା ତ ଆପଣ ପଚାରିଲେ ନାହିଁ ?

ଚନ୍ଦନ— ଆଜ୍ଞା ଦିଅନ୍ତୁ ଆର୍ଯ୍ୟ ।

ଚାଣକ୍ୟ— ସଂକ୍ଷେପରେ କୁହାଯାଇପାରେ, ରଜାଙ୍କର ଯାହା ପ୍ରତିକୂଳ ନୁହେଁ, ସେହିପରି ବ୍ୟବହାର କରିବା ଉଚିତ ।

ଚନ୍ଦନ— ଆର୍ଯ୍ୟ, କେଉଁ ଅଭାଗାକୁ ଆପଣ ରଜାଙ୍କର ବିରୁଦ୍ଧ ବୋଲି ଜାଣିଛନ୍ତି ?

ଚାଣକ୍ୟ— ତୁମେ ତ ପ୍ରଥମ ।

ଚନ୍ଦନ— (କାନରେ ହାତ ଦେଇ) ଭଗବାନ୍, ଭଗବାନ୍ ! ତୃଣ ଅଗ୍ନିର କି ବିରୋଧ କରିବ ?

ଚାଣକ୍ୟ— ବିରୋଧ ଏହି ପ୍ରକାର—ଅମାତ୍ୟ ରାକ୍ଷସ ରଜାଙ୍କର ଅହିତକାରୀ ଅଟନ୍ତି । ତୁମେ ତାଙ୍କ ପରିବାରକୁ ଆଣି ଏପର୍ଯ୍ୟନ୍ତ ନିଜଘରେ ରଖିଛ ।

ଚନ୍ଦନ— କୌଣସି ଦୁଷ୍ଟ ପ୍ରକୃତ କଥା ନ ଜାଣି ଆପଣଙ୍କୁ ଏହି ମିଥ୍ୟା ସମ୍ବାଦ ଦେଇଛି ।

Digitized by PPRACHIN, SOA

ଚାଣକ୍ୟଃ— ଭୋଃ ଶ୍ରେଷ୍ଠିନ୍ ! ଅଲମ୍ ଆଶଙ୍କୟା । ଭୀତାଃ ପୂର୍ବରାଜପୁରୁଷାଃ ପୌରାଣାମ୍ ଅନିଚ୍ଛତାମ୍ ଅପି ଗୃହେଷୁ ଗୃହଜନଂ ନିକ୍ଷିପ୍ୟ ଦେଶାନ୍ତରଂ ବ୍ରଜନ୍ତି । ତତଃ ତତ୍ପ୍ରଚ୍ଛାଦନମ୍ ଏବ ଦୋଷମ୍ ଉତ୍ପାଦୟତି ।

ଚନ୍ଦନ— ଏବ୍ୱଂ ଣ୍ଣେଦଂ । ତସ୍ସିଂ ସମଏ ଆସୀ ଅହ୍ମ ଘରେ ଅମଚ୍ଚରକ୍ଖସସ୍ସ ଘରଅଣୋ । (ଏବଂ ନୁ ଇଦମ୍ । ତସ୍ମିନ୍ ସମୟେ ଆସୀତ୍ ଅସ୍ମଦ୍ଗୃହେ ଅମାତ୍ୟରାକ୍ଷସସ୍ୟ ଗୃହଜନଃ ।)

ଚାଣକ୍ୟଃ— 'ପ୍ରଥମମ୍ ଅନୃତମ୍, ଇଦାନୀମ୍ ଆସୀତ୍' ଇତି ପରସ୍ପରବିରୋଧିନୀ ବଚନେ ।

ଚନ୍ଦନ— ଏତ୍ତିଅଂ ଜ୍ଜେବ ଅତ୍ଥି ମେ ବାଆଚ୍ଛଲଂ । (ଏତାବଦ୍ ଏବ ଅସ୍ତି ମେ ବାକ୍ଛଲମ୍ ।)

ଚାଣକ୍ୟ-- ଭୋ ଶ୍ରେଷ୍ଠିନ୍ ! ଚନ୍ଦ୍ରଗୁପ୍ତେ ରାଜନି ନ ପରିହାରଃ ଛଲାନାମ୍ । ତତ୍ ସମର୍ପୟ ରାକ୍ଷସସ୍ୟ ଗୃହଜନମ୍ । ଅଚ୍ଛଲଂ ଭବତୁ ଭବତଃ ।

ଚନ୍ଦନ— ଅଜ୍ଜ ! ଣଂ ବିଣ୍ଣବେମି ତସ୍ସିଂ ସମଏ ଆସୀ ଅହ୍ମଘରେ ଅମଚ୍ଚରକ୍ଖସସ୍ସ ଘରଅଣୋ ତ୍ତି । (ଆର୍ଯ୍ୟ ! ନନୁ ବିଜ୍ଞାପୟାମି 'ତସ୍ମିନ୍ ସମୟେ ଆସୀତ୍ ଅସ୍ମଦ୍ଗୃହେ ଅମାତ୍ୟରାକ୍ଷସସ୍ୟ ଗୃହଜନଃ' ଇତି ।)

ଚାଣକ୍ୟଃ— ଅଥ ଇଦାନୀଂ କ୍ୱ ଗତଃ ?

ଚନ୍ଦନ— ଣ ଜାଣାମି କହିଂ ଗଦୋ ତ୍ତି । (ନ ଜାନାମି କୁତ୍ର ଗତଃ ଇତି ।)

ଚାଣକ୍ୟଃ— (ସ୍ମିତଂ କୃତ୍ୱା) କଥଂ ନ ଜ୍ଞାୟତେ ନାମ ? ଭୋଃ ଶ୍ରେଷ୍ଠିନ୍ ! ଶିରସି ଫଣୀ, ଦୂରେ ତତ୍ପ୍ରତୀକାରଃ । ଅପିଚ, ନନ୍ଦମ୍ ଇବ ବିଷ୍ଣୁଗୁପ୍ତଃ······

(ଅର୍ଦ୍ଧୋକ୍ତେ ଲଜ୍ଜାଂ ନାଟୟତି)

ଚନ୍ଦ୍ରଗୁପ୍ତଂ ଅମାତ୍ୟରାକ୍ଷସଃ ସମୁଚ୍ଛେତ୍ସ୍ୟତି ? ପଶ୍ୟ—

ବିକ୍ରାନ୍ତୈର୍ନୟଶାଲିଭିଃ ସୁସଚିବୈଃ ଶ୍ରୀବକ୍ରନାସାଦିଭିଃ
ନନ୍ଦେ ଜୀବତି ଯା ତଦା ନ ଗମିତା ସ୍ଥୈର୍ଯ୍ୟଂ ଚଲନ୍ତୀ ମୁହୁଃ ।
ତାମେକତ୍ୱମୁପାଗତାଂ ଦ୍ୟୁତିମିବ ପ୍ରହ୍ଲାଦୟନ୍ତୀଂ ଜଗତ୍
କଶ୍ଚନ୍ଦ୍ରାଦିବ ଚନ୍ଦ୍ରଗୁପ୍ତନୃପତେଃ କର୍ତ୍ତୁଂ ବ୍ୟବସ୍ୟେତ୍ ପୃଥକ୍ ॥ ୨୨ ॥

ଅପିଚ—

(ଆସ୍ୱାଦିତ······ ଇତ୍ୟାଦି ପ୍ରାଗ୍ ଉକ୍ତଂ ପଠତି ।)

ଚନ୍ଦନ— (ସ୍ୱଗତମ୍) ଫଲେଣ ସଂପାଦିଦଂ ସୋହଇ ଦେ ବିକତ୍ଥିଦମ୍ । (ଫଲେନ ଶୋଭତେ ତେ ବିକତ୍ଥିତମ୍ ।)

(ନେପଥ୍ୟେ କଲକଲଃ)

ଚାଣକ୍ୟଃ— ଶାର୍ଙ୍ଗରବ ! ଜ୍ଞାୟତାଂ କିମ୍ ଏତତ୍ ?

Digitized by PPRACHIN, SOA

ଚାଣକ୍ୟ— ହେ ଶେଠ, ଆଶଙ୍କା କର ନାହିଁ । ପୁରବାସୀମାନେ ଅନିଚ୍ଛୁକ ହେଲେ ମଧ୍ୟ ସେମାନଙ୍କ ଗୃହରେ ପରିବାର ରଖି ପୂର୍ବ ରଜାଙ୍କର କର୍ମଚାରୀମାନେ ଭୟରେ ଦେଶାନ୍ତରକୁ ଚାଲିଯାଆନ୍ତି । ଏହା ସ୍ୱାଭାବିକ କଥା । କିନ୍ତୁ ଅପରାଧ ହେଉଛି ପ୍ରକୃତ କଥାକୁ ଲୁଚାଇ ରଖିବା ।

ଚନ୍ଦନ— ହଁ ତାହା ଠିକ୍ । ସେତେବେଳେ ମୋ ଘରେ ଅମାତ୍ୟ ରାକ୍ଷସଙ୍କର ପରିବାର ଥିଲେ ।

ଚାଣକ୍ୟ— ପ୍ରଥମେ କହୁଥିଲ, ଏହା ମିଥ୍ୟା । ବର୍ତ୍ତମାନ କହୁଛ— ଥିଲେ । ତୁମର ଏ ଉକ୍ତି ଦୁଇଟି ତ ପରସ୍ପର ବିରୋଧୀ !

ଚନ୍ଦନ— କଥାରେ ଏମିତି ଛଳ ପ୍ରକାଶ ପାଇଗଲା !

ଚାଣକ୍ୟ— ହେ ଶେଠ, ଚନ୍ଦ୍ରଗୁପ୍ତଙ୍କ ରାଜ୍ୟରେ ଛଳର ସ୍ଥାନ ନାହିଁ । ତେଣୁ ଅମାତ୍ୟ ରାକ୍ଷସଙ୍କର ପରିବାରଙ୍କୁ ଅର୍ପଣ କରି ଛଳହୀନ ହୋଇଯାଅ ।

ଚନ୍ଦନ— ଆର୍ଯ୍ୟ, ମୁଁ ପରା କହିଲି, ମୋ ଘରେ ଅମାତ୍ୟ ରାକ୍ଷସଙ୍କର ପରିବାର ଆଗେ ଥିଲେ ।

ଚାଣକ୍ୟ— ବର୍ତ୍ତମାନ କୁଆଡେ଼ ଗଲେ ?

ଚନ୍ଦନ— ମୁଁ ଜାଣେ ନାହିଁ ।

ଚାଣକ୍ୟ— (ମୃଦୁହାସ୍ୟରେ) କିପରି ଜାଣ ନାହିଁ ? ଶେଠଜୀ, ମୁଣ୍ଡ ଉପରେ ସାପ, ବହୁଦୂରେ ତା'ର ପ୍ରତିକାର । ତୁମେ କ'ଣ ଭାବୁଛ ଯେ, ବିଷ୍ଣୁଗୁପ୍ତ ଯେପରି ନନ୍ଦକୁ ଧ୍ୱଂସ କରିଛି......(କହୁଁ କହୁଁ ସଂକୋଚ ଅନୁଭବ କରି) ଅମାତ୍ୟ ରାକ୍ଷସ ସେହିପରି ଚନ୍ଦ୍ରଗୁପ୍ତକୁ ଧ୍ୱଂସ କରିବ ? ନନ୍ଦଙ୍କ ଜୀବିତାବସ୍ଥାରେ ରାଜଲକ୍ଷ୍ମୀଙ୍କୁ ବକ୍ରନାସ ପ୍ରଭୃତି ପରାକ୍ରମୀ, ନୀତିଜ୍ଞ ମନ୍ତ୍ରୀମାନଙ୍କ ଦ୍ୱାରା ସ୍ଥିର କରାଯାଇପାରି ନଥିଲା, ତେଣୁ ସେ ସର୍ବଦା ଦୋଳାୟମାନ ଅବସ୍ଥାରେ ଥିଲା । ସେହି ରାଜଲକ୍ଷ୍ମୀ ଚନ୍ଦ୍ରଗୁପ୍ତଙ୍କ-ଠାରେ ଦୃଢ଼ୀଭୂତ ହୋଇ ଜଗତକୁ ଆନନ୍ଦ ଦାନ କରୁଅଛି । ଚନ୍ଦ୍ରଗୁପ୍ତଠାରୁ ତାକୁ ପୃଥକ୍ କରିବାକୁ କିଏ ଚେଷ୍ଟା କରିପାରେ ? କିଏ ଚନ୍ଦ୍ରଦେହରୁ ଜ୍ୟୋତ୍ସ୍ନାକୁ ପୃଥକ୍ କରିବାକୁ ଚେଷ୍ଟା କରିପାରେ ? ୨୨।

ଆଉମଧ୍ୟ—'ସିଂହର ଯେଉଁ ଉଜ୍ଜ୍ୱଳ ଦାନ୍ତ ହସ୍ତୀର ରକ୍ତ ଆସ୍ୱାଦନ କରି ଇତ୍ୟାଦି ପୂର୍ବ ଉକ୍ତିର ପୁନରାବୃତ୍ତି କଲେ ।)

ଚନ୍ଦନ— (ସ୍ୱଗତ) ତୋର ଗର୍ବୋକ୍ତି ସଫଳ ହୋଇ ତୋତେ ବେଶ୍ ଶୋଭା ପାଉଛି ।

(ନେପଥ୍ୟେ କୋଳାହଳ)

ଚାଣକ୍ୟ— ଶାର୍ଙ୍ଗରବ, ବୁଝିଲ, ଏ କୋଳାହଳ କ'ଣ ?

Digitized by PPRACHIN, SOA

ଶିଷ୍ୟଃ— ଯଦ୍ ଆଜ୍ଞାପୟତି ଉପାଧ୍ୟାୟଃ (ନିଷ୍କ୍ରମ୍ୟ ପୁନଃ ପ୍ରବିଶ୍ୟ) ଉପାଧ୍ୟାୟ ! ଏଷ ରାଜ୍ଞଃ ଚନ୍ଦ୍ରଗୁପ୍ତସ୍ୟ ଆଜ୍ଞୟା ରାଜାପଥ୍ୟକାରୀ କ୍ଷପଣକଃ ଜୀବସିଦ୍ଧିଃ ସନିକାରଂ ନଗରାତ୍ ନିର୍ବାସ୍ୟତେ ।

ଚାଣକ୍ୟଃ— କ୍ଷପଣକଃ ? ଅହହ !! ଅଥବା ଅନୁଭବତୁ, ରାଜାପଥ୍ୟକାରିତ୍ୱସ୍ୟ ଫଳମ୍ । ଭୋଃ ଶ୍ରେଷ୍ଠିନ୍ ! ଚନ୍ଦନଦାସ ! ଏବମ୍ ଅୟଂ ରାଜାପଥ୍ୟକାରିଷୁ ତୀକ୍ଷ୍ଣଦଣ୍ଡଃ ରାଜା, ତତ୍ କ୍ରିୟତାଂ ପଥ୍ୟଂ ସୁହୃଦ୍‌ବଚଃ, ସମର୍ପ୍ୟତାଂ ରାକ୍ଷସଗୃହଜନଃ, ଚିରମ୍ ଅନୁଭୂୟନ୍ତାଂ ବିଚିତ୍ରାଃ ରାଜପ୍ରସାଦାଃ ।

ଚନ୍ଦନ— ଣତ୍ଥି ମେ ଗେହେ ଅମଚ୍ଚରକ୍‌ଖସଘରଅଣୋ । (ନାସ୍ତି ମେ ଗେହେ ଅମାତ୍ୟରାକ୍ଷସସ୍ୟ ଗୃହଜନଃ ।)

(ନେପଥ୍ୟେ ପୁନଃ କଳକଳଃ)

ଚାଣକ୍ୟଃ— ଶାର୍ଙ୍ଗରବ ! ଜ୍ଞାୟତାଂ, ପୁନଃ କିମ୍ ଏତତ୍ ?

ଶିଷ୍ୟଃ— ଯଦ୍ ଆଜ୍ଞାପୟତି ଉପାଧ୍ୟାୟଃ (ଇତି ନିଷ୍କ୍ରମ୍ୟ, ପୁନଶ୍ଚ ପ୍ରବିଶ୍ୟ) ଉପାଧ୍ୟାୟ ! ଅସୌ ରାଜାଜ୍ଞୟା ରାଜାପଥ୍ୟକାରୀ କାୟସ୍ଥଃ ଶକଟଦାସଃ ଶୂଳମ୍ ଆରୋପୟିତୁଂ ନୀୟତେ ।

ଚାଣକ୍ୟଃ— ସ୍ୱକର୍ମଫଳଭୁକ୍ ଭବତୁ । ଭୋଃ ଶ୍ରେଷ୍ଠିନ୍ ! ଏବମ୍ ଅୟଂ ରାଜାପଥ୍ୟକାରିଷୁ ତୀକ୍ଷ୍ଣଦଣ୍ଡଃ ରାଜା, ନ ମର୍ଷୟିଷ୍ୟତି ରାକ୍ଷସକଳତ୍ରପ୍ରଚ୍ଛାଦନଂ ଭବତଃ, ତଦ୍ ରକ୍ଷ ପରକଳତ୍ରେଣ ଆତ୍ମନଃ କଳତ୍ରଂ ଜୀବିତଂ ଚ ।

ଚନ୍ଦନ— ଅଜ୍ଜ ! କିଂ ମେ ଭଅଂ ଦଂସେସି ? ସନ୍ତଂ ବି ଗେହେ ଅମଚ୍ଚରକ୍‌ଖସସ୍ସ ଘରଅଣଂ ଣ ସମପ୍ପେମି, କିଂ ଉଣ ଅସନ୍ତଂ । (ଆର୍ଯ୍ୟ ! କିଂ ମେ ଭୟଂ ଦର୍ଶୟସି ? ସନ୍ତମ୍ ଅପି ଗେହେ ଅମାତ୍ୟରାକ୍ଷସସ୍ୟ ଗୃହଜନଂ ନ ସମର୍ପୟାମି, କିଂ ପୁନଃ ଅସନ୍ତମ୍ ।)

ଚାଣକ୍ୟଃ— ଚନ୍ଦନଦାସ ! ଏଷ ତେ ନିଶ୍ଚୟଃ ?

ଚନ୍ଦନ— ବାଢ଼ଂ, ଏସୋ ମେ ଥିରୋ ଣିଚ୍ଛଓ । (ବାଢ଼ମ୍, ଏଷ ମେ ସ୍ଥିରଃ ନିଶ୍ଚୟଃ ।)

ଚାଣକ୍ୟଃ— (ସ୍ୱଗତମ୍) ସାଧୁ ଚନ୍ଦନଦାସ ! ସାଧୁ—

ସୁଲଭେଷ୍ୱର୍ଥଲାଭେଷୁ ପରସଂବେଦନେ ଜନଃ ।
କ ଇଦଂ ଦୁଷ୍କରଂ କୁର୍ଯ୍ୟାଦିଦାନୀଂ ଶିବିନା ବିନା ।। (୨୩)

(ପ୍ରକାଶମ୍) ଚନ୍ଦନଦାସ ! ଏଷ ତେ ନିଶ୍ଚୟଃ ?

Digitized by PPRACHIN, SOA

ଶିଷ୍ୟ— ଯଥାଜ୍ଞା । (ବାହାରକୁ ଯାଇ ପୁଣି ପ୍ରବେଶ କରି) ଉପାଧ୍ୟାୟ, ରାଜାଙ୍କ ଅହିତକାରୀ କ୍ଷପଣକ ଜୀବସିଦ୍ଧିଙ୍କୁ ରାଜା ଚନ୍ଦ୍ରଗୁପ୍ତଙ୍କ ଆଦେଶରେ ଧିକ୍କାର ପୂର୍ବକ ନିର୍ବାସିତ କରଯାଉଛି ।

ଚାଣକ୍ୟ— କ୍ଷପଣକ ! ଆହା ! ନା, ଠିକ୍ ହୋଇଛି । ଅହିତ ଆଚରଣରେ ଫଳ ଭୋଗ କରୁ । ଶେଠ ଚନ୍ଦନଦାସ ! ଅହିତକାରୀମାନଙ୍କୁ ଏ ରାଜା ଏହିଭଳି ଦଣ୍ଡ ଦିଅନ୍ତି । ତେଣୁ ମିତ୍ରର (ମୋର) ହିତକଥା ଗ୍ରହଣ କର । ରାକ୍ଷସଙ୍କ ପରିବାରଙ୍କୁ ଦେଇଦିଅ ଏବଂ ନାନାବିଧ ରାଜ-ଅନୁଗ୍ରହ ଭୋଗକର ।

ଚନ୍ଦନ— ଅମାତ୍ୟଙ୍କ ପରିବାର ମୋ ଘରେ ନାହାନ୍ତି ।

(ନେପଥ୍ୟେ ପୁଣି କୋଳାହଳ)

ଚାଣକ୍ୟ— ଶାର୍ଙ୍ଗରବ, ବୁଝିଲ, ଏ ପୁଣି କଅଣ ?

ଶିଷ୍ୟ— ଉପାଧ୍ୟାୟଙ୍କର ଯାହା ଆଜ୍ଞା । (ଯାଇ ଏବଂ ପୁଣି ପ୍ରବେଶ କରି) ଉପାଧ୍ୟାୟ, ରାଜାଙ୍କ ଅହିତକାରୀ କାୟସ୍ଥ ଶକଟଦାସଙ୍କୁ ମଧ୍ୟ ଶୂଳୀ ଦେବାପାଇଁ ନେଉଛନ୍ତି ।

ଚାଣକ୍ୟ— ନିଜର କର୍ମଫଳ ଭୋଗ କରୁ । ଶେଠ, ଅହିତକାରୀମାନଙ୍କୁ ଏ ରାଜା ଏହିପରି ତୀବ୍ର ଦଣ୍ଡ ଦିଅନ୍ତି । ତେଣୁ ରାକ୍ଷସର ପରିବାରଙ୍କୁ ଗୋପନରେ ରଖି ତୁମେ ଯେଉଁ ଅପରାଧ କରିଛ, ତାହା କଦାପି ସେ ମାର୍ଜନା କରିବେ-ନାହିଁ । ଅତଏବ ଅନ୍ୟର ପରିବାର ଦେଇ ନିଜର ପରିବାର ଓ ନିଜକୁ ରକ୍ଷା କର ।

ଚନ୍ଦନ— ଆର୍ଯ୍ୟ, ଆପଣ ମୋତେ କି ଭୟ ଦେଖାଉଛନ୍ତି ? ମୋ ଘରେ ଯଦି ଅମାତ୍ୟଙ୍କର ପରିବାର ଥାଆନ୍ତେ, ତଥାପି ମୁଁ ତାଙ୍କୁ ଅର୍ପଣ କରନ୍ତିନାହିଁ । ଆଉ ପ୍ରକୃତରେ ତ ନାହାନ୍ତି ।

ଚାଣକ୍ୟ— ଚନ୍ଦନଦାସ, ଏହା କଅଣ ତୁମର ସଂକଳ୍ପ ?

ଚନ୍ଦନ— ହଁ, ଏହା ମୋର ଦୃଢ ସଂକଳ୍ପ ।

ଚାଣକ୍ୟ— (ସ୍ୱଗତ) ଧନ୍ୟ ! ଚନ୍ଦନଦାସ ! ଧନ୍ୟ !

ଅନ୍ୟକୁ ଦୁଃଖଦେଇ ନିଜର ସ୍ୱାର୍ଥସିଦ୍ଧି କରିବା ଜଗତରେ ସ୍ୱାଭା-ବିକ କଥା । କିନ୍ତୁ କେବଳ ରାଜା ଶିବି ହିଁ ତୁମରି ଭଳି ମହତ୍ କଠିନ କାର୍ଯ୍ୟ କରିଥିଲେ । ତୁମ ଛଡା ଆଉ ଏଭଳି ମହତ୍ କଠିନ କାର୍ଯ୍ୟ କିଏ କରିପାରେ ? ୨୩ ।।

(ପ୍ରକାଶ୍ୟରେ) ଚନ୍ଦନଦାସ, ଏହା ତୁମର ସଂକଳ୍ପ ?

Digitized by PPRACHIN, SOA

ଚନ୍ଦନ— ବାଢ଼ଂ, ଏସୋ ମେ ଥିରେ ଣିଛଓ ।

ଗୃଣକ୍ୟଃ— (ସକ୍ରୋଧମ୍) ଦୁରାତ୍ମନ୍ ଦୁଷ୍ଟବଣିକ୍ ! ଅନୁଭୂୟତାଂ ତର୍ହି ରାଜକୋପଃ ।

ଚନ୍ଦନ— (ବାହୂ ପ୍ରସାର୍ଯ୍ୟ) ସଜ୍ଜୋହ୍ମି, ଅଣୁଚିଟ୍ଠଦୁ ଅଜ୍ଜୋ ଅତ୍ତଣୋ ଅହ୍ୱିଆରସ୍ସ ଅଣୁରୂଅଂ । (ସଜ୍ଜୋଽସ୍ମି, ଅନୁତିଷ୍ଠତୁ ଆର୍ଯ୍ୟଃ ଆତ୍ମନଃ ଅଧିକାରସ୍ୟ ଅନୁରୂପମ୍ ।)

ଗୃଣକ୍ୟଃ— (ସକ୍ରୋଧମ୍) ଶାର୍ଙ୍ଗରବ ! ଉଚ୍ୟତାମସ୍ମଦ୍ବଚନାତ୍ କାଳପାଶିକଃ ଦଣ୍ଡପାଶିକଃ ଚ— 'ଶୀଘ୍ରମୟଂ ଦୁଷ୍ଟବଣିକ୍ ନିଗୃହ୍ୟତାମ୍' । ଅଥବା ତିଷ୍ଠତୁ, ଉଚ୍ୟତାଂ ଦୁର୍ଗପାଳଃ ବିଜୟପାଳଃ ଚ— 'ଗୃହୀତଗୃହସାରମେନଂ ସପୁତ୍ରକଳତ୍ରଂ ସଂଯମ୍ୟ ରକ୍ଷ ତାବତ୍, ଯାବତ୍ ମୟା ବୃଷଳାୟ କଥ୍ୟତେ । ସଃ ଏବାସ୍ୟ ପ୍ରାଣହରଂ ଦଣ୍ଡମ୍ ଆଜ୍ଞାପୟିଷ୍ୟତି ।

ଶିଷ୍ୟଃ— ଯଦ୍ ଆଜ୍ଞାପୟତି ଉପାଧ୍ୟାୟଃ । ଶ୍ରେଷ୍ଠିନ୍ ! ଇତଃ ଇତଃ ।

ଚନ୍ଦନ- (ଉତ୍ଥାୟ) ଅଜ୍ଜ ! ଅଅମାଅଚ୍ଛାମି । ଦିଟ୍ଠିଆ ମିତ୍ତକଜ୍ଜେଣ ମେ ବିଣାସୋ ଜଣିଦୋ, ଣ ଉଣ ପୁରିସଦୋହେଣ । ଆର୍ଯ୍ୟ ! ଅୟମ୍ ଆଗଚ୍ଛାମି । (ସ୍ୱଗତମ୍) ଦିଷ୍ଟ୍ୟା ମିତ୍ରକାର୍ଯ୍ୟେଣ ମେ ବିନାଶଃ ଜନିତଃ, ନ ପୁନଃ ପୁରୁଷଦୋଷେଣ ।) (ପରିକ୍ରମ୍ୟ ଶିଷ୍ୟେଣ ସହ ନିଷ୍କ୍ରାନ୍ତଃ ।)

ଗୃଣକ୍ୟଃ- (ସହର୍ଷମ୍) ହନ୍ତ, ଲବ୍ଧ ଇଦାନୀଂ ରାକ୍ଷସଃ । କୁତଃ ?
ତ୍ୟଜତ୍ୟପ୍ରିୟବତ୍ ପ୍ରାଣାନ୍ ଯଥା ତସ୍ୟାୟମାପଦି ।
ତଥୈବାସ୍ୟାପଦି ପ୍ରାଣା ନୂନଂ ତସ୍ୟାପି ନ ପ୍ରିୟାଃ ॥ ୨୪ ॥

(ନେପଥ୍ୟେ କଳକଳଃ)

ଗୃଣକ୍ୟଃ- ଶାର୍ଙ୍ଗରବ !

ଶିଷ୍ୟଃ— (ପ୍ରବିଶ୍ୟ) ଉପାଧ୍ୟାୟ ! ଆଜ୍ଞାପୟତୁ ।

ଗୃଣକ୍ୟଃ- ଜ୍ଞାୟତାଂ କିମ୍ ଏତତ୍ ?

ଶିଷ୍ୟଃ— (ନିଷ୍କ୍ରମ୍ୟ ପୁନଃ ପ୍ରବିଶ୍ୟ ସଂଭ୍ରାନ୍ତଃ) ଉପାଧ୍ୟାୟ ! ଏଷ ଖଲୁ ଶକଟଦାସଂ ବଧ୍ୟମାନଂ ବଧ୍ୟଭୂମେଃ ଆଦାୟ ସମପକ୍ରାନ୍ତଃ ସିଦ୍ଧାର୍ଥକଃ ।

ଗୃଣକ୍ୟଃ- (ସ୍ୱଗତମ୍) ସାଧୁ ସିଦ୍ଧାର୍ଥକ ! ସାଧୁ ! କୃତଃ କାର୍ଯ୍ୟାରମ୍ଭଃ । (ପ୍ରକାଶମ୍) ପ୍ରସହ୍ୟ କିମ୍ ଅପକ୍ରାନ୍ତଃ ? (ସକ୍ରୋଧମ୍) ବତ୍ସ ! ଉଚ୍ୟତାଂ ଭାଗୁରାୟଣଃ ଯଥା ତ୍ୱରିତମ୍ ଏନଂ ସମ୍ଭାବୟେଦ୍ ଇତି ।

Digitized by PPRACHIN, SOA

ଚନ୍ଦନ— ହଁ, ଏହା ମୋର ସଂକଳ୍ପ ।

ଚାଣକ୍ୟ— (କ୍ରୋଧରେ) ଦୁରାତ୍ମା, ଦୁଷ୍ଟ ବଣିକ ! ତା'ହେଲେ ରାଜାଙ୍କର କ୍ରୋଧ ଅନୁଭବ କର ।

ଚନ୍ଦନ— (ବାହୁ ପ୍ରସାର କରି) ମୁଁ ପ୍ରସ୍ତୁତ ଅଛି । ଆପଣ ନିଜ କ୍ଷମତାର ଅନୁରୂପ ବ୍ୟବହାର କରନ୍ତୁ ।

ଚାଣକ୍ୟ— ଶାର୍ଙ୍ଗରବ, ମୋର କଥାନୁସାରେ କାଳପାଶିକ ଏବଂ ଦଣ୍ଡପାଶିକଙ୍କୁ କୁହ, ଏ ବଣିକକୁ ସେମାନେ ବଧ କରନ୍ତୁ । (ଚିନ୍ତା କରି) ନା, ଥାଉ । ଦୁର୍ଗପାଳ ବିଜୟପାଳଙ୍କୁ କୁହ, ସେ ଏହାର ସମସ୍ତ ଧନ ବାଜ୍ୟାପ୍ତ କରନ୍ତୁ ଏବଂ ମୁଁ ଚନ୍ଦ୍ରଗୁପ୍ତଙ୍କୁ ଏ ବିଷୟ କହିବା ପର୍ଯ୍ୟନ୍ତ ଏହାକୁ ସପରିବାର କାରାଗାରରେ ରୁଦ୍ଧ କରି ରଖନ୍ତୁ । ଚନ୍ଦ୍ରଗୁପ୍ତ ହିଁ ଏହାର ପ୍ରାଣଦଣ୍ଡ ଆଦେଶ ଦେବେ ।

ଶିଷ୍ୟ— ଯଥାଜ୍ଞା ଗୁରୁଦେବ । ଶେଠ, ଏଣେ ଆସନ୍ତୁ ।

ଚନ୍ଦନ— ଆର୍ଯ୍ୟ, ଯାଉଛି । (ସ୍ୱଗତ) ସୌଭାଗ୍ୟକୁ ମିତ୍ରକାର୍ଯ୍ୟରେ ମୋର ବିନାଶ ହେବ, ନିଜ ଦୋଷରୁ ନୁହେଁ । (ଶିଷ୍ୟ ସହ ପ୍ରସ୍ଥାନ କଲେ)

ଚାଣକ୍ୟ— (ଆନନ୍ଦରେ) ବେଶ୍, ରାକ୍ଷସ ବର୍ତ୍ତମାନ ମୋର କରଗତ । କାରଣ— ଏ ଯେପରି ତା'ର ବିପଦରେ ନିଜ ପ୍ରାଣକୁ ତୁଚ୍ଛ ମନେ କରୁଛି, ସେ (ରାକ୍ଷସ) ମଧ୍ୟ ଏହାର ବିପଦରେ ନିଜ ପ୍ରାଣକୁ ତୁଚ୍ଛ ମନେ କରିବ । ୨୪ ।।

(ନେପଥ୍ୟେ କୋଳାହଳ)

ଚାଣକ୍ୟ— ଶାର୍ଙ୍ଗରବ ! ଶାର୍ଙ୍ଗରବ !

ଶିଷ୍ୟ— (ପ୍ରବେଶ କରି) ଉପାଧ୍ୟାୟ, ଆଜ୍ଞା ଦିଅନ୍ତୁ ।

ଚାଣକ୍ୟ— ଏ ପୁଣି କି କୋଳାହଳ ?

ଶିଷ୍ୟ— (ବାହାରକୁ ଯାଇ ଏବଂ ପୁଣି ପ୍ରବେଶ କରି ଭୟର ସହିତ) ଉପାଧ୍ୟାୟ, ଶକଟଦାସଙ୍କୁ ବଧ୍ୟଭୂମିକୁ ନିଆ ଯାଉଥିବାବେଳେ ସିଦ୍ଧାର୍ଥକ ତାଙ୍କୁ ବଧ୍ୟଭୂମିରୁ ନେଇ ପଳାଇଗଲା ।

ଚାଣକ୍ୟ— (ସ୍ୱଗତ) ଧନ୍ୟ ସିଦ୍ଧାର୍ଥକ ! ତୁମର କାର୍ଯ୍ୟ ଆରମ୍ଭ ହୋଇଗଲା । (ପ୍ରକାଶ୍ୟରେ) କଅଣ ବଳାତ୍କାରରେ ନେଇଗଲା ? (କ୍ରୋଧରେ) ବତ୍ସ ! ଭଗୁରାୟଣଙ୍କୁ କୁହ, ସେ ଶୀଘ୍ର ତାକୁ ଧରନ୍ତୁ ।

Digitized by PPRACHIN, SOA

ଶିଷ୍ୟଃ— (ପୁନଃ ତଥା କୃତ୍ୱା ପ୍ରବିଶ୍ୟ ସବିଷାଦମ୍) ଉପାଧ୍ୟାୟ ! ହା ଧିକ୍ ! କଷ୍ଟମ୍ ! ଅପକ୍ରାନ୍ତଃ ଭାଗୁରାୟଣଃ ଅପି ।

ଚାଣକ୍ୟଃ- (ସ୍ୱଗତମ୍) ବ୍ରଜନ୍ତୁ କାର୍ଯ୍ୟସିଦ୍ଧୟେ । (ପ୍ରକାଶମ୍ ସକ୍ରୋଧମ୍ ଇବ) ବତ୍ସ ! କୃତଂ ବିଷାଦେନ । ଉଚ୍ୟତାମ୍ ଅସ୍ମଦ୍ ବଚନାଦ୍ ଭଦ୍ରଭଟ-ପୁରୁଷଦତ୍ତ-ହିଙ୍ଗୁରାତ-ବଲଗୁପ୍ତ- ରାଜସେନ- ରୋହିତାକ୍ଷ- ବିଜୟବର୍ମାଣଃ ଶୀଘ୍ରମ୍ ଉପସୃତ୍ୟ ଗୃହ୍ୟତାଂ ଦୁରାତ୍ମା ଭାଗୁରାୟଣଃ ।

ଶିଷ୍ୟଃ— ଯଦ୍ ଆଜ୍ଞାପୟତି ଉପାଧ୍ୟାୟଃ । (ଇତି ନିଷ୍କ୍ରମ୍ୟ ପୁନଃ ପ୍ରବିଶ୍ୟ) ଉପାଧ୍ୟାୟ ! ହା ଧିକ୍ କଷ୍ଟମ୍ ! ସର୍ବମ୍ ଏବ ତନ୍ତ୍ରମାକୁଲୀଭୂତମ୍ । ତେଽପି ଖଲୁ ଭଦ୍ରଭଟପ୍ରଭୃତୟଃ ପ୍ରଥମମ୍ ଉଷସି ଏବ ଅପକ୍ରାନ୍ତାଃ ।

ଚାଣକ୍ୟଃ- (ସ୍ୱଗତମ୍) ସର୍ବେଷାମ୍ ଏବ ଶିବାଃ ପନ୍ଥାନଃ ସନ୍ତୁ । (ପ୍ରକାଶମ୍) ବତ୍ସ ! ଅଲଂ ବିଷାଦେନ । ପଶ୍ୟ—

ଯେ ଯାତାଃ କମପି ପ୍ରଧାର୍ଯ୍ୟ ହୃଦୟେ, ପୂର୍ବଂଗତା ଏବ ତେ
ଯେ ତିଷ୍ଠନ୍ତି ଭବନ୍ତୁ ତେଽପି ଗମନେ କାମଂ ପ୍ରକାମୋଦ୍ୟମାଃ ।
ଏକା କେବଲମର୍ଥସାଧନବିଧୌ ସେନାଶତେଭ୍ୟୋଽଧିକା
ନନ୍ଦୋନ୍ମୂଳନଦୃଷ୍ଟବୀର୍ଯ୍ୟମହିମା ବୁଦ୍ଧିସ୍ତୁ ମା ଗାନ୍ ମମ ।। ୨୫ ।।

(ଉତ୍ଥାୟ ପ୍ରତ୍ୟକ୍ଷବଦ୍ ଆକାଶେ ଲକ୍ଷ୍ୟଂ ବଦ୍ଧ୍ୱା) ଏଷ ଖଲୁ ଦୁରାତ୍ମନଃ ଭଦ୍ରଭଟପ୍ରଭୃତୀନାହରାମି । (ଆତ୍ମଗତମ୍) ଦୁରାତ୍ମନ୍ ରାକ୍ଷସ ! କ୍ୱ ଇଦାନୀଂ ଯାସ୍ୟସି ? ଏଷ ଅହମ୍ ଅଚିରାତ୍ ଭବନ୍ତମ୍—

ସ୍ୱଚ୍ଛନ୍ଦମେକଚରମୁଜ୍ଜ୍ୱଲଦାନଶକ୍ତି ମୁତ୍ସେକିନା ବଲମଦେନ ବିଗାହମାନମ୍ ।
ବୁଦ୍ଧ୍ୟା ନିଗୃହ୍ୟ ବୃଷଲସ୍ୟ କୃତେ କ୍ରିୟାୟା ମାରଣ୍ୟକଂ ଗଜମିବ ପ୍ରଗୁଣୀକରୋମି । ୨୬ ।

(ଇତି ନିଷ୍କ୍ରାନ୍ତାଃ ସର୍ବେ)

(ଇତି ପ୍ରଥମଃ ଅଙ୍କଃ)

—o—

Digitized by PPRACHIN, SOA

ଶିଷ୍ୟ— (ବାହାରକୁ ଯାଇ ପୁଣି ପ୍ରବେଶ କରି ବିଷାଦରେ) ଉପାଧ୍ୟାୟ ! କି ଦୁର୍ଯୋଗ ! ଭଗୁରାୟଣ ମଧ୍ୟ ପଳାଇଯାଇଛନ୍ତି ।

ଚାଣକ୍ୟ—(ସ୍ୱଗତ) ଯାଉ, କାର୍ଯ୍ୟ ସାଧନ କରୁ । (ପ୍ରକାଶ୍ୟରେ କ୍ରୁଦ୍ଧ ହୋଇ) ବତ୍ସ ! ମୋ କଥାନୁସାରେ ଭଦ୍ରଭଟ, ପୁରୁଷଦତ୍ତ, ଡିଙ୍ଗରାତ, ବଳଗୁପ୍ତ, ରାଜସେନ, ଲୋହିତାକ୍ଷ ଏବଂ ବିଜୟବର୍ମା—ଏମାନଙ୍କୁ କୁହ ସେମାନେ ଦୁରାତ୍ମା ଭଗୁରାୟଣଙ୍କୁ ଶୀଘ୍ର ଅନୁଧାବନ କରି ଧରନ୍ତୁ !

ଶିଷ୍ୟ- ହେଉ । (ବାହାରକୁ ଯାଇ ଓ ପୁଣି ପ୍ରବେଶ କରି ବିଷାଦରେ) ଓଃ ! ଉପାଧ୍ୟାୟ, କି ଦୁର୍ଯୋଗ ! ସମଗ୍ର ଶାସନତନ୍ତ୍ର ବିଗିଡି ଗଲାଣି । ଭଦ୍ରଭଟ ପ୍ରଭୃତି ଏଥିପୂର୍ବରୁ ସକାଳୁ ପଳାଇଯାଇଛନ୍ତି ।

ଚାଣକ୍ୟ—(ସ୍ୱଗତ) ସମସ୍ତଙ୍କର ପଥ ମଙ୍ଗଳମୟ ହେଉ । (ପ୍ରକାଶ୍ୟରେ) ବତ୍ସ, ଦୁଃଖିତ ହେବା ନିଷ୍ପ୍ରୟୋଜନ । ଦେଖ—

ଯେଉଁମାନେ ହୃଦୟରେ କିଛି ଅଭିସନ୍ଧି ରଖି ଯାଇଛନ୍ତି, ସେମାନେ ଯାଇଛନ୍ତି । ଆଉ ଯେଉଁମାନେ ଅଛନ୍ତି, ସେମାନେ ମଧ୍ୟ ଯିବାକୁ ପ୍ରସ୍ତୁତ ହୁଅନ୍ତୁ । କେବଳ ମୋର ବୁଦ୍ଧି ନ ଯାଉ, ଯେଉଁ ବୁଦ୍ଧି କି କାର୍ଯ୍ୟ ସାଧନ କରିବାରେ ଲକ୍ଷଲକ୍ଷ ସେନାଙ୍କଠାରୁ ଅଧିକ ସମର୍ଥ ଏବଂ ନନ୍ଦବଂଶ ଧ୍ୱଂସ କରିବାରେ ଯାହାର ମହୀୟସୀ ଶକ୍ତି ପରୀକ୍ଷିତ ହୋଇସାରିଛି । ୨୫ ।।

(ଉଠି ଶୂନ୍ୟଆଡେ ଲକ୍ଷ୍ୟ ରଖି) ଆଚ୍ଛା ! ମୁଁ ଦୁଷ୍ଟ ଭଦ୍ରଭଟ ପ୍ରଭୃତିଙ୍କୁ ଆଣୁଛି । (ସ୍ୱଗତ) ଦୁରାତ୍ମା ରାକ୍ଷସ ! ବର୍ତ୍ତମାନ କୁଆଡ଼େ ଯିବୁ ? ମୁଁ ବର୍ତ୍ତମାନ ତୋତେ—

ତୁ ଅତ୍ୟନ୍ତ ଦାନଶୀଳତା ଦେଖାଇ ଏବଂ ପରାକ୍ରମରେ ବିଶେଷ ଗର୍ବିତ ହୋଇ ସ୍ୱଚ୍ଛନ୍ଦରେ କାର୍ଯ୍ୟ କରୁଛୁ । ସ୍ୱଚ୍ଛନ୍ଦବିହାରୀ ପ୍ରଚୁରମଦ-ଜଳସ୍ରାବୀ ପ୍ରଭୂତଶକ୍ତିଶାଳୀ ବନ୍ୟ ହସ୍ତୀକୁ ଯେପରି ବୁଦ୍ଧିବଳରେ ବାନ୍ଧି କାର୍ଯ୍ୟରେ ଲଗାଯାଏ, ସେହିପରି ମୁଁ ତୋତେ ବୁଦ୍ଧିବଳରେ ଆୟତ୍ତ କରି ଚନ୍ଦ୍ରଗୁପ୍ତର କାର୍ଯ୍ୟରେ ନିୟୋଜିତ କରିବି ।

(ପ୍ରସ୍ଥାନ କଲେ)

(ରଙ୍ଗମଞ୍ଚରୁ ସମସ୍ତ ପାତ୍ରଙ୍କର ପ୍ରସ୍ଥାନ)

।। ପ୍ରଥମ ଅଙ୍କ ସମାପ୍ତ ।।

—୦—

Digitized by PPRACHIN, SOA

ଦ୍ୱିତୀୟୋଽଙ୍କଃ

(ତତଃ ପ୍ରବିଶତି ଆହିତୁଣ୍ଡିକଃ)

ଆହି— ଜାଣନ୍ତି ତନ୍ତଜୁତ୍ତିଂ ଜହଟ୍ଠିଅଂ ମଣ୍ଡଲଂ ଅହିଲିହନ୍ତି ।
ଜେ ମନ୍ତରକ୍ଖଣପରା ତେ ସପ୍ପଣରାହିବେ ଉବଚରନ୍ତି ॥ ୧ ॥
(ଜାନନ୍ତି ତନ୍ତ୍ରଯୁକ୍ତିଂ ଯଥାସ୍ଥିତଂ ମଣ୍ଡଲମଭିଲିଖନ୍ତି ।
ଯେ ମନ୍ତ୍ରରକ୍ଷଣପରାସ୍ତେ ସର୍ପନରାଧିପାବୁପଚରନ୍ତି ॥ ୧ ॥)

(ଆକାଶେ) ଅଜ୍ଜ ! କିଂ ଭଣାସି କୋ ତୁମଂ ତ୍ତି ? ଅଜ୍ଜ ! ଅହଂ କ୍ଖୁ ଆହିତୁଣ୍ଡିଓ ଜିଣ୍ଣବିସୋ ଣାମ । କିଂ ଭଣାସି ଅହଂ ବି ଅହିଣା ଖେଲିଦୁଂ ଇଚ୍ଛାମି ତ୍ତି ? ଅଥ କଦରଂ ଉଣ ଅଜ୍ଜୋ ବିତ୍ତିଂ ଉବଜୀବଦି ? କିଂ ଭଣାସି ରାଅଉଲସେବଓ ତ୍ତି ? ଣଂ ଖେଲଦି ଜ୍ଜେବ ଅଜ୍ଜୋ ଅହିଣା । କିଂ ଭଣାସି କଧଂ ତ୍ତି ? ଅମନ୍ତୋସହିକୁଶଲୋ ବାଲଗ୍ଗାହୀ, ଅଣିହାଦଙ୍କୁସୋ ମତ୍ତଗଅ-ବରାରୋହୀ, ଲଦ୍ଧାହିଆରୋ ଜିଦକାସୀ ରାଅସେବଓ ତ୍ତି, ଏ ତିଣ୍ଣି ଅବସ୍ସଂ ବିଣାସଂ ଅଣୁହୋନ୍ଦି । କଧଂ ଦିଟ୍ଠମେତ୍ତୋ ଅଦିକ୍କନ୍ତୋ ଏସୋ । ଅଜ୍ଜ ! ତୁମଂ ପୁଣ କିଂ ଭଣାସି ? କିଂ ଏଦେସୁ ପେଡାସମୁଗ୍ଗକେସୁ ତ୍ତି ? ଅଜ୍ଜ ! ଅପ୍ପଜୀବିଆସଂପାଦଆ ସପ୍ପା । କିଂ ଭଣାସି ପେକ୍ଖିଦୁମିଚ୍ଛାମି ତ୍ତି ? ପସୀଦଦୁ ପସୀଦଦୁ ଅଜ୍ଜୋ ! ଅଟ୍ଠାଣଂ କ୍ଖୁ ଏଦଂ । ତା ଜଇ ଦେ କୋଦୂହଲଂ ତା ଏହି, ଏଦସ୍ସିଂ ଆବାସେ ଦଂସେମି । କିଂ ଭଣାସି ଏଦଂ କ୍ଖୁ ଭଟ୍ଟିଣୋ ଅମଚ୍ଚରକ୍ଖସସ୍ସ ଗେହଂ, ଣତ୍ଥି ଇଧ ଅହ୍ମାରିସାଣଂ ପବେସୋ ତ୍ତି ? ତେଣ ହି ଗଚ୍ଛଦୁ ଅଜ୍ଜୋ । ଜୀବିଆଏ ପ୍ପସାଦେଣ ଅତ୍ଥି ଏତ୍ଥ ମମ ପବେସୋ ତ୍ତି । କଧଂ ଏସୋ ବି ଅଦିକ୍କନ୍ତୋ । (ଆର୍ଯ୍ୟ ! କିଂ ଭଣସି କସ୍ତ୍ୱମ୍ ଇତି ? ଆର୍ଯ୍ୟ ! ଅହଂ ଖଳୁ ଆହିତୁଣ୍ଡିକୋ ଜୀର୍ଣ୍ଣବିଷୋ ନାମ । (ପୁନରାକାଶେ) କିଂ ଭଣସି ଅହମ୍ ଅପି ଅହିନା ଖେଲିତୁମ୍ ଇଚ୍ଛାମି ଇତି ? ଅଥ କତରାଂ ପୁନଃ ଆର୍ଯ୍ୟୋ ବୃତ୍ତିମ୍ ଉପଜୀବତି ? (ପୁନଃ ଆକାଶେ) କିଂ ଭଣସି 'ରାଜକୁଳସେବକ' ଇତି । ନନୁ ଖେଳତି ଏବ ଆର୍ଯ୍ୟଃ ଅହିନା । କିଂ ଭଣସି କଥମ୍ ଇତି ? 'ଅମନ୍ତ୍ରୌଷଧିକୁଶଳଃ ବ୍ୟାଲଗ୍ରାହୀ, ଅନିବାରିତାଙ୍କୁଶଃ ମତ୍ତଗଜବରାରୋହୀ, ଲବ୍ଧାଧିକାରଃ ଜିତକାଶୀ ରାଜସେବକ' ଇତି, ଏତେ ତ୍ରୟଃ ଅବଶ୍ୟଂ ବିନାଶମ୍ ଅନୁଭବନ୍ତି । କଥଂ ଦୃଷ୍ଟମାତ୍ରଃ ଅତିକ୍ରାନ୍ତଃ ଏଷଃ । (ପୁନଃ ଆକାଶେ) ଆର୍ଯ୍ୟ ! ତ୍ୱଂ ପୁନଃ କିଂ ଭଣସି—କିମ୍ ଏତେଷୁ ପେଟକସମୁଦ୍ଗକେଷୁ ଇତି ? ଆର୍ଯ୍ୟ ! ଆତ୍ମଜୀବିକା-ସମ୍ପାଦକାଃ ସର୍ପାଃ । (ପୁନଃ ଆକାଶେ) କିଂ ଭଣସି ? ପ୍ରେକ୍ଷିତୁମ୍ ଇଚ୍ଛାମି ଇତି ? ପ୍ରସୀଦତୁ ଆର୍ଯ୍ୟଃ । ଅସ୍ଥାନଂ ଖଳୁ ଏତତ୍ । ତଦ୍ ଯଦି ତେ କୌତୂହଳଂ

Digitized by PPRACHIN, SOA

ଦ୍ୱିତୀୟ ଅଙ୍କ

(ଏକ ସାପୁଆ କେଳାର ପ୍ରବେଶ)

ସାପୁଆକେଳା— ବିଷହର ଔଷଧର ପ୍ରୟୋଗ ଯେ ଜାଣେ,
ମଣ୍ଡଳ ପାରଇ ଲେଖି ଯଥା ପରମାଣେ,
ମନ୍ତ୍ର ନିୟମ ପାଳନେ ଯେହୁ ତତପର,
ପାରଇ ସେ କରି ସର୍ପ ସଙ୍ଗେ ବ୍ୟବହାର ।
ଶାସନର ନୀତିମାନ ଜାଣଇ ଯେ ଜନ,
ରାଜ୍ୟ ମାନଚିତ୍ର କରିପାରଇ ଅଙ୍କନ,
ଗୋପନେ ମନ୍ତ୍ରଣା ଯେହୁ ରଖେ ନିରନ୍ତର,
ପାରଇ ସେ କରି ରାଜା ସଙ୍ଗେ ବ୍ୟବହାର । ୧ ।

(ଶୂନ୍ୟକୁ ଚାହିଁ) ଆର୍ଯ୍ୟ, ଆପଣ କ'ଣ କହୁଛନ୍ତି ? ପଚାରୁଛନ୍ତି ମୁଁ କିଏ ? ଆର୍ଯ୍ୟ, ମୁଁ ହେଉଛି ଜୀର୍ଣ୍ଣବିଷ ନାମକ ସାପୁଆକେଳା । କଅଣ କହୁଛନ୍ତି ? ଆପଣ ମଧ୍ୟ ସାପ ସହିତ ଖେଳିବାକୁ ଇଚ୍ଛା କରନ୍ତି ? ଆଚ୍ଛା ଆପଣଙ୍କର ଜୀବିକା କଅଣ ? କଅଣ କହୁଛନ୍ତି ? ରାଜକର୍ମଚାରୀ ? ତାହାହେଲେ ଆପଣ ସାପ ସହିତ ଖେଳୁଥିବେ । ମନ୍ତ୍ର ଓ ଔଷଧରେ ଅନଭିଜ୍ଞ ସାପୁଆକେଳା, ଅଙ୍କୁଶ ଧରି ନ ଥିବା ମତ୍ତଗଜ-ଆରୋହୀ ଏବଂ କ୍ଷମତାସୀନ ଉଦ୍ଧତ ରାଜ-କର୍ମଚାରୀ, ଏ ଏ ତିନିଶ୍ରେଣୀର ବ୍ୟକ୍ତିଙ୍କର ଧ୍ୱଂସ ଅନିବାର୍ଯ୍ୟ । ଆରେ ! ଚାହୁଁ ଚାହୁଁ ଚାଲିଗଲେ ! (ପୁଣି ଶୂନ୍ୟ ଆଡେ ଚାହିଁ) ଆପଣ କଅଣ କହୁଛନ୍ତି ? ପଚାରୁଛନ୍ତି ଏ ପେଡ଼ିରେ କଅଣ ଅଛି ? ଆର୍ଯ୍ୟ ! ଏଥିରେ ସାପ ଅଛନ୍ତି । ଏମାନେ ହେଉଛନ୍ତି ମୋ ଜୀବିକାର ଅବଲମ୍ବନ । କଅଣ କହୁଛନ୍ତି ? ଦେଖିବାକୁ ଚାହୁଁଛନ୍ତି ? କ୍ଷମା କରନ୍ତୁ । ଏ ଉପଯୁକ୍ତ ସ୍ଥାନ ନୁହେଁ । ଯଦି କୌତୂହଳ ବୋଧ ହେଉଛି, ତେବେ ଆସନ୍ତୁ, ଏହି ଘରେ ଦେଖାଇବି ।

Digitized by PPRACHIN, SOA

ତଦ୍ ଏହ୍ୱ, ଏତସ୍ମିନ୍ ଆବାସେ ଦର୍ଶୟାମି । (ପୁନଃ ଆକାଶେ) କିଂ ଭଣସି—'ଇଦଂ ଖଲୁ ଭର୍ତ୍ତୁଃ ଅମାତ୍ୟରାକ୍ଷସସ୍ୟ ଗୃହମ୍, ନାସ୍ତି ଇହ ଅସ୍ମାଦୃଶାନାଂ ପ୍ରବେଶ' ଇତି ? ତେନ ହି ଗଚ୍ଛତୁ ଆର୍ଯ୍ୟଃ, ଜୀବିକାୟାଃ ପ୍ରସାଦେନ ଅସ୍ତି ଅତ୍ର ମମ ପ୍ରବେଶ' ଇତି । କଥମ୍ ଏଷଃ ଅପି ଅତିକ୍ରାନ୍ତଃ !)

(ଦ୍ୱିଣଃ ଅବଲୋକ୍ୟ ସଂସ୍କୃତମ୍ ଆଶ୍ରିତ୍ୟ ସ୍ୱଗତମ୍) ଅହୋ ! ଆଶ୍ଚର୍ଯ୍ୟମ୍ !

ଗୃଣକ୍ୟମତିପରିଗୃହୀତଂ ଚନ୍ଦ୍ରଗୁପ୍ତମ୍ ଅବଲୋକ୍ୟ ବିଫଳମ୍ ଇବ ରାକ୍ଷସ-ପ୍ରଯତ୍ନମ୍ ଅବଗଚ୍ଛାମି । ରାକ୍ଷସମତିପରିଗୃହୀତମ୍ ଚ ମଳୟକେତୁମ୍ ଅବଲୋକ୍ୟ ଚଳିତମ୍ ଇବ ଅଧିରାଜ୍ୟାତ୍ ଚନ୍ଦ୍ରଗୁପ୍ତଂ ଅବଗଚ୍ଛାମି । ତଥାହି—

କୌଟିଲ୍ୟଧୀରଜ୍ଜୁନିବଦ୍ଧମୂର୍ତ୍ତିଂ ମନ୍ୟେ ସ୍ଥିରାଂ ମୌର୍ଯ୍ୟକୁଳସ୍ୟ ଲକ୍ଷ୍ମୀମ୍ ।
ଉପାୟହସ୍ତୈରପି ରାକ୍ଷସେନ ବିକୃଷ୍ୟମାଣାମିବ ଲକ୍ଷୟାମି ॥ ୨ ॥

ତଦ୍ ଏବମ୍ ଅନୟୋଃ ସୁନୟଶାଳିନୋଃ ସଚିବୟୋଃ ବିରୋଧେ ସଂଶୟିତା ଇବ ନନ୍ଦକୁଳଲକ୍ଷ୍ମୀଃ ଲକ୍ଷ୍ୟତେ । କୁତଃ ?

ବିରୁଦ୍ଧୟୋର୍ଭୃଶମିହ ମନ୍ତ୍ରିମୁଖ୍ୟୟୋର୍ମହାବନେ ବନଗଜୟୋରିବାନ୍ତରେ ।
ଅନିଶ୍ଚୟାଦ୍ ଗଜବଶୟେବ ଭୀତୟା ଗତାଗତୈର୍ଭୃଶମିହ ଖିଦ୍ୟତେ ଶ୍ରିୟା ॥ ୩ ॥

(ତତଃ ପ୍ରବିଶତି ଆସନସ୍ଥଃ ସ୍ୱଭବନଗତଃ ପୁରୁଷେଣ ଅନୁଗମ୍ୟମାନଃ ସଚିନ୍ତଃ ରାକ୍ଷସଃ)

ରାକ୍ଷସଃ- (ଊର୍ଦ୍ଧ୍ୱମ୍ ଅବଲୋକ୍ୟ ସବାଷ୍ପମ୍) କଷ୍ଟଂ ଭୋଃ ! କଷ୍ଟମ୍ !

ବୃଷ୍ଣୀ ନାମିବ ନୀତିବିକ୍ରମଗୁଣବ୍ୟାପାରଶାନ୍ତଦ୍ୱିଷାମ୍
ନନ୍ଦାନାଂ ବିପୁଲେ କୁଳେଽକରୁଣୟା ନୀତେ ନିୟତ୍ୟା କ୍ଷୟମ୍ ।
ଚିନ୍ତାଽଽବେଶସମାକୁଲେନ ମନସା ରାତ୍ରିନ୍ଦିବଂ ଜାଗ୍ରତଃ
ସୈବେୟଂ ମମ ଚିତ୍ରକର୍ମରଚନା ଭିତ୍ତିଂ ବିନା ବର୍ତ୍ତତେ ॥ ୪ ॥

ଅଥବା—

ନେଦଂ ବିସ୍ମୃତଭକ୍ତିନା ନ ବିଷୟବ୍ୟାପାରମୂଢାତ୍ମନା
ପ୍ରାଣପ୍ରଚ୍ୟୁତିଭୀରୁଣା ନ ଚ ମୟା ନାତ୍ମପ୍ରତିଷ୍ଠାର୍ଥିନା ।

Digitized by PPRACHIN, SOA

କଅଣ କହୁଛନ୍ତି ? ଏ ହେଉଛି ଅମାତ୍ୟ ରାକ୍ଷସଙ୍କର ଘର । ଏଠାରେ ଆପଣଙ୍କ ସ୍ତରର ଲୋକେ ପ୍ରବେଶ କରି ପାରନ୍ତି ନାହିଁ, ଏହା ଆପଣ କହୁଛନ୍ତି ? ତେବେ ଯାଆନ୍ତୁ ଆପଣ । ମୁଁ କିନ୍ତୁ ଏଠାରେ ମୋ ଜୀବିକାର ସାହାଯ୍ୟରେ ପ୍ରବେଶ କରିପାରିବି । ବେଶ୍ ! ଏ ବି ଚାଲିଗଲେ !

(ସ୍ୱଗତ) କି ଆଶ୍ଚର୍ଯ୍ୟ ! ଚାଣକ୍ୟଙ୍କ ବୁଦ୍ଧିରେ ପରିଚାଳିତ ଚନ୍ଦ୍ରଗୁପ୍ତଙ୍କୁ ଦେଖିଲେ ମୁଁ ରାକ୍ଷସଙ୍କର ପ୍ରଚେଷ୍ଟାକୁ ବିଫଳ ମନେ କରୁଛି । ରାକ୍ଷସଙ୍କ ବୁଦ୍ଧିରେ ପରିଚାଳିତ ମଳୟକେତୁଙ୍କୁ ଦେଖିଲେ ଚନ୍ଦ୍ରଗୁପ୍ତ ମଧ୍ୟ ରାଜପଦରୁ ବିଚ୍ୟୁତ ହୋଇଗଲା ଭଳି ବୋଧ ହେଉଛି । କାରଣ—

ଚନ୍ଦ୍ରଗୁପ୍ତଙ୍କ ରାଜଲକ୍ଷ୍ମୀ ଚାଣକ୍ୟଙ୍କ ବୁଦ୍ଧି-ରଜ୍ଜୁରେ ଆବଦ୍ଧ । ତେଣୁ ମୁଁ ତାଙ୍କୁ ସ୍ଥିର ବୋଲି ମନେ କରୁଛି । କିନ୍ତୁ ରାକ୍ଷସ କୌଶଳରୂପକ ହସ୍ତରେ ତାଙ୍କୁ ଆକର୍ଷଣ କଲା ପରି ଜଣାପଡୁଛି ।। ୨ ।।

ଏହିପରି ଦୁଇ ବୁଦ୍ଧିମାନ୍ ସଚିବଙ୍କ ପ୍ରତିଦ୍ୱନ୍ଦ୍ୱିତା ଭିତରେ ନନ୍ଦକୁଳ-ଲକ୍ଷ୍ମୀ ସତେ ଯେପରି ସନ୍ଦେହରେ ପଡିଛନ୍ତି । ନିବିଡ଼ ଅରଣ୍ୟରେ ଦୁଇ ବିରୋଧୀ ବନ୍ୟହସ୍ତୀଙ୍କ ମଧ୍ୟରେ ହସ୍ତିନୀଟିଏ ଯେପରି ଭୟରେ କାହା ପାଖକୁ ଯିବ, କିଛି ଠିକ୍ କରି ନପାରି ଉଭୟଙ୍କ ପାଖକୁ ଯାଉଥାଏ ଏବଂ ପୁଣି ଫେରି ଆସୁଥାଏ, ତେଣୁ କଷ୍ଟ ବୋଧ କରୁଥାଏ, ଏହି ଦୁଇ ବିରୋଧୀ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ରାଜଲକ୍ଷ୍ମୀଙ୍କର ଅବସ୍ଥା ସେହିପରି ହୋଇଛି ।। ୩ ।।

ତେବେ ଯାଏଁ; ଅମାତ୍ୟରାକ୍ଷସଙ୍କୁ ସାକ୍ଷାତ୍ କରେଁ । (କିଛିବାଟ ଯାଇ ଠିଆ ହେଲେ ।)

(ଚିନ୍ତିତ ଅବସ୍ଥାରେ ନିଜର ଘର ଭିତରେ ବସିଥିବା ରାକ୍ଷସ ଦୃଷ୍ଟି-ଗୋଚର ହେଲେ । ପାଖରେ ଜଣେ ଭୃତ୍ୟ)

ରାକ୍ଷସ— (ଅଶ୍ରୁଭରା ଚକ୍ଷୁରେ) ଓଃ ! କି ଦୁଃଖ !

ଯଦୁବଂଶ ପରି ସମୃଦ୍ଧ ଯେଉଁ ନନ୍ଦବଂଶ ରାଜନୀତି, ବିକ୍ରମ ଓ ଗୁଣରେ ଶତ୍ରୁମାନଙ୍କୁ ଦମନ କରିଥିଲା, ତାହାକୁ ନିର୍ଦ୍ଦୟ ଦୈବ ଧ୍ୱଂସ କଲା । ଆଉ ମୁଁ ଚିନ୍ତାକୁଳ ମନରେ ଦିନରାତି ଜାଗ୍ରତ ରହି ଚେଷ୍ଟା ଚଳାଇ-ବାରେ ଲାଗିଛି ! ମୋର ଏ ଚେଷ୍ଟା ବିନା ଚିତ୍ରପଟରେ ଚିତ୍ର କଲାଭଳି ମାତ୍ର ! ୪ ।।

ମହାରାଜ ସ୍ୱର୍ଗତ ନନ୍ଦ ନିଜର ଶତ୍ରୁମାନଙ୍କ ବଧରେ ସନ୍ତୋଷ ଲାଭ କରିବେ, ଏହି ଉଦ୍ଦେଶ୍ୟରେ ହିଁ ମୁଁ ଅନ୍ୟର (ମଳୟକେତୁର) ଦାସତ୍ୱ ସ୍ୱୀକାର କରି ରାଜନୀତିରେ ମନୋନିବେଶ କରିଛି । ମୁଁ ଯେ ପୂର୍ବ ପ୍ରଭୁ (ନନ୍ଦ) ଙ୍କ ପ୍ରତି ଭକ୍ତି ବିସ୍ମରଣ ହେତୁ, କିମ୍ବା ସୁଖ

Digitized by PPRACHIN, SOA

ଅଭ୍ୟର୍ଥଂ ପରଦାସ୍ୟମେତ୍ୟ ନିପୁଣଂ ନୀତୌ ମନୋଧୀଯ୍ୟତେ
ଦେବଃ ସ୍ୱର୍ଗତୋଽପି ଶାତ୍ରବବଧେନାଗ୍ରାଧିତଃ ସ୍ୟାଦ୍ଧିତ ॥ ୫ ॥

(ଆକାଶମ୍ ଅବଲୋକ୍ୟ ସାସ୍ରମ୍) ଭଗବତି କମଲାଳୟେ ! ଭୃଶମ୍ ଅଗୁଣଜ୍ଞାଽସି । କୁତଃ ?

ଆନନ୍ଦହେତୁମପି ଦେବମପାସ୍ୟ ନନ୍ଦମ୍
ସକ୍ତାଽସି କିଂ କଥୟ ବୈରିଣି ମୌର୍ଯ୍ୟପୁତ୍ରେ ?
ଦାନାମ୍ବୁରାଜିରିବ ଗନ୍ଧଗଜସ୍ୟ ନାଶେ
ତତ୍ରୈବ କିଂ ନ ଚପଲେ ! ପ୍ରଳୟଂ ଗତାସି ? ୬ ॥

ଅପି ଚ ଅନଭିଜାତେ !

ପୃଥିବ୍ୟାଂ କିଂ ଦଗ୍ଧାଃ ପ୍ରଥିତକୁଳଜା ଭୂମିପତୟଃ
ପତିଂ ପାପେ ! ମୌର୍ଯ୍ୟଂ ଯଦସି କୁଲହୀନଂ ବୃତବତୀ ?
ପ୍ରକୃତ୍ୟା ବା କାଶପ୍ରଭବକୁସୁମପ୍ରାନ୍ତଚପଳା
ପୁରନ୍ଧ୍ରୀଣାଂ ପ୍ରଜ୍ଞା ପୁରୁଷଗୁଣବିଜ୍ଞାନବିମୁଖୀ ॥ ୭ ॥

ଅପି ଚ ଅବିନୀତେ ! ତଦ୍ ଅହମ୍ ଆଶ୍ରୟୋନ୍ମୂଳନେନ ଏବ ତ୍ୱାଂ ଅକାମାଂ କରୋମି । (ବିଚିନ୍ତ୍ୟ) ମୟା ତାବତ୍ ସୁହୃତ୍ତମସ୍ୟ ଚନ୍ଦନଦାସସ୍ୟ ଗୃହେ ଗୃହଜନଂ ନିକ୍ଷିପ୍ୟ ନଗରାତ୍ ନିର୍ଗଚ୍ଛତା ନ୍ୟାଯ୍ୟମନୁଷ୍ଠିତମ୍ । କିଂ କାରଣମ୍ ଇତି ? କୁସୁମପୁରାଭିଯୋଗଂ ପ୍ରତି ଅନୁଦାସୀନଃ କ୍ଷେପୟିତୁମ୍ ଇତି ତତ୍ରସ୍ଥାନାମ୍ ଅସ୍ମାଭିଃ ସହ ଏକକାର୍ଯ୍ୟାଣାଂ ଦେବପାଦୋପଜୀବିନାଂ ନ ଉଦ୍ୟମଃ ଶିଥିଳୀଭବିଷ୍ୟତି ଇତି । ଚନ୍ଦ୍ରଗୁପ୍ତଶରୀରମ୍ ଅଭିଦ୍ରୋଗ୍ଧୁମ୍ ଅସ୍ମତ୍ପ୍ରଯୁକ୍ତାନାଂ ତୀକ୍ଷ୍ଣରସଦାୟିନାମ୍ ଉପସଂଗ୍ରହାର୍ଥଂ ପରକୃତ୍ୟୋପଜାପାର୍ଥଂ ଚ ମହତା କୋଶସଂଚୟେନ ସ୍ଥାପିତଃ ଶକଟଦାସଃ । ପ୍ରତିକ୍ଷଣମ୍ ଅରାତି-ବୃତ୍ତାନ୍ତୋପଲବ୍ଧୟେ ତତ୍ସଂହତଭେଦାୟ ଚ ବ୍ୟାପାରିତାଃ ସୁହୃଦଃ ଜୀବସିଦ୍ଧିପ୍ରଭୃତୟଃ । ତତ୍ କିମ୍ ଅତ୍ର ବହୁନା ?—

ଇଷ୍ଟାତ୍ମଜଃ ସପଦି ସାନ୍ୱୟ ଏବ ଦେବଃ
ଶାର୍ଦ୍ଦୂଳପୋତମିବ ଯଂ ପରିପୁଷ୍ୟ ନଷ୍ଟଃ ।
ତସ୍ୟୈବ ବୁଦ୍ଧିବିଶିଖେନ ଭିନଦ୍ମି ମର୍ମ
ବର୍ମୀଭବେଦ୍ ଯଦି ନ ଦୈବମଦୃଶ୍ୟମାନମ୍ ॥ ୮ ॥

Digitized by PPRACHIN, SOA

ସମ୍ଭୋଗ ପ୍ରତି ଆସକ୍ତି—ଜନିତ ମୋହ ହେତୁ, କିମ୍ବା ପ୍ରାଣବିନାଶର ଆଶଙ୍କା ହେତୁ, କିମ୍ବା ନିଜକୁ ପ୍ରତିଷ୍ଠିତ କରିବାର ଆଶା ହେତୁ ଏହା କରୁଛି, ତା' ନୁହେଁ ॥ ୫ ॥

(ଶୂନ୍ୟଆଡେ ଲକ୍ଷ୍ୟ ରଖି ଅଶ୍ରୁପୂର୍ଣ୍ଣ ଚକ୍ଷୁରେ) ଗୋ ମାନନୀୟା ଲକ୍ଷ୍ମୀ ! ତୁମେ ଗୁଣ ଚିହ୍ନିବାରେ ନିତାନ୍ତ ଅସମର୍ଥା । କାରଣ—

ଆନନ୍ଦର ଉତ୍ସ ମହାରାଜ ନନ୍ଦଙ୍କୁ ପରିତ୍ୟାଗ କରି ତୁମେ କାହିଁକି ଶତ୍ରୁ ଚନ୍ଦ୍ରଗୁପ୍ତ ପ୍ରତି ଆସକ୍ତା ହେଲ ? ଗୋ ଚପଳା, ଗନ୍ଧଗଜର ବିନାଶରେ ତା' ଦେହରେ ଥିବା ମଦଜଳଧାର ଯେପରି ବିନାଶ ପ୍ରାପ୍ତ ହୁଏ, ତୁମେ ସେହିପରି କାହିଁକି ବିନାଶ ପ୍ରାପ୍ତ ନ ହେଲ ? ୬ ॥ ଆଉ ମଧ୍ୟ ଗୋ କୁଳଟା, ପୃଥିବୀରେ କ'ଣ ସମସ୍ତ କୁଳୀନ ରଜାମାନେ ଲୋପ ପାଇଯାଇଛନ୍ତି, ଯାହା ଫଳରେ ତୁମେ କୁଳହୀନ ମୌର୍ଯ୍ୟକୁ ସ୍ୱାମୀ-ରୂପେ ବରଣ କଲ ? ହଁ, (ତୁମର ବା ଦୋଷ କଅଣ ?) ସ୍ତ୍ରୀମାନଙ୍କର ମନ କାଶପୁଷ୍ପର ଅଗ୍ରଭାଗ ପରି ଚପଳ ଏବଂ ପୁରୁଷର ସୁଗୁଣ ଓ ଦୁର୍ଗୁଣ ବିଚାର କରିବାକୁ ପରାଙ୍ମୁଖ ॥ ୭ ॥

ତଥାପି ଗୋ ଅବିନୀତା, ମୁଁ ତୁମର ଆଶ୍ରୟସ୍ଥଳକୁ ଉଚ୍ଛେଦ କରି ତମ ମନୋରଥକୁ ବିଫଳ କରିବି । (ଚିନ୍ତା କରି) ମୁଁ ମୋର ପରମବନ୍ଧୁ ଚନ୍ଦନଦାସର ଗୃହରେ ପରିବାର ରଖି ନଗରରୁ ଚାଲିଆସିବା ଦ୍ୱାରା ଠିକ୍ କାମ କରିଛି । କାରଣ, କୁସୁମପୁର ଆକ୍ରମଣ କରିବାକୁ ରାକ୍ଷସ ନିଶ୍ଚେଷ୍ଟ ନୁହନ୍ତି, ଏହା ଜାଣିଲେ ମହାରାଜାଙ୍କର (ନନ୍ଦଙ୍କର) ଅନୁରକ୍ତ ବ୍ୟକ୍ତିମାନେ, ଯେଉଁମାନଙ୍କର ଲକ୍ଷ୍ୟ କି ମୋର ଲକ୍ଷ୍ୟ ସହିତ ସମାନ, ଉଦ୍ୟମ ଶିଥିଳ କରିବେ ନାହିଁ । ବିଷାକ୍ତ ଖାଦ୍ୟ ପ୍ରଭୃତି ଦେଇ ଚନ୍ଦ୍ରଗୁପ୍ତକୁ ଜୀବନରେ ମାରିଦେବା ପାଇଁ ଏବଂ ଶତ୍ରୁମାନଙ୍କର କାର୍ଯ୍ୟ-କଳାପ ମୋତେ ଜଣାଇବାପାଇଁ ମୁଁ ଶକଟଦାସକୁ ପ୍ରଚୁର ଧନ ଦେଇ ରଖାଇଛି । ଶତ୍ରୁମାନଙ୍କର ବୃତ୍ତାନ୍ତ ପ୍ରତିମୁହୂର୍ତ୍ତରେ ସଂଗ୍ରହ କରିବାପାଇଁ ଏବଂ ସେମାନଙ୍କର ଏକତାରେ ବିଭେଦ ଆଣିବାପାଇଁ ମୁଁ ଜୀବସିଦ୍ଧି ପ୍ରଭୃତି ବନ୍ଧୁମାନଙ୍କୁ ଲଗାଇଛି । ଆଉ ଅଧିକ ବା କଅଣ ?

ପୁତ୍ରବତ୍ସଳ ମହାରାଜ (ନନ୍ଦ) ଯାହାକୁ ବ୍ୟାଘ୍ରଶିଶୁଟି ଭଳି ପୋଷି ସବଂଶ ଧ୍ୱଂସପ୍ରାପ୍ତ ହେଲେ, ସେହି ଚନ୍ଦ୍ରଗୁପ୍ତର ମର୍ମକୁ ମୁଁ ବୁଦ୍ଧି-ଶରରେ ଭେଦ କରିବି, ଯଦି ଅଦୃଶ୍ୟ ଦୈବ କବଚରୂପେ ତାକୁ ରକ୍ଷା ନ କରେ ॥ ୮ ॥

Digitized by PPRACHIN, SOA

(ତତଃ ପ୍ରବିଶତି କଞ୍ଚୁକୀ)

କଞ୍ଚୁକୀ- କାମଂ ନନ୍ଦମିବ ପ୍ରମଥ୍ୟ ଜରୟା ଚାଣକ୍ୟନୀତ୍ୟା ଯଥା
ଧର୍ମୋ ମୌର୍ଯ୍ୟ ଇବ କ୍ରମେଣ ନଗରେ ନୀତଃ ପ୍ରତିଷ୍ଠାଂ ମୟି ।
ତଂ ସମ୍ପ୍ରତ୍ୟୁପଚୀୟମାନମପି ମେ ଲବ୍ଧାନ୍ତରଃ ସେବୟା
ଲୋଭୋ ରାକ୍ଷସବଜ୍ଜୟାୟ ଯତତେ ଜେତୁଂ ନ ଶକ୍ନୋତି ଚ ।। ୯ ।।
(ପରିକ୍ରମ୍ୟ ଉପସୃତ୍ୟ ଚ) ଇଦମ୍ ଅମାତ୍ୟରାକ୍ଷସସ୍ୟ ଗୃହଂ ପ୍ରବିଶାମି ।
(ପ୍ରବିଶ୍ୟ ଅବଲୋକ୍ୟ ଚ) ଅମାତ୍ୟ ! ସ୍ୱସ୍ତି ଭବତେ ।

ରାକ୍ଷସଃ— ଆର୍ଯ୍ୟ ଜାଜଲେ ! ଅଭିବାଦୟେ । ପ୍ରିୟଂବଦକ ! ଆସନମ୍ ଅତ୍ରଭବତ ଉପନୟ ।

ପୁରୁଷଃ- ଏଦମ୍ ଆସଣଂ । ଉପବିସଦୁ ଅଜ୍ଜୋ । (ଇଦମ୍ ଆସନମ୍, ଉପବିଶତୁ ଆର୍ଯ୍ୟଃ ।)

କଞ୍ଚୁକୀ- (ନାଟ୍ୟେନ ଉପବିଶ୍ୟ) ଅମାତ୍ୟ ! କୁମାରଃ ମଲୟକେତୁଃ ଅମାତ୍ୟଂ ବିଜ୍ଞାପୟତି— ଚିରାତ୍ ପ୍ରଭୃତି ଆର୍ଯ୍ୟଃ ପରିତ୍ୟକ୍ତୋଚିତଶରୀରସଂସ୍କାର ଇତି ପୀଡ୍ୟତେ ମେ ହୃଦୟମ୍ । ଯଦ୍ୟପି ସ୍ୱାମିଗୁଣାଃ ସହସା ନ ଶକ୍ୟନ୍ତେ ବିସ୍ମର୍ତ୍ତୁମ୍, ତଥାପି ମଦ୍ବିଜ୍ଞାପନାଂ ମାନୟିତୁମ୍ ଅର୍ହତି ଆର୍ଯ୍ୟଃ । (ଇତି ଆଭରଣାନି ଦର୍ଶୟିତ୍ୱା) ଅମାତ୍ୟ ! ଇମାନ୍ୟାଭରଣାନି କୁମାରେଣ ସ୍ୱଶରୀରାତ୍ ଅବତାର୍ଯ୍ୟ ପ୍ରେଷିତାନି, ଧାରୟିତୁମ୍ ଅର୍ହତି ଆର୍ଯ୍ୟଃ ।

ରାକ୍ଷସଃ- ଆର୍ଯ୍ୟ ! ଜାଜଲେ ! ବିଜ୍ଞାପ୍ୟତାଂ ମଦ୍ବଚନାତ୍ କୁମାରଃ—ବିସ୍ମୃତାଃ ମୟା ସ୍ୱାମିଗୁଣାଃ ଭବଦ୍ଗୁଣପକ୍ଷପାତେନ । କିନ୍ତୁ—

ନ ତାବନ୍ନିର୍ବୀର୍ୟୈଃ ପରପରିଭବାକ୍ରାନ୍ତିକୃପଣୈଃ
ବହାମ୍ୟଙ୍ଗୈରେଭିଃ ପ୍ରତନୁମପି ସଂସ୍କାରରଚନାମ୍ ।
ନ ଯାବନ୍ନିଃଶେଷକ୍ଷପିତରିପୁଚକ୍ରସ୍ୟ ନିହିତଂ
ସୁଗାଙ୍ଗେ ହେମାଙ୍କଂ ନୃବର ! ତବ ସିଂହାସନମିଦମ୍ ।। ୧୦ ।।

Digitized by PPRACHIN, SOA

(କଞ୍ଚୁକୀର ପ୍ରବେଶ)

କଞ୍ଚୁକୀ— ଚାଣକ୍ୟବୁଦ୍ଧି ଯେପରି ନନ୍ଦଙ୍କୁ ଧ୍ୱଂସ କରି ରାଜ୍ୟରେ ଚନ୍ଦ୍ରଗୁପ୍ତଙ୍କୁ ପ୍ରତିଷ୍ଠିତ କଲା ଏବଂ ବର୍ତ୍ତମାନ ଦିନକୁ ଦିନ ତାର (ଚନ୍ଦ୍ରଗୁପ୍ତର) ଅଭ୍ୟୁତ୍‌ଥାନ ଘଟୁଥିବାବେଳେ ରାକ୍ଷସ ମଳୟକେତୁଙ୍କ ପାଖରେ ଚାକିରୀ ଗ୍ରହଣ କରି ତାକୁ ଜିଣିବାପାଇଁ ଯତ୍ନ କରୁଛନ୍ତି, ମାତ୍ର ଜିଣି-ପାରୁନାହାନ୍ତି, ସେହିପରି ଜରା ମୋର ବିଷୟାଭିଳାଷକୁ ଲୋପ କରି ମୋଠାରେ ଧର୍ମଭାବକୁ ପ୍ରତିଷ୍ଠିତ କରିଛି ଏବଂ ସେହି ଧର୍ମଭାବ ବୃଦ୍ଧିପ୍ରାପ୍ତ ହେଉଥିବାବେଳେ ଲୋଭ ମୋର ଚାକିରୀରୁ ସୁଯୋଗ ପାଇ ତାକୁ ଜିଣିବାକୁ ଚେଷ୍ଟା କରୁଅଛି, ମାତ୍ର ଜିଣିପାରୁ ନାହିଁ ॥ ୯ ॥ ※

(କିଛିଦୂର ଯାଇ ଏବଂ ଗୃହ ନିକଟରେ ପହଞ୍ଚି) ଏ ଅମାତ୍ୟ ରାକ୍ଷସଙ୍କର ଗୃହ । ତା' ହେଲେ ପ୍ରବେଶ କରେଁ । (ପ୍ରବେଶ କରି ରାକ୍ଷସଙ୍କୁ ଦେଖି) ଅମାତ୍ୟ, ଆପଣଙ୍କର ମଙ୍ଗଳ ହେଉ ।

ରାକ୍ଷସ— ଆର୍ଯ୍ୟ ଜାଜଳି, ନମସ୍କାର । (ଭୃତ୍ୟକୁ) ପ୍ରିୟମ୍ବଦକ ! ଆର୍ଯ୍ୟ ଜାଜଳିଙ୍କୁ ଆସନ ଦିଅ ।

ଭୃତ୍ୟ— ଏଇ ଆସନ । ଆର୍ଯ୍ୟ ବସିବା ହୁଅନ୍ତୁ ।

କଞ୍ଚୁକୀ— (ବସି) କୁମାର ମଳୟକେତୁ ଆପଣଙ୍କୁ ଜଣାଇଛନ୍ତି—ଆପଣ ବହୁ-ଦିନ ହେଲା ଉପଯୁକ୍ତ ଶରୀରଭୂଷଣ ପରିତ୍ୟାଗ କଲେଣି । ତେଣୁ ଏଥିରେ ସେ ଅତ୍ୟନ୍ତ ଦୁଃଖିତ । ଯଦ୍ୟପି ଏତେ ଶୀଘ୍ର ଆପଣ ପ୍ରଭୁଙ୍କର (ନନ୍ଦଙ୍କର) ଗୁଣ ଭୁଲିଯିବାକୁ ଅକ୍ଷମ, ତଥାପି କୁମାରଙ୍କର ଅନୁରୋଧରକ୍ଷା କରିବା ଆପଣଙ୍କ ପକ୍ଷେ ଉଚିତ । (ଆଭରଣଗୁଡ଼ିଏ ଦେଖାଇ) ଏଇ ଅଳଙ୍କାରଗୁଡ଼ିକ କୁମାର ତାଙ୍କ ନିଜ ଦେହରୁ ବାହାର କରି ପଠାଇଛନ୍ତି । ଆପଣ ଏଗୁଡ଼ିକୁ ପରିଧାନ କରନ୍ତୁ ।

ରାକ୍ଷସ— ଆର୍ଯ୍ୟ ଜାଜଳି ! ମୋର କଥାନୁସାରେ କୁମାରଙ୍କୁ ଅବଗତ କରାଅ, "ମୁଁ ଆପଣଙ୍କ ଗୁଣରେ ମୁଗ୍ଧ ହୋଇ ପୂର୍ବ ପ୍ରଭୁଙ୍କ ଗୁଣ ଭୁଲିଗଲିଣି । କିନ୍ତୁ ହେ ନରପତି, ଯେ ପର୍ଯ୍ୟନ୍ତ ଆପଣ ସମସ୍ତ ଶତ୍ରୁକୁଳ ଲୋପ କରିନାହାନ୍ତି ଏବଂ ସୁଗାଙ୍ଗ ପ୍ରାସାଦରେ ଆପଣଙ୍କର ସୁବର୍ଣ୍ଣ-ସିଂହାସନ ସ୍ଥାପିତ ନ ହୋଇଛି, ସେ ପର୍ଯ୍ୟନ୍ତ ମୋର ଶରୀରରେ ମୁଁ ସ୍ୱଳ୍ପ ଆଭରଣ ମଧ୍ୟ ପରିଧାନ କରିବି ନାହିଁ । କାରଣ ଶତ୍ରୁଠାରୁ ପରାଭବ ପାଇ ମୋର ଶରୀର ବର୍ତ୍ତମାନ ଦୀନହୀନ ଏବଂ ନିର୍ବୀର୍ଯ୍ୟ " ॥ ୧୦ ॥

※ ଚାକିରୀରେ ଅସତ୍ ଉପାୟରେ ରୋଜଗାର କରିବାର ସୁଯୋଗ ଥାଏ । ତେଣୁ ତାହା ଚାକିରିଆମାନଙ୍କୁ ଲୋଭସକ୍ତ ହେବାକୁ ପ୍ରେରଣା ଦିଏ ।

Digitized by PPRACHIN, SOA

କଞ୍ଚୁକୀ- ଅମାତ୍ୟ ! ତ୍ୱୟ୍ୟି ନେତଦ୍ ସୁଲଭମେତତ୍ କୁମାରସ୍ୟ । ତତ୍ ପ୍ରଥମାନ୍ୟତାଂ କୁମାରସ୍ୟ ପ୍ରଥମଃ ପ୍ରଣୟଃ ।

ରାକ୍ଷସଃ- ଆର୍ଯ୍ୟ ! କୁମାର ଇବ ଅନତିକ୍ରମଣୀୟବଚନଃ ଭବାନପି । ତଦ୍ ଅନୁଷ୍ଠୀୟତେ କୁମାରସ୍ୟ ଆଜ୍ଞା ।

କଞ୍ଚୁକୀ- (ନାଟ୍ୟେନ ଭୂଷଣାନି ପରିଧାପ୍ୟ) ସ୍ୱସ୍ତି ଭବତେ । ସାଧୟାମ୍ୟହମ୍ ।

ରାକ୍ଷସଃ- ଆର୍ଯ୍ୟ । ଅଭିବାଦୟେ । (କଞ୍ଚୁକୀ ନିଷ୍କ୍ରାନ୍ତଃ) ପ୍ରିୟମ୍ବଦକ ! ଜ୍ଞାୟତାଂ କୋଽୟଂ ଅସ୍ମଦ୍ଦର୍ଶନାର୍ଥୀ ଦ୍ୱାରି ତିଷ୍ଠତି ?

ପ୍ରିୟ— ଜଂ ଅଜ୍ଜୋ ଆଣବେଦି ତ୍ତି । କୋ ତୁମଂ ? (ଯଦ୍ ଆର୍ଯ୍ୟ ଆଜ୍ଞାପୟତି । (ପରିକ୍ରମ୍ୟ ଆହିତୁଣ୍ଡିକଂ ଦୃଷ୍ଟ୍ୱା) କସ୍ତ୍ୱମ୍ ?

ଆହି— ଭଦ୍ଦ ! ଅହଂ କ୍ଖୁ ଆହିତୁଣ୍ଡିଓ ଜିଣ୍ଣବିସୋ ଣାମ । ଇଚ୍ଛାମି ଅମଚ୍ଚରକ୍ଖସସ୍ସ ପୁରଦୋ ସପ୍ପେହିଂ ଖେଲିଦୁମ୍ । (ଭଦ୍ର ! ଅହଂ ଖଳୁ ଆହିତୁଣ୍ଡିକଃ ଜୀର୍ଣ୍ଣବିଷୋ ନାମ । ଇଚ୍ଛାମି ଅମାତ୍ୟରାକ୍ଷସସ୍ୟ ପୁରତଃ ସର୍ପୈଃ ଖେଲିତୁମ୍ ।)

ପ୍ରିୟ— ଚିଟ୍ଠ, ଜାବ ଅମଚ୍ଚସ୍ସ ଣିବେଦେମି । ଅଜ୍ଜ । ଏସୋ କ୍ଖୁ ସପ୍ପୋବଜୀବୀ ଇଚ୍ଛଦି ସପ୍ପେହିଂ ଅମଚ୍ଚସ୍ସ ପୁରଦୋ ଖେଲିଦୁଂ । (ତିଷ୍ଠ, ଯାବଦ୍ ଅମାତ୍ୟସ୍ୟ ନିବେଦୟାମି । (ରାକ୍ଷସମ୍ ଉପସୃତ୍ୟ) ଆର୍ଯ୍ୟ ! ଏଷ ଖଳୁ ସର୍ପୋପଜୀବୀ ଇଚ୍ଛତି ସର୍ପୈଃ ଅମାତ୍ୟସ୍ୟ ପୁରତଃ ଖେଲିତୁମ୍ ।)

ରାକ୍ଷସଃ- (ବାମାକ୍ଷିସ୍ପନ୍ଦନଂ ସୂଚୟିତ୍ୱା ଆତ୍ମଗତମ୍) କଥଂ ପ୍ରଥମମେବ ସର୍ପଦର୍ଶନମ୍ ! (ପ୍ରକାଶମ୍) ପ୍ରିୟମ୍ବଦକ ! ନ ନଃ କୁତୂହଳମସ୍ତି ସର୍ପଦର୍ଶନେ, ତତ୍ ପରିତୋଷ୍ୟ ବିସର୍ଜୟ ଏନମ୍ ।

ପ୍ରିୟ— ଜଂ ଅଜ୍ଜୋ ଆଣବେଦି ! ଭଦ୍ଦ ! ଏସୋ କ୍ଖୁ ଦେ ଅମଚ୍ଚୋ ଅଦଂସଣେଣ ପସାଦଂ କରେଦି, ଣ ଉଣ ଦଂସଣେଣ । (ଯଦ୍ ଆର୍ଯ୍ୟ ଆଜ୍ଞାପୟତି) (ପରିକ୍ରମ୍ୟ ଆହିତୁଣ୍ଡିକମ୍ ଉପସୃତ୍ୟ) ଭଦ୍ର ! ଏଷ ଖଳୁ ତେ ଅମାତ୍ୟଃ ଅଦର୍ଶନେନ ପ୍ରସାଦଂ କରୋତି, ନ ପୁନଃ ଦର୍ଶନେନ ।)

ଆହି— ଭଦ୍ଦ ! ବିଣ୍ଣବେଅ ମମ ବଅଣେଣ ଅମଚ୍ଚଂ—ଣ କେବଲଂ ଅହଂ ସପ୍ପୋବଜୀବୀ, ପାଉଅକଵୀ କ୍ଖୁ ଅହଂ । ତା ଜଇ ମେ ଦଂସଣେଣ ଅମଚ୍ଚୋ ପସାଦଂ ଣ କରେଦି, ତା ଏଦଂ ବି ପତ୍ତଅଂ ବାଚେଦୁଂ ପସୀଦଦୁ ତ୍ତି । (ଭଦ୍ର ! ବିଜ୍ଞାପୟ ମମ ବଚନେନ ଅମାତ୍ୟମ୍—ନ କେବଳମହଂ ସର୍ପୋପଜୀବୀ, ପ୍ରାକୃତକବିଃ ଖଳୁ ଅହମ୍ । ତଦ୍ ଯଦି ମେ ଦର୍ଶନେନ ଅମାତ୍ୟଃ ପ୍ରସାଦଂ ନ କରୋତି, ତଦା ଏତଦପି ପତ୍ରକଂ ବାଚୟିତୁଂ ପ୍ରସୀଦତୁ ।) (ପତ୍ରମ୍ ଅର୍ପୟତି) ।

ପ୍ରିୟ— (ପତ୍ରଂ ଗୃହୀତ୍ୱା ରାକ୍ଷସମୁପସୃତ୍ୟ) ଏସୋ କ୍ଖୁ ଆହିତୁଣ୍ଡିଓ ବିଣ୍ଣବେଦି— ଣ କେବଲଂ ଅହଂ ସପ୍ପୋବଜୀବୀ, ପାଉଅକଵୀ କ୍ଖୁ ଅହଂ । ତା ଜଇ ମେ ଦଂସଣେଣ ଅମଚ୍ଚୋ ପସାଦଂ ଣ କରେଦି, ତା ଏଦଂ ପି ପତ୍ତଅଂ

Digitized by PPRACHIN, SOA

କଞ୍ଚୁକୀ- ଅମାତ୍ୟ, ଆପଣ କୁମାରଙ୍କର ନେତା ଥିବା ହେତୁ ଏହା ସାଧନ କରିବା ତାଙ୍କ ପକ୍ଷରେ କଷ୍ଟକର ନୁହେଁ । ତଥାପି ଆପଣ କୁମାରଙ୍କର ପ୍ରଥମ ଅଭ୍ୟର୍ଥନା ଗ୍ରହଣ କରନ୍ତୁ ।

ରାକ୍ଷସ— ଆର୍ଯ୍ୟ, କୁମାରଙ୍କ ଭଳି ଆପଣଙ୍କ କଥା ମଧ୍ୟ ଲଙ୍ଘନୀୟ ନୁହେଁ । ତେଣୁ ମୁଁ ତାଙ୍କର ଆଦେଶ ପାଳନ କରୁଛି ।

କଞ୍ଚୁକୀ— (ନାଟ୍ୟରେ ଭୂଷଣଗୁଡ଼ିକୁ ପିନ୍ଧାଇଦେଇ) ଆପଣଙ୍କର ମଙ୍ଗଳ ହେଉ । ମୁଁ ଆସୁଛି ।

ରାକ୍ଷସ- ଆର୍ଯ୍ୟ, ପ୍ରଣାମ ।

(କଞ୍ଚୁକୀ ଚାଲିଗଲେ)

ରାକ୍ଷସ- ପ୍ରିୟମ୍ବଦକ, ଦେଖିଲ, କିଏ ମୋତେ ଦେଖା କରିବା ପାଇଁ ଦ୍ୱାର-ଦେଶରେ ଅଛନ୍ତି କି ?

ଭୃତ୍ୟ— ଯଥାଜ୍ଞା ଅମାତ୍ୟ । (ବାହାରକୁ ଯାଇ ସାପୁଆକେଳାକୁ ଦେଖି) ଆର୍ଯ୍ୟ, କିଏ ତୁମେ ?

ସାପୁଆ- ଭଦ୍ର, ମୁଁ ଜୀର୍ଣ୍ଣବିଷ ନାମକ ଜଣେ ସାପୁଆକେଳା । ଅମାତ୍ୟଙ୍କ ଆଗରେ ସାପ ଖେଳାଇବାକୁ ଚାହୁଁଛି ।

ଭୃତ୍ୟ— ଆଚ୍ଛା, ରହ । ମୁ ଅମାତ୍ୟଙ୍କୁ ଜଣାଏଁ । (ରାକ୍ଷସଙ୍କ ନିକଟକୁ ଯାଇ) ଅମାତ୍ୟ ! ଜଣେ ସାପୁଆ କେଳା ସାପ ଖେଳାଇବାକୁ ଚାହୁଁଛି ।

ରାକ୍ଷସ— (ବାମ ଚକ୍ଷୁ ସ୍ପନ୍ଦନର ସୂଚନା ଦେଇ ସ୍ୱଗତ) କଅଣ ! ପ୍ରଥମରୁ ସର୍ପଦର୍ଶନ ! (ପ୍ରକାଶ୍ୟରେ) ପ୍ରିୟମ୍ବଦକ, ସର୍ପ ଦେଖିବାକୁ ମୋର କୌତୂହଳ ନାହିଁ । ତେଣେ ତାକୁ ସନ୍ତୁଷ୍ଟ କରି ଫେରାଇଦିଅ ।

ଭୃ୦— ଆଜ୍ଞା । (ସାପୁଆକେଳା ନିକଟକୁ ଯାଇ) ଆର୍ଯ୍ୟ, ଅମାତ୍ୟ ତୁମକୁ ଦେଖା ନ ଦେଇ ଏଇ ପୁରସ୍କାର ଦେଇ ଅନୁଗୃହୀତ କରିଛନ୍ତି ।

ସାପୁଆ- ମହାଶୟ, ଅମାତ୍ୟଙ୍କୁ ଜଣାନ୍ତୁ—ମୁଁ କେବଳ ସାପୁଆକେଳା ନୁହେଁ; ପ୍ରାକୃତ ଭାଷାରେ କବି ମଧ୍ୟ । ଏଥିରେ ଯଦି ସେ ମୋତେ ଦର୍ଶନ ଦେବାକୁ ପ୍ରସନ୍ନ ନ ହୁଅନ୍ତି, ତେବେ ଅନ୍ତତଃ ଏହି ପତ୍ରଖଣ୍ଡିକ ସେ ପାଠ କରିବେ ।

ଭୃତ୦- (ପତ୍ର ନେଇ ରାକ୍ଷସଙ୍କ ନିକଟକୁ ଯାଇ) ଅମାତ୍ୟ, ସାପୁଆକେଳା ଆପଣଙ୍କୁ ଜଣାଉଛି ଯେ, ସେ କେବଳ ସାପୁଆକେଳା ନୁହେଁ, ପ୍ରାକୃତ

Digitized by PPRACHIN, SOA

ବାଚେଦୁଂ ପପ ସୀଦନ୍ତୁ ତ୍ତି । (ଅମାତ୍ୟ ! ଏଷ ଖଲୁ ଆହିତୁଣ୍ଡିକଃ ବିଜ୍ଞାପୟତି ନ କେବଲଂ ଅହଂ ସର୍ପୋପଜୀବୀ, ପ୍ରାକୃତକବିଃ ଖଲୁ ଅହମ୍ । ତଦ୍ ଯଦି ମେ ଦର୍ଶନେନ ଅମାତ୍ୟଃ ପ୍ରସାଦଂ ନ କରୋତି, ତଦା ଏତଦପି ପତ୍ରକଂ ବାଚୟିତୁଂ ପ୍ରସୀଦତୁ ଇତି ।)

ରାକ୍ଷସଃ- (ପତ୍ରଂ ଗୃହୀତ୍ୱା ବାଚୟତି)

ପାଉଣ ଣିରବସେସଂ କୁସୁମରସଂ ଅତ୍ତଣୋ କୁସଲଦାଏ ।
ଜଂ ଉଗ୍ଗିରେଇ ଭମରୋ ତଂ ଅଣ୍ଣାଣଂ କୁଣଇ କଜ୍ଜଂ ।। ୧୧ ।।
(ପୀତ୍ୱା ନିରବଶେଷଂ କୁସୁମରସମାତ୍ମନଃ କୁଶଲତୟା ।
ଯଦୁଦ୍ଗିରତି ଭ୍ରମରସ୍ତଦନ୍ୟେଷାଂ କରୋତି କାର୍ଯ୍ୟମ୍ ।। ୧୧ ।।)

ରାକ୍ଷସଃ— (ଆତ୍ମଗତମ୍) ଅୟେ ! କୁସୁମପୁରବୃତ୍ତାନ୍ତଜ୍ଞୋଽହଂ ଭବତ୍ପ୍ରଣିଧିଃ ଚ ଇତି ଗାଥାର୍ଥଃ । ଆଃ ! କାର୍ଯ୍ୟବ ଗୁରୁତ୍ୱାତ୍ ମନସଃ ପ୍ରଭୂତତ୍ୱାତ୍ ଚ ପ୍ରଣିଧୀନାଂ ବିସ୍ମୃତମ୍ । ଇଦାନୀଂ ସ୍ମୃତଃ ଉପଲବ୍ଧା । ବ୍ୟକ୍ତମ୍, ଆହିତୁଣ୍ଡିକଚ୍ଛଦ୍ମନା କୁସୁମପୁରାତ୍ ଆଗତେନ ବିରାଧଗୁପ୍ତେନ ଅନେନ ଭବିତବ୍ୟମ୍ । (ପ୍ରକାଶମ୍) ପ୍ରିୟମ୍ବଦକ ! ପ୍ରବେଶୟ ଏନମ । ତସ୍ୟ ସୁକବେଃ କବିତା ଶ୍ରୋତବ୍ୟା ।

ପ୍ରିୟ— ଜଂ ଅଜ୍ଜୋ ଆଣବେଦି ତ୍ତି । (ଆହିତୁଣ୍ଡିକମ୍ ଉପସୃତ୍ୟ) ଉପସପ୍ପଦୁ ଅଜ୍ଜୋ । (ଯଦ୍ ଆର୍ଯ୍ୟ ଆଜ୍ଞାପୟତି ଇତି । ଉପସର୍ପତୁ ଆର୍ଯ୍ୟଃ)

ଆହି— (ନାଟ୍ୟେନ ଉପସୃତ୍ୟ ଅବଲୋକ୍ୟ ଚ ସଂସ୍କୃତମାଶ୍ରିତ୍ୟ ସ୍ୱଗତମ୍) ଅୟେ ! ଅମାତ୍ୟରାକ୍ଷସଃ ତିଷ୍ଠତି । ସ ଏଷ—

ବାମ ଂ ବାହୁଲତାଂ ନିବେଶ୍ୟ ଶିଥିଳଂ କଣ୍ଠେ ନିବୃତ୍ତାନନା
ସ୍କନ୍ଧେ ଦକ୍ଷିଣୟା ବଲାନ୍ନିହିତୟାଽପ୍ୟଙ୍କେ ପତନ୍ତ୍ୟା ମୁହୁଃ ।
ଗାଢାଲିଙ୍ଗନସଙ୍ଗପୀଡ଼ିତମୁଖଂ ଯସ୍ୟୋଦ୍ୟମଶଙ୍କିନୀ
ମୌର୍ଯ୍ୟସ୍ୟୋରସି ନାଧୁନାପି କୁରୁତେ ବାମେତରଂ ଶ୍ରୀଃ ସ୍ତନମ୍ ।। ୧୨ ।।

(ପ୍ରକାଶମ୍) ଜଅଦୁ ଜଅଦୁ ଅମଚ୍ଚୋ (ଜୟତୁ ଜୟତୁ ଅମାତ୍ୟଃ)

ରାକ୍ଷସଃ- (ବିଲୋକ୍ୟ) ଅୟେ ବିରାଧ.......... (ଇତି ଅର୍ଦ୍ଧୋକ୍ତେ ବିରୂଢ଼ସ୍ତୁ ତଃ) ପ୍ରିୟମ୍ବଦକ ! ଭୁଜଙ୍ଗୈଃ ଇଦାନୀଂ ବିନୋଦୟାମଃ । ତଦ୍ ବିଶ୍ରମ୍ୟତାଂ ପରିଜନେନ । ତ୍ୱମପି ସ୍ୱମଧିକାରମଶୂନ୍ୟଂ କୁରୁ ।

ପ୍ରିୟ— ଜଂ ଅମଚ୍ଚୋ ଆଣବେଦି ତ୍ତି । (ଯଦ୍ ଅମାତ୍ୟ ଆଜ୍ଞାପୟତି ଇତି)

(ସପରିବାରୋ ନିଷ୍କ୍ରାନ୍ତଃ)

ରାକ୍ଷସଃ- ସଖେ ବିରାଧଗୁପ୍ତ ! ଇଦମ୍ ଆସନମ । ଆସ୍ୟତାମ୍ ।

ବିରାଧ- ଯଦ୍ ଆଜ୍ଞାପୟତି ଅମାତ୍ୟଃ (ନାଟ୍ୟେନ ଉପବିଷ୍ଟଃ)

Digitized by PPRACHIN, SOA

ଭଷାରେ କବି ମଧ୍ୟ । ତେଣୁ ଅମାତ୍ୟ ଯଦି ତାଙ୍କୁ ଦର୍ଶନ ଦେବାକୁ ପ୍ରସନ୍ନ ନ ହୁଅନ୍ତି, ତେବେ ଅନ୍ତତଃ ଏଇ ପତ୍ର ଖଣ୍ଡିକ ପଢନ୍ତୁ ।

ରାକ୍ଷସ– (ପତ୍ର ନେଇ ପଢିଲେ)

ପିଇ ପୁଷ୍ପରସ ପଟୁ ମଧୁକର
କରଇ ଯାହା ବମନ
ଅନ୍ୟମାନଙ୍କର ହିତ ସମ୍ପାଦନେ
ହୁଅଇ ତା' ପ୍ରୟୋଜନ ।

(ସ୍ୱଗତ) ଓ ! ସେ ମୋର ଚର, ପୁଷ୍ପପୁରର ବୃତ୍ତାନ୍ତ ଜାଣିଛି, ଏହାହିଁ ଗୀତର ଅର୍ଥ । ମୋର ମନ କାର୍ଯ୍ୟରେ ଭରାକ୍ରାନ୍ତ ଥିବାରୁ ଏବଂ ଚରମାନେ ବହୁ ସଂଖ୍ୟକ ହୋଇଥିବାରୁ ମୁଁ ଭୁଲି ଯାଇଥିଲି । ବର୍ତ୍ତମାନ ମନେ ପଡ଼ିଲା । ଏ ନିଶ୍ଚୟ ସାପୁଆକେଳା ବେଶରେ ପୁଷ୍ପପୁରରୁ ଆସିଥିବା ବିରାଧଗୁପ୍ତ ହୋଇଥିବ ।

(ପ୍ରକାଶ୍ୟରେ) ପ୍ରିୟମ୍ବଦକ, ତାଙ୍କୁ ପ୍ରବେଶ କରାଅ । ସେ ଜଣେ ସୁକବି । ତାଙ୍କଠାରୁ ମୁଁ ଭଲକଥାମାନ ଶୁଣିବି ।

ଭୃତ୍ୟ– ଆର୍ଯ୍ୟଙ୍କର ଯାହା ଆଜ୍ଞା । (ସାପୁଆକେଳା ନିକଟକୁ ଯାଇ) ଆପଣ ଆସନ୍ତୁ ।

ସାପୁଆ– (ପ୍ରବେଶ କରି ଓ ଚାହିଁ ସ୍ୱଗତ) ଏ ହେଉଛନ୍ତି ସେହି ରାକ୍ଷସ— ଯାହାଙ୍କ ଉଦ୍ୟମରେ ଶଙ୍କିତା ହୋଇ ରାଜଲକ୍ଷ୍ମୀ ଚନ୍ଦ୍ରଗୁପ୍ତର କଣ୍ଠରେ ନିଜର ବାହୁଲତାକୁ ଶିଥିଳ ଭବରେ ରଖି ମୁହଁ ବୁଲାଇ ରହୁଁଛି । ଦକ୍ଷିଣ ହସ୍ତ ତାର କାନ୍ଧରେ ଜୋର କରି ରଖିଲେ ମଧ୍ୟ ଭୟରେ ତାହା ବାରମ୍ବାର କଟୀଦେଶକୁ ଖସିପଡୁଛି । ତେଣୁ ସେ ଚନ୍ଦ୍ରଗୁପ୍ତର ବକ୍ଷସ୍ଥଳ ଉପରେ ନିଜର ଦକ୍ଷିଣସ୍ତନ ରଖିପାରୁନାହିଁ କି ଗାଢ ଆଲିଙ୍ଗନର ସୁଖ ଅଦ୍ୟାବଧି ଅନୁଭବ କରିପାରୁନାହିଁ ।। ୧୨ ।।

(ପ୍ରକାଶ୍ୟରେ) ଅମାତ୍ୟଙ୍କର ଜୟ ହେଉ ।

ରାକ୍ଷସ– (ଚାହିଁ) କିଏ ବିରାଧ !......... (ଅଧା କହି ସଚେତନ ହୋଇ) ପ୍ରିୟମ୍ବଦକ, ବର୍ତ୍ତମାନ ମୁଁ ସାପଦେଖାରେ ଟିକିଏ ଆନନ୍ଦ ଚାହେଁ । ତେଣୁ ଭୃତ୍ୟମାନେ ବିଶ୍ରାମ ନିଅନ୍ତୁ । ତୁମେ ମଧ୍ୟ ନିଜ କାମରେ ଯାଅ ।

ଭୃତ୍ୟ– ଅମାତ୍ୟଙ୍କର ଯାହା ଆଜ୍ଞା । (ପରିଜନମାନଙ୍କର ପ୍ରସ୍ଥାନ)

ରାକ୍ଷସ– ବନ୍ଧୁ ବିରାଧଗୁପ୍ତ, ଏଇ ଆସନ, ବସ ।

ବିରାଧ– (ବସିଲେ)

Digitized by PPRACHIN, SOA

ରାକ୍ଷସଃ- (ସଖେଦଂ ନିଶ୍ୱସ୍ୟ) ଅହୋ ! ଦେବପାଦପଦ୍ମୋପଜୀବିନଃ ଜନସ୍ୟ ଇୟମ୍ ଅବସ୍ଥା ! (ଇତି ରୋଦିତି)

ବିରାଧ- ଅମାତ୍ୟ ! ଅଲଂ ଶୋକେନ । ନାତିଚିରାତ୍ ଅମାତ୍ୟଃ ଅସ୍ମାନ୍ ନୂନଂ ପୂର୍ବତନୀ-ମବସ୍ଥାମାରୋପୟିଷ୍ୟତି ।

ରାକ୍ଷସଃ- ସଖେ ବିରାଧଗୁପ୍ତ ! ବର୍ଣ୍ଣୟ ଇଦାନୀଂ କୁସୁମପୁରବୃତ୍ତାନ୍ତମ୍ ।

ବିରାଧ- ଅମାତ୍ୟ ! ବିସ୍ତୀର୍ଣ୍ଣଃ କୁସୁମପୁରବୃତ୍ତାନ୍ତଃ । ତଦ୍ ଆଜ୍ଞାପୟ, କୁତଃ ପ୍ରଭୃତି କଥୟାମି ।

ରାକ୍ଷସଃ- ଚନ୍ଦ୍ରଗୁପ୍ତସ୍ୟ ତାବତ୍ ନଗରପ୍ରବେଶାତ୍ ପ୍ରଭୃତି ଅସ୍ମତ୍ପ୍ରଯୁକ୍ତୈସ୍ତୀକ୍ଷ୍ଣ-ରସଦାୟିଭିଃ କମନୁଷ୍ଠିତମ୍ ଇତି ଆଦିତଃ ଶ୍ରୋତୁମିଚ୍ଛାମି ।

ବିରାଧ- ଏଷ କଥୟାମି । ଅସ୍ତି ତାବତ୍ ଶକ-ଯବନ-କିରାତ-କାମ୍ବୋଜ-ପାରସିକ-ବାହ୍ଲୀକ ପ୍ରଭୃତିଭିଃ ଚାଣକ୍ୟମତିପରିଗୃହୀତୈଃ ଚନ୍ଦ୍ରଗୁପ୍ତପର୍ବତେଶ୍ୱରବଲୈଃ ଉଦଧିଭିଃ ଇବ ପ୍ରଳୟକାଳଚଳିତସଲିଳୈଃ ସମନ୍ତାତ୍ ଉପରୁଦ୍ଧଂ କୁସୁମପୁରମ୍ ।

ରାକ୍ଷସଃ- (ଶସ୍ତ୍ରମାକୃଷ୍ୟ ସସମ୍ଭ୍ରମମ୍) ମୟି ସ୍ଥିତେ କଃ କୁସୁମପୁରମୁପରୋତ୍ସ୍ୟତି ? ପ୍ରବୀରକ ! ପ୍ରବୀରକ ! କ୍ଷିପ୍ରମିଦାନୀମ୍—

ପ୍ରାକାରଂ ପରିତଃ ଶରାସନଧରୈଃ କ୍ଷିପ୍ରଂ ପରିକ୍ରମ୍ୟତାମ୍
ଦ୍ୱାରେଷୁ ଦ୍ୱିରଦୈଃ ପ୍ରତିଦ୍ୱିପଘଟାଭେଦକ୍ଷମୈଃ ସ୍ଥୀୟତାମ୍ ।
ମୁକ୍ତ୍ୱା ମୃତ୍ୟୁଭୟଂ ପ୍ରହର୍ତ୍ତୁମନସଃ ଶତ୍ରୋର୍ବଲେ ଦୁର୍ବଲେ
ତେ ନିର୍ଯାନ୍ତୁ ମୟା ସହୈକମନସୋ ଯେଷାମଭୀଷ୍ଟଂ ଯଶଃ ॥ ୩ ॥

ବିରାଧ- ଅମାତ୍ୟ ! ଅଲମ୍ ଆବେଗେନ । ବୃତ୍ତମ୍ ଇଦଂ ବର୍ଣ୍ଣ୍ୟତେ ।

ରାକ୍ଷସଃ- (ନିଃଶ୍ୱସ୍ୟ) କଷ୍ଟଂ ବୃତ୍ତମିଦମ୍ ! ମୟା ପୁନଃ ଜ୍ଞାତଂ ସ ଏବ କାଲୋ ବର୍ତ୍ତତେ ଇତି । (ଶସ୍ତ୍ରମ୍ ଉତ୍ସୃଜ୍ୟ ସାସ୍ରମ୍) ହା ଦେବ ନନ୍ଦ ! ସ୍ମରାମି ତେ ରାକ୍ଷସଂ ପ୍ରତି ପ୍ରସାଦାତିଶୟମ୍ । ଯସ୍ମିନ୍ ଏବଂବିଧେ କାଲେ—

ଯତ୍ରୈଷା ମେଘନୀଲା ଚଲତି ଗଜଘଟା ରାକ୍ଷସସ୍ତତ୍ର ଯାୟାତ୍
ଏତତ୍ ପାରିପ୍ଲବାମ୍ଭଃପ୍ଲୁତି ତୁରଗବଲଂ ବାର୍ଯତାଂ ରାକ୍ଷସେନ ।
ପତ୍ତୀନାଂ ରାକ୍ଷସୋଽନ୍ତଂ ନୟତୁ ବଲମିତି ପ୍ରେଷୟନ୍ ମହ୍ୟମାଜ୍ଞାମ୍
ଅଜ୍ଞାସୀଃ ସ୍ନେହଯୋଗାତ୍ ସ୍ଥିତମିବ ନଗରେ ରାକ୍ଷସାନାଂ ସହସ୍ରମ୍ ॥ ୧୪ ॥

Digitized by PPRACHIN, SOA

ରାକ୍ଷସ– (ନିରୀକ୍ଷଣ କରି) ମହାରାଜଙ୍କ ଅନୁଚରର ପୁଣି ଏ ଅବସ୍ଥା !
(କାନ୍ଦିପକାଇଲେ)

ବିରାଧ– ଅମାତ୍ୟ, ଦୁଃଖ କରନ୍ତୁ ନାହିଁ । ଅଳ୍ପଦିନ ମଧ୍ୟରେ ଆପଣ ଆମକୁ ପୂର୍ବ ଅବସ୍ଥା ପ୍ରଦାନ କରିବେ ।

ରାକ୍ଷସ– ବନ୍ଧୁ, କୁସୁମପୁର ବୃତ୍ତାନ୍ତ ବର୍ଣ୍ଣନ କର ।

ବିରାଧ– ଅମାତ୍ୟ, କୁସୁମପୁର ବୃତ୍ତାନ୍ତ ତ ଖୁବ୍ ଦୀର୍ଘ । ତେବେ କେଉଁଠାରୁ ବର୍ଣ୍ଣନ କରିବି ?

ରାକ୍ଷସ– ବନ୍ଧୁ, ଚନ୍ଦ୍ରଗୁପ୍ତର ନଗର ପ୍ରବେଶ ସମୟଠାରୁ ଆମଦ୍ୱାରା ନିଯୁକ୍ତ 'ତୀକ୍ଷଣ' ଓ ରସଦ' ଲୋକମାନେ କଅଣ କଲେ, ତାହା ମୁଁ ଶୁଣିବାକୁ ଚାହେଁ ।

ବିରାଧ– ତା'ହେଲେ କହୁଛି ।

ଚାଣକ୍ୟର ବୁଦ୍ଧିରେ ପରିଚାଳିତ ଚନ୍ଦ୍ରଗୁପ୍ତ ଏବଂ ପର୍ବତେଶ୍ୱରଙ୍କର ଶକ, ଯବନ, କିରାତ, କାମ୍ବୋଜ, ପାରସୀକ, ବାହ୍ଲୀକ ପ୍ରଭୃତି ସୈନ୍ୟମାନଙ୍କ ଦ୍ୱାରା ପାଟଳିପୁତ୍ର ଚତୁର୍ଦ୍ଦିଗରୁ ଅବରୁଦ୍ଧ ହୋଇଥିଲା । ସେହି ସୈନ୍ୟବାହିନୀ ପ୍ରଳୟକାଳରେ ଉଦ୍‌ବେଳିତ ସମୁଦ୍ର ଭଳି ଦେଖାଯାଉଥିଲା ।

ରାକ୍ଷସ– (ବେଗରେ ଶସ୍ତ୍ର ଆକର୍ଷଣ କରି) ଆଃ ! ମୁଁ ଥାଉଁ ଥାଉଁ ପାଟଳୀପୁତ୍ରକୁ କିଏ ଅବରୁଦ୍ଧ କରିବ ? ପ୍ରବୀରକ ! ପ୍ରବୀରକ ! ବର୍ତ୍ତମାନ ଶୀଘ୍ର—

ପ୍ରାଚୀର ଚତୁର୍ଦ୍ଦିଗରେ ଧନୁଶରଧାରୀ ସୈନ୍ୟମାନେ ପରିକ୍ରମା କରନ୍ତୁ । ଶତ୍ରୁପକ୍ଷର ହସ୍ତୀବାହିନୀକୁ ଭେଦ କରିବାରେ ଦକ୍ଷ ଆମର ହସ୍ତୀବାହିନୀ ଦ୍ୱାର-ଦେଶରେ ରହନ୍ତୁ । ମୃତ୍ୟୁଭୟ ଛାଡ଼ି, ଦୁର୍ବଳ ଶତ୍ରୁସେନାମାନଙ୍କୁ ବିନାଶ କରିବାପାଇଁ ଯେଉଁମାନେ ଆଗ୍ରହୀ, ଆଉ ଯଶ ଯେଉଁମାନଙ୍କର କାମ୍ୟ, ସେମାନେ ମୋ ସହିତ ଏକମନ ହୋଇ ବାହାରି ଆସନ୍ତୁ । ୧୩ ।

ବିରାଧ– ଅମାତ୍ୟ ! ଉତ୍ତେଜିତ ହୁଅନ୍ତୁ ନାହିଁ । ମୁଁ ଅତୀତ ଘଟଣା ବର୍ଣ୍ଣନା କରୁଛି ମାତ୍ର ।

ରାକ୍ଷସ– (ଦୀର୍ଘଶ୍ୱାସ ପକାଇ) ଓଃ ! ଏହା ଅତୀତ ଘଟଣା ! ମୋତେ କିନ୍ତୁ ଜଣାପଡୁଛି, ବର୍ତ୍ତମାନ ସେହି ସମୟ ! (ଶସ୍ତ୍ର ପରିତ୍ୟାଗ କରି) ହା ! ମହାରାଜ ନନ୍ଦ ! ମୋ ପ୍ରତି ଆପଣଙ୍କର ଅନୁଗ୍ରହ ମୋର ମନେ ପଡୁଛି । କାରଣ ଯୁଦ୍ଧସମୟରେ—

''ଯେଉଁଠାରେ ମେଘପରି ନୀଳବର୍ଣ୍ଣ ହସ୍ତୀବାହିନୀ ବିଚରଣ କରୁଛନ୍ତି, ସେଠାକୁ ରାକ୍ଷସ ଯାଆନ୍ତୁ, ଏହି ଯେଉଁ ଅଶ୍ୱବାହିନୀ

Digitized by PPRACHIN, SOA

ବିରାଧ- ତତଃ ସମନ୍ତାଦ୍ ଉପରୁଦ୍ଧଂ ପୁଷ୍ପପୁରମ୍ ଅବଲୋକ୍ୟ ବହୁଦିବସପ୍ରଭୃତି ମହଦ୍ ଉପରୋଧବୈଶସମ୍ ଉପଶ ପୌରାଣାଂ ଦଶବର୍ତ୍ତିମାନମ୍ ଅସହମାନେ, ତସ୍ୟାମ ଅବସ୍ଥାୟାଂ ପୌରଜନାପେକ୍ଷୟା ସୁରଙ୍ଗାମ୍ ଉପେତ୍ୟ ଅପକ୍ରାନ୍ତେ ତପୋବନାୟ ଦେବେ ସର୍ବାର୍ଥସିଦ୍ଧୌ, ସ୍ୱାମିବିରହାତ୍ ପ୍ରଶିଥିଲୀକୃତପ୍ରୟତ୍ନେଷୁ ଯୁଷ୍ମଦ୍ବଲେଷୁ, ଜୟଘୋଷଣାବ୍ୟାଘାତାଦସ୍ୱାଦସାନୁମିତାନୁର୍ନଗରବାସିଷୁ, ପୁନରପି ନନ୍ଦରାଜ୍ୟପ୍ରତ୍ୟାନୟନାୟ ସୁରଙ୍ଗୟା ବହିରୁପଗତେଷୁ ଯୁଷ୍ମାସୁ, ଚନ୍ଦ୍ରଗୁପ୍ତନିଧନାୟ ଯୁଷ୍ମତ୍ପ୍ରଯୁକ୍ତୟା ବିଷକନ୍ୟୟା ଘାତିତେ ତପସ୍ୱିନି ପର୍ବତେଶ୍ୱରେ—

ରାକ୍ଷସଃ- ସଖେ ! ପଶ୍ୟାଶ୍ଚର୍ଯ୍ୟମ୍—

କର୍ଣ୍ଣେନେବ ବିଷାଙ୍ଗନୈକପୁରୁଷବ୍ୟାପାଦିନୀ ରକ୍ଷିତା
ହନ୍ତୁଂ ଶକ୍ତିରିବାର୍ଜୁନଂ ବଲବତୀ ଯା ଚନ୍ଦ୍ରଗୁପ୍ତଂ ମୟା ।
ସା ବିଷ୍ଣୋରିବ ବିଷ୍ଣୁଗୁପ୍ତହତକସ୍ୟାତ୍ୟନ୍ତଶ୍ରେୟସେ
ହୈଡିମ୍ବେୟମିବେତ୍ୟ ପର୍ବତନୃପଂ ତଦ୍ବଧ୍ୟମେବାବଧୀତ୍ ॥ ୧୫ ॥

ବିରାଧ- ଅମାତ୍ୟ ! ଦୈବସ୍ୟାତ୍ର କାମଚାରଃ । କିମତ୍ର କ୍ରିୟତେ ?

ରାକ୍ଷସଃ- ତତସ୍ତତଃ ?

ବିରାଧ- ତତଃ ପିତୃବଧପରିତ୍ରାସାତ୍ ଅପକ୍ରାନ୍ତେ କୁସୁମପୁରାତ୍ କୁମାରେ ମଲୟକେତୌ, ବିଶ୍ୱାସିତେ ଚ ପର୍ବତକଭ୍ରାତରି ବୈରୋଚକେ, ପ୍ରକାଶିତେ ଚ ଚନ୍ଦ୍ରଗୁପ୍ତସ୍ୟ ନନ୍ଦଭବନପ୍ରବେଶେ, ଚାଣକ୍ୟହତକେନ ଆହୂୟ ଅଭିହିତାଃ କୁସୁମପୁରନିବାସିନଃ ସର୍ବେ ଏବ ସୂତ୍ରଧାରାଃ ଯଥା—ସାଂବତ୍ସରିକବଚନାଦ୍ ଅଦ୍ୟ ଏବ ଅର୍ଦ୍ଧରାତ୍ରସମୟେ ଏବାଭିମତଃ ଚନ୍ଦ୍ରଗୁପ୍ତସ୍ୟ ନନ୍ଦଭବନପ୍ରବେଶୋ ଭବିଷ୍ୟତି ଇତି, ତତଃ ପ୍ରଥମଦ୍ୱାରାତ୍ ପ୍ରଭୃତି ସଂସ୍କ୍ରିୟତାଂ ରାଜଭବନମ୍ ଇତି । ତତଃ ସୂତ୍ରଧାରୈରଭିହିତମ୍—"ଆର୍ଯ୍ୟ ! ପ୍ରଥମମେବ ଦେବସ୍ୟ

Digitized by PPRACHIN, SOA

ଉଦ୍‌ବେଳିତ ତରଙ୍ଗରାଜି ଭଳି ଧାଇଁ ଆସୁଛନ୍ତି, ସେମାନଙ୍କୁ ରାକ୍ଷସ ରୋଧ କରନ୍ତୁ, ପଦାତିମାନଙ୍କୁ ରାକ୍ଷସ ଧ୍ୱଂସ କରନ୍ତୁ" ଏହିପରି ମୋତେ ଆଜ୍ଞାପୂର୍ବକ ପ୍ରେରଣ କରି ଆପଣ ଭାବୁଥିଲେ, ସତେ ଯେପରି ନଗରରେ ସହସ୍ର ରାକ୍ଷସ ଅଛନ୍ତି ! ।। ୧୪ ।।

ତା'ପରେ ?

ବିରାଧ– ତା'ପରେ କୁସୁମପୁରକୁ ଚତୁର୍ଦ୍ଦିଗରୁ ଅବରୁଦ୍ଧ ହୋଇଥିବାର ଦେଖି ମହାରାଜ ସର୍ବାର୍ଥସିଦ୍ଧି, ବହୁଦିନ ଅବରୋଧ ଫଳରେ ନଗରବାସୀମାନଙ୍କ ଉପରେ ପଡ଼ୁଥିବା ତୀବ୍ର ବିପତ୍ତିକୁ ସହି ନପାରି, ସେମାନଙ୍କ ମଙ୍ଗଳ ନିମନ୍ତେ ସେହି ଅବସ୍ଥାରେ ସୁଡଙ୍ଗ ପଥରେ ତପୋବନକୁ ଚାଲିଗଲେ । ରାଜାଙ୍କ ଅଭାବରେ ଆପଣଙ୍କ ସୈନ୍ୟମାନେ ଚେଷ୍ଟା ଶିଥିଳ କରିଦେଲେ । ତାହାପରେ ନଗରବାସୀମାନଙ୍କର, ଶତ୍ରୁପକ୍ଷର ଜୟଘୋଷଣାରେ ବ୍ୟାଘାତ ସୃଷ୍ଟି କରିବା ପ୍ରଭୃତି ସାହସିକ କାର୍ଯ୍ୟରୁ ଆପଣ ସେମାନଙ୍କର (ନଗରବାସୀଙ୍କର) ମତିଗତି କଳନା କରି, ନନ୍ଦରାଜ୍ୟ ପୁନରୁଦ୍ଧାର କରିବା ଆଶାରେ ସୁଡଙ୍ଗ ପଥରେ ବାହାରି ଆସିଲେ । ଚନ୍ଦ୍ରଗୁପ୍ତକୁ ମାରିବା ନିମନ୍ତେ ଆପଣ ଯେଉଁ ବିଷକନ୍ୟାର ବ୍ୟବସ୍ଥା କରିଥିଲେ, ତାହାଦ୍ୱାରା ବିଚରା ପର୍ବତେଶ୍ୱର ନିହତ ହୁଅନ୍ତେ—

ରାକ୍ଷସ– ବନ୍ଧୁ, ଦେଖ, କି ଆଶ୍ଚର୍ଯ୍ୟ !

କର୍ଣ୍ଣ ଯେପରି ଅର୍ଜ୍ଜୁନଙ୍କୁ ମାରିବା ପାଇଁ ଏକ-ବ୍ୟକ୍ତି-ବିନାଶକ ବଳିଷ୍ଠ ଶକ୍ତି-ଅସ୍ତ୍ର ରଖିଥିଲେ, କିନ୍ତୁ ତାହା ହିଡ଼ିମ୍ବାର ପୁତ୍ରକୁ (ଘଟୋତ୍କଚକୁ) ମାରି ଶ୍ରୀକୃଷ୍ଣଙ୍କର ପରମ ମଙ୍ଗଳ ସାଧନ କଲା, କାରଣ ତା'ର ମୃତ୍ୟୁ ଥିଲା ଶ୍ରୀକୃଷ୍ଣଙ୍କର କାମ୍ୟ, ସେହିପରି ଚନ୍ଦ୍ରଗୁପ୍ତକୁ ମାରିବାପାଇଁ ମୁଁ ଏକ-ପୁରୁଷ ବିନାଶିନୀ ଅମୋଘ ବିଷକନ୍ୟା ରଖିଥିଲି, ମାତ୍ର ତାହା ପର୍ବତକଙ୍କୁ ନିହତ କରି ଦୁଷ୍ଟ ଚାଣକ୍ୟର ହିଁ ପରମ ମଙ୍ଗଳ ସାଧନ କଲା, କାରଣ ପର୍ବତକଙ୍କର ମୃତ୍ୟୁ ଥିଲା ଚାଣକ୍ୟ ପକ୍ଷରେ ବାଞ୍ଛିତ । ୧୨ ।

ବିରାଧ– ଅମାତ୍ୟ, ଦୈବର ହିଁ ଏହା ସ୍ୱେଚ୍ଛାଚାରିତା । ଆମେ କ'ଣ କରିପାରିଥାନ୍ତେ ?

ରାକ୍ଷସ– ତା' ପରେ ?

ବିରାଧ– ତା' ପରେ ପିତୃହତ୍ୟାରେ ଭୟଭୀତ ହୋଇ କୁମାର ମଳୟକେତୁ ପଳାଇ ଯାଆନ୍ତେ, ସେମାନେ ପର୍ବତକଙ୍କ ଭାଇ ବୈରୋଚକଙ୍କୁ ବିଶ୍ୱାସର ପାତ୍ର କରାଇଲେ ! ଏହାପରେ ଚନ୍ଦ୍ରଗୁପ୍ତ ନନ୍ଦଭବନକୁ ପ୍ରବେଶ କରିବେ ବୋଲି ଘୋଷଣା ଦିଆହେଲା ଏବଂ ଦୁଷ୍ଟ ଚାଣକ୍ୟ କୁସୁମପୁରରେ ବାସ କରୁଥିବା ସମସ୍ତ ଶିଳ୍ପୀଙ୍କୁ ଡାକି କହିଲା—"ଜ୍ୟୋତିଷୀମାନଙ୍କ ସିଦ୍ଧାନ୍ତ

Digitized by PPRACHIN, SOA

ଚନ୍ଦ୍ରଗୁପ୍ତସ୍ୟ ନନ୍ଦଭବନପ୍ରବେଶମ୍ ଉପଲଭ୍ୟ ସୂତ୍ରଧାରେଣ ଦାରୁବର୍ମଣା କନକତୋରଣନ୍ୟାସାଦିଭିଃ ସଂସ୍କାରବିଶେଷୈଃ ସଂସ୍କୃତଂ ପ୍ରଥମ-ରାଜଦ୍ୱାରମ୍ । ଇଦାନୀମସ୍ମାଭିଃ ଅଭ୍ୟନ୍ତରେ ସଂସ୍କାରେ ବିଧେୟଃ" ଇତି । ତତଶ୍ଚାଣକ୍ୟବଟୁନା 'ଅନାଦିଷ୍ଟେନ ଏବ ଦାରୁବର୍ମଣା ସଂସ୍କୃତଂ ରାଜଭବନଦ୍ୱାରମ୍" ଇତି ପରିତୁଷ୍ଟେନ ଦାରୁବର୍ମଣଃ ସୁଚିରଂ ଦାକ୍ଷ୍ୟମ୍ ଅଭିନନ୍ଦ୍ୟ ଅଭିହିତମ୍—'ଅଚିରାତ୍ ଅସ୍ୟ ଦାକ୍ଷ୍ୟସ୍ୟ ଅନୁରୂପଂ ଫଳମ୍ ଅଧିଗମିଷ୍ୟସି ଦାରୁବର୍ମନ୍ !"

ରାକ୍ଷସଃ- (ସୋଦ୍ବେଗମ୍) ସଖେ ! କୁତଃ ଚାଣକ୍ୟବଟୋଃ ପରିତୋଷଃ ? ଯଦ୍ ଅନେନ ବୁଦ୍ଧିମୋହାତ୍ ଅଥବା ରାଜଭକ୍ତିପ୍ରକର୍ଷାତ୍ ନିୟୋଗକାଲମ୍ ଅପ୍ରତୀକ୍ଷମାଣେନ ସଂଜନିତଃ ଚାଣକ୍ୟବଟୋଃ ଚେତସି ବଲବାନ୍ ବିକଳ୍ପଃ । ତତସ୍ତତଃ ?

ବିରାଧ- ତତଃ ଚାଣକ୍ୟହତକେନ ଅନୁକୂଲଲଗ୍ନବଶାତ୍ ଅର୍ଦ୍ଧରାତ୍ରସମୟେ ଚନ୍ଦ୍ରଗୁପ୍ତସ୍ୟ ନନ୍ଦଭବନପ୍ରବେଶୋ ଭବିଷ୍ୟତି ଇତି ଶିଳ୍ପିନଃ ପୌରାନ୍ ଚ ଗୃହୀତାର୍ଥାନ୍ କୃତ୍ୱା ତସ୍ମିନ୍ନେବ କ୍ଷଣେ ପର୍ବତେଶ୍ୱରଭ୍ରାତରଂ ବୈରୋଚକମ୍ ଏକାସନେ ଚନ୍ଦ୍ରଗୁପ୍ତେନ ସହ ଉପବେଶ୍ୟ କୃତଃ ପୃଥ୍ୱୀରାଜ୍ୟାର୍ଦ୍ଧଭାଗଃ ।

ରାକ୍ଷସଃ- କିମ୍ ଅତିସୃଷ୍ଟଂ ପର୍ବତେଶ୍ୱରଭ୍ରାତ୍ରେ ବୈରୋଚକାୟ ପୂର୍ବପ୍ରତିଶ୍ରୁତଂ ରାଜ୍ୟାର୍ଦ୍ଧମ୍ ?

ବିରାଧ- ଅଥ କିମ୍ ?

ରାକ୍ଷସଃ- (ଆତ୍ମଗତମ୍) ନିୟତମ୍ ଅତିଧୂର୍ତ୍ତବଟୁନା ତସ୍ୟାପି ତପସ୍ୱିନଃ କମପି ଉପାଂଶୁବଧମ୍ ଆକଳଯ୍ୟ ପର୍ବତେଶ୍ୱରବିନାଶଜନିତସ୍ୟ ଅୟଶସଃ ପରିହାରାର୍ଥମ୍ ଏଷା ଲୋକପ୍ରତ୍ୟାପତ୍ତିଃ ଉପଚରିତା । (ପ୍ରକାଶମ୍) ତତସ୍ତତଃ ?

ବିରାଧ- ତତଃ ପ୍ରଥମମେବ ପ୍ରକାଶିତେ ଚନ୍ଦ୍ରଗୁପ୍ତସ୍ୟ ଅର୍ଦ୍ଧରାତ୍ରେ ନନ୍ଦଭବନପ୍ରବେଶେ, କୃତାଭିଷେକେ ଚ ବୈରୋଚକେ, ବିମଳମୁକ୍ତାଗୁଣପରିକ୍ଷେପୋପରଚିତ-ଚିତ୍ରପଟବାରବାଣପ୍ରଚ୍ଛାଦିତଶରୀରେ, ମଣିମୟମୁକୁଟନିବଡିତନିୟତରୁଚିରତର-ମୌଳୌ, ସୁରଭିକୁସୁମଦାମବୈକକ୍ଷିକାବଭାସିତବିପୁଳବକ୍ଷଃସ୍ଥଳେ, ପରି-ଚିତତମୈଃ ଅପି ଅନଭିଜ୍ଞାୟମାନାକୃତୌ, ଚାଣକ୍ୟହତକାଦେଶାତ୍ ଚନ୍ଦ୍ରଗୁପ୍ତୋପବାହ୍ୟାଂ ଚନ୍ଦ୍ରଲେଖାଭିଧାନାଂ ଗଜବଶାମ୍ ଆରୁହ୍ୟ, ଚନ୍ଦ୍ରଗୁପ୍ତାନୁଯାୟିନା ରାଜଲୋକେନ ଅନୁଗମ୍ୟମାନେ, ଜବେନ ଦେବସ୍ୟ

Digitized by PPRACHIN, SOA

ଅନୁସାରେ ଚନ୍ଦ୍ରଗୁପ୍ତଙ୍କ ନନ୍ଦଭବନ ପ୍ରବେଶ ଅର୍ଦ୍ଧରାତ୍ର ସମୟରେ ଅନୁଷ୍ଠିତ ହେବ । ତେଣୁ ତୁମ୍ଭେମାନେ ରାଜଭବନକୁ ପ୍ରଥମଦ୍ୱାରଠାରୁ ସୁସଜ୍ଜିତ କର ।” ଶିଳ୍ପୀମାନେ କହିଲେ—“ଆର୍ଯ୍ୟ, ମହାରାଜ ଚନ୍ଦ୍ରଗୁପ୍ତ ନନ୍ଦଭବନରେ ପ୍ରବେଶ କରିବେ ବୋଲି ଜାଣି ଶିଳ୍ପୀ ଦାରୁବର୍ମା ସୁବର୍ଣ୍ଣତୋରଣ ପ୍ରଭୃତି ଦ୍ୱାରା ରାଜପ୍ରାସାଦର ପ୍ରଥମ ଦ୍ୱାରଦେଶକୁ ପୂର୍ବରୁ ସଜାଇଛନ୍ତି । ବର୍ତ୍ତମାନ ଆମ୍ଭେମାନେ ପ୍ରାସାଦର ଅଭ୍ୟନ୍ତରକୁ ସଜାଇବୁଁ ।” ବିନା ଆଦେଶରେ ଶିଳ୍ପୀ ଦାରୁବର୍ମା ରାଜଭବନର ଦ୍ୱାର ସଜ୍ଜିତ କରିଥିବା ହେତୁ ଧୂର୍ତ୍ତ ଚାଣକ୍ୟ ସନ୍ତୁଷ୍ଟ ହେଲପରି ତା'ର ପ୍ରଶଂସା କରି କହିଲା—“ଦାରୁବର୍ମା, ତୁମେ ଅଚିରେ ଏହି ଦକ୍ଷତାର ଫଳ ଲାଭ କରିବ ।”

ରାକ୍ଷସ (ଉଦ୍‌ବେଗରେ) ବନ୍ଧୁ, ଧୂର୍ତ୍ତ ଚାଣକ୍ୟ ପକ୍ଷରେ ସନ୍ତୋଷ କିପରି ସମ୍ଭବ ? ମୁଁ ଭାବୁଛି, ଦାରୁବର୍ମାର ପ୍ରଚେଷ୍ଟା ବିଫଳ ହୋଇଥିବ କିମ୍ବା ତାକୁ ଅବାଞ୍ଛିତ ଫଳ ମିଳିଥିବ । କାରଣ, ବୁଦ୍ଧିଭ୍ରମରୁ ହେଉ ବା ଅତି ରାଜଭକ୍ତିରୁ ହେଉ, ସେ ଆଦେଶକୁ ଅପେକ୍ଷା ନ କରି ଦ୍ୱାର ସଜାଇଥିବା ହେତୁ ଚାଣକ୍ୟର ମନରେ ସନ୍ଦେହ ଜାତ ହୋଇଥିବ । ଆଚ୍ଛା, ତା'ପରେ ?

ବିରାଧ– ତା'ପରେ ଧୂର୍ତ୍ତ ଚାଣକ୍ୟ “ଅନୁକୂଳ ଲଗ୍ନଯୋଗରେ ଅର୍ଦ୍ଧରାତ୍ର ସମୟରେ ଚନ୍ଦ୍ରଗୁପ୍ତଙ୍କ ନନ୍ଦଭବନ ପ୍ରବେଶ ଅନୁଷ୍ଠିତ ହେବ”—ପୁରବାସୀମାନଙ୍କ ମନରେ ଏହି ଧାରଣା ଜନ୍ମାଇ ସଙ୍ଗେ ସଙ୍ଗେ ପର୍ବତକଙ୍କ ଭାଇ ବୈରୋଚକଙ୍କୁ ଚନ୍ଦ୍ରଗୁପ୍ତ ସହିତ ଏକ ଆସନରେ ବସାଇ ସାମ୍ରାଜ୍ୟକୁ ଦୁଇଭାଗରେ ବିଭକ୍ତ କରିଦେଲା ।

ରାକ୍ଷସ– କଅଣ ପୂର୍ବ ପ୍ରତିଶ୍ରୁତି ଅନୁସାରେ ପର୍ବତକଙ୍କ ଭାଇ ବୈରୋଚକଙ୍କୁ ଅଧେ ରାଜ୍ୟ ଦେଲା ?

ବିରାଧ– ହଁ ।

ରାକ୍ଷସ– (ସ୍ୱଗତ) ବୋଧହୁଏ ଧୂର୍ତ୍ତ ଚାଣକ୍ୟ ସେହି ବିଚରାକୁ ଗୋପନରେ ମାରିବା ପାଇଁ କୌଣସି ଉପାୟ କରିଥିବ । ଆଉ ଏଣେ ପର୍ବତକଙ୍କ ହତ୍ୟା-ଫଳରେ ଯେଉଁ ନିନ୍ଦା ସୃଷ୍ଟି ହୋଇଥିଲା, ତାହାକୁ ଲୋପ କରିବା ଉଦ୍ଦେଶ୍ୟରେ ଜନସାଧାରଣଙ୍କ ମନରେ ବିଶ୍ୱାସ ଜନ୍ମାଇବାପାଇଁ ଏହି ରାଜ୍ୟବିଭାଗର କୌଶଳ ଗ୍ରହଣ କରିଥିବ ।

(ପ୍ରକାଶ୍ୟରେ) ଆଚ୍ଛା, ତା' ପରେ ?

ବିରାଧ– ପ୍ରଥମରୁ ତ ଚନ୍ଦ୍ରଗୁପ୍ତ ରାତିରେ ନନ୍ଦଭବନରେ ପ୍ରବେଶ କରିବେ ବୋଲି ପ୍ରଚାରିତ ହୋଇଥିଲା । ତା'ପରେ ବୈରୋଚକଙ୍କର ଅଭିଷେକ ସଂପନ୍ନ କରାହେଲା । ବୈରୋଚକ ଖଳ ଚାଣକ୍ୟର ନିର୍ଦ୍ଦେଶ ଅନୁସାରେ, ଚନ୍ଦ୍ରଗୁପ୍ତ ଚନ୍ଦ୍ରଲେଖା ନାମକ ଯେଉଁ ହସ୍ତିନୀପୃଷ୍ଠରେ ଆରୋହଣ କରେ, ତାହା ଉପରେ

Digitized by PPRACHIN, SOA

ନନ୍ଦସ୍ୟ ଭବନଂ ପ୍ରବିଶତି ବୈରୋଚକେ, ସୁଷ୍ଟୁତ୍ପ୍ରଯୁକ୍ତେନ ସୂତ୍ରଧାରେଣ ଦାରୁବର୍ମଣା ଚନ୍ଦ୍ରଗୁପ୍ତୋଽୟମିତି ମନ୍ୟମାନେନ, ବୈରୋଚକସ୍ୟ ଉପରି ନିପାତନାୟ ସଜ୍ଜୀକୃତଂ ଯନ୍ତ୍ରତୋରଣମ୍ । ଅତ୍ରାନ୍ତରେ ବହିର୍ନିଗୃହୀତ-ବାହନେଷୁ ସ୍ଥିତେଷୁ ଚନ୍ଦ୍ରଗୁପ୍ତାନୁଯାୟିଷୁ ଭୂମିପାଲେଷୁ, ସୁଷ୍ଟୁତ୍ପ୍ରଯୁକ୍ତେନ ଏବ ଚନ୍ଦ୍ରଗୁପ୍ତନିଷାଦିନା ବର୍ବରକେଣ କନକଦଣ୍ଡାନ୍ତର୍ନିହିତାମସିପୁତ୍ରିକାମ୍ ଆକ୍ରଷ୍ଟୁକାମେନ ଅବଲମ୍ବିତା କରେଣ କନକଶୃଙ୍ଖଲାବଲମ୍ବିନୀ କନକଦଣ୍ଡିକା ।

ରାକ୍ଷସଃ- ଉଭୟୋରପି ଅସ୍ଥାନେ ଯତ୍ନଃ ! ତତସ୍ତତଃ ?

ବିରାଧ- ଅଥ ଜଘନାଭିଘାତମ୍ ଉତ୍ପ୍ରେକ୍ଷମାଣା ଗଜବଧୂଃ ଅତିଜବନତୟା ଗତ୍ୟ-ନ୍ତରମ୍ ଆରୂଢବତୀ । ତତଃ ପ୍ରଥମଗତ୍ୟନୁରୋଧପ୍ରତ୍ୟାକଳିତମୁକ୍ତେନ ପ୍ରଭ୍ରଷ୍ଟଲକ୍ଷ୍ୟଂ ପତତା ଯନ୍ତ୍ରତୋରଣେନ ଆକୃଷ୍ଟକୃପାଣୀବ୍ୟଗ୍ରପାଣିଃ ଅନାସା-ଦୟନ୍ ଏବ ଚନ୍ଦ୍ରଗୁପ୍ତପ୍ରତ୍ୟାଶୟା ବୈରୋଚକଂ, ଦାରୁବର୍ମଣା ହତଃ ତପସ୍ୱୀ ବର୍ବରକଃ । ତତୋ ଦାରୁବର୍ମଣା ଯନ୍ତ୍ରତୋରଣନିପାତନାତ୍ ଆତ୍ମବଧମ୍ ଆକଳଯ୍ୟ ଶୀଘ୍ରମେବ ତତ୍ତୁଙ୍ଗତୋରଣସ୍ଥାନମ୍ ଆରୂଢେନ ଯନ୍ତ୍ରଘଟନବୀଜ-ଲୋହକୀଲମ୍ ଆଦାୟ ହସ୍ତିନୀଗତ ଏବ ହତଃ ତପସ୍ୱୀ ବୈରୋଚକଃ ।

ରାକ୍ଷସଃ- କଷ୍ଟମ୍ ! ଅନର୍ଥଦ୍ୱୟମ୍ ଆପତିତମ୍ ! ନ ହତଶ୍ଚନ୍ଦ୍ରଗୁପ୍ତୋଽସୌ, ହତୌ ବୈରୋଚକବର୍ବରକୌ ? (ସାବେଗମାତ୍ମଗତମ୍) ନ ତୌ ହତୌ ହତୌ, ଦୈବେନ ବୟମପି ହତାଃ । (ପ୍ରକାଶମ୍) ଅଥ ସ ସୂତ୍ରଧାରୋ ଦାରୁବର୍ମା କ୍ୱ ?

ବିରାଧ- ବୈରୋଚକପୁରଃସରେଣ ପଦାତିଲୋକେନ ଲୋଷ୍ଟୁଘାତଂ ହତଃ !

ରାକ୍ଷସଃ- (ସାସ୍ରମ୍) କଷ୍ଟମ୍ ! ଅହୋ ! ବତ୍ସଲେନ ସୁହୃଦା ଦାରୁବର୍ମଣା ବିଯୁକ୍ତାଃ ସ୍ମଃ । ଅଥ ତତ୍ରତ୍ୟେନ ଭିଷଜା ଅଭୟଦତ୍ତେନ କିମନୁଷ୍ଠିତମ୍ ?

ବିରାଧ- ଅମାତ୍ୟ ! ସର୍ବମନୁଷ୍ଠିତମ୍ ।

Digitized by PPRACHIN, SOA

ବସି ଚନ୍ଦ୍ରଗୁପ୍ତର ଅନୁଗାମୀ ରାଜପୁରୁଷବର୍ଗଙ୍କ ଗହଣରେ ଚାଲିଲେ । ଉଜ୍ଜ୍ୱଳ ମୁକ୍ତାହାରଗୁଡ଼ିକ ଛନ୍ଦାଛନ୍ଦି ହୋଇ ଚିତ୍ରପଟ ଭଳି ଦିଶୁଥିବା ସାଞ୍ଜୁଦ୍ୱାରା ବୈରୋଚକଙ୍କର ଶରୀର ଆଚ୍ଛାଦିତ ହୋଇଥିଲା । ମଣିମୟ ମୁକୁଟ ଦୃଢ଼ଭାବରେ ବନ୍ଧା ହୋଇ ମସ୍ତକ ଅତ୍ୟନ୍ତ ସୁନ୍ଦର ଦିଶୁଥିଲା । ସୁଗନ୍ଧ ପୁଷ୍ପମାଳାମାନ ସ୍କନ୍ଧଦେଶରୁ ତିର୍ଯ୍ୟକ୍‌ଭାବରେ ଲମ୍ବି ବିସ୍ତୃତ ବକ୍ଷସ୍ଥଳ ସୁଶୋଭିତ ଦିଶୁଥିଲା । ତେଣୁ ପରିଚିତ ବ୍ୟକ୍ତିମାନେ ମଧ୍ୟ ତାହାଙ୍କୁ ଚିହ୍ନି ପାରୁ ନ ଥିଲେ । ଏହିପରି ବୈରୋଚକ ନନ୍ଦଭବନକୁ ପ୍ରବେଶ କଲାବେଳେ ଶିଳ୍ପୀ ଦାରୁବର୍ମା ତାଙ୍କୁ ଚନ୍ଦ୍ରଗୁପ୍ତ ମନେକରି ତାଙ୍କ ଉପରକୁ ଫିଙ୍ଗିବାପାଇଁ ଯନ୍ତ୍ରତୋରଣକୁ ପ୍ରସ୍ତୁତ କରି ରଖିଲା । ଇତିମଧ୍ୟରେ ଚନ୍ଦ୍ରଗୁପ୍ତର ଅନୁଗାମୀ ରାଜାମାନେ ସେମାନଙ୍କର ବାହନ ଅଟକାଇ ବାହାରେ ରହିଲେ । ଚନ୍ଦ୍ରଗୁପ୍ତର ବର୍ବରକ ନାମକ ସଇସ, ଯାହାକୁ ଆପଣ ଚନ୍ଦ୍ରଗୁପ୍ତକୁ ମାରିବା ଲାଗି ନିୟୋଜିତ କରିଥିଲେ, ସେ ସୁବର୍ଣ୍ଣ-ରଜ୍ଜୁ ଲାଗିଥିବା ଏକ ସୁବର୍ଣ୍ଣଯଷ୍ଟି ହାତରେ ଧରିଲା । ସେହି ସୁବର୍ଣ୍ଣଯଷ୍ଟି ଭିତରେ ଥିବା ଛୁରିକାକୁ ସେ ଟାଣି ବାହାର କରିବାକୁ ଚାହୁଁଥିଲା ।

ରାକ୍ଷସ—ଓହୋ ! ଉଭୟଙ୍କର ଅସ୍ଥାନରେ ଯତ୍ନ ! ତା'ପରେ ?

ବିରାଧ— ତା'ପରେ ସେହି ହସ୍ତିନୀ ଦ୍ରୁତଗାମିନୀ ହୋଇଥିବାହେତୁ ଜଘନ-ଆଘାତ ଆଶଙ୍କାରେ ପୂର୍ବଗତିଠାରୁ ଭିନ୍ନଗତି ଗ୍ରହଣ କଲା । ଦାରୁବର୍ମା ଯନ୍ତ୍ରତୋରଣକୁ ତ ପ୍ରଥମ ଗତିର ମାପରେ ରଖିଥିଲା । ତେଣୁ ତାହାକୁ ସେ ଯେତେବେଳେ ପକାଇଲା, ତାହା ପ୍ରକୃତ ଲକ୍ଷ୍ୟ ଉପରେ ନ ପଡ଼ି, ଚନ୍ଦ୍ରଗୁପ୍ତ—ଧାରଣାରେ ବୈରୋଚକଙ୍କୁ ମାରିବା ପାଇଁ ହସ୍ତରେ ଛୁରିକା ଆକର୍ଷଣ କରିବାକୁ ବ୍ୟଗ୍ର ହୋଇ ଉଠିଥିବା ବର୍ବରକର ଉପରେ ପଡ଼ି ତାକୁ(ବର୍ବରକକୁ) ନିହତ କଲା । ତା'ପରେ ଦାରୁବର୍ମା ଯନ୍ତ୍ରତୋରଣକୁ ଫିଙ୍ଗିଥିବା ଅପରାଧରେ ନିଜର ବଧ ଆଶଙ୍କା କରି ସହସା ଉଚ୍ଚ ତୋରଣ ଉପରକୁ ଚଢ଼ିଗଲା ଏବଂ ଯେଉଁ ଲୌହ କୀଳକରେ ଯନ୍ତ୍ରଚାଳନା କରାଯାଏ, ତାହାକୁ ଫିଙ୍ଗି ହସ୍ତିନୀ ଉପରେ ବସିଥିବା ବିଚରା ବୈରୋଚକଙ୍କୁ ମାରିଦେଲା ।

ରାକ୍ଷସ— ଓଃ ! ଦୁଇଟାଯାକ ଦୁର୍ଭାଗ୍ୟ ଘଟିଲା ! ଚନ୍ଦ୍ରଗୁପ୍ତ ମଲାନାହିଁ, ମଲେ ବୈରୋଚକ ଆଉ ବର୍ବରକ ! ଆଚ୍ଛା, ଶିଳ୍ପୀ ଦାରୁବର୍ମା କେଉଁଠି ଅଛି ?

ବିରାଧ— ବୈରୋଚକଙ୍କ ଆଗରେ ଯାଉଥିବା ପଦାତିବାହିନୀ ଟେକା ପଥର ଫିଙ୍ଗି ତାକୁ ମାରିଦେଲେ ।

ରାକ୍ଷସ— (ଅଶ୍ରୁପାତ କରି) ଓଃ ! କି ଦୁର୍ଯ୍ୟୋଗ ! ମୋର ସ୍ନେହଶୀଳ ବନ୍ଧୁ ଦାରୁବର୍ମାକୁ ହରାଇଲି ! ଆଚ୍ଛା, ସେଠାରେ ଅଭୟ ଦତ୍ତ ନାମକ ଯେଉଁ ବୈଦ୍ୟ ଥିଲେ, ସେ କଅଣ କଲେ ?

ବିରାଧ— ସବୁ କଲେ ।

Digitized by PPRACHIN, SOA

ରାକ୍ଷସଃ- (ସହର୍ଷମ୍) କିଂ ହତୋ ଦୁରାତ୍ମା ଚନ୍ଦ୍ରଗୁପ୍ତଃ ?

ବିରାଧ- ଅମାତ୍ୟ ! ଦୈବାନ୍ନ ହତଃ ।

ରାକ୍ଷସଃ- (ସବିଷାଦମ୍) ତତଃ କମିଦାନୀଂ କଥୟସି ପରିତୁଷ୍ଟଃ ସର୍ବମନୁଷ୍ଠିତମିତି ?

ବିରାଧ- ଅମାତ୍ୟ ! କଳ୍ପିତମନେନ ବିଷଚୂର୍ଣ୍ଣମିଶ୍ରମୌଷଧଂ ଚନ୍ଦ୍ରଗୁପ୍ତାୟ । ତଚ୍ଚ ପ୍ରତ୍ୟକ୍ଷୀକୁର୍ବତା ଚାଣକ୍ୟହତକେନ କନକଭାଜନେ ବର୍ଣ୍ଣାନ୍ତରମୁପଗତମୁପଲଭ୍ୟ ଅଭିହିତଶ୍ଚନ୍ଦ୍ରଗୁପ୍ତଃ—ବୃଷଳ ! ସବିଷମିବ ଔଷଧଂ ନ ପାତବ୍ୟମ୍ ଇତି ।

ରାକ୍ଷସଃ- ଶଠଃ ଖଲ୍ୱସୌ ବଟୁଃ । ଅଥ ସ ବୈଦ୍ୟଃ କଥମ୍ ?

ବିରାଧ- ସ ଖଲୁ ବୈଦ୍ୟସ୍ତଦେବ ଔଷଧଂ ପାୟିତଃ ଉପରତଶ୍ଚ ।

ରାକ୍ଷସଃ- (ସବିଷାଦମ୍) ଅହହ ! ମହାନ୍ ବିଜ୍ଞାନରାଶିରୁପରତଃ ! ଭଦ୍ର ! ଅଥ ତସ୍ୟ ଶୟନାଧିକୃତସ୍ୟ ପ୍ରମୋଦକସ୍ୟ କିଂ ବୃତ୍ତମ୍ ?

ବିରାଧ- ଆତ୍ମବିନାଶଃ ।

ରାକ୍ଷସଃ- କଥମିବ ?

ବିରାଧ ସ ଖଲୁ ମୂର୍ଖ ସ୍ତ୍ୱଂ ମୁଷ୍ଟାଭିରତଃସୃଷ୍ଟଂ ମହାନ୍ତ ମର୍ଥରାଶିମବାପ୍ୟ ମହତା ବ୍ୟୟେନ ଉପଭୋକ୍ତୁମାରବ୍ଧବାନ୍ । ତତଃ 'କୁତୋଽୟଂ ଭୂୟାନ୍ ଧନାଗମସ୍ତବ ?' ଇତି ପୃଚ୍ଛ୍ୟମାନୋଽୟଂ ଯଦା ବାକ୍ୟଭେଦାନ୍ ବହୂନ୍ ଅକଥୟତ୍, ତଦା ଚାଣକ୍ୟହତକାଦେଶାଦ୍ ବିଚିତ୍ରେଣ ବଧେନ ବ୍ୟାପାଦିତଃ ।

ରାକ୍ଷସଃ- (ସୋଦ୍‌ବେଗମ୍) କଥମ୍ ଅତ୍ରାପି ବୟମ୍ ଏବ ଉପହତାଃ ଦୈବେନ ! ଅଥ ଶାୟିତସ୍ୟ ଚନ୍ଦ୍ରଗୁପ୍ତସ୍ୟ ଶରୀରେ ପ୍ରହର୍ତ୍ତୁମ୍ ଅସ୍ମତ୍‌ପ୍ରଯୁକ୍ତାନାଂ ନରପତିଶୟନଗୃହସ୍ୟାନ୍ତଃସୁରଙ୍ଗାସ୍ଥାଂ ନିବସତାଂ ବୀଭତ୍ସକାଦୀନାଂ କୋ ବୃତ୍ତାନ୍ତଃ ?

ବିରାଧ- ଅମାତ୍ୟ ! ଦାରୁଣୋ ବୃତ୍ତାନ୍ତଃ ।

ରାକ୍ଷସଃ- (ସାବେଗମ୍) କଥଂ ଦାରୁଣୋ ବୃତ୍ତାନ୍ତଃ ! ନ ଖଲୁ ବିଦିତାଃ ତେ ତତ୍ର ନିବସନ୍ତଃ ଚାଣକ୍ୟହତକେନ ?

ବିରାଧ- ଅଥ କିମ୍ ? ପ୍ରାକ୍ ଚନ୍ଦ୍ରଗୁପ୍ତପ୍ରବେଶାତ୍ ପ୍ରବିଷ୍ଟମାତ୍ରେଣ ଏବ ଶୟନଗୃହେ ଚାଣକ୍ୟେନ ଦୁରାତ୍ମନା ସମନ୍ତାତ୍ ଅବଲୋକିତମ୍ । ତତସ୍ତୁ ଏକସ୍ମାତ୍ ଭିତ୍ତି-ଚ୍ଛିଦ୍ରାତ୍ ଗୃହୀତଭକ୍ତାବୟବାଂ ନିଷ୍କ୍ରାମନ୍ତୀଂ ପିପୀଲିକା-ପଂକ୍ତିମ୍ ଅବଲୋକ୍ୟ ପୁରୁଷଗର୍ଭମେତଦ୍ ଗୃହମ୍ ଇତି ଗୃହୀତାର୍ଥେନ ଦାହିତଂ ତଦନ୍ତଃଶୟନ-ଗୃହମ୍ । ତସ୍ମିଂଶ୍ଚ ଦହ୍ୟମାନେ ଧୂମାବରୁଦ୍ଧଦୃଷ୍ଟୟଃ ପ୍ରଥମମ୍ ଅପିହିତନିର୍ଗମନ-ମାର୍ଗମନଧିଗମ୍ୟ ସର୍ବେ ଏବ ବୀଭତ୍ସକାଦୟସ୍ତତ୍ରୈବ ଜ୍ୱଳନମୁପଗତାଃ ଉପରତାଶ୍ଚ ।

Digitized by PPRACHIN, SOA

ରାକ୍ଷସ— (ଆନନ୍ଦରେ) କଅଣ ଦୁରାତ୍ମା ଚନ୍ଦ୍ରଗୁପ୍ତ ମଲା ?

ବିରାଧ— ଅମାତ୍ୟ, ଦୈବାତ୍ ମଲ୍ଲ ନାହିଁ ।

ରାକ୍ଷସ— ତେବେ ସବୁ କଲେ ବୋଲି କଅଣ କହୁଛ ?

ବିରାଧ— ଅମାତ୍ୟ, ଯେ ଚନ୍ଦ୍ରଗୁପ୍ତପାଇଁ ବିଷଚୂର୍ଣ୍ଣ ମିଶ୍ରିତ ଔଷଧ ତିଆରି କରିଥିଲେ । ଧୂର୍ତ୍ତ ଚାଣକ୍ୟ ତାହା ଦେଖିଲ୍ଲ ଏବଂ ସୁବର୍ଣ୍ଣପାତ୍ରରେ ତାହା ଭିନ୍ନବର୍ଣ୍ଣ ଧାରଣ କରିବାରୁ ଚନ୍ଦ୍ରଗୁପ୍ତକୁ କହିଲ୍ଲ—"ବୃଷଳ, ଏ ଔଷଧ ବିଷଯୁକ୍ତ, ଏହାକୁ ସେବନ କର ନାହିଁ !"

ରାକ୍ଷସ— ଅତି ଧୂର୍ତ୍ତ ସେ ବ୍ରାହ୍ମଣ ! ଆଚ୍ଛା, ବୈଦ୍ୟଙ୍କର କଅଣ ହେଲ୍ଲ ?

ବିରାଧ— ଚାଣକ୍ୟ ତାଙ୍କୁ ସେହି ଔଷଧ ପିଆଇ ମରାଇଲା ।

ରାକ୍ଷସ— (ବିଷାଦରେ) ଓଃ ! ବିଜ୍ଞାନର ମହାନ୍ ଭଣ୍ଡାରଟି ଚାଲିଗଲେ ! ଆଚ୍ଛା, ଶୟନଗୃହର ଦାୟିତ୍ୱରେ ଥିବା ପ୍ରମୋଦକର କ'ଣ ହେଲା ?

ବିରାଧ— ଆତ୍ମବିନାଶ ।

ରାକ୍ଷସ— (ଉଦ୍‌ବେଗରେ) କିପରି ?

ବିରାଧ— ସେହି ମୂର୍ଖ ଆପଣଙ୍କ ପ୍ରଦତ୍ତ ପ୍ରଚୁର ଧନ ନେଇ ବହୁ ବ୍ୟୟ କରି ଉପଭୋଗରେ ଲାଗିଗଲା । ତେଣୁ 'ଏ କୁଆଡୁ ଏତେ ଧନ ପାଇଲା ?' ଏହି ସନ୍ଦେହରେ ଖଳ ଚାଣକ୍ୟ ତାକୁ ପଚରାପଚରି କରିବାରୁ ସେ ନାନାପ୍ରକାର ଉତ୍ତର ଦେଲା । ତେଣୁ ଚାଣକ୍ୟ ବିଚିତ୍ର ଉପାୟରେ ତାକୁ ନିହତ କଲ୍ଲ ।

ରାକ୍ଷସ— (ଉଦ୍‌ବେଗରେ) ଏଥିରେ ମଧ୍ୟ ଦୈବ ଆମକୁ ହତାଶ କଲ୍ଲ ! ଆଚ୍ଛା, ଚନ୍ଦ୍ରଗୁପ୍ତ ଶୋଇଥିବା ବେଳେ ତାକୁ ମାରିବା ପାଇଁ ବୀଭତ୍ସକ ପ୍ରଭୃତି ଆମଦ୍ୱାରା ନିଯୁକ୍ତ ହୋଇ ରାଜ-ଶୟନଗୃହର ଭିତର ସୁଡଙ୍ଗରେ ରହିଥିଲେ । ସେମାନଙ୍କର ଖବର କଅଣ ?

ବିରାଧ— ବଡ ମର୍ମଭେଦୀ ଖବର !

ରାକ୍ଷସ— (ଉଦ୍‌ବେଗରେ) କି ମର୍ମଭେଦୀ ଖବର ? ଖଳ ଚାଣକ୍ୟ ସେମାନଙ୍କୁ ସେଠାରେ ବାସ କରୁଥିବାର ଜାଣିପାରିଲା କି ?

ବିରାଧ— ଆଉ କଅଣ ? ଚନ୍ଦ୍ରଗୁପ୍ତର ପ୍ରବେଶ ପୂର୍ବରୁ ଖଳ ଚାଣକ୍ୟ ଶୟନଗୃହଭିତରେ ପ୍ରବେଶ କଲ୍ଲ ଏବଂ ସଙ୍ଗେ ସଙ୍ଗେ ସୂକ୍ଷ୍ମଭାବରେ ନିରୀକ୍ଷଣ କରି କାନ୍ଥରେ କୌଣସି ଏକ ଛିଦ୍ରରୁ ଭାତଖଣ୍ଡମାନ ଧରି ପିମ୍ପୁଡି ଧାଡ଼ି ବାହାରୁଥିବାର ଦେଖିଲ୍ଲ । ସେଥିରୁ ସେ ଦୁରାତ୍ମା ଜାଣିନେଲା ଯେ, ଗୃହତଳେ ଲୋକ ଅଛନ୍ତି । ତେଣୁ ଶୟନଗୃହ ଭିତରେ ନିଆଁ ଲଗାଇଦେଲା । ତାହା ଜଳି ଉଠନ୍ତେ ବୀଭତ୍ସକ ପ୍ରଭୃତିଙ୍କର ଦୃଷ୍ଟି ଧୂଆଁରେ ରୁଦ୍ଧ ହୋଇଗଲା । ସେମାନେ ପୂର୍ବରୁ ଆଚ୍ଛାଦିତ କରିଦେଇଥିବା ନିର୍ଗମଦ୍ୱାରକୁ ଦେଖି—ନ ପାରି ନିଆଁରେ ସେହିଠାରେ ହିଁ ପୋଡ଼ିମଲେ ।

Digitized by PPRACHIN, SOA

ରାକ୍ଷସଃ- (ସାସ୍ରମ୍) ସଖେ ! ପଶ୍ୟ, ଚନ୍ଦ୍ରଗୁପ୍ତସ୍ୟ ଦୈବସମ୍ପଦା ସର୍ବେ ଏବ ଉପହତାଃ । (ସଚିନ୍ତମ୍) ସଖେ ! ଦୈବସଂପଦଂ ପଶ୍ୟ ଦୁରାତ୍ମନଃ ଚନ୍ଦ୍ରଗୁପ୍ତହତକସ୍ୟ । କୁତଃ—

କନ୍ୟା ତସ୍ୟ ବଧାୟ ଯା ବିଷମୟୀ ଗୂଢଂ ପ୍ରଯୁକ୍ତା ମୟା
ଦୈବାତ୍ ପର୍ବତକସ୍ତୟା ସ ନିହତୋ ଯସ୍ତସ୍ୟ ରାଜ୍ୟାର୍ଦ୍ଧଭାକ୍ ।
ଯେ ଶସ୍ତ୍ରେଷୁ ରସେଷୁ ଚ ପ୍ରଣିହିତାସ୍ତୈରେବ ତେ ଘାତିତାଃ
ମୌର୍ଯ୍ୟସ୍ୟୈବ ଫଳନ୍ତି ପଶ୍ୟ ବିବିଧଶ୍ରେୟାଂସି ମେ ନୀତୟଃ ॥ ୧୬ ॥

ବିରାଧ- ଅମାତ୍ୟ ! ତଥାପି ପ୍ରାରବ୍ଧମପରିତ୍ୟାଜ୍ୟମ୍ । ପଶ୍ୟତୁ—

ପ୍ରାରଭ୍ୟତେ ନ ଖଳୁ ବିଘ୍ନଭୟେନ ନୀଚୈଃ
ପ୍ରାରଭ୍ୟ ବିଘ୍ନବିହତା ବିରମନ୍ତି ମଧ୍ୟାଃ ।
ବିଘ୍ନୈଃ ପୁନଃପୁନରପି ପ୍ରତିହନ୍ୟମାନାଃ
ପ୍ରାରବ୍ଧମୁତ୍ତମଗୁଣାସ୍ତ୍ୱମିବୋଦ୍‌ବହନ୍ତି ॥ ୧୭ ॥

ଅପି ଚ—

କିଂ ଶେଷସ୍ୟ ଭରବ୍ୟଥା ନ ବପୁଷି ? କ୍ଷ୍ମାଂ ନ କ୍ଷିପତ୍ୟେଷ ଯତ୍,
କିଂ ବା ନାସ୍ତି ପରିଶ୍ରମୋ ଦିନପତେଃ ? ଆସ୍ତେ ନ ଯନ୍ନିଶ୍ଚଳଃ ।
କିନ୍ତ୍ୱଙ୍ଗୀକୃତମୁତ୍ସୃଜନ୍ କୃପଣବଚ୍ଛ୍ଳାଘ୍ୟୋ ଜନୋ ଲଜ୍ଜତେ,
ନିର୍ବ୍ୟୂଢଃ ପ୍ରତିପନ୍ନବସ୍ତୁଷୁ ସତାମେତଦ୍ଧି ଗୋତ୍ରବ୍ରତମ୍ ॥ ୧୮ ॥

ରାକ୍ଷସଃ- ପ୍ରାରବ୍ଧମପରିତ୍ୟାଜ୍ୟମିତି ପ୍ରତ୍ୟକ୍ଷମେବ ଏତଦ୍ ଭବତାମ୍ । ତତସ୍ତତଃ ?

ବିରାଧ- ତତଃ ପ୍ରଭୃତି ଚାଣକ୍ୟହତକଃ ଚନ୍ଦ୍ରଗୁପ୍ତଶରୀରେ ସହସ୍ରଗୁଣମପ୍ରମତ୍ତଃ ଏଭ୍ୟଃ ଏବ ଈଦୃଶଂ ଭବତି ଇତି ଅନ୍ୱିଷ୍ୟ ନିଗୃହୀତବାନ୍ କୁସୁମପୁରନିବାସିନୋ ଯୁଷ୍ମଦୀୟାନ୍ ଆପ୍ତପୁରୁଷାନ୍ ।

ରାକ୍ଷସଃ- (ସୋଦ୍‌ବେଗମ୍) ବୟସ୍ୟ ! କଥୟ, କେ କେ ନିଗୃହୀତାଃ ?

ବିରାଧ- ଅମାତ୍ୟ ! ଆଦୌ ଏବ ତାବତ୍ କ୍ଷପଣକଃ ଜୀବସିଦ୍ଧିଃ ସନିକାରଂ ନଗରାନ୍ନିର୍ବାସିତଃ ।

ରାକ୍ଷସଃ- (ଆତ୍ମଗତମ୍) ଏତାବତ୍ ସହ୍ୟମ୍, ନ ନିଷ୍ପରିଗ୍ରହଂ ସ୍ଥାନପରିଭ୍ରଂଶଃ ପୀଡୟିଷ୍ୟତି । (ପ୍ରକାଶମ୍) ସଖେ ! କମପରାଧମୁଦ୍ଦିଶ୍ୟ ନିର୍ବାସିତଃ ଏଷଃ ?

Digitized by PPRACHIN, SOA

ରାକ୍ଷସ— (ଅଶ୍ରୁପୂର୍ଣ୍ଣ ଚକ୍ଷୁରେ) ଓଃ ! କି ବିପତ୍ତି ! ଦେଖ ବନ୍ଧୁ, ଦୁରାତ୍ମା ଚାଣକ୍ୟର କି ସୌଭାଗ୍ୟ ! କାରଣ—

ମୁଁ ଚନ୍ଦ୍ରଗୁପ୍ତକୁ ମାରିବାପାଇଁ ଗୋପନରେ ଯେଉଁ ବିଷକନ୍ୟାକୁ ପ୍ରୟୋଗ କରିଥିଲି, ତାହାଦ୍ୱାରା ଦୈବାତ ପର୍ବତକ ନିହତ ହେଲେ, ଯେ କି ଚନ୍ଦ୍ରଗୁପ୍ତର ଅର୍ଦ୍ଧେ ରାଜ୍ୟ ପାଇଥାଆନ୍ତେ । ଯେଉଁମାନେ ଶସ୍ତ୍ର ପ୍ରୟୋଗ ଓ ବିଷାକ୍ତ ଖାଦ୍ୟ ପ୍ରଭୃତି ଦେବାପାଇଁ ନିୟୋଜିତ ହୋଇଥିଲେ, ସେମାନେ ନିଜେ ସେଇଥିରେ ମଲେ । ଏଣୁ ଦେଖ, ମୋର ଯୋଜନାଗୁଡ଼ିକ ଚନ୍ଦ୍ରଗୁପ୍ତର ହିଁ ନାନାବିଧ ମଙ୍ଗଳ ସାଧନ କରୁଅଛି । ୧୬ ।।

ବିରାଧ— ଅମାତ୍ୟ, ତଥାପି ଆପଣ ଯାହା ଆରମ୍ଭ କରିଛନ୍ତି, ତାହାକୁ ତ୍ୟାଗ କରିବା ଅନୁଚିତ । ଦେଖନ୍ତୁ—

ଅଧମ ଲୋକମାନେ ବିଘ୍ନଭୟରେ କାର୍ଯ୍ୟ ଆରମ୍ଭ କରନ୍ତି ନାହିଁ; ମଧ୍ୟମମାନେ କାର୍ଯ୍ୟ ଆରମ୍ଭ କରନ୍ତି, ମାତ୍ର ବିଘ୍ନ ପଡ଼ିଲେ ନିବୃତ୍ତ ହୁଅନ୍ତି ; କିନ୍ତୁ ଉତ୍ତମ ବ୍ୟକ୍ତିମାନେ ଯାହା ଆରମ୍ଭ କରନ୍ତି, ବାରମ୍ବାର ବିଘ୍ନର ସମ୍ମୁଖୀନ ହେଲେ ମଧ୍ୟ ତାହା ପରିତ୍ୟାଗ କରନ୍ତିନାହିଁ । ୧୭ ।।

ଆଉ ମଧ୍ୟ—

ଶେଷନାଗ ଯେ ପୃଥିବୀକୁ ଫିଙ୍ଗି ଦେଉନାହିଁ, କଅଣ ଭାରକଷ୍ଟ ପାଉନାହିଁ ବୋଲି ? ସୂର୍ଯ୍ୟ ଯେ ଆଦୌ ନିଶ୍ଚଳ ନୁହନ୍ତି, କଅଣ ତାଙ୍କୁ ପରିଶ୍ରମ ପଡୁନାହିଁ ବୋଲି ? ପ୍ରଶଂସାଯୋଗ୍ୟ ବ୍ୟକ୍ତି ଯେଉଁ କାର୍ଯ୍ୟ ଗ୍ରହଣ କରିଥାଆନ୍ତି, ଛୋଟବୁଦ୍ଧିଆଙ୍କ ପରି ତାହା ଛାଡ଼ିଦେବାକୁ ଲଜ୍ଜା ବୋଧ କରନ୍ତି । ଆରମ୍ଭ କରି ଶେଷକରିବା ହେଉଛି ସଜ୍ଜନମାନଙ୍କର କୁଳ ଧର୍ମ । ୧୮ ।।

ରାକ୍ଷସ— ତୁମେ ତ ନିଜେ ଦେଖୁଛ, ମୁଁ ଯାହା ଆରମ୍ଭ କରିଛି ତାହା ଛାଡୁନାହିଁ । ହେଉ, ତା’ପରେ ?

ବିରାଧ— ଧୂର୍ତ୍ତ ଚାଣକ୍ୟ ସେହିଦିନଠାରୁ ଚନ୍ଦ୍ରଗୁପ୍ତର ଜୀବନ ପ୍ରତି ସହସ୍ରଗୁଣରେ ସତର୍କ ରହି “ଏମାନଙ୍କ ଦ୍ୱାରା ଏଇଆ ଏଇଆ ଘଟୁଛି” ଏଇଭଳି ଅନୁସନ୍ଧାନ କରି ନଗରରେ ବାସ କରୁଥିବା ଆପଣଙ୍କର ସମସ୍ତ ବିଶ୍ୱସ୍ତ ବ୍ୟକ୍ତିଙ୍କୁ ଦଣ୍ଡିତ କଲା ।

ରାକ୍ଷସ— (ଉଦ୍‌ବେଗରେ) କୁହ କୁହ, କାହାକୁ କାହାକୁ ଦଣ୍ଡିତ କଲା ?

ବିରାଧ— ପ୍ରଥମେ କ୍ଷପଣକ ଜୀବସିଦ୍ଧିକୁ ତିରସ୍କାର ପୂର୍ବକ ନଗରରୁ ନିର୍ବାସିତ କଲା ।

ରାକ୍ଷସ— (ସ୍ୱଗତ) ଅନ୍ତତଃ ଏହା ସହନୀୟ । କାରଣ ଯାହାର ପିଲାପରିବାର ନାହିଁ, ତାକୁ ସ୍ଥାନଚ୍ୟୁତି ଦୁଃଖ ଦେବନାହିଁ । (ପ୍ରକାଶ୍ୟରେ) ବନ୍ଧୁ, କେଉଁ ଅପରାଧରେ ତାକୁ ନିର୍ବାସିତ କଲା ?

Digitized by PPRACHIN, SOA

ବିରାଧ- 'ଏଷ ଦୁରାତ୍ମା ରାକ୍ଷସପ୍ରଯୁକ୍ତୟା ବିଷକନ୍ୟୟା ପର୍ବତେଶ୍ୱରଂ ଘାତିତବାନ୍' ଇତି ।

ରାକ୍ଷସଃ- (ସ୍ୱଗତମ୍) ସାଧୁ ! କୌଟିଲ୍ୟ ! ସାଧୁ !

ସ୍ପୃଷ୍ଟ୍ୱା ନଃ ପରିହୃତମୟଶଃ ପାତିତମସ୍ମାସୁ ଘାତିତୋଽର୍ଦ୍ଧରାଜ୍ୟହରଃ ।
ଏକମପି ନୀତିବୀଜଂ ବହୁଫଲତାମେତି ଯସ୍ୟ ତବ ॥ ୧୯ ॥

(ପ୍ରକାଶମ୍) ତତସ୍ତତଃ ?

ବିରାଧ- ତତଃ "ଚନ୍ଦ୍ରଗୁପ୍ତଶରୀରମଭିଦ୍ରୋଗ୍ଧୁମ୍ ଅନେନ ବ୍ୟାପାରିତାଃ ଦାରୁବର୍ମାଦୟଃ" ଇତି ନଗରେ ପ୍ରଖ୍ୟାପ୍ୟ ଶକଟଦାସଃ ଶୂଳମାରୋପିତଃ ।

ରାକ୍ଷସଃ- (ସାସ୍ରମ୍) ହା ସଖେ ! ଶକଟଦାସ ! ଅଯୁକ୍ତୋଽୟଂ ତବ ଈଦୃଶୋ ମୃତ୍ୟୁଃ । ଅଥବା, ସ୍ୱାମ୍ୟର୍ଥଂ ଉପରତୋ ନ ଶୋଚ୍ୟସ୍ତ୍ୱମସି ; ବୟମେବ ଅତ୍ର ଶୋଚ୍ୟାଃ, ଯେ ନନ୍ଦକୁଳବିନାଶେଽପି ଜୀବିତୁମିଚ୍ଛାମଃ ।

ବିରାଧ- ଅମାତ୍ୟ ! ସ୍ୱାମ୍ୟର୍ଥ ଏବ ସାଧୟିତବ୍ୟଃ ଇତି ପ୍ରଯତସେ ।

ରାକ୍ଷସଃ- ସଖେ ! ଅସ୍ମାଭିରମୁମେବାର୍ଥମାଲମ୍ବ୍ୟ ନ ଜିଜୀବିଷାମ୍ ।
ପରଲୋକଗତୋ ଦେବଃ କୃତଘ୍ନୈର୍ନାନୁଗମ୍ୟତେ ॥ ୨୦ ॥

ବିରାଧ- ତତଃ ଏତଦୁପଲଭ୍ୟ, ଚନ୍ଦନଦାସେନ ଉପାରୂଢସାଧ୍ୱସେନ ଅପବାହିତମ୍ ଅମାତ୍ୟକଳତ୍ରମ୍ ।

ରାକ୍ଷସଃ- କ୍ରୂରସ୍ୟ ଚାଣକ୍ୟବଟୋର୍ବିରୁଦ୍ଧମ୍ ଅଯୁକ୍ତମ୍ ଅନୁଷ୍ଠିତଂ ଚନ୍ଦନଦାସେନ ।

ବିରାଧ- ଅମାତ୍ୟ ! ନନୁ ଅଯୁକ୍ତତରଃ ସୁହୃଦ୍‌ଦ୍ରୋହଃ ।

ରାକ୍ଷସଃ- ତତସ୍ତତଃ ?

ବିରାଧ- ତତୋ ଯାଚ୍ୟମାନେନ ଅପି ଯଦା ନ ସମର୍ପିତମ୍ ଅନେନ ଅମାତ୍ୟକଳତ୍ରଂ, ତତଃ କୁପିତେନ ଚାଣକ୍ୟବଟୁନା.......

ରାକ୍ଷସଃ- (ସୋଦ୍‌ବେଗମ୍) ନ ଖଳୁ ବ୍ୟାପାଦିତଃ ?

ବିରାଧ- ଅମାତ୍ୟ ! ନ ଖଳୁ ବ୍ୟାପାଦିତଃ, କିନ୍ତୁ ଗୃହୀତଗୃହସାରଃ ସପୁତ୍ରକଳତ୍ରଃ ସଂଯମ୍ୟ ବନ୍ଧନାଗାରେ ନିକ୍ଷିପ୍ତଃ ।

ରାକ୍ଷସଃ- ତତଃ କିଂ ପରିତୁଷ୍ଟଃ କଥୟସି—ଅପବାହିତମ୍ ଅନେନ ରାକ୍ଷସକଳତ୍ରମ୍ ଇତି ? ନନୁ ବକ୍ତବ୍ୟମ୍—ସଂଯତଃ ସକଳତ୍ରଃ ରାକ୍ଷସଃ ଇତି ।

(ପ୍ରବିଶ୍ୟ ପଟାକ୍ଷେପେଣ ପ୍ରିୟମ୍ବଦକଃ)

ପ୍ରିୟ- ଜଅଦୁ ଅଜ୍ଜୋ ! ଅଜ୍ଜ ! ଏସୋ କ୍ଖୁ ସଅଡଦାସୋ ପଡ଼ିହାରଭୂମିଂ ଉବତ୍ଥିଦୋ । (ଜୟତୁ ଆର୍ଯ୍ୟଃ । ଆର୍ଯ୍ୟ ! ଏଷ ଖଳୁ ଶକଟଦାସଃ ପ୍ରତିହାର-ଭୂମିମ୍ ଉପସ୍ଥିତଃ ।)

Digitized by PPRACHIN, SOA

ବିରାଧ– ଜୀବସିଦ୍ଧି ରାକ୍ଷସପ୍ରଯୋଜିତ ବିଷକନ୍ୟା ଦ୍ୱାରା ପର୍ବତେଶ୍ୱରଙ୍କୁ ମରାଇଲା—
ଏହି ଅପରାଧରେ ।

ରାକ୍ଷସ– (ସ୍ୱଗତ) ଧନ୍ୟ କୌଟିଲ୍ୟ ! ଧନ୍ୟ !

ତୁ ନିଜ ଉପରୁ ନିନ୍ଦା ଛଡ଼ାଇ ମୋ ଉପରେ ଲଦିଲୁ ; ପୁଣି ଯେ ଅର୍ଦ୍ଧେ ରାଜ୍ୟ ନେଇଥାଆନ୍ତା, ତାକୁ ମରାଇଲୁ । ତୋର ଏକମାତ୍ର ନୀତି-ବୀଜ ଅନେକ ଫଳ ଉତ୍ପନ୍ନ କରୁଛି । ୧୯ ।।

(ପ୍ରକାଶ୍ୟରେ) ତା'ପରେ ?

ବିରାଧ– ତା'ପରେ 'ଚନ୍ଦ୍ରଗୁପ୍ତଙ୍କୁ ମାରିବାପାଇଁ ଶକଟଦାସ ଦାରୁବର୍ମା ପ୍ରଭୃତିଙ୍କୁ ଲଗାଇଥିଲା ' ଏହା ନଗରରେ ଘୋଷଣା କରାଇ ତାଙ୍କୁ (ଶକଟଦାସଙ୍କୁ) ଶୂଳୀରେ ଚଢାଇଲା ।

ରାକ୍ଷସ– (ଅଶ୍ରୁପୂର୍ଣ୍ଣ ଚକ୍ଷୁରେ) ହା ବନ୍ଧୁ ଶକଟଦାସ ! ତୁମେ ଏଭଳି ମରଣର ପାତ୍ର ନ ଥିଲ । ହଁ, ତୁମେ ପ୍ରଭୁ-କାର୍ଯ୍ୟରେ ପ୍ରାଣ ଉତ୍ସର୍ଗ କରିଛ । ତେଣୁ ତୁମପାଇଁ ଶୋଚନା କରିବା ଅନୁଚିତ । ମୁଁ ହିଁ ଅଭିଶପ୍ତ, କାରଣ ନନ୍ଦବଂଶର ବିନାଶ ପରେ ମଧ୍ୟ ମୁଁ ଜୀବନ ରଖିବାକୁ ଇଚ୍ଛା କରିଛି !

ବିରାଧ– ଅମାତ୍ୟ, ଆପଣ ପ୍ରଭୁ-କାର୍ଯ୍ୟ ସାଧନ ନିମନ୍ତେ ଚେଷ୍ଟା କରୁଛନ୍ତି ।

ରାକ୍ଷସ– ବନ୍ଧୁ, କେବଳ ଏହି ଉଦ୍ଦେଶ୍ୟ ରଖି ମୁଁ ପରଲୋକଗତ ମହାରାଜଙ୍କର ଅନୁଗମନ କରିନାହିଁ, ବଞ୍ଚିରହିବା ଆଶାରେ ନୁହେଁ । ୨୦ ।।

ବିରାଧ– ଏ ସବୁ ଘଟଣା ଜାଣି ଚନ୍ଦନଦାସ ଆପଣଙ୍କର ପରିବାରକୁ ସ୍ଥାନାନ୍ତରିତ କଲେ ।

ରାକ୍ଷସ– ବନ୍ଧୁ, ସେ ପୁଣି ସେହି କ୍ରୂର ଚାଣକ୍ୟର ପ୍ରତିକୂଳ କାର୍ଯ୍ୟ କରି ଭୁଲ୍ କଲେ ।

ବିରାଧ– ମିତ୍ରଦ୍ରୋହ ତ ଆହୁରି ଭୁଲ୍ ।

ରାକ୍ଷସ– ତା' ପରେ ?

ବିରାଧ– ତା' ପରେ ଚାଣକ୍ୟ ବ୍ରାହ୍ମଣ ତାଙ୍କୁ (ଚନ୍ଦନଦାସଙ୍କୁ) ଆପଣଙ୍କର ପରିବାର ଅର୍ପଣ କରିବାକୁ ବାରମ୍ବାର ଅନୁରୋଧ କଲା । କିନ୍ତୁ ସେ ତାହା କଲେ ନାହିଁ । ତେଣୁ ଧୂର୍ତ୍ତ ଚାଣକ୍ୟ କ୍ରୁଦ୍ଧ ହୋଇ—

ରାକ୍ଷସ– ମାରିଦେଇ ନାହିଁ ତ ?

ବିରାଧ– ନା ମାରିନାହିଁ । କିନ୍ତୁ ତାଙ୍କର ସମସ୍ତ ଧନ ଅପହରଣ କରି ପୁତ୍ର ଓ ସ୍ତ୍ରୀ ସହିତ ତାଙ୍କୁ କାରାଗାରରେ ନିକ୍ଷିପ୍ତ କରିଛି ।

ରାକ୍ଷସ– ତା' ହେଲେ କାହିଁକି ଖୁସି ହୋଇ କହୁଛ ଯେ, ଚନ୍ଦନଦାସ ମୋର ପରିବାରକୁ ସ୍ଥାନାନ୍ତରିତ କରିଛନ୍ତି ? ନା, ରାକ୍ଷସ ସପରିବାର ଆବଦ୍ଧ ହୋଇଛି ବୋଲି କୁହ ।

ଭୃତ୍ୟ– (ପରଦା ଆଡେଇ ପ୍ରବେଶ କରି) ଅମାତ୍ୟଙ୍କର ଜୟ । ଅମାତ୍ୟ ! ଶକଟଦାସ ଦ୍ୱାରଦେଶରେ ଉପସ୍ଥିତ ।

Digitized by PPRACHIN, SOA

ରାକ୍ଷସଃ- ପ୍ରିୟମ୍ବଦକ ! ଅପି ସତ୍ୟମ୍ ?

ପ୍ରିୟ- କିଂ ଅଲିଅଂ ଅମଚ୍ଚପାଦେସୁ ଵିଣ୍ଣିବେଦେମି ? (କିମ୍ ଅଲୀକମ୍ ଅମାତ୍ୟ-
ପାଦେଷୁ ବିଜ୍ଞାପୟାମି ?)

ରାକ୍ଷସଃ- ସଖେ ! ବିରାଧଗୁପ୍ତ ! କଥମେତତ୍ ?

ବିରାଧ- ଅମାତ୍ୟ ! ସ୍ୟାଦ୍ ଏତଦେବମ୍ ! ଯଦି ଭବ୍ୟଂ ରକ୍ଷତି ଭବିତବ୍ୟତା ।

ରାକ୍ଷସଃ- ପ୍ରିୟମ୍ବଦକ ! ଯଦି ଏବମ୍, ତତ୍ କିଂ ଚିରୟସି ? କ୍ଷିପ୍ରଂ ପ୍ରବେଶୟ
ତମ୍ ।

ପ୍ରିୟ- ଜଂ ଅମଚ୍ଚୋ ଆଣବେଦି ତ୍ତି । (ନିଷ୍କ୍ରାନ୍ତଃ) (ଯଦ୍ ଅମାତ୍ୟଃ ଆଜ୍ଞାପୟତି ଇତି)
(ତତଃ ପ୍ରବିଶତି ସିଦ୍ଧାର୍ଥକେନ ଅନୁଗମ୍ୟମାନଃ ଶକଟଦାସଃ)

ଶକଟ- (ଦୃଷ୍ଟ୍ୱା ଆତ୍ମଗତମ୍)

ଦୃଷ୍ଟ୍ୱା ମୌର୍ଯ୍ୟମିବ ପ୍ରତିଷ୍ଠିତପଦଂ ଶୂଳଂ ଧରିତ୍ର୍ୟାସ୍ତଲେ
ତଲ୍ଲକ୍ଷ୍ମୀମିବ ଚେତସଃ ପ୍ରମଥିନୀମୁନ୍ମୁଚ୍ୟ ବଧ୍ୟସ୍ରଜମ୍ ।
ଶ୍ରୁତ୍ୱା ସ୍ୱାମ୍ୟୁପରୋଧରୌଦ୍ରବିଷମାନାଧ୍ମାତତୂର୍ଯ୍ୟସ୍ୱନାନ୍
ନ ଧ୍ୱସ୍ତଂ ପ୍ରଥମାଭିଘାତକଠିନଂ ମନ୍ୟେ ମଦୀୟଂ ମନଃ ॥ ୨୧ ॥

(ନାଟ୍ୟେନ ଅବଲୋକ୍ୟ ସହର୍ଷମ୍) ଅୟମମାତ୍ୟରାକ୍ଷସସ୍ତିଷ୍ଠତି । ଯ ଏଷଃ—

ଅକ୍ଷୀଣଭକ୍ତିଃ କ୍ଷୀଣେଽପି ନନ୍ଦେ ସ୍ୱାମ୍ୟର୍ଥମୁଦ୍ ବହନ୍ ।
ପୃଥିବ୍ୟାଂ ସ୍ୱାମିଭକ୍ତାନାଂ ପ୍ରମାଣେ ପରମେ ସ୍ଥିତଃ ॥ ୨୨ ॥

(ଉପସୃତ୍ୟ) ଜୟତୁ ଅମାତ୍ୟଃ ।

ରାକ୍ଷସଃ- (ବିଲୋକ୍ୟ ସହର୍ଷମ୍) ସଖେ ଶକଟଦାସ ! ଦିଷ୍ଟ୍ୟା କୌଟିଲ୍ୟ-
ଗୋଚରଗତୋଽପି ଦୃଷ୍ଟୋଽସି, ତତ୍ ପରିଷ୍ୱଜସ୍ୱ ମାମ୍ ।
(ଶକଟଦାସ ସ୍ତଥା କରୋତି)

ରାକ୍ଷସଃ- (ତଂ ପରିଷ୍ୱଜ୍ୟ) ଇଦମାସନମାସ୍ୟତାମ୍ ।

ଶକଟ- ଯଦାଜ୍ଞାପୟତି ଅମାତ୍ୟଃ । (ଇତି ନାଟ୍ୟେନ ଉପବିଷ୍ଟଃ) ।

ରାକ୍ଷସଃ- ସଖେ ଶକଟଦାସ ! ଅଥ କୋଽୟମୀଦୃଶସ୍ୟ ମେ ହୃଦୟାନନ୍ଦସ୍ୟ ହେତୁଃ ?

ଶକଟ- (ସିଦ୍ଧାର୍ଥକଂ ନିର୍ଦ୍ଦିଶ୍ୟ) ଅମାତ୍ୟ ! ପ୍ରିୟସୁହୃଦା ସିଦ୍ଧାର୍ଥକେନ ଘାତକାନ୍
ବିଦ୍ରାବ୍ୟ ବଧସ୍ଥାନାତ୍ ଅପବାହିତୋଽସ୍ମି ।

ରାକ୍ଷସଃ- (ସହର୍ଷମ୍) ଭଦ୍ର ସିଦ୍ଧାର୍ଥକ ! କାମମ୍ ଅପର୍ଯ୍ୟାପ୍ତମ୍ ଇଦମସ୍ୟ ପ୍ରିୟସ୍ୟ,
ତଥାପି ଗୃହ୍ୟତାମ୍ । (ଇତି ସ୍ୱଗାତ୍ରାତ୍ ଅବତାର୍ଯ୍ୟ ଭୂଷଣାନି ପ୍ରଯଚ୍ଛତି)

Digitized by PPRACHIN, SOA

ରାକ୍ଷସ– ପ୍ରିୟମ୍ବଦକ ! ଏହା କଅଣ ସତ୍ୟ ?

ଭୃତ୍ୟ– ଅମାତ୍ୟଙ୍କ ପାଦତଳେ ମୁଁ କଅଣ ମିଛ କହୁଛି?

ରାକ୍ଷସ– ବନ୍ଧୁ ବିରାଧଗୁପ୍ତ, ଏହା କଅଣ ?

ବିରାଧ– ଅମାତ୍ୟ, ଏହା ହୋଇଥାଇପାରେ । କାରଣ ଭଗ୍ୟବାନ୍‌କୁ ଭବିତବ୍ୟତା ରକ୍ଷା କରେ ।

ରାକ୍ଷସ– ପ୍ରିୟମ୍ବଦକ, ଯଦି ଏପରି, ଆଉ ବିଳମ୍ବ କାହିଁକି ? ଶୀଘ୍ର ତାଙ୍କୁ ପ୍ରବେଶ କରାଅ ।

ଭୃତ୍ୟ– ଯଥାଜ୍ଞା ଅମାତ୍ୟ । (ଚାଲିଗଲା)

(ତା' ପରେ ଶକଟଦାସଙ୍କର ପ୍ରବେଶ । ପଛେ ପଛେ ସିଦ୍ଧାର୍ଥକ)

ଶକଟ– (ସ୍ୱଗତ) ପୃଥିବୀରେ ଚନ୍ଦ୍ରଗୁପ୍ତ ଯେପରି ରାଜପଦରେ ପ୍ରତିଷ୍ଠିତ, ସେହିପରି ଭୂମିରେ ଦୃଢ଼ଭାବରେ ପ୍ରତିଷ୍ଠିତ (ପୋତାହୋଇ ଥିବା) ଶୂଳକୁ ଦେଖି, ଚନ୍ଦ୍ରଗୁପ୍ତର ସମୃଦ୍ଧି ଯେପରି ଯନ୍ତ୍ରଣାଦାୟକ, ସେହିପରି ଯନ୍ତ୍ରଣାଦାୟକ ବଧକାଳୀନ ମାଳାକୁ ଗଳାରେ ଲମ୍ବାଇ, ଶତ୍ରୁମାନେ ମହାରାଜ ନନ୍ଦଙ୍କୁ ଆକ୍ରମଣ କରିବା ସମୟରେ ଯେପରି କର୍କଶ ତୂରୀନାଦ ଶୁଭୁଥିଲା, ସେହିପରି କର୍କଶ ବଧକାଳୀନ ତୂରୀନାଦକୁ ଶୁଣି, ମୋର ହୃଦୟ ଯାହା ବିଦୀର୍ଣ୍ଣ ନ ହୋଇଗଲା, ତେଣୁ ମୁଁ ଭାବୁଛି, ମୋର ହୃଦୟ ପୂର୍ବ ଆଘାତମାନ ପାଇ ପାଇ କଠିନ ହୋଇଯାଇଛି । ୨୧ ।।

(ନିରୀକ୍ଷଣ କରି ଆନନ୍ଦରେ) ଏଇ, ଅମାତ୍ୟ ରାକ୍ଷସ ବସିଛନ୍ତି, ଯେ କି—ନନ୍ଦଙ୍କ ମୃତ୍ୟୁପରେ ମଧ୍ୟ ତାଙ୍କପ୍ରତି ଭକ୍ତି କ୍ଷୀଣ କରିନାହାନ୍ତି ଏବଂ ପ୍ରଭୁକାର୍ଯ୍ୟ ବହନ କରି ପୃଥିବୀରେ ସମସ୍ତ ପ୍ରଭୁଭକ୍ତଙ୍କର ପରମ ଆଦର୍ଶସ୍ଥାନୀୟ ହୋଇଛନ୍ତି । ୨୨ ।।

(ନିକଟକୁ ଯାଇ) ଅମାତ୍ୟଙ୍କର ଜୟ ହେଉ ।

ରାକ୍ଷସ– (ଚାହିଁ ଆନନ୍ଦରେ) ବନ୍ଧୁ ଶକଟଦାସ, ତୁମେ ଚାଣକ୍ୟର କବଳରେ ପଡ଼ିଥିଲ, ସୌଭାଗ୍ୟକୁ ଦେଖା ହେଲ । ମୋତେ ଆଲିଙ୍ଗନ କର ।

ଶକଟ– (ଆଲିଙ୍ଗନ କଲେ)

ରାକ୍ଷସ– (ଆଲିଙ୍ଗନ କରି) ଏଇ ଆସନ, ବସ ।

ଶକଟ– ଅମାତ୍ୟଙ୍କର ଯାହା ଆଜ୍ଞା । (ନାଟ୍ୟରେ ଉପବେଶନ କଲେ)

ରାକ୍ଷସ– ବନ୍ଧୁ ଶକଟଦାସ, ମୋର ଏଭଳି ହୃଦୟାନନ୍ଦର ହେତୁ କିଏ ?

ଶକଟ– (ସିଦ୍ଧାର୍ଥକକୁ ଲକ୍ଷ୍ୟ କରି) ଏଇ ପ୍ରିୟ ବନ୍ଧୁ ସିଦ୍ଧାର୍ଥକ ଘାତକମାନଙ୍କୁ ଛିନ୍ନଛତ୍ର କରି ବଧ୍ୟଭୂମିରୁ ମୋତେ ଘେନି ଆସିଲେ ।

ରାକ୍ଷସ– (ଆନନ୍ଦରେ) ଭଦ୍ର ସିଦ୍ଧାର୍ଥକ, ତୁମର ଉପକାର ତୁଳନାରେ ଏହା କିଛି ନୁହେଁ, ତଥାପି ଗ୍ରହଣ କର । (ନିଜ ଦେହରୁ ଆଭରଣ ବାହାର କରିଦେଲେ)

Digitized by PPRACHIN, SOA

ସିଦ୍ଧାର୍ଥକଃ– (ଗୃହୀତ୍ୱା ପାଦୟୋର୍ନିପତ୍ୟ ସ୍ୱଗତମ୍) ଅଅଂ କ୍ଖୁ ଅଣ୍ଣୋବଦେସୋ ।
ହୋଦୁ, ତଧା କରିସ୍ସଂ । (ପ୍ରକାଶମ୍) ଅମଚ୍ଚ ! ଏତ୍ତଥ ମେ ପଢ଼ମପ୍ପବେଶ୍ଠସ୍ସ ଣାତ୍ଥି କୋଽବି ପରିଚଦୋ, ଜହ୍ନଂ ଏଦଂ ଅମଚ୍ଚସ୍ସ ପ୍ପସାଦଂ ଣିକ୍ଖିବିଅ ଣିବ୍ବୁଦୋ ଭବିସ୍ସଂ । ତା ଇଚ୍ଛାମି ଅହ୍ନଂ ଇମାଏ ମୁଦ୍ଦିଆଏ ମୁଦ୍ଦିଦଂ ଅମଚ୍ଚସ୍ସ ଜ୍ଜେବ ଭଣ୍ଡାଆରେ ଣିକ୍ଖିବିଦୁଂ । ଜଦା ମେ ଏଦେଣା ପ୍ପଓଅଣଂ ଭବିସ୍ସଦି, ତଦା ଗେହ୍ଣିସ୍ସଂ । (ଅୟଂ ଖଲୁ ଆର୍ଯ୍ୟୋପଦେଶଃ । ଭବତୁ, ତଥା କରିଷ୍ୟାମି । ଅମାତ୍ୟ ! ଅତ୍ର ମେ ପ୍ରଥମପ୍ରବିଷ୍ଟସ୍ୟ ନାସ୍ତି କୋଽପି ପରିଚୟଃ, ଯତ୍ର ଇମମ୍ ଅମାତ୍ୟସ୍ୟ ପ୍ରସାଦଂ ନିକ୍ଷିପ୍ୟ ନିର୍ବୃତ୍ତୋ ଭବିଷ୍ୟାମି । ତଦ୍ ଇଚ୍ଛାମି ଅହମ୍ ଏତୟା ମୁଦ୍ରୟା ମୁଦ୍ରିତମ୍ ଅମାତ୍ୟସ୍ୟ ଏବ ଭାଣ୍ଡାଗାରେ ନିକ୍ଷେପ୍ତୁମ୍ । ଯଦା ମେ ଏତେନ ପ୍ରୟୋଜନଂ ଭବିଷ୍ୟତି, ତଦା ଗ୍ରହୀଷ୍ୟାମି ।)

ରାକ୍ଷସଃ– ଭଦ୍ର ! ଭବତୁ, କୋ ଦୋଷଃ ? ଶକଟଦାସ ! ଏବଂ କ୍ରିୟତାମ୍ ।

ଶକଟ– ଯଦାଜ୍ଞାପୟତି । (ମୁଦ୍ରାଂ ବିଲୋକ୍ୟ ଜନାନ୍ତିକମ୍) ଅମାତ୍ୟ ! ଭବନ୍ନାମାଙ୍କିତା ଇୟଂ ମୁଦ୍ରା ।

ରାକ୍ଷସଃ– (ବିଲୋକ୍ୟ ସବିଷାଦଂ ସବିତର୍କମ୍ ଆତ୍ମଗତମ୍) ସତ୍ୟଂ ନଗରାତ୍ ନିଷ୍କ୍ରାମତୋ ମମ ହସ୍ତାଦ୍ ବ୍ରାହ୍ମଣ୍ୟା ଉତ୍କଣ୍ଠାବିନୋଦାର୍ଥଂ ଗୃହୀତା, ତତ୍ କଥମ୍ ଅସ୍ୟ ହସ୍ତମ୍ ଉପଗତା ? (ପ୍ରକାଶମ୍) ଭଦ୍ର ! ସିଦ୍ଧାର୍ଥକ ! କୁତ-ସ୍ତ୍ୱୟା ଇୟମଧିଗତା ?

ସିଦ୍ଧା– ଅମଚ୍ଚ ! ଅତ୍ଥି କୁସୁମପୁରବାସୀ ମଣିଆରସେଟ୍ଠୀ ଚନ୍ଦଣଦାସୋ ଣାମ । ତସ୍ସ ଗେହଦୁଆରେ ଭୂମିଏ ପଡ଼ିଦା, ମଏ ସମାସାଦିଦା । (ଅମାତ୍ୟ ! ଅସ୍ତି କୁସୁମପୁରନିବାସୀ ମଣିକାରଶ୍ରେଷ୍ଠୀ ଚନ୍ଦନଦାସୋ ନାମ । ତସ୍ୟ ଗେହଦ୍ୱାରେ ଭୂମୌ ପତିତା ମୟା ସମାସାଦିତା ।)

ରାକ୍ଷସଃ– ଯୁଜ୍ୟତେ ।

ସିଦ୍ଧା– ଅମଚ୍ଚ ! କିମ୍ ଏତ୍ତଥ ଜୁଜ୍ଜଇ ? (ଅମାତ୍ୟ ! କିମତ୍ର ଯୁଜ୍ୟତେ ?)

ରାକ୍ଷସଃ– ଯତୋ ମହାଧନାନାଂ ଗୃହେ ପତିତସ୍ୟ ଏବଂବିଧସ୍ୟ ଉପଲବ୍ଧି ରିତି ।

ଶକଟ– ସଖେ ସିଦ୍ଧାର୍ଥକ ! ଅମାତ୍ୟନାମାଙ୍କିତା ଇୟଂ ମୁଦ୍ରା । ତଦ୍ ଇତୋ ବହୁତରେଣ ଅର୍ଥେନ ଭବନ୍ତମ୍ ଅମାତ୍ୟସ୍ତୋଷୟିଷ୍ୟତି, ତଦ୍ ଦୀୟତାମ୍ ଏଷା ମୁଦ୍ରା ।

ସିଦ୍ଧା– ଅଜ୍ଜ ! ଏସୋ ମେ ପରିତୋସୋ, ଜଂ ଅମଚ୍ଚୋ ଇମାଏ ମୁଦ୍ଦାଏ ପରିଗ୍ଗହପ୍ପସାଦଂ କରେଦି ତ୍ତି । (ଆର୍ଯ୍ୟ ! ଏଷ ମେ ପରିତୋଷଃ ଯଦ୍ ଅମାତ୍ୟଃ ଅସ୍ୟାଃ ମୁଦ୍ରାୟାଃ ପରିଗ୍ରହପ୍ରସାଦଂ କରୋତି ଇତି ।) (ଇତି ମୁଦ୍ରାଂ ସମର୍ପୟତି)

Digitized by PPRACHIN, SOA

ସିଦ୍ଧାର୍ଥକ-- (ଗ୍ରହଣ ପୂର୍ବକ ପାଦତଳେ ପଡ଼ି ସ୍ୱଗତ) ଆର୍ଯ୍ୟ ଚାଣକ୍ୟ ଏହି ଉପଦେଶ ଦେଇଥିଲେ । ହେଉ, ସେଇଆ କରିବି । (ପ୍ରକାଶ୍ୟରେ) ଅମାତ୍ୟ, ମୁଁ ପ୍ରଥମ ଥର ଏଠାକୁ ଆସିଥିବି ଏଠାରେ ମୋର କେହି ପରିଚିତ ବ୍ୟକ୍ତି ନାହାନ୍ତି ଯାହାଙ୍କପାଖରେ ମୁଁ ଆପଣଙ୍କର ଅନୁଗ୍ରହ-ଦତ୍ତ ଧନ ରଖି ନିଶ୍ଚିନ୍ତ ହେବି । ତେଣୁ ଏହି ମୁଦିଦ୍ୱାରା ଏଥିରେ ମୁଦ ଦେଇ ଆପଣଙ୍କର କୋଷାଗାରରେ ରଖିବାକୁ ଇଚ୍ଛା କରେଁ । ମୋର ଯେତେବେଳେ ଦରକାର ପଡ଼ିବ, ସେତେବେଳେ ନେବି ।

ରାକ୍ଷସ– ଭଦ୍ର, ଏଥିରେ କ୍ଷତି କଅଣ ? ଶକଟଦାସ, ସେଇଆ କର ।

ଶକଟ– ଅମାତ୍ୟଙ୍କର ଯାହା ଆଜ୍ଞା । (ମୁଦିକୁ ଦେଖି ରାକ୍ଷସଙ୍କ ଆଡ଼କୁ ମୁହଁ କରି) ଅମାତ୍ୟ, ଏ ମୁଦିରେ କ'ଣ ଆପଣଙ୍କ ନାମ ଅଙ୍କିତ !

ରାକ୍ଷସ– (ନିରୀକ୍ଷଣ କରି ବିଷାଦରେ ସ୍ୱଗତ) ମୁଁ ନଗରରୁ ବାହାରି ଆସିଲାବେଳେ ପତ୍ନୀ ମୋ ହାତରୁ ଏ ମୁଦିକୁ ନିଜର ଉତ୍‌କଣ୍ଠା ଦୂର କରିବା ଅଭି-ପ୍ରାୟରେ ନେଇଥିଲେ । ତେବେ କିପରି ଏହାଙ୍କର ହସ୍ତଗତ ହେଲା ? (ପ୍ରକାଶ୍ୟରେ) ଭଦ୍ର ସିଦ୍ଧାର୍ଥକ, ଏ ମୁଦି କେଉଁଠୁ ପାଇଲ ?

ସିଦ୍ଧା– କୁସୁମପୁରରେ ଚନ୍ଦନଦାସ ନାମକ ଜଣେ ମଣିବ୍ୟବସାୟୀ ଅଛନ୍ତି । ତାଙ୍କ ଗୃହର ଦ୍ୱାରଦେଶରେ ଏହା ପଡ଼ିଥିଲା । ମୁଁ ପାଇଲି ।

ରାକ୍ଷସ– ଠିକ୍ ।

ସିଦ୍ଧା– ଠିକ୍ କ'ଣ ଅମାତ୍ୟ ?

ରାକ୍ଷସ– ଭଦ୍ର, ଧନିକମାନଙ୍କ ଗୃହରେ ଏଭଳି ପଦାର୍ଥ ଥାଏ, ତେଣୁ ମିଳିପାରେ ।

ଶକଟ– ବନ୍ଧୁ ସିଦ୍ଧାର୍ଥକ, ଏ ମୁଦି ଅମାତ୍ୟଙ୍କର ନାମାଙ୍କିତ । ଅମାତ୍ୟ ଏହାର ମୂଲ୍ୟଠାରୁ ଯଥେଷ୍ଟ ଅଧିକ ମୂଲ୍ୟ ଦେଇ ତୁମକୁ ସନ୍ତୁଷ୍ଟ କରିବେ । ତାଙ୍କୁ ଏହା ଦିଅ ।

ସିଦ୍ଧା– ଅମାତ୍ୟ ଯେ ଏହି ମୁଦିକୁ ଗ୍ରହଣ କରିବାର କୃପା କରୁଛନ୍ତି, ଏହା ମୋର ପରମ ଆନନ୍ଦ । (ମୁଦି ଦେଲା)

Digitized by PPRACHIN, SOA

ରାକ୍ଷସଃ- ସଖେ ଶକଟଦାସ ! ଅନୟା ଏବ ମୁଦ୍ରୟା ସ୍ୱାଧିକାରେ ବ୍ୟବହର୍ତ୍ତବ୍ୟଂ ଭବତା ।

ଶକଟ- ଯଦାଜ୍ଞାପୟତି ଅମାତ୍ୟଃ ।

ଅମଚ୍ଚ ! ଵିଣ୍ଣବେମି କିମ୍ପି । (ଅମାତ୍ୟ ! ଵିଜ୍ଞାପୟାମି କମପି)

ରାକ୍ଷସଃ- ଭଦ୍ର ! ବିଶ୍ରବ୍ଧଂ ବ୍ରୂହି ।

ସିଦ୍ଧା- ଜାଣାଦି ଜ୍ଜେବ ଅମଚୋ ଜଧା ଚାଣକ୍କହଦଅସ୍ସ ବିପ୍ପିଅଂ କଦୁଅ ଣତ୍ଥି ମେ ପୁଣୋ ପାଡ଼ଳିଉତ୍ତେ ପ୍ପବେସୋତ୍ତି । ତା ଇଚ୍ଛାମି ଅହଂ ଅଜ୍ଜସ୍ସ ଜ୍ଜେବ ସୁପ୍ପସଣ୍ଣେ ପାଦେ ସେବିଦୁଂ । (ଜାନାତି ଏବ ଅମାତ୍ୟଃ ଯଥା— ଚାଣକ୍ୟହତକସ୍ୟ ବିପ୍ରିୟଂ କୃତ୍ୱା ନାସ୍ତି ମେ ପୁନଃ ପାଟଳିପୁତ୍ରେ ପ୍ରବେଶଃ ଇତି । ତଦ୍ ଇଚ୍ଛାମ୍ୟହମ୍ ଅମାତ୍ୟସ୍ୟ ଏବ ସୁପ୍ରସନ୍ନୌ ପାଦୌ ସେବିତୁମ୍)

ରାକ୍ଷସଃ- ଭଦ୍ର ! ପ୍ରିୟଂ ନଃ । କିନ୍ତୁ ତ୍ୱଦଭିପ୍ରାୟାଽପରିଜ୍ଞାନେନ ଅନ୍ତରିତଃ ଅସ୍ମାକମ୍ ଅନୁନୟଃ । ତଦେବଂ କ୍ରିୟତାମ୍ ।

ସିଦ୍ଧା- (ସହର୍ଷମ୍) ଅଣୁଗହିଦୋଽମ୍ହି । (ଅନୁଗୃହୀତୋଽସ୍ମି)

ରାକ୍ଷସଃ- ସଖେ ଶକଟଦାସ ! ବିଶ୍ରାମୟ ସିଦ୍ଧାର୍ଥକମ୍ ।

ଶକଟ- ଯଦାଜ୍ଞାପୟତି ଅମାତ୍ୟଃ । (ଇତି ସିଦ୍ଧାର୍ଥକେନ ସହ ନିଷ୍କ୍ରାନ୍ତଃ)

ରାକ୍ଷସଃ- ସଖେ ବିରାଧଗୁପ୍ତ ! ବର୍ଣ୍ଣୟ ଇଦାନୀଂ କୁସୁମପୁରବୃତ୍ତାନ୍ତଶେଷମ୍ । ଅପି କ୍ଷମନ୍ତେ କୁସୁମପୁରନିବାସିନଃ ଅସ୍ମଦୁପଜାପଂ ଚନ୍ଦ୍ରଗୁପ୍ତପ୍ରକୃତୟଃ ?

ବିରାଧ- ଅମାତ୍ୟ ! ବାଢ଼ଂ କ୍ଷମନ୍ତେ । ନନୁ ଯଥାପ୍ରଧାନମ୍ ଅନୁଗଚ୍ଛନ୍ତି ଏବ ।

ରାକ୍ଷସଃ- ସଖେ ! କିଂ ତତ୍ର କାରଣମ୍ ?

ବିରାଧ- ଇଦଂ ତତ୍ର କାରଣମ୍—ମଳୟକେତୋଃ ଅପକ୍ରମଣାତ୍ ପ୍ରଭୃତି ପୀଡ଼ିତଶ୍ଚନ୍ଦ୍ରଗୁପ୍ତେନ ଚାଣକ୍ୟଃ ଇତି । ଚାଣକ୍ୟୋଽପି ଜିତକାଶିତୟା ଅସହମାନଃ ତୈଃ ତୈଃ ଆଜ୍ଞାଭଙ୍ଗୈଃ ଚନ୍ଦ୍ରଗୁପ୍ତସ୍ୟ ଚେତଃ ପୀଡ଼ାମୁପଚିନୋତି, ଅୟମପି ମମାନୁଭବଃ ।

Digitized by PPRACHIN, SOA

ରାକ୍ଷସ— ବନ୍ଧୁ ଶକଟଦାସ, ତୁମେ ତୁମର କାର୍ଯ୍ୟ-ପରିଚାଳନାରେ ମୋହର ଲଗାଇବାରେ ଏହି ମୁଦ୍ରିକାକୁ ବ୍ୟବହାର କରିବ ।

ଶକଟ— ଅମାତ୍ୟଙ୍କର ଯାହା ଆଜ୍ଞା ।

ସିଦ୍ଧା— ଅମାତ୍ୟ, କିଛି ନିବେଦନ କରିବି ।

ରାକ୍ଷସ— ବିନା ସଂକୋଚରେ କୁହ ।

ସିଦ୍ଧା— ଅମାତ୍ୟ ଜାଣନ୍ତି, ଖଳ ଚାଣକ୍ୟର ଅପ୍ରିୟ କାର୍ଯ୍ୟକରି ପାଟଳିପୁତ୍ରରେ ପ୍ରବେଶ କରିବା ଆଉ ସମ୍ଭବପର ନୁହେଁ ! ଅମାତ୍ୟଙ୍କର ସୁପ୍ରସନ୍ନ ପଦଯୁଗଳ ସେବା କରିବାକୁ ମୁଁ ଚାହୁଁଛି ।

ରାକ୍ଷସ—ଭଦ୍ର, ମୁଁ ଏଥିରେ ପ୍ରୀତ । କେବଳ ତୁମର ଅଭିପ୍ରାୟ ଜାଣି ନଥିଲି ବୋଲି ନିଜେ ଏଭଳି ଅନୁରୋଧ କରିପାରୁନଥିଲି । ତା' ହେଲେ ସେପରି କର ।

ସିଦ୍ଧା— (ଆନନ୍ଦରେ) ଅନୁଗୃହୀତ ହେଲି ।

ରାକ୍ଷସ— ବନ୍ଧୁ ଶକଟଦାସ, ସିଦ୍ଧାର୍ଥକଙ୍କ ବିଶ୍ରାମର ବ୍ୟବସ୍ଥା କର ।

ଶକଟ— ଅମାତ୍ୟଙ୍କର ଯାହା ଆଜ୍ଞା (ସିଦ୍ଧାର୍ଥକଙ୍କ ସହିତ ପ୍ରସ୍ଥାନ କଲେ)

ରାକ୍ଷସ— ମିତ୍ର ବିରାଧଗୁପ୍ତ, କୁସୁମପୁରର ଅବଶିଷ୍ଟ ଘଟଣା ବର୍ଣ୍ଣନା କର । ମୁଁ ଯେଉଁ ଭେଦନୀତି ପ୍ରୟୋଗ କରୁଛି, ଚନ୍ଦ୍ରଗୁପ୍ତର ପ୍ରଜାମାନେ ତାହାକୁ ଭଲ ମନେ କରୁଛନ୍ତି ?

ବିରାଧ— ହଁ, ଭଲ ମନେ କରୁଛନ୍ତି । ପ୍ରଧାନ ପ୍ରଧାନ ବ୍ୟକ୍ତିମାନେ ଆମ ପକ୍ଷକୁ ଢଳୁଛନ୍ତି ମଧ୍ୟ ।

ରାକ୍ଷସ— ବନ୍ଧୁ, ତାହାର କାରଣ କ'ଣ ?

ବିରାଧ— କାରଣ ହେଉଛି, ମଳୟକେତୁଙ୍କର ପଳାୟନ ସମୟଠାରୁ ଚନ୍ଦ୍ରଗୁପ୍ତ ଚାଣକ୍ୟକୁ ବେଖାତିର୍ କରୁଛି । ଚାଣକ୍ୟ ମଧ୍ୟ ଅତ୍ୟନ୍ତ ଦାମ୍ଭିକ ହୋଇଥିବାରୁ ଏହା ସହ୍ୟ କରି ପାରୁନାହିଁ ଏବଂ ନାନାପ୍ରକାରରେ ଚନ୍ଦ୍ରଗୁପ୍ତର ଆଜ୍ଞା ଭଙ୍ଗ କରି ତା' ମନରେ ବ୍ୟଥା ସୃଷ୍ଟି କରୁଛି । ଏହା ମୋର ମଧ୍ୟ ଅନୁଭବ ।

Digitized by PPRACHIN, SOA

ରାକ୍ଷସଃ- (ସହର୍ଷମ୍) ସଖେ ବିରାଧଗୁପ୍ତ ! ତଦ୍ ଗଚ୍ଛ ତ୍ୱମ୍ ଅନେନ ଆହିତୁଣ୍ଡିକଚ୍ଛଦ୍ମନା ପୁନଃ କୁସୁମପୁରମେବ । ତତ୍ର ମେ ସୁହୃତ୍ ବୈତାଳିକବ୍ୟଞ୍ଜନଃ ସ୍ତନକଲଶୋ ନାମ ପ୍ରତିବସତି । ସ ତ୍ୱୟା ମଦ୍‌ବଚନାଦ୍ ବାଚ୍ୟଃ ଯଥା— ଚାଣକ୍ୟେନ କ୍ରିୟମାଣେଷୁ ଆଜ୍ଞାଭଙ୍ଗେଷୁ ଚନ୍ଦ୍ରଗୁପ୍ତଃ ତ୍ୱୟା ସମୁତ୍ତେଜନସମର୍ଥୈଃ ଶ୍ଳୋକୈଃ ଉପଶ୍ଳୋକୟିତବ୍ୟଃ ଇତି । କାର୍ଯ୍ୟଞ୍ଚ ଅତିନିଭୃତଂ କରଭକହସ୍ତେନ ସନ୍ଦେଷ୍ଟବ୍ୟମ୍ ଇତି ।

ବିରାଧ- ଯଦ୍ ଆଜ୍ଞାପୟତି ଆର୍ଯ୍ୟଃ । (ଇତି ନିଷ୍କ୍ରାନ୍ତଃ)

ପୁରୁଷଃ- (ପ୍ରବିଶ୍ୟ) ଜେଦୁ ଜେଦୁ ଅମଚ୍ଚୋ ।
ଅମଚ୍ଚ ! ସଅଡ଼ଦାସୋ ବିଣ୍ଣବେଦି, ଏଦେ କ୍ଖୁ ତିଣ୍ଣି ଅଲଙ୍କାରବିସେସା ବିକ୍କାଅନ୍ତି, ତା ପଚ୍ଚକ୍ଖୀକରେଦୁ ଅମଚ୍ଚୋ । (ଜୟତୁ ଜୟତୁ ଅମାତ୍ୟଃ । ଅମାତ୍ୟ ! ଶକଟ ଦାସୋ ବିଜ୍ଞାପୟତି--ଏତେ ଖଲୁ ତ୍ରୟୋଽଲଙ୍କାରବିଶେଷାଃ ବିକ୍ରୀୟନ୍ତେ,ତତ୍ ପ୍ରତ୍ୟକ୍ଷୀକରୋତୁ ଅମାତ୍ୟଃ ।)

ରାକ୍ଷସଃ- (ବିଲୋକ୍ୟ ଆତ୍ମଗତମ୍) ଅହୋ ! ମହାର୍ହାଣି ଆଭରଣାନି ! (ପ୍ରକାଶମ୍) ଭଦ୍ର ! ଉଚ୍ୟତାଂ ଶକଟ ଦାସଃ—ପରିତୋଷ୍ୟ ବିକ୍ରେତାରଂ ଗୃହ୍ୟନ୍ତାମ୍ ଇତି ।

ପୁରୁଷଃ- ଜଂ ଅମଚ୍ଚୋ ଆଣବେଦି । (ଯଦ୍ ଅମାତ୍ୟଃ ଆଜ୍ଞାପୟତି) (ଇତି ନିଷ୍କ୍ରାନ୍ତଃ)

ରାକ୍ଷସଃ- (ସ୍ୱଗତମ୍) ଯାବଦ୍ ଅହମପି କୁସୁମପୁରସ୍ୟ କରଭକଂ ପ୍ରେଷୟାମି । (ଉତ୍ଥାୟ) ଅପି ନାମ ଦୁରାତ୍ମନଃ ଚାଣକ୍ୟାତ୍ ଚନ୍ଦ୍ରଗୁପ୍ତୋ ଭିଦ୍ୟେତ ? ଅଥବା ସିଦ୍ଧମେବ ସମୀହିତଂ ପଶ୍ୟାମି । କୁତଃ ?

ମୌର୍ଯ୍ୟସ୍ତେଜସି ସର୍ବଭୂତଲଭୁଜାମାଜ୍ଞାପକୋ ବର୍ତ୍ତତେ
ଚାଣକ୍ୟୋଽପି ମଦାଶ୍ରୟାଦୟମଭୂଦ୍ ରାଜେତି ଜାତସ୍ମୟଃ ।
ରାଜ୍ୟପ୍ରାପ୍ତିକୃତାର୍ଥମେକମପରଂ ତୀର୍ଣ୍ଣପ୍ରତିଜ୍ଞାର୍ଣ୍ଣବଂ
ସୌହାର୍ଦ୍ଦାତ୍ କୃତକୃତ୍ୟତୈବ ନିୟତଂ ଲବ୍ଧାନ୍ତରା ଭେତ୍ସ୍ୟତି ॥ ୨୩ ॥

(ଇତି ନିଷ୍କ୍ରାନ୍ତାଃ ସର୍ବେ)

॥ ଇତି ଦ୍ୱିତୀୟୋଽଙ୍କଃ ॥

Digitized by PPRACHIN, SOA

ରାକ୍ଷସ– [ଆନନ୍ଦରେ] ବନ୍ଧୁ ବିରାଧଗୁପ୍ତ, ତୁମେ ଏହି ସାପୁଆକେଳା ବେଶରେ ପୁଣି କୁସୁମପୁରକୁ ଯାଅ । ସେଠାରେ ସ୍ତନକଳଶ ନାମକ ମୋର ଜଣେ ପ୍ରିୟବନ୍ଧୁ ଭାଟବେଶରେ ବାସ କରୁଛନ୍ତି । ତୁମେ ତାଙ୍କୁ ମୋର କଥାନୁସାରେ କହିବ– ଚାଣକ୍ୟ ଯେତେବେଳେ ଚନ୍ଦ୍ରଗୁପ୍ତର ଆଜ୍ଞାଭଙ୍ଗ କରୁଥିବ, ସେ ଉତ୍ତେଜକ ଶ୍ଳୋକ ଗାନ କରି ଚନ୍ଦ୍ରଗୁପ୍ତର ପ୍ରଶଂସା କରୁଥିବେ ଏବଂ ଯାହା କରୁଥିବେ, ତାହା କରଭକ ଜରିଆରେ ଅତି ଗୋପନରେ ମୋତେ ଜଣାଉଥିବେ ।

ବିରାଧ– ଅମାତ୍ୟଙ୍କର ଯାହା ଆଜ୍ଞା । (ପ୍ରସ୍ଥାନ କଲେ)

ଭୃତ୍ୟ– [ପ୍ରବେଶ କରି] ଅମାତ୍ୟ, ଶକଟଦାସ ଜଣାଇଛନ୍ତି– ଏ ତିନିଟି ସୁନ୍ଦର ଅଳଙ୍କାର ବିକ୍ରି ହେବାକୁ ଆସିଛି । ତେଣୁ ଆପଣ ଏହାକୁ ଦେଖିବା ହୁଅନ୍ତୁ ।

ରାକ୍ଷସ– [ଅଳଙ୍କାରଗୁଡ଼ିକୁ ଦେଖି] ଆଃ ! ମୂଲ୍ୟବାନ୍ ଅଳଙ୍କାର ! ଭଦ୍ର, ମୋର କଥାନୁସାରେ ଶକଟଦାସଙ୍କୁ କୁହ, ସେ ବିକ୍ରେତାଙ୍କୁ ସନ୍ତୁଷ୍ଟ କରି ଏଗୁଡ଼ିକ ରଖନ୍ତୁ ।

ଭୃତ୍ୟ– ଅମାତ୍ୟଙ୍କର ଯାହା ଆଜ୍ଞା । (ପ୍ରସ୍ଥାନ କଲେ)

ରାକ୍ଷସ– ମୁଁ ମଧ୍ୟ କରଭକକୁ ଶୀଘ୍ର କୁସୁମପୁର ପଠାଇବି । [ଉଠି] ତେବେ କଅଣ ଚନ୍ଦ୍ରଗୁପ୍ତ ଓ ଦୁରାତ୍ମା ଚାଣକ୍ୟ ମଧ୍ୟରେ ବିଭେଦ ସୃଷ୍ଟି ହୋଇପାରିବ ? ହଁ, ମୋର ମନୋରଥ ପୂର୍ଣ୍ଣ ହେଲପରି ଜଣାପଡୁଛି । କାରଣ–

ଚନ୍ଦ୍ରଗୁପ୍ତ ପୃଥିବୀର ସମସ୍ତ ରାଜାଙ୍କୁ ଅଧୀନ କରି ପରାକ୍ରମର ସହିତ ଶାସନ କରୁଛି । ଚାଣକ୍ୟ ମଧ୍ୟ ଗର୍ବର ସହିତ ଭାବୁଛି– 'ଚନ୍ଦ୍ରଗୁପ୍ତ ମୋ'ରି ସାହାଯ୍ୟରେ ରାଜା ହୋଇଛି ।' ଜଣେ ରାଜ୍ୟଲାଭ କରି ସଫଳକାମ ହୋଇଛି, ଆଉ ଜଣେ ପ୍ରତିଜ୍ଞା-ସାଗର ପାର ହୋଇ ପାରିଛି । ତେଣୁ କୃତକାର୍ଯ୍ୟତା ହିଁ (ନିଜ ନିଜର କାର୍ଯ୍ୟ ସାଧନ କରି ପାରିଛନ୍ତି ବୋଲି ଗର୍ବ ହିଁ) ସୁଯୋଗ ପାଇ ଉଭୟଙ୍କୁ ପରସ୍ପରଠାରୁ ନିଶ୍ଚୟ ପୃଥକ୍ କରିବ । (ପ୍ରସ୍ଥାନ କଲେ)

॥ ଦ୍ୱିତୀୟ ଅଙ୍କ ସମାପ୍ତ ॥

୫୦୫

Digitized by PPRACHIN, SOA

ତୃତୀୟୋଽଙ୍କଃ

(ତତଃ ପ୍ରବିଶତି କଞ୍ଚୁକୀ)

କଞ୍ଚୁକୀ-

ରୂପାଦୀନ୍ ବିଷୟାନ୍ ନିରୂପ୍ୟ କରଣୈ ର୍ଯୈରାତ୍ମଲାଭସ୍ତ୍ୱୟା
ଲବ୍ଧସ୍ତେଷ୍ୱପି ଚକ୍ଷୁରାଦିଷୁ ହୃତାଃ ସ୍ୱାର୍ଥାବବୋଧକ୍ରିୟାଃ ।
ଅଙ୍ଗାନି ପ୍ରସଭଂ ତ୍ୟଜନ୍ତି ପଟୁତାମାଜ୍ଞାବିଧେୟାନି ମେ
ନ୍ୟସ୍ତଂ ମୂର୍ଦ୍ଧ୍ନି ପଦଂ ତବୈବ ଜରୟା ତୃଷ୍ଣେ ! ମୁଧା ମାଦ୍ୟସି ।। ୧ ।।

(ପରିକ୍ରମ୍ୟ ଆକାଶେ) ଭୋ ଭୋଃ ସୁଗାଙ୍ଗପ୍ରାସାଦାଧିକୃତାଃ ପୁରୁଷାଃ ! ସୁଗୃହୀତନାମା ଦେବଶ୍ଚନ୍ଦ୍ରଗୁପ୍ତୋ ବଃ ସମାଜ୍ଞାପୟତି ଯଥା--ପ୍ରବୃତ୍ତକୌମୁଦୀମହୋତ୍ସବରମଣୀୟତରଂ କୁସୁମପୁରମ୍ ଅବଲୋକୟିତୁମ୍ ଇଚ୍ଛାମି, ତତ୍ ସଂସ୍କ୍ରିୟତାମ୍ ଅସ୍ମଦ୍ଦର୍ଶନଯୋଗ୍ୟାଃ ସୁଗାଙ୍ଗପ୍ରାସାଦସ୍ୟ ଉପରିଭୂମୟଃ ଇତି । ତତ୍ କିଂ ଚିରୟନ୍ତି ଭବନ୍ତଃ ? (ଆକାଶେ ଆକର୍ଣ୍ଣ୍ୟ) କିଂ ବ୍ରୂଥ—କିମ୍ ଅବିଦିତଃ ଏବାୟଂ ଦେବସ୍ୟ ଚନ୍ଦ୍ରଗୁପ୍ତସ୍ୟ କୌମୁଦୀ--ମହୋତ୍ସବପ୍ରତିଷେଧଃ ଇତି ! ଆଃ ! ଦୈବୋପହତାଃ ! କିମନେନ ବଃ ପ୍ରାଣହରେଣ କଥୋଦ୍ଘାତେନ ? ଶୀଘ୍ରମିଦାନୀମ୍---

ଆଲିଙ୍ଗନ୍ତୁ ଗୃହୀତଧୂପସୁରଭୀନ୍ ସ୍ତମ୍ଭାନ୍ ପିନଦ୍ଧସ୍ରଜଃ
ସମ୍ପୂର୍ଣ୍ଣେନ୍ଦୁମୟୂଖସଂହତିରୁଚଂ ସଚ୍ଚାମରାଣାଂ ଶ୍ରିୟଃ ।
ସିଂହାଙ୍କାସନଧାରଣାଚ୍ଚ ସୁଚିରଂ ସଂଜାତମୂର୍ଚ୍ଛାମିବ
କ୍ଷିପ୍ରଂ ଚନ୍ଦନ ବାରିଣା ସକୁସୁମଃ ସେକୋଽନୁଗୃହ୍ଣାତୁ ଗାମ୍ ।। ୨ ।।

(ଆକାଶେ) କିଂ କଥୟନ୍ତି ଭବନ୍ତଃ---ଏତେ ତ୍ୱରାମହେ ଇତି । ଭଦ୍ରାଃ ! ତ୍ୱରଧ୍ୱମ୍ । ଅୟମାଗତଃ ଏବ ଦେବଚନ୍ଦ୍ରଗୁପ୍ତଃ । ଯ ଏଷଃ—

ସୁଦୀର୍ଘମଧ୍ୱନି ଖେଦୈଃ ପଥିଷୁ ବିଷମେଷ୍ୱପ୍ୟଚଳତା
ଚିରଂ ଧୁର୍ଯ୍ୟୈର୍ଣୋଢ଼ା ଗୁରୁରପି ଭୁବୋ ଯାଽସ୍ୟ ଗୁରୁଣା ।
ଧୁରଂ ତାମେବୋଚ୍ଚୈର୍ନବବୟସି ବୋଢୁଂ ବ୍ୟବସିତୋ
ମନସ୍ୱୀ ଦମ୍ୟତ୍ୱାତ୍ ସ୍ଖଲତି ନ ଚ ଦୁଃଖଂ ବହତି ଚ ।। ୩ ।।

Digitized by PPRACHIN, SOA

ତୃତୀୟ ଅଙ୍କ

[କଞ୍ଚୁକୀର ପ୍ରବେଶ]

କଞ୍ଚୁକୀ— ରେ କାମନା, ଯେଉଁମାନଙ୍କ ସାହାଯ୍ୟରେ ତୁ ରୂପ ପ୍ରଭୃତି ଇନ୍ଦ୍ରିୟଗ୍ରାହ୍ୟ ବିଷୟମାନଙ୍କୁ ଅନୁଭବ କରି ଆତ୍ମପ୍ରକାଶ କରିଥିଲୁ, ସେହି ଚକ୍ଷୁ ପ୍ରଭୃତି ଇନ୍ଦ୍ରିୟମାନଙ୍କର ସ୍ୱ ସ୍ୱ ବିଷୟ-ଗ୍ରହଣକ୍ରିୟା ବ୍ୟାହତ ହେଲାଣି, ଅଙ୍ଗ-ପ୍ରତ୍ୟଙ୍ଗମାନେ ତୋର ଆଜ୍ଞାବହ ହେଲେ ମଧ୍ୟ ବାଧ୍ୟହୋଇ ଆଜ୍ଞା-ପାଳନର ସାମର୍ଥ୍ୟ ହରାଉଲେଣି, ବାର୍ଦ୍ଧକ୍ୟ ଆସି ତୋ ମସ୍ତକରେ ପାଦ ଦେଲାଣି । ବର୍ତ୍ତମାନ ତୁ କେବଳ ବୃଥାରେ ମତୁଆଲ ହୋଇଉଠୁଛୁ ।। ୧

[କିଛିଦୂର ଯାଇ ଶୂନ୍ୟକୁ ଚାହିଁ] ହେ ହେ ସୁଗାଙ୍ଗପ୍ରାସାଦର କର୍ମଚାରୀଗଣ, ମହାରାଜ ଚନ୍ଦ୍ରଗୁପ୍ତ ତୁମ୍ଭମାନଙ୍କୁ ଆଜ୍ଞା ଦେଇଛନ୍ତି— "ମୁଁ କୌମୁଦୀ ମହୋତ୍ସବରେ କୁସୁମପୁରର ଅଧିକ ସୁନ୍ଦର ରୂପ ଦେଖିବାକୁ ଚାହେଁ । ତେଣୁ ସୁଗାଙ୍ଗ ପ୍ରାସାଦର ଉପରିଭାଗକୁ ମୋର ଦର୍ଶନଯୋଗ୍ୟ ହେଲାଭଳି ସଜ୍ଜିତ କର ।" ତା'ହେଲେ ଆପଣମାନେ କାହିଁକି ବିଳମ୍ବ କରୁଛନ୍ତି ? [ଶୂନ୍ୟକୁ ଚାହିଁ] କଅଣ କହୁଛନ୍ତି ଆପଣମାନେ ? କହୁଛନ୍ତି— "କୌମୁଦୀ ମହୋତ୍ସବ ବନ୍ଦ କରାହୋଇଛି ବୋଲି ମହାରାଜ ଚନ୍ଦ୍ରଗୁପ୍ତ କ'ଣ ଜାଣିନାହାନ୍ତି ?" ଆଃ ! ତୁମ୍ଭମାନଙ୍କ ଉପରେ ଦୈବ ଅସନ୍ତୁଷ୍ଟ । ଏଭଳି ପ୍ରାଣହରଣ କଥା ପ୍ରସଙ୍ଗରେ ତୁମ୍ଭମାନଙ୍କର ପ୍ରୟୋଜନ କଅଣ ? ବର୍ତ୍ତମାନ ଶୀଘ୍ର—

ଧୂପ ଗ୍ରହଣ କରି ସୁଗନ୍ଧିତ ଓ ମାଳାରେ ବିଭୂଷିତ ହୋଇଥିବା ସ୍ତମ୍ଭମାନଙ୍କୁ ପୂର୍ଣ୍ଣଚନ୍ଦ୍ରର ଜ୍ୟୋତ୍ସ୍ନାଧାର ପରି ସୁନ୍ଦର ଚାମରଗୁଡ଼ିକର କାନ୍ତି ଆଲିଙ୍ଗନ କରୁ । ଦୀର୍ଘକାଳ ହେଲା ସିଂହାସନକୁ ଧାରଣ କରି ପୃଥିବୀ ସତେ ଯେପରି ମୂର୍ଚ୍ଛିତା ହୋଇଗଲାଣି । ତା' ଉପରେ ପୁଷ୍ପମିଶ୍ରିତ ଚନ୍ଦନ ଜଳ ସିଞ୍ଚି ଶୀଘ୍ର ତାକୁ ଅନୁଗୃହୀତ କର ।। ୨

[ଶୂନ୍ୟଆଡ଼େ ଚାହିଁ] କ'ଣ କହୁଛ ? ଏଇ ସଙ୍ଗେ ସଙ୍ଗେ ମହାରାଜଙ୍କ ଆଦେଶ ପାଳନ କରିବବୋଲି କହୁଛ ? ଶୀଘ୍ର ଶୀଘ୍ର, କର । ଏଇ ମହାରାଜ ଚନ୍ଦ୍ରଗୁପ୍ତ ଆସିଲେଣି । ଯାହାଙ୍କର—

ଦକ୍ଷ ପିତା ବିଶ୍ୱସ୍ତ କର୍ମଚାରୀଗଣ ଓ ସୈନ୍ୟବାହିନୀ ପ୍ରଭୃତିଙ୍କ ସହାୟତାରେ ବିଷମ ପରିସ୍ଥିତିମାନଙ୍କରେ ମଧ୍ୟ ଅବିଚଳିତ ରହି ରାଜ୍ୟ-ପରିଚାଳନାର ଗୁରୁଭାର ବହୁକାଳରୁ ବହନକରି ଆସୁଥିଲେ । କିନ୍ତୁ ଦୃଢ଼ମନା ଚନ୍ଦ୍ରଗୁପ୍ତ ଅତ୍ୟନ୍ତ ଯୁବା ବୟସରେ ମଧ୍ୟ ତାହା ବହନ କରିବାକୁ ପ୍ରସ୍ତୁତ ହୋଇଛନ୍ତି । ଅନଭ୍ୟାସ ହେତୁ ଏ ଅବଶ୍ୟ ଇତସ୍ତତଃ ହୋଇ ଯାଉଛନ୍ତି, ମାତ୍ର କଷ୍ଟ ଅନୁଭବ କରୁନାହାନ୍ତି ।। ୩ ।।

Digitized by PPRACHIN, SOA

(ନେପଥ୍ୟେ) ଇତ ଇତୋ ଦେବଃ ।

(ତତଃ ପ୍ରବିଶତି ରାଜା ପ୍ରତିହାରୀ ଚ)

ରାଜା- (ସ୍ୱଗତମ୍) ରାଜ୍ୟଂ ହି ନାମ ରାଜଧର୍ମାନୁବୃତ୍ତିପରତନ୍ତ୍ରସ୍ୟ ଭୂପତେ ର୍ମହଦ-ପ୍ରୀତିସ୍ଥାନମ୍ । ଯତଃ—

ପରାର୍ଥାନୁଷ୍ଠାନେ ରହୟତି ନୃପଂ ସ୍ୱାର୍ଥପରତା
ପରତ୍ୟକ୍ତସ୍ୱାର୍ଥୋ ନିୟତମୟଥାର୍ଥଃ କ୍ଷିତିପତିଃ ।
ପରାର୍ଥଶ୍ଚେତ୍ ସ୍ୱାର୍ଥାଦଭିମତତରୋ ହନ୍ତ ପରବାନ୍
ପରାୟତ୍ତଃ ପ୍ରୀତେଃ କଥମିବ ରସଂ ବେତ୍ତି ପୁରୁଷଃ ।। ୪ ।।

ଅପି ଚ ଦୁରାରାଧ୍ୟା ହି ରାଜଲକ୍ଷ୍ମୀଃ ଆତ୍ମବଦ୍ଭିଃ ଅପି ରାଜଭିଃ । କୁତଃ—

ତୀକ୍ଷ୍ଣାଦୁଦ୍ୱିଜତେ ମୃଦୌ ପରିଭବତ୍ରାସାନ୍ନ ସଂତିଷ୍ଠତେ
ମୂର୍ଖେ ଦ୍ୱେଷ୍ଟି ନ ଗଚ୍ଛତି ପ୍ରଣୟିତାମତ୍ୟନ୍ତବିଦ୍ୱତ୍ସ୍ୱପି ।
ଶୂରେଭ୍ୟୋଽପ୍ୟଧିକଂ ବିଭେତ୍ୟୁପହସତ୍ୟେକାନ୍ତଭୀରୂନହୋ
ଶ୍ରୀ ର୍ଲବ୍ଧପ୍ରସରେବ ବେଶବନିତା ଦୁଃଖୋପଚର୍ଯ୍ୟା ଭୃଶମ୍ ।। ୫ ।।

ଅନ୍ୟଚ୍ଚ । କୃତକକଳହଂ କୃତ୍ୱା ସ୍ୱତନ୍ତ୍ରେଣ ତ୍ୱୟା କଞ୍ଚିତ୍କାଳଂ ବ୍ୟବହର୍ତ୍ତବ୍ୟମ୍-ଇତ୍ୟାର୍ଯ୍ୟୋପଦେଶଃ । ସ ଚ କଥମପି ମୟା ପାତକମିବାଭ୍ୟୁପଗତଃ, ଅଥବା ଶଶ୍ୱଦାର୍ଯ୍ୟୋପଦେଶସଂସ୍କ୍ରିୟମାଣମତୟଃ ସଦୈବ ଅସ୍ୱତନ୍ତ୍ରା ବୟମ୍ । କୁତଃ—

ଇହ ହି ରଚୟନ୍ ସାଧ୍ୱୀଂ ଶିଷ୍ୟଃ କ୍ରିୟାଂ ନ ନିବାର୍ଯ୍ୟତେ
ତ୍ୟଜତି ତୁ ଯଦା ମାର୍ଗଂ ମୋହାତ୍ ତଦା ଗୁରୁରଙ୍କୁଶଃ ।
ବିନୟରୁଚୟସ୍ତସ୍ମାତ୍ ସନ୍ତଃ ସଦୈବ ନିରଙ୍କୁଶାଃ
ପରତରମତଃ ସ୍ୱାତନ୍ତ୍ର୍ୟେଭ୍ୟୋ ବୟଂ ହି ପରାଙ୍ମୁଖାଃ ।। ୬ ।।

(ପ୍ରକାଶମ୍) ଆର୍ଯ୍ୟବୈହୀନରେ ! ସୁଗାଙ୍ଗପ୍ରାସାଦମାର୍ଗମ୍ ଆଦେଶୟ ।

କଞ୍ଚୁକୀ- ଇତ ଇତୋ ଦେବଃ ।

Digitized by PPRACHIN, SOA

(ନେପଥ୍ୟେ) ମଣିମା, ଏଣେ ଆସନ୍ତୁ ମଣିମା ।

[ତା'ପରେ ରଜା ଓ ପ୍ରତୀହାରୀଙ୍କର ପ୍ରବେଶ]

ରଜା— [ସ୍ୱଗତ] ପ୍ରକୃତରେ ରଜଧର୍ମପାଳନପରାୟଣ ରଜା ପରାଧୀନ ଏବଂ ରାଜ୍ୟ ତା' ପକ୍ଷରେ ଅତ୍ୟନ୍ତ ଅସୁଖକର । କାରଣ—

ସେ ଯଦି ପରାର୍ଥ ସାଧନ କରେ, ତେବେ ନିଜ ସ୍ୱାର୍ଥରୁ ବଞ୍ଚିତ ହୁଏ । କିନ୍ତୁ ପରାର୍ଥ ସାଧନ ନ କଲେ ସେ ଯଥାର୍ଥରେ ରଜା ନୁହେଁ । ଯଦି ସ୍ୱାର୍ଥଠାରୁ ପରାର୍ଥ ଅଧିକ ବାଞ୍ଛିତ, ତା' ହେଲେ ଦୁଃଖର କଥା ଯେ, ରଜା ପରାଧୀନ । ପରାଧୀନ ବ୍ୟକ୍ତି ସୁଖର ସ୍ୱାଦ କିପରି ବା ପାଇବ ? ।। ୪ ।।

ପୁଣି, ବ୍ୟକ୍ତିତ୍ୱସମ୍ପନ୍ନ ରଜାମାନଙ୍କ ପକ୍ଷରେ ମଧ୍ୟ ରଜଲକ୍ଷ୍ମୀଙ୍କୁ ତୁଷ୍ଟ କରିବା କଷ୍ଟକର । କାରଣ—

ରାଜଲକ୍ଷ୍ମୀ ରୁକ୍ଷ ରାଜାକୁ ଭୟ କରେ ; ଅନ୍ୟଦ୍ୱାରା ଅପମାନିତ ହେବା ଆଶଙ୍କାରେ ବିନୀତ ନିକଟକୁ ଯାଏନାହିଁ ; ମୂର୍ଖକୁ ଘୃଣା କରେ; ଅତି ବିଦ୍ୱାନ୍‌ମାନଙ୍କଠାରେ ମଧ୍ୟ ପ୍ରୀତି ରଖେନାହିଁ ; ସାହସୀମାନଙ୍କୁ ଭୟକରେ ; ପୁଣି ଅତି ଭୟାଳୁମାନଙ୍କୁ ଉପହାସ କରେ । ଓହୋ ! ଯେଉଁ ବାରାଙ୍ଗନାକୁ ତା'ର ବୃତ୍ତି ନିମନ୍ତେ ବହୁତ ପାତ୍ର ମିଳନ୍ତି, ତାକୁ ସନ୍ତୁଷ୍ଟ କରିବା ଯେପରି କଷ୍ଟକର, ରାଜଲକ୍ଷ୍ମୀକୁ ପ୍ରସନ୍ନ କରିବା ସେହି-ପରି ଅତି କଷ୍ଟକର ।। ୫ ।।

ଆଉ ମଧ୍ୟ, କୃତ୍ରିମ କଳହ କରି ମୁଁ ସ୍ୱାଧୀନ ଭବରେ କିଛିଦିନ କାର୍ଯ୍ୟ ଚଳାଇବି ବୋଲି ଆର୍ଯ୍ୟ (ଚାଣକ୍ୟ) ମୋତେ ଉପଦେଶ ଦେଇଛନ୍ତି । ତାହା ମୁଁ ପାପକୁ ଗ୍ରହଣ କଲାପରି ଅତି କଷ୍ଟରେ ଗ୍ରହଣ କରିଛି । ହଁ, ମୋର ବୁଦ୍ଧି ଆର୍ଯ୍ୟଙ୍କର ଉପଦେଶରେ ନିର୍ମଳ ଥିବା ଯୋଗୁଁହିଁ ମୁଁ ସର୍ବଦା ସ୍ୱାଧୀନ । କାରଣ—

ସଂସାରରେ ଶିଷ୍ୟ ଯେ ପର୍ଯ୍ୟନ୍ତ ଉତ୍ତମକାର୍ଯ୍ୟ ସମ୍ପାଦନ କରୁଥାଏ, ସେ ପର୍ଯ୍ୟନ୍ତ ଗୁରୁଙ୍କଦ୍ୱାରା ନିବାରିତ ହୁଏ ନାହିଁ । ଯେତେବେଳେ ସେ ଭ୍ରମବଶତଃ ଉପଯୁକ୍ତ ମାର୍ଗରୁ ଭ୍ରଷ୍ଟ ହୁଏ, ସେତେବେଳେ ଗୁରୁ ତା'ର ଅଙ୍କୁଶରୂପେ କାର୍ଯ୍ୟ କରନ୍ତି । ତେଣ ବିନୟୀ ସଜ୍ଜନମାନେ ସର୍ବଦା ନିର-ଙ୍କୁଶ ଅଟନ୍ତି । ଏହାଠାରୁ ଅଧିକ ସ୍ୱାତନ୍ତ୍ୟ ପାଇଁ ମୁଁ ଅନିଚ୍ଛୁକ ।। ୬ ।।

(ପ୍ରକାଶ୍ୟରେ) ଆର୍ଯ୍ୟ ବୈହିନରି, ସୁଗାଙ୍ଗ ପ୍ରାସାଦକୁ ପଥ ଦେଖାଅ ।

କଞ୍ଚୁକୀ— ଏଣେ ଆସନ୍ତୁ ମଣିମା ।

Digitized by PPRACHIN, SOA

କଞ୍ଚୁକୀ- (ପରିକ୍ରମ୍ୟ) ଅୟଂ ସୁଗାଙ୍ଗପ୍ରାସାଦଃ, ଶନୈରାରୋଢୁମ୍ ଅର୍ହତି ଆର୍ଯ୍ୟଃ ।

ରାଜା- (ନାଟ୍ୟେନ ଆରୁହ୍ୟ, ଦିଶଃ ଅବଲୋକ୍ୟ) ଅହୋ ! ଶରତ୍ସମୟସମ୍ଭୃତ-ଶୋଭାବିଭୂତୀନାଂ ଦିଶାମ୍ ଅତିରମଣୀୟତା !! କୁତଃ---

ଶନୈଃଶାନ୍ତାଭ୍ରାନ୍ତାଃ ସିତଜଳଧରଚ୍ଛେଦପୁଲିନାଃ
ସମନ୍ତାଦାକୀର୍ଣ୍ଣାଃ କଳବିରୁତବଦ୍ଭିଃ ସାରସକୁଳୈଃ ।
ଚିତ୍ରାଶ୍ଚିତ୍ରାକାରୈର୍ନିଶି ବିକଚନକ୍ଷତ୍ରକୁମୁଦୈଃ
ନଭସ୍ତଃ ସ୍ୟନ୍ଦନ୍ତେ ସରିତ ଇବ ଦୀର୍ଘା ଦଶ ଦିଶଃ ॥ ୭

ଅପିଚ—

ଉପାମୁଦ୍‌ବୃତ୍ତାନାଂ ନିଜମୁପଦିଶନ୍ତ୍ୟା ସ୍ଥିତିପଦଂ
ଦଧତ୍ୟା ଶାଳୀନାମବନତିମୁଦାରେ ସତି ଫଳେ ।
ମୟୂରାଣାମୁଗ୍ରଂ ବିଷମିବ ହରନ୍ତ୍ୟା ମଦମହୋ
କୃତଃ କୃତ୍ସ୍ନସ୍ୟାୟଂ ବିନୟ ଇବ ଲୋକସ୍ୟ ଶରଦା ॥ ୮ ॥

ଅପିଚ—

ଭର୍ତ୍ତୁସ୍ତଥା କଳୁଷିତାଂ ବହୁବଲ୍ଲଭସ୍ୟ
ମାର୍ଗେ କଥଞ୍ଚିଦବତାର୍ଯ୍ୟ ତନୂଭବନ୍ତୀମ୍ ।
ସର୍ବାତ୍ମନା ରତିକଥାଚତୁରେବ ଦୂତୀ
ଗଙ୍ଗାଂ ଶରନ୍ନୟତି ସିନ୍ଧୁପତିଂ ପ୍ରସନ୍ନାମ୍ ॥ ୯ ॥

(ସମନ୍ତାତ୍ ନାଟ୍ୟେନ ଅବଲୋକ୍ୟ) ଅୟେ ! କଥମ୍ ଅପ୍ରବୃତ୍ତକୌମୁଦୀ-ମହୋତ୍ସବଂ କୁସୁମପୁରମ୍ ? ଆର୍ଯ୍ୟ ବୈହୀନରେ, ଅଥ ଅସ୍ମଦ୍‌ବଚନାତ୍ ଆଘୋଷିତଃ କୁସୁମପୁରେ କୌମୁଦୀମହୋତ୍ସବଃ ?

କଞ୍ଚୁକୀ- ଦେବ ! ଅଥ କିମ୍ ? ଆଘୋଷିତଃ ଦେବସ୍ୟ ଆଜ୍ଞୟା କୁସୁମପୁରେ କୌମୁଦୀମହୋତ୍ସବଃ ।

ରାଜା- ଆର୍ଯ୍ୟ ! ତଦେବଂ କିଂ ନ ପରିଗୃହୀତମ୍ ଅସ୍ମଦ୍‌ବଚନଂ ପୌରଜନେନ ?

କଞ୍ଚୁକୀ- (କର୍ଣ୍ଣୌ ପିଧାୟ) ଦେବ ! ଶାନ୍ତଂ ପାପଂ, ଶାନ୍ତଂ ପାପଂ, ପୃଥିବ୍ୟାମ୍ ଅସ୍ଖଳିତପୂର୍ବଂ ଦେବସ୍ୟ ଶାସନଂ, କଥଂ ପୌରେଷୁ ସ୍ଖଳିତମ୍ ଅର୍ହତି ?

Digitized by PPRACHIN, SOA

(କିଛିଦୂର ଯାଇ) ଏଇ, ସୁଗାଙ୍ଗ ପ୍ରାସାଦ । ମଣିମା ଧୀରେ ଧୀରେ ଆରୋହଣ କରନ୍ତୁ ।

ରାଜା— (ନାଟ୍ୟରେ ଆରୋହଣ କରି ଏବଂ ଚତୁର୍ଦ୍ଦିଗକୁ ଚାହିଁ) ବାଃ ! ଶରତ୍-କାଳରେ ସୌନ୍ଦର୍ଯ୍ୟ ବଢି ଯାଇଥିବାରୁ ଦିଗମାନେ କି ରମଣୀୟ ଦେଖା ଯାଉଛନ୍ତି ! କାରଣ—

ଦଶଦିଗ କ୍ରମେ କ୍ରମେ ଶାନ୍ତ ହୋଇ ଯାଇଛନ୍ତି । ଧବଳ ମେଘ-ଖଣ୍ଡମାନ ସୈକତ ଭଳି ଶୋଭା ପାଉଛନ୍ତି । ସାରସ ପକ୍ଷୀଗଣ ସର୍ବତ୍ର ମଧୁର କୂଜନ କରୁଛନ୍ତି । ରାତିରେ କୁମୁଦ ପରି ସୁନ୍ଦର ଦିଶୁଥିବା ନକ୍ଷତ୍ରରାଜିରେ ଦିଗଗୁଡିକ ପରିପୂର୍ଣ୍ଣ । ତେଣୁ ଜଣାପଡୁଛି, ଦଶ ଦିଗ ସତେ ଯେପରି ଦଶଟି ଦୀର୍ଘ ନଦୀପରି ଆକାଶରୁ ଝରି ଆସୁଛନ୍ତି ।। ୭

ଆଉ ମଧ୍ୟ—

ଶରତ୍‌କାଳ ବଳକ ଜଳକୁ ତାହାର ଉପଯୁକ୍ତ ଭଣ୍ଡାରକୁ ପଠାଇ ଦେଉଛି, ଧାନଗଛମାନଙ୍କରେ ଫଳ ଜାତ କରଇ ସେମାନଙ୍କୁ ଅବନତ କରଉଛି ଏବଂ ମୟୂରମାନଙ୍କର ବିଷତୁଲ୍ୟ ଉଗ୍ର ଗର୍ବକୁ ଖର୍ବ କରୁଅଛି । ଏହିପରି ଶରତ୍‌କାଳ ସତେ ଯେପରି ସମଗ୍ର ସଂସାରକୁ ବିନୟ ଶିକ୍ଷା ଦେଉଅଛି ।। ୮ ।।

ଆଉ ମଧ୍ୟ—

ବହୁପତ୍ନୀକ ପତିର କୌଣସି ଅପ୍ରସନ୍ନହୃଦୟା, ଦିନକୁ ଦିନ କ୍ଷୀଣ ହେଉଥିବା ପତ୍ନୀକୁ ପ୍ରେମବିଷୟନିପୁଣା ଦୂତୀ ଯେପରି କୌଣସି ପ୍ରକାରେ ବାଟକୁ ଆଣି ଏବଂ ପ୍ରସନ୍ନ କରି ପତି ନିକଟକୁ ନିଏ, ସେହିପରି ଆବିଳହୃଦୟା, ଦିନକୁ ଦିନ କ୍ଷୀଣ ହେଉଥିବା ଗଙ୍ଗାକୁ ଶରତ୍ କୌଣସି ପ୍ରକାରେ ବାଟକୁ ଆଣି ଏବଂ ସ୍ୱଚ୍ଛସଲିଳା କରି ସମୁଦ୍ର ନିକଟକୁ ଘେନିଯାଉଛି ।। ୯ ।।

(ନାଟ୍ୟରେ ଚତୁର୍ଦ୍ଦିଗକୁ ଚାହିଁ) ଆରେ ! କୁସୁମପୁରରେ କଅଣ କୌମୁଦୀ ମହୋତ୍ସବ ଆରମ୍ଭ ହୋଇନାହିଁ ! ଆର୍ଯ୍ୟ ବୈହିନରି, ମୋର କଥାନୁସାରେ କୁସୁମପୁରରେ କୌମୁଦୀ ମହୋତ୍ସବ ବିଷୟ ଘୋଷଣା କରାଯାଇଛି ତ ?

କଞ୍ଚୁକୀ— ହଁ, କୁସୁମପୁରରେ ମହାରାଜଙ୍କର କୌମୁଦୀ ମହୋତ୍ସବ ଆଜ୍ଞା ଘୋଷଣା କରାଯାଇଛି ।

ରାଜା— ତା'ହେଲେ କ'ଣ ପୁରବାସୀମାନେ ମୋର ଆଜ୍ଞା ମାନିଲେ ନାହିଁ ?

କଞ୍ଚୁକୀ— (କାନରେ ହାତଦେଇ) ଭଗବାନ୍ ! ଭଗବାନ୍ ! ସମଗ୍ର ପୃଥିବୀରେ ମଣିମାଙ୍କର ଆଜ୍ଞା ଅମାନ୍ୟ ହୋଇନାହିଁ, ପୁରଜନମାନେ କ'ଣ ତାହା ଅମାନ୍ୟ କରିବେ ?

Digitized by PPRACHIN, SOA

ରାଜା- ଆର୍ଯ୍ୟ ବୈହୀନରେ ! ତତ୍ କଥମ୍ ଅପ୍ରବୃତ୍ତକୌମୁଦୀମହୋତ୍ସବମ୍ ଅଧୁନା ଅପି କୁସୁମପୁରଂ ପଶ୍ୟାମି ? ପଶ୍ୟ—

ଧୂର୍ତ୍ତୈରନ୍ୱୀୟମାନାଃ ସ୍ଫୁଟଚତୁରକଥାକୋବିଦୈର୍ବେଶନାର୍ଯ୍ୟୋ
ନାଲଂକୁର୍ବନ୍ତି ରଥ୍ୟାଃ ପୃଥୁଜଘନଭରାକ୍ରାନ୍ତମନ୍ଦୈଃ ପ୍ରୟାତୈଃ ।
ଅନ୍ୟୋନ୍ୟଂ ସ୍ପର୍ଦ୍ଧମାନା ନ ଚ ଗୃହବିଭବୈଃ ସ୍ୱାମିନୋ ମୁକ୍ତଶଙ୍କାଃ
ସାକଂ ସ୍ତ୍ରୀଭିର୍ଭଜନ୍ତେ ବଧିମଭିଲଷିତଂ ପାର୍ବଣଂ ପୌରମୁଖ୍ୟାଃ ॥ ୧୦ ॥

କଞ୍ଚୁକୀ- ଦେବ ! ଏବମ୍ ଏତତ୍ ।
ରାଜା- କିମ୍ ଏତତ୍ ?
କଞ୍ଚୁକୀ- ଦେବ ! ଅତଃ ଇଦମ୍—
ରାଜା- ଆର୍ଯ୍ୟ ! ସ୍ଫୁଟମ୍ ଅଭିଧୀୟତାମ୍ ।
କଞ୍ଚୁକୀ- ଦେବ ! ପ୍ରତିଷିଦ୍ଧଃ କୌମୁଦୀମହୋତ୍ସବଃ ।
ରାଜା- (ସକ୍ରୋଧମ୍) ଆଃ କେନ ?
କଞ୍ଚୁକୀ- ନ ଅତଃ ପରମ୍ ଅସ୍ମାଭିଃ ଦେବଃ ବିଜ୍ଞାପୟିତୁଂ ଶକ୍ୟତେ ।
ରାଜା- ନ ଖଲୁ ଆର୍ଯ୍ୟେଣ ଚାଣକ୍ୟେନ ଅପହୃତଃ ପ୍ରେକ୍ଷକାଣାମ୍ ଅତିଶୟରମଣୀୟଃ ଚକ୍ଷୁଷଃ ବିଷୟଃ ?
କଞ୍ଚୁକୀ- ଦେବ ! କଃ ଅନ୍ୟଃ ଜୀବିତୁକାମଃ ଦେବସ୍ୟ ଶାସନମ୍ ଉଲ୍ଲଙ୍ଘୟିଷ୍ୟତି ?
ରାଜା- ଶୋଣୋତ୍ତରେ ! ଉପବେଷ୍ଟୁମ୍ ଇଚ୍ଛାମି ।
ପ୍ରତିହାରୀ-ଦେବ ! ଏଦଂ ସିଂହାସଣଂ ଉପବିସଦୁ ଦେବୋ । (ଦେବ ! ଏତତ୍ ସିଂହାସନମ୍; ଉପବିଶତୁ ଦେବଃ ।)
ରାଜା- (ନାଟ୍ୟେନ ଉପବିଶ୍ୟ) ଆର୍ଯ୍ୟ ବୈହୀନରେ ! ଆର୍ଯ୍ୟ ଚାଣକ୍ୟଂ ଦ୍ରଷ୍ଟୁମ୍ ଇଚ୍ଛାମି ।
କଞ୍ଚୁକୀ- ଯଦାଜ୍ଞାପୟତି ଦେବଃ । (ଇତି ନିଷ୍କ୍ରାନ୍ତଃ) (ତତଃ ପ୍ରବିଶତି ଆସନସ୍ଥଃ ସ୍ୱଭବନଗତଃ କୋପାନୁବିଦ୍ଧାଂ ଚିନ୍ତାଂ ନାଟୟନ୍ ଚାଣକ୍ୟଃ)
ଚାଣକ୍ୟଃ- (ଆତ୍ମଗତମ୍) କଥଂ ସ୍ପର୍ଦ୍ଧତେ ମୟା ସହ ଦୁରାତ୍ମା ରାକ୍ଷସହତକଃ ? କୁତଃ ?—

କୃତାଗାଃ କୌଟିଲ୍ୟୋ ଭୁଜଗ ଇବ ନିର୍ଯ୍ୟାୟ ନଗରାଦ୍
ଯଥା ନନ୍ଦଂ ହତ୍ୱା ନୃପତିମକରୋନ୍ମୌର୍ଯ୍ୟବୃଷଲମ୍ ।
ତଥାଽହଂ ମୌର୍ଯ୍ୟେନ୍ଦୋଃ ଶ୍ରିୟମପହରାମୀତି କୃତଧୀଃ
ପ୍ରଭାବଂ ମଦ୍‌ବୁଦ୍ଧେରତିଶୟିତୁମେଷ ବ୍ୟବସିତଃ ॥ ୧୧ ॥

(ପ୍ରତ୍ୟକ୍ଷବଦ୍ ଆକାଶେ ଲକ୍ଷ୍ୟଂ ବଦ୍ଧ୍ୱା) ରାକ୍ଷସ ! ରାକ୍ଷସ !! ବିରମ୍ୟତାମ୍ ଅସ୍ମାଦ୍ ଦୁର୍ବ୍ୟବସିତାତ୍ ।

Digitized by PPRACHIN, SOA

ରଜା— ତା'ହେଲେ କାହିଁକି ଏ ପର୍ଯ୍ୟନ୍ତ କୁସୁମପୁରରେ କୌମୁଦୀ ମହୋତ୍ସବ ଆରମ୍ଭ ହୋଇନାହିଁ ? ଦେଖ—

ବାରବନିତାଗଣ, ପୃଥୁଳ ଜଘନଭରାରେ ମନ୍ଦମନ୍ଦ ଗମନ କରୁନାହାଁନ୍ତି କି ମାର୍ଗର ଶୋଭା ବଢାଉ ନାହାନ୍ତି । ସ୍ଫୁଟ ଚତୁର କଥା କହିବାରେ ପ୍ରବୀଣ ବିଟମାନେ ସେମାନଙ୍କର ଅନୁଗମନ କରୁ-ନାହାନ୍ତି । ଗୃହବିଭବରେ ପରସ୍ପରସ୍ପର୍ଦ୍ଧାଶୀଳ ପୌରମୁଖ୍ୟମାନେ ନିଃଶଙ୍କ-ଭବରେ ସେମାନଙ୍କର ବାଞ୍ଛିତ ପୂର୍ଣ୍ଣଚନ୍ଦ୍ରମହୋତ୍ସବରେ ସସ୍ତ୍ରୀକ ଯୋଗଦାନ କରୁନାହାନ୍ତି ।। ୧୦ ।।

କଞ୍ଚୁକୀ— ମହାରଜ ! କଥା ହେଉଛି..............

ରାଜା— କି କଥା ?

କଞ୍ଚୁକୀ— ମଣିମା, ଏଇ କାରଣରୁ କି................

ରାଜା— ସ୍ପଷ୍ଟ କରି କୁହ ।

କଞ୍ଚୁକୀ— କୌମୁଦୀ ମହୋତ୍ସବ ନିଷିଦ୍ଧ କରା ହୋଇଛି ।

ରାଜା— [କ୍ରୋଧରେ] କାହାଦ୍ୱାରା ?

କଞ୍ଚୁକୀ— ଏହାର ପରକଥା ମଣିମାଙ୍କୁ ମୁଁ ଜଣାଇବାକୁ ଅକ୍ଷମ ।

ରାଜା— ଆର୍ଯ୍ୟ ଚାଣକ୍ୟ ଦର୍ଶକମାନଙ୍କୁ ଏହି ନୟନାନନ୍ଦକର ଉତ୍ସବଟିରୁ ବଞ୍ଚିତ କରି-ନାହାନ୍ତି ତ ?

କଞ୍ଚୁକୀ— ଆଉ କିଏ ଜୀବନ ପ୍ରତି ଆଶା ରଖି ମଣିମାଙ୍କ ଆଜ୍ଞା ଲଙ୍ଘନ କରିବ ?

ରାଜା— ଶୋଣୋତ୍ତରା, ମୁଁ ବସିବାକୁ ଚାହେଁ ।

ପ୍ରତୀହାରୀ— ମଣିମା, ଏଇ ସିଂହାସନରେ ବସିବା ହୁଅନ୍ତୁ ।

ରାଜା— [ବସି] ଆର୍ଯ୍ୟ ବୈହିନରି, ଆର୍ଯ୍ୟ ଚାଣକ୍ୟଙ୍କୁ ମୁଁ ଦେଖିବାକୁ ଚାହେଁ ।

କଞ୍ଚୁକୀ— ଯଥାଜ୍ଞା ମଣିମା । [ଚାଲିଗଲା]

[ତା'ପରେ ନିଜ ଗୃହରେ କ୍ରୁଦ୍ଧ ଓ ଚିନ୍ତିତ ଅବସ୍ଥାରେ ଆସୀନ ଚାଣକ୍ୟ ଦୃଷ୍ଟିଗୋଚର ହେଲେ ।]

ଚାଣକ୍ୟ— କ'ଣ ! ଦୁରାତ୍ମା ରାକ୍ଷସ ମୋ ସହିତ ସ୍ପର୍ଦ୍ଧା କରୁଛି !

"ଚାଣକ୍ୟ ଯେପରି ଆହତ ସର୍ପପରି ନଗରରୁ ବାହାରିଗଲା ଏବଂ ନନ୍ଦଙ୍କୁ ହତ୍ୟାକରି ମୁରାର ପୁତ୍ର ଚନ୍ଦ୍ରଗୁପ୍ତକୁ ସିଂହାସନରେ ବସାଇଲା, ମୁଁ ସେହିପରି ଚନ୍ଦ୍ରଗୁପ୍ତର ଶ୍ରୀକୁ ଅପହରଣ କରିବି ।" ଏହି ସଂକଳ୍ପରେ ସେ ମୋ ବୁଦ୍ଧିର ପରାକାଷ୍ଠାକୁ ବଳି ଯିବାକୁ ସ୍ଥିର କରିଛି !

(ଶୂନ୍ୟଆଡ଼େ ଲକ୍ଷ୍ୟରଖି) ରାକ୍ଷସ ! ରାକ୍ଷସ ! ଏହି ଦୁଷ୍ଟ ବୁଦ୍ଧିରୁ ନିବୃତ୍ତ ହୁଅ ।

Digitized by PPRACHIN, SOA

ଉତ୍ସିକ୍ତଃ କୁସଚିବଦୃଷ୍ଟରାଜ୍ୟତନ୍ତ୍ରୋ
ନନ୍ଦୋଽସୌ ନ ଭବତି ଚନ୍ଦ୍ରଗୁପ୍ତ ଏଷଃ ।
ଚାଣକ୍ୟସ୍ତ୍ୱମପି ଚ ନୈବ, କେବଲଂ ତେ
ସାଧର୍ମ୍ୟଂ ମଦନୁକୃତେଃ ପ୍ରଧାନବୈରମ୍ ।। ୧୨ ।।

(ବିଚିନ୍ତ୍ୟ) ଅଥବା, ନାତ୍ରମାତ୍ର ମସ୍ମିନ୍ ବସ୍ତୁନି ମୟା ମନଃ ଖେଦୟି-
ତବ୍ୟମ୍ । କୁତଃ—

ମଦ୍ଭୃତ୍ୟୈଃ କିଲ ସୋଽପି ପର୍ବତସୁତୋ ବ୍ୟାପ୍ତଃ ପ୍ରତସ୍ଥାନ୍ତରେ
ଉଦ୍ୟୁକ୍ତାଶ୍ଚ ନୟପ୍ରୟୋଗସାଧନବିଧୌ ସିଦ୍ଧାର୍ଥକାଦ୍ୟାଃ ସ୍ପଶାଃ ।
କୃତ୍ୱା ସଂପ୍ରତି କୈତବେନ କଲହଂ ମୌର୍ଯ୍ୟେନ୍ଦୁନା ରାକ୍ଷସଂ
ଭେତ୍ସ୍ୟାମି ସ୍ୱମତେନ ଭେଦକୁଶଲୋ ହ୍ୟେଷ ପ୍ରତୀପଂ ଦ୍ୱିଷଃ ।। ୧୩ ।।

କଞ୍ଚୁକୀ- (ପ୍ରବିଶ୍ୟ) କଷ୍ଟଂ ଖଲୁ ସେବା ନାମ । କୁତଃ—

ଭେତବ୍ୟଂ ନୃପତେସ୍ତତଃ ସଚିବତୋ ରାଜ୍ଞସ୍ତତୋ ବଲ୍ଲଭାଦ୍
ଅନ୍ୟେଭ୍ୟଶ୍ଚ ବସନ୍ତି ଯେଽସ୍ୟ ଭବନେ ଲବ୍ଧପ୍ରସାଦା ବିଟାଃ ।
ଦୈନ୍ୟାଦୁନ୍ମୁଖଦର୍ଶନାପଲପନୈଃ ପିଣ୍ଡାର୍ଥମାୟାସ୍ୟତଃ
ସେବାଂ ଲାଘବକାରିଣୀଂ କୃତଧିୟଃ ସ୍ଥାନେ ଶ୍ୱବୃତ୍ତିଂ ବିଦୁଃ ।। ୧୪ ।।

(ପରିକ୍ରମ୍ୟାବଲୋକ୍ୟ ଚ) ଇଦମାର୍ଯ୍ୟଚାଣକ୍ୟସ୍ୟ ଗୃହମ୍ । ଯାବଦ୍
ପ୍ରବିଶାମି । (ନାଟ୍ୟେନ ପ୍ରବିଶ୍ୟାବଲୋକ୍ୟ ଚ) ଅହୋ ! ରାଜାଧିରାଜମନ୍ତ୍ରିଣଃ
ଗୃହଭୂତିଃ !! କୁତଃ---

ଉପଲଶକଲମେତଦ୍ ଭେଦକଂ ଗୋମୟାନାଂ
ବଟୁଭିରୁପହୃତାନାଂ ବର୍ହିଷାଂ ସ୍ତୋମ ଏଷଃ ।
ଶରଣମପି ସମିଦ୍ଭିଃ ଶୁଷ୍ୟମାଣାଭିରାଭିଃ
ବିନମିତପଟଲାନ୍ତଂ ଦୃଶ୍ୟତେ ଜୀର୍ଣ୍ଣକୁଡ୍ୟମ୍ ।। ୧୫ ।।

ତତଃ ସ୍ଥାନେ ଖଲୁ ଅସ୍ୟ ବୃଷଳୋ ଦେବଶ୍ଚନ୍ଦ୍ରଗୁପ୍ତ ଇତି । କୁତଃ---

ସ୍ତୁବନ୍ତ୍ୟଶ୍ରାନ୍ତାସ୍ୟାଃ କ୍ଷିତିପତିମଭୂତୈରପି ଗୁଣୈଃ
ପ୍ରବାଚଃ କାର୍ପଣ୍ୟାଦ୍ ଯଦବିତଥବାଚୋଽପି କୃତିନଃ ।
ପ୍ରଭାବସ୍ତୃଷ୍ଣାୟାଃ ସ ଖଲୁ ସକଲଃ ସ୍ୟାଦିତରଥା
ନିରୀହାଣାମୀଶସ୍ତୃଣମିବ ତିରସ୍କାରବିଷୟଃ ।। ୧୬ ।।

Digitized by PPRACHIN, SOA

ନନ୍ଦ ଉଦ୍ଧତ ଥିଲା, ଏବଂ କୁସଚିବ ଉପରେ ରାଜ୍ୟଭାର ନ୍ୟସ୍ତ କରିଥିଲା । ଚନ୍ଦ୍ରଗୁପ୍ତ ସେହି ନନ୍ଦ ନୁହେଁ । ଆଉ ତୁ ମଧ୍ୟ ରାକ୍ଷସ ନୋହୁ । ତୁ କେବଳ ମୋତେ ଅନୁକରଣ କରି ରାଜା ପ୍ରତି ଶତ୍ରୁତା ଆଚରଣ କରୁଛୁ ।। ୧୨ ।।

(ଚିନ୍ତାକରି) ନା, ଏ ବିଷୟରେ ମୋର ମନକୁ ବେଶି ବ୍ୟାକୁଳ କରିବା ଉଚିତ ନୁହେଁ । କାରଣ--

ମୋର ଭୃତ୍ୟମାନେ ପର୍ବତକପୁତ୍ରର (ମଳୟକେତୁର) ବିଶ୍ୱସ୍ତ ହୋଇ ତାକୁ ପ୍ରତାରିତ କରି ରଖିଛନ୍ତି । ସିଦ୍ଧାର୍ଥକ ପ୍ରଭୃତି ଚରମାନେ ନିଜ ନିଜ ଦାୟିତ୍ୱ ସାଧନରେ ସଚେଷ୍ଟ ଅଛନ୍ତି । ଆଉ ମୁଁ ବିଭେଦ ସୃଷ୍ଟି କରିବାରେ ପଟୁ । ତେଣୁ ବର୍ତ୍ତମାନ କପଟରେ ଚନ୍ଦ୍ରଗୁପ୍ତ ସହିତ କଳହ କରି ବୁଦ୍ଧିବଳରେ ରାକ୍ଷସକୁ ଶତ୍ରୁଠାରୁ (ମଳୟକେତୁଠାରୁ) ପୃଥକ୍ କରିବି ।। ୧୩ ।।

କଞ୍ଚୁକୀ– (ପ୍ରବେଶ କରି) ଓଃ ! ଚାକିରୀ କି ଦୁଃଖଦାୟକ ! କାରଣ–

ଯେ ରାଜସେବା କରେ, ତାର ରାଜାଙ୍କୁ ଡର ; ମନ୍ତ୍ରୀଙ୍କୁ ଡର ; ରାଜାଙ୍କର ପ୍ରିୟବ୍ୟକ୍ତିମାନଙ୍କୁ ଡର ; ପୁଣି ଯେଉଁ ଧୂର୍ତ୍ତମାନେ ରାଜାଙ୍କ ଅନୁଗ୍ରହ ପାଇ ରାଜପ୍ରାସାଦରେ ବାସ କରନ୍ତି, ସେମାନଙ୍କୁ ଡର । ଦାରିଦ୍ର୍ୟ ହେତୁ ଅନ୍ନଗଣ୍ଡାଏ ପାଇଁ ମୁନିବକୁ ଆଜ୍ଞାବହ ଦୃଷ୍ଟିରେ ଚାହିଁ ଚାହିଁ ଏବଂ ତୋଷାମୋଦ କଥାମାନ କହି କହି ମଣିଷ କ୍ଳାନ୍ତି ଅନୁଭବ କରେ । ତେଣୁ ଭୃତ୍ୟପଣ ମନୁଷ୍ୟର ମର୍ଯ୍ୟାଦା-ହାନିକର । ବିଜ୍ଞ ବ୍ୟକ୍ତିମାନେ ତାହାକୁ (ଭୃତ୍ୟପଣ ଅର୍ଥାତ୍ ଚାକିରୀକୁ) ଯଥାର୍ଥରେ ଶ୍ୱାନବୃତ୍ତି ବୋଲି କହନ୍ତି ।

(କିଛିଦୂର ଯାଇ ଓ ଚାହିଁ) ଏ ଗୃହ ଆର୍ଯ୍ୟ ଚାଣକ୍ୟଙ୍କର । ଯାଏଁ, ପ୍ରବେଶ କରେଁ । (ପ୍ରବେଶ ପୂର୍ବକ ନିରୀକ୍ଷଣ କରି) ଅହୋ ! ରାଜାଧିରାଜାଙ୍କ ମନ୍ତ୍ରୀଙ୍କର ଏଇ ଗୃହବିଭବ !

ଶୁଷ୍କ ଗୋମୟ (ଗୋବର) ଭାଙ୍ଗିବା ପାଇଁ ଏଇ ପଥର ଖଣ୍ଡେ । ଶିଷ୍ୟମାନଙ୍କଦ୍ୱାରା ସଂଗୃହୀତ ଏଇ ଗୋଛାଏ କୁଶ । ଏଇ ଘରଟି । ଏହାର କାନ୍ଥ ଭାଙ୍ଗିତୁଟି ଗଲାଣି ଏବଂ ଉପରେ ଶୁଖା ହୋଇଥିବା ସମିଧକାଠଗୁଡ଼ିକଯୋଗୁଁ ରୁଳ ନଇଁ ଆସିଛି ।। ୧୫ ।।

ତେଣୁ ଏ ଯେ ଚନ୍ଦ୍ରଗୁପ୍ତଙ୍କୁ 'ବୃଷଳ' ବୋଲି ସମ୍ବୋଧନ କରନ୍ତି, ତାହା ଉପଯୁକ୍ତ । କାରଣ–

ଯଥାର୍ଥବାଦୀ କୃତବିଦ୍ୟ ବ୍ୟକ୍ତିମାନେ ମଧ୍ୟ ଯେପରି ବିନମ୍ରଭାବରେ ରାଜାଙ୍କର ଅଯଥା ଗୁଣଗାନରେ ମୁଖର ହୋଇ ଅକ୍ଳାନ୍ତ ସ୍ତବ କରନ୍ତି, ତାହା ସେମାନଙ୍କ ତୃଷ୍ଣାର ପ୍ରଭାବ । କିନ୍ତୁ ଯେଉଁମାନେ ନିଃସ୍ପୃହ, ସେମାନେ ରାଜାଧିରାଜଙ୍କୁ ମଧ୍ୟ ତୃଣ ମନେ କରନ୍ତି ।। ୧୬ ।।

Digitized by PPRACHIN, SOA

(ଅବଲୋକ୍ୟ ସଭୟମ୍) ତଦ୍ ଅୟମ୍ ଆର୍ଯ୍ୟଚାଣକ୍ୟସ୍ତିଷ୍ଠତି ।

ଯୋ ନନ୍ଦମୌର୍ଯ୍ୟନୃପୟୋଃ ପରିଭୂୟ ଲୋକମ୍
ଅସ୍ତୋଦୟୌ ପ୍ରତିଦିଶନ୍ନବିବକ୍ତକାଲମ୍ ।
ପର୍ଯ୍ୟାୟପାତିତତୁଷାରମୟୂଖଗାମି
ଧାମ୍ନାତିଶାୟୟତି ଧାମ ସହସ୍ରଧାମ୍ନଃ ॥ ୧୭ ॥

(ଜାନୁଭ୍ୟାଂ ଭୂମୌ ନିପତ୍ୟ) ଜୟତୁ ଜୟତୁ ଆର୍ଯ୍ୟଃ ।

ଚାଣକ୍ୟଃ- (ନାଟ୍ୟେନ ଅବଲୋକ୍ୟ) ବୈହୀନରେ ! କିମ୍ ଆଗମନପ୍ରୟୋଜନମ୍ ?

କଞ୍ଚୁକୀ- ଆର୍ଯ୍ୟ ! ପ୍ରଣତସମ୍ଭ୍ରମସମୁଚ୍ଚଳିତଭୂମିପାଳମୌଳିମାଳାମାଣିକ୍ୟଶକଳଶିଖା-
ପିଶଙ୍ଗୀକୃତପାଦପଦ୍ମଯୁଗଳଃ ସୁଗୃହୀତନାମଧେୟୋ ଦେବଶ୍ଚନ୍ଦ୍ରଗୁପ୍ତଃ ଆର୍ଯ୍ୟଂ ଶିରସା ପ୍ରଣିପତ୍ୟ ବିଜ୍ଞାପୟତି---ଅକୃତକିସ୍ତ୍ରୀକ୍ରିୟମ୍ ଆର୍ଯ୍ୟଂ ଦ୍ରଷ୍ଟୁମ୍ ଇଚ୍ଛାମି ଇତି ।

ଚାଣକ୍ୟଃ- ବୃଷଳୋ ମାଂ ଦ୍ରଷ୍ଟୁମ୍ ଇଚ୍ଛତି ? ବୈହୀନରେ ! ନ ଖଲୁ ବୃଷଳଶ୍ରବଣପଥଂ ଗତୋଽୟଂ ମତ୍କୃତଃ କୌମୁଦୀମହୋତ୍ସବପ୍ରତିଷେଧଃ ?

କଞ୍ଚୁକୀ- ଆର୍ଯ୍ୟ ! ଅଥ କିମ୍ ?

ଚାଣକ୍ୟଃ- (ସକ୍ରୋଧମ୍) ଆଃ ! କେନ କଥିତମ୍ ?

କଞ୍ଚୁକୀ- (ଭୟଂ ନାଟୟିତ୍ୱା) ପ୍ରସୀଦତୁ ଆର୍ଯ୍ୟଃ । ସ୍ୱୟମେବ ସୁଗାଙ୍ଗପ୍ରାସାଦଶିଖର-
ଗତେନ ଦେବେନ ଅବଲୋକିତମ୍ ଅପ୍ରବୃତ୍ତକୌମୁଦୀମହୋତ୍ସବଂ କୁସୁମପୁରମ୍ ।

ଚାଣକ୍ୟଃ- ଆଃ ! ଜ୍ଞାତମ୍ ! ଭବଦ୍ଭିରେବ ମଦନ୍ତରା ପ୍ରୋତ୍ସାହ୍ୟ ରୋଷିତୋ ବୃଷଳଃ । କିମନ୍ୟତ୍ ?

କଞ୍ଚୁକୀ- (ସଭୟମ୍ ତୂଷ୍ଣୀମ୍ ଅଧୋମୁଖଃ ତିଷ୍ଠତି)

ଚାଣକ୍ୟଃ- ଅହୋ ! ରାଜପରିଜନସ୍ୟ ଚାଣକ୍ୟୋପରି ବିଦ୍ୱେଷପକ୍ଷପାତଃ । ଅଥ କ ବୃଷଳସ୍ତିଷ୍ଠତି ?

କଞ୍ଚୁକୀ- (ଭୟଂ ନାଟୟନ୍) ଆର୍ଯ୍ୟ ! ସୁଗାଙ୍ଗପ୍ରାସାଦଗତେନ ଦେବେନ ଅହମ୍ ଆର୍ଯ୍ୟପାଦମୂଳଂ ପ୍ରେଷିତଃ ।

ଚାଣକ୍ୟଃ- (ଉତ୍ଥାୟ) କଞ୍ଚୁକିନ୍ ! ସୁଗାଙ୍ଗପ୍ରାସାଦମାର୍ଗମ୍ ଆଦେଶୟ ।

କଞ୍ଚୁକୀ- ଇତଃ ଇତଃ ଆର୍ଯ୍ୟଃ । (ଇତି ଉଭୌ ପରିକ୍ରାମତଃ)

କଞ୍ଚୁକୀ- ଅୟଂ ସୁଗାଙ୍ଗ ପ୍ରାସାଦଃ, ଶନୈଃ ଆରୋଢୁମ୍ ଅର୍ହତି ଆର୍ଯ୍ୟଃ ।

Digitized by PPRACHIN, SOA

ରଜା— ଯଦି ଏପରି, ତେବେ କୌମୁଦୀ ମହୋତ୍ସବ ପ୍ରତିଷେଧର କାରଣ କଅଣ, ମୁଁ ଶୁଣିବାକୁ ଚାହେଁ ।

ଚାଣକ୍ୟ— ବୃଷଳ, କୌମୁଦୀ ମହୋତ୍ସବ କରିବାର ପ୍ରୟୋଜନ କଅଣ, ମୁଁ ମଧ୍ୟ ଶୁଣିବାକୁ ଚାହେଁ ।

ରଜା— ପ୍ରଥମ ପ୍ରୟୋଜନ ହେଉଛି ମୋର ଆଜ୍ଞାପାଳନ ।

ଚାଣକ୍ୟ— ବୃଷଳ, କୌମୁଦୀ ମହୋତ୍ସବ ବନ୍ଦ କରାଇବାରେ ମୋର ପ୍ରଥମ ପ୍ରୟୋଜନ ହେଉଛି ତୁମ ଆଜ୍ଞାକୁ ଅବଜ୍ଞା କରିବା । କାରଣ—

ଚାରି ସମୁଦ୍ର,ଯାହାର କି ତୀରବନ ତମାଳ କିସଳୟରେ ଶ୍ୟାମଳ, ଯାହାର ଅଭ୍ୟନ୍ତର ଜଳ ଚପଳ ତିମିମାନଙ୍କ ଦ୍ୱାରା ଆଲୋଡ଼ିତ, ସେହି ଚାରି ସମୁଦ୍ରର ତୀରରୁ ଶତ ଶତ ରଜା ତୁମର ଆଜ୍ଞାକୁ ପୁଷ୍ପମାଳା ପରି ଶିରରେ ଧାରଣ କରୁଛନ୍ତି । କିନ୍ତୁ ତୁମ ଆଜ୍ଞା ମୋ ନିକଟରେ ଅମାନ୍ୟ ହେଲେ ତୁମର ବିନୟମଣ୍ଡିତ ପ୍ରଭୁତ୍ୱର ହିଁ ସୂଚନା ଦିଏ ।

ରଜା— ଏହା ଛଡା, ଅନ୍ୟ କୌଣସି ପ୍ରୟୋଜନ ମୁଁ ଶୁଣିବାକୁ ଚାହେଁ ।

ଚାଣକ୍ୟ— ହଁ, କହୁଛି ।

ରଜ —କହନ୍ତୁ ।

ଚାଣକ୍ୟ—ଶୋଣୋତ୍ତର, ଶୋଣୋତ୍ତର, ମୋର କଥା ଅନୁସାରେ କାୟସ୍ଥ ଅଚଳଙ୍କୁ କୁହ, ଏଠାରୁ ଅସନ୍ତୋଷରେ ଚାଲିଯାଇ ମଳୟକେତୁକୁ ଆଶ୍ରୟ କରିଥିବା ଭଦ୍ରଭଟ ପ୍ରଭୃତିଙ୍କର ଲିଖିତ ପତ୍ର ସେ ଦେବେ ।

ପ୍ରତୀହାରୀ—ଯଥାଜ୍ଞା ଆର୍ଯ୍ୟ ! (ଯାଇ ଏବଂ ପୁଣି ଆସି) ଆର୍ଯ୍ୟ, ଏଇ ପତ୍ର ।

ଚାଣକ୍ୟ- (ପତ୍ର ନେଇ) ବୃଷଳ, ଶୁଣ ।

ରଜା— ମନଯୋଗ ସହକାରେ ଶୁଣୁଛି ।

ଚାଣକ୍ୟ— (ପଢିଲେ) "ସ୍ୱସ୍ତି, ସନାମ ଧନ୍ୟ ମହାରାଜା ଚନ୍ଦ୍ରଗୁପ୍ତଙ୍କ ମୁଖ୍ୟ ଅନୁଚର ବର୍ଗ ଏଠାରୁ ଚାଲିଯାଇ ମଳୟକେତୁକୁ ଆଶ୍ରୟ କରିବାର ଏହା ଲିଖିତ ପ୍ରମାଣ ପତ୍ର । ଆମେମାନେ ହେଉଛୁ—ଗଜାଧ୍ୟକ୍ଷ ଭଦ୍ରଭଟ, ଅଶ୍ୱାଧ୍ୟକ୍ଷ ପୁରୁଷ ଦତ୍ତ, ମହା ପ୍ରତୀହାର ଚନ୍ଦ୍ରଭାନୁଙ୍କ ଭଣଜା ହିଙ୍ଗୁରାତ, ମହାରଜାଙ୍କର ଆତ୍ମୀୟ ମହାରଜ ବଳଦେବଗୁପ୍ତ, ମହାରାଣୀଙ୍କର କୁମାର ବୟସରୁ ସେବକ ରଜସେନ, ସେନାପତି ସିଂହବଳଙ୍କର ସାନଭାଇ ଭାଗୁରାୟଣ, ମାଳବ ରଜପୁତ୍ର ଲୋହିତାକ୍ଷ ଏବଂ କ୍ଷତ୍ରିୟଗଣଶ୍ରେଷ୍ଠ ବିଜୟ ବର୍ମା । ଆମ୍ଭେମାନେ ସମସ୍ତେ ମହାରାଜଙ୍କ କାର୍ଯ୍ୟରେ ମନଯୋଗୀ ଥିଲୁ ।" ଏହା ହେଉଛି ପତ୍ରର ବିଷୟ ।

ରଜା— ଆଚ୍ଛା; ଏମାନଙ୍କର ଅସନ୍ତୋଷର କାରଣ ମୁଁ ଶୁଣିବାକୁ ଚାହେଁ ।

Digitized by PPRACHIN, SOA

ଚାଣକ୍ୟଃ- ବୃଷଳ ! ଶ୍ରୂୟତାମ୍ । ଅତ୍ର ଯୌ ତୌ ଶକଟାଧ୍ୟକ୍ଷାଶ୍ୱାଧ୍ୟକ୍ଷୌ ଭଦ୍ରଭଟପୁରୁଷଦତ୍ତନାମାନୌ, ଏତୌ ଖଲୁ ସ୍ତ୍ରୀମଦ୍ୟମୃଗୟାଶୀଳୌ ହସ୍ତ୍ୟଶ୍ୱାବେକ୍ଷଣେ ଅନଭିଯୁକ୍ତୌ ଇତି ସ୍ୱାଧିକାରାଭ୍ୟାମବରୋପ୍ୟ ମୟା ସ୍ୱଜୀବନମାତ୍ରେଣ ଏବ ସ୍ଥାପିତୌ ଇତି ଅପରକ୍ତୌ, ଗତ୍ୱା ସ୍ୱେନ ସ୍ୱେନ ଅଧିକାରେଣ ବ୍ୟବସ୍ଥାପ୍ୟ ମଲୟକେତୁମାଶ୍ରିତୌ । ଯୌ ଏତୌ ହିଙ୍ଗୁରାତବଲଗୁପ୍ତୌ, ତୌ ଅତ୍ୟନ୍ତଲୁବ୍ଧପ୍ରକୃତୀ, ଦତ୍ତଂ ଧନମ୍ ଅବହୁମନ୍ୟମାନୌ ତତ୍ର ବହୁ ଲଭ୍ୟେତ ଇତି ମଲୟକେତୁମାଶ୍ରିତୌ । ଯୋଽପ୍ୟସୌ ଭବତଃ କୁମାରସେବକୋ ରାଜସେନଃ, ସୋଽପି ତବ ପ୍ରସାଦାତ୍ ଅତିପ୍ରଭୂତକୋଷହସ୍ତ୍ୟଶ୍ୱଂ ସଦ୍ୟଃସୈବ ସୁମହଦ୍ ଐଶ୍ୱର୍ଯ୍ୟମବାପ୍ୟ ପୁନରୁଚ୍ଛେଦଶଙ୍କୟା ଅପକ୍ରମ୍ୟ ମଲୟକେତୁମାଶ୍ରିତଃ । ଯୋଽୟମପରଃ ସେନାପତେଃ ସିଂହବଲସ୍ୟ କନୀୟାନ୍ ଭ୍ରାତା ଭାଗୁରାୟଣଃ ଅସୌ ଅପି ତତ୍ର କାଲେ ପର୍ବତକେନ ସହ ସମୁତ୍ପନ୍ନସୌହାର୍ଦ୍ଦଃ ତତ୍ପ୍ରୀତ୍ୟା ଚ ପିତା ତେ ଚାଣକ୍ୟେନ ଘାତିତଃ ଇତି ରହସି ତ୍ରାସୟିତ୍ୱା ମଲୟକେତୁମପବାହିତବାନ୍ । ତତୋ ଭବଦପଥ୍ୟକାରିଷୁ ଚନ୍ଦନଦାସ ପ୍ରଭୃତିଷୁ ନିଗୃହ୍ୟମାଣେଷୁ ସ୍ୱ ଦୋଷାଶଙ୍କୟା ଅପକ୍ରମ୍ୟ ମଲୟକେତୁମାଶ୍ରିତଃ । ତେନାପି ଅସୌ ମମ ପ୍ରାଣରକ୍ଷକ ଇତି କୃତଜ୍ଞତା ମନୁବର୍ତ୍ତିମାନେନ ଆତ୍ମନୋଽନନ୍ତରମମାତ୍ୟପଦଂ ଗ୍ରାହିତଃ । ଯୌ ତୌ ଲୋହିତାକ୍ଷବିଜୟବର୍ମାଣୌ, ତୌ ଅପି ଅତିମାନତ୍ୱାତ୍ ସ୍ୱଦାୟାଦେଭ୍ୟଃ ତ୍ୱୟା ଦୀୟମାନମ୍ ଅସହମାନୌ ମଲୟକେତୁମାଶ୍ରିତୌ ଇତି ଏଷାମପରାଗହେତବଃ ।

ରାଜା- ଆର୍ଯ୍ୟ ! ଏବମେତେଷୁ ପରିଜ୍ଞାତାପରାଗହେତୁଷୁ କ୍ଷିପ୍ରମେବ କସ୍ମାନ୍ନ ପ୍ରତିବିହିତମାର୍ଯ୍ୟେଣ ?

ଚାଣକ୍ୟଃ- ବୃଷଳ ! ନ ପାରିତଂ ପ୍ରତିବିଧାତୁମ୍ ।

ରାଜା- କିମ୍ ଅକୌଶଲାତ୍ ଉତ ପ୍ରୟୋଜନାପେକ୍ଷୟା ?

ଚାଣକ୍ୟଃ- କଥମ୍ ଅକୌଶଳଂ ଭବିଷ୍ୟତି,ପ୍ରୟୋଜନାପେକ୍ଷୟା ଏବ ।

ରାଜା- ତତ୍ ଅପ୍ରତିବିଧାନପ୍ରୟୋଜନମ୍ ଇଦାନୀଂ ଶ୍ରୋତୁମିଚ୍ଛାମି ।

ଚାଣକ୍ୟଃ-ବୃଷଳ ! ଶ୍ରୂୟତାମ୍ ଅବଧାର୍ଯ୍ୟତାଞ୍ଚ । ଇହ ଖଲୁ ବିରକ୍ତାନାଂ ପ୍ରକୃତୀନାଂ ଦ୍ୱିବିଧଂ ପ୍ରତିବିଧାନମ୍—ଅନୁଗ୍ରହୋ ନିଗ୍ରହଶ୍ଚ । ଅନୁଗ୍ରହ ସ୍ତାବଦ୍ ଅଧି-

Digitized by PPRACHIN, SOA

ଚାଣକ୍ୟ ବୃଷଳ, ଶୁଣ । ଏମାନଙ୍କ ମଧ୍ୟରେ ଭଦ୍ରଭଟ ଓ ପୁରୁଷ ଦତ୍ତ ନାମକ ଯେଉଁ ଦୁଇଜଣ ଗଜାଧ୍ୟକ୍ଷ ଓ ଅଶ୍ୱାଧ୍ୟକ୍ଷ, ସେମାନେ ସ୍ତ୍ରୀ, ମଦ୍ୟ ଓ ମୃଗୟାରେ ଆସକ୍ତ ହୋଇ ଅଶ୍ୱଗଜମାନଙ୍କର ଯତ୍ନ ନ ନେବାରୁ ମୁଁ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କଲି ଏବଂ କେବଳ ଚଳିବା ଉପଯୋଗୀ ବୃତ୍ତିଦେଇ ରଖାଇଲି । ତେଣୁ ସେମାନେ ଅସନ୍ତୁଷ୍ଟ ହୋଇ ମଳୟକେତୁ ନିକଟକୁ ଚାଲିଯାଇ ତା'ର ସେହି ସେହି ପଦରେ ନିଯୁକ୍ତ ହେଲେ । ହିଙ୍ଗୁରାତ ଓ ବଳଗୁପ୍ତ ବୋଲି ଯେଉଁ ଦୁଇଜଣ ସେମାନେ ଅତି ଲୋଭୀ ପ୍ରକୃତିର । ତେଣୁ ତୁମଠାରୁ ପାଇଥିବା ବେତନକୁ ଯଥେଷ୍ଟ ମନେ ନକରି ବହୁତ ପାଇବା ଆଶାରେ ମଳୟକେତୁ ନିକଟକୁ ଚାଲିଗଲେ । ତୁମର କୁମାର ବୟସରୁ ସେବକ ଯେଉଁ ରାଜସେନ, ସେ ତୁମ ଅନୁଗ୍ରହରୁ ହଠାତ୍ ପ୍ରଭୁତ ଧନ ଏବଂ ଅଶ୍ୱ, ଗଜ ପ୍ରଭୃତି ଐଶ୍ୱର୍ଯ୍ୟ ପାଇ, କାଳେ ସେଥିରୁ ବଞ୍ଚିତ ହୋଇଯିବ, ଏହି ଆଶଙ୍କାରେ ଚାଲି ଯାଇ ମଳୟକେତୁର ଆଶ୍ରୟ ନେଲା । ଆଉ ଯେଉଁ ଜଣକ ସେନାପତି ସିଂହବଳର ସାନଭାଇ ଭାଗୁରାୟଣ, ତା'ର ପର୍ବତକଙ୍କ ସହିତ ଏଥି ପୂର୍ବରୁ ସୌହାର୍ଦ୍ଦ୍ୟ ଥିଲା । ତେଣୁ ସେ ମଳୟକେତୁ ପ୍ରତି ମମତା ବଶତଃ ତାକୁ ଗୋପନରେ ଧାରଣା ଦେଲା ଯେ, 'ଚାଣକ୍ୟ ତୁମ ପିତାଙ୍କୁ ହତ୍ୟା କରାଇଛି ।' ଏହିପରି ଗୋପନରେ ଭୀତ କରାଇବାରୁ ମଳୟକେତୁ ପଳାଇ ଯାଇଥିଲା । ଚନ୍ଦନ ଦାସ ପ୍ରଭୃତି ତୁମର ଅହିତକାରୀମାନେ ଦଣ୍ଡିତ ହୁଅନ୍ତେ ଭାଗୁରାୟଣ ମଧ୍ୟ ନିଜର ଅପରାଧ ଆଶଙ୍କା କରି ପଳାଇଯାଇ ମଳୟକେତୁର ଆଶ୍ରୟ ନେଲା । ମଳୟକେତୁ ମଧ୍ୟ ତାହାକୁ ନିଜର ପ୍ରାଣରକ୍ଷକ ବୋଲି ଭାବି କୃତଜ୍ଞତାରେ ମୁଖ୍ୟ ଅମାତ୍ୟ ପଦ ପ୍ରଦାନ କଲା । ଆଉ ଲୋହିତାକ୍ଷ ଓ ବିଜୟ ବର୍ମା ବୋଲି ଯେଉଁ ଦୁଇଜଣ, ସେମାନେ ଅତି ମାନୀ ହୋଇଥିବାରୁ ତୁମେ ସେମାନଙ୍କ ଜ୍ଞାତି-ବନ୍ଧୁଙ୍କୁ ଧନ ଦିଅନ୍ତେ, ସେମାନେ ତାହା ସହି ନପାରି ମଳୟକେତୁ ନିକଟକୁ ଚାଲିଗଲେ । ଏହି ସବୁ ହେଲା ଏମାନଙ୍କ ଅସନ୍ତୋଷର କାରଣ ।

ରାଜା— ଅସନ୍ତୋଷର ଏହି କାରଣ ଗୁଡ଼ିକ ଜାଣିଲା ପରେ ଆପଣ ଶୀଘ୍ର କାହିଁକି ପ୍ରତିକାର କଲେ ନାହିଁ ?

ଚାଣକ୍ୟ— ବୃଷଳ, ପ୍ରତିକାର କରି ପାରିଲି ନାହିଁ ।

ରାଜା— କ'ଣ ଦକ୍ଷତା ଅଭାବରୁ ନା କୌଣସି ପ୍ରୟୋଜନ ଥିବାରୁ ?

ଚାଣକ୍ୟ— ଦକ୍ଷତା ଅଭାବରୁ କାହିଁ କି ? ପ୍ରୟୋଜନ ଥିବାରୁ ।

ରାଜା— କେଉଁ ପ୍ରୟୋଜନରୁ ଆପଣ ପ୍ରତିକାର କରି ପାରିଲେ ନାହିଁ, ତାହା ମୁଁ ଶୁଣିବାକୁ ଚାହେଁ ।

ଚାଣକ୍ୟ— ଶୁଣ ଏବଂ ବୁଝ । ଅସନ୍ତୁଷ୍ଟ କର୍ମଚାରୀମାନଙ୍କ ପ୍ରତି ଦୁଇପ୍ରକାର ପ୍ରତିକାର କରାଯାଏ । ଯଥା—ଅନୁଗ୍ରହ ଓ ଦଣ୍ଡ । ଭଦ୍ରଭଟ ଓ ପୁରୁଷ-

Digitized by PPRACHIN, SOA

ପ୍ତାଧିକାରୟୋଃ ଭଦ୍ରଭଟପୁରୁଷଦତ୍ତୟୋଃ ପୁନରଧିକାରାରୋପଣମେବ । ଅଧିକାରଶ୍ଚ ପୁନସ୍ତାଦୃଶେଷୁ ବ୍ୟସନଯୋଗାଦ୍ ଅନଭିଯୁକ୍ତେଷୁ ପୁନରାରୋପ୍ୟମାଣଃ ସକଳସ୍ୟୈବ ରାଜ୍ୟସ୍ୟ ମୂଳଂ ହସ୍ତ୍ୟଶ୍ୱମ୍ ଅବସାଦୟେତ୍ । ଡାଙ୍ଗୁରାତବଳଗୁପ୍ତୟୋଃ ଅତ୍ୟନ୍ତଲୁବ୍‌ଧପ୍ରକୃତିକୟୋଃ ସକଳରାଜ୍ୟପ୍ରଦାନେନ ଅପି ଅସନ୍ତୁଷ୍ୟତୋଃ ଅନୁଗ୍ରହଃ କଥଂ କର୍ତ୍ତୁଂ ଶକ୍ୟଃ ? ରାଜସେନଭାଗୁରାୟଣୟୋସ୍ତୁ ଧନପ୍ରାଣନାଶଭୀତୟୋଃ କୁତୋଽନୁଗ୍ରହସ୍ୟାବକାଶଃ ? ଲୋହିତାକ୍ଷବିଜୟବର୍ମଣୋଃ ଅପି ଦାୟାଦମସହମାନୟୋଃ ଅତିମାନିନୋଃ କୀଦୃଶୋଽନୁଗ୍ରହଃ ପ୍ରୀତିଂ ଜନୟିଷ୍ୟତୀତି ପରିହୃତଃ ପୂର୍ବଃ ପକ୍ଷଃ । ଉତ୍ତରୋଽପି ଖଳୁ ବୟମ୍ ଅଚିରାଦ୍ ଅଧିଗତନନ୍ଦୈଶ୍ୱର୍ଯ୍ୟାଃ ସହୋତ୍‌ଥାୟିନଂ ପ୍ରଧାନପୁରୁଷବର୍ଗମ୍ ଉଗ୍ରେଣ ଦଣ୍ଡେନ ପୀଡ଼ୟନ୍ତୋ ନନ୍ଦକୁଳାନୁରକ୍ତାନାଂ ପ୍ରକୃତୀନାମ୍ ଅବିଶ୍ୱାସ୍ୟାଃ ଭବାମଃ ଇତ୍ୟତଃ ପରିହୃତଃ ଏବ ; ତଦ୍ ଏବମ୍ ଅନୁଗୃହୀତାସ୍ମଦ୍ ଭୃତ୍ୟପକ୍ଷୋ ରାକ୍ଷସୋପଦେଶଶ୍ରବଣପ୍ରବଣୋ ମହୀୟସା ମ୍ଲେଚ୍ଛବଳେନ ପରିବୃତଃ ପିତୃବଧାମର୍ଷୀ ପର୍ବତକପୁତ୍ରୋ ମଳୟକେତୁଃ ଅସ୍ମାନ୍ ଅଭିଯୋକ୍ତୁମ୍ ଉଦ୍ୟତଃ ଇତି । ସୋଽୟଂ ବ୍ୟାୟାମକାଲୋ ନୋତ୍ସବକାଳଃ ଇତି । ଅତୋ ଦୁର୍ଗସଂସ୍କାରେ ଆରବ୍‌ଧବ୍ୟେ କିଂ କୌମୁଦୀମହୋତ୍ସବେନ ? ଇତି ପ୍ରତିଷିଦ୍ଧଃ ।

ରାଜା- ଆର୍ଯ୍ୟ ! ବହୁପ୍ରଷ୍ଟବ୍ୟମତ୍ର ।

ଚାଣକ୍ୟଃ- ବୃଷଳ ! ବିଶ୍ରବ୍‌ଧଂ ପୃଚ୍ଛ, ମମାପି ବହ୍ୱାଖ୍ୟେୟମତ୍ର ।

ରାଜା- ଯୋଽୟମସ୍ମାକମସ୍ୟ ସର୍ବସ୍ୟୈବ ଅନର୍ଥସ୍ୟ ହେତୁର୍ମଳୟକେତୁଃ, ସ କସ୍ମାଦ୍ ଆର୍ଯ୍ୟେଣ ଅପକ୍ରାମନ୍ ଉପେକ୍ଷିତଃ ?

ଚାଣକ୍ୟଃ- ବୃଷଳ ! ମଳୟକେତୋଃ ଅପକ୍ରମଣାନୁପେକ୍ଷଣେ ଦ୍ୱୟୀ ଗତିଃ ସ୍ୟାତ୍, ଅନୁଗୃହ୍ୟେତ ବା ନିଗୃହ୍ୟେତ । ଅନୁଗ୍ରହେ ପୂର୍ବପ୍ରତିଶ୍ରୁତଂ ରାଜ୍ୟାର୍ଦ୍ଧଂ ପ୍ରତିପାଦ୍ୟେତ । ନିଗ୍ରହେ ତାବତ୍ ପର୍ବତକୋଽସ୍ମାଭିଃ ବ୍ୟାପାଦିତଃ ଇତି କୃତଘ୍ନତାସ୍ମାଃ ସ୍ୱୟଂ ହସ୍ତେ ଦତ୍ତଃ ସ୍ୟାତ୍ । ପ୍ରତିଶ୍ରୁତାର୍ଦ୍ଧରାଜ୍ୟପ୍ରତିପାଦନେଽପି ପର୍ବତକବିନାଶଃ କେବଳଂ କୃତଘ୍ନତାମାତ୍ରଫଳଃ ସ୍ୟାତ୍ ଇତି ମଳୟକେତୁଃ ଅପକ୍ରାମନ୍ ଉପେକ୍ଷିତଃ ।

Digitized by PPRACHIN, SOA

ଦତ୍ତଙ୍କୁ ପଦଚ୍ୟୁତ କରଯାଇଛି । ସେମାନଙ୍କୁ ପୁଣି ନିଜ ନିଜ ପଦରେ ନିଯୁକ୍ତି ଦେବାହିଁ ସେମାନଙ୍କ ପକ୍ଷେ ଅନୁଗ୍ରହ । କିନ୍ତୁ ସେମାନେ ବିଳାସବ୍ୟସନରେ ରହି ଆଜ୍ଞ କାର୍ଯ୍ୟ ତୁଲଉ ନାହାଁନ୍ତି । ତେଣୁ ସେମାନଙ୍କୁ ପୁଣି ନିଯୁକ୍ତି ଦେଲେ ସେମାନେ ରାଜ୍ୟର ମୁଖ୍ୟଶକ୍ତି ହସ୍ତୀ ଏବଂ ଅଶ୍ୱବାହିନୀକୁ କ୍ଷୟ କରିବେ । ହିଙ୍ଗୁରାତ ଓ ବଳଗୁପ୍ତ ତ ଅତିଲୋଭୀ, ସମଗ୍ର ରଜ୍ୟ ନେଲେ ସୁଦ୍ଧା ସେମାନେ ସନ୍ତୁଷ୍ଟ ହେବେ ନାହିଁ, ତେଣୁ ସେମାନଙ୍କ ପ୍ରତି କିପରି ଅନୁଗ୍ରହ କରିହେବ ? ରଜସେନ ଓ ଭଗୁରାୟଣ ତ ଧନନାଶ ଓ ପ୍ରାଣନାଶର ଆଶଙ୍କା କରୁଥିଲେ । ତେଣୁ ସେମାନଙ୍କୁ ଅନୁଗୃହୀତ କରିବାର ବା ଅବକାଶ କାହିଁ ? ଆଉ ଲୋହିତାକ୍ଷ ଓ ବିଜୟବର୍ମା ହେଉଛନ୍ତି ଅତି ମାନୀ ଏବଂ ଜ୍ଞାତିମାନଙ୍କ ପ୍ରତି ଅସହିଷ୍ଣୁ । ତେଣୁ କିଭଳି ଅନୁଗ୍ରହ ଦେଖାଇଥିଲେ ସେମାନେ ସନ୍ତୁଷ୍ଟ ହୋଇଥାଆନ୍ତେ ? ଏହା ଅନୁଗ୍ରହପକ୍ଷ ଗଲା ! ଆଉ ଦଣ୍ଡ ପକ୍ଷରେ–ଆମେ ନନ୍ଦରାଜାଙ୍କ ରାଜ୍ୟ ଅଧିକାର କରିଥାଇଁ । ଯେଉଁ ମୁଖ୍ୟ ବ୍ୟକ୍ତିମାନେ ଆମ ପ୍ରତି ଅନୁରକ୍ତ ଥିଲେ, ସେମାନଙ୍କୁ ଯଦି ଆମ୍ଭେ କଠିନ ଦଣ୍ଡରେ ଦଣ୍ଡିତ କରିବା, ତେବେ ନନ୍ଦକୁଳ ପ୍ରତି ଅନୁରକ୍ତ ଥିବା ପ୍ରଜାମାନଙ୍କର ବିରାଗଭଜନ ହୋଇଯିବା । ତେଣୁ ଦ୍ୱିତୀୟ ପକ୍ଷ ମଧ୍ୟ ପରିତ୍ୟକ୍ତ ହେଲା । ଏହିପରି ଆମ ପକ୍ଷର ଲୋକଙ୍କୁ ନିଜର କରି, ରାକ୍ଷସର ଉପଦେଶରେ ପରିଚାଳିତ ହୋଇ, ପିତୃବଧ ଯୋଗୁଁ ଭୟଙ୍କର କ୍ରୁଦ୍ଧ ହୋଇଥିବା ମଳୟକେତୁ ବିରାଟ ମ୍ଲେଚ୍ଛବାହିନୀ ଘେନି ଆମକୁ ଆକ୍ରମଣ କରିବାକୁ ଆସୁଛି । ତେଣୁ ବର୍ତ୍ତମାନ ଯୁଦ୍ଧ ଯୋଜନାର ସମୟ, ଉତ୍ସବର ସମୟ ନୁହେଁ । ଅତଏବ ଦୁର୍ଗରକ୍ଷା କରିବା ଉଚିତ ; କୌମୁଦୀ ମହୋତ୍ସବରେ ଲାଭ କଅଣ ? ଏହି କାରଣରୁ ତାହା ବନ୍ଦ କରାହେଲା ।

ରାଜା– ଆର୍ଯ୍ୟ, ଏ ବିଷୟରେ ମୋର ବହୁତ କିଛି ପଚାରିବାର ଅଛି ।

ଚାଣକ୍ୟ– ସ୍ୱଚ୍ଛଭବେ ପଚାର । ମୋର ମଧ୍ୟ ବହୁତ କହିବାକୁ ଅଛି ।

ରଜା– ସବୁ ଅନର୍ଥର ମୂଳ ମଳୟକେତୁ । ସେ ପଳାଇଗଲା, ତାର ପଳାୟନକୁ ଆପଣ କାହିଁକି ଉପେକ୍ଷା କଲେ ?

ଚାଣକ୍ୟ– ବୃଷଳ ! ଯଦି ତାର ପଳାୟନକୁ ଉପେକ୍ଷା କରିନଥାନ୍ତି, ତାହାହେଲେ ଦୁଇ ପ୍ରକାର ଗତି ହୋଇଥାନ୍ତା । ତାକୁ ଦଣ୍ଡ ଦିଆଯାଇଥାନ୍ତା, କିମ୍ବା ପ୍ରତିଶ୍ରୁତି ଅନୁସାରେ ଅଧେ ରାଜ୍ୟ ଦିଆଯାଇଥା'ନ୍ତା । ଦଣ୍ଡ ଦେଇଥିଲେ 'ପର୍ବତକ ଆମରି ଦ୍ୱାରା ନିହତ ହେଲା ।' ଏହି କୃତଘ୍ନତା ଆମରି ଦ୍ୱାରା ପ୍ରମାଣିତ ହୋଇ ଯାଇଥା'ନ୍ତା । ଆଉ ମଳୟକେତୁକୁ ପ୍ରତିଶ୍ରୁତ ଅଧେରାଜ୍ୟ ଯଦି ଦିଆଯାଇଥା'ନ୍ତା, ତେବେ ପର୍ବତକଙ୍କ ହତ୍ୟାରୁ କେବଳ କୃତଘ୍ନତା ଫଳ ମିଳିଥା'ନ୍ତା । ଏହି ସବୁ କାରଣରୁ ମଳୟକେତୁର ପଳାୟନକୁ ଉପେକ୍ଷା କରାଗଲା ।

Digitized by PPRACHIN, SOA

ରାଜା- ଅଥ ତାବଦ୍ ଏବମ୍ । ରାକ୍ଷସଃ ପୁନଃ ଇହୈବ ଅନ୍ତର୍ନଗରେ ବର୍ତ୍ତମାନଃ ଆର୍ଯ୍ୟେଣ ଉପେକ୍ଷିତଃ ଇତ୍ୟତ୍ର କମୁତ୍ତରମାର୍ଯ୍ୟସ୍ୟ ?

ଚାଣକ୍ୟଃ- ରାକ୍ଷସୋଽପି ଖଲୁ ନିଜସ୍ୱାମିନ ସ୍ଥିରାନୁରାଗିତ୍ୱାତ୍ ସୁଚିରମ୍ ଏକତ୍ର ବାସାଚ୍ଚ ଶୀଲଜ୍ଞାନାଂ ନନ୍ଦାନୁରକ୍ତାନାଂ ପ୍ରକୃତୀନାମ୍ ଅତ୍ୟନ୍ତଂ ବିଶ୍ୱାସ୍ୟଃ, ପ୍ରଜ୍ଞାପୁରୁଷକାରାଭ୍ୟାମୁପେତଃ ସହାୟସମ୍ପଦା ଯୁକ୍ତଃ କୋଷବଲବାନ୍ ଇହୈବ ଅନ୍ତର୍ନଗରେ ବର୍ତ୍ତମାନୋ ମହାନ୍ତଂ ଖଲୁ ଅନ୍ତଃକୋପମ୍ ଉତ୍ପାଦୟେତ୍ । ଦୂରୀକୃତସ୍ତୁ ବାହ୍ୟକୋପମ୍ ଉତ୍ପାଦୟନ୍ ଅପି ନ ଦୁଃଖସାଧ୍ୟୋ ଭବିଷ୍ୟତି ଇତି ଅତଃ ଅପକ୍ରାମନ୍ ଉପେକ୍ଷିତଃ ।

ରାଜା- ଆର୍ଯ୍ୟ ! କସ୍ମାଦ୍ ବିକ୍ରମ୍ୟ ନ ଗୃହୀତଃ ?

ଚାଣକ୍ୟଃ-ବୃଷଲ ! ରାକ୍ଷସଃ ଖଲୁ ଅସୌ । ବିକ୍ରମ୍ୟ ନିଗୃହ୍ୟମାଣଃ ସ୍ୱୟଂ ବା ବିନଶ୍ୟେତ୍ ଯୁଷ୍ମଦ୍‌ବଲାନି ବା ବିନାଶୟେତ୍ । ଏବଂ ସତି ଉଭୟଥାଽପି ଦୋଷଃ । ପଶ୍ୟ—

ସ ହି ଭୃଶମଭିଯୁକ୍ତୋ ଯଦ୍ୟୁପେୟାଦ୍ ବିନାଶଂ
ନନୁ ବୃଷଲ ! ବିଯୁକ୍ତସ୍ତାଦୃଶେନାପି ପୁଂସା ।
ଅଥ ତବ ବଲମୁଖ୍ୟାନ୍ ନାଶୟେତ୍ ସାଽପି ପୀଡ଼ା
ବନଗଜ ଇବ ତସ୍ମାତ୍ ସୋଽଭ୍ୟୁପାୟୈର୍ବିନେୟଃ ।। ୨୫ ।।

ରାଜା- ନ ଶକ୍ନୁମୋ ବୟମାର୍ଯ୍ୟସ୍ୟ ମତମତିଶୟିତୁଂ, ସର୍ବଥା ଅମାତ୍ୟ ରାକ୍ଷସଃ ଏବାତ୍ର ପ୍ରଶସ୍ୟତରଃ ।

ଚାଣକ୍ୟଃ- (ସକ୍ରୋଧମ୍) ନ ଭବାନ୍ ଇତି ବାକ୍ୟଶେଷଃ । ମା ତାବଦେବମ୍ । ଭୋ ବୃଷଲଃ ! ତେନ କିଂ କୃତମ୍ ?

ରାଜା- ଯଦି ନ ଜ୍ଞାୟତେ, ତଦା ଶ୍ରୂୟତାମ୍ । ତେନ ଖଲୁ ମହାତ୍ମନା—

ଲବ୍ଧାୟାଂ ପୁରି ଯାବଦୀଚ୍ଛମୁଷିତଂ କୃତ୍ୱା ପଦଂ ନୋ ଗଲେ
ବ୍ୟାଘାତୋ ଜୟଘୋଷଣାଦିଷୁ ବଲାଦସ୍ମଦ୍‌ବଲାନାଂ କୃତଃ ।
ଅତ୍ୟର୍ଥଂ ବିପୁଲୈଃ ସ୍ୱନୀତିବିଭବୈଃ ସମ୍ମୋହମାପାଦିତା
ବିଶ୍ୱାସ୍ୟେଷ୍ୱପି ବିଶ୍ୱସନ୍ତି ମତୟୋ ନ ସ୍ୱେଷୁ ବର୍ଗେଷୁ ନଃ ।। ୨୬ ।।

Digitized by PPRACHIN, SOA

ରାଜା— ଏବିଷୟରେ ଆପଣ ଏଭଳି ଉତ୍ତର ଦେଲେ । ଆଚ୍ଛା, ରାକ୍ଷସ ଏହିଠାରେ ବାସ କରୁଥିଲା ; ଆପଣ ତାକୁ ମଧ୍ୟ କାହିଁକି ଛାଡ଼ିଦେଲେ ? ଏ ବିଷୟରେ ଆପଣଙ୍କର ଉତ୍ତର କଅଣ ?

ଚାଣକ୍ୟ—ରାକ୍ଷସ ମହାରାଜା ନନ୍ଦଙ୍କ ପ୍ରତି ଅତ୍ୟନ୍ତ ଅନୁରକ୍ତ ଏବଂ ଦୀର୍ଘକାଳ ଏକତ୍ର ବାସକରୁଥିବା ହେତୁ ତାର ସ୍ୱଭାବ ଚରିତ୍ର ଜାଣିଥିବା ନନ୍ଦାନୁରକ୍ତ ପ୍ରଜାମାନଙ୍କର ସେ ଅତ୍ୟନ୍ତ ବିଶ୍ୱାସୀ । ତା'ର ବୁଦ୍ଧି ଅଛି, ପୌରୁଷ ଅଛି, ଅନେକ ସହାୟ ଅଛନ୍ତି ଏବଂ ପ୍ରଚୁର ଧନ ମଧ୍ୟ ଅଛି । ସେ ଯଦି ଏହି ନଗର ଭିତରେ ରହିଥାନ୍ତା, ତେବେ ଅନେକ ପ୍ରକାର ଆଭ୍ୟନ୍ତରୀଣ ଉପଦ୍ରବ ସୃଷ୍ଟି କରି ଥାଆନ୍ତା । ବାହାରକୁ ଯାଇ ସେ ଯଦି ଉପଦ୍ରବ ସୃଷ୍ଟି କରେ, ତେବେ ତାକୁ କୌଶଳରେ ଆୟତ୍ତ କରିବା କଷ୍ଟକର ହେବନାହିଁ । ଏହି କାରଣରୁ ତାର ପଳାୟନକୁ ଉପେକ୍ଷା କରା ହେଲା ।

ରାଜା— ଆର୍ଯ୍ୟ. ତାକୁ ବଳାତ୍କାରରେ କାହିଁକି ଧରା ଗଲା ନାହିଁ ?

ଚାଣକ୍ୟ— ବୃଷଳ ! ରାକ୍ଷସଟି ସେ ! ତାକୁ ଯଦି ବଳାତ୍କାରରେ ଧରିବାକୁ ଯାଅ, ତେବେ ସେ ନିଜେ ମରିବ କିମ୍ବା ତୁମର ଅନେକ ସୈନ୍ୟ କ୍ଷୟ କରିବ । ଏଭଳି ଘଟିବା ଉଭୟ ଦିଗରୁ ହାନିକର । ଦେଖ—

ବୃଷଳ, ତା ପ୍ରତି ବେଶି ବଳ ପ୍ରୟୋଗ କରାହେଲେ ସେ ଯଦି ବିନାଶପ୍ରାପ୍ତ ହୁଏ, ତେବେ ତୁମେ ତା'ଭଳି ଏକ ମନୁଷ୍ୟକୁ ହରାଇବ ଆଉ ସେ ଯଦି ତୁମର ମୁଖ୍ୟ ସୈନିକମାନଙ୍କୁ ବିନାଶ କରେ, ତାହା ମଧ୍ୟ ତୁମ ପକ୍ଷରେ କ୍ଷତିକର । ତେଣୁ ତାକୁ ବନଗଜ ପରି କୌଶଳରେ ବଶ କରିବାକୁ ହେବ ।

ରାଜା—ମୁଁ ଆପଣଙ୍କୁ ବୁଦ୍ଧିରେ ବଳିଯିବାକୁ ଅକ୍ଷମ । କିନ୍ତୁ ମୋର ମନେହେଉଛି, ଅମାତ୍ୟ ରାକ୍ଷସ ହିଁ ଅଧିକ ପ୍ରଶଂସା ଯୋଗ୍ୟ ।

ଚାଣକ୍ୟ-- (କ୍ରୋଧରେ) 'ଆପଣ ନୁହଁନ୍ତି' ଏହା ତୁମ ବାକ୍ୟର ଶେଷ ଅଂଶ । ଏହା କଦାପି ମନେ କରନାହିଁ । ବୃଷଳ ! ସେ କଅଣ କରିଛି ?

ରାଜା— ଯଦି ଆପଣ ଜାଣି ନାହାନ୍ତି, ତେବେ ଶୁଣନ୍ତୁ । ସେହି ମହାନ୍ ମାନବ—

ଆମରି ଅଧିକୃତ ନଗରରେ ଆମରି ଗଳାରେ ପାଦ ଦେଇ ମନ ଇଚ୍ଛା ବାସ କଲା; ଆମ ସୈନ୍ୟମାନଙ୍କର ଜୟ ଘୋଷଣାରେ ଜବରଦସ୍ତି ବ୍ୟାଘାତ ସୃଷ୍ଟିକଲା ; ଆଉ ତା'ର ପ୍ରଭୂତ ନୀତି-ଚତୁରତାରେ ମୋର ମନ ଏପରି ବିଭ୍ରାନ୍ତ ହୋଇଗଲାଣି ଯେ ନିଜର ବିଶ୍ୱସ୍ତ ବ୍ୟକ୍ତି-ମାନଙ୍କୁ ମଧ୍ୟ ମୁଁ ଆଉ ବିଶ୍ୱାସ କରିପାରୁ ନାହିଁ ।

Digitized by PPRACHIN, SOA

ଚାଣକ୍ୟଃ- (ବିହସ୍ୟ) ବୃଷଳ ! ଏତତ୍ କୃତଂ ରାକ୍ଷସେନ ? ବୃଷଳ ! ମୟା ପୁନର୍ଜ୍ଞାତଂ, ନନ୍ଦମିବ ଭବନ୍ତମୁତ୍ଖାତ୍ୟ ଭବାନ୍ ଇବ ଭୂତଳେ ମଳୟକେତୁରଧିରାଜ୍ୟମାରୋପିତଃ ।

ରାଜା- ଅଲମୁପାଲମ୍ଭେନ । ଆର୍ଯ୍ୟ ! ଦୈବେନ ଇଦମ୍ ଅନୁଷ୍ଠିତଂ, କିମାର୍ଯ୍ୟସ୍ୟ ?

ଚାଣକ୍ୟଃ- ହେ ମତ୍ସରିନ୍ !

ଆରୁହ୍ୟାରୂଢ଼କୋପସ୍ଫୁରଣବିଷମିତାଗ୍ରାଙ୍ଗୁଳୀମୁକ୍ତଚୂଡ଼ାଂ
ଲୋକପ୍ରତ୍ୟକ୍ଷମୁଗ୍ରାଂ ସକଳରିପୁକୁଲୋଚ୍ଛେଦଦୀର୍ଘାଂ ପ୍ରତିଜ୍ଞାମ୍ ।
କେନାନ୍ୟେନାବଲିପ୍ତା ନବନବତିଶତଦ୍ରବ୍ୟକୋଟୀଶ୍ୱରାସ୍ତେ
ନନ୍ଦାଃ ପର୍ଯ୍ୟାୟଭୂତାଃ ପଶବ ଇବ ହତାଃ ପଶ୍ୟତୋ ରାକ୍ଷସସ୍ୟ ॥ ୧୭

ଅପି ଚ—

ଗୃଧ୍ରୈରାବଦ୍ଧଚକ୍ରଂ ବିୟତି ବିଚଳିତୈର୍ଦୀର୍ଘନିଷ୍କମ୍ପପକ୍ଷୈଃ
ଧୂମୈର୍ଧ୍ୱସ୍ତାର୍କଭାସାଂ ସଘନମିବ ଦିଶାଂ ମଣ୍ଡଳଂ ଦର୍ଶୟନ୍ତଃ ।
ନନ୍ଦୈରାନନ୍ଦୟନ୍ତଃ ପିତୃବନନିଲୟାନ୍ ପ୍ରାଣିନଃ ପଶ୍ୟ ଚୈତାନ୍
ନିର୍ବାନ୍ତ୍ୟଦ୍ୟାପି ନୈତେ ସ୍ରୁତବହଳବସାବାହିନୋ ହବ୍ୟବାହାଃ ॥ ୧୮

ରାଜା- ଅନ୍ୟେନ ଏବ ଇଦମ୍ ଅନୁଷ୍ଠିତମ୍ ।

ଚାଣକ୍ୟଃ-ଆଃ ! କେନ ?

ରାଜା- ନନ୍ଦକୁଳବିଦ୍ୱେଷିଣା ଦୈବେନ ।

ଚାଣକ୍ୟଃ- ଦୈବମବିଦ୍ୱାଂସଃ ପ୍ରମାଣୟନ୍ତି ।

ରାଜା- ବିଦ୍ୱାଂସଃ ଅପି ଅବିକତ୍ଥନାଃ ଭବନ୍ତି ।

ଚାଣକ୍ୟଃ- (ସକ୍ରୋଧମ୍) ବୃଷଳ ! ବୃଷଳ ! ଭୃତ୍ୟମିବ ମାମାରୋଢୁମିଚ୍ଛସି ?

ଶିଖାଂ ମୋକ୍ତୁଂ ବଦ୍ଧାମପି ପୁନରୟଂ ଧାବତି କରଃ
(ଭୂମୌ ପାଦପ୍ରହାରଂ କୃତ୍ୱା)
ପ୍ରତିଜ୍ଞାମାରୋଢୁଂ ପୁନରପି ଚଳତ୍ୟେଷ ଚରଣଃ ।
ପ୍ରଣାଶାନ୍ନନ୍ଦାନାଂ ପ୍ରଶମମୁପୟାତଂ ତ୍ୱମଧୁନା
ପରୀତଃ କାଳେନ ଜ୍ୱଳୟସି ମମ କ୍ରୋଧଦହନମ୍ ॥ ୧୯ ॥

ରାଜା- (ସାବେଗଂ ସ୍ୱଗତମ୍) ଅୟେ ! ତତ୍ କଥଂ ସତ୍ୟମେବ କୁପିତଃ ଆର୍ଯ୍ୟଃ ?
ତଥାହି—

Digitized by PPRACHIN, SOA

ଚାଣକ୍ୟ—(ଅଟ୍ଟହାସ୍ୟରେ) ରାକ୍ଷସ ଏଇଆ କରିଛି, ନା ? ବୃଝିଲ, ମୋର ଧାରଣା ଥିଲା ଯେ, ମୁଁ ଯେପରି ନନ୍ଦକୁ ଉନ୍ମୂଳ କରି ତୁମକୁ ପୃଥିବୀର ରାଜାଧିରାଜ ପଦରେ ବସାଇଛି, ସେ ସେପରି ତୁମକୁ ଉନ୍ମୂଳ କରି ମଳୟକେତୁକୁ ପ୍ରତିଷ୍ଠିତ କରିଛି ।

ରଜା— ଆର୍ଯ୍ୟ ! ଅବଜ୍ଞା କରିବା ନିଷ୍ପ୍ରୟୋଜନ, ଦୈବ ହିଁ ଏହା କରିଛି । ଆପଣ କ'ଣ କରିଛନ୍ତି ?

ଚାଣକ୍ୟ— ହେ ବିଦ୍ୱେଷୀ,

କିଏ ପ୍ରବଳ କ୍ରୋଧ-ଆବେଗ-ପ୍ରକମ୍ପିତ ଅଙ୍ଗୁଳିଗୁଡ଼ିକରେ ମସ୍ତକର ଶିଖ ମୁକୁଳା କରି, ସମଗ୍ର ଶତ୍ରୁକୁଳର ଧ୍ୱଂସ ସାଧନ କରିବାକୁ ଅତି ଦୁଃସାଧ୍ୟ ଭୀଷଣ ପ୍ରତିଜ୍ଞା ଗ୍ରହଣ କରିଥିଲା ଏବଂ କିଏ ସର୍ବ ସମକ୍ଷରେ ଊନଶତ ଶତ-କୋଟି ଦ୍ରବ୍ୟର (ମୁଦ୍ରାର) ଅଧିପତି ଉଦ୍ଧତ ନନ୍ଦମାନଙ୍କୁ ରାକ୍ଷସର ଦୃଷ୍ଟି ଆଗରେ ହିଁ ପଶୁପରି ଗୋଟି ଗୋଟି ନିହତ କରିଥିଲା ?

ଆଉମଧ୍ୟ—

ଦେଖ, ନନ୍ଦ ମାନଙ୍କ ଶବ ଦହନ ବେଳର ଚିତାଗ୍ନି,ଯାହାକି ଶ୍ମଶାନଚର ପ୍ରାଣୀମାନଙ୍କୁ ଅଦ୍ଭୁତ ଆନନ୍ଦ ଦେଇଥିଲା, ଯାହାର ଧୂମରାଶି ଆକାଶ ମଣ୍ଡଳରେ ବ୍ୟାପିଯାଇ ସୂର୍ଯ୍ୟକିରଣକୁ ଅଦୃଶ୍ୟ କରିବା ଫଳରେ ଆକାଶମଣ୍ଡଳ ମେଘାଛନ୍ନ ପରି ଦିଶୁଥିଲା ଏବଂ ଗୃଧ୍ରମାନେ ଆକାଶରେ ଦଳଦଳ ହୋଇ ନିଷ୍କମ୍ପ ଭବରେ ଦୀର୍ଘ ପକ୍ଷ ବିସ୍ତାର କରି ବିଚରଣ କରୁଥିଲେ, ସେହି ଚିତାଗ୍ନି ନନ୍ଦମାନଙ୍କର ବହଳ ମାଂସମଜ୍ଜା ଘେନି ଅଦ୍ୟାପି ନିର୍ବାପିତ ହୋଇନାହିଁ । ୨୮

ରଜା— ଏହା ଅନ୍ୟ ଜଣେ ସମ୍ପାଦନ କରିଛି ।

ଚାଣକ୍ୟ— କିଏ ?

ରଜା—ନନ୍ଦକୁଳ ବିଦ୍ୱେଷୀ ଦୈବ ।

ଚାଣକ୍ୟ—ମୂର୍ଖମାନେ ହିଁ ଦୈବକୁ ବିଶ୍ୱାସ କରନ୍ତି ।

ରଜା—ବିଦ୍ୱାନ୍‌ମାନେ ଆତ୍ମ ବଡ଼ିମା ଦେଖାନ୍ତି ନାହିଁ !

ଚାଣକ୍ୟ— (କ୍ରୋଧରେ) ବୃଷଳ ! ବୃଷଳ ! ମୋତେ କଅଣ ଭୃତ୍ୟ ମନେ କରୁଛ ? କେଶଶିଖା ବନ୍ଧା ହୋଇଥିଲେ ମଧ୍ୟ ପୁଣି ତାହାକୁ ଫିଟାଇବାପାଇଁ ଏଇ ହାତ ଅଗ୍ରସର ହେଉଛି । (ଭୂମିରେ ପଦାଘାତ କରି) ପୁଣି ଏକ ପ୍ରତିଜ୍ଞା କରିବାକୁ ଏଇ ପାଦ ଚାଲି ଯାଉଛି । ମୋର ଯେଉଁ କ୍ରୋଧାଗ୍ନି ନନ୍ଦକୁଳକୁ ଦହନ କରି ବର୍ତ୍ତମାନ ନିର୍ବାପିତ, ତୁମେ ତାହାକୁ ପୁଣି ପ୍ରଜ୍ୱଳିତ କରିବାକୁ ଚାହୁଁଛ ? ତୁମକୁ କାଳ ଆସି ଘୋଟିଗଲାଣି ।

ରଜା— (ଆବେଗରେ ସ୍ୱଗତ) ଅହୋ ! ଆର୍ଯ୍ୟ କଅଣ ପ୍ରକୃତରେ କ୍ରୁଦ୍ଧ ହୋଇ-ଗଲେ ? କାରଣ—

Digitized by PPRACHIN, SOA

ସଂରମ୍ଭପ୍ରଧ୍ୱସ୍ତଶରଦମଳଜଳକ୍ଷାଳନକ୍ଷାମୟାଽପି
ଭ୍ରୂଭଙ୍ଗୋଦ୍‌ଭେଦଧୂମଂ ଜ୍ୱଳିତମିବ ପୁନଃ ପିଙ୍ଗୟା ନେତ୍ରଭାସା ।
ମନ୍ୟେ ରୁଦ୍ରସ୍ୟ ରୌଦ୍ରଂ ରସମଭିନୟତସ୍ତାଣ୍ଡବେ ସଂସ୍ମରନ୍ତ୍ୟା
ସଂଜାତୋଦଗ୍ରକମ୍ପଂ କଥମପି ଧରୟା ଧାରିତଃ ପାଦଘାତଃ ।। ୩୦ ।।

ଚାଣକ୍ୟଃ- (କୃତକକୋପଂ ସଂହୃତ୍ୟ) ବୃଷଳ ! ବୃଷଳ ! ଅଲମୁତ୍ତରୋତ୍ତରେଣ । ଯଦି ଅସ୍ମତ୍ତୋ ବଲୀୟାନ୍ ରାକ୍ଷସୋଽବଗମ୍ୟତେ, ତଦ୍ୟାଦିଦଂ ଶସ୍ତ୍ରଂ ତସ୍ମୈ ଦୀୟତାମ୍ । (ଇତି ଶସ୍ତ୍ରମୁତ୍ସୃଜ୍ୟ ଗ୍ରକାଶେ ଲକ୍ଷ୍ୟଂ ବଦ୍ଧ୍ୱା ସ୍ୱଗତମ୍) ରାକ୍ଷସ ! ରାକ୍ଷସ ! ଏଷ ଭବତଃ କୌଟିଲ୍ୟବୁଦ୍ଧିବିଜିଗିଷୋଃ ପ୍ରକର୍ଷଃ ?

ଚାଣକ୍ୟତଃ ସ୍ଖଳିତଭକ୍ତିମହଂ ସୁଖେନ
ଜେଷ୍ୟାମି ମୌର୍ଯ୍ୟମିତି-ସଂପ୍ରତି ଯଃ ପ୍ରଯୁକ୍ତଃ ।
ଭେଦଃ କିଲୈଷ ଭବତା ସଫଳଃ ସ ଏବ
ସଂପତ୍‌ସ୍ୟତେ ଶଠ ! ତବୈବ ତୁ ଦୂଷଣାୟ ।। ୩୧ ।। (ନିଷ୍କ୍ରାନ୍ତଃ)

ରାଜା- ଆର୍ଯ୍ୟ ବୈହୀନରେ ! ଅଦ୍ୟପ୍ରଭୃତି ଅନାଦୃତ୍ୟ ଚାଣକ୍ୟଂ ଚନ୍ଦ୍ରଗୁପ୍ତଃ ସ୍ୱୟମେବ ରାଜକର୍ମାଣି କରିଷ୍ୟତୀତି ଗୃହ୍ୟତାର୍ଥାଃ ପ୍ରକୃତୟଃ କ୍ରିୟନ୍ତାମ୍ ।

କଞ୍ଚୁକୀ- (ସ୍ୱଗତମ୍) କଥଂ ନିରୁପପଦଃ ଏବ ଚାଣକ୍ୟଃ, ନ ଆର୍ଯ୍ୟଚାଣକ୍ୟଃ ଇତି ! ହନ୍ତ ! ସତ୍ୟମେବ ହୃତୋଽଧିକାରଃ । ଅଥବା ନ ଖଲୁ ଅତ୍ର ବସ୍ତୁନି ଦେବଦୋଷଃ ।

ସ ଦୋଷଃ ସଚିବସ୍ୟୈବ ଯଦସତ୍ କୁରୁତେ ନୃପଃ ।
ଯାତି ଯନ୍ତୁଃ ପ୍ରମାଦେନ ଗଜୋ ବ୍ୟାଳତ୍ୱବାଚ୍ୟତାମ୍ ।। ୩୨ ।।

ରାଜା- ଆର୍ଯ୍ୟ ! କିଂ ବିଚାରୟସି ?

କଞ୍ଚୁକୀ- ଦେବ ! ନ କିଞ୍ଚିଦ୍ ବିଚାରୟାମି । କିନ୍ତୁ ଏତଦ୍ ବିଜ୍ଞାପୟାମି ଦିଷ୍ଟ୍ୟା ଦେବଃ ଇଦାନୀଂ ଦେବଃ ସଂବୃତ୍ତ ଇତି ।

ରାଜା- (ଆତ୍ମଗତମ୍) ଏବମସ୍ମାସୁ ଗୃହ୍ୟମାଣେଷୁ ସ୍ୱକାର୍ଯ୍ୟସିଦ୍ଧିକାମଃ ସକାମୋ ଭବତୁ ଆର୍ଯ୍ୟଃ । (ପ୍ରକାଶମ୍) ଶୋଣୋତ୍ତରେ ! ଅନେନ ଶୁଷ୍କକଳହେନ ଶିରୋବେଦନା ମାଂ ବାଧତେ । ତଚ୍ଛୟନଗୃହମାର୍ଗମାଦେଶୟ ।

ପ୍ରତିହାରୀ-ଏଦୁ ଏଦୁ ମହାରାଓ (ଏତୁ ଏତୁ ମହାରାଜଃ)

ରାଜା- (ଆସନାଦ୍ ଉତ୍ଥାୟ ଆତ୍ମଗତମ୍)

ଆର୍ଯ୍ୟାଜ୍ଞୟୈବ ମମ ଲଙ୍ଘିତଗୌରବସ୍ୟ
ବୁଦ୍ଧିଃ ପ୍ରବେଷ୍ଟୁମିବନେ ବିବରଂ ପ୍ରବୃତ୍ତା ।
ଯେ ସତ୍ୟମେବ ନ ଗୁରୂନ୍ ପ୍ରତିମାନୟନ୍ତି
ତେଷାଂ କଥଂ ନୁ ହୃଦୟଂ ନ ଭିନତ୍ତି ଲଜ୍ଜା ? ।। ୩୩ ।।

(ଇତି ନିଷ୍କ୍ରାନ୍ତାଃ ସର୍ବେ) ।। ଇତି ମୁଦ୍ରାରାକ୍ଷସେ ତୃତୀୟୋଽଙ୍କଃ ।।

Digitized by PPRACHIN, SOA

ଏହାଙ୍କର ପିଙ୍ଗଳବର୍ଣ୍ଣ ନେତ୍ରଜ୍ୟୋତି କ୍ରୋଧ-କଂପିତ ନେତ୍ରଲୋମ ମଧ୍ୟରୁ ନିଃସୃତ ହେଉଥିବା ଜଳଦ୍ୱାରା ଧୌତ ହୋଇ କ୍ଷୀଣ ହେଲେ ମଧ୍ୟ ପ୍ରଜ୍ୱଳିତ ହୋଇ ଉଠିଲା ଭଳି ଜଣା ପଡୁଛି ଏବଂ ଭ୍ରୂକୁଟୀ କୁଞ୍ଚନ ସେଥିରେ ଧୂମ ସଦୃଶ ଦେଖାଯାଉଅଛି । ମୋର ମନେ ହେଉଛି,ପୃଥିବୀ ଭୟଙ୍କର ଭାବରେ କମ୍ପିତା ହୋଇ ଏହାଙ୍କର ପଦାଘାତକୁ ଅତି କଷ୍ଟରେ ସହିଥିବ ଏବଂ ତାଣ୍ଡବ ନୃତ୍ୟରେ ରୌଦ୍ରରସର ଅଭିନେତା ରୁଦ୍ରଙ୍କ କଥା ତାର ସ୍ମରଣରେ ଆସିଯାଇଥିବ ।

ଚାଣକ୍ୟ– (କୃତ୍ରିମ କ୍ରୋଧ ପରିହାର କରି) ବୃଷଳ. ଉତ୍ତରୋତ୍ତର ବାକ୍ୟ ପ୍ରୟୋଗରେ ଲାଭ କଅଣ ? ଯଦି ତୁମେ ରାକ୍ଷସକୁ ମୋଠାରୁ ଶ୍ରେଷ୍ଠ ବୋଲି ଭାବୁଛ, ତା' ହେଲେ ଏହି ଶସ୍ତ୍ର (ଅମାତ୍ୟ ପଦର ଚିହ୍ନ) ତାକୁ ଦିଅ । (ଶସ୍ତ୍ରତ୍ୟାଗ କରି ଉଠି ଶୂନ୍ୟଆଡ଼େ ଲକ୍ଷ୍ୟରଖି ସ୍ୱଗତ) ରାକ୍ଷସ ! ରାକ୍ଷସ ! ଚାଣକ୍ୟଙ୍କୁ ବଳିଯିବା ଇଚ୍ଛାରେ ଏହି ତୋହର ବୁଦ୍ଧିର ଉତ୍କର୍ଷ !

ଧୂର୍ତ୍ତ, "ଚନ୍ଦ୍ରଗୁପ୍ତ ଚାଣକ୍ୟ ପ୍ରତି ଭକ୍ତିହୀନ ହେଲେ ମୁଁ ତାକୁ (ଚନ୍ଦ୍ରଗୁପ୍ତକୁ) ସହଜରେ ଜିଣି ପାରିବି ।" ଏହା ଭାବି ତୁ ଯେଉଁ ଭେଦ ନୀତି ପ୍ରୟୋଗ କରିଛୁ, ତାହା ତୋହରି ଅମଙ୍ଗଳରେ ହିଁ ପରିଣତ ହେବ ! (ପ୍ରସ୍ଥାନ କଲେ)

ରାଜା– ଆର୍ଯ୍ୟ ବୈହିନରି, ଆଜିଠାରୁ ଚନ୍ଦ୍ରଗୁପ୍ତ ଚାଣକ୍ୟ ଉପରେ ନିର୍ଭରଶୀଳ ନ ହୋଇ ନିଜେ ରାଜ୍ୟ ପରିଚାଳନା କରିବେ,ଏହା ପ୍ରଜାମାନଙ୍କୁ ଜଣାଇ ଦିଅ ।

କଞ୍ଚୁକୀ– (ସ୍ୱଗତ) ଏ କଅଣ ! "ଆର୍ଯ୍ୟ ଚାଣକ୍ୟ" ବୋଲି ନ କହି ଖାଲି 'ଚାଣକ୍ୟ' ବୋଲି କହୁଛନ୍ତି ! ହାୟ ! ତାଙ୍କଠାରୁ କ୍ଷମତା କାଢି ନିଆଯାଇଛି ! କିନ୍ତୁ ମହାରାଜାଙ୍କୁ ଏବିଷୟରେ ଦୋଷଦେବା ଅନୁଚିତ । କାରଣ–

ରାଜା ଯଦି କିଛି ଭୁଲ କରନ୍ତି, ତେବେ ତାହା ମନ୍ତ୍ରୀଙ୍କର ଦୋଷ । ମାହୁନ୍ତର ଅସାବଧାନତା ଯୋଗୁ ହିଁ ହସ୍ତୀ ଦୁଷ୍ଟପଦବାଚ୍ୟ ହୁଏ ।

ରାଜା– ଆର୍ଯ୍ୟ, କଅଣ ଭାବୁଛ ?

କଞ୍ଚୁକୀ– ମହାରାଜ, କିଛି ଭାବୁନାହିଁ । କିନ୍ତୁ ମୁଁ ଏତିକି ଜଣାଉଛି ଯେ, ମହାରାଜ ବର୍ତ୍ତମାନ ପ୍ରକୃତରେ ମହାରାଜ ହେଲେ ।

ରାଜା– (ସ୍ୱଗତ) ଲୋକେ ଆମ ଦୁହିଁଙ୍କୁ ଏଇଭଳି ଭାବରେ ଧାରଣା କରିନେବାଦ୍ୱାରା ଲକ୍ଷ୍ୟସାଧନ-ପ୍ରୟାସୀ ଆର୍ଯ୍ୟ ସଫଳତା ଲାଭ କରନ୍ତୁ । (ପ୍ରକାଶ୍ୟରେ) ଶୋଣୋତ୍ତରା, ଏହି ନିରର୍ଥକ କଳହରେ ମୋର ଶିରପୀଡ଼ା ଜାତ ହେଲାଣି । ଶୟନଗୃହ ଅଭିମୁଖେ ଚାଲ ।

ପ୍ରତୀହାରୀ–ଆସନ୍ତୁ ମଣିମା ।

ରାଜା– (ସ୍ୱଗତ) ଆର୍ଯ୍ୟଙ୍କର ଆଜ୍ଞାରେ ହିଁ ମୁଁ ତାଙ୍କର ମର୍ଯ୍ୟାଦା ଲଙ୍ଘନ କରିଛି । ତଥାପି ମୋର ବୁଦ୍ଧି ସତେ ଯେପରି ରସାତଳକୁ ଯିବାକୁ ଉଦ୍ୟତ ! ଯେଉଁମାନେ ଜାଣିଶୁଣି ଗୁରୁଙ୍କର ଅବମାନନା କରନ୍ତି, ସେମାନଙ୍କ ହୃଦୟକୁ କିପରି ଲଜ୍ଜା ପ୍ରବେଶ କରିପାରେନାହିଁ ?

(ସମସ୍ତଙ୍କର ପ୍ରସ୍ଥାନ)

।। ତୃତୀୟ ଅଙ୍କ ସମାପ୍ତ ।।

Digitized by PPRACHIN, SOA

ଚତୁର୍ଥୋଽଙ୍କଃ

(ତତଃ ପ୍ରବିଶତି ଅଧ୍ୱଗବେଶଃ ପୁରୁଷଃ)

ପୁରୁଷଃ-ହୀମାଣହେ ! ହୀମାଣହେ !! (ଆଶ୍ଚର୍ଯ୍ୟମ୍ ! ଆଶ୍ଚର୍ଯ୍ୟମ୍ !!)

ଜୋଅଣସଅଂ ସମଧିଅଂ କୋ ଣାମ ଗଦାଗଦଂ ଇହ କରେଇ ।
ଅଟ୍ଠାଣଗମଣଗୁରୁଈ ପ୍ପହୁଣୋ ଅଣ୍ଣା ଜଇ ଣ ହୋଇ ।। ୧ ।।
(ଯୋଜନଶତଂ ସମଧିକଂ କୋ ନାମ ଗତାଗତ ମିହ କରୋତି ।
ଅସ୍ଥାନଗମନଗୁର୍ବୀ ପ୍ରଭୋରାଜ୍ଞା ଯଦି ନ ଭବତି ।। ୧ ।।

ତା ଜାବ ଅମଚ୍ଚରକ୍ଖସସ୍ସ ଜ୍ଜେବ ଗେହଂ ଗଚ୍ଛାମି । ହେ ! କୋ ଏତ୍ଥ ଦୁଆରିଆଣଂ ? ଣିବେଦେହ ଦାବ ଭଟ୍ଟିଣୋ ଅମଚ୍ଚରକ୍ଖସସ୍ସ, ଏସୋ କ୍ଖୁ କରହକୋ କରହକ ଵିଅ କଜ୍ଜଂ ତୁବରନ୍ତୋ ପାଡ଼ଳିପୁତ୍ତାଦୋ ଆଗଦୋ ତ୍ତି । (ତଦ୍ ଯାବଦ୍ ଅମାତ୍ୟରାକ୍ଷସସ୍ୟ ଏବ ଗେହଂ ଗଚ୍ଛାମି । (ପରିଶ୍ରାନ୍ତବତ୍ ପରିକ୍ରମ୍ୟ) ଭୋଃ ! କୋଽତ୍ର ଦୌବାରିକାଣାମ୍ ? ନିବେଦୟ ତାବଦ୍ ଭର୍ତ୍ତୁଃ ଅମାତ୍ୟରାକ୍ଷସସ୍ୟ—ଏଷ ଖଳୁ କରଭକଃ କରଭକଃ ଇବ କାର୍ଯ୍ୟଂ ତ୍ୱରୟନ୍ ପାଟଳିପୁତ୍ରାଦ୍ ଆଗତଃ ଇତି)

ଦୌବାରିକଃ- (ପ୍ରବିଶ୍ୟ) ଭଦ୍ଦ ! ମା ଉଚ୍ଚଂ ମନ୍ତେହି । ଏସୋ ଅମଚ୍ଚୋ ଭଟ୍ଟା କଜ୍ଜଚିନ୍ତାଜଣିଦେଣ ଜାଅରେଣ ସମୁପ୍ପଣ୍ଣସୀସବେଅଣୋ ଅଜ୍ଜ ବି ଦାବ ଣ ସଅଣଦଳଂ ମୁଞ୍ଚଦି । ଚିଟ୍ଠ ଦାବ ମୁହୁତ୍ତଅଂ, ଜାବ ସେ ଲଦ୍ଧାବସରୋ ଭବିଅ ଭବଦୋ ଆଗମଣଂ ଣିବେଦେମି । (ଭଦ୍ର ! ମା ଉଚ୍ଚୈଃ ମନ୍ତ୍ରୟସ୍ୱ, ଏଷ ଖଳୁ ଭର୍ତ୍ତା ଅମାତ୍ୟରାକ୍ଷସଃ କାର୍ଯ୍ୟଚିନ୍ତାଜନିତେନ ଜାଗରଣେନ ସମୁତ୍ପନ୍ନଶୀର୍ଷବେଦନୋ ଅଦ୍ୟାପି ତାବନ୍ନ ଶୟନତଳଂ ମୁଞ୍ଚତି । ତସ୍ମାତ୍ ତିଷ୍ଠ ତାବନ୍ ମୁହୂର୍ତ୍ତମ୍, ଯାବତ୍ ତସ୍ୟ ଲବ୍ଧାବସରୋ ଭୂତ୍ୱା ଭବତଃ ଆଗମନଂ ନିବେଦୟାମି ।)

ପୁରୁଷଃ- ଭଦ୍ଦମୁହ ! ଜଧା ଦେ ରୋଅଦି । (ଭଦ୍ରମୁଖ ! ଯଥା ତେ ରୋଚତେ)

(ତତଃ ପ୍ରବିଶତି ଶୟନଗତଃ ଆସନଗତେନ ଶକଟଦାସେନ ସହ ଚିନ୍ତିତୋ ରାକ୍ଷସଃ)

ରାକ୍ଷସଃ- (ଆତ୍ମଗତମ୍)

ମମ ବିମୃଶତଃ କାର୍ଯ୍ୟାରମ୍ଭେ ବିଧେରବିଧେୟତାଂ
ସହଜକୁଟିଳାଂ କୌଟିଲ୍ୟସ୍ୟ ପ୍ରଚିନ୍ତୟତୋ ମତିମ୍ ।
ଅଥ ଚ ବିହତେ ମତ୍କୃତ୍ୟାନାଂ ନିକାମମୁପଗ୍ରହେ
କଥମିଦମିହେତ୍ୟୁନ୍ନିଦ୍ରସ୍ୟ ପ୍ରଯାନ୍ତ୍ୟନିଶଂ ନିଶାଃ ।। ୨ ।।

ଅପି ଚ—

କାର୍ଯ୍ୟୋପକ୍ଷେପମାଦୌ ତନୁମପି ରଚୟଂସ୍ତସ୍ୟ ବିସ୍ତାରମିଚ୍ଛନ୍
ବୀଜାନାଂ ଗର୍ଭିତାନାଂ ଫଳମତିଗହନଂ ଗୂଢ଼ମୁଦ୍ଭେଦୟଂଶ୍ଚ ।
କୁର୍ବନ୍ ବୁଦ୍ଧ୍ୟା ବିମର୍ଶଂ ପ୍ରସୃତମପି ପୁନଃ ସଂହରନ୍ କାର୍ଯ୍ୟଜାତଂ
କର୍ତ୍ତା ବା ନାଟକାନାମିମମନୁଭବତି କ୍ଲେଶମସ୍ମଦ୍ବିଧୋ ବା ।। ୩ ।।

Digitized by PPRACHIN, SOA

ଚତୁର୍ଥ ଅଙ୍କ

(ପଥିକ ବେଶରେ ଏକ ବ୍ୟକ୍ତିର ପ୍ରବେଶ)

ବ୍ୟକ୍ତି– ଆଶ୍ଚର୍ଯ୍ୟ ! ଆଶ୍ଚର୍ଯ୍ୟ !!

ଅସ୍ଥାନକୁ ଯିବା ପାଇଁ ଯଦି ମାଲିକର ବଳବତ୍ତର ଆଜ୍ଞା ନଥିବ, ତେବେ ଶହେ ଯୋଜନରୁ ଅଧିକ ଦୂର କିଏ ଯାତାୟାତ କରିପାରିବ ? ୧

ଯାଏଁ, ଅମାତ୍ୟ ରାକ୍ଷସଙ୍କର ଗୃହରେ ପ୍ରବେଶ କରେଁ । (କ୍ଳାନ୍ତଭଳି କିଛିଦୂର ଯାଇ) କେହି ଦ୍ୱାରପାଳ ଏଠାରେ ଅଛନ୍ତି ? ତୁମର ମାଲିକ ଅମାତ୍ୟ ରାକ୍ଷସଙ୍କୁ ଜଣାଅ, ପାଟଳୀପୁତ୍ରରୁ କରଭକ ହସ୍ତୀଶାବକଭଳି ବ୍ୟଗ୍ର ହୋଇ ଆସିଛନ୍ତି ।

ଦ୍ୱାରପାଳ– (ପ୍ରବେଶ କରି) ଭଦ୍ର, ବଡ ପାଟିରେ କୁହନାହିଁ । କାର୍ଯ୍ୟଚିନ୍ତା-ଜନିତ ଅନିଦ୍ରାରେ ଅମାତ୍ୟଙ୍କର ଶିରଃପୀଡା ଜାତହୋଇଛି । ସେ ଅଦ୍ୟାପି ଶଯ୍ୟା ତ୍ୟାଗ କରି ନାହାଁନ୍ତି । ତେଣୁ ଟିକିଏ ଅପେକ୍ଷା କର । ଅବସର ଦେଖି ମୁଁ ତାଙ୍କୁ ତୁମର ଆଗମନ ସମ୍ବାଦ ଜଣାଇବି ।

ବ୍ୟକ୍ତି– ଭଦ୍ର ! ତୁମକୁ ଯାହା ଭଲ ଲାଗୁଛି ।

(ତା'ପରେ ଶୟନଗୃହଗତ ଚିନ୍ତିତ ରାକ୍ଷସ ଦେଖାଗଲେ । ପାଖରେ ଶକଟ ଦାସ ଆସୀନ)

ରାକ୍ଷସ– (ସ୍ୱଗତ) ମୋର ଯେ କୌଣସି କାର୍ଯ୍ୟର ଆରମ୍ଭରେ ବିଧାତା ଯେପରି ପ୍ରତିକୂଳ ହେଉନ୍ତି, ତାହା ବିଚାର କରି, କୌଟିଲ୍ୟର କୁଟିଳ ବୁଦ୍ଧି ବିଷୟ ଚିନ୍ତା-କରି, ମୋର ସମସ୍ତ କାର୍ଯ୍ୟ ନିଷ୍ଫଳ ହେଉଥିବା ହେତୁ "ଏହା ସବୁ କିପରି ଘଟିଯାଉଛି" ଭାବିଭାବି ମୋର ସମସ୍ତ ରାତି ଅନିଦ୍ରାରେ ବିତିଯାଉଛି ।

ଆଉ ମଧ୍ୟ–

ପ୍ରଥମେ କ୍ଷୁଦ୍ର ଆକାରରେ କାର୍ଯ୍ୟ ଯୋଜନାର ସୂତ୍ରପାତ କରି, ତାହା ପରେ ତାହାର ବିସ୍ତାର ଇଚ୍ଛା କରି, ତା'ପରେ ଅନ୍ତର୍ନିହିତ ସେହି ଯୋଜନାବୀଜଗୁଡ଼ିକର ଅତି ଗହନ ଗୂଢ ଫଳକୁ ପ୍ରକଟୋନ୍ମୁଖ କରି, ତା'ପରେ ବୁଦ୍ଧିବଳରେ ବିଚାରପୂର୍ବକ ବିସ୍ତାରିତ ଯୋଜନାଗୁଡ଼ିକୁ ଏକତ୍ର କରି, ମୋପରି ବ୍ୟକ୍ତି ଅତ୍ୟନ୍ତ କ୍ଳେଶ ଅନୁଭବ କରେ । ନାଟକକାରର ମଧ୍ୟ ଅବସ୍ଥା ଏହିଭଳି । ୩ *

---

* ନାଟକକାର ପ୍ରଥମେ ବିଷୟର ସୂତ୍ରପାତ କରନ୍ତି (ମୁଖସନ୍ଧି); ତା'ପରେ ତାହାକୁ ବିସ୍ତାର କରନ୍ତି (ପ୍ରତିମୁଖସନ୍ଧି); ତା'ପରେ ତାହାର ଅନ୍ତର୍ନିହିତ ପରିଣାମର ଟିକିଏ ସୂଚନା ଦିଅନ୍ତି (ଗର୍ଭସନ୍ଧି); ତା'ପରେ ଘଟଣାର ପରିଣାମ କ'ଣ ହେବ, ସେ ବିଷୟରେ ଦର୍ଶକମାନଙ୍କୁ ବିଚାର କରିବାକୁ ଦିଅନ୍ତି (ବିମର୍ଷ ସନ୍ଧି); ଏବଂ ସର୍ବ ଶେଷରେ ସମସ୍ତ ଘଟଣା ଏକତ୍ର କରି ନାଟକର ପରିସମାପ୍ତି କରନ୍ତି (ନିର୍ବହଣ ସନ୍ଧି) ।

Digitized by PPRACHIN, SOA

ତଦପି ନାମ ଦୁରାତ୍ମା ଗୃଣକ୍ୟବଚ୍ଛୂଃ—

ଦୌବାରକଃ- (ଉପସୃତ୍ୟ) ଜେଦୁ ଜେଦୁ (ଜୟତୁ ଜୟତୁ)—

ରାକ୍ଷସଃ- ଅତିସଂଧାତୁଂ ଶକ୍ୟଃ ସ୍ୟାତ୍—

ଦୌବାରକଃ- ଅମଚ୍ଚୋ (ଅମାତ୍ୟଃ)

ରାକ୍ଷସଃ- (ବାମାକ୍ଷିସ୍ପନ୍ଦନଂ ସୂଚୟିତ୍ୱା ଆତ୍ମଗତମ୍)

'ଦୁରାତ୍ମା ଗୃଣକ୍ୟବଚ୍ଛୂଃ ଜୟତୁ, ଅତିସଂଧାତୁଂ ଶକ୍ୟଃ ସ୍ୟାତ୍ ଅମାତ୍ୟଃ'

ଇତି ବାଗୀଶ୍ୱରୀ ବାମାକ୍ଷିସ୍ପନ୍ଦନେନ ପ୍ରସ୍ତାବଗତା ପ୍ରତିପାଦୟତି । ତଥାପି ନୋଦ୍ୟମସ୍ତ୍ୟାଜ୍ୟଃ । (ପ୍ରକାଶମ୍) ଭଦ୍ର ! କମପି ବକ୍ତୁକାମଃ ?

ଦୌବା- ଅମଚ୍ଚ ! ଏସୋ କ୍ଖୁ କରଭଓ ପାଡ଼ଳିପୁତ୍ତାଦୋ ଆଅଦୋ, ଇଚ୍ଛଦି ଅମଚ୍ଚଂ ପେକ୍ଖିଦୁଂ । (ଅମାତ୍ୟ ! ଏଷ ଖଳୁ କରଭକଃ ପାଟଳିପୁତ୍ରାଦ୍ ଆଗତଃ, ଇଚ୍ଛତି ଅମାତ୍ୟଂ ପ୍ରେକ୍ଷିତୁମ୍) ।

ରାକ୍ଷସଃ- ଅବାରିତଂ ପ୍ରବେଶୟ ଏନମ୍ ।

ଦୌବା- ଜଂ ଅମଚ୍ଚୋ ଆଣବେଦି । (ଇତି ନିଷ୍କ୍ରମ୍ୟ ପୁରୁଷମୁପସୃତ୍ୟ) ଭଦ୍ଦ ! ଏସୋ କ୍ଖୁ ଅମଚ୍ଚୋ ଚିଟ୍ଠଦି । ତା ଉପସପ୍ପ ଣଂ । (ଯଦ୍ ଅମାତ୍ୟଃ ଆଜ୍ଞାପୟତି । ଭଦ୍ର ! ଏଷ ଖଳୁ ଅମାତ୍ୟଃ ତିଷ୍ଠତି, ତତ୍ ଉପସର୍ପ ଏନମ୍ ।)

(ଇତି ନିଷ୍କ୍ରାନ୍ତୋ ଦୌବାରକଃ)

କରଭକଃ-(ରାକ୍ଷସମୁପସୃତ୍ୟ) ଜେଦୁ ଜେଦୁ ଅମଚ୍ଚୋ । (ଜୟତୁ ଜୟତୁ ଅମାତ୍ୟଃ)

ରାକ୍ଷସଃ- (ନାଟ୍ୟେନ ଅବଲୋକ୍ୟ) ଭଦ୍ର କରଭକ ! ସ୍ୱାଗତମ୍ । ଉପବିଶ୍ୟତାମ୍ ।

କରଭକଃ-(ଭୂମୌ ଉପବିଶତି) ଜଂ ଅମଚ୍ଚୋ ଆଣବେଦି । (ଯଦ୍ ଅମାତ୍ୟଃ ଆଜ୍ଞାପୟତି ।

ରାକ୍ଷସଃ- (ଆତ୍ମଗତମ୍) ଅପି କତମସ୍ମିନ୍ ପ୍ରୟୋଜନେ ମୟା ଅୟଂ ପ୍ରଣିଧିଃ ପ୍ରହିତଃ ଇତି ପ୍ରଭୂତତ୍ୱାତ୍ ପ୍ରୟୋଜନାନାଂ ନ ଖଳୁ ଅବଧାରୟାମି । (ଇତି ଚିନ୍ତାଂ ନାଟୟତି)

(ତତଃ ପ୍ରବିଶତି ବେତ୍ରପାଣିଃ ଅପରଃ ପୁରୁଷଃ)

ପୁରୁଷଃ- ଓସଲଧ ଅଜ୍ଜା ! ଓସଲଧ । ଅବେଧ ମାଣବ୍ୱେ ! ଅବେଧ । କିଂ ଣ ପେକ୍ଖଧ ? (ଅପସରତ ଆର୍ଯ୍ୟାଃ ! ଅପସରତ । ଅପେତ ମାନ୍ୟାଃ ! ଅପେତ । କିଂ ନ ପଶ୍ୟଥ ?)

ଦୂରେ ପଚ୍ଚାସତ୍ତୀ ଦଂସଣମବି ଦୁଲ୍ଲହଂ ଅଧଣ୍ଣେହିଂ
କଲ୍ଲାଣକୁଲହରାଣଂ ଦେବାଣଂ ଅ ମନୁସ୍ସଦେବାଣଂ ।
(ଦୂରେ ପ୍ରତ୍ୟାସତ୍ତିର୍ଦର୍ଶନମପି ଦୁର୍ଲଭମଧନୈ୍ୟଃ ।
କଲ୍ୟାଣକୁଳଧରାଣାଂ ଦେବାନାଞ୍ଚ ମନୁଷ୍ୟଦେବାନାମ୍ ॥ ୪ ॥

Digitized by PPRACHIN, SOA

କ'ଣ ସେହି ଦୁରମ୍ା ଚାଣକ୍ୟ——

ଦ୍ୱାରପାଳ—(ପ୍ରବେଶ କରି) ବିଜୟୀ ହୁଅନ୍ତୁ, ବିଜୟୀ ହୁଅନ୍ତୁ—

ରାକ୍ଷସ—ପ୍ରତାରିତ ହୋଇ ପାରିବ?

ଦ୍ୱାର—ଅମାତ୍ୟ ।

ରାକ୍ଷସ— (ବାମଚକ୍ଷୁ ସ୍ପନ୍ଦନର ସୂଚନା ଦେଇ ସ୍ୱଗତ) ପ୍ରକରଣଗତ ବାଗ୍‌ଦେବୀ ବାମଚକ୍ଷୁ,ସ୍ପନ୍ଦନଦ୍ୱାରା ପ୍ରତିପାଦନ କରୁଅଛନ୍ତି ଯେ, ଦୁରମ୍ା ଚାଣକ୍ୟ ବିଜୟୀ ହୁଅନ୍ତୁ ଏବଂ ରାକ୍ଷସ ପ୍ରତାରିତ ହେଉ । ତଥାପି ମୁଁ ଉଦ୍ୟମ ତ୍ୟାଗ କରିବି ନାହିଁ । (ପ୍ରକାଶ୍ୟରେ) ଭଦ୍ର, କ'ଣ କହିବାକୁ ଚାହଁ ?

ଦ୍ୱାର—ଅମାତ୍ୟ, କରଭକ ପାଟଳିପୁତ୍ରରୁ ଆସିଛନ୍ତି, ଆପଣଙ୍କ ଦର୍ଶନ ଚାହାଁନ୍ତି ।

ରାକ୍ଷସ—ଅବାରିତ ଭାବରେ ପ୍ରବେଶ କରାଅ ।

ଦ୍ୱାର— ଅମାତ୍ୟଙ୍କର ଯାହା ଆଜ୍ଞା । (ବ୍ୟକ୍ତି ନିକଟକୁ ଯାଇ) ଭଦ୍ର ! ଅମାତ୍ୟ ଅଛନ୍ତି, ତାଙ୍କ ନିକଟକୁ ଯାଆନ୍ତୁ ।

(ଦ୍ୱାରପାଳର ପ୍ରସ୍ଥାନ)

କରଭକ— [ରାକ୍ଷସଙ୍କ ନିକଟକୁ ଯାଇ] ବିଜୟୀ ହୁଅନ୍ତୁ, ବିଜୟୀ ହୁଅନ୍ତୁ ଅମାତ୍ୟ ।

ରାକ୍ଷସ—(ନାଟ୍ୟରେ ଚାହିଁ) ଭଦ୍ର କରଭକ ! ସ୍ୱାଗତ । ବସ ।

କରଭକ— ଯଥାଜ୍ଞା । [ଭୂମିରେ ବସିଲେ]

ରାକ୍ଷସ— (ସ୍ୱଗତ) କେଉଁ ପ୍ରୟୋଜନରେ ମୁଁ ଏହି ଚରକୁ ପଠାଇଥିଲି, ବହୁ ପ୍ରୟୋଜନ ଥିବା ହେତୁ ମୁଁ ଜାଣିପାରୁ ନାହିଁ । (ଚିନ୍ତା କରିବାର ଅଭିନୟ କଲେ ।)

(ବେତ୍ର ହସ୍ତେ ଅନ୍ୟ ଏକ ବ୍ୟକ୍ତିର ପ୍ରବେଶ)

ବ୍ୟକ୍ତି— ହେ ଭଦ୍ରବ୍ୟକ୍ତିଗଣ, ଅପସରିଯାଅ,ଅପସରି ଯାଅ । ହେ ମାନନୀୟଗଣ, ଆଡ଼ ହୋଇଯାଅ, ଆଡ଼ ହୋଇଯାଅ । ତୁମ୍ଭେମାନେ କଣ ଦେଖି ପାରୁନାହଁ ?

ଭାଗ୍ୟହୀନ ଲୋକଙ୍କ ପକ୍ଷରେ ସକଳକଲ୍ୟାଣପ୍ରଦ ଦେବତାମାନଙ୍କର ଦର୍ଶନ ଯେପରି ଦୁର୍ଲଭ, ନରରୂପୀ ଦେବତାମାନଙ୍କର (ରାଜାମାନଙ୍କର) ଦର୍ଶନ ମଧ୍ୟ ସେହିପରି ଦୁର୍ଲଭ । ସେମାନଙ୍କର ସାନ୍ନିଧ୍ୟ ଲାଭ କରିବା ତ ଦୂରର କଥା । ୪

Digitized by PPRACHIN, SOA

(ଆକାଶେ) ଅଜ୍ଜା ! କିଂ ଭଣଧ ? କିଂ ଣିମିତ୍ତଂ ଏସା ଓସାଲଣା କଲୀଅଦି ? ଅଜ୍ଜା ! ଏସୋ କ୍‌ଖୁ କୁମାଲେ ମଲୟକେଦୂ ସମୁପ୍‌ପଣ୍ଣସୀସ-ବେଅଣଂ ଅମଚ୍ଚରକ୍‌ଖସଂ ସୁଣିଅ ପେକ୍‌ଖିଦୁଂ ଇଦୋ ଜ୍ଜେବ ଆଅଚ୍ଛଦି । ଏଦିଣା କାଲଣେଣ ଓସଲଣା କରୀଅଦି । (ଆର୍ଯ୍ୟାଃ ! କିଂ ଭଣଥ ? କିଂ ନିମିତ୍ତଂ ଏଷା ଅପସାରଣା କ୍ରିୟତେ ? ଆର୍ଯ୍ୟ ! ଏଷ କୁମାରୋ ମଲୟ-କେତୁଃ ସମୁତ୍ପନ୍ନଶୀର୍ଷବେଦନମମାତ୍ୟଂ ରାକ୍ଷସଂ ଶ୍ରୁତ୍ୱା ପ୍ରେକ୍ଷିତୁମିତ ଏବ ଆଗଚ୍ଛତି । ଏତେନ କାରଣେନ ଅପସାରଣା କ୍ରିୟତେ ।)

(ଇତି ନିଷ୍କ୍ରାନ୍ତଃ ପୁରୁଷଃ)

(ତତଃ ପ୍ରବିଶତି ଭାଗୁରାୟଣେନ କଞ୍ଚୁକିନା ଚ ଅନୁଗମ୍ୟମାନୋ ମଲୟକେତୁଃ)

ମଲୟ- (ନିଃଶ୍ୱସ୍ୟ ଆତ୍ମଗତମ୍) ଅଦ୍ୟ ଦଶମୋ ମାସଃ ତାତସ୍ୟ ଉପରତସ୍ୟ । ନ ଚାସ୍ମାଭିର୍ବୃଥା ପୁରୁଷକାରମୁଦ୍ୱହଦ୍ଭିଃ ତମ୍ ଉଦ୍ଦିଶ୍ୟ ତୋୟାଞ୍ଜଳିଃ ଅପି ଆବର୍ଜିତଃ । ଅଥବା, ପ୍ରତିଜ୍ଞାତମେତତ୍ ପୁରସ୍ତାତ୍—

ବକ୍ଷସ୍ତାଡନଭିନ୍ନ ରତ୍ନବଲୟଂ ଭ୍ରଷ୍ଟୋତ୍ତରୀୟାଂଶୁକଂ
ହାହେତ୍ୟୁଚ୍ଚରିତାର୍ତ୍ତନାଦ କରୁଣଂ ଭୂରେଣୁରୂକ୍ଷାଲକମ୍ ।
ତାଦୃଙ୍‌ମାତୃଜନସ୍ୟ ଶୋକ ଜନିତଂ ସଂପ୍ରତ୍ୟବସ୍ଥାନ୍ତରଂ
ଶତ୍ରୁସ୍ତ୍ରୀଷୁ ମୟା ବିଧାୟ ଗୁରବେ ଦେୟୋ ନିବାପାଞ୍ଜଳିଃ ॥ ୫ ॥

ତତ୍ କିମିହ ବହୁନା ?

ଉଦ୍ୟଚ୍ଛତା ଧୁରମକାପୁରୁଷାନୁରୂପାଂ
ଗନ୍ତବ୍ୟମାଜିନିଧନେନ ପିତୁଃ ପଥା ବା ।
ଆଚ୍ଛିଦ୍ୟ ବା ସ୍ୱଜନନୀଜନଲୋଚନେଭ୍ୟୋ
ନେୟୋ ମୟା ରିପୁବଧୂନୟନାନି ବାଷ୍ପଃ ॥ ୬ ॥

(ପ୍ରକାଶମ୍) ଆର୍ଯ୍ୟ ଜାଜଲେ ! ଉଚ୍ୟନ୍ତାମ୍ ଅସ୍ମଦ୍ ଅନୁଯାୟିନୋ ରାଜାନଃ—ଏକଃ ଏବ ଅହମ୍ ଅମାତ୍ୟରାକ୍ଷସସ୍ୟ ଅତର୍କିତାଗମନେନ ପ୍ରୀତି-ମୁତ୍ପାଦୟିତୁମିଚ୍ଛାମି । ଅତଃ କୃତମନୁଗମନକ୍ଲେଶେନ ଇତି ।

କଞ୍ଚୁକୀ- ଯଦ୍ ଆଜ୍ଞାପୟତି କୁମାରଃ । (ପରିକ୍ରମ୍ୟ ଆକାଶେ) ଭୋ ଭୋ ରାଜାନଃ ! କୁମାରଃ ସମାଜ୍ଞାପୟତି—ନ ଖଲୁ ଅହଂ କେନଚିଦନୁଗନ୍ତବ୍ୟଃ ଇତି । (ବିଲୋକ୍ୟ ସହର୍ଷମ୍) କୁମାର ! କୁମାର !! ଏତେ ଭବଦାଜ୍ଞାସମନନ୍ତର ମେବ ପ୍ରତିନିବୃତ୍ତାଃ ସର୍ବେ ଏବ ରାଜାନଃ । ପଶ୍ୟତୁ କୁମାରଃ—

ସୋତ୍ସେଧୈଃ ସ୍କନ୍ଧଦେଶୈଃ ଖରତରକବିକାକର୍ଷଣାତ୍ୟର୍ଥଭୁଗ୍ନୈ
ରଶ୍ୱାଃ କୈଶ୍ଚିନ୍ନିରୁଦ୍ଧାଃ ଖମିବ ଖୁରପୁଟୈଃ ଖଣ୍ଡୟନ୍ତଃ ପୁରସ୍ତାତ୍ ।

Digitized by PPRACHIN, SOA

[ଶୂନ୍ୟକୁ ଚାହିଁ] ଭଦ୍ରବୃନ୍ଦ, କ'ଣ ପଚାରୁଛନ୍ତି ? ପଚାରୁଛନ୍ତି କାହିଁକି ଅପସାରଣ କରାଯାଉଛି ? ଶୁଣନ୍ତୁ । ଅମାତ୍ୟ ରାକ୍ଷସଙ୍କର ଶିରପୀଡା ହେଉ-ଥିବାର ଜାଣି କୁମାର ମଳୟକେତୁ ତାଙ୍କୁ ଦେଖିବାକୁ ଆସୁଛନ୍ତି । ଏଇଥିପାଇଁ ପଥରେ ଲୋକଙ୍କୁ ଅପସାରଣ କରାଯାଉଛି । [ଚାଲିଗଲା]

(ମଳୟକେତୁଙ୍କ ପ୍ରବେଶ । ପଛେ ପଛେ ଭାଗୁରାୟଣ ଓ କଞ୍ଚୁକୀ)

ମଳୟକେତୁ— (ଦୀର୍ଘଶ୍ୱାସ ପୂର୍ବକ ସ୍ୱଗତ) ପିତାଙ୍କ ମୃତ୍ୟୁର ଦଶମ ମାସ ହୋଇଗଲା । ଏପର୍ଯ୍ୟନ୍ତ ମୁଁ ବୃଥା ପୌରୁଷର ଗର୍ବ କରି ତାଙ୍କ ଉଦ୍ଦେଶ୍ୟରେ ଜଳ ଅଞ୍ଜଳିଏ ମଧ୍ୟ ଉତ୍ସର୍ଗ କରି ପାରିଲି ନାହିଁ । ହଁ, ମୁଁ ଏହି ପ୍ରତିଜ୍ଞା କରିଛି—

ମୋର ଜନନୀମାନେ ଯେପରି ହା ହା ଆର୍ତ୍ତନାଦ କରି କରୁଣ ଭବରେ ବିଳାପ କରୁଥିଲେ, ବକ୍ଷତାଡନବେଳେ ସେମାନଙ୍କ ରତ୍ନହାର ଯେପରି ଛିଣ୍ଡି-ପଡୁଥିଲା, ଉତ୍ତରୀୟ ବସନ ଯେପରି ରୁକ୍ଷ ହୋଇଯାଉଥିଲା, ସେହିପରି ଅବସ୍ଥା ମୁଁ ଆଗେ ଶତ୍ରୁ ସ୍ତ୍ରୀମାନଙ୍କଠାରେ ସୃଷ୍ଟି କରିବି ଏବଂ ତା'ପରେ ପିତାଙ୍କୁ ଶ୍ରାଦ୍ଧ ତର୍ପଣ ଅର୍ପଣ କରିବି । ୫

ବାହୁଲ୍ୟ ନିଷ୍ପ୍ରୟୋଜନ—

ବୀରୋଚିତ କାର୍ଯ୍ୟଭାର ବହନ କରି ମୁଁ ଯୁଦ୍ଧରେ ମରି ପିତାଙ୍କର ପଥ ଅନୁସରଣ କରିବି କିମ୍ବା ମୋର ଜନନୀମାନଙ୍କ ଚକ୍ଷୁରୁ ଅଶ୍ରୁ ପୋଛିନେଇ ଶତ୍ରୁ-ସ୍ତ୍ରୀମାନଙ୍କ ଚକ୍ଷୁରେ ଭରିଦେବି ।

(ପ୍ରକାଶ୍ୟରେ) ଆର୍ଯ୍ୟ ଜାଜଳି, ମୋର କଥାନୁସାରେ ଅନୁଚର ରାଜାମାନଙ୍କୁ କୁହ— ମୁଁ ପୂର୍ବରୁ ସୂଚନା ନ ଦେଇ, ଏକାକୀ ଯାଇ ଅମାତ୍ୟ ରାକ୍ଷସଙ୍କର ଆନନ୍ଦ ସୃଷ୍ଟି କରିବାକୁ ଚାହେଁ । ତେଣୁ ସେମାନେ ମୋର ଅନୁ-ଗମନ କରି କଷ୍ଟ ପାଇବା ଅନାବଶ୍ୟକ ।

କଞ୍ଚୁକୀ— କୁମାରଙ୍କର ଯାହା ଆଜ୍ଞା । (କିଛିଦୂର ଯାଇ ଶୂନ୍ୟକୁ ଚାହିଁ) ହେ ହେ ରାଜନ୍ୟବର୍ଗ ! କୁମାର ଆଜ୍ଞା ଦେଉଛନ୍ତି ଯେ, କେହି ତାଙ୍କର ଅନୁଗମନ କରିବା ଅନାବଶ୍ୟକ । (ନିରୀକ୍ଷଣ କରି ଆନନ୍ଦରେ) କୁମାରଙ୍କ ଆଜ୍ଞା ସଙ୍ଗେ ସଙ୍ଗେ ସମସ୍ତ ରାଜା ପ୍ରସ୍ଥାନ କଲେ । ଦେଖନ୍ତୁ କୁମାର—

କେତେକ ରାଜା ଅଶ୍ୱମାନଙ୍କୁ ନିବୃତ୍ତ କରି ରଖିଛନ୍ତି । ସେହି ଅଶ୍ୱ-ମାନଙ୍କର ସ୍କନ୍ଧଦେଶ, ରୁକ୍ଷ ଲଗାମ ଟାଣି ହୋଇ ରହିଥିବା ଫଳରେ ତଳକୁ ଅତ୍ୟନ୍ତ ନଇଁ ଆସିଛି । ତେଣୁ ସେମାନଙ୍କର ପୃଷ୍ଠଭାଗ ଉଚ୍ଚ ହୋଇଯାଇଛି । ସେମାନେ ଖୁରରେ ସତେ ଯେପରି ସମ୍ମୁଖବର୍ତ୍ତୀ ଶୂନ୍ୟକୁ ବିଦାରଣ କରୁଛନ୍ତି । ଆଉ କେତେକ ରାଜା ବିରାଟକାୟ ହସ୍ତୀମାନଙ୍କୁ ନିବୃତ୍ତ କରିଛନ୍ତି । ହସ୍ତୀ-ମାନଙ୍କର ଗତି ବନ୍ଦ ହୋଇଥିବାରୁ ସେମାନଙ୍କର ଘଣ୍ଟାଗୁଡ଼ିକ ନୀରବ ହୋଇ-

Digitized by PPRACHIN, SOA

କେଚନ୍ମାତଙ୍ଗମୁଖ୍ୟୈର୍ବିହ୍ୱତଜବତୟା ମୂକଘଣ୍ଟୈର୍ନିବୃତ୍ତା
ମର୍ଯ୍ୟାଦାଂ ଭୂମିପାଲା ଜଳଧୟ ଇବ ତେ ଦେବ ! ନୋଲ୍ଲଙ୍ଘୟନ୍ତି ॥ ୭ ॥

ମଲୟ- ଆର୍ଯ୍ୟ ଜାଜଲେ ! ତ୍ୱମପି ସପରିଜନୋ ନିବର୍ତ୍ତସ୍ୱ । ଭାଗୁରାୟଣ ଏକୋ ମାମନୁଗଚ୍ଛତୁ ।

କଞ୍ଚୁକୀ- ଯଦାଜ୍ଞାପୟତି କୁମାରଃ । (ଇତି ସପରିଜନୋ ନିଷ୍କ୍ରାନ୍ତଃ)

ମଲୟ- ସଖେ ଭାଗୁରାୟଣ ! ବିଜ୍ଞାପିତଃ ଅହମ୍ ଇହ ଆଗଚ୍ଛଦ୍‌ଭିର୍ଭଦ୍ରଭଟ ପ୍ରଭୃତିଭିଃ ଯଥା—ନ ବୟମ୍ ଅମାତ୍ୟ--ରାକ୍ଷସଦ୍ୱାରେଣ କୁମାରମ୍ ଆଶ୍ରୟଣୀୟମ୍ ଆଶ୍ରୟାମହେ । କିନ୍ତୁ କୁମାରସ୍ୟ ସେନାପତିଂ ଶିଖରସେନମ୍ ଉପରିକୃତ୍ୟ, ଦୁଷ୍ଟାମାତ୍ୟପରିଗୃହୀତାତ୍ ଚନ୍ଦ୍ରଗୁପ୍ତାଦ୍ ଅପରକ୍ତାଃ ସନ୍ତଃ କୁମାରଂ ଆଭି-ଗାମିକଗୁଣଯୋଗାଦ୍ ଆଶ୍ରୟଣୀୟମ୍ ଆଶ୍ରୟାମହେ ଇତି । ତନ୍ମୟା ସୁଚିରମପି ବିଚାରୟତା ତେଷାଂ ନ ବାକ୍ୟାର୍ଥୋଽଧିଗତଃ ।

ଭାଗୁ- କୁମାର ! ନାୟମତ୍ୟନ୍ତଦୁର୍ବୋଧୋଽର୍ଥଃ । ପଶ୍ୟ ବିଜିଗୀଷୁମାତ୍ମଗୁଣସମ୍ପନ୍ନଂ ପ୍ରିୟହିତଦ୍ୱାରେଣ ଆଶ୍ରୟେଦ୍ ଇତି ନନୁ ନ୍ୟାଯ୍ୟଃ ଏବ ଅୟମ୍ ।

ମଲୟ ସଖେ ଭାଗୁରାୟଣ ! ନନୁ ଅସ୍ମାକଂ ଅମାତ୍ୟରାକ୍ଷସଃ ପ୍ରିୟତମୋ ହିତତମଶ୍ଚ ।

ଭାଗୁ- କୁମାର ! ଏବ ମେତତ୍ । କିନ୍ତୁ ଅମାତ୍ୟରାକ୍ଷସଃ ଚାଣକ୍ୟେ ବଦ୍ଧବୈରଃ, ନ ତୁ ଚନ୍ଦ୍ରଗୁପ୍ତେ । ତଦ୍ ଯଦି କଦାଚିତ୍ ଚନ୍ଦ୍ରଗୁପ୍ତଃ ଚାଣକ୍ୟମ୍ ଅତିଜାତ-କାଶିନମ୍ ଅସହମାନଃ ସାଚିବ୍ୟାଦ୍ ଅବରୋପୟେତ୍, ତତଃ ନନ୍ଦକୁଳଭକ୍ତ୍ୟା ନନ୍ଦାନ୍ୱୟ ଏବାୟମିତିକୃତ୍ୱା ସୁହୃଜ୍ଜନାପେକ୍ଷୟା ଚ, ଅମାତ୍ୟରାକ୍ଷସଃ ଚନ୍ଦ୍ର-ଗୁପ୍ତେନ ସହ ସନ୍ଦଧୀତ । ଚନ୍ଦ୍ରଗୁପ୍ତଃ ଅପି ପିତୃପାରମ୍ପର୍ଯ୍ୟାଗତଃ ଏବାୟମିତି କୃତ୍ୱା ସନ୍ଧିମନୁମନ୍ୟେତ । ଏବଂ ସତି ଅସ୍ମାସୁ ଅପି କୁମାରେ ନ ବିଶ୍ୱସେତ ଇତି ଅୟମେଷାଂ ବାକ୍ୟାର୍ଥଃ ।

ମଲୟ- ଯୁଜ୍ୟତେ । ସଖେ ଭାଗୁରାୟଣ ! ଅମାତ୍ୟରାକ୍ଷସସ୍ୟ ଗୃହମାର୍ଗମାଦେଶୟ ।

ଭାଗୁ- ଇତ ଇତଃ କୁମାରଃ । (ଇତି ଉଭୌ ପରିକ୍ରାମତଃ) କୁମାର ! ଇଦମମାତ୍ୟ-ରାକ୍ଷସସ୍ୟ ଗୃହମ୍ । ପ୍ରବିଶତୁ କୁମାରଃ ।

ମଲୟ- ଏଷ ପ୍ରବିଶାମି । (ଇତି ଉଭୌ ପ୍ରବେଶନଂ ନାଟୟତଃ)

ରାକ୍ଷସଃ- (ଆତ୍ମଗତମ୍) ଆଃ ! ସ୍ମୃତମ୍ । (ପ୍ରକାଶମ୍) ଭଦ୍ର ! ଅପି ଦୃଷ୍ଟସ୍ତ୍ୱୟା କୁସୁମପୁରେ ବୈତାଳିକଃ ସ୍ତନକଳଶଃ ?

Digitized by PPRACHIN, SOA

ଯାଇଛି । ମଣିମା, ସମୁଦ୍ରମାନେ ବେଳାଲଙ୍ଘନ ନ କଲା ପରି ରାଜାମାନେ ଆପଣଙ୍କର ଆଜ୍ଞାକୁ ଲଙ୍ଘନ କରୁନାହାଁନ୍ତି । ୭

ମଳୟ– ଆର୍ଯ୍ୟ, ତୁମେ ମଧ୍ୟ ପରିଜନଙ୍କ ସହିତ ଫେରିଯାଅ । ଏକା ଭାଗୁରାୟଣ ମୋର ଅନୁଗମନ କରନ୍ତୁ ।

କଞ୍ଚୁକୀ– କୁମାରଙ୍କର ଯାହା ଆଜ୍ଞା । (ପରିଜନବର୍ଗଙ୍କ ସହିତ ପ୍ରସ୍ଥାନ କଲେ ।)

ମଳୟ–ବନ୍ଧୁ ଭାଗୁରାୟଣ,ଏଠାକୁ ଆସିଥିବା ଭଦ୍ରଭଟ ପ୍ରଭୃତି ମୋତେ ଜଣାଇଛନ୍ତି– "ଆପଣ ଆମର ଆଶ୍ରୟଦାତା,କିନ୍ତୁ ଆମେ ରାକ୍ଷସ ମାଧ୍ୟମରେ ଆପଣଙ୍କୁ ଆଶ୍ରୟ କରିନାହୁଁ । ଦୁଷ୍ଟ ଅମାତ୍ୟଦ୍ୱାରା ପରିଚାଳିତ ଚନ୍ଦ୍ରଗୁପ୍ତ ପ୍ରତି ଆମେ ବିରକ୍ତ ହୋଇଥିବାରୁ ଆପଣଙ୍କୁ ଆଶ୍ରୟ କରିଛୁଁ । ଆପଣ ସୁଗୁଣ ରାଶିର ଆଧାର ହୋଇ-ଥିବାରୁ ଆଶ୍ରୟସ୍ଥଳ ଅଟନ୍ତି ।" ମୁଁ ଦୀର୍ଘ ସମୟ ବିଚାର କରି ସେମାନଙ୍କର ଏହି ଉକ୍ତିର ଅର୍ଥ ବୁଝିପାରୁନାହିଁ ।

ଭାଗୁରାୟଣ– କୁମାର, ଏହାର ଅର୍ଥ ନିତାନ୍ତ ଦୁର୍ବୋଧ୍ୟ ନୁହେଁ । ବିଜିଗୀଷୁ ଆତ୍ମଗୁଣସମ୍ପନ୍ନ ବ୍ୟକ୍ତିଙ୍କୁ ତାଙ୍କର ହିତକାରୀ ପ୍ରିୟ ଲୋକମାନଙ୍କର ମାଧ୍ୟମରେ ଆଶ୍ରୟ କରାଯାଏ । ତେଣୁ ସେମାନଙ୍କ ଉକ୍ତିର ନ୍ୟାଯ୍ୟ ଅର୍ଥ ଅଛି ।

ମଳୟ–ମିତ୍ର ଭାଗୁରାୟଣ ! ଅମାତ୍ୟ ରାକ୍ଷସ ତ ଆମର ସବୁଠାରୁ ପ୍ରିୟ ତଥା ହିତକାରୀ ବ୍ୟକ୍ତି ଅଟନ୍ତି ।

ଭାଗୁ– ହଁ, ଠିକ୍ । କିନ୍ତୁ ଅମାତ୍ୟ ରାକ୍ଷସଙ୍କର ଚାଣକ୍ୟ ପ୍ରତି ହିଁ ତୀବ୍ର ଶତ୍ରୁତା, ଚନ୍ଦ୍ରଗୁପ୍ତ ପ୍ରତି ନୁହେଁ । ତେଣୁ ଯଦି କେବେ ଚନ୍ଦ୍ରଗୁପ୍ତ ଚାଣକ୍ୟର ଅତି ଔଦ୍ଧତ୍ୟ ସହି ନପାରି ତାକୁ ମନ୍ତ୍ରୀ ପଦରୁ ବିତାଡ଼ିତ କରେ, ତେବେ ରାକ୍ଷସ ନନ୍ଦକୁଳ-ପ୍ରତି ଅନୁରକ୍ତ ଥିବା ଯୋଗୁ 'ଚନ୍ଦ୍ରଗୁପ୍ତ ନନ୍ଦକୁଳସମ୍ଭୂତ' ଏହା ଭାବି ଆଉ ମଧ୍ୟ ନିଜର ବନ୍ଧୁମାନଙ୍କ ନିମନ୍ତେ ଉତ୍‌କଣ୍ଠିତ ଥିବା ଯୋଗୁଁ ଚନ୍ଦ୍ରଗୁପ୍ତ ସହିତ ସନ୍ଧି କରି ପାରନ୍ତି । ଚନ୍ଦ୍ରଗୁପ୍ତ ମଧ୍ୟ ରାକ୍ଷସଙ୍କୁ ନିଜର କୁଳକ୍ରମାଗତ ମନ୍ତ୍ରୀ ବୋଲି ଭାବି ସେହି ସନ୍ଧିକୁ ଅନୁମୋଦନ କରିପାରେ । ଏହା ହେଲେ କୁମାର ଭଦ୍ରଭଟ ପ୍ରଭୃତିଙ୍କୁ ବିଶ୍ୱାସ ନ କରିପାରନ୍ତି । ଏହା ହେଉଛି ସେମାନଙ୍କ କଥାର ଅର୍ଥ ।

ମଳୟ– ଠିକ୍ । ବନ୍ଧୁ ଭାଗୁରାୟଣ, ଅମାତ୍ୟଙ୍କ ଗୃହ ଅଭିମୁଖେ ଚାଲ ।

ଭାଗୁ– ଏଣେ ଆସନ୍ତୁ କୁମାର । (ଦୁହେଁ ଚାଲିଲେ)

ଭାଗୁ– ଏଇ ଅମାତ୍ୟଙ୍କ ଗୃହ । କୁମାର ପ୍ରବେଶ କରନ୍ତୁ ।

ମଳୟ– ଆଚ୍ଛା, ପ୍ରବେଶ କରୁଛି ।

ରାକ୍ଷସ– (ସ୍ୱଗତ) ଓ, ମନେ ପଡ଼ିଲା । (ପ୍ରକାଶ୍ୟରେ) ଭଦ୍ର, ତୁମେ ପାଟଳିପୁତ୍ରରେ ବୈତାଳିକ (ଭାଟ) ସ୍ତନକଳସଙ୍କୁ ଦେଖିଛ ?

Digitized by PPRACHIN, SOA

କରଭକଃ-ଅମଚ୍ଚ ! ଅଧ ଇଂ । (ଅମାତ୍ୟ ! ଅଥ କିମ୍ ।)

ମଳୟ- ସଖେ ଭାଗୁରାୟଣ ! କୁସୁମପୁରବୃତ୍ତାନ୍ତଃ ପ୍ରସ୍ତୂୟତେ । ତନ୍ନ ଉପସର୍ପାବଃ ।
ଶୃଣୁବସ୍ତାବତ୍ —

ସତ୍ତ୍ୱଭଙ୍ଗଭୟାଦ୍ରାଜ୍ଞାଂ କଥୟନ୍ତ୍ୟନ୍ୟଥା ପୁରଃ ।
ଅନ୍ୟଥା ବିବୃତାର୍ଥେଷୁ ସ୍ୱୈରାଳାପେଷୁ ମନ୍ତ୍ରିଣଃ ।। ୮ ।।

ଭାଗୁ- ଯଦାଜ୍ଞାପୟତି କୁମାରଃ ।

ରାକ୍ଷସଃ- ଭଦ୍ର ! ଅପି ତତ୍ କାର୍ଯ୍ୟଂ ସିଦ୍ଧମ୍ ?

କର- ଅମଚ୍ଚସ୍ସ ପସାଏଣ ସିଦ୍ଧଂ (ଅମାତ୍ୟସ୍ୟ ପ୍ରସାଦେନ ସିଦ୍ଧମ୍ ।)

ମଳୟ- ସଖେ ଭାଗୁରାୟଣ ! କିଂ ତତ୍ କାର୍ଯ୍ୟମ୍ ?

ଭାଗୁ- କୁମାର ! ଗହନଃ ଖଳୁ ସଚିବବୃତ୍ତାନ୍ତୋ ନୈତାବତା ପରିଚ୍ଛେତ୍ତୁଂ ଶକ୍ୟତେ । ଅବହିତସ୍ତାବତ୍ ଶୃଣୁ ।

ରାକ୍ଷସଃ- ଭଦ୍ର ! ବିସ୍ତରେଣ ଶ୍ରୋତୁମିଚ୍ଛାମି ।

କର- ସୁଣାଦୁ ଅମଚ୍ଚୋ । ଅତ୍ଥି ଦାବ ଅହଂ ଅମଚ୍ଚେଣ ଆଣତ୍ତୋ ଜଧା କରଭଅ ! କୁସୁମପୁରେ ଗଚ୍ଛିଅ ଭଣିଦବ୍ବୋ ମମ ବଅଣେଣ ତୁଏ ବେଆଳିଓ ତ୍ଥଣକଳସୋ ଜଧା- ଚାଣକ୍କହଦଏଣ ତେସୁଂ ତେସୁଂ ଅଣ୍ଣାଭଙ୍ଗେସୁଂ ଚନ୍ଦଉତ୍ତୋ ସମୁତ୍ତେଜଅଣସମତ୍ଥେହିଂ ସିଲୋଏହିଂ ଉବସିଲୋଅଇଦବ୍ବୋ ତ୍ତି । (ଶୃଣୋତୁ ଅମାତ୍ୟଃ । ଅସ୍ତି ତାବଦ୍ ଅହମ୍ ଅମାତ୍ୟେନ ଆଜ୍ଞପ୍ତୋ ଯଥା—କରଭକ ! କୁସୁମପୁରଂ ଗତ୍ୱା ମମ ବଚନେନ ତ୍ୱୟା ଭଣିତବ୍ୟୋ ବୈତାଳିକଃ ସ୍ତନକଳଶଃ ଯଥା-ଚାଣକ୍ୟ ହତକେନ ତେଷୁ ତେଷୁ ଆଜ୍ଞାଭଙ୍ଗେଷୁ ଅନୁଷ୍ଠୀୟମାନେଷୁ ଚନ୍ଦ୍ରଗୁପ୍ତଃ ସମୁତ୍ତେଜନସମର୍ଥୈଃ ଶ୍ଳୋକୈରୁପଶ୍ଳୋକୟିତବ୍ୟଃ ଇତି ।

ରାକ୍ଷସଃ- ତତସ୍ତତଃ ?

କର- ତଦୋ ମଏ ପାଡ଼ଳିଉତ୍ତଂ ଗଚ୍ଛିଅ ସୁଣାବିଦୋ ଅମଚ୍ଚସ୍ସ ସନ୍ଦେସଂ ବେଆଳିଓ ତ୍ଥଣକଳସୋ । (ତତୋ ମୟା ପାଟଳିପୁତ୍ରଂ ଗତ୍ୱା ଶ୍ରାବିତୋ ଅମାତ୍ୟସ୍ୟ ସନ୍ଦେଶଂ ବୈତାଳିକଃ ସ୍ତନକଳଶଃ ।)

ରାକ୍ଷସଃ- ତତସ୍ତତଃ ?

କର- ଏତ୍ଥନ୍ତରେ ଣନ୍ଦକୁଳବିଣାସଦୁମ୍ମଣସ୍ସ ପୋରଜଣସ୍ସ ତୋସଂ ସମୁପ୍ପାଅନ୍ତେଣ ଚନ୍ଦଉତ୍ତେଣ ଆଘୋସିଦୋ କୁସୁମଉରେ କୋମୁଦୀମହୋସ୍ସବୋ । ସୋ ଅ ଚିରଆଳପବ୍ବତ୍ତମାଣୋ ଜଣିଦପରିଓସୋ ଅହିମଦବନ୍ଧୁଜଣସମାଗମୋ ବିଅ ସସିଣେହଂ ବହୁମାଣିଦୋ ଣଅରଜଣେଣ । (ଅତ୍ରାନ୍ତରେ ନନ୍ଦକୁଳବିନାଶଦୁର୍ମନସଃ ପୌରଜନସ୍ୟ ପରିତୋଷଂ ସମୁତ୍ପାଦୟତା ଚନ୍ଦ୍ରଗୁପ୍ତେନ ଆଘୋଷିତଃ କୁସୁମପୁରେ କୌମୁଦୀମହୋତ୍ସବଃ । ସୋଽପି ଚିରକାଳପ୍ରବର୍ତ୍ତି

Digitized by PPRACHIN, SOA

କରଭକ– ହଁ ଅମାତ୍ୟ ।

ମଳୟ–(କାନ ଡେରି) ବନ୍ଧୁ ଭାଗୁରାୟଣ, ପାଟଳିପୁତ୍ର ବୃତ୍ତାନ୍ତ ପଡ଼ିଛି । ତା' ହେଲେ ଆମେ ପାଖକୁ ଯିବାନାହିଁ, ଶୁଣିବା । କାରଣ–

ରଜାମାନେ କାଳେ ଅସନ୍ତୁଷ୍ଟ ହୋଇଯିବେ, ଏଣୁ ମନ୍ତ୍ରୀମାନେ ସେମାନଙ୍କ ଆଗରେ ଗୋଟିଏ ପ୍ରକାର କଥା କହନ୍ତି ; କିନ୍ତୁ ଯାହା ସହିତ ସେମାନେ ସ୍ୱଚ୍ଛନ୍ଦ ତଥା ବିଶ୍ୱସ୍ତ ଭାବରେ ଆଳାପ କରନ୍ତି, ତା ନିକଟରେ ଆଉ ଏକ ପ୍ରକାରେ କହନ୍ତି । ୮ ।।

ଭାଗୁ– ଯଥାଜ୍ଞା କୁମାର ।

ରାକ୍ଷସ– ଭଦ୍ର, କଅଣ ସେହି କାର୍ଯ୍ୟ ସିଦ୍ଧ ହେଲା ?

ବ୍ୟକ୍ତି– ଅମାତ୍ୟଙ୍କ ପ୍ରସାଦରୁ ସିଦ୍ଧ ହେଲା ।

ମଳୟ– ମିତ୍ର ଭାଗୁରାୟଣ, ସେହି କାର୍ଯ୍ୟ କଅଣ ?

ଭାଗୁ– କୁମାର, ମନ୍ତ୍ରୀମାନଙ୍କ ବୃତ୍ତାନ୍ତ ଅତ୍ୟନ୍ତ ଗହନ । ଏତିକିରୁ ଜାଣି ହେଉ-ନାହିଁ । ତେଣୁ କୁମାର ଧ୍ୟାନ ଦେଇ ଶୁଣନ୍ତୁ ।

ରାକ୍ଷସ– ଭଦ୍ର, ବିସ୍ତୃତ ଭାବରେ ଶୁଣିବାକୁ ଚାହେଁ ।

ବ୍ୟକ୍ତି– ଶୁଣନ୍ତୁ ଅମାତ୍ୟ । ଆପଣ ମୋତେ ଆଦେଶ ଦେଇଥିଲେ– " କରଭକ, କୁସୁମପୁରକୁ ଯାଅ । ମୋ କଥାନୁସାରେ ବୈତାଳିକ ସ୍ତନକଳସଙ୍କୁ କୁହ ଯେ, ଯେତେବେଳେ ଦୁଷ୍ଟ ଚାଣକ୍ୟ ଚନ୍ଦ୍ରଗୁପ୍ତର ଆଜ୍ଞାଭଙ୍ଗ କରୁଥିବ, ସେ ଚନ୍ଦ୍ରଗୁପ୍ତକୁ ଉତ୍ତେଜିତ କଲା ଭଳି ଶ୍ଳୋକ ପଢ଼ି ତାହାର ସ୍ତୁତିଗାନ କରୁଥିବ । "

ରାକ୍ଷସ--ହଁ, ତା'ପରେ ?

କରଭକ– ତା'ପରେ ମୁଁ କୁସୁମପୁରକୁ ଯାଇ ବୈତାଳିକ ସ୍ତନକଳସଙ୍କୁ ଆପଣଙ୍କ ସମ୍ବାଦ ଦେଲି ।

ରାକ୍ଷସ– ତା'ପରେ ?

କରଭକ– ଏହା ମଧ୍ୟରେ ନନ୍ଦକୁଳ-ବିନାଶରେ ଦୁଃଖିତ ପୁରବାସୀମାନଙ୍କର ସନ୍ତୋଷ ବିଧାନ ନିମିତ୍ତ ରାଜା କୌମୁଦୀ ମହୋତ୍ସବ ହେବ ବୋଲି ଘୋଷଣା କରାଇଲେ । ସେହି ମହୋତ୍ସବଟି ବହୁ କାଳରୁ ଚଳି ଆସୁଥିବା ହେତୁ ଲୋକ-ମାନଙ୍କ ଦ୍ୱାରା ଅତ୍ୟନ୍ତ ଆଦୃତ । ତେଣୁ ସେମାନେ, ବହୁଦିନ ପରେ ପ୍ରିୟ ବନ୍ଧୁ ସହିତ ମିଳନକୁ ଯେପରି ସ୍ୱାଗତ କରାଯାଏ, କୌମୁଦୀ ମହୋତ୍ସବକୁ

Digitized by PPRACHIN, SOA

ମାନୋ ଜନନୟନଶୋଭାଃ ଅଭିମତବନ୍ଧୁଜନସମାଗମ ଇବ ସସ୍ନେହଂ ବହୁମାନ୍ୟତେ ନଗରଜନେନ ।)

ରାକ୍ଷସଃ- (ସବାଷ୍ପମ୍) ହା ଦେବ ! ନନ୍ଦ !

କୌମୁଦୀ କୁମୁଦାନନ୍ଦେ ଜଗଦାନନ୍ଦହେତୁନା ।
କୀଦୃଶୀ ସତି ଚନ୍ଦ୍ରେଽପି ନୃପଚନ୍ଦ୍ର ! ତ୍ୱୟା ବିନା ।। ୯ ।।

ଭଦ୍ର । ତତସ୍ତତଃ ?

କର- ଅମଚ୍ଚ । ତଦୋ ସୋ ଲୋଅଲୋଅଣାଣନ୍ଦଭୂଦୋ ଅଣିଚ୍ଛନ୍ତସ୍ସ ଜ୍ଜେବ ତସ୍ସ ଣିବାରିଦୋ ଚାଣକ୍କହଦଏଣ କୋମୁଦୀ ମହୋସବୋ । ଏତ୍ଥନ୍ତରେ ଥଣକଲସେଣ ପବଟ୍ଟିଦା ଚନ୍ଦଉତ୍ତସ୍ସ ସମୁତ୍ତେଅଣ--ସମତ୍ଥା ସିଲୋଅ-ପରିବାଡୀ । (ଅମାତ୍ୟ ! ତତଃ ସ ଲୋକଲୋଚନାନନ୍ଦଭୂତଃ ଅନିଚ୍ଛତଃ ଏବ ତସ୍ୟ ନିବାରିତଃ ଚାଣକ୍ୟହତକେନ କୌମୁଦୀ-ମହୋତ୍ସବଃ । ଅତ୍ରାନ୍ତରେ ସ୍ତନକଲଶେନ ପ୍ରବର୍ତ୍ତିତା ଚନ୍ଦ୍ରଗୁପ୍ତସ୍ୟ ସମୁତ୍ତେଜନସମର୍ଥା ଶ୍ଲୋକ-ପରିପାଟୀ !)

ରାକ୍ଷସଃ- କୀଦୃଶୀ ସା ?

କର- ('ସତ୍ତ୍ୱୋତ୍କର୍ଷସ୍ୟ' ଇତ୍ୟାଦି ତୃତୀୟେଽଙ୍କେ ୨୩ତମଂ ପୂର୍ବଶ୍ଲୋକଂ ପଠତି ।)

ରାକ୍ଷସଃ- (ସହର୍ଷମ୍) ସାଧୁ ସଖେ ସ୍ତନକଲଶ ! ସାଧୁ ! କାଲେ ଭେଦବୀଜମୁପ୍ତମ୍, ଅବଶ୍ୟମେବ ଫଲମୁପଦର୍ଶୟିଷ୍ୟତି । ଯତଃ—

ସଦ୍ୟଃ କ୍ରୀଡ଼ାରସଚ୍ଛେଦଂ ପ୍ରାକୃତୋଽପି ନ ମର୍ଷୟେତ୍ ।
କିମୁ ଲୋକାଧିକଂ ଧାମ ବିଭ୍ରାଣଃ ପୃଥିବୀପତିଃ ।। ୧୦ ।।

ମଲୟ- ଏବମେତତ୍ ।

ରାକ୍ଷସଃ- ତତସ୍ତତଃ ?

କର- ତଦୋ ଚନ୍ଦଉତ୍ତେଣ ଆଣ୍ଣାଭଙ୍ଗକଲୁସିଦହିଅଏଣ ସୁଇରଂ ଅମଚ୍ଚଗୁଣଂ ପସଂସିଅ ପରିବ୍ଭଂସିଦୋ ଅହିଆରାଦୋ ଚାଣକ୍କହଦଏ । (ତତଃ ଚନ୍ଦ୍ରଗୁପ୍ତେନ ଆଜ୍ଞାଭଙ୍ଗକଲୁଷିତହୃଦୟେନ ସୁଚିରମମାତ୍ୟଗୁଣଂ ପ୍ରଶସ୍ୟ ପ୍ରଭ୍ରଂଶିତଃ ଅଧିକାରାତ୍ ଚାଣକ୍ୟ ହତକଃ ।)

ମଲୟ- ସଖେ ଭାଗୁରାୟଣ ! ଗୁଣପ୍ରଶଂସୟା ଦର୍ଶିତଃ ଚନ୍ଦ୍ରଗୁପ୍ତେନ ରାକ୍ଷସେ ଭକ୍ତି-ପକ୍ଷପାତଃ ।

ଭାଗୁ- ନ ତଥା ଗୁଣପ୍ରଶଂସୟା, ଯଥା ଚାଣକ୍ୟବଟୋଃ ନିରାକରଣେନ ।

ରାକ୍ଷସଃ- ଭଦ୍ର ! କିମ୍ ଅୟମ୍ ଏବ ଏକଃ କୌମୁଦୀମହୋତ୍ସବପ୍ରତିଷେଧଃ ଚନ୍ଦ୍ରଗୁପ୍ତସ୍ୟ ଚାଣକ୍ୟଂ ପ୍ରତି କୋପକାରଣମ୍ ଉତ ଅନ୍ୟଦ୍ ଅପି ଅସ୍ତି ?

Digitized by PPRACHIN, SOA

ସେହିପରି ଅତ୍ୟନ୍ତ ଆଦରରେ ସ୍ୱାଗତ କଲେ ।

ରାକ୍ଷସ– (ବାଷ୍ପ ଗଦ୍‌ଗଦ କଣ୍ଠରେ) ହା ଦେବ ନନ୍ଦ !

ହେ ନୃପଚନ୍ଦ୍ର, ଆପଣ ଜଗତର ଆନନ୍ଦ ଦାୟକ । କୁମୁଦମାନଙ୍କର ଆନନ୍ଦଦାୟକ ଚନ୍ଦ୍ର ଥିଲେ ମଧ୍ୟ,ଆପଣଙ୍କ ବିନା କୌମୁଦୀ ମହୋତ୍ସବରେ କି ଆନନ୍ଦ ? ୯ ।।

ଭଦ୍ର ! ତା'ପରେ ?

କର– ତା' ପରେ ଖଳ ଚାଣକ୍ୟ ଲୋକ ଲୋଚନର ଆନନ୍ଦସ୍ୱରୂପ ସେହି ମହୋତ୍ସବକୁ ଚନ୍ଦ୍ରଗୁପ୍ତର ଇଚ୍ଛା ବିରୁଦ୍ଧରେ ବନ୍ଦ କରିଦେଲା । ଏହି ଅବସରରେ ସ୍ତନକଳସ ଚନ୍ଦ୍ରଗୁପ୍ତଙ୍କୁ ଉତ୍ତେଜିତ କଲା ଭଳି ଶ୍ଳୋକପରିପାଟୀ ଉପସ୍ଥାପିତ କଲେ ।

ରାକ୍ଷସ– କିଭଳି ଶ୍ଳୋକ ପରିପାଟୀ ?

କର– ('ଅଦ୍‌ଭୁତ ଶକ୍ତିଭଣ୍ଡାର' ଇତ୍ୟାଦି ପୂର୍ବୋକ୍ତ ଶ୍ଳୋକ ପାଠ କଲା ।)

ରାକ୍ଷସ– (ଆନନ୍ଦରେ) ସାଧୁ ! ସ୍ତନକଳସ ! ସାଧୁ ! ଉପଯୁକ୍ତ ସମୟରେ ବୁଣା ହୋଇଥିବା ଭେଦ-ବୀଜ ନିଶ୍ଚୟ ଫଳ ଦେବ । କାରଣ —

ସାମାନ୍ୟ ବ୍ୟକ୍ତି ମଧ୍ୟ କ୍ଷଣେ ପାଇଁ ନିଜର ସ୍ୱାଚ୍ଛନ୍ଦ୍ୟରେ ବାଧା ସହିପାରେ ନାହିଁ । ଅସାଧାରଣ ତେଜ ଧାରଣ କରିଥିବା ରାଜାଙ୍କ କଥା ବା କ'ଣ କହିବା ? ୧୦

ମଳୟ– ତାହା ଠିକ୍ ।

ରାକ୍ଷସ–ତା' ପରେ ? ତା'ପରେ ?

କର– ତା' ପରେ ଚନ୍ଦ୍ରଗୁପ୍ତ ନିଜର ଆଜ୍ଞା ଭଙ୍ଗରେ ଉତ୍ୟକ୍ତ ହୋଇ ଆପଣଙ୍କର ଗୁଣ ପ୍ରଶଂସା କରି ଖଳ ଚାଣକ୍ୟକୁ ମନ୍ତ୍ରୀପଦରୁ ବିତାଡ଼ିତ କଲା ।

ମଳୟ– ମିତ୍ର ଭଗୁରାୟଣ, ଗୁଣ ପ୍ରଶଂସା କରିବା ଦ୍ୱାରା ଚନ୍ଦ୍ରଗୁପ୍ତ ରାକ୍ଷସଙ୍କ ପ୍ରତି ଭକ୍ତିଭାବ ଦେଖାଇଲା ।

ଭଗୁ– ଗୁଣ ପ୍ରଶଂସା ଦ୍ୱାରା ସେତେ ନୁହେଁ, ଯେତେ କି ଖଳ ଚାଣକ୍ୟକୁ ବିତାଡ଼ିତ କରିବାଦ୍ୱାରା ।

ରାକ୍ଷସ– ଏଇ କୌମୁଦୀମହୋତ୍ସବପ୍ରତିଷେଧ ଚାଣକ୍ୟ ପ୍ରତି ଚନ୍ଦ୍ରଗୁପ୍ତର ଏକମାତ୍ର କୋପକାରଣ ନା ଆଉ କଅଣ ଅଛି ?

Digitized by PPRACHIN, SOA

ମଲୟ- ସଖେ ଭାଗୁରାୟଣ ! ଚନ୍ଦ୍ରଗୁପ୍ତସ୍ୟ ଅପରକୋପକାରଣାନ୍ୱେଷଣେ କିଂ ଫଲମ୍ ଏଷ ପଶ୍ୟତି ?

ଭାଗୁ- କୁମାର ! ଏତତ୍ ଫଲଂ ପଶ୍ୟତି—ଅତିମତିମାନ୍ ଚାଣକ୍ୟଃ ନିଷ୍ପ୍ରୟୋଜନମେବ କିମିତି ଚନ୍ଦ୍ରଗୁପ୍ତଂ କୋପୟିଷ୍ୟତି ? ନ ଚ କୃତବେଦୀ ଚନ୍ଦ୍ରଗୁପ୍ତ ଏତାବତା ଗୌରବମ୍ ଉଲ୍ଲଙ୍ଘୟିଷ୍ୟତି । ସର୍ବଥା ଚାଣକ୍ୟଚନ୍ଦ୍ରଗୁପ୍ତୟୋଃ ପୁଷ୍କଲାତ୍ କାରଣାତ୍ ଯୋ ବିଶ୍ଳେଷଃ ଉତ୍ପଦ୍ୟେତ, ସ ଆତ୍ୟନ୍ତିକୋ ଭବିଷ୍ୟତି ଇତି ।

କର- ଅମଚ୍ଚ ! ଅତ୍ଥି ଅଣ୍ଣଦପି ଚନ୍ଦଉତ୍ତସ୍ସ କୋବକାରଣଂ ଚାଣକ୍କେ । (ଅମାତ୍ୟ ! ଅସ୍ତି ଅନ୍ୟଦପି ଚନ୍ଦ୍ରଗୁପ୍ତସ୍ୟ କୋପକାରଣଂ ଚାଣକ୍ୟେ ।)

ରାକ୍ଷସଃ- କିଂ କିମ୍ ?

କର- ଜଧା ପଢମଂ ଦାବ ଉବେକ୍ଖିଦୋ ଅଣେଣ ଅବକ୍କମନ୍ତୋ କୁମାରୋ ମଲଅକେଦୂ ଅମଚ୍ଚୋ ରକ୍ଖସୋ ଅ । (ଯଥା ପ୍ରଥମଂ ତାବତ୍ ଉପେକ୍ଷିତଃ ଅନେନ ଅପକ୍ରାମନ୍ କୁମାରୋ ମଲୟକେତୁଃ ଅମାତ୍ୟରାକ୍ଷସଶ୍ଚ ।)

ରାକ୍ଷସଃ- (ସହର୍ଷମ୍) ସଖେ ! ଶକଟଦାସ ! ହସ୍ତତଲଗତୋ ମେ ଚନ୍ଦ୍ରଗୁପ୍ତୋ ଭବିଷ୍ୟତି । ଇଦାନୀଂ ଚନ୍ଦନଦାସସ୍ୟ ବନ୍ଧନାତ୍ ମୋକ୍ଷଃ, ତବ ଚ ପୁତ୍ରଦାରୈଃ ସହ ସମାଗମଃ, ଜୀବସିଦ୍ଧିପ୍ରଭୃତୀନାଂ କ୍ଲେଶଚ୍ଛେଦଃ ।

ମଲୟ- ସଖେ ଭାଗୁରାୟଣ ! 'ହସ୍ତତଲଗତୋ ମେ ସମ୍ପ୍ରତି ଚନ୍ଦ୍ରଗୁପ୍ତୋ ଭବିଷ୍ୟତି' ଇତି ବ୍ୟାହରତଃ କୋଽୟମ୍ ଅସ୍ୟାଭିପ୍ରାୟଃ ?

ଭାଗୁ- କିମନ୍ୟତ୍ ? ଚାଣକ୍ୟାତ୍ ଅପକୃଷ୍ଟସ୍ୟ ଚନ୍ଦ୍ରଗୁପ୍ତସ୍ୟ ଉଦ୍ଧରଣାତ୍ ନ କିଞ୍ଚିତ୍ କାର୍ଯ୍ୟମ୍ ଅବଶ୍ୟଂ ପଶ୍ୟତି ।

ରାକ୍ଷସଃ- ଭଦ୍ର ! ହୃତାଧିକାରଃ ସାଂପ୍ରତଂ କ୍ୱାସୌ ବଟୁଃ ?

କର- ତହିଂ ଜ୍ଜେବ ପାଡ଼ଲିପୁତ୍ତେ ପ୍ପଡ଼ିବସଦି । (ତସ୍ମିନ୍ନେବ ପାଟଳିପୁତ୍ରେ ପ୍ରତିବସତି ।)

ରାକ୍ଷସଃ- (ସାବେଗମ୍) ଭଦ୍ର ! ତତ୍ରୈବ ପ୍ରତିବସତି,ନ ତପୋବନଂ ଗତଃ, ପ୍ରତିଜ୍ଞାଂ ବା ନ ପୁନଃ ସମାରୂଢବାନ୍ ?

କର- ଅମଚ୍ଚ ! ତପୋବଣଂ ଗମିସ୍ସଦି ତ୍ତି ସୁଣିଅଦି । (ଅମାତ୍ୟ ! ତପୋବନଂ ଗମିଷ୍ୟତି ଇତି ଶ୍ରୂୟତେ ।)

ରାକ୍ଷସଃ- (ସାବେଗମ୍) ଶକଟଦାସ ! ନୈତଦୁପପଦ୍ୟତେ । ପଶ୍ୟ—

ଦେବସ୍ୟ ଯେନ ପୃଥିବୀତଲବାସବସ୍ୟ
ସ୍ୱାଗ୍ରାସନାପନୟଜା ନିକୃତିର୍ନ ସୋଢ଼ା ।
ସୋଽୟଂ ସ୍ୱୟଂକୃତନରାଧିପତେର୍ମନସ୍ୱୀ
ମୌର୍ଯ୍ୟାତ୍ କଥଂ ନୁ ପରିଭୂତିମିମାଂ ସହେତ ? ।। ୧୧ ।।

Digitized by PPRACHIN, SOA

ମଳୟ– ମିତ୍ର, ଚନ୍ଦ୍ରଗୁପ୍ତର ଅନ୍ୟ କୋପ–କାରଣ ଖୋଜିବାରେ ଏହାଙ୍କର କି ଲାଭ ?

ଭଗୁ– କୁମାର ! ବୁଦ୍ଧିମାନ୍ ଚାଣକ୍ୟ ବିନା ପ୍ରୟୋଜନରେ ଚନ୍ଦ୍ରଗୁପ୍ତଙ୍କୁ ରଗାଇବ ନାହିଁ । କୃତଜ୍ଞ ଚନ୍ଦ୍ରଗୁପ୍ତ ମଧ୍ୟ ଏତିକିରେ ତା'ର ମର୍ଯ୍ୟାଦା କ୍ଷୁଣ୍ଣ କରିବ ନାହିଁ । ତେଣୁ ରାକ୍ଷସ ଭାବନ୍ତି ଯେ, ଚାଣକ୍ୟ ଓ ଚନ୍ଦ୍ରଗୁପ୍ତଙ୍କ ମଧ୍ୟରେ ଅନେକ କାରଣରୁ ଯେଉଁ ଭେଦ ସୃଷ୍ଟି ହେବ, ତାହାହିଁ ସ୍ଥାୟୀ ହେବ ।

କର– ଚନ୍ଦ୍ରଗୁପ୍ତର ଚାଣକ୍ୟ ଉପରେ କୋପର ଅନ୍ୟ କାରଣ ମଧ୍ୟ ଅଛି ।

ରାକ୍ଷସ– କ'ଣ ? କ'ଣ ?

କର–ତାହା ହେଉଛି–ମଳୟକେତୁ ଓ ରାକ୍ଷସ ପଳାୟନ କଲେ; ଚାଣକ୍ୟ ସେମାନଙ୍କୁ ଧରିଲା ନାହିଁ ।

ରାକ୍ଷସ– ଶକଟଦାସ, ଏବେ ଚନ୍ଦ୍ରଗୁପ୍ତ ମୋର କରଗତ ହେବ । ଆଉ ମଧ୍ୟ ଚନ୍ଦନଦାସ ବନ୍ଧନରୁ ମୁକ୍ତି ପାଇବ । ତୁମର ସ୍ତ୍ରୀ,ପୁତ୍ରଙ୍କ ସହିତ ମିଳନ ହେବ ଏବଂ ଜୀବସିଦ୍ଧି ପ୍ରଭୃତିଙ୍କର ଦୁଃଖ ଯିବ ।

ମଳୟ–ମିତ୍ର ଭାଗୁରାୟଣ, "ଏବେ ଚନ୍ଦ୍ରଗୁପ୍ତ ମୋର କରଗତ ହେବ" ବୋଲି କହିବାର ଅଭିପ୍ରାୟ କ'ଣ ?

ଭଗୁ– ଅଭିପ୍ରାୟ ଆଉ କ'ଣ ? ଚନ୍ଦ୍ରଗୁପ୍ତ ଚାଣକ୍ୟଠାରୁ ପୃଥକ୍ ହୋଇଗଲେ ତାଙ୍କୁ (ଚନ୍ଦ୍ରଗୁପ୍ତଙ୍କୁ) ଉଚ୍ଛେଦ କରିବାରେ ଆଉ କୌଣସି ଆବଶ୍ୟକତା ଦେଖୁ-ନାହାଁନ୍ତି ।

ରାକ୍ଷସ ଭଦ୍ର, କ୍ଷମତାଚ୍ୟୁତ ହୋଇ ସେ ଦୁଷ୍ଟ ବର୍ତ୍ତମାନ କେଉଁଠି ଅଛି ?

କର– ସେହି କୁସୁମପୁରରେ ଅଛି ।

ରାକ୍ଷସ–ଭଦ୍ର, ସେହିଠାରେ ଅଛି ? ତପୋବନକୁ ଯାଇନାହିଁ ? କିମ୍ବା ପୁଣି ପ୍ରତିଜ୍ଞା କରିନାହିଁ ?

କର– ଅମାତ୍ୟ, ତପୋବନକୁ ଯିବ ବୋଲି ଶୁଣାଯାଉଛି ।

ରାକ୍ଷସ– ଶକଟଦାସ, ଏହା ଯୁକ୍ତିଯୁକ୍ତ ବୋଧ ହେଉନାହିଁ । ଦେଖ—

ଧରାତଳର ଇନ୍ଦ୍ର ମହାରାଜ ନନ୍ଦ ମର୍ଯ୍ୟାଦା-ଆସନରୁ ବହିଷ୍କାର କରିଦେବାରୁ ଯେ ସେହି ଅପମାନ ସହି ପାରିଲା ନାହିଁ, ସେହି ମାନୀ ଚାଣକ୍ୟ କିପରି ଚନ୍ଦ୍ର-ଗୁପ୍ତ ଠାରୁ ଏ ଅବଜ୍ଞା ସହି ନେବ ? ଯାହାକୁ କି ସେ ନିଜ ହାତରେ ରଜା କରାଇଛି । ।। ୧୧ ।।

Digitized by PPRACHIN, SOA

ମଲୟ- ସଖେ ଭାଗୁରାୟଣ ! ଚାଣକ୍ୟସ୍ୟ ତପୋବନ ଗମନେ ପୁନଃ ପ୍ରତିଜ୍ଞାରୋହଣେ ବା କୋଽସ୍ୟ ସ୍ୱାର୍ଥସିଦ୍ଧିଃ ?

ଭାଗୁ- କୁମାର ! ନାତ୍ୟନ୍ତଦୁର୍ବୋଧୋଽୟମର୍ଥଃ । ଯାବଦ୍ ଯାବଦ୍ ଚାଣକ୍ୟହତକଃ ଚନ୍ଦ୍ରଗୁପ୍ତାଦ୍ ଦୂରୀଭବତି, ତାବଦ୍ ତାବଦସ୍ୟ ସ୍ୱାର୍ଥସିଦ୍ଧିଃ ।

ଶକଟ- ଅମାତ୍ୟ ! ଅଲମତ୍ୟନ୍ତ ବିକଳ୍ପିତେନ, ଏତଦ୍ ଉପପଦ୍ୟତେ ଏବ । କୁତଃ ? ପଶ୍ୟତୁ ଅମାତ୍ୟଃ—

ରାଜ୍ଞଂ ଚୂଡାମଣୀନ୍ଦୁଦ୍ୟୁତିଖଚିତଶିଖେ ମୂର୍ଦ୍ଧ୍ନି ବିନ୍ୟସ୍ତପାଦଃ
ସ୍ୱୈରେବୋତ୍ପାଦ୍ୟମାନଂ କମିତି ବିଷହତେ ମୌର୍ଯ୍ୟ ଆଜ୍ଞାବିଘାତମ୍ ।
କୌଟିଲ୍ୟଃ କୋପନୋଽପି ସ୍ୱୟମଭିଚରଣଜ୍ଞାତଦୁଃଖପ୍ରତିଜ୍ଞୋ
ଦୈବାତ୍ ପୂର୍ଣ୍ଣପ୍ରତିଜ୍ଞଃ ପୁନରପି ନ କରୋତ୍ୟାୟତିଜ୍ୟାନଭୀତଃ ।। ୧୨

ରାକ୍ଷସଃ- ସଖେ ଶକଟଦାସ ! ଏବମେତତ୍, ତଦ୍ ଗଚ୍ଛ, ବିଶ୍ରାମୟ କରଭକମ୍ ।

ଶକଟ- ଯଦାଜ୍ଞାପୟତି ଅମାତ୍ୟଃ ! (ଇତି କରଭକେଣ ସହ ନିଷ୍କ୍ରାନ୍ତଃ)

ରାକ୍ଷସଃ- ଅହମପି କୁମାରଂ ଦ୍ରଷ୍ଟୁମିଚ୍ଛାମି ।

ମଲୟ- (ଉପସୃତ୍ୟ) ଅହମେବାର୍ଯ୍ୟଂ ଦ୍ରଷ୍ଟୁମାଗତଃ ।

ରାକ୍ଷସଃ- (ନାଟ୍ୟେନ ଅବଲୋକ୍ୟ) ଅୟେ ! କୁମାର ଏବ ଆଗତଃ ! (ଆସନାଦ୍ ଉତ୍ଥାୟ) ଇଦମାସନମ୍, ଉପବେଷ୍ଟୁମର୍ହତି କୁମାରଃ ।

ମଲୟ- ଅୟମୁପବିଶାମି । ଉପବିଶତୁ ଆର୍ଯ୍ୟଃ । (ଇତି ଉଭୌ ଯଥାସନମ୍ ଉପବିଷ୍ଟୌ) ଆର୍ଯ୍ୟ ! ଅପି ସହ୍ୟା ଶିରୋବେଦନା ?

ରାକ୍ଷସଃ- କୁମାରସ୍ୟ ଅଧିରାଜଶବ୍ଦେନ ଅତିରସ୍କୃତେ କୁମାରଶବ୍ଦେ କୁତଃ ଶିରୋବେଦନାୟାଃ ସହ୍ୟତା ?

ମଲୟ- ସ୍ୱୟଂ ଉରୀକୃତମେତଦ୍ ଆର୍ଯ୍ୟେଣ, ନ ଦୁଷ୍ପ୍ରାପଂ ଭବିଷ୍ୟତି । ତତ୍ କିୟନ୍ତଂ କାଳମସ୍ମାଭିଃ ଏବଂ ସଂଭୃତବଲୈଃ ଅପି ଶତ୍ରୁବ୍ୟସନମ୍ ଅପେକ୍ଷମାଣୈଃ ଉଦାସିତବ୍ୟମ୍ ?

ରାକ୍ଷସଃ- କୁମାର ! କୁତଃ ଅଦ୍ୟାପି କାଳହରଣସ୍ୟ ଅବକାଶଃ ? ପ୍ରତିଷ୍ଠସ୍ୱ ରିପୁଜୟାୟ ।

ମଲୟ- ଅମାତ୍ୟ ! ଅପି କଶ୍ଚିତ୍ ଶତ୍ରୁବ୍ୟସନମ୍ ଉପଲବ୍ଧମ୍ ?

ରାକ୍ଷସଃ- ବାଢ଼ମୁପଲବ୍ଧମ୍ ।

ମଲୟ- କୀଦୃଶମ୍ ?

ରାକ୍ଷସଃ- ସଚିବବ୍ୟସନମ୍ । କିମନ୍ୟତ୍ ? ଅପକୃଷ୍ଟଃ ଚାଣକ୍ୟାତ୍ ଚନ୍ଦ୍ରଗୁପ୍ତଃ ।

Digitized by PPRACHIN, SOA

ମଳୟ– ମିତ୍ର, ଗ୍ଣକ୍ୟର ବନକୁ ଯିବାରେ କିମ୍ବା ପୁଣି ପ୍ରତିଜ୍ଞା କରିବାରେ ଏହାଙ୍କର କି ସ୍ୱାର୍ଥ ସିଦ୍ଧି ହେବ ?

ଭଗୁ– ଏହା କୌଣସି ଦୁର୍ବୋଧ୍ୟ ବିଷୟ ନୁହେଁ । ଦୁଷ୍ଟ ଗ୍ଣକ୍ୟ ଚନ୍ଦ୍ରଗୁପ୍ତଠାରୁ ଯେତେ ଯେତେ ଦୂରେଇ ଯିବ, ଏହାଙ୍କର ସ୍ୱାର୍ଥ ସେତେ ସେତେ ସିଦ୍ଧ ହେବ ।

ଶକଟ– ଆଉ ଅନ୍ୟଥା ବିଗ୍ରିବାର ଅବକାଶ ନାହିଁ । ଏହା ଯୁକ୍ତିସଙ୍ଗତ ହେଉଛି । ଦେଖନ୍ତୁ ଅମାତ୍ୟ–

ଯେଉଁ ଚନ୍ଦ୍ରଗୁପ୍ତ ରଜାମାନଙ୍କର ଚନ୍ଦ୍ରତୁଲ୍ୟ-ମଣି ବିଭୂଷିତ ମସ୍ତକରେ ପଦ ନ୍ୟସ୍ତ କରେ, ତାର ନିଜର ସେବକବର୍ଗ ତାର ଆଜ୍ଞା ଲଙ୍ଘନ କରିବେ, ଏହା ସେ କିପରି ସହିବ ? ଗ୍ଣକ୍ୟ କ୍ରୋଧୀ ହେଲେ ମଧ୍ୟ ପ୍ରତିଜ୍ଞା ପୂର୍ଣ୍ଣ କରିବା କି କଷ୍ଟକର, ତାହା ଜାଣିଛି । ସେ ଦୈବାତ ଥରେ ପ୍ରତିଜ୍ଞା-ସାଗର ପାର ହୋଇଯାଇଛି । କାଳେ ସିଦ୍ଧି ନ ମିଳିବ, ଏହି ଭୟରେ ସେ ଆଉ ଥରେ ପ୍ରତିଜ୍ଞା କରିନାହିଁ ।

ରାକ୍ଷସ– ମିତ୍ର ଶକଟଦାସ, ତାହା ଠିକ୍ । ଯାଅ, କରଭକର ବିଶ୍ରାମ ବ୍ୟବସ୍ଥା କର ।

ଶକଟ– ହେଉ । (କରଭକଙ୍କସହିତ ପ୍ରସ୍ଥାନ କଲେ)

ରାକ୍ଷସ– ମୁଁ ମଧ୍ୟ କୁମାରଙ୍କୁ ଦେଖା କରିବାକୁ ଚାହେଁ ।

ମଳୟ– (ନିକଟକୁ ଯାଇ) ମୁଁ ନିଜେ ଆପଣଙ୍କୁ ଦେଖା କରିବାକୁ ଆସିଛି ।

ରାକ୍ଷସ– (ଦୃଷ୍ଟି ଦେଇ) କିଏ ? କୁମାର ! (ଆସନରୁ ଉଠିପଡି) ଏଇ ଆସନ, କୁମାର ବସନ୍ତୁ ।

ମଳୟ– ବସୁଛି । ଆପଣ ବସନ୍ତୁ । (ଉଭୟେ ଯଥାଯୋଗ୍ୟ ଆସନରେ ବସିଲେ ।) ଆର୍ଯ୍ୟ, ଶିରପୀଡା ଟିକିଏ କମିଲାଣି ?

ରାକ୍ଷସ– କୁମାର ! ଆପଣଙ୍କର 'କୁମାର' ଶବ୍ଦ ସ୍ଥାନରେ ଯେ ପର୍ଯ୍ୟନ୍ତ 'ସମ୍ରାଟ୍' ଶବ୍ଦ ନ ଲଗିଛି, ସେ ପର୍ଯ୍ୟନ୍ତ ମୋର ଶିରପୀଡ଼ା କମିବ କିପରି ?

ମଳୟ– ଏହା ଦୁଷ୍ପ୍ରାପ୍ୟ ହେବନାହିଁ । କାରଣ, ଆପଣ ଏହାର ଦାୟିତ୍ୱ ନେଇଛନ୍ତି । କିନ୍ତୁ କେତେକାଳ ଆମେ ବିରାଟ ସୈନ୍ୟବାହିନୀ ଘେନି କେବଳ ଶତ୍ରୁପକ୍ଷର ବିପଦକୁ ଅପେକ୍ଷା କରି ବସିରହିବା ?

ରାକ୍ଷସ– କୁମାର, ଆଉ ବିଳମ୍ବର ଅବକାଶ କାହିଁ ? ବିଜୟ ଅଭିଯାନ ଆରମ୍ଭ କର ।

ମଳୟ– ଆର୍ଯ୍ୟ, ଶତ୍ରୁପକ୍ଷର କୌଣସି ବିପଦର ସୂଚନା ମିଳିଲା ?

ରାକ୍ଷସ– ମିଳିଲା ।

ମଳୟ– କଅଣ ?

ରାକ୍ଷସ– ମନ୍ତ୍ରୀହାନି । ଆଉ କଅଣ? ଚନ୍ଦ୍ରଗୁପ୍ତ ଗ୍ଣକ୍ୟଠାରୁ ପୃଥକ୍ ହୋଇ ଯାଇଛି ।

Digitized by PPRACHIN, SOA

ମଲୟ- ଅମାତ୍ୟ ! ସଚିବବ୍ୟସନମେବ ।

ରାକ୍ଷସଃ- କୁମାର ! ଅନ୍ୟେଷାଂ ଭୂପତୀନାଂ କଦାଚିଦ୍ ଅମାତ୍ୟବ୍ୟସନମ୍ ଅବ୍ୟସନମପି ସ୍ୟାତ୍, ନ ପୁନଃ ଚନ୍ଦ୍ରଗୁପ୍ତସ୍ୟ ।

ମଲୟ- ଆର୍ଯ୍ୟ ! ନନୁ ବିଶେଷତଃ ଚନ୍ଦ୍ରଗୁପ୍ତସ୍ୟ ଇତି ।

ରାକ୍ଷସଃ- କିଂ କାରଣଂ ଯଦ୍ ଅମାତ୍ୟବ୍ୟସନମ୍ ଅବ୍ୟସନମ୍ ?

ମଲୟ- ଚନ୍ଦ୍ରଗୁପ୍ତପ୍ରକୃତୀନାଂ ହି ଚାଣକ୍ୟଦୋଷାଃ ଏବ ବିରାଗ ହେତବଃ । ତସ୍ମିନ୍ ନିରାକୃତେ ପ୍ରଥମମପି ଚନ୍ଦ୍ରଗୁପ୍ତାନୁରକ୍ତାଃ ପ୍ରକୃତୟଃ ଇଦାନୀଂ ପୁନଃ ସୁତରାମେବ ତସ୍ୟାନୁରାଗଂ ଦର୍ଶୟିଷ୍ୟନ୍ତି ।

ରାକ୍ଷସଃ- କୁମାର । ନୈତଦ୍ ଏବମ୍ । ଇହ ଦ୍ୱିପ୍ରକାରାଃ ପ୍ରକୃତୟଃ- ଚନ୍ଦ୍ରଗୁପ୍ତସହୋତ୍ଥାୟିନ୍ୟଃ ନନ୍ଦକୁଲାନୁରକ୍ତାଃ ଚ । ତତ୍ର ଚନ୍ଦ୍ରଗୁପ୍ତ-ସହୋତ୍ଥାୟିନୀନାଂ ପ୍ରକୃତୀନାଂ ଚାଣକ୍ୟଦୋଷାଃ ଏବ ବିରାଗହେତବଃ, ନ ନନ୍ଦକୁଲାନୁରକ୍ତାନାମ୍ । ତାସ୍ତୁ ଖଳୁ ନନ୍ଦକୁଲମନେନ ପିତୃକୁଳଭୂତଂ କୃତ୍ସ୍ନଂ କୃତଘ୍ନେନ ଘାତିତମିତି ଅପରାଗାମର୍ଷାଭ୍ୟାଂ ବିପ୍ରକୃତାଃ ସତ୍ୟଃ ସ୍ୱାଶ୍ରୟମଲଭମାନାଃ ଚନ୍ଦ୍ରଗୁପ୍ତମେବ ଅନୁବର୍ତ୍ତନ୍ତେ । ତ୍ୱାଦୃଶଂ ପୁନଃ ପ୍ରତିପକ୍ଷୋଦ୍ଧରଣେ ସମ୍ଭାବିତ-ଶକ୍ତିମ୍ ଅଭିଯୋକ୍ତାରମାସାଦ୍ୟ କ୍ଷିପ୍ରମେନଂ ପରିତ୍ୟଜ୍ୟ ତ୍ୱାମେବ ଆଶ୍ରୟିଷ୍ୟନ୍ତେ ଇତି । ଅତ୍ର କୁମାରସ୍ୟ ବୟମେବ ନିଦର୍ଶନମ୍ ।

ମଲୟ- ଅମାତ୍ୟ ! କିମ୍ ଏତଦେବ ଏକଂ ସଚିବବ୍ୟସନମ୍ ଅଭିଯୋଗକାରଣଂ ଚନ୍ଦ୍ରଗୁପ୍ତସ୍ୟ ? ଆହୋସ୍ୱିତ୍ ଅନ୍ୟଦପି ଅସ୍ତି ?

ରାକ୍ଷସଃ- କୁମାର ! କିମନ୍ୟୈଃ ବହୁଭିରପି ? ଏତଦ୍ଧି ତତ୍ର ପ୍ରଧାନମ୍ ।

ମଲୟ- ଅମାତ୍ୟ ! କଥଂ ପ୍ରଧାନତମଂ ନାମ ? କିମିଦାନୀଂ ଚନ୍ଦ୍ରଗୁପ୍ତଃ ସ୍ୱକାର୍ଯ୍ୟ-ଧୁରାମ୍ ଅନ୍ୟତ୍ର ମନ୍ତ୍ରିଣି ଆତ୍ମନି ବା ସମାଧାୟ ପ୍ରତିବିଧାତୁମସମର୍ଥଃ ସ୍ୟାତ୍ ?

ରାକ୍ଷସଃ- ବାଢମ୍, ଅସମର୍ଥଃ ଏବ ।

ମଲୟ- କିଂ କାରଣମ୍ ?

ରାକ୍ଷସଃ- ସ୍ୱାୟତ୍ତସିଦ୍ଧିଷୁ ଉଭୟାୟତ୍ତସିଦ୍ଧିଷୁ ବା ଭୂମିପାଳେଷୁ କଦାଚିଦ୍ ଏତତ୍ ସମ୍ଭବେତ୍, ନ ତୁ ଚନ୍ଦ୍ରଗୁପ୍ତେ । ଚନ୍ଦ୍ରଗୁପ୍ତସ୍ତୁ ଦୁରାତ୍ମା, ନିତ୍ୟ ସଚିବାୟତ୍ତସିଦ୍ଧୌ ଏବ ଅବସ୍ଥିତଃ ଚକ୍ଷୁର୍ବିକଳ ଇବ ଅପ୍ରତ୍ୟକ୍ଷଲୋକବ୍ୟବହାରଃ କଥମିବ ସ୍ୱୟଂ ପ୍ରତି-ବିଧାତୁଂ ସମର୍ଥଃ ସ୍ୟାତ୍ ? କୁତଃ—

ଅତ୍ୟୁଚ୍ଛ୍ରିତେ ମନ୍ତ୍ରିଣି ପାର୍ଥିବେ ଚ ବିଷ୍ଟଭ୍ୟ ପଦାବୁପତିଷ୍ଠତେ ଶ୍ରୀଃ ।
ସା ସ୍ତ୍ରୀସ୍ୱଭାବାଦସହା ଭରସ୍ୟ ତୟୋର୍ଦ୍ୱୟୋରେକତରଂ ଜହାତି ॥ ୧୩ ॥

Digitized by PPRACHIN, SOA

ମଳୟ– କେବଳ ମନ୍ତ୍ରୀହାନି ?

ରାକ୍ଷସ- ଅନ୍ୟ ରାଜାଙ୍କ ପକ୍ଷରେ ହୁଏତ ମନ୍ତ୍ରୀହାନି କୌଣସି ହାନି ନୁହେଁ । କିନ୍ତୁ ଚନ୍ଦ୍ରଗୁପ୍ତ ପକ୍ଷରେ ଏହା ଏକ ବଡ ହାନି ।

ମଳୟ- ଚନ୍ଦ୍ରଗୁପ୍ତ ପକ୍ଷରେ ଏହା ଆଦୌ ହାନି ନୁହେଁ ।

ରାକ୍ଷସ– କେଉଁ କାରଣରୁ ?

ମଳୟ-ଚାଣକ୍ୟର ଦୁର୍ଗୁଣହିଁ ଚନ୍ଦ୍ରଗୁପ୍ତ-ପ୍ରଜାମାନଙ୍କର ବିରକ୍ତିର କାରଣ । ଚାଣକ୍ୟ ବିତାଡ଼ିତ ହେଲେ ଚନ୍ଦ୍ରଗୁପ୍ତ ପ୍ରତି ପୂର୍ବରୁ ଅନୁରକ୍ତ ଥିବା ପ୍ରଜାମାନେ ତା' ପ୍ରତି ଆହୁରି ଅଧିକ ଅନୁରକ୍ତି ପ୍ରଦର୍ଶନ କରିବେ ।

ରାକ୍ଷସ ନା, ନା, ଏହା ଠିକ୍ ନୁହେଁ । ପ୍ରଜା ଦୁଇପ୍ରକାର ଅଛନ୍ତି–

ଚନ୍ଦ୍ରଗୁପ୍ତ ପ୍ରତି ଅନୁରକ୍ତ ଏବଂ ନନ୍ଦଙ୍କ ପ୍ରତି ଅନୁରକ୍ତ । ଚାଣକ୍ୟର ଦୁର୍ଗୁଣ ଚନ୍ଦ୍ରଗୁପ୍ତପ୍ରତି ଅନୁରକ୍ତ ପ୍ରଜାମାନଙ୍କର ବିରକ୍ତିର ହେତୁ, ନନ୍ଦକୁଳାନୁରକ୍ତ ପ୍ରଜାମାନଙ୍କର ନୁହେଁ । ନନ୍ଦକୁଳାନୁରକ୍ତ ପ୍ରଜାମାନେ, ଚନ୍ଦ୍ରଗୁପ୍ତ ନିଜ ପିତୃକୁଳ ନନ୍ଦବଂଶକୁ ଧ୍ୱଂସ କଲାବେଳି ବିରକ୍ତି ଓ କ୍ରୋଧରେ ବିମୁଖ ହେଲେହେଁ, କୌଣସି ଆଶ୍ରୟ ନ ପାଇ ଚନ୍ଦ୍ରଗୁପ୍ତକୁହିଁ ଆଶ୍ରୟ କରିଛନ୍ତି । ଆପଣଙ୍କ ଭଳି ଶତ୍ରୁକୁଳ ଉନ୍ମୂଳ କରିବାକୁ ସମର୍ଥ ଆକ୍ରମଣକାରୀଙ୍କୁ ପାଇଲେ ସେମାନେ ଅଚିରେ ତାକୁ ପରିତ୍ୟାଗ କରି ଆପଣଙ୍କୁ ହିଁ ଆଶ୍ରୟ କରିବେ । ଏ ବିଷୟରେ ମୁଁ ହିଁ ଦୃଷ୍ଟାନ୍ତ ।

ମଳୟ ଆର୍ଯ୍ୟ, ଆମେ ଯେ ଚନ୍ଦ୍ରଗୁପ୍ତକୁ ଆକ୍ରମଣ କରିବା, ତାର କାରଣ ଚନ୍ଦ୍ରଗୁପ୍ତର ଏଇ ଏକମାତ୍ର ମନ୍ତ୍ରୀ ସମ୍ବନ୍ଧୀୟ କ୍ଷତି ନା ଆଉ କଅଣ କାରଣ ଅଛି ?

ରାକ୍ଷସ– ଆଉ ବହୁତ କାରଣରେ ପ୍ରୟୋଜନ କଅଣ ? ଏହାହିଁ ସବୁଠାରୁ ପ୍ରଧାନ ।

ମଳୟ– ଆର୍ଯ୍ୟ, କିପରି ସବୁଠାରୁ ପ୍ରଧାନ ? ବର୍ତ୍ତମାନ କ'ଣ ଚନ୍ଦ୍ରଗୁପ୍ତ ଅନ୍ୟ ମନ୍ତ୍ରୀଙ୍କ ଉପରେ ବା ନିଜ ଉପରେ କାର୍ଯ୍ୟଭାର ନ୍ୟସ୍ତକରି ଆମର ପ୍ରତିରୋଧ କରିବାକୁ ଅସମର୍ଥ ?

ରାକ୍ଷସ– ନିଶ୍ଚୟ ଅସମର୍ଥ ।

ମଳୟ– କେଉଁ କାରଣରୁ ?

ରାକ୍ଷସ– କାରଣ, ଯେଉଁ ରାଜାମାନେ ନିଜ କାମ ନିଜେ ବୁଝନ୍ତି, ସେମାନଙ୍କ ପକ୍ଷରେ ତାହା ସମ୍ଭବ । କିନ୍ତୁ ଦୁରାତ୍ମା ଚନ୍ଦ୍ରଗୁପ୍ତ ସର୍ବଦା ଅମାତ୍ୟ ଉପରେ ନିର୍ଭରଶୀଳ ଥିବାରୁ ଅନ୍ଧପରି ସଂସାର ପରିସ୍ଥିତି ଦେଖିପାରେ ନାହିଁ । ତେଣୁ ସେ କିପରି ନିଜେ ପ୍ରତିକାର କରିବାକୁ ସମର୍ଥ ହେବ ?

ରାଜଲକ୍ଷ୍ମୀ ଶକ୍ତିଶାଳୀ ରାଜା ଓ ଶକ୍ତିଶାଳୀ ମନ୍ତ୍ରୀଙ୍କ ଉପରେ ପାଦରଖି ଠିଆହୁଏ । କିନ୍ତୁ ସ୍ତ୍ରୀସ୍ୱଭାବ ହେତୁ ସେ ଭର ସହି ନପାରି ଉଭୟଙ୍କ ମଧ୍ୟରୁ ଜଣକୁ ପରିତ୍ୟାଗ କରେ । ୧୩ ॥

Digitized by PPRACHIN, SOA

ଅପି ଚ—

ନୃପୋଽପକୃଷ୍ଟଃ ସଚିବାତ୍ତଦର୍ପଣଃ
ସ୍ତନନ୍ଧୟୋଽତ୍ୟନ୍ତ ଶିଶୁଃ ସ୍ତନାଦିବ ।
ଅଦୃଷ୍ଟଲୋକ ବ୍ୟବହାର ମନ୍ଦଧୀ
ର୍ମୁହୂର୍ତ୍ତମପ୍ୟୁତ୍ସହତେ ନ ବର୍ତ୍ତିତୁମ୍ ।। ୧୪ ।।

ମଳୟ- (ଆତ୍ମଗତମ୍) ଦିଷ୍ଟ୍ୟା ନ ସଚିବାୟତ୍ତତନ୍ତ୍ରୋଽସି । (ପ୍ରକାଶମ୍) ଅମାତ୍ୟ ! ଯଦ୍ୟପି ଏବଂ, ତଥାପି ଖଲୁ ବହୁଷୁ ଅଭିଯୋଗକାରଣେଷୁ ସତ୍ସୁ ସଚିବବ୍ୟସନମଭ୍ୟୁତ୍ଥାନସ୍ୟ ଶତ୍ରୁମଭିଯୋକ୍ତୁଃ ନୈକାନ୍ତିକୀ ସିଦ୍ଧିର୍ଭବତି ।

ରାକ୍ଷସଃ- ଐକାନ୍ତିକୀମେବ ସିଦ୍ଧିମବଗନ୍ତୁମର୍ହତି କୁମାରଃ । କୁତଃ ?—

ତ୍ୱୟ୍ୟୁତ୍କୃଷ୍ଟବଲେଽଭିଯୋକ୍ତରି ନୃପେ ନନ୍ଦାନୁରକ୍ତେ ପୁରେ
ଚାଣକ୍ୟେ ଚଳିତାଧିକାରବିମୁଖେ ମୌର୍ଯ୍ୟେ ନବେ ରାଜନି ।
ସ୍ୱାଧୀନେ ମୟି (ଇତି ଅର୍ଦ୍ଧୋକ୍ତେ ଲଜ୍ଜାଂ ନାଟୟନ୍)
ମାର୍ଗମାତ୍ରକଥନବ୍ୟାପାରଯୋଗୋଦ୍ୟମେ
ତ୍ୱଦ୍ୱାଞ୍ଛାନ୍ତରିତାନି ସମ୍ପ୍ରତି ବିଭୋ ! ତିଷ୍ଠନ୍ତି ସାଧ୍ୟାନି ନଃ ।। ୧୫ ।।

ମଳୟ- ଅମାତ୍ୟ ! ଯଦି ଏବମ୍ ଅଭିଯୋଗକାଳଂ ଅମାତ୍ୟଃ ପଶ୍ୟତି, ତତ୍ କିମ୍ ଆସ୍ୟତେ ? ପଶ୍ୟ—

ଉତ୍ତୁଙ୍ଗାସ୍ତୁଙ୍ଗକୂଲଂ ସ୍ରୁତମଦସଲିଲାଃ ପ୍ରସ୍ୟନ୍ଦିସଲିଲଂ
ଶ୍ୟାମାଃ ଶ୍ୟାମୋପକଣ୍ଠଦ୍ରୁମମଲିମୁଖରାଃ କଲ୍ଲୋଲମୁଖରମ୍ ।
ସ୍ରୋତଃଖାତାବସୀଦତ୍ତଟମୁରୁଦଶନୈରୁତ୍ସାଦିତତଟାଃ
ଶୋଣଂ ସିନ୍ଦୂରଶୋଣା ମମ ଗଜପତୟଃ ପାସ୍ୟନ୍ତି ଶତଶଃ । ୧୬ ।।

ଅପି ଚ—

ଗମ୍ଭୀରଗର୍ଜିତରବାଃ ସ୍ୱମଦାମ୍ବୁମିଶ୍ର
ମାସାରବର୍ଷମିବ ଶୀକରମୁଦ୍ଗିରନ୍ତ୍ୟଃ ।
ବିନ୍ଧ୍ୟଂ ବିକୀର୍ଣ୍ଣସଲିଲା ଇବ ମେଘମାଲା
ରୁନ୍ଧନ୍ତୁ ବାରଣଘଟା ନଗରଂ ମଦୀୟାଃ ।। ୧୭ ।।

(ଇତି ଭାଗୁରାୟଣେନ ସହ ନିଷ୍କ୍ରାନ୍ତୋ ମଳୟକେତୁଃ)

Digitized by PPRACHIN, SOA

ଆଉ ମଧ୍ୟ—

ଯେଉଁ ରଜା ସବୁ ବିଷୟ ମନ୍ତ୍ରୀ ଉପରେ ନ୍ୟସ୍ତ କରିଥାଆନ୍ତି, ସେ ଯଦି ସେହି ମନ୍ତ୍ରୀଙ୍କଠାରୁ ପୃଥକ୍ ହୋଇଯା'ନ୍ତି, ତାହାହେଲେ ସ୍ତନ୍ୟପାୟୀ ଶିଶୁ ମାତୃସ୍ତନ୍ୟରୁ ବଞ୍ଚିତ ହେଲାଭଳି ସେ କୌଣସି କାର୍ଯ୍ୟ କରିବାକୁ ସମର୍ଥ ହୁଅନ୍ତି ନାହିଁ । କାରଣ, ସଂସାର ବିଷୟରେ ତାଙ୍କର ଅନୁଭୂତି ନ ଥିବାରୁ ତାଙ୍କ ବୁଦ୍ଧିର ବିକାଶ ହୋଇ ନ ଥାଏ । ୧୪ ।।

ମଳୟ— (ସ୍ୱଗତ) ସୌଭାଗ୍ୟକୁ ମୁଁ ମନ୍ତ୍ରୀ ଉପରେ ନିର୍ଭରଶୀଳ ନୁହେଁ । (ପ୍ରକାଶ୍ୟରେ) ଯଦ୍ୟପି ଏଭଳି, ତଥାପି ଶତ୍ରୁପକ୍ଷକୁ ଆକ୍ରମଣ କରିବାର ବହୁ କାରଣ ଥାଉଁ ଥାଉଁ ଯେ କେବଳ ମନ୍ତ୍ରୀ - ହାନିରୂପକ ବିପଦ ଦେଖି ଆକ୍ରମଣ କରେ, ତାକୁ ନିଶ୍ଚିତ ସିଦ୍ଧି ମିଳିନପାରେ ।

ରାକ୍ଷସ— କୁମାର, ନିଶ୍ଚୟ କାର୍ଯ୍ୟସିଦ୍ଧି ମିଳିବ ବୋଲି ଜାଣି ରଖନ୍ତୁ । କାରଣ— ହେ କୁମାର, ଯେହେତୁ ସୁଦକ୍ଷ ସୈନ୍ୟବାହିନୀ ଘେନି ଆପଣ ବଳିଷ୍ଠ ଆକ୍ରମଣକାରୀ,ପୁରବାସୀମାନେ ନନ୍ଦଙ୍କପ୍ରତି ଅନୁରକ୍ତ , କ୍ଷମତାଚ୍ୟୁତ ହୋଇ-ଥିବାରୁ ରାଣକ୍ୟ ବିମୁଖ, ଚନ୍ଦ୍ରଗୁପ୍ତ ନୂତନ ରଜା, ଆଉ ମୁଁ ସ୍ୱାଧୀନ, (ଅଧା କହି ସଙ୍କୋଚର ଅଭିନୟ କରି) କେବଳ ଟିକିଏ ପଥ ଦେଖାଇ ଦେବାକୁ ଚେଷ୍ଟିତ, ତେଣୁ ଆମର ସିଦ୍ଧିକୁ କେବଳ ଆପଣଙ୍କ ଇଚ୍ଛାହିଁ ପୃଥକ ରଖିଛି । ୧୫ ।। ★

ମଳୟ— ଯଦି ଏହାକୁ ଆପଣ ଆକ୍ରମଣର ଉପଯୁକ୍ତ ସମୟ ବୋଲି ଭାବୁଛନ୍ତି, ତାହ ହେଲେ ଆଉ ବସିଛନ୍ତି କାହିଁକି ?

ଶୋଣ ନଦୀର ତଟ ଉଚ୍ଚ, ମୋ ହସ୍ତୀଗଣ ମଧ୍ୟ ଉଚ୍ଚ; ଶୋଣନଦୀରେ ଜଳ ବହୁଥାଏ, ମୋ ହସ୍ତୀଗଣଙ୍କ ଦେହରେ ମଧ୍ୟ ମଦଜଳ ବହୁଥାଏ; ଶୋଣନଦୀର ତଟଭୂମି ବୃକ୍ଷରାଜି ଯୋଗୁ ଶ୍ୟାମଳବର୍ଣ୍ଣ, ମୋର ହସ୍ତୀଗଣ ମଧ୍ୟ ଶ୍ୟାମଳବର୍ଣ୍ଣ ; ଶୋଣନଦୀ ତରଙ୍ଗ ଯୋଗୁ ମୁଖରିତ, ମୋର ହସ୍ତୀଗଣ ମଧ୍ୟ ଭ୍ରମରମାନଙ୍କ ଗୁଞ୍ଜନରେ ମୁଖରିତ, ଶୋଣନଦୀ ତା'ର ସ୍ରୋତଦ୍ୱାରା ତଟପ୍ରଦେଶକୁ ଖୋଳି ପକାଏ, ମୋର ହସ୍ତୀଗଣ ମଧ୍ୟ ସେମାନଙ୍କ ବିରାଟ ବିରାଟ ଦନ୍ତଦ୍ୱାରା ନଦୀର ତଟ ପ୍ରଦେଶକୁ ଖୋଳିପକାନ୍ତି ; ସିନ୍ଦୂରରେ ଶୋଣ (ରକ୍ତବର୍ଣ୍ଣ) ହୋଇଥିବା ମୋର ଶତଶତ ହସ୍ତୀବାହିନୀ ଶୋଣ ନଦୀକୁ ପିଇଯାଇ ଶୁଷ୍କ କରିଦିଅନ୍ତୁ । ୧୬ ।।

ଆଉ ମଧ୍ୟ—

ମେଘମାଳା ଯେପରି ଗମ୍ଭୀର ଗର୍ଜନ କରି ମୁଷଳଧାରରେ ଜଳ ବର୍ଷଣ କରି, ବିନ୍ଧ୍ୟପର୍ବତକୁ ଘେରି ଯାଆନ୍ତି, ମୋର ହସ୍ତୀ ବାହିନୀ ସେହିପରି ଗମ୍ଭୀର ଗର୍ଜନ କରି, ମଦଜଳ - ମିଶ୍ରିତ ଜଳକଣାମାନ ବର୍ଷା କରି ଶତ୍ରୁପକ୍ଷର ନଗରକୁ ଅବରୋଧ କରନ୍ତୁ । ୧୭ ।।

(ଭାଗୁରାୟଣ ସହିତ ମଳୟକେତୁଙ୍କର ପ୍ରସ୍ଥାନ)

★ ଆପଣ ଖାଲି ଇଚ୍ଛାକଲା କାର୍ଯ୍ୟ ଆରମ୍ଭ କଲେ ଫଳ ମିଳିଯିବ ।

Digitized by PPRACHIN, SOA

ରାକ୍ଷସଃ- କଃ କଃ ଅତ୍ର ଭୋଃ ?

ପୁରୁଷଃ- (ପ୍ରବିଶ୍ୟ) ଆଣବେଦୁ ଅମଚ୍ଚୋ । (ଆଜ୍ଞାପୟତୁ ଅମାତ୍ୟଃ)

ରାକ୍ଷସଃ- ପ୍ରିୟମ୍ବଦକ ! ଜ୍ଞାୟତାଂ ସାମ୍ବତ୍ସରିକାଣାଂ ଦ୍ୱାରି କସ୍ତିଷ୍ଠତି ?

ପ୍ରିୟ- ଜଂ ଅମଚ୍ଚୋ ଆଣବେଦି । ଅମଚ୍ଚ ! ଏସୋ କ୍ଖୁ ସମ୍ବଚ୍ଛରିଓ କ୍ଖବଣଓ— (ଇତି ନିଷ୍କ୍ରମ୍ୟ କ୍ଷପଣକଂ ଦୃଷ୍ଟ୍ୱା ପୁନଃ ପ୍ରବିଶ୍ୟ ଚ) ଅମାତ୍ୟ ! ଏଷ ଖଳୁ ସାମ୍ବତ୍ସରିକଃ କ୍ଷପଣକଃ—)

ରାକ୍ଷସଃ- (ସ୍ୱଗତମନିମିତ୍ତଂ ସୂଚୟିତ୍ୱା) କଥଂ ପ୍ରଥମମେବ କ୍ଷପଣକଦର୍ଶନମ୍ !

ପ୍ରିୟ- ଜୀବସିଦ୍ଧୀ (ଜୀବସିଦ୍ଧିଃ)

ରାକ୍ଷସଃ- ଅବୀଭତ୍ସଦର୍ଶନଂ କୃତ୍ୱା ପ୍ରବେଶୟ ।

ପ୍ରିୟ- ଜଂ ଅମଚ୍ଚୋ ଆଣବେଦି ।·(ଯଦମାତ୍ୟଃ ଆଜ୍ଞାପୟତି ।) (ଇତି ନିଷ୍କ୍ରାନ୍ତଃ)

(ତତଃ ପ୍ରବିଶତି କ୍ଷପଣକଃ)

କ୍ଷପଣକଃ—

ସାସଣମଲିହନ୍ତାଣଂ ପଡିବଜ୍ଜହ ମୋହବାହିବେଜ୍ଜାଣଂ ।
ଜେ ପଢମମେତ୍ତକଡୁଅଂ ପଚ୍ଛା ପତ୍ଥଂ ଉବଦିସନ୍ତି ॥ ୧୮ ॥
(ଶାସନମର୍ହତାଂ ପ୍ରତିପଦ୍ୟଧ୍ୱଂ ମୋହବ୍ୟାଧିବୈଦ୍ୟାନାମ୍ ।
ଯେ ପ୍ରଥମମାତ୍ରକଟୁକଂ ପଶ୍ଚାତ୍ ପଥ୍ୟମୁପଦିଶନ୍ତି ॥ ୧୮ ॥)

(ଉପସୃତ୍ୟ) ଧମ୍ମଲାହୋ ସାବକା ! ଭୋଦୁ । (ଧର୍ମଲାଭଃ ଉପାସକ ! ଭବତୁ)

ରାକ୍ଷସଃ- ଭଦନ୍ତ ! ନିରୂପ୍ୟତାଂ ତାବଦ୍ ଅସ୍ମାକଂ ପ୍ରସ୍ଥାନଯୋଗ୍ୟଃ ଦିବସଃ ।

କ୍ଷପ- (ନାଟ୍ୟେନ ଚିନ୍ତୟିତ୍ୱା) ସାବକା ! ଣିରୂବିଦେ ମୁହୁତ୍ତେ । ଆମଜ୍ଝଣ୍ଣାଦୋ ଦୋହଣା ତିହୀ ସମ୍ପୁଣ୍ଣଚନ୍ଦା ପୁଣ୍ଣମସୀ । ତୁମ୍ହାଣଂ ଉତ୍ତରାଏ ଦିସାଏ ଦକ୍ଖିଣଂ ଦିସଂ ପତ୍ଥିଦାଣଂ ଦକ୍ଖିଣଦ୍ୱାରିଓ ଣକ୍ଖତ୍ତଓ । (ଉପାସକ ! ନିରୂପିତୋ ମୁହୂର୍ତ୍ତଃ । ଆମଧ୍ୟାହ୍ନାତ୍ ଶୋଭନା ତିଥିଃ ସମ୍ପୂର୍ଣ୍ଣଚନ୍ଦ୍ରା ପୌର୍ଣ୍ଣମାସୀ । ଯୁଷ୍ମାକମୁତ୍ତରସ୍ୟା ଦିଶୋ ଦକ୍ଷିଣାଂ ଦିଶଂ ପ୍ରସ୍ଥିତାନାଂ ଦକ୍ଷିଣଦ୍ୱାରିକଂ ନକ୍ଷତ୍ରମ୍ ।)

ଅବି ଅ (ଅପି ଚ)—

ଅତ୍ଥାହିମୁହେ ସୂରେ ଉଦିଦେ ସଂପୁଣ୍ଣମଣ୍ଡଲେ ଚନ୍ଦେ ।
ଗମଣଂ ବୁହସ୍ସ ଲଗ୍ଗେ ଉଦିଦତ୍ଥମିଦେ ଅ କେଦୁମ୍ମି ॥ ୧୯ ॥
(ଅସ୍ତାଭିମୁଖେ ସୂରେ ଉଦିତେ ସଂପୂର୍ଣ୍ଣମଣ୍ଡଲେ ଚନ୍ଦ୍ରେ ।
ଗମନଂ ବୁଧସ୍ୟ ଲଗ୍ନେ ଉଦିତାସ୍ତମିତେ ଚ କେତୌ ॥ ୧୯ ॥)

Digitized by PPRACHIN, SOA

ରାକ୍ଷସ— କିଏ ଏଠାରେ ଅଛି ?

ବ୍ୟକ୍ତି-- (ପ୍ରବେଶ କରି) ଆଜ୍ଞା ଦିଅନ୍ତୁ ଅମାତ୍ୟ ।

ରାକ୍ଷସ— ପ୍ରିୟମ୍ବଦକ, ଦେଖିଲ, କେହି ଜ୍ୟୋତିଷୀ ବାହାରେ ଅଛନ୍ତି କି ?

ବ୍ୟକ୍ତି— ଅମାତ୍ୟଙ୍କର ଯାହା ଆଜ୍ଞା । (ବାହାରକୁ ଯାଇ କ୍ଷପଣକକୁ ଦେଖି, ପୁଣି ପ୍ରବେଶ କରି) ଅମାତ୍ୟ ! କ୍ଷପଣକ (ଜୈନ ସନ୍ୟାସୀ) ଜ୍ୟୋତିଷୀ—

ରାକ୍ଷସ— (ସ୍ୱଗତ, ଅଶୁଭ ଲକ୍ଷଣର ସୂଚନା ଦେଇ) କ'ଣ ପ୍ରଥମରୁ କ୍ଷପଣକ-ଦର୍ଶନ !

ବ୍ୟକ୍ତି- ଜୀବସିଦ୍ଧି ।

ରାକ୍ଷସ— ଅବୀଭତ୍ସ ବେଶରେ ପ୍ରବେଶ କରାଅ ।

ବ୍ୟକ୍ତି— ଯଥାଜ୍ଞା । (ଚାଲିଗଲା)

କ୍ଷପଣକ— (ପ୍ରବେଶ କରି)

ମୋହ-ବ୍ୟାଧିର ଯେ ବଇଦ ବଇଦ
ଉପଦେଶ ତାଙ୍କ କର ଗ୍ରହଣ,
କ୍ଷଣେପାଇଁ କଟୁ ହେଲେ ହେଁ ପ୍ରଥମେ
ପରେ ତାହା କରେ ହିତ ସାଧନ ।

ଉପାସକଙ୍କର ଧର୍ମଲାଭ ହେଉ ।

ରାକ୍ଷସ— ଭଦନ୍ତ [ଜୈନ ଜ୍ୟୋତିଷୀ], ଆମର ଅଭିଯାନ ଦିବସ ନିର୍ଣ୍ଣୟ କର ।

କ୍ଷପ— (ନାଟ୍ୟରେ ଚିନ୍ତାକରି) ଉପାସକ, ମୁହୂର୍ତ୍ତ ବିଚାର କଲି । ମଧ୍ୟାହ୍ନରୁ ପୂର୍ଣ୍ଣଚନ୍ଦ୍ର । ପୂର୍ଣ୍ଣିମା ତିଥି । ଆପଣ ଉତ୍ତରରୁ ଦକ୍ଷିଣ ଦିଗକୁ ଯିବେ । ତେଣୁ ଆପଣଙ୍କୁ ଦକ୍ଷିଣଦ୍ୱାରିକ ନକ୍ଷତ୍ର ପଡୁଛି ! ଆଉ ମଧ୍ୟ—

ସୂର୍ଯ୍ୟ ଯେତେବେଳେ ଅସ୍ତୋନ୍‌ମୁଖ ହେଉଥିବେ, ପୂର୍ଣ୍ଣମଣ୍ଡଳ ଚନ୍ଦ୍ର ଉଦିତ ହେଉଥିବେ, ବୁଧଙ୍କ ଲଗ୍ନ ପଡ଼ିଥିବ, ଆଉ କେତୁ ଯେତେବେଳେ ଉଦିତ ତଥା ଅସ୍ତ ହେଉଥିବେ, * ସେତିକିବେଳେ ଆପଣଙ୍କର ଯାତ୍ରାରମ୍ଭ କରିବା ଉଚିତ । ୧୯ ।। **

---

* ରାହୁ ଓ କେତୁଙ୍କର ଶରୀର ଏକ । ରାହୁ ମୁଣ୍ଡ ଓ କେତୁ ଗଣ୍ଡି । ମୁଣ୍ଡ ଉଦିତ ହେଲେ ଗଣ୍ଡି ଅସ୍ତ ହୁଏ ଏବଂ ଗଣ୍ଡି ଉଦିତ ହେଲେ ମୁଣ୍ଡ ଅସ୍ତ ହୁଏ । ତେଣୁ ଗୋଟିକର ଉଦୟରେ ଅପରଟିର ଅସ୍ତ ସ୍ୱାଭାବିକ ।

** ଏହାର ଗୂଢ଼ ଅର୍ଥ--ଯେତେବେଳେ ରାକ୍ଷସଙ୍କର ପତନ ଆସନ୍ନ ହେଉଥିବ, ଚନ୍ଦ୍ରଗୁପ୍ତଙ୍କ ସମ୍ରାଜ୍ୟ ପ୍ରତିଷ୍ଠିତ ହୋଇଥିବ ଏବଂ ସେ ଅଭ୍ୟୁଦୟ ଲାଭ କରୁଥିବେ, ବିଦ୍ୱାନ୍ ଚାଣକ୍ୟଙ୍କୁ ସୁଯୋଗ ପଡ଼ୁଥିବ, ମଳୟକେତୁ କ୍ଷଣେପାଇଁ ଅଭ୍ୟୁତ୍‌ଥାନ ଲାଭକରି ସଙ୍ଗେ ସଙ୍ଗେ ପତନପ୍ରାପ୍ତ ହେବ, ସେହି ସମୟରେ ଯାତ୍ରାରମ୍ଭ କରିବା ଉଚିତ ।

Digitized by PPRACHIN, SOA

ରାକ୍ଷସଃ- ଭଦନ୍ତ ! ତଥିରେବ ତାବନ୍ନ ଶୁଧ୍ୟତି ।
କ୍ଷପ- ସାବଗା ! (ଶ୍ରାବକ !)

ଏକ୍କଗୁଣା ହୋଇ ତିଥୀ ଚଉଗ୍‌ଗୁଣେ ହୋଇ ଣକ୍‌ଖତ୍ତେ ।
ଚଉସଠ୍ଠିଗୁଣେ ଲଗ୍‌ଗେ ଏସେ ଜୋଇସତନ୍ତ୍ରସିଦ୍ଧନ୍ତେ ।। ୨୦ ।।
(ଏକଗୁଣା ଭବତି ତିଥି ଶ୍ଚତୁର୍ଗୁଣଂ ଭବତି ନକ୍ଷତ୍ରମ୍ ।
ଚତୁଃଷଷ୍ଟିଗୁଣଂ ଲଗ୍ନମେତଦ୍ ଜ୍ୟୋତିଷତନ୍ତ୍ର ସିଦ୍ଧାନ୍ତେ ।। ୨୦ ।।)
ଲଗ୍‌ଗେ ହୋଇ ସୁଲଗ୍‌ଗେ କୂଲଗ୍‌ଗହଂ ପଜହିଅ ଜ୍ଜାସୁ ।
ପାବହି ଦୀହଂ ଲାହଂ ଚନ୍ଦସ୍‌ସ ବଳେଣ ଗଚ୍ଛଂତେ ।। ୨୧ ।।
(ଲଗ୍ନଂ ଭବତି ସୁଲଗ୍ନଂ କ୍ରୂରଗ୍ରହଂ ପରିହର ଆଶୁ ।
ପ୍ରାପ୍ସ୍ୟସି ଦୀର୍ଘଂ ଲାଭଂ ଚନ୍ଦ୍ରସ୍ୟ ବଳେନ ଗଚ୍ଛନ୍ ।। ୨୧ ।।)

ରାକ୍ଷସଃ- ଭଦନ୍ତ ! ଅପରୈଃ ସାମ୍ବତ୍ସରୈଃ ସାର୍ଦ୍ଧଂ ସଂବାଦ୍ୟତାମ୍ ।
କ୍ଷପ- ସଂବାଦେଦୁ ସାବକେ । ଅହ୍ନଂ ଣିଅଂ ଗେହଂ ଗମିସ୍‌ସଂ । (ସଂବାଦୟତୁ ଉପାସକଃ । ଅହଂ ନିଜଂ ଗେହଂ ଗମିଷ୍ୟାମି ।)
ରାକ୍ଷସଃ- ନ ଖଲୁ କୁପିତଃ ଭଦନ୍ତଃ ?
କ୍ଷପ- ଣ କୁବିଦେ ତୁହ୍ମାଣଂ ଭଦନ୍ତେ । (ନ କୁପିତଃ ଯୁଷ୍ମାକଂ ଭଦନ୍ତଃ ।)
ରାକ୍ଷସଃ- କସ୍ତର୍ହି ?
କ୍ଷପ- ଭଅବଂ କଅନ୍ତୋ ଜେଣ ଅତ୍ତଣୋ ପକ୍‌ଖଂ ଉଜ୍‌ଝିଅ ପରପକ୍‌ଖଂ ପମାଣୀକଲେସି । (ଭଗବାନ୍ କୃତାନ୍ତଃ ଯେନ ଆତ୍ମନଃ ପକ୍ଷମ୍ ଉଜ୍‌ଝିତ୍ୱା ପରପକ୍ଷଂ ପ୍ରମାଣୀକରୋଷି ।)

(ଇତି ନିଷ୍କ୍ରାନ୍ତଃ କ୍ଷପଣକଃ)

ରାକ୍ଷସଃ- ପ୍ରିୟମ୍ବଦକ ! ଜ୍ଞାୟତାଂ କା ବେଳା ବର୍ତ୍ତତେ ଇତି ?
ପ୍ରିୟ- ଜଂ ଅମଚ୍ଚୋ ଆଣବେଦି । (ଇତି ନିଷ୍କ୍ରମ୍ୟ ପୁନଃ ପ୍ରବିଶ୍ୟ ଚ) ଅତ୍‌ଥାହିଲାସୀ ଭଅବଂ ସୂରେ । (ଯଦମାତ୍ୟଃ ଆଜ୍ଞାପୟତି । ଅସ୍ତାଭିଲାଷୀ ଭଗବାନ୍ ସୂର୍ଯ୍ୟଃ ।)
ରାକ୍ଷସଃ- (ଆସନାଦୁତ୍ଥାୟ ବିଲୋକ୍ୟ ଚ) ଅୟେ ! ଅସ୍ତାଭିଲାଷୀ ଭଗବାନ୍ ସହସ୍ରଦୀଧିତିଃ । ତଥାହି —

ଆବିର୍ଭୂତାନୁରାଗାଃ କ୍ଷଣମୁଦୟଗିରେ ରୁଜ୍ଜିହାନସ୍ୟ ଭାନୋଃ
ପର୍ଣ୍ଣଚ୍ଛାୟୈଃ ପୁରସ୍ତାଦୁପବନତରବୋ ଦୂରମାଶ୍ୱେବ ଗତ୍ୱା ।
ଏତେ ତସ୍ମିନ୍ ନିବୃତ୍ତାଃ ପୁନରପରକକୁପ୍‌ପ୍ରାନ୍ତ ପର୍ଯ୍ୟନ୍ତ ବିମ୍ବେ
ପ୍ରାୟୋ ଭୃତ୍ୟାସ୍ତ୍ୟଜନ୍ତି ପ୍ରଚଳିତବିଭବଂ ସ୍ୱାମିନଂ ସେବମାନାଃ ।। ୨୩ ।।

(ଇତି ନିଷ୍କ୍ରାନ୍ତାଃ ସର୍ବେ)

(ଇତି ମୁଦ୍ରାରାକ୍ଷସେ ଚତୁର୍ଥୋଽଙ୍କଃ ।।)

Digitized by PPRACHIN, SOA

ରାକ୍ଷସ— ଭଦନ୍ତ, ତା' ହେଲେ ତିଥି ଶୁଦ୍ଧି ନାହିଁ ।

କ୍ଷପ— ଉପାସକ, ତିଥିଶୁଦ୍ଧିରେ ଏକଗୁଣ, ନକ୍ଷତ୍ର ଶୁଦ୍ଧିରେ ଚାରିଗୁଣ, ଲଗ୍ନଶୁଦ୍ଧିରେ ଚଉଷଠିଗୁଣ ଫଳ ମିଳେ । ଏହା ହେଉଛି ଜ୍ୟୋତିଷଶାସ୍ତ୍ରର ସିଦ୍ଧାନ୍ତ । ତେଣୁ, ଲଗ୍ନ ସୁଲଗ୍ନ ହେଉଛି । କ୍ରୂର ଗ୍ରହ କେତୁକୁ ପରିତ୍ୟାଗ କର । ଚନ୍ଦ୍ରଙ୍କ ବଳରେ ଯାଇ ସ୍ଥାୟୀ ସିଦ୍ଧି ଲାଭକର । ✻

ରାକ୍ଷସ— ଭଦନ୍ତ, ଅନ୍ୟ ଜ୍ୟୋତିଷୀମାନଙ୍କ ସହିତ ମିଳାଇ ଦେଖନ୍ତୁ !

କ୍ଷପ— ଉପାସକ ! ଆପଣ ମିଳାନ୍ତୁ, ମୁଁ ମୋ ଘରକୁ ଯାଉଛି ।

ରାକ୍ଷସ— ଭଦନ୍ତ, ଆପଣ କ'ଣ ରାଗିଗଲେ କି ?

କ୍ଷପ—ଆପଣଙ୍କ ଉପରେ ଭଦନ୍ତ ରାଗିନାହାଁନ୍ତି ।

ରାକ୍ଷସ—ତା' ହେଲେ କିଏ ରାଗିଛନ୍ତି ?

କ୍ଷପ—ଭଗବାନ କୃତାନ୍ତ ✻✻ । କାରଣ, ଆପଣ ନିଜ ପକ୍ଷ ଛାଡ଼ି ପରପକ୍ଷ ଉପରେ ଆସ୍ଥା ରଖୁଛନ୍ତି । (ପ୍ରସ୍ଥାନ କଲେ)

ରାକ୍ଷସ— ପ୍ରିୟମ୍ବଦକ, ଦେଖ, ବର୍ତ୍ତମାନ କେତେ ସମୟ ?

ପ୍ରିୟମ୍ବଦକ—ଅମାତ୍ୟଙ୍କର ଯାହା ଆଜ୍ଞା । (ବାହାରକୁ ଯାଇ, ପୁଣି ପ୍ରବେଶ କରି) ପ୍ରଭୁ ସୂର୍ଯ୍ୟଦେବ ଅସ୍ତ ହେବା ଉପରେ ।

ରାକ୍ଷସ— (ଆସନରୁ ଉଠି ଓ ଚାହିଁ) ସତେ ତ ! ପ୍ରଭୁ ସୂର୍ଯ୍ୟଦେବ ଅସ୍ତୋନ୍ମୁଖ ! ଯେଉଁ ଉପବନତରୁଗଣ ସୂର୍ଯ୍ୟ ଉଦୟାଚଳରୁ ବାହାରୁଥିବାବେଳେ ରକ୍ତିମା ରୂପକ ଅନୁରକ୍ତି ଦେଖାଇ ପତ୍ରଛାୟାଦ୍ୱାରା ସହସା ତାଙ୍କର ସମ୍ମୁଖକୁ ଯାଇଥିଲେ, ସେହିମାନେ ପୁଣି ସୂର୍ଯ୍ୟ ଅସ୍ତାଚଳ-ସୀମାବର୍ତ୍ତୀ ହୁଅନ୍ତେ [ତାଙ୍କ ସମ୍ମୁଖରୁ] ଫେରି ଆସୁଛନ୍ତି । (ଏହିପରି) ସେବକ ଭୃତ୍ୟମାନେ ମୁନିବ ସମୃଦ୍ଧିହୀନ ହେଲେ ସାଧାରଣତଃ ତାଙ୍କୁ ପରିତ୍ୟାଗ କରନ୍ତି ।

(ସମସ୍ତଙ୍କ ପ୍ରସ୍ଥାନ)

।। ଚତୁର୍ଥ ଅଙ୍କ ସମାପ୍ତ ।।

✻ ଚୂଡ଼ ଅର୍ଥ-- ଚନ୍ଦ୍ରଙ୍କ ବଳରେ ଅର୍ଥାତ୍ ଭଦ୍ରଭଟ ପ୍ରଭୃତି ଚନ୍ଦ୍ରଗୁପ୍ତଙ୍କ ସୈନ୍ୟମାନଙ୍କ ସହିତ ଯାଇ ସ୍ଥାୟୀ ସିଦ୍ଧି ଅର୍ଥାତ୍ ଚନ୍ଦ୍ରଗୁପ୍ତଙ୍କ ମନ୍ତ୍ରୀତ୍ୱ ଲାଭ କର ।

✻ 'କୃତାନ୍ତ' ଶବ୍ଦର ଦୁଇଟି ଅର୍ଥ—ଜ୍ୟୋତିଷସିଦ୍ଧାନ୍ତ ଓ ଯମ । କ୍ଷପଣକର ରାକ୍ଷସଙ୍କୁ କହିବାର ଅଭିପ୍ରାୟ—"ଆପଣ ଜ୍ୟୋତିଷସିଦ୍ଧାନ୍ତ ମାନୁନାହାଁନ୍ତି । ତେଣୁ ମହାନ୍ ଜ୍ୟୋତିଷସିଦ୍ଧାନ୍ତ ଆପଣଙ୍କ ପ୍ରତି ବିମୁଖ ।" କିନ୍ତୁ ସେ ସେହି 'କୃତାନ୍ତ' ଶବ୍ଦଟି ବ୍ୟବହାର କରି ସେଥିରେ ଗୂଢ଼ଅର୍ଥ ରଖିଲେ "ଆପଣଙ୍କ ପ୍ରତି ଯମ ବିମୁଖ ।"

Digitized by PPRACHIN, SOA

ପଞ୍ଚମୋଽଙ୍କଃ

(ତତଃ ପ୍ରବିଶତି ଲେଖମଳଙ୍କରଣସ୍ଥଗିକାଞ୍ଚ ମୁଦ୍ରିତାମାଦାୟ ସିଦ୍ଧାର୍ଥକଃ)

ସିଦ୍ଧା- ହୀମାଣହେ ! ହୀମାଣହେ ! (ଆଶ୍ଚର୍ଯ୍ୟମ୍ ! ଆଶ୍ଚର୍ଯ୍ୟମ୍ !!)

ବୁଦ୍ଧି ଜଲଣିଜ୍ଝରେହିଂ ସିଞ୍ଚନ୍ତୀ ଦେଶକାଲ-କଲସେହିଂ ।
ଦଂସଇସ୍ସଦି କଜ୍ଜଫଲଂ ଗୁରୁଅଂ ଚାଣକ୍କଣୀଦିଲଦା ॥ ୧

(ବୁଦ୍ଧି ଜଲନିର୍ଝରୈଃ ସିଚ୍ୟମାନା ଦେଶକାଲକଲଶୈଃ ।
ଦର୍ଶୟିଷ୍ୟତି କାର୍ଯ୍ୟଫଲଂ ଗୁରୁକଂ ଚାଣକ୍ୟନୀତିଲତା ॥ ୧)

ଗହୀଦୋ ମଏ ଅଜ୍ଜଚାଣକ୍କେଣ ପଢ଼ମଲେହିଦୋ ଲେହୋ ଅମଚ୍ଚରକ୍ଖସସ୍ସ ମୁଦ୍ଦାଲଞ୍ଛିଦୋ । ତସ୍ସ ଜ୍ଜେବ ମୁଦ୍ଦାଲଞ୍ଛିଦା ଇଅଂ ଆହରଣ ପେଡ଼ିଆ । ଚଲିଦୋହ୍ମି କିଲ ପାଡ଼ଲିଉତ୍ତଂ, ତା ଜାବ ଗଚ୍ଛାମି । (ପରିକ୍ରମ୍ୟ ଅବଲୋକ୍ୟ ଚ) କହଂ ଖବଣଓ ଆଗଚ୍ଛଦି ? ଜାବ ମେ ଅସଉଣଭୂଦଂ ଇମସ୍ସ ଦଂସଣଂ, ତା ଆଦିଚ୍ଚଦଂସଣେଣ ପଡ଼ିହଣାମି । (ଗୃହୀତୋ ମୟା ଆର୍ଯ୍ୟ ଚାଣକ୍ୟେନ ପ୍ରଥମ ଲେଖିତୋ ଲେଖଃ ଅମାତ୍ୟ-ରାକ୍ଷସସ୍ୟ ମୁଦ୍ରାଲଞ୍ଛିତଃ । ତସ୍ୟୈବ ମୁଦ୍ରାଲଞ୍ଛିତା ଇୟମ୍ ଆଭରଣ ପେଟିକା । ଚଳିତୋଽସ୍ମି କିଲ ପାଟଳିପୁତ୍ରଂ, ତଦ୍ ଯାବଦ୍ ଗଚ୍ଛାମି । କଥଂ କ୍ଷପଣକଃ ଆଗଚ୍ଛତି ! ଯାବନ୍ ମେଽଶକୁନଭୂତମସ୍ୟ ଦର୍ଶନଂ, ତସ୍ମାଦାଦିତ୍ୟ ଦର୍ଶନେନ ପ୍ରତିହନ୍ମି ।

(ତତଃ ପ୍ରବିଶତି କ୍ଷପଣକଃ)

କ୍ଷପଣକଃ —

ଅଲହନ୍ତାଣଂ ପ୍ପଣମାମୋ ଜେ ଦେ ଗମ୍ଭୀଲଦାଏ ବୁଦ୍ଧୀଏ ।
ଲୋଉତ୍ତଲେହିଂ ଲୋଏ ସିଦ୍ଧିଂ ମଗ୍ଗେହିଂ ମଗ୍ଗନ୍ତି ॥ ୨

(ଅର୍ହତାଂ ପ୍ରଣମାମୋ ଯେ ତେ ଗମ୍ଭୀରତୟା ବୁଦ୍ଧେଃ ।
ଲୋକୋତ୍ତରୈର୍ଲୋକେ ସିଦ୍ଧିଂ ମାର୍ଗୈ ର୍ମାଗୟନ୍ତି ॥ ୨)

ସିଦ୍ଧା- ଭଦନ୍ତ ! ପପ୍ଣମାମି । (ଭଦନ୍ତ ! ପ୍ରଣମାମି)

କ୍ଷପଣକଃ- ସାବଗା ! ଧମ୍ମଲାହୋ ଦେ ହୋଦୁ । (ସିଦ୍ଧାର୍ଥକଂ ନିର୍ବର୍ଣ୍ଣ୍ୟ) ସାବଗା ! ପ୍ପତ୍ଥାଣସମୁବ୍ବହଣେ କିଦବ୍ବବସାଅଂ ବିଅ ଦେ ହିଅଅଂ ପେକ୍ଖାମି । (ଉପାସକ ! ଧର୍ମଲାଭସ୍ତେ ଭବତୁ । ଉପାସକ ! ପ୍ରସ୍ଥାନସମୁଦ୍ବହନେ କୃତବ୍ୟବ-ସାୟ ମିବ ତେ ହୃଦୟଂ ପଶ୍ୟାମି ।)

ସିଦ୍ଧା- କହଂ ଭଦନ୍ତୋ ଜାଣାଦି ? (କଥଂ ଭଦନ୍ତଃ ଜାନାତି ?)

କ୍ଷପ- ସାବଗା ! କିଂ ଏତ୍ଥ ଜାଣିଦବ୍ବଂ ? ଏସୋ ଦେ ମଗ୍ଗାଦେସକୁସଲୋ ସଉଣୋ କରଗଦୋ ଲେହୋ ଅ, ସୂଚେଦି । (ଉପାସକ ! କିମତ୍ର ଜ୍ଞାତବ୍ୟମ୍ ? ଏଷ ତେ ମାର୍ଗାଦେଶକୁଶଳଃ ଶକୁନଃ କରଗତୋ ଲେଖଶ୍ଚ ସୂଚୟତି ।)

ସିଦ୍ଧା- ଜାଣିଦଂ ଭଦନ୍ତେଣ ଦେସନ୍ତରଂ ଚଳିଦୋହ୍ମି । ତା କଧେଦୁ ଭଦନ୍ତୋ କୀଦିସୋ ଅଜ୍ଜ ଦିଅହୋ ? (ଜ୍ଞାତଂ ଭଦନ୍ତେନ ଦେଶାନ୍ତରଂ ଚଳିତୋଽସ୍ମି । ତତ୍ କଥୟତୁ ଭଦନ୍ତଃ କୀଦୃଶୋଽଦ୍ୟ ଦିବସଃ ?)

Digitized by PPRACHIN, SOA

ପଞ୍ଚମ ଅଙ୍କ

(ଛଡି ଏବଂ ମୁଦ୍ରଦଆ ଅଳଙ୍କାର ପେଡ଼ି ଘେନ ସିଦ୍ଧାର୍ଥକଙ୍କର ପ୍ରବେଶ)

ସିଦ୍ଧାର୍ଥକ– ଆଶ୍ଚର୍ଯ୍ୟ ! ଆଶ୍ଚର୍ଯ୍ୟ !!

ଦେଶକାଳ-କଳସଗୁ   ବୁଦ୍ଧି-ଜଳ ଧାରେ ସିକ୍ତା
ବହୁ ସିଦ୍ଧି-ଫଳ ଦେବ   ଗୁଣକ୍ୟଙ୍କ ନୀତି ଲତା ।

ଆର୍ଯ୍ୟ ଗୁଣକ୍ୟ ଯେଉଁ ପତ୍ରଟି ପ୍ରଥମେ (ଶକଟ ଦାସଙ୍କ ଦ୍ୱାରା) ଲେଖାଇଥିଲେ, ଯାହାକି ଅମାତ୍ୟ ରାକ୍ଷସଙ୍କ ମୁଦ୍ରିକାରେ ମୁଦ୍ରାଙ୍କିତ ହୋଇଛି, ତାହାକୁ ମୁଁ ଆଣିଛି ଏବଂ ଅମାତ୍ୟ ରାକ୍ଷସଙ୍କ ମୁଦ୍ରିକାରେ ମୁଦ୍ରାଙ୍କିତ ଏଇ ଅଳଙ୍କାରପେଡ଼ିଟି ମଧ୍ୟ ମୁଁ ଆଣିଛି । ମୁଁ ଯାଉଛି ପାଟଳିପୁତ୍ରକୁ । ତା' ହେଲେ ଯାଏଁ । (କିଛି ଦୂର ଯାଇ ଏବଂ କ୍ଷପଣକକୁ ଦେଖି) ଆରେ ! ଏକ କ୍ଷପଣକ ଆସୁଛି ଯେ ! କ୍ଷପଣକଦର୍ଶନ ଯଦ୍ୟପି ଅଶୁଭ, ତଥାପି ମୋ ପକ୍ଷରେ ଶୁଭ । * ତେଣୁ ମୁଁ ଏହାକୁ ସାକ୍ଷାତ୍ ନ କରି ଯିବି ନାହିଁ । ସୂର୍ଯ୍ୟଙ୍କ ଦର୍ଶନରେ ଏହି ଅଶୁଭକୁ ପ୍ରତିହତ କରିବି ।

କ୍ଷପଣକ (ପ୍ରବେଶ କରି) ଅର୍ହତମାନଙ୍କୁ ମୋର ବିନୟପ୍ରଣତି,ଯେଉଁମାନେ କି ଅଲୌକିକ ଉପାୟରେ ଓ ଗମ୍ଭୀର ମତିରେ ଏ ସଂସାରରେ ସାଧନାର ସିଦ୍ଧି ଲଭନ୍ତି । ୨

ସିଦ୍ଧା– ଭଦନ୍ତ, ମୋର ପ୍ରଣାମ ଗ୍ରହଣ କରନ୍ତୁ ।

କ୍ଷପ– ଉପାସକ, ତୁମର କାର୍ଯ୍ୟସିଦ୍ଧି ହେଉ । ଉପାସକ, ମୁଁ ଜାଣୁଛି, ତୁମେ କେଉଁଆଡେ ଯିବାକୁ ପ୍ରସ୍ତୁତ ହେଉଛ ।

ସିଦ୍ଧା– ଆପଣ କିପରି ଜାଣିଲେ ?

କ୍ଷପ– ଏଥିରେ ଜାଣିବାର କଅଣ ଅଛି ? ଏଇ ଶୁଭ ଶକୁନ, ଆଉ ତୁମ ହାତରେ ଥିବା ପତ୍ର, ତୁମ ଯାତ୍ରାର ସୂଚନା ଦେଉଛି ।

ସିଦ୍ଧା–ଆପଣ ଠିକ୍ ଜାଣି ପାରିଛନ୍ତି । ମୁଁ ଦେଶାନ୍ତର ଯାଉଛି । ଦୟାକରି କହନ୍ତୁ, ଆଜିର ଦିନଟି କିପରି ଅଛି ?

---

* ସିଦ୍ଧାର୍ଥକ ଯେହେତୁ ଛଡି ଓ ଅଳଙ୍କାର ପେଡ଼ି ସହିତ ଧରା ପଡ଼ିବାକୁ ଯାଉଥିଲା, ତେଣୁ ତା' ପକ୍ଷରେ ପାଟଳିପୁତ୍ର ଯିବା ବାଟରେ ପ୍ରତିବନ୍ଧକ ହିଁ ଆବଶ୍ୟକ ଥିଲା । ଏଇ କାରଣରୁ କ୍ଷପଣକର ଦର୍ଶନ ଅଶୁଭ ହେଲେହେଁ ତା' ପକ୍ଷରେ ଶୁଭ ଥିଲା ।

Digitized by PPRACHIN, SOA

କ୍ଷପ- (ସହର୍ଷଂ) ସାବଗା ! ମୁଣ୍ଡି ଅମୁଣ୍ଡୋ ତୁମଂ ଣକ୍ଖତ୍ତାଇଂ ପୁଚ୍ଛସି ? (ଉପାସକ ! ମୁଣ୍ଡିତମୁଣ୍ଡଃ ତ୍ୱଂ ନକ୍ଷତ୍ରାଣି ପୃଚ୍ଛସି ?)

ସିଦ୍ଧା- ଭଦନ୍ତ ! ସଂପଦଂ ବ କଂ ଜାଦଂ ?, ତା କଧେହି, ଜଇ ଅତ୍ତଣୋ ଅଣୁଊଲଂ ଭବସ୍ସଦି, ତା ଗମିସ୍ସଂ, ଅଣ୍ଣଧା ଣିବଟ୍ଟିସ୍ସଂ । (ଭଦନ୍ତ ! ସାଂପ୍ରତମପି କଂ ଜାତମ୍ ? ତତ୍ କଥୟ, ଯଦି ଆତ୍ମନଃ ଅନୁକୂଲଂ ଭବେତ୍, ତଦା ଗମିଷ୍ୟାମି, ଅନ୍ୟଥା ନିବର୍ତ୍ତିଷ୍ୟେ ।)

କ୍ଷପ- ସାବଗାଣଂ ସଂପଦଂ ଏତସ୍ସିଂ ମଳୟକେଦୁକଡଏ ଅଣୁଊଲେଣ ଣଣୁଊଲେଣ ବା କଂ ? ଅଗହିଦ ମୁଦ୍ଦେଣ ଣ ଗଚ୍ଛୀଅଦି । (ଉପାସକାନାଂ ସାଂପ୍ରତମ୍ ଏତସ୍ମିନ୍ ମଳୟକେତୁକଟକେ ଅନୁକୂଲେନ ଅନନୁକୂଲେନ ବା କିମ୍ ? ଅଗୃହୀତମୁଦ୍ରେଣ ନ ଗମ୍ୟତେ ।)

ସିଦ୍ଧା- ଭଦନ୍ତ ! କହେହି, କୁଦୋ କ୍ଖୁ ଅଅମ୍ । (ଭଦନ୍ତ ! କଥୟ, କୁତଃ ଖଲ୍ୱୟମ୍ ?)

କ୍ଷପ- ସାବଗା ! ଣିସାମେହି । ପଢମଂ ଦାବ ଏତ୍ଥ ମଳଅକେଦୁକଡକେ ଲୋଅସ୍ସ ଅଣିବାଲଅଣିକ୍କମଣପ୍ପବେସୋ ଆସୀ । ଦାଣିଂ ଏଦୋ ପଚ୍ଚାସଣ୍ଣେ କୁସୁମପୁରେ, ଣ କୋବି ଅମୁଦ୍ଦାଲଞ୍ଛିଦୋ ଣିକ୍କମିଦୁଂ ପ୍ପବସିଦୁଂ ବା ଅଣୁମୋଦୀଅଦି । ତା ଜଇ ଭାଉରାଅଣସ୍ସ ମୁଦ୍ଦାଲଞ୍ଛିଦୋ ସି, ତଦୋ ଗଚ୍ଛ ବୀସଦ୍ଧୋ । ଅଣ୍ଣଧା ଣିବ୍ବଟ୍ଟିଅ ଣିହୁକ୍କଣ୍ଣୁଂ ଚିଟ୍ଠ । ମା ତୁମଂ ଗୁମ୍ମଟ୍ଠାଣାଧିବେହିଂ ସଂଜମିଦକରଚଳଣୋ ରାଅଉଳଂ ପ୍ପବେସୀଅସି । (ଉପାସକ ! ନିଶାମୟ । ପ୍ରଥମଂ ତାବଦତ୍ର ମଳୟକେତୁକଟକେ ଲୋକସ୍ୟ ଅନିବାରିତ ନିଷ୍କ୍ରମଣ ପ୍ରବେଶୌ ଆସ୍ତାମ୍ । ଇଦାନୀମିତଃ ପ୍ରତ୍ୟାସନ୍ନେ କୁସୁମପୁରେ, ନ କୋଽପି ଅମୁଦ୍ରାଲାଞ୍ଛିତୋ ନିଷ୍କ୍ରମିତୁଂ ପ୍ରବେଷ୍ଟୁଂ ବା ଅନୁମୋଦ୍ୟତେ । ତଦ୍ ଯଦି ଭାଗୁରାୟଣସ୍ୟ ମୁଦ୍ରାଲାଞ୍ଛିତୋଽସି, ତଦା ଗଚ୍ଛ ବିଶ୍ରବ୍ଧଃ । ଅନ୍ୟଥା ନିବୃତ୍ୟ ନିଭୃତକର୍ଣ୍ଣଂ ତିଷ୍ଠ । ମା ତ୍ୱଂ ଗୁଲ୍ମସ୍ଥାନାଧିପୈଃ ସଂଯମିତକର-ଚରଣୋ ରାଜକୁଳଂ ପ୍ରବେଶ୍ୟସେ ।)

ସିଦ୍ଧା- କିଂ ଣ ଜାଣାଦି ଭଦନ୍ତୋ ଜଧା ଅମଚ୍ଚରକ୍ଖସସ୍ସ କେଳଅରେ ଅନ୍ତଓ ସିଦ୍ଧତ୍ଥଓ ଅହଂ ତି ? ତା ଅମୁଦ୍ଦାଲଞ୍ଛିଦଂ ପି ମଂ ଣିକ୍କମନ୍ତଂ କସ୍ସ ସତ୍ତୀ ଣିବାରେଦୁଂ ? (କିଂ ନ ଜାନାତି ଭଦନ୍ତଃ ଯଥା ଅମାତ୍ୟରାକ୍ଷସସ୍ୟ କେଳକରଃ ଅନ୍ତକଃ ସିଦ୍ଧାର୍ଥକୋଽହମିତି ? ତତ୍ ଅମୁଦ୍ରାଲାଞ୍ଛିତମପି ମାଂ ନିଷ୍କ୍ରାମନ୍ତଂ କସ୍ୟ ଶକ୍ତି ର୍ନିବାରୟିତୁମ୍ ?)

କ୍ଷପ- ସାବଗା ! ରକ୍ଖସସ୍ସ ପିସାଚସ୍ସ ବା କେଳଅରେ ହୋହି । ଣତ୍ଥି ଉଣ ଦେ ଅମୁଦ୍ଦାଲଞ୍ଛିଦସ୍ସ ଇଦୋ ଣିକ୍କମଣୋବାଓ । (ଉପାସକ ! ରାକ୍ଷସସ୍ୟ ପିଶାଚସ୍ୟ ବା କେଳକରେ ଭବ । ନାସ୍ତି ପୁନସ୍ତେ ଅମୁଦ୍ରାଲାଞ୍ଛିତସ୍ୟ ନିଷ୍କ୍ରମଣୋପାୟଃ ।)

ସିଦ୍ଧା- ଭଦନ୍ତ ! ଣ କୁପ୍ପ ତ । ଭଣ ମେ କଜ୍ଜସିଦ୍ଧୀ ହୋଦୁତ୍ତି । (ଭଦନ୍ତ ! ନ କୁପ୍ୟ । ଭଣ ମେ କାର୍ଯ୍ୟସିଦ୍ଧି ର୍ଭବତୁ ଇତି ।)

Digitized by PPRACHIN, SOA

କ୍ଷପ— (ହାସ୍ୟର ସହିତ) ଉପାସକ ! ମୁଣ୍ଡିତମୁଣ୍ଡ ହୋଇ ନକ୍ଷତ୍ର ପଗ୍ଗୁଛ ? ✳

ସିଦ୍ଧା— ଭଦନ୍ତ, ବର୍ତ୍ତମାନ ମଧ୍ୟ କ'ଣ ହୋଇଛି କି ? କହନ୍ତୁ, ଯଦି ମୋତେ ଅନୁକୂଳ ହେବ, ଯିବି, ଅନ୍ୟଥା ନ ଯିବି ।

କ୍ଷପ—ବର୍ତ୍ତମାନ ଏଠାରେ ମଳୟକେତୁଙ୍କ ଶିବିରରେ ଅନୁକୂଳ ବା ପ୍ରତିକୂଳ ହେବାର ପ୍ରଶ୍ନ ନାହିଁ । ଅନୁମତି ପତ୍ର ବିନା କେହି ଯାଇ ପାରିବ ନାହିଁ ।

ସିଦ୍ଧା— ଦୟାକରି ଏହାର କାରଣ କହନ୍ତୁ ।

କ୍ଷପ—ଉପାସକ,ଶୁଣ । ପ୍ରଥମେ ଏଇ ଶିବିରରେ ଲୋକମାନଙ୍କର ଅବାଧ ଯାତାୟାତ ହେଉଥିଲା । କିନ୍ତୁ ବର୍ତ୍ତମାନ ପାଟଳିପୁତ୍ର ନିକଟ ହେବାରୁ ବିନା ଅନୁମତି-ପତ୍ରରେ କେହି ଯାତାୟାତ କରି ପାରୁନାହାଁନ୍ତି । ତେଣୁ ତୁମ ପାଖରେ ଯଦି ଭଗୁରାୟଣଙ୍କର ଅନୁମତି ପତ୍ର ଅଛି, ତେବେ ଯାଅ । ନଥିଲେ ରୁହ । ଅନ୍ୟଥା ସୀମାରକ୍ଷୀମାନେ ତୁମକୁ ଧରି ହାତଗୋଡ ବାନ୍ଧି ରଜାଙ୍କ ନିକଟକୁ ନେଇଯିବେ ।

ସିଦ୍ଧା- ଭଦନ୍ତ, ଆପଣ କ'ଣ ଜାଣନ୍ତି ନାହିଁ, ମୁଁ ଅମାତ୍ୟ ରକ୍ଷସଙ୍କର ଅତିପ୍ରିୟ ପାର୍ଶ୍ୱଚର ସିଦ୍ଧାର୍ଥକ । ତେଣୁ ମୁଁ ଯଦିଓ ବିନା ଅନୁମତି-ପତ୍ରରେ ଯାଉଛି, ମୋତେ ବାରଣ କରିବାକୁ କାହାର ସାମର୍ଥ୍ୟ ଅଛି ?

କ୍ଷପ— ଉପାସକ, ତୁମେ ରକ୍ଷସର ପ୍ରିୟ ହୁଅ ବା ପିଶାଚର ପ୍ରିୟ ହୁଅ, ବିନା ଅନୁମତି ପତ୍ରରେ ଏଠାରୁ ବାହାରିବାର ଉପାୟ ନାହିଁ ।

ସିଦ୍ଧା— ଭଦନ୍ତ, ରଗିଯାଆନ୍ତୁ ନାହିଁ । ମୋର କାର୍ଯ୍ୟ ସିଦ୍ଧି ହେଉ,ଆପଣ କହନ୍ତୁ ।

✳ ଅର୍ଥାତ୍ ତୁମେ ତ ଯାହା ଆରମ୍ଭ କରିଦେଲଣି । ବର୍ତ୍ତମାନ ଆଉ ତିଥି,ନକ୍ଷତ୍ର ପ୍ରଭୃତି ଶୁଭାଶୁଭ ପଗ୍ଗୁରିବାରେ ଯାଏ ଆସେ କଅଣ ?

Digitized by PPRACHIN, SOA

କ୍ଷପ- ସାବଗା ! ଗଚ୍ଛ, ହୋଦୁ ଦେ କଜ୍ଜସିଦ୍ଧୀ । ଅହଂ ପି ରାଗୁରାଅଣାଦୋ ପାଡଳିଉତ୍ତଂ ଗନ୍ତୁଂ ମୁଦ୍ଦଂ ପଡ଼ଚ୍ଛେମି । (ଉପାସକ ! ଗଚ୍ଛ, ଭବତୁ ତେ କାର୍ଯ୍ୟସିଦ୍ଧିଃ । ଅହମପି ରାଗୁରାୟଣାତ୍ ପାଟଳିପୁତ୍ରଂ ଗନ୍ତୁଂ ମୁଦ୍ରାଂ ପ୍ରତୀଚ୍ଛାମି ।)

(ଇତି ଉଭୌ ନିଷ୍କ୍ରାନ୍ତୌ)

॥ ଇତି ପ୍ରବେଶକଃ ॥

(ତତଃ ପ୍ରବିଶତି ପୁରୁଷେଣାନୁଗମ୍ୟମାନୋ ଭାଗୁରାୟଣଃ)

ଭାଗୁ- (ଆତ୍ମଗତମ୍) ଅହୋ ! ବିଚିତ୍ରତା ଆର୍ଯ୍ୟଚାଣକ୍ୟନୀତେଃ । କୁତଃ—

ମୁହୁର୍ଲକ୍ଷ୍ୟୋଦ୍‌ଭେଦା ମୁହୁରଧିଗମାଭାବଗହନା
ମୁହୁଃ ସମ୍ପୂର୍ଣ୍ଣାଙ୍ଗୀ ମୁହୁରତିକୃଶା କାର୍ଯ୍ୟବଶତଃ ।
ମୁହୁର୍ଭ୍ରଶ୍ୟଦ୍‌ବୀଜା ମୁହୁରପି ବହୁପ୍ରାପିତ ଫଳେ-
ତ୍ୟହୋ ! ଚିତ୍ରାକାରା ନିୟତିରିବ ନୀତିର୍ନୟବିଦଃ ॥ ୩

(ପ୍ରକାଶମ୍) ଭଦ୍ର ଭାସୁରକ ! ନ ମାଂ ଦୂରୀଭବନ୍ତମିଚ୍ଛତି କୁମାରଃ । ଅତୋଽସ୍ମିନ୍ନେବ ଆସ୍ଥାନମଣ୍ଡପେ ବିନ୍ୟସ୍ୟତାମାସନମ୍ ।

ପୁରୁଷଃ- ଏଦଂ ଆସନଂ, ଉପବିସଦୁ ଅଜ୍ଜୋ । (ଏତଦାସନମ୍, ଉପବିଶତୁ ଆର୍ଯ୍ୟଃ ।)

ଭାଗୁ- (ଉପବିଶ୍ୟ) ଭଦ୍ର ଭାସୁରକ ! ଯଃ କଶ୍ଚିନ୍ମୁଦ୍ରାର୍ଥୀ ଦ୍ରଷ୍ଟୁମିଚ୍ଛତି, ସ ତ୍ୱୟା ପ୍ରବେଶୟିତବ୍ୟଃ ।

ପୁରୁଷଃ- ଜଂ ଅଜ୍ଜୋ ଆଣବେଦି । (ଯଦାର୍ଯ୍ୟଃ ଆଜ୍ଞାପୟତି ।) ଇତି ନିଷ୍କ୍ରାନ୍ତଃ ।

ଭାଗୁ- (ସ୍ୱଗତମ୍) କଷ୍ଟମେବମ୍ ଅପି ଅସ୍ମାସୁ ସ୍ନେହବାନ୍ କୁମାରୋ ମଳୟକେତୁଃ ଅତିସନ୍ଧାତବ୍ୟଃ ଇତ୍ୟହୋ ଦୁଷ୍କରମ୍ । ଅଥବା—

କୁଳେ ଲଜ୍ଜାୟାଞ୍ଚ ସ୍ୱଯଶସି ଚ ମାନେ ଚ ବିମୁଖଃ
ଶରୀରଂ ବିକ୍ରୀୟ କ୍ଷଣିକଧନଲୋଭାଦ୍ ଧନବତି ।
ତଦାଜ୍ଞାଂ କୁର୍ବାଣୋ ହିତମହିତ ମିତ୍ୟେତଦଧୁନା
ବିଚାରାତିକ୍ରାନ୍ତଃ କିମିତି ପରତନ୍ତ୍ରୋ ବିମୃଶତି ॥ ୪

(ତତଃ ପ୍ରବିଶତି ପ୍ରତୀହାର୍ଯ୍ୟନୁଗତଃ ମଳୟକେତୁଃ)

ମଳୟ- (ସ୍ୱଗତମ୍) ଅହୋ ! ରାକ୍ଷସଂ ପ୍ରତି ମେ ବିକଳ୍ପ-ବାହୁଲ୍ୟାଦ୍ ଆକୁଳା ବୁଦ୍ଧିର୍ନ ନିଶ୍ଚୟ ମଧିଗଚ୍ଛତି । କୁତଃ—

ଭକ୍ତ୍ୟା ନନ୍ଦକୁଳାନୁରାଗ ଦୃଢୟା ନନ୍ଦାନ୍ୱୟାଳମ୍ବିନା
କିଂ ଚାଣକ୍ୟନିରାକୃତେନ କୃତିନା ମୌର୍ଯ୍ୟେଣ ସନ୍ଧାସ୍ୟତେ ?
ସ୍ଥୈର୍ଯ୍ୟଂ ଭକ୍ତିଗୁଣସ୍ୟ ବାଧିଗଣୟନ୍ କିଂ ସତ୍ୟସନ୍ଧୋ ଭବେଦ୍
ଇତ୍ୟାରୂଢକୁଲାଳଚକ୍ରମିବ ମେ ଚେତଶ୍ଚିରଂ ଭ୍ରାମ୍ୟତି ॥ ୫

(ପ୍ରକାଶମ୍) ବିଜୟେ ! କ୍ୱ ଭାଗୁରାୟଣଃ ?

Digitized by PPRACHIN, SOA

କ୍ଷପ– ଉପାସକ, ଯାଅ । ତୁମର କାର୍ଯ୍ୟସିଦ୍ଧି ହେଉ । ମୁଁ ମଧ୍ୟ ଖଣ୍ଡିଏ ଅନୁମତିପତ୍ର ମାଗିବାକୁ ଭାଗୁରାୟଣଙ୍କ ନିକଟକୁ ଯାଉଛି ।

(ଦ୍ୱିଭୟଙ୍କର ପ୍ରସ୍ଥାନ) (ପ୍ରବେଶକ ଶେଷ)

(ତା'ପରେ ଭାଗୁରାୟଣଙ୍କର ପ୍ରବେଶ । ପଛେ ପଛେ ଏକ ବ୍ୟକ୍ତି)

ଭାଗୁ (ସ୍ୱଗତ) ଅହୋ ! ଆର୍ଯ୍ୟ ଚାଣକ୍ୟଙ୍କର ନୀତି କି ବିଚିତ୍ର !

କେତେବେଳେ ଏହାର ବିକାଶକୁ ଲକ୍ଷ୍ୟ କରିହୁଏ ତ କେତେବେଳେ ଏହା ଏତେ ଦୁର୍ବୋଧ୍ୟ ଯେ, କିଛି ଜାଣିହୁଏନାହିଁ । କେତେବେଳେ ଏହା ପୂର୍ଣ୍ଣାଙ୍ଗ, ପୁଣି କେତେବେଳେ କାର୍ଯ୍ୟବଶତଃ ଅତ୍ୟନ୍ତ କ୍ଷୀଣ । ଆଜି ଏହାର ବୀଜ ନଷ୍ଟ ହୋଇ ଗଲଣି ତ କାଲି ଏହା ପ୍ରଚୁର ଫଳ ଦେଲଣି । ଏହିପରି ନିୟତି ପରି ନୀତିଜ୍ଞ ଚାଣକ୍ୟଙ୍କର ନୀତି କି ବିଚିତ୍ର !

(ପ୍ରକାଶ୍ୟରେ) ଭଦ୍ର ଭାସୁରକ, ମୋର ଦୂରରେ ରହିବା କୁମାର ଇଚ୍ଛା କରୁ ନାହାଁନ୍ତି । ତେଣୁ ଏହି ଆସ୍ଥାନ ମଣ୍ଡପରେ ଆସନ ପକାଅ ।

ବ୍ୟକ୍ତି– ଏଇ ଆସନ ! ଆର୍ଯ୍ୟ ବସିବା ହୁଅନ୍ତୁ ।

ଭାଗୁ– [ବସି] କେହି ମୁଦ୍ରା [ଅନୁମତି ପତ୍ର] ନିମନ୍ତେ ମୋତେ ଦେଖା କରିବାକୁ ଚାହିଁଲେ ତୁମେ ତାକୁ ପ୍ରବେଶ କରାଇବ ।

ବ୍ୟକ୍ତି– ଯଥାଜ୍ଞା ଆର୍ଯ୍ୟ । [ଚାଲିଗଲା]

ଭାଗୁ– (ସ୍ୱଗତ) ଆହା ! ମୋ ପ୍ରତି କୁମାର ମଳୟକେତୁଙ୍କର କେତେ ଶ୍ରଦ୍ଧା ! ତାଙ୍କୁ ପ୍ରତାରିତ କରିବା ଅତି ଦୁଃଖଦାୟକ । କିନ୍ତୁ–

ଯେଉଁ ବ୍ୟକ୍ତି ନିଜର କୁଳ, ଯଶ ଏବଂ ସମ୍ମାନ ପ୍ରତି ମମତା ନ ରଖି ନଶ୍ୱର ଧନ ଲାଭ ଆଶାରେ ଧନବାନ୍ ନିକଟରେ ନିଜକୁ ବିକ୍ରି କରି ଦେଇଥାଏ, ସେ ମୁନିବର ଆଜ୍ଞା ପାଳନ କରୁଥିବା ବେଳେ କିପରି ହିତାହିତ ବିଚାର କରି ପାରିବ ? କାରଣ ସେ ପରାଧୀନ । ହିତାହିତ ବିଚାର କରିବାର ଅଧିକାରରୁ ସେ ବଞ୍ଚିତ ହୋଇଥାଏ ।

(ମଳୟକେତୁ ପ୍ରବେଶ କଲେ । ପଛେ ପଛେ ପ୍ରତିହାରୀ)

ମଳୟ– (ସ୍ୱଗତ) ଓଃ, ମୋ ମନ ରାକ୍ଷସ ପ୍ରତି ସନ୍ଦେହପୂର୍ଣ୍ଣ ଥିବାରୁ ଆକୁଳ ହୋଇ କିଛି ସ୍ଥିର କରି ପାରୁନାହିଁ । କାରଣ–

ରାକ୍ଷସ ନନ୍ଦକୁଳ ପ୍ରତି ତାର ଦୃଢ଼ ଅନୁରକ୍ତିମୂଳକ ଭକ୍ତିଯୋଗୁ କ'ଣ ନନ୍ଦକୁଳସମ୍ଭୂତ ଚନ୍ଦ୍ରଗୁପ୍ତ ସହିତ ସନ୍ଧି କରିବ, ଯେଉଁ ଚନ୍ଦ୍ରଗୁପ୍ତ କି ଚାଣକ୍ୟକୁ ବିତାଡ଼ିତ କରିଛି ? କିମ୍ବା ତା'ପ୍ରତି ମୋର ଯେଉଁ ଦୃଢ଼ ଆନୁଗତ୍ୟ, ସେଥିପ୍ରତି ଧ୍ୟାନଦେଇ ରହିବ ? ଏହିପରି ବିଚାରରେ ମୋ ମନ ସତେ ଯେପରି କୁମ୍ଭାର ଚକ ଉପରେ ଥାଇ ଘୂରିବାରେ ଲାଗିଛି ! (ପ୍ରକାଶ୍ୟରେ) ବିଜୟା, ଭାଗୁରାୟଣ କେଉଁଠି ?

Digitized by PPRACHIN, SOA

ପ୍ରତୀହାରୀ- କୁମାର ! ଏସେ କ୍ଖୁ କଡଆଦୋ ଣିକ୍କମିଦୁକାମାଣଂ ମୁଦ୍ଦାସପଦାଣଂ ଅଣୁଚିଟ୍ଠଦି (କୁମାର ! ଏଷଃ ଖଳୁ କଟକାତ୍ ନିଷ୍କ୍ରମିତୁକାମାନାଂ ମୁଦ୍ରାସମ୍ପ୍ରଦାନମ୍ ଅଧିତିଷ୍ଠତି ।)

ମଳୟ- ଭଦ୍ରେ ! ମୁହୂର୍ତ୍ତଂ ନିଭୃତପଦସଞ୍ଚାରା ଭବ, ଯାବଦ୍ ଅସ୍ୟ ପରାଙ୍ମୁଖସ୍ୟ ଏବ ପାଣିଭ୍ୟାଂ ନୟନେ ପିଦଧାମି ।

ପ୍ରତୀହାରୀ- ଜଂ କୁମାରୋ ଆଣବେଦି (ଯତ୍ କୁମାରଃ ଆଜ୍ଞାପୟତି ।)

ଭାସୁରକଃ- (ପ୍ରବିଶ୍ୟ) ଅଜ୍ଜ ! ଏସୋ କ୍ଖୁ କ୍ଖବଣଓ ମୁଦ୍ଦାଣିମିତ୍ତଂ ଅଜ୍ଜଂ ପେକ୍ଖିଦୁମିଚ୍ଛଦି । (ଆର୍ଯ୍ୟ ! ଏଷଃ ଖଳୁ କ୍ଷପଣକଃ ମୁଦ୍ରାନିମିତ୍ତମ୍ ଆର୍ଯ୍ୟଂ ପ୍ରେକ୍ଷିତୁମ୍ ଇଚ୍ଛତି ।)

ଭାଗୁ- ପ୍ରବେଶୟ ।

ଭାସୁରକଃ- ଜଂ ଅଜ୍ଜୋ ଆଣବେଦି (ଯଦ୍ ଆର୍ଯ୍ୟ ଆଜ୍ଞାପୟତି ।) (ଇତି ନିଷ୍କ୍ରାନ୍ତଃ)

କ୍ଷପଣକଃ- (ପ୍ରବିଶ୍ୟ) ସାବକାଣଂ ଧମ୍ମବୁଦ୍ଧୀ ହୋଦୁ (ଉପାସକାନାଂ ଧର୍ମବୃଦ୍ଧିଃ ଭବତୁ ।)

ଭାଗୁ- (ନାଟ୍ୟେନ ଅବଲୋକ୍ୟ ସ୍ୱଗତମ୍) ଅୟେ ! ରାକ୍ଷସସ୍ୟ ମିତ୍ରଂ ଜୀବସିଦ୍ଧିଃ ! (ପ୍ରକାଶମ୍) ଭଦନ୍ତ ! ନ ଖଳୁ ରାକ୍ଷସସ୍ୟ ପ୍ରୟୋଜନମେବ କିଞ୍ଚିଦୁଦ୍ଦିଶ୍ୟ ଗମ୍ୟତେ ?

କ୍ଷପଣକଃ- (କର୍ଣ୍ଣୌ ପିଧାୟ) ସନ୍ତଂ ପାବଂ, ସନ୍ତଂ ପାବଂ ! ସାବଗା ! ତହିଂ ଜ୍ଜେବ ଗମିସ୍ସଂ, ଜହିଂ ରକ୍ଖସସ୍ସ ପିସାଚସ୍ସ ବା ଣାମଂ ପି ଣ ସୁଣୀଅଦି । (ଶାନ୍ତଂ ପାପଂ, ଶାନ୍ତଂ ପାପଂ ! ଉପାସକ ! ତତ୍ରୈବ ଗମିଷ୍ୟାମି, ଯତ୍ର ରାକ୍ଷସସ୍ୟ ପିଶାଚସ୍ୟ ବା ନାମାପି ନ ଶ୍ରୂୟତେ ।)

ଭାଗୁ- ଭଦନ୍ତ ! ବଳୀୟାନ୍ ତେ ସୁହୃଦି ପ୍ରଣୟକୋପଃ । ତତ୍ କିମପରାଦ୍ଧଂ ରାକ୍ଷସେନ ଭଦନ୍ତସ୍ୟ ?

କ୍ଷପଣକଃ- ଣ ମମ କିଂ ପି ରକ୍ଖସେଣ ଅବରଦ୍ଧଂ । ସଅଂ ଜ୍ଜେବ ମନ୍ଦଭାଓ ଅତ୍ତଣୋ କମ୍ମସୁ ଲଜ୍ଜାମି (ନ ମେ କିମପି ରାକ୍ଷସେନ ଅପରାଦ୍ଧଂ, ସ୍ୱୟମ୍ ଏବ ମନ୍ଦଭାଗ୍ୟ ଆତ୍ମନଃ କର୍ମସୁ ଲଜ୍ଜେ ।)

ଭାଗୁ- ଭଦନ୍ତ ! ବର୍ଦ୍ଧୟସି ମେ କୁତୂହଳମ୍ ।

ମଳୟ- (ସ୍ୱଗତମ୍) ମମ ଚ ।

ଭାଗୁ- ଶ୍ରୋତୁମ୍ ଇଚ୍ଛାମି ।

ମଳୟ- (ସ୍ୱଗତମ୍ ଅହମ୍ ଅପି ।

କ୍ଷପଣକଃ- ସାବଗା ! କିଂ ଏଦିଣା ଅସୁଣିଦବ୍ବେଣ ସୁଦେଣ ? (ଉପାସକ ! କିମ୍ ଏତେନ ଅଶ୍ରୋତବ୍ୟେନ ଶ୍ରୁତେନ ?)

ଭାଗୁ- ଭଦନ୍ତ ! ଯଦି ରହସ୍ୟଂ, ତଦା ତିଷ୍ଠତୁ ।

କ୍ଷପଣକଃ- ସାବଗା ! ଣ ହୁ ରହସ୍ସଂ (ଉପାସକ ! ନ ହି ରହସ୍ୟମ୍)

ଭାଗୁ- ତତ୍ ହି କଥ୍ୟତାମ୍ ।

Digitized by PPRACHIN, SOA

ପ୍ରତୀହାରୀ– ଯେଉଁମାନେ ଶିବିରରୁ ବାହାରକୁ ଯିବାକୁ ଚାହୁଁଛନ୍ତି, ସେ ସେମାନଙ୍କୁ ମୁଦ୍ରା (ଅନୁମତି ପତ୍ର) ଦେବାରେ ଅଛନ୍ତି ।

ମଳୟ– ବିଜୟା, ମୁହୂର୍ତ୍ତେ ନିଶ୍ଚଳ ରୁହ । ମୁଁ ପଛପଟରୁ ଯାଇ ହାତରେ ତାଙ୍କର ଆଖି ବୁଜି ଧରିବି ।

ପ୍ରତୀ– ଯଥାଜ୍ଞା କୁମାର ।

ବ୍ୟକ୍ତି– (ପ୍ରବେଶ କରି) ଆର୍ଯ୍ୟ, ଏକ କ୍ଷପଣକ ଅନୁମତି ପତ୍ର ନିମନ୍ତେ ଆପଣଙ୍କୁ ଦେଖା କରିବାକୁ ଚାହୁଁଛି ।

ଭଗୁ– ପ୍ରବେଶ କରାଅ ।

ବ୍ୟକ୍ତି– ଆର୍ଯ୍ୟଙ୍କର ଯାହା ଆଜ୍ଞା । (ଚାଲିଗଲ)

କ୍ଷପ– (ପ୍ରବେଶ କରି) ଉପାସକଙ୍କର ଧର୍ମବୃଦ୍ଧି ହେଉ ।

ଭଗୁ– (ଚାହିଁ ସ୍ୱଗତ) ଆରେ ! ରାକ୍ଷସର ମିତ୍ର ଜୀବସିଦ୍ଧି ! (ପ୍ରକାଶ୍ୟରେ) ତୁମେ ରାକ୍ଷସଙ୍କର କୌଣସି କାର୍ଯ୍ୟ ଉଦ୍ଦେଶ୍ୟରେ ଯାଉନାହଁ ତ ?

କ୍ଷପ– ଭଗବାନ୍ ! ଉପାସକ, ମୁଁ ସେହିଠାକୁ ଯିବି, ଯେଉଁଠାରେ ରାକ୍ଷସର ବା ପିଶାଚର ନାମ ମଧ୍ୟ ଶୁଣାଯାଏ ନାହିଁ ।

ଭଗୁ– ଭଦନ୍ତ ! ବନ୍ଧୁଙ୍କ ପ୍ରତି ତ ଭରି ସ୍ନେହକୋପ ! କଅଣ ରାକ୍ଷସ ତୁମ ପ୍ରତି କିଛି ଅପରାଧ କଲେ କି ?

କ୍ଷପ– ନା, ରାକ୍ଷସ ମୋର କିଛି ଅପରାଧ କରି ନାହାନ୍ତି । ମୁଁ ନିଜେ ମନ୍ଦଭାଗ୍ୟ, ନିଜ କର୍ମରେ ଲଜ୍ଜିତ ।

ଭଗୁ– ଭଦନ୍ତ, ତୁମେ ମୋର କୌତୂହଳ ବଢାଉଛ ।

ମଳୟ– (ସ୍ୱଗତ) ମୋର ମଧ୍ୟ ।

ଭଗୁ– ମୁଁ ଶୁଣିବାକୁ ଚାହେଁ ।

କ୍ଷପ– ଉପାସକ, ଯେଉଁ କଥା ଶୁଣିବା ଅନୁଚିତ, ତାହା କାହିଁକି ଶୁଣିବ ?

ଭଗୁ– ଯଦି ଗୋପନୀୟ, ତା' ହେଲେ ଥାଉ ।

କ୍ଷପ– ଉପାସକ, ଗୋପନୀୟ ନୁହେଁ ।

ଭଗୁ– ତେବେ କୁହନ୍ତୁ ।

Digitized by PPRACHIN, SOA

କ୍ଷପଣକଃ- ସାବଗା ! ଅତ୍ଥି ଏଦମ୍, ତଧାବି ଣ କଧଇସ୍ସଂ ଅଦିଣିସଂସଂ (ଉପାସକ ! ଅସ୍ତି ଇଦଂ, ତଥାପି ନ କଥୟିଷ୍ୟାମି ଅତିନୃଶଂସମ୍)

ଭାଗୁ- ଭଦନ୍ତ ! ଅହମ୍ ଅପି ମୁଦ୍ରାଂ ନ ଦାସ୍ୟାମି ।

କ୍ଷପଣକଃ- କା ଗଦୀ ? ଏସେ ଣିବେଦେମି, ସୁଣାଦୁ ସାବଗେ ! ଅତ୍ଥି ଦାବ ହଗେ ଅଧଣ୍ଣୋ ପଢମଂ ପାଡଲିଉତ୍ତେ ଣିବସମାଣୋ ରକ୍ଖସସ୍ସ ମିତ୍ତତ୍ତଣଂ ଉବଗଦେ । ତହିଂ ଅବସଲେ ରକ୍ଖସେଣ ଗୂଢଂ ବିସକଣ୍ଣା-ପଓଅଂ ସମୁପ୍ପାଦିଅ ଘାଦିଦେ ଦେବେ ପବ୍ବଦୀସଲେ (କା ଗତିଃ ? ନିବେଦୟାମି, ଶୃଣୋତୁ ଉପାସକଃ । ଅସ୍ତି ତାବଦ୍ ଅହମ୍ ଅଧନ୍ୟଃ ପ୍ରଥମଂ ପାଟଲିପୁତ୍ରେ ବସନ୍ ରାକ୍ଷସସ୍ୟ ମିତ୍ରତ୍ୱମୁପଗତଃ । ତସ୍ମିନ୍ ଅବସରେ ରାକ୍ଷସେନ ଗୂଢଂ ବିଷକନ୍ୟା ପ୍ରୟୋଗଂ ସମୁତ୍ପାଦ୍ୟ ଘାତିତଃ ଦେବଃ ପର୍ବତେଶ୍ୱରଃ ।)

ମଲୟକେତୁ- (ସବାଷ୍ପମାତ୍ମଗତମ୍) କଥଂ, ରାକ୍ଷସେନ ଘାତିତସ୍ତାତଃ, ନ ଚାଣକ୍ୟେନ ?

ଭାଗୁ- ଭଦନ୍ତ ! ତତସ୍ତତଃ ?

କ୍ଷପଣକଃ- ତଦୋ ହଗେ ରକ୍ଖସସ୍ସ ମିତ୍ତଂ କଦୁଅ ଚାଣକ୍କହଦଏଣ ସଣିକାରଂ ଣଅରାଦୋ ଣିବ୍ବାସିଦୋ । ଦାଣିଂ ପି ରକ୍ଖସେଣ ଅଣେଅରାଅକଜ୍ଜ-କୁସଲେଣ କିଂପି ତାଦିସଂ ଆଲହିଅଦି, ଜେଣ ହଗେ ଜୀଅଲୋଆଦୋ ଣିକ୍କସିଜ୍ଜାମି । (ତତଃ ଅହଂ ରାକ୍ଷସସ୍ୟ ମିତ୍ରଂ କୃତ୍ୱା ଚାଣକ୍ୟହତକେନ ସନିକାରଂ ନଗରାତ୍ ନିର୍ବାସିତଃ । ଇଦାନୀମ୍ ଅପି ରାକ୍ଷସେନ ଅନେକରାଜକାର୍ଯ୍ୟ-କୁଶଲେନ କିମପି ତାଦୃଶମାରଭ୍ୟତେ, ଯେନାହଂ ଜୀବଲୋକାନ୍ନିଷ୍କାସିଷ୍ୟେ ।)

ଭାଗୁ- ଭଦନ୍ତ ! ପ୍ରତିଶ୍ରୁତରାଜ୍ୟାର୍ଦ୍ଧମପ୍ରଯଚ୍ଛତା ଚାଣକ୍ୟହତକେନେଦମକାର୍ଯ୍ୟମନୁଷ୍ଠିତଂ, ନ ରାକ୍ଷସେନେତି ଶ୍ରୁତମସ୍ମାଭିଃ ।

କ୍ଷପଣକଃ- (କର୍ଣ୍ଣୌ ପିଧାୟ) ସନ୍ତଂ ପାବଂ । ସାବଗା ! ଚାଣକ୍କୋ ବିସକଣ୍ଣାଏ ଣାମ ବି ଣ ଜାଣାଦି । ତେଣ ଜ୍ଜେବ୍ବ ଦୁଷ୍ଟବୁଦ୍ଧିଣା ରକ୍ଖସେଣ ଏସା ଅକଜ୍ଜସିଦ୍ଧୀ କଦା । (ଶାନ୍ତଂ ପାପମ୍ । ଉପାସକ ! ଚାଣକ୍ୟୋ ବିଷକନ୍ୟାୟାଃ ନାମାପି ନ ଜାନାତି । ତେନ ଏବ ଦୁଷ୍ଟବୁଦ୍ଧିନା ରାକ୍ଷସେନ ଏଷା ଅକାର୍ଯ୍ୟସିଦ୍ଧିଃ କୃତା ।)

ଭାଗୁ- ଭଦନ୍ତ ! କଷ୍ଟମିଦମ୍, ଇୟଂ ମୁଦ୍ରା ଦୀୟତେ । ଏହି, କୁମାରଂ ଶ୍ରାବୟାବଃ ।

ମଲୟକେତୁ- (ଉପସୃତ୍ୟ)

ଶ୍ରୁତଂ ସଖେ ! ଶ୍ରବଣବିଦାରଣଂ ବଚଃ
ସୁହୃନ୍ମୁଖାଦ୍ରିପୁମଧିକୃତ୍ୟ ଭାଷିତମ୍ ।
ପିତୁର୍ବଧବ୍ୟସନମିଦଂ ହି ଯେନ ମେ
ଚିରାଦପି ଦ୍ୱିଗୁଣମିବାଦ୍ୟ ବର୍ଦ୍ଧତେ ॥ ୬ ॥

କ୍ଷପ- (ସ୍ୱଗତମ୍ ସଂସ୍କୃତେନ) ଅୟେ ! ଶ୍ରୁତଂ ମଲୟକେତୁହତକେନ ! କୃତାର୍ଥୋଽସ୍ମି । (ଇତି ନିଷ୍କ୍ରାନ୍ତଃ)

Digitized by PPRACHIN, SOA

କ୍ଷପ– ଉପାସକ, ଗୋପନୀୟ ନୁହେଁ । ଅତି ନୃଶଂସ କଥା । ତେଣୁ କହିବି ନାହିଁ ।

ଭଗୁ– ମୁଁ ମଧ୍ୟ ତୁମକୁ ଅନୁମତି ପତ୍ର ଦେବି ନାହିଁ ।

କ୍ଷପ– (ସ୍ୱଗତ) ଏ ଯେହେତୁ ଖୁବ୍ ଜିଦ୍ ଧରୁଛନ୍ତି, ତେଣୁ ମୋର କହିବା ଉଚିତ । (ପ୍ରକାଶ୍ୟରେ) ଆଉ ଉପାୟ କ'ଣ ? ତାହା ହେଲେ ଶୁଣ । ମୁଁ ଜଣେ ମନ୍ଦଭଗ୍ୟ ଲୋକ । ପାଟଳିପୁତ୍ରରେ ଥିଲାବେଳେ ରାକ୍ଷସ ସହିତ ମୋର ବନ୍ଧୁତା ଥିଲା । ସେହି ସମୟରେ ରାକ୍ଷସ ଗୋପନରେ ବିଷକନ୍ୟା ପ୍ରୟୋଗ କରି ପର୍ବତେଶ୍ୱରଙ୍କୁ ହତ୍ୟା କଲା ।

ମଳୟ– (ଅଶ୍ରୁପାତ କରି ସ୍ୱଗତ) କଅଣ ? ମୋର ପିତାଙ୍କୁ ରାକ୍ଷସ ମାରଇଛି ! ଚାଣକ୍ୟ ନୁହେଁ !

ଭଗୁ– ଭଦନ୍ତ, ତା' ପରେ ?

କ୍ଷପ– ତା' ପରେ ମୁଁ ରାକ୍ଷସର ମିତ୍ର ବୋଲି ଦୁଷ୍ଟ ଚାଣକ୍ୟ ମୋତେ ତିରସ୍କାର ପୂର୍ବକ ନଗରରୁ ବାହାର କରିଦେଲା । ଅକାର୍ଯ୍ୟଧୁରନ୍ଧର ରାକ୍ଷସ ଏବେ ମଧ୍ୟ ସେଇଭଳି କିଛି ଆରମ୍ଭ କରୁଛି, ଯାହା ଫଳରେ ମୋତେ ଜୀବଜଗତରୁ ବିଦାୟ ନେବାକୁ ପଡ଼ିବ ।

ଭଗୁ– ଭଦନ୍ତ, ଆମେ ଶୁଣିଥିଲୁ, ଦୁଷ୍ଟ ଚାଣକ୍ୟ ପ୍ରତିଶ୍ରୁତ ଅର୍ଦ୍ଧେ ରାଜ୍ୟ ନ ଦେବା ଉଦ୍ଦେଶ୍ୟରେ ଏହି କୁକର୍ମ କରିଥିଲା ।

କ୍ଷପ– (କାନରେ ହାତ ଦେଇ) ଭଗବାନ୍ ! ଭଗବାନ୍ ! ଚାଣକ୍ୟ ବିଷକନ୍ୟାର ନାମ ମଧ୍ୟ ଜାଣେନାହିଁ । ଦୁଷ୍ଟବୁଦ୍ଧି ରାକ୍ଷସ ହିଁ ଏହି କୁକର୍ମ ସାଧନ କରିଛି ।

ଭଗୁ– ଅନୁମତି ପତ୍ର ଦିଆହେବ । ଆସ, କୁମାରଙ୍କୁ ଏହା ଶୁଣାଇବା ।

ମଳୟ– (ନିକଟକୁ ଆସି) ମିତ୍ର, ମୁଁ ଶୁଣିଛି, ଶତ୍ରୁ-ସମ୍ପର୍କୀୟ ଶ୍ରବଣବିଦାରକ ବିଷୟ ବନ୍ଧୁର ମୁଖରୁ ଶୁଣିଛି, ଯାହା ଫଳରେ ପିତୃବଧଜନିତ ମୋର ଦୁଃଖ ବର୍ତ୍ତମାନ ଦ୍ୱିଗୁଣ ବଢ଼ିଉଠୁଛି, ଯଦିଓ ଏହା ମଧ୍ୟରେ ଦୀର୍ଘ ସମୟ ବିତିଗଲଣି । ୬ ।

କ୍ଷପ– (ସ୍ୱଗତ) ଆରେ ! ଦୁର୍ଭାଗା ମଳୟକେତୁ ଶୁଣିନେଇଛି ! ବାଃ ! ସଫଳକାମ ହେଲି । (ଚାଲିଗଲା)

Digitized by PPRACHIN, SOA

ମଲୟ- (ପ୍ରତ୍ୟକ୍ଷବଦାକାଶେ ଲକ୍ଷ୍ୟଂ ବଦ୍ଧ୍ୱା) ରାକ୍ଷସ ! ଯୁକ୍ତମିଦମ୍ ।

ମିତ୍ରଂ ମମାୟମିତି ନିର୍ବୃତଚିତ୍ତବୃତ୍ତିଂ
ବିଶ୍ରମ୍ଭତସ୍ତ୍ୱୟି ନିବେଶିତସର୍ବକାର୍ଯ୍ୟମ୍ ।
ତାତଂ ନିପାତ୍ୟ, ସହ ବନ୍ଧୁଜନତାଽକ୍ଷିତୋୟୈ-
ରନ୍ୱର୍ଥତୋଽପି ନନୁ ରାକ୍ଷସ ! ରାକ୍ଷସୋଽସି ॥ ୭ ॥

ଭାଗୁ- (ସ୍ୱଗତମ୍) 'ରକ୍ଷଣୀୟା ରାକ୍ଷସସ୍ୟ ପ୍ରାଣାଃ' ଇତ୍ୟାର୍ଯ୍ୟାଦେଶଃ । ଭବତ୍ୱେବଂ ତାବତ୍ତୁ (ପ୍ରକାଶମ୍) କୁମାର ! ଅଲମାବେଗେନ । ଆସନସ୍ଥଂ କୁମାରଂ କିଞ୍ଚିଦ୍-ବିଜ୍ଞାପୟିତୁମିଚ୍ଛାମି ।

ମଲୟ- (ଉପବିଶ୍ୟ) ସଖେ ! କିମସି ବକ୍ତୁକାମଃ ?

ଭାଗୁ- କୁମାର ! ଖଲ୍ୱର୍ଥଶାସ୍ତ୍ର ବ୍ୟବହାରିଣାମ୍ ଅର୍ଥବଶାତ୍ତୁ ଅରିମିତ୍ରୋଦାସୀନ ବ୍ୟବସ୍ଥା, ନ ଲୌକିକାନାମିବ ସ୍ୱେଚ୍ଛାବଶାତ୍ତୁ । ଯତସ୍ତସ୍ମିନ୍ କାଲେ ସର୍ବାର୍ଥସିଦ୍ଧିଂ ରାଜାନ-ମିଚ୍ଛତୋ ରାକ୍ଷସସ୍ୟ ଚନ୍ଦ୍ରଗୁପ୍ତାଦପି ବଳୀୟସ୍ତୟା ସୁଗୃହୀତନାମା ଦେବଃ ପର୍ବତେଶ୍ୱର ଏବାର୍ଥପରିପନ୍ଥୀ ମହାନରାତିରାସୀତ୍ତୁ, ତସ୍ମିଂଶ୍ଚ କାଲେ ରାକ୍ଷସେନ ଇଦମନୁଷ୍ଠିତମିତି ନାତି ଦୋଷମତ୍ର ପଶ୍ୟାମି । ପଶ୍ୟତୁ କୁମାରଃ—

ମିତ୍ରାଣି ଶତ୍ରୁତ୍ୱମୁପାନୟନ୍ତୀ ମିତ୍ରତ୍ୱମର୍ଥସ୍ୟ ବଶାଚ୍ଚ ଶତ୍ରୂନ୍ ।
ନୀତନ୍ସ୍ମୃତ୍ୟସ୍ମୃତପୂର୍ବବୃତ୍ତଂ ଜନ୍ମାନ୍ତରଂ ଜୀବତ ଏବ ପୁଂସଃ ॥ ୮ ॥

ତଦତ୍ର ବସ୍ତୁନି ନ ଉପାଲଭ୍ୟଃ ରାକ୍ଷସଃ, ଆ ନନ୍ଦରାଜ୍ୟଲାଭାତ୍ତୁ ଅନୁଗ୍ରାହ୍ୟଶ୍ଚ । ପରତସ୍ତସ୍ୟ ପରିଗ୍ରହେ ପରିତ୍ୟାଗେ ବା କୁମାରଃ ପ୍ରମାଣମ୍ ।

ମଲୟ- ଏବଂ ଭବତ୍ତୁ ସଖେ ! ସମ୍ୟକ୍ ଦୃଷ୍ଟବାନସି ଅମାତ୍ୟସ୍ୟ ବଧେ ପ୍ରକୃତିକ୍ଷୋଭଃ ସ୍ୟାତ୍ତୁ । ଏବଞ୍ଚ ସନ୍ଦିଗ୍ଧୋ ବିଜୟଃ ସ୍ୟାତ୍ ।

ପୁରୁଷଃ- (ପ୍ରବିଶ୍ୟ)— ଜେଦୁ ଜେଦୁ କୁମାରୋ ! ଅଅଂ ଅଜ୍ଜସ୍ସ ଗୁମ୍ମଟ୍ଠାଣାଧି-କିଦୋ ଦୀହଚକ୍‌ଖୁ ଅଜ୍ଜଂ ବିଣ୍ଣବେଦି—ଏସୋ କ୍‌ଖୁ ଅହ୍ମେହିଂ କଡଆଦୋ ଣିକ୍‌କ-ମନ୍ତୋ ଅଗହୀଦମୁଦ୍ଦୋ ସଲେହୋ ପୁଲିସୋ ଗହିଦୋ, ତା ପଚ୍ଚକ୍‌ଖୀକରେଦୁ ଣଂ ଅଜ୍ଜୋ ତ୍ତି । (ଜୟତୁ ଜୟତୁ କୁମାରଃ । ଅୟମାର୍ଯ୍ୟସ୍ୟ ଗୁଲ୍ମସ୍ଥାନାଧିକୃତୋ ଦୀର୍ଘଚକ୍ଷୁଃ ଆର୍ଯ୍ୟଂ ବିଜ୍ଞାପୟତି—'ଏଷ ଖଲୁ ଅସ୍ମାଭିଃ କଟକାତ୍ ନିଷ୍କ୍ରାମନ୍ ଅଗୃହୀତ-ମୁଦ୍ରଃ ସଲେଖଃ ପୁରୁଷୋ ଗୃହୀତସ୍ତତ୍ ପ୍ରତ୍ୟକ୍ଷୀକରୋତୁ ଏନମ୍ ଆର୍ଯ୍ୟଃ' ଇତି ।)

Digitized by PPRACHIN, SOA

ମଳୟ- (ରାକ୍ଷସଙ୍କୁ ସମ୍ମୁଖରେ ଦେଖିଲା ଭଳି ଶୂନ୍ୟକୁ ନିରୀକ୍ଷଣ କରି) ରାକ୍ଷସ ! ଏହା ଯୁକ୍ତିଯୁକ୍ତ ।

ମୋର ପିତା ତୋତେ ମିତ୍ର ବୋଲି ଭାବି, ବିଶ୍ୱାସରେ ତୋ ଉପରେ ସମସ୍ତ କାର୍ଯ୍ୟଭାର ନ୍ୟସ୍ତ କରି ମନରେ ଶାନ୍ତି ଲାଭ କରୁଥିଲେ । କିନ୍ତୁ ହାୟ ! ତୁ ତାଙ୍କୁ ନିପାତ କରି, ତାଙ୍କର ବନ୍ଧୁବର୍ଗଙ୍କ ଚକ୍ଷୁରୁ ଅଶ୍ରୁପାତ କରାଇଲୁ । ତୋ ନାମର ଅର୍ଥ ଅନୁସାରେ ତୁ ପ୍ରକୃତରେ ରାକ୍ଷସ ଅଟୁ । ୭ ।

ଭାଗୁ- (ସ୍ୱଗତ) ରାକ୍ଷସର ପ୍ରାଣରକ୍ଷା କରିବାକୁ ହେବ ବୋଲି ଆର୍ଯ୍ୟ (ଚାଣକ୍ୟ) ଉପଦେଶ ଦେଇଛନ୍ତି । ଆଚ୍ଛା, ତାହାହିଁ ହେଉ । (ପ୍ରକାଶ୍ୟରେ) କୁମାର, ଆବେଗରେ ଲାଭ କଅଣ ? ଆପଣ ବସିବା ହୁଅନ୍ତୁ । ମୁଁ ଆପଣଙ୍କୁ କିଛି ଜଣାଇବାକୁ ଚାହେଁ ।

ମଳୟ—(ବସି) ମିତ୍ର, କ'ଣ କୁହ ।

ଭାଗୁ— କୁମାର, ଏ ସଂସାରରେ ରାଜନୀତିଜ୍ଞମାନେ ପ୍ରୟୋଜନ ବଶତଃ ହିଁ ଶତ୍ରୁତା, ମିତ୍ରତା ବା ନିରପେକ୍ଷତା, ଏହି ତିନି ନୀତି ଗ୍ରହଣକରନ୍ତି, ସାଧାରଣ ଲୋକଙ୍କ ପରି ମନ ଇଚ୍ଛାରେ ନୁହେଁ । ସେ ସମୟରେ ରାକ୍ଷସ ସର୍ବାର୍ଥସିଦ୍ଧିଙ୍କୁ ରାଜପଦରେ ବସାଇବାକୁ ଚାହୁଁଥିଲେ । ପ୍ରାତଃସ୍ମରଣୀୟ ମହାରାଜ ପର୍ବତେଶ୍ୱର ଚନ୍ଦ୍ରଗୁପ୍ତଠାରୁ ଅଧିକ ଶକ୍ତିଶାଳୀ ଥିବାରୁ ରାକ୍ଷସଙ୍କ ଉଦ୍ଦେଶ୍ୟ ପଥରେ ପ୍ରତିବନ୍ଧକ ଥିଲେ । ଅତଏବ ସେ (ପର୍ବତେଶ୍ୱର) ଥିଲେ ରାକ୍ଷସଙ୍କ ଦୃଷ୍ଟିରେ ପରମଶତ୍ରୁ । ସେହି ସମୟରେ ରାକ୍ଷସ ସେପରି କରିଥିଲେ । ତେଣୁ ମୁଁ ତାଙ୍କ କାର୍ଯ୍ୟରେ ବିଶେଷ ଦୋଷ ଦେଖୁନାହିଁ । ଦେଖନ୍ତୁ କୁମାର—

ରାଜନୀତି ପ୍ରୟୋଜନବଶତଃ ମିତ୍ରକୁ ଶତ୍ରୁରେ ତଥା ଶତ୍ରୁକୁ ମିତ୍ରରେ ପରିଣତ କରେ; ବ୍ୟକ୍ତି ଜୀଇ ଥାଉଁଥାଉଁ ତା'ର ଜନ୍ମାନ୍ତର ଘଟାଏ, ଯହିଁରେ କି ବ୍ୟକ୍ତି ପୂର୍ବ ବୃତ୍ତାନ୍ତ ସ୍ମରଣ କରିପାରେ ନାହିଁ ।। ୮ ।।

ତେଣୁ ଏ ବିଷୟରେ ରାକ୍ଷସଙ୍କୁ ଦୋଷ ଦେବା ଅନୁଚିତ । ଅଧିକନ୍ତୁ ନନ୍ଦରାଜ୍ୟ ମିଳିବା ପର୍ଯ୍ୟନ୍ତ ତାଙ୍କୁ କାର୍ଯ୍ୟରେ ରଖିବା ଆବଶ୍ୟକ । ପରେ ଆପଣ ତାଙ୍କୁ ରଖିବେ ବା ତ୍ୟାଗ କରିବେ, ତାହା ଆପଣଙ୍କ ଇଚ୍ଛା ଉପରେ ନିର୍ଭର କରେ ।

ମଳୟ- ମିତ୍ର, ଠିକ୍ ବିଚାର କରିଛ । କାରଣ, ଅମାତ୍ୟ ନିହତ ହେଲେ ପ୍ରଜାମାନେ ବିପ୍ଳବ କରିପାରନ୍ତି ଏବଂ ଆମର ବିଜୟ ଲାଭ ସନ୍ଦେହାନ୍ୱିତ ହୋଇପାରେ ।

ପୁରୁଷ— (ପ୍ରବେଶ କରି) କୁମାରଙ୍କର ଜୟ ହେଉ । କୁମାର, ସୀମାରକ୍ଷୀ ଦୀର୍ଘଚକ୍ଷୁ ଆପଣଙ୍କୁ ଜଣାଇଛନ୍ତି, ଜଣେ ବ୍ୟକ୍ତି ଖଣ୍ଡିଏ ଚିଠି ଧରି ବିନା ଅନୁମତି-ପତ୍ରରେ ଶିବିରରୁ ବାହାରକୁ ଯାଉଥିବାବେଳେ ତାଙ୍କ ଦ୍ୱାରା ଧରା ପଡ଼ିଛି । ତେଣୁ ଆପଣ ତାକୁ ଦେଖିବା ହୁଅନ୍ତୁ ।

Digitized by PPRACHIN, SOA

ଭାଗୁ- ଭଦ୍ର ! ପ୍ରବେଶୟ ।

ପୁରୁଷ- ଜଂ ଅଜ୍ଜୋ ଆଣବେଦି (ଯଦାର୍ଯ୍ୟ ଆଜ୍ଞାପୟତି ।) ଇତି ନିଷ୍କ୍ରାନ୍ତଃ)

(ତତଃ ପ୍ରବିଶତି ପୁରୁଷେଣ ଅନୁଗମ୍ୟମାନଃ ସଂଯତଃ ସିଦ୍ଧାର୍ଥକଃ)

ସିଦ୍ଧାର୍ଥକଃ (ସ୍ୱଗତମ୍)—

ଥାପ୍ପନ୍ତୀଏ ଗୁଣେସୁଂ ଦୋସେସୁଂ ମୁହଂ କରନ୍ତୀଏ ।
ଅହ୍ମାରିସଜଣଣୀଏ ପଣମାମୋ ସାମିଭତ୍ତୀଏ ॥ ୯ ॥
(ତୃପ୍ୟନ୍ତ୍ୟୈ ଗୁଣେଷୁ, ଦୋଷେଷୁ ପରାଙ୍ମୁଖଂ କୁର୍ବନ୍ତ୍ୟୈ ।
ଅସ୍ମାଦୃଶଜନନ୍ୟୈ ପ୍ରଣମାମଃ ସ୍ୱାମିଭକ୍ତ୍ୟୈ ॥ ୯ ॥)

ପୁରୁଷଃ- (ଉପସୃତ୍ୟ) ଅଜ୍ଜ ! ଅଅଂ ସୋ ପୁଳିସୋ (ଆର୍ଯ୍ୟ ! ଅୟଂ ସ ପୁରୁଷଃ ।)

ଭାଗୁ- (ନାଟ୍ୟେନାବଲୋକ୍ୟ) ଭଦ୍ର ! କିମୟମ୍ ଆଗନ୍ତୁକଃ, ଆହୋସ୍ୱିଦ୍ ଇହ ଏବ କସ୍ୟଚିତ୍ ପରିଗ୍ରହଃ ?

ସିଦ୍ଧା- ଅଜ୍ଜ ! ଅହଂ କ୍ଖୁ ଅମଚ୍ଚରକ୍ଖସସ୍ସ ସେବଓ (ଆର୍ଯ୍ୟ ! ଅହଂ ଖଲୁ ଅମାତ୍ୟ-ରାକ୍ଷସସ୍ୟ ସେବକଃ ।)

ଭାଗୁ- ଭଦ୍ର ! ତତ୍ କିମର୍ଥମଗୃହୀତମୁଦ୍ରଃ କଟକାତ୍ ନିଷ୍କ୍ରାମସି ?

ସିଦ୍ଧ- ଅଜ୍ଜ ! କଜ୍ଜଗୋରବେଣ ତୁବରାବିଦୋହ୍ମି । (ଆର୍ଯ୍ୟ ! କାର୍ଯ୍ୟଗୌରବେଣ ତ୍ୱରାନ୍ୱିତଃ ଅସ୍ମି ।

ଭାଗୁ- କୀଦୃଶଂ ତତ୍କାର୍ଯ୍ୟଗୌରବଂ, ଯଦ୍ରାଜ ଶାସନମ୍ ଉଲ୍ଲଙ୍ଘୟସି ?

ମଳୟ- ସଖେ ଭାଗୁରାୟଣ ! ଲେଖମୁପାନୟ ।

ସିଦ୍ଧା- (ଭାଗୁରାୟଣାୟ ଲେଖମର୍ପୟତି ।)

ଭାଗୁ- (ସିଦ୍ଧାର୍ଥକହସ୍ତାତ୍ ଲେଖଂ ଗୃହୀତ୍ୱା ମୁଦ୍ରାଂ ଦୃଷ୍ଟ୍ୱା ।) କୁମାର ! ଅୟଂ ଲେଖଃ, ରାକ୍ଷସନାମାଙ୍କିତା ଇୟଂ ମୁଦ୍ରା ।

ମଳୟ- ମୁଦ୍ରାଂ ପରିପାଳୟନ୍ ଉଦ୍ଘାଟ୍ୟ ଦର୍ଶୟ ।

ଭାଗୁ- (ତଥା କୃତ୍ୱା ଦର୍ଶୟତି ।)

ମଳୟ- (ଗୃହୀତ୍ୱା ବାଚୟତି) 'ସ୍ୱସ୍ତି ଯଥାସ୍ଥାନଂ କୁତୋଽପି କୋଽପି, କମପି, ପୁରୁଷ-ବିଶେଷମ୍ ଅବଗମୟତି । ଅସ୍ମଦ୍ୱିପକ୍ଷଂ ନିରାକୃତ୍ୟ, ଦର୍ଶିତା କାପି ସତ୍ୟତା ସତ୍ୟ-ବାଦିନା । ସାମ୍ପ୍ରତଂ ଏଷାମପି ପ୍ରଥମମ୍ ଉପନ୍ୟସ୍ତସନ୍ଧୀନାମ୍ ଅସ୍ମତ୍ସୁହୃଦାଂ ପୂର୍ବ-ପ୍ରତିଜ୍ଞାତ ସନ୍ଧି- ପରିପଣବସ୍ତୁ- ପ୍ରତିପାଦନ ପ୍ରୋତ୍ସାହନେନ ସତ୍ୟସନ୍ଧଃ ପ୍ରୀତିମୁତ୍ପାଦୟି-ତୁମ୍ ଅର୍ହତି । ଏତେ ହି ଏବମ୍ ଉପଗୃହୀତାଃ ସନ୍ତଃ ସ୍ୱାଶ୍ରୟ- ବିନାଶେନ ଏବ ଉପ-କାରିଣମ୍ ଆରାଧୟିଷ୍ୟନ୍ତି । ଅବିସ୍ମୃତମ୍ ଅପି ଏତତ୍ ସତ୍ୟବତଃ ସ୍ମାରୟାମଃ । ଏତେଷାଂ ମଧ୍ୟେ କେଚିଦ୍ ଅରେଃ କୋଶଦନ୍ତିଭ୍ୟାମ୍ ଅର୍ଥିନଃ, କେଚିଦ୍ ବିଷୟେଣ ଇତି । ଅସ୍ମାନ୍ ପ୍ରତି ଅଳଂକାରତ୍ରୟଂ ଚ ଯତ୍ ସତ୍ୟବତା ଅନୁପ୍ରେଷିତଂ, ତତ୍ ଉପଗତମ୍ । ଅସ୍ମାଭିଃ ଅପି ଲେଖସ୍ୟ ଅଶୂନ୍ୟାର୍ଥଂ କିଞ୍ଚିଦ୍ ଅନୁପ୍ରେଷିତଂ । ତଦ୍ ଉପଗମନୀୟଂ ବାଚିକଞ୍ଚାପ୍ତତମାତ୍ ସିଦ୍ଧାର୍ଥକାତ୍ ଶ୍ରୋତବ୍ୟମ୍ ଇତି ।

Digitized by PPRACHIN, SOA

ଭଗୁ-- ଭଦ୍ର, ପ୍ରବେଶ କରଅ ।
ପୁରୁଷ– ଯଥାଜ୍ଞା । (ଗ୍ଲଲିଗଲ) ।
(ତା' ପରେ ଏକ ପୁରୁଷ ପଛେ ପଛେ ଶୃଙ୍ଖଳାବଦ୍ଧ ସିଦ୍ଧାର୍ଥକଙ୍କର ପ୍ରବେଶ)
ସିଦ୍ଧା– (ସ୍ୱଗତ ପ୍ରଭୁଭକ୍ତି ମୋ ଭଳି ଲୋକମାନଙ୍କର ଜନନୀସ୍ୱରୂପା । ସେ ଭୃତ୍ୟର ଗୁଣ ଦେଖିଲେ ଆନନ୍ଦିତା ହୁଅନ୍ତି, ଦୋଷ ଦେଖିଲେ ମୁହଁ ବୁଲାଇ ନିଅନ୍ତି । ତାଙ୍କୁ ମୋର ପ୍ରଣାମ । ୯ ।
ପୁରୁଷ– (ନିକଟକୁ ଯାଇ) ଆର୍ଯ୍ୟ, ଏଇ ସେ ବ୍ୟକ୍ତି ।
ଭଗୁ– (ନାଟ୍ୟରେ ନିରୀକ୍ଷଣ କରି) ଭଦ୍ର, ଏ କ'ଣ ଜଣେ ଆଗନ୍ତୁକ ନା ଏଇଠାରେ ରହୁଥିବା କାହାର ସେବକ ?
ସିଦ୍ଧା– ଆର୍ଯ୍ୟ, ମୁଁ ଅମାତ୍ୟ ରାକ୍ଷସଙ୍କର ସେବକ !
ଭଗୁ– ଭଦ୍ର, ଅନୁମତି ପତ୍ର ନ ନେଇ ତୁମେ କାହିଁକି ଶିବିରରୁ ବାହାରକୁ ଯାଉଛ ?
ସିଦ୍ଧା– ଆର୍ଯ୍ୟ, କାର୍ଯ୍ୟର ଗୁରୁତ୍ୱ ହେତୁ ମୁଁ ତରତର ହେଉଛି ।
ଭଗୁ– ଏଭଳି କି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯେ ତୁମେ ରାଜାଜ୍ଞା ଲଙ୍ଘନ କରୁଛ ?
ମଳୟ– ମିତ୍ର ଭଗୁରାୟଣ, ତାଙ୍କଠାରୁ ପତ୍ର ଆଣ ।
ସିଦ୍ଧା– (ଭଗୁରାୟଣଙ୍କୁ ପତ୍ର ଦେଲେ)
ଭଗୁ– (ସିଦ୍ଧାର୍ଥକଙ୍କ ହାତରୁ ପତ୍ର ଆଣି ସେଥିରେ ଥିବା ମୁଦ ଦେଖି) କୁମାର, ଏଇ ପତ୍ର । ମୁଦରେ ରାକ୍ଷସଙ୍କର ନାମ ଅଙ୍କିତ ହୋଇଛି !
ମଳୟ– ମୁଦକୁ ଅକ୍ଷୁଣ୍ଣ ରଖି ପତ୍ର ବାହାର କର ଏବଂ ମୋତେ ଦେଖାଅ ।
ଭଗୁ– (ସେହିପରି କରି ଦେଖାଇଲେ ।)
ମଳୟ (ପଢିଲେ) "ଶ୍ରୀ ଶୁଭମସ୍ତୁ । କୌଣସି ସ୍ଥାନରୁ କୌଣସି ବ୍ୟକ୍ତି ଯଥାସ୍ଥାନରେ ଥିବା କୌଣସି ବ୍ୟକ୍ତିବିଶେଷଙ୍କୁ ଜଣାଉଅଛନ୍ତି । ଆମର ପ୍ରତିପକ୍ଷକୁ ବିତାଡ଼ିତ କରି ସତ୍ୟବାଦୀ (ଆପଣ) ସତ୍ୟତାର ପ୍ରମାଣ ଦେଇଛନ୍ତି । ବର୍ତ୍ତମାନ, ଆମର ଯେଉଁ ବନ୍ଧୁମାନଙ୍କ ସହିତ ପ୍ରଥମରୁ ସନ୍ଧି ହୋଇଛି, ସେମାନଙ୍କୁ ସତ୍ୟନିଷ୍ଠ ଆପଣ ସନ୍ଧିର ସର୍ତ୍ତ ଅନୁସାରେ ବସ୍ତୁ ଦେଇ ପ୍ରୋତ୍ସାହିତ ତଥା ପ୍ରୀତ କରନ୍ତୁ । ସେମାନେ ସେଭଳି ଅନୁଗୃହୀତ ହେଲେ ନିଜର ପ୍ରଭୁଙ୍କୁ ମାରି ଉପକାରୀଙ୍କୁ (ଆପଣଙ୍କୁ) ଆଶ୍ରୟ କରିବେ । ସତ୍ୟବାଦୀ (ଆପଣ) ଯଦ୍ୟପି ଏହା ଭୁଲି ଯାଇ ନଥିବେ, ତଥାପି ମୁଁ ସ୍ମରଣ କରାଇଦେଉଛି । ଏମାନଙ୍କ ମଧ୍ୟରୁ କେତେ ଜଣ ଶତ୍ରୁର ଧନ ଏବଂ ହସ୍ତିନାହିନୀ ଚାହାନ୍ତି, ଆଉ କେତେଜଣ ରାଜ୍ୟ ଚାହାନ୍ତି । ଯେଉଁ ଅଳଙ୍କାର ତିନିଟି ସତ୍ୟବାଦୀ (ଆପଣ) ପଠାଇଥିଲେ, ତାହା ମିଳିଛି । ମୁଁ ମଧ୍ୟ ଏହି ପତ୍ର ସହିତ କିଛି ଉପହାର ପଠାଇଲି । ତାହା ଗ୍ରହଣ କରିବେ ଆଉ ମୌଖିକ ଖବର ଏହି ବିଶ୍ୱସ୍ତତମ ବ୍ୟକ୍ତି ସିଦ୍ଧାର୍ଥକଠାରୁ ଶୁଣିବେ ।"

Digitized by PPRACHIN, SOA

ମଲୟ- ଭାଗୁରାୟଣ ! ଜ୍ଞାୟତେ କୋ ଲେଖଃ ?

ଭାଗୁ- ଭଦ୍ର ସିଦ୍ଧାର୍ଥକଃ ! କସ୍ୟାୟଂ ଲେଖଃ ?

ସିଦ୍ଧା- ଅଜ୍ଜ ! ଣ ଜାଣାମି (ଆର୍ଯ୍ୟ ! ନ ଜାନାମି ।)

ଭାଗୁ- ହେ ଧୂର୍ତ୍ତ ! ଲେଖୋ ନୀୟତେ, ନ ଚ ଜ୍ଞାୟତେ କସ୍ୟାୟମିତି । ସର୍ବଂ ତାବତ୍ତିଷ୍ଠତୁ, ବାଚକଂ ବୃତଃ କେନ ଶ୍ରୋତବ୍ୟମ୍ ?

ସିଦ୍ଧା- (ଭୟଂ ନାଟୟନ୍) ତୁହ୍ମେହିଂ (ଯୁଷ୍ମାଭିଃ) ।

ଭାଗୁ- କିମ୍ ଅସ୍ମାଭିଃ ?

ସିଦ୍ଧା- ମିସ୍‌ସେହିଂ ଗହୀଦୋ ଣ ଜାଣାମି, କିଂ ଭଣାମି ତ୍ତି । (ମିଶ୍ରୈଃ ଗୃହୀତୋ ନ ଜାନାମି କିଂ ଭଣାମି ଇତି)

ଭାଗୁ- (ସକ୍ରୋଧମ୍) ଏଷ ଜ୍ଞାସ୍ୟସି । ଭଦ୍ର ଭାସୁରକ ! ବହିର୍ନୀତ୍ୱା ତାଡ୍ୟତାଂ ତାବତ୍ ଯାବତ୍ ସର୍ବମନେନ କଥିତଂ ଭବେତ୍ ।

ଭାସୁ- ଜଂ ଅଜ୍ଜୋ ଆଣବେଦି । (ଯଦାର୍ଯ୍ୟଃ ଆଜ୍ଞାପୟତି) (ଇତି ସିଦ୍ଧାର୍ଥକେନ ସହ ନିଷ୍କ୍ରାନ୍ତଃ) (ପୁନଃ ପ୍ରବିଶ୍ୟ) ଅଜ୍ଜ ! ଇଅଂ ତସ୍‌ସ ତାଡୀଅମାଣସ୍‌ସ କକ୍‌ଖାଦୋ ଣାମମୁଦ୍ଦାଲଞ୍ଛିଦା ଆହରଣପେଡିଆ ଣିବଡିଦା । (ଆର୍ଯ୍ୟ ! ଇୟଂ ତସ୍ୟ ତାଡ୍ୟମାନସ୍ୟ କକ୍ଷାତଃ ନାମମୁଦ୍ରାଲଞ୍ଛିତା ଆଭରଣପେଟିକା ନିପତିତା ।)

ଭାଗୁ- (ବିଲୋକ୍ୟ) ଇୟମପି ରାକ୍ଷସ ମୁଦ୍ରାଙ୍କିତା ଏବ ।

ମଲୟ- ଅୟଂ ଲେଖସ୍ୟ ଅଶୂନ୍ୟାର୍ଥଃ ଭବିଷ୍ୟତି । ଇମାମପି ମୁଦ୍ରାଂ ପରିପାଳୟନ୍ ଉଦ୍‌ଘାଟ୍ୟ ଦର୍ଶୟ ।

ଭାଗୁ- (ତଥା କୃତ୍ୱା ଦର୍ଶୟତି)

ମଲୟ- (ବିଲୋକ୍ୟ) ଅହୋ ! ତଦ୍ ଇଦମ୍ ଆଭରଣଂ, ଯତ୍ ମୟା ସ୍ୱଶରୀରାଦବତାର୍ଯ୍ୟ ରାକ୍ଷସାୟ ପ୍ରେଷିତମ୍ । ବ୍ୟକ୍ତଂ ଚନ୍ଦ୍ରଗୁପ୍ତସ୍ୟାୟଂ ଲେଖଃ ।

ଭାଗୁ- କୁମାର ! ଏଷ ନିର୍ଣ୍ଣୀୟତେ ସଂଶୟଃ । ଭଦ୍ର ! ପୁନରପି ତାଡ୍ୟତାମ୍ !

ପୁରୁଷଃ- ଜଂ ଅଜ୍ଜୋ ଆଣବେଦି । (ଯଦାର୍ଯ୍ୟଃ ଆଜ୍ଞାପୟତି) (ଇତି ନିଷ୍କ୍ରମ୍ୟ ପୁନଃ ପ୍ରବିଶ୍ୟ ଚ) ଅଜ୍ଜ ! ଏସୋ କ୍‌ଖୁ ତାଡୀଅମାଣୋ ଭଣାଦି—କୁମାରସ୍‌ସ ସଅଂ ଜ୍ଜେବ ଣିବେଦେମି ତ୍ତି । (ଆର୍ଯ୍ୟ ! ଏଷ ତାଡ୍ୟମାନଃ ବଦତି କୁମାରସ୍ୟ ସ୍ୱୟମେବ ନିବେଦୟାମୀତି)

ମଲୟ- ପ୍ରବେଶୟ ।

ପୁରୁଷଃ- ଜଂ କୁମାଲୋ ଆଣବେଦି । (ଯତ୍ କୁମାରଃ ଆଜ୍ଞାପୟତି) (ଇତି ନିଷ୍କ୍ରମ୍ୟ ସିଦ୍ଧାର୍ଥକେନ ସହ ପ୍ରବିଶତି ।)

ସିଦ୍ଧା- (ପାଦୟୋର୍ନିପତ୍ୟ) ଅଭଏଣ ମେ କୁମାଲୋ ପ୍ପସାଦଂ କରେଦୁ । (ଅଭୟେନ ମେ କୁମାରଃ ପ୍ରସାଦଂ କରୋତୁ ।)

Digitized by PPRACHIN, SOA

ମଳୟ– ଭଗୁରାୟଣ, ଏ କି ପତ୍ର ?

ଭଗୁ- ଭଦ୍ର ସିଦ୍ଧାର୍ଥକ, ଏ ପତ୍ର କାହାର?

ସିଦ୍ଧା– ଆର୍ଯ୍ୟ, ମୁଁ ଜାଣେନି ।

ଭଗୁ– ଧୂର୍ତ୍ତ, ପତ୍ର ନେଉଛ, ଜାଣିନାହୁଁ କାହାର ପତ୍ର ? ଆଛା, ସେ ସବୁ ଥାଉ ; ମୌଖିକ ଖବର ତୋ ଠାରୁ କିଏ ଶୁଣିବେ ?.

ସିଦ୍ଧା– (ଭୟର ଅଭିନୟ କରି) ଆପଣମାନେ ।

ଭଗୁ– କଅଣ ? ଆମେ ?

ସିଦ୍ଧା– ଆପଣଙ୍କ ଦ୍ୱାରା ଧରପଡ଼ି ମୁଁ କ'ଣ କହୁଛି, ଜାଣିପାରୁନି ।

ଭଗୁ– (ରାଗରେ) ଏଇ ଜାଣିବୁ । ଭସୁରକ, ଏହାକୁ ବାହାରକୁ ନେଇ ପ୍ରହାର କର, ଯେପରିକି ଏ ସବୁ କଥା କହିବ ।

ପୁରୁଷ– ଆପଣଙ୍କର ଯାହା ଆଜ୍ଞା । (ସିଦ୍ଧାର୍ଥକ ସହିତ ବାହାରକୁ ଯାଇ ଏବଂ କିଛି କ୍ଷଣ ପରେ ପ୍ରବେଶ କରି) ଅମାତ୍ୟ, ମାଡ ଦିଆ ହେଲା ବେଳେ ଏହାର କାଖରୁ ନାମମୋହର ଲଗା ହୋଇଥିବା ଏହି ଅଳଙ୍କାର ପେଡ଼ିଟି ଖସି ପଡ଼ିଲା ।

ଭଗୁ– (ନିରୀକ୍ଷଣ କରି) କୁମାର, ଏଥିରେ ମଧ୍ୟ ତ ରାକ୍ଷସଙ୍କ ନାମାଙ୍କିତ ମୋହର ରହିଛି !

ମଳୟ ମିତ୍ର, ଏହା ହିଁ ପତ୍ର ସହ ଉପହାର ପଦାର୍ଥ । ମୁଦ ଅକ୍ଷୁଣ୍ଣ ରଖି ଖୋଲି ଦେଖାଅ ।

ଭଗୁ– (ସେହିପରି କରି ଦେଖାଇଲେ ।)

ମଳୟ– (ନିରୀକ୍ଷଣ କରି) ଆରେ ! ଏଇ ଆଭରଣକୁ ତ ମୁଁ ନିଜ ଦେହରୁ ବାହାର କରି ରାକ୍ଷସଙ୍କ ନିକଟକୁ ପଠାଇଥିଲି ! ଜଣାପଡ଼ିଲା, ଚିଠି ଚନ୍ଦ୍ରଗୁପ୍ତ-ନିକଟକୁ ଯାଉଛି ।

ଭଗୁ– କୁମାର, ସନ୍ଦେହ ସ୍ପଷ୍ଟ ହେଲା । (ଭସୁରକକୁ) ଭଦ୍ର, ପୁଣି ପ୍ରହାର କର ।

ପୁରୁଷ- ହେଉ । (ବାହାରକୁ ଯାଇ ପୁଣି ପ୍ରବେଶ କରି) ସେ ମାଡ ଖାଇ କୁମାରଙ୍କ ଆଗରେ କହିବ ବୋଲି କହୁଛି ।

ମଳୟ– ପ୍ରବେଶ କରାଅ ।

ପୁରୁଷ– କୁମାରଙ୍କର ଯାହା ଆଜ୍ଞା । (ବାହାରକୁ ଯାଇ ସିଦ୍ଧାର୍ଥକଙ୍କ ସହିତ ପୁଣି ପ୍ରବେଶ କଲା)

ସିଦ୍ଧା– (ପାଦତଳେ ପଡ଼ି) ମହାଭାଗ, ମୋତେ ଅଭୟ ଦେବାର କୃପା କରନ୍ତୁ ।

Digitized by PPRACHIN, SOA

ମଲୟ- ଭଦ୍ର ! ଭଦ୍ର !! ଅଭୟମେବ ପରାୟତ୍ତଜନସ୍ୟ, ତନ୍ନିବେଦ୍ୟତାଂ ଯଥାଽବ-ସ୍ଥିତମ୍ ।

ସିଦ୍ଧା- ଣିସାମେଦୁ କୁମାରୋ, ଅହଂ କ୍ଖୁ ଅମଚ୍ଚରକ୍ଖସେଣ ଇମଂ ଲେହଂ ଦେଇଅ ଚନ୍ଦଉତ୍ତସଆସଂ ପେସିଦୋମ୍ହି । (ଶୃଣୋତୁ କୁମାରଃ, ଅହଂ ଖଲୁ ଅମାତ୍ୟ-ରାକ୍ଷସେନ ଇମଂ ଲେଖଂ ଦତ୍ତ୍ୱା ଚନ୍ଦ୍ରଗୁପ୍ତସକାଶଂ ପ୍ରେଷିତୋଽସ୍ମି ।)

ମଲୟ- ଭଦ୍ର ! ବାଚିକମିଦାନୀଂ ଶ୍ରୋତୁମିଚ୍ଛାମି ।

ସିଦ୍ଧା- କୁମାର ! ସଂଦିଟ୍ଠୋମ୍ହି ଅମଚ୍ଚରକ୍ଖସେଣ ।

ଜହା- ଏଦେ ମମ ପିଅବଅସ୍ସା ପଞ୍ଚରାଆଣୋ ତୁଏ ସହ ପୁଢମସମୁପ୍ପଣ୍ଣସନ୍ଧାଣା । ଜହା— କୁଲୂଦାହିବୋ ଚିତ୍ତବମ୍ମା, ମଲଅଣରବାହିବୋ ସିଂହଣାଦୋ, କସ୍ମୀରଦେସଣାହୋ ପୁକ୍ଖରକ୍ଖୋ, ସିନ୍ଧୁରାଓ ସିନ୍ଧୁସେଣୋ, ପାରସୀଆହିବଈ ମେହକ୍ଖୋ ତ୍ତି । ଏତ୍ଥ ପଢମଭଣିଦା ତିଣ୍ଣି ରାଆଣୋ ମଲଅକେଦୁଣୋ ବିସଅଂ ଅହିଲସନ୍ତି, ଇଦରେ ଦୁବେ କୋସଂ ହତ୍ଥିବଲଂ ଅ ତ୍ତି । ତା ଜହା ଚାଣକ୍କଂ ଣିରାକରିଅ ମହାରାଏଣ ମମ ପୀଦୀ ଉପ୍ପାଦିଆ, ତହା ଏଦାଣଂ ପି ପଢମଭଣିଦୋ ଅତ୍ଥୋ ସଂପାଦଇଦବ୍ବୋ ତ୍ତି । ଏତ୍ତିଓ ବାଆସନ୍ଦେସୋ ତ୍ତି । (କୁମାର ! ସଂଦିଷ୍ଟୋଽସ୍ମି ଅମାତ୍ୟରାକ୍ଷସେନ ଯଥା— ଏତେ ମମ ପ୍ରିୟବୟସ୍ୟାଃ ପଞ୍ଚ ରାଜାନଃ ତ୍ୱୟା ସହ ପ୍ରଥମସମୁତ୍ପନ୍ନସନ୍ଧାନାଃ । ଯଥା— କୁଲୂତାଧିପଃ ଚିତ୍ରବର୍ମା, ମଲୟନରପତ୍ୟଧିପଃ ସିଂହନାଦଃ, କାଶ୍ମୀରଦେଶାଧିପଃ ପୁଷ୍କରାକ୍ଷଃ, ସିନ୍ଧୁରାଜଃ ସିନ୍ଧୁସେନଃ, ପାରସୀକାଧିପତିଃ ମେଘାକ୍ଷଃ ଇତି । ଅତ୍ରୈବ ପ୍ରଥମଭଣିତାସ୍ତ୍ରୟଃ ରାଜାନଃ ମଲୟକେତୋଃ ବିଷୟମଭିଲଷନ୍ତି । ଇତରୌ ଦ୍ୱୌ କୋଷ ହସ୍ତିବଲଂ ଚ ଇତି । ତଦ୍ ଯଥା ଚାଣକ୍ୟଂ ନିରାକୃତ୍ୟ ମହାରାଜେନ ମମ ପ୍ରୀତିରୁତ୍ପାଦିତା, ତଥା ଏଷାମପି ପ୍ରଥମଭଣିତଃ ଅର୍ଥଃ ସଂପାଦୟିତବ୍ୟଃ ଇତି ଏତାବାନ୍ ବାକ୍ସନ୍ଦେଶଃ ଇତି ।)

ମଲୟ- (ସ୍ୱଗତମ୍) କଥଂ ଚିତ୍ରବର୍ମାଦୟଃ ଅପି ମାମ୍ ଅଭିଦ୍ରୁହ୍ୟନ୍ତି ! ଅତଏବ ଏତେଷାଂ ରାକ୍ଷସେ ନିରତିଶୟା ପ୍ରୀତିଃ । (ପ୍ରକାଶମ୍) ବିଜୟେ ! ଅମାତ୍ୟ ରାକ୍ଷସଂ ଦ୍ରଷ୍ଟୁମିଚ୍ଛାମି ।)

ପ୍ରତୀ- ଜଂ କୁମାରୋ ଆଣବେଦି । (ଯତ୍ କୁମାରଃ ଆଜ୍ଞାପୟତି ।) (ଇତି ନିଷ୍କ୍ରାନ୍ତା ।)

(ତତଃ ପ୍ରବିଶତି ଆସନସ୍ଥଃ ସ୍ୱଭବନଗତଃ ପୁରୁଷେଣ
ଅନୁଗମ୍ୟମାନଃ ସଚିନ୍ତୋ ରାକ୍ଷସଃ)

ରାକ୍ଷସଃ- (ସ୍ୱଗତମ୍) ସଂପୂର୍ଣ୍ଣମସ୍ମଦ୍ବଲଂ ଚନ୍ଦ୍ରଗୁପ୍ତବଲୈରିତି ଯତ୍ ସତ୍ୟଂ ନ ମେ ମନସଃ ଶୁଦ୍ଧିରସ୍ତି । କୁତଃ—

ସାଧ୍ୟେ ନିଶ୍ଚିତମନ୍ୱୟେନ ଘଟିତଂ ବିଭ୍ରତ୍ ସପକ୍ଷେ ସ୍ଥିତିଂ
ବ୍ୟାବୃତ୍ତଶ୍ଚ ବିପକ୍ଷତୋ ଭବତି ଯତ୍ ତତ୍ ସାଧନଂ ସିଦ୍ଧୟେ ।

Digitized by PPRACHIN, SOA

ମଳୟ- ଭଦ୍ର, ପରାଧୀନ ବ୍ୟକ୍ତିକୁ ଅଭୟ ଦିଆଯାଏ । ଯାହା ଯାହା ଘଟିଛି, ଠିକ୍ ଭାବରେ କୁହ ।

ସିଦ୍ଧା- ଶୁଣନ୍ତୁ କୁମାର । ଅମାତ୍ୟ ରାକ୍ଷସ ମୋତେ ଏହି ଚିଠି ଦେଇ ଚନ୍ଦ୍ରଗୁପ୍ତଙ୍କ ନିକଟକୁ ପଠାଇଛନ୍ତି ।

ମଳୟ ଭଦ୍ର, ମୌଖିକ ଖବର କ'ଣ, ମୁଁ ଶୁଣିବାକୁ ଚାହେଁ ।

ସିଦ୍ଧା- କୁମାର, ଅମାତ୍ୟ ମୋତେ (ଚନ୍ଦ୍ରଗୁପ୍ତଙ୍କୁ) କହିବାପାଇଁ ଆଦେଶ ଦେଇଛନ୍ତି- "ପାଞ୍ଚଜଣ ରାଜା ମୋର ପରମ ବନ୍ଧୁ, ଯେଉଁମାନେ କି ଆପଣଙ୍କ ସହିତ ଆଗରୁ ସନ୍ଧି କରିଛନ୍ତି । ସେମାନେ ହେଉଛନ୍ତି—କୁଲୁତରାଜ ଚିତ୍ରବର୍ମା, ମଳୟ ରାଜ ସିଂହନାଦ, କାଶ୍ମୀରରାଜ ପୁଷ୍କରାକ୍ଷ, ସିନ୍ଧୁ ରାଜ ସିନ୍ଧୁସେନ ଏବଂ ପାରସ୍ୟରାଜ ମେଘାକ୍ଷ । ଏମାନଙ୍କ ମଧ୍ୟରୁ ପ୍ରଥମ ତିନିଜଣ ରାଜା ମଳୟ କେତୁର ରାଜ୍ୟ ଚାହାଁନ୍ତି, ଅନ୍ୟ ଦୁଇଜଣ ତାହାର ରାଜକୋଷ ଓ ହସ୍ତି ବାହିନୀ ଚାହାଁନ୍ତି । ତେଣୁ ମହାଭାଗ ଆପଣ ଚାଣକ୍ୟକୁ ବିତାଡ଼ିତ କରି ମୋତେ ଯେପରି ପ୍ରୀତ କରିଛନ୍ତି, ସେହିପରି ଏମାନଙ୍କୁ ଉପର୍ଯ୍ୟୁକ୍ତ ପଦାର୍ଥମାନ ଦେଇ ପ୍ରୀତ କରାଇବେ ।" ଏହାହିଁ ହେଉଛି ମୌଖିକ ଖବର ।

ମଳୟ- (ସ୍ୱଗତ) କଅଣ ! ଚିତ୍ରବର୍ମା ପ୍ରଭୃତି ମଧ୍ୟ ମୋ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଛନ୍ତି ! ଏଇଥିପାଇଁ ରାକ୍ଷସଠାରେ ଏମାନଙ୍କର ଗଭୀର ପ୍ରୀତି ! (ପ୍ରକାଶ୍ୟରେ) ବିଜୟା, ମୁଁ ରାକ୍ଷସଙ୍କୁ ଭେଟିବାକୁ ଚାହେଁ ।

ପ୍ରତ - ଯଥାଜ୍ଞା କୁମାର । (ଚାଲିଗଲା)

(ତା'ପରେ ନିଜ ଭବନରେ ଅନୁଚର ସହିତ ଚିନ୍ତିତ ଅବସ୍ଥାରେ ବସିଥିବା ରାକ୍ଷସ ଦୃଷ୍ଟିଗୋଚର ହେଲେ ।)

ରାକ୍ଷସ- (ସ୍ୱଗତ) ଚନ୍ଦ୍ରଗୁପ୍ତର ଲୋକ ଆମ ସୈନ୍ୟବାହିନୀ ଭିତରେ ପୂରି ରହିଛନ୍ତି, ଏଥିପାଇଁ ମୋ' ମନରେ ଆଦୌ ଶାନ୍ତି ଆସୁନାହିଁ । କାରଣ —

ଯେଉଁ (ଧୂମାଦି) ସାଧନ (ବହ୍ନି ପ୍ରଭୃତି) ସାଧ୍ୟରେ ନିଶ୍ଚିତ, ଅନ୍ୱୟ-ଯୁକ୍ତ ଅର୍ଥାତ୍ ଯେଉଁଠାରେ ସାଧ୍ୟ ଥିବ, ସେଠାରେ ନିଶ୍ଚୟ ସାଧନ ଥିବ, (ରନ୍ଧନ ଗୃହ ଆଦି), ସପକ୍ଷମାନଙ୍କରେ ସ୍ଥିତିଶୀଳ, (ହ୍ରଦ ପ୍ରଭୃତି) ବିପକ୍ଷ-ମାନଙ୍କରୁ ନିବୃତ୍ତ, ସେହି (ଧୂମାଦି) ସାଧନ (ବହ୍ନି ପ୍ରଭୃତି) ସାଧ୍ୟକୁ ଅନୁମାନ କରାଇବାରେ ସମର୍ଥ । କିନ୍ତୁ ଯେଉଁ ସାଧନ ନିଜେ ସାଧ୍ୟ ଅର୍ଥାତ୍ ନିଜେ ଅନୁମାନର ବିଷୟ, ଯାହା ସପକ୍ଷ ତଥା ବିପକ୍ଷରେ ସମାନ, ଅଧିକନ୍ତୁ ଯାହା ସପକ୍ଷରେ ବିରୁଦ୍ଧ, ଏଭଳି ସାଧନ ବାଦୀକୁ [ତାର୍କିକକୁ] ପରାଜୟ ଦେଇଥାଏ ।

Digitized by PPRACHIN, SOA

ଯତ୍ ସାର୍ଦ୍ଧଂ ସ୍ୱୟମେବ ତୁଲ୍ୟ ମୁଭୟୋଃ ପକ୍ଷେ ବିରୁଦ୍ଧଞ୍ଚ ଯତ୍
ତସ୍ୟାଙ୍ଗୀକରଣେନ ବାଦିନ ଇବ ସ୍ୟାତ୍ ସ୍ୱାମିନୋ ନିଗ୍ରହଃ ॥ ୧୦ ॥

ଅଥବା ତୈସ୍ତୈ ର୍ବିଜ୍ଞାତାପରାଗହେତୁଭିଃ ପ୍ରାକ୍ ପରିଗୃହୀତୋପଜାପେ ରାଷ୍ଟ୍ରେ ମିତ୍ଥ ନ ବିକଳ୍ପୟିତୁମର୍ହାମି । (ପ୍ରକାଶମ୍) ପ୍ରିୟମ୍ବଦକ ! ଉଚ୍ୟନ୍ତାମସ୍ମଦ୍ ବଚନାତ୍ କୁମାରସ୍ୟାନୁଯାୟିନୋ ରାଜାନଃ ସଂପ୍ରତି ଦିନେ ଦିନେ ପ୍ରତ୍ୟାସୀଦତି କୁସୁମପୁରମ୍ । ଅତଃ ପରିକଳ୍ପିତ ବିଭାଗୈ ର୍ଭବଦ୍ଭିଃ ପ୍ରୟାଣେ ପ୍ରସ୍ଥାତବ୍ୟମ୍ । କଥମିତି—

ପ୍ରସ୍ଥାତବ୍ୟଂ ପୁରସ୍ତାତ୍ ଖସମଗଧଗଣୈ ର୍ମାମନୁବ୍ୟୂହ୍ୟ ସୈନ୍ୟୈଃ
ଗାନ୍ଧାରୈ ର୍ମଧ୍ୟଯାନେ ସଯବନପତିଭିଃ ସଂବିଧେୟଃ ପ୍ରଯତ୍ନଃ ।
ପଶ୍ଚାଦ୍ ଗଚ୍ଛନ୍ତୁ ବୀରାଃ ଶକନରପତୟଃ ସଂବୃତା ଶ୍ଚେଦିହୂଣୈଃ
କୌଲୂତାଦ୍ୟାଶ୍ଚ ଶିଷ୍ଟାଃ ପଥି ପରିବୃଣୁୟୁ ର୍ରାଜଲୋକାଃ କୁମାରମ୍ ॥ ୧୧ ॥

ପ୍ରିୟ- ଜଂ ଅମଚ୍ଚୋ ଆଣବେଦି । (ଯଦମାତ୍ୟଃ ଆଜ୍ଞାପୟତି) (ଇତି ନିଷ୍କ୍ରାନ୍ତଃ)

ପ୍ରତି- (ପ୍ରବିଶ୍ୟ) ଜେଦୁ ଜେଦୁ ଅମଚ୍ଚୋ । ଅମଚ୍ଚ ! ଇଚ୍ଛଦି ତୁମଂ କୁମାରୋ ପେକ୍ଖିଦୁଂ । (ଜୟତୁ ଜୟତୁ ଅମାତ୍ୟ ! ଇଚ୍ଛତି ତ୍ୱାଂ କୁମାରଃ ପ୍ରେକ୍ଷିତୁମ୍ ।)

ରାକ୍ଷସଃ- ଭଦ୍ରେ ! ମୁହୂର୍ତ୍ତଂ ତିଷ୍ଠ । କଃ କୋଽତ୍ର ଭୋଃ ?

ପୁରୁଷଃ- (ପ୍ରବିଶ୍ୟ) ଆଣବେଦୁ ଅମଚ୍ଚୋ । (ଆଜ୍ଞାପୟତୁ ଅମାତ୍ୟଃ ।)

ରାକ୍ଷସଃ- ଭଦ୍ର ! ଉଚ୍ୟତାଂ ଶକଟଦାସଃ ଯଥା—ପରିଧାପିତାଃ ବୟମାଭରଣଂ କୁମାରେଣ । ତନ୍ନ ଯୁକ୍ତମିଦାନୀଂ ମସ୍ମାଭିଃ ଅନଲଂକୃତୈଃ କୁମାରଦର୍ଶନମନୁଭବିତୁମ୍ । ଅତୋ ଯଦଲଂକରଣତ୍ରୟଂ କ୍ରୀତଂ, ତନ୍ମଧ୍ୟାଦେକଂ ଦୀୟତାମିତି !

ପୁରୁଷଃ-ଜଂ ଅମଚ୍ଚୋ ଆଣବେଦି । (ଯଦମାତ୍ୟଃ ଆଜ୍ଞାପୟତି । (ଇତି ନିଷ୍କ୍ରମ୍ୟ ପୁନଃ ପ୍ରବିଶ୍ୟ ଚ) ଅମଚ୍ଚ ! ଇଦଂ ତଂ ଅଲଂକରଣଂ । (ଅମାତ୍ୟ ! ଇଦଂ ତଦଲଂକରଣମ୍ ।

ରାକ୍ଷସଃ- (ନାଟ୍ୟେନ ଅବଲୋକ୍ୟ ଆତ୍ମାନଂ ଅଲଂକୃତ୍ୟ ଉତ୍ଥାୟ ଚ) ଭଦ୍ରେ ! ରାଜକୁଲଗାମିନଂ ମାର୍ଗମାଦେଶୟ ।

ପ୍ରତି- ଏଦୁ ଏଦୁ ଅମଚ୍ଚୋ । (ଏତୁ ଏତୁ ଅମାତ୍ୟଃ)

Digitized by PPRACHIN, SOA

ସେହିପରି ଯେଉଁ ସୈନ୍ୟବାହିନୀ (ସାଧନ) ଶତ୍ରୁ ବିନାଶ ରୂପକ ଲକ୍ଷ୍ୟରେ ଦୃଢ଼ସଂକଳ୍ପ, ଅନୁଗତ, ନିଜ ପକ୍ଷ ପ୍ରତି ବିଶ୍ୱସ୍ତ ଏବଂ ବିପକ୍ଷ ପ୍ରତି ବିମୁଖ, ସେଭଳି ସୈନ୍ୟବାହିନୀ ହିଁ ସିଦ୍ଧି ଦେବାରେ ସମର୍ଥ । କିନ୍ତୁ ଯେଉଁ ସୈନ୍ୟବାହିନୀ ଶତ୍ରୁପକ୍ଷ ଦ୍ୱାରା ଭୀତତ୍ରସ୍ତ, ଶତ୍ରୁପକ୍ଷ ତଥା ମିତ୍ରପକ୍ଷ ପ୍ରତି ସମାନ, ଅଧିକନ୍ତୁ ନିଜ ପକ୍ଷର ବିରୁଦ୍ଧ, ସେଭଳି ସୈନ୍ୟବାହିନୀ ପ୍ରଭୁଙ୍କୁ କେବଳ ପରାଜୟ ଦେଇଥାଏ । ୧୦ ।

ଅବା ମୋର ସନ୍ଦେହ-ଭବନା ଅନୁଚିତ । କାରଣ ଆମ ସୈନ୍ୟବାହିନୀରେ ଏଭଳି ଲୋକ ଭର୍ତ୍ତି ହୋଇ ରହିଛନ୍ତି, ଯେଉଁମାନଙ୍କର ଚନ୍ଦ୍ରଗୁପ୍ତ ପ୍ରତି ବିରାଗର କାରଣ ଭଲଭବେ ଜଣାପଡ଼ିଛି ଏବଂ ଯେଉଁମାନେ କି ଆମର ଭେଦନୀତିକୁ ପ୍ରଥମରୁ ଗ୍ରହଣ କରି ନେଇଛନ୍ତି ।

(ପ୍ରକାଶ୍ୟରେ) ପ୍ରିୟମ୍ବଦକ, ମୋର କଥାନୁସାରେ କୁମାରଙ୍କର ଅନୁଗତ ରାଜାମାନଙ୍କୁ କୁହ—ଏଣିକି ଦିନକୁ ଦିନ ପାଟଳିପୁତ୍ର ନିକଟ ହେଉଛି । ତେଣୁ ସେମାନେ ସୈନ୍ୟବାହିନୀଙ୍କୁ ବିଭଗରେ ବ୍ୟବସ୍ଥିତ କରି ଅଭିଯାନରେ ଅଗ୍ରସର ହେବେ । କିପରି ବ୍ୟବସ୍ଥିତ କରିବେ ?—

ମୋ ପଛେ ପଛେ ଖସ ଏବଂ ମଗଧ ସୈନ୍ୟମାନେ ବ୍ୟୂହ ରଚନା କରି ଅଗ୍ର ଭଗରେ ଗ୍ଭଲନ୍ତୁ । ଯବନ ରାଜାମାନଙ୍କ ସହିତ ଗାନ୍ଧାର ସୈନ୍ୟଗଣ ମଧ୍ୟଭଗର ଯନ୍ ନିଅନ୍ତୁ । ତାଙ୍କ ପଛରେ ଚେଦି ଓ ହୂଣମାନଙ୍କ ସହିତ ବୀର ଶକରାଜାମାନେ ଗ୍ଭଲନ୍ତୁ ଏବଂ କୁଳୂତ ପ୍ରମୁଖ ଅନ୍ୟାନ୍ୟ ଶିକ୍ଷିତ ନୃପତିବର୍ଗ ପଥରେ କୁମାରଙ୍କୁ ବେଷ୍ଟନ କରି ଗ୍ଭଲନ୍ତୁ । ୧୧ ।

ପ୍ରିୟମ୍ବଦକ- ଯାହା ଅମାତ୍ୟଙ୍କର ଆଜ୍ଞା । [ଗ୍ଭଲିଗଲେ]

ପ୍ରତୀହାରୀ— [ପ୍ରବେଶ କରି] ଅମାତ୍ୟଙ୍କର ଜୟ । ଅମାତ୍ୟ, କୁମାର ଆପଣଙ୍କୁ ଭେଟିବାକୁ ଗ୍ଭହୁଁଛନ୍ତି ।

ରାକ୍ଷସ— ଭଦ୍ରେ, ମୁହୂର୍ତ୍ତେ ରୁହ । କିଏ, କିଏ ଏଠାରେ ଅଛି ?

ପୁରୁଷ— [ପ୍ରବେଶ କରି] ଅମାତ୍ୟ, ଆଜ୍ଞା ଦିଅନ୍ତୁ ।

ରାକ୍ଷସ— ଭଦ୍ର, ଶକଟଦାସଙ୍କୁ କୁହ—କୁମାର ମୋତେ କେତେକ ଆଭରଣ ପିନ୍ଧାଇ ଦେଇଥିଲେ । ବର୍ତ୍ତମାନ ବିନା ଭୂଷଣରେ କୁମାରଙ୍କୁ ଦେଖା କରିବା ଉଚିତ ହେବନାହିଁ । ତେଣୁ ଯେଉଁ ତିନୋଟି ଅଳଙ୍କାର କିଣା ହୋଇଥିଲା, ତନ୍ମଧ୍ୟରୁ ଗୋଟିଏ ଦିଅ ।

ବ୍ୟକ୍ତି— ହେଉ । [ବାହାରକୁ ଯାଇ ପୁଣି ପ୍ରବେଶ କରି] ଅମାତ୍ୟ, ଏଇ ଆଭରଣ ।

ରାକ୍ଷସ— (ନାଟ୍ୟରେ ଅଳଙ୍କାର ପିନ୍ଧି ଓ ଉଠି) ଭଦ୍ରେ, କୁମାରଙ୍କ ନିକଟକୁ ଗ୍ଭଲ ।

ପ୍ରତୀ— ଆସନ୍ତୁ ଅମାତ୍ୟ ।

Digitized by PPRACHIN, SOA

ରାକ୍ଷସଃ– (ଆତ୍ମଗତମ୍) ଅଧିକାରପଦଂ ନାମ ନିର୍ଦ୍ଦୋଷସ୍ୟାପି ପୁରୁଷସ୍ୟ ମହଦ୍ ଆଶଙ୍କାସ୍ଥାନମ୍ । କୁତଃ—

ଭୟଂ ତାବତ୍ ସେବ୍ୟାଦଭିନିବିଶତେ ସେବକଜନଂ
ତତଃ ପ୍ରତ୍ୟାସନ୍ନାଦ୍ ଭବତି ହୃଦୟେଷ୍ୱେବ ନିହିତମ୍ ।
ଅତୋଽଧ୍ୟାରୂଢ଼ାନାଂ ପଦମସୁଜନଦ୍ୱେଷଜନନଂ
ମତିଃ ସୋଚ୍ଛ୍ରାୟାଣାଂ ପତନମନୁକୂଲଂ କଲୟତି ॥ ୧୨ ॥

ପ୍ରତୀ– (ପରିକ୍ରମ୍ୟ) ଅମଚ ! ଅଅଂ କୁମାଲୋ ଚିଟ୍ଠଦି । ତା ଉବସପ୍ପଦୁ ଣଂ ଅମଚ୍ଚୋ ।
(ଅମାତ୍ୟ ! ଅୟଂ କୁମାରଃ ତିଷ୍ଠତି । ତତ୍ ଉପସର୍ପତୁ ଏନମ୍ ଅମାତ୍ୟଃ ।)

ରାକ୍ଷସଃ– (ନାଟ୍ୟେନ ଅବଲୋକ୍ୟ) ଅୟେ ! ଅୟଂ କୁମାରଃ ତିଷ୍ଠତି । ଯ ଏଷଃ—

ପାଦାଗ୍ରେ ଦୃଶମବଧାୟ ନିଶ୍ଚଲାକ୍ଷୀଂ ଶୂନ୍ୟତ୍ୱାଦପରିଗୃହୀତତଦ୍‌ବିଶେଷାମ୍ !
ବକ୍ତ୍ରେନ୍ଦୁଂ ବହତି କରେଣ ଦୁର୍ବହାଣାଂ କାର୍ଯ୍ୟାଣାଂ କୃତମିବ ଗୌରବେଣ ନମ୍ରମ୍ ॥ ୧୩ ॥

(ଉପସୃତ୍ୟ) ବିଜୟତାଂ ବିଜୟତାଂ କୁମାରଃ ।

ମଲୟ– ଆର୍ଯ୍ୟ ! ଅଭିବାଦୟେ । ଇଦମାସନମ୍, ଆସ୍ୟତାମ୍ ।

ରାକ୍ଷସଃ– (ଉପବିଶତି)

ମଲୟ–ଅମାତ୍ୟ ! ଚିରଦର୍ଶନେନ ଆର୍ଯ୍ୟସ୍ୟ ବୟମ୍ ଉଦ୍‌ବିଗ୍ନାଃ ।

ରାକ୍ଷସଃ– କୁମାର ! ପ୍ରସ୍ଥାଣେ ପ୍ରତିବିଧାନ ମନୁତିଷ୍ଠତା ମୟା କୁମାରାତ୍ ଅୟମ୍ ଉପାଲମ୍ଭୋଽଧିଗତଃ ।

ମଲୟ– ଅମାତ୍ୟ ! ପ୍ରସ୍ଥାଣେ କଥଂ ପ୍ରତିବିହିତମିତି ଶ୍ରୋତୁମିଚ୍ଛାମି ।

ରାକ୍ଷସଃ– କୁମାର ! ଏବମାଦିଷ୍ଟାଃ କୁମାରସ୍ୟାନୁଯାୟିନୋ ରାଜାନଃ—
("ପ୍ରସ୍ଥାତବ୍ୟ" ମିତ୍ୟାଦି ଅଙ୍କ ୫, ୧୧ ଶ୍ଳୋକଂ ପୁନଃ ପଠତି ।)

ମଲୟ– (ସ୍ୱଗତମ୍) ଜ୍ଞାୟତେ କଥଂ ଯେ ଏବ ମଦ୍‌ବିନାଶେନ ଚନ୍ଦ୍ରଗୁପ୍ତ ମାରାଧୟିତୁମୁଦ୍ୟତାଃ, ତେ ଏବ ମାଂ ପରିବୃଣ୍ୱନ୍ତି । (ପ୍ରକାଶମ୍) ଆର୍ଯ୍ୟ ! ଅସ୍ତି କଶ୍ଚିଦ୍ ଯଃ କୁସୁମପୁରଂ ପ୍ରତି ଗଚ୍ଛତି, ତତଃ ଆଗଚ୍ଛତି ବା ?

ରାକ୍ଷସଃ– କୁମାର ! ଅବସିତ ମିଦାନୀଂ ଗତାଗତପ୍ରୟୋଜନମ୍ । ନନୁ ପଞ୍ଚଷୈରହୋଭିର୍ବୟମେବ ତତ୍ର ଗନ୍ତା ସ୍ମଃ ।

ମଲୟ– (ସ୍ୱଗତମ୍) ଜ୍ଞାୟତେ । (ପ୍ରକାଶମ୍) ଯଦି ଏବମ୍, ତତ୍ କିମ୍ ଅୟମ୍ ଆର୍ଯ୍ୟେଣ ସଲେଖଃ ପୁରୁଷଃ କୁସୁମପୁରଂ ପ୍ରସ୍ଥାପିତଃ ?

Digitized by PPRACHIN, SOA

ରାକ୍ଷସ– (ସ୍ୱଗତ) କର୍ମଚାରୀ ପଦ ନିର୍ଦ୍ଦୋଷ ବ୍ୟକ୍ତି ପକ୍ଷରେ ମଧ୍ୟ ମହା ଆଶଙ୍କାର ସ୍ଥଳ । କାରଣ, ଭୃତ୍ୟର ପ୍ରଭୁ ପ୍ରତି ପ୍ରଥମ ଭୟ; ତା'ପରେ ପ୍ରଭୁଙ୍କ ପାର୍ଶ୍ୱଚର-ମାନଙ୍କୁ ଭୟ । ଉଚ୍ଚପଦାଧିରୂଢ ବ୍ୟକ୍ତି ପ୍ରତି ଖଳଲୋକଙ୍କ ମନରେ ବିଦ୍ୱେଷ ସୃଷ୍ଟି ହୁଏ । ତେଣୁ ଉଚ୍ଚ ପଦରେ ସ୍ଥିତ ବ୍ୟକ୍ତି ସେହି ପଦରୁ ଓହରି ଯିବାକୁ ଅନୁକୂଳ ମନେ କରେ ।। ୧୨ ।।

ପ୍ରତୀ– ଅମାତ୍ୟ,କୁମାର ଏହିଠାରେ ଅଛନ୍ତି । ଆପଣ ତାଙ୍କ ପାଖକୁ ଯିବା ହୁଅନ୍ତୁ ।

ରାକ୍ଷସ– (ଚାହିଁ) ଏଇ କୁମାର, ଯେ କି—

ପାଦର ଅଗ୍ରଭାଗରେ ନିଶ୍ଚଳ ଦୃଷ୍ଟି ରଖିଛନ୍ତି; ଶୂନ୍ୟ ଦୃଷ୍ଟିରେ ଚାହିଁଥିବା ହେତୁ ଦୃଶ୍ୟ ପଦାର୍ଥ ସମ୍ବନ୍ଧରେ କିଛି ଧାରଣା କରି ପାରୁନାହାନ୍ତି ଏବଂ ଅବନତ ମୁଖଚନ୍ଦ୍ରଟିକୁ ହସ୍ତ ଉପରେ ଧାରଣ କରିଛନ୍ତି । ସତେ ଯେପରି ଦୁର୍ବହ କାର୍ଯ୍ୟ-ଭାରରେ ତାଙ୍କର ମୁଖଟି ଅବନତ ହୋଇଯାଇଛି ।। ୧୩ ।।

(ନିକଟକୁ ଆସି) କୁମାରଙ୍କର ଜୟ ହେଉ, ଜୟ ହେଉ ।)

ମଳୟ- ଆର୍ଯ୍ୟ, ଅଭିବାଦନ କରୁଛି ! ଏଇ ଆସନ, ବସନ୍ତୁ ।

ରାକ୍ଷସ– (ବସିଲେ)

ମଳୟ– ଆର୍ଯ୍ୟ, ଦୀର୍ଘ ସମୟ ହେଲା ଆପଣଙ୍କୁ ଦେଖି ନ ଥିବାରୁ ମୁଁ ଉଦ୍‌ବିଗ୍ନ ଥିଲି ।

ରାକ୍ଷସ– କୁମାର, ମୋତେ ଅଭିଯାନର ବ୍ୟବସ୍ଥା କରିବାକୁ ପଡୁଥିଲା । ତେଣୁ ଆପଣଙ୍କଠାରୁ ଏଇ ଭର୍ତ୍ସନା ଶୁଣିବାକୁ ହେଲା ।

ମଳୟ- ଆପଣ କି ବ୍ୟବସ୍ଥା କରିଛନ୍ତି, ମୁଁ ଶୁଣିବାକୁ ଚାହେଁ ।

ରାକ୍ଷସ- କୁମାର, ଆପଣଙ୍କ ଅନୁଗତ ରାଜାମାନଙ୍କୁ ଏଇଭଳି ଆଦେଶ ଦିଆଯାଇଛି– (ମୋ ପଛେ ପଛେ ଖସ ଓ ମଗଧ ସୈନ୍ୟମାନେ ବ୍ୟୂହରଚନା କରି ଅଗ୍ର-ଭାଗରେ ଚାଲନ୍ତୁ" ଇତ୍ୟାଦି ପୂର୍ବୋକ୍ତ କଥାକୁ ପୁନରାବୃତ୍ତି କଲେ ।)

ମଳୟ- (ସ୍ୱଗତ) କଅଣ ! ଯେଉଁମାନେ ମୋତେ ମାରି ଚନ୍ଦ୍ରଗୁପ୍ତକୁ ପ୍ରୀତ କରିବାକୁ ଚାହାନ୍ତି, ସେହିମାନେ ମୋତେ ବେଷ୍ଟନ କରି ରହୁଛନ୍ତି ! [ପ୍ରକାଶ୍ୟରେ] ଆର୍ଯ୍ୟ, କୁସୁମପୁରରୁ କେହି ଏଠାକୁ ଆସୁଛି କିମ୍ବା ସେଠାକୁ ଯାଉଛି କି ?

ରାକ୍ଷସ– ଯାତାୟାତର ପ୍ରୟୋଜନ ବର୍ତ୍ତମାନ ଆଉ, କିଛି ନାହିଁ । ପାଞ୍ଚ ଛଅ ଦିନ ମଧ୍ୟରେ ଆମେ ସେଠାରେ ପହଞ୍ଚି ଯିବା ।

ମଳୟ- [ସ୍ୱଗତ] ବୁଝାପଡୁଛି । [ପ୍ରକାଶ୍ୟରେ] ଯଦି ଏଭଳି, ତେବେ ଆପଣ କାହିଁକି ଏହି ବ୍ୟକ୍ତିକୁ ଚିଠି ଦେଇ ପଠାଇଲେ ?

Digitized by PPRACHIN, SOA

ରାକ୍ଷସଃ- (ବିଲୋକ୍ୟ) ଅୟେ ! ସିଦ୍ଧାର୍ଥକ ! ଭଦ୍ର, କିମିଦମ୍ ?

ସିଦ୍ଧା- (ସବାଷ୍ପଂ ଲଜ୍ଜାଂ ନାଟୟନ୍) ପ୍ପସୀଦଦୁ ପ୍ପସୀଦଦୁ ଅମଚ୍ଚୋ । ଅମଚ୍ଚ ! ଅଦିତାଡ୍ଡୀଅନ୍ତେଣ ମଏ ଣ ପାରିଦଂ ଅମଚ୍ଚସ୍ସ ରହସ୍ସଂ ଧାରିଦୁଂ । (ପ୍ରସୀଦତୁ ପ୍ରସୀଦତୁ ଅମାତ୍ୟ ! ଅତିତାଡ୍ୟମାନେନ ମୟା ନ ପାରିତମମାତ୍ୟସ୍ୟ ରହସ୍ୟଂ ଧାରୟିତୁମ୍ ।)

ରାକ୍ଷସଃ- ଭଦ୍ର ! କୀଦୃଶଂ ତତ୍ର ରହସ୍ୟଂ, ନ ଖଲୁ ଅବଗଚ୍ଛାମି ।

ସିଦ୍ଧା- ଣନୁ ବିଣ୍ଣବେମି, ତାଡ୍ଡୀଅନ୍ତେଣ ମଏ………… (ନନୁ ବିଜ୍ଞାପୟାମି ତାଡ୍ୟମାନେନ ମୟା………)

(ଇତି ଅର୍ଦ୍ଧୋକ୍ତେ ସଭୟମଧୋମୁଖସ୍ତିଷ୍ଠତି)

ମଲୟ- ଭାଗୁରାୟଣ ! ସ୍ୱାମିନଃ ପୁରସ୍ତାଦ୍ ଭୀତୋ ଲଜ୍ଜିତଶ୍ଚ ନୈଷ କଥୟିଷ୍ୟତି । ଅତଃ ସ୍ୱୟମେବ ଆର୍ଯ୍ୟାୟ କଥୟ ।

ଭାଗୁ- ଯଦାଜ୍ଞାପୟତି କୁମାରଃ । ଅମାତ୍ୟ ! ଏଷ କଥୟତି ଯଥା 'ଅହମ୍ ଅମାତ୍ୟ-ରାକ୍ଷସେନ ଲେଖଂ ଦତ୍ତ୍ୱା ବାଚିକଂ ଚ ସନ୍ଦେଶ୍ୟ ଚନ୍ଦ୍ରଗୁପ୍ତ ସକାଶଂ ପ୍ରେଷିତଃ' ଇତି ।

ରାକ୍ଷସଃ- ଭଦ୍ର ସିଦ୍ଧାର୍ଥକ ! ଅପି ସତ୍ୟମ୍ ?

ସିଦ୍ଧା- (ଲଜ୍ଜାଂ ନାଟୟନ୍) 'ଏବଂ ଅଦିତାଡ୍ଡୀଅନ୍ତେଣ ମଏ ଣିବେଦିଦଂ । (ଏବ-ମତିତାଡ୍ୟମାନେନ ମୟା ନିବେଦିତମ୍ ।)

ରାକ୍ଷସ- କୁମାର ! ଅନୃତମେତତ୍ । ତାଡ୍ୟମାନଃ କିଂ ନ ବ୍ରୂୟାତ୍ ?

ମଲୟ- ଭାଗୁରାୟଣ ! ଦର୍ଶୟ ଲେଖଂ, ବାଚିକଂ ଚ ଅୟମ୍ ଅସ୍ୟୈ ସ୍ୱଭୃତ୍ୟଃ କଥୟିଷ୍ୟତି ।

ଭାଗୁ- (ଲେଖମ୍ ଅବଲୋକୟନ୍) 'ସ୍ୱସ୍ତି ଯଥାସ୍ଥାନେ କୁତୋଽପି ପୁରୁଷବିଶେଷମ୍ ଅବଗମୟତି' ଇତି ବାଚୟତି ।

ରାକ୍ଷସଃ- କୁମାର ! ଶତ୍ରୋଃ ପ୍ରୟୋଗ ଏଷଃ ।

ମଲୟ- ଲେଖସ୍ୟ ଅଶୂନ୍ୟାର୍ଥମ୍ ଆର୍ଯ୍ୟେଣ ଇଦମ୍ ଆଭରଣମ୍ ଅନୁପ୍ରେଷିତମ୍ ଇତି ତତ୍ କଥଂ ଶତ୍ରୋଃ ପ୍ରୟୋଗ ଏଷଃ ସ୍ୟାତ୍ ? (ଇତ୍ୟାଭରଣଂ ଦର୍ଶୟତି)

ରାକ୍ଷସଃ- (ଆଭରଣଂ ନିବର୍ଣ୍ଣ୍ୟ) କୁମାର ! ନୈତନ୍ମୟା ଅନୁପ୍ରେଷିତମ୍ । ଏତତ୍ ହି କୁମାରେଣ ମହ୍ୟଂ ଦତ୍ତଂ ; ମୟା ଚ ପରିତୋଷସ୍ଥାନେ ସିଦ୍ଧାର୍ଥକାୟ ଦତ୍ତମ୍ ।

ଭାଗୁ- ଖୋ ଖୋ ଅମାତ୍ୟ ! ଇଦୃଶସ୍ୟ ଆଭରଣବିଶେଷସ୍ୟ,ବିଶେଷତଃ କୁମାରେଣ ପ୍ରଗାତ୍ରାତ୍ ଅବତାର୍ଯ୍ୟ ଦତ୍ତସ୍ୟ ଇୟଂ ପରିତ୍ୟାଗଭୂମିଃ ?

ମଲୟ- 'ବାଚିକମ୍ ଅପି ଆପ୍ତତମାତ୍ ସିଦ୍ଧାର୍ଥକାତ୍ ଶ୍ରୋତବ୍ୟମ୍ ଇତି ଲିଖିତମ୍ ଆର୍ଯ୍ୟେଣ ।

Digitized by PPRACHIN, SOA

ରାକ୍ଷସ- (ଗ୍ରହିଁ) କିଏ ! ସିଦ୍ଧାର୍ଥକ ! ଭଦ୍ର, ଏହା କ'ଣ ?

ସିଦ୍ଧା– (ଅଶ୍ରୁପୂର୍ଣ୍ଣ ନୟନରେ ଲଜ୍ଜିତ ହେବାର ଅଭିନୟ କରି) କ୍ଷମା କରନ୍ତୁ, କ୍ଷମା କରନ୍ତୁ ଅମାତ୍ୟ । ଅତି ମାଡ ଖାଇବାରୁ ମୁଁ ଅମାତ୍ୟଙ୍କ ଗୋପନୀୟ କଥା ଗୁପ୍ତ କରି ରଖି ପାରିଲି ନାହିଁ ।

ରାକ୍ଷସ- ଭଦ୍ର, ଗୋପନୀୟ କଅଣ ? ମୁଁ କିଛି ଜାଣିପାରୁ ନାହିଁ ତ !

ସିଦ୍ଧା– ମୁଁ ପରା କହୁଛି, ମାଡ ଖାଇବାରୁ ମୁଁ......(ଅଧା କହି ଭୟରେ ମୁହଁକୁ ତଳକୁ ପୋତି ଠିଆ ହେଲା)

ମଳୟ– ଭଗୁରାୟଣ, ନିଜ ପ୍ରଭୁଙ୍କ ଆଗରେ ଭୟରେ ହେଉ ବା ଲଜ୍ଜାରେ ହେଉ, ଏ କହିବ ନାହିଁ । ଆର୍ଯ୍ୟଙ୍କୁ ତୁମେ ନିଜେ କୁହ ।

ଭଗୁ– ଯଥାଜ୍ଞା କୁମାର । ଅମାତ୍ୟ, ଏ କହୁଛନ୍ତି, ତାଙ୍କୁ ଆପଣ ଚିଠି ଏବଂ ମୌଖିକ ସମ୍ବାଦ ଦେଇ ଚନ୍ଦ୍ରଗୁପ୍ତ ନିକଟକୁ ପଠାଇଥିଲେ ।

ରାକ୍ଷସ- ଭଦ୍ର, ସିଦ୍ଧାର୍ଥକ ! ଏହା କ'ଣ ସତ୍ୟ ?

ସିଦ୍ଧା- (ଲଜ୍ଜା ଅଭିନୟ କରି) ମୋତେ ଭୟଙ୍କର ମାଡ ଦେବାରୁ କହିଦେଲି ।

ରାକ୍ଷସ- ଏହା ମିଥ୍ୟା । ମାଡ ଖାଇଲେ ଲୋକ କ'ଣ କହିନପକାଏ ?

ମଳୟ– ଭଗୁରାୟଣ, ତୁମେ ଚିଠି ଦେଖାଅ । ଏହାଙ୍କ ନିଜ ଭୃତ୍ୟ ଏହାଙ୍କୁ ମୌଖିକ ଖବର କହିବ ।

ଭଗୁ– ଚିଠି ଦେଖାଇ, "ଶ୍ରୀ ଶୁଭମସ୍ତୁ । କୌଣସି ସ୍ଥାନରୁ କୌଣସି ବ୍ୟକ୍ତି ଯଥା– ସ୍ଥାନରେ ଥିବା କୌଣସି ବ୍ୟକ୍ତି ବିଶେଷଙ୍କୁ ଜଣାଉଅଛନ୍ତି । ...." ଇତ୍ୟାଦି ପାଠକଲେ ।

ରାକ୍ଷସ– କୁମାର, ଏହା ଶତ୍ରୁର ପ୍ରୟୋଗ ।

ମଳୟ– ଚିଠି ସହିତ ଆପଣ ଏହି ଆଭରଣ ମଧ୍ୟ ପଠାଇଛନ୍ତି । ତା' ହେଲେ ଏହା କିପରି ଶତ୍ରୁର ପ୍ରୟୋଗ ? ଆଭରଣ ଦେଖାଇଲେ ?

ରାକ୍ଷସ– [ଆଭରଣକୁ ନିରୀକ୍ଷଣ କରି] କୁମାର ! ମୁଁ ଏହା ପଠାଇନାହିଁ । ଆପଣ ମୋତେ ଏହା ଦେଇଥିଲେ । ମୁଁ ମଧ୍ୟ ଏହାକୁ ପାରିତୋଷିକ ରୂପେ ସିଦ୍ଧାର୍ଥକଙ୍କୁ ଦେଇଥିଲି ।

ଭଗୁ– ହେ ଅମାତ୍ୟ ! ଏଭଳି ଆଭରଣ, ବିଶେଷତଃ ଯାହାକୁ କୁମାର ନିଜ ଦେହରୁ କାଢି ଆପଣଙ୍କୁ ଦେଇଥିଲେ, ତାହାକୁ ଆପଣ ଏଇ ଭଳି ଯୋଗ୍ୟ ପାତ୍ରକୁ ଦେଇଦେଲେ ?

ମଳୟ- ଆପଣ ପୁଣି ଲେଖିଛନ୍ତି–"ବିଶ୍ୱସ୍ତତମ ସିଦ୍ଧାର୍ଥକଠାରୁ ମୌଖିକ ଖବର ଶୁଣିବେ ।"

Digitized by PPRACHIN, SOA

ରାକ୍ଷସଃ- କୁତୋ ବାଚକମ୍ ? କସ୍ୟ ବା ଲେଖଃ ? ଅସ୍ମମେବ ଅସ୍ମଦୀୟୋ ନ ଭବତି ।
ମଲୟ- ଇଦଂ ତର୍ହି କସ୍ୟ ମୁଦ୍ରା ?
ରାକ୍ଷସଃ- କୁମାର ! କପଟମୁଦ୍ରାମପି ଉତ୍ପାଦୟିତୁଂ ଶକ୍ନୁବନ୍ତି ଧୂର୍ତ୍ତାଃ ।
ଭାଗୁ- କୁମାର ! ସତ୍ୟମମାତ୍ୟୋ ବିଜ୍ଞାପୟତି । ସିଦ୍ଧାର୍ଥକ ! କେନାୟଂ ଲିଖିତୋ ଲେଖଃ ?
ସିଦ୍ଧା- (ରାକ୍ଷସମୁଖ ମବଲୋକ୍ୟ ତୂଷ୍ଣୀମଧୋମୁଖସ୍ତିଷ୍ଠତି)
ଭାଗୁ- ଅଲଂ ପୁନରାତ୍ମାନଂ ତାଡୟିତ୍ୱା । କଥୟ ।
ସିଦ୍ଧା- ଅଜ୍ଜ ! ସଅଡଦାସେଣ । (ଆର୍ଯ୍ୟ ! ଶକଟଦାସେନ)
ରାକ୍ଷସଃ- କୁମାର ! ଯଦି ଶକଟଦାସେନ ଲିଖିତ ସ୍ତର୍ହି ମୟୈବ ଲିଖିତଃ ।
ମଲୟ- ବିଜୟେ ! ଶକଟ ଦାସଂ ଦ୍ରଷ୍ଟୁମିଚ୍ଛାମି ।
ପ୍ରତି- ଜଂ କୁମାଲୋ ଆଣବେଦି । (ଯତ୍ କୁମାରଃ ଆଜ୍ଞାପୟତି ।)
ଭାଗୁ- (ସ୍ୱଗତମ୍) ନ ଖଲୁ ଅନିଶ୍ଚିତାର୍ଥମ୍ ଆର୍ଯ୍ୟଚାଣକ୍ୟ-ପ୍ରଣିଧୟଃ ଅଭିଧାସ୍ୟନ୍ତି । ଆଗତ୍ୟ ଶକଟଦାସୋ ବା 'ସୋଽୟଂ ଲେଖଃ' ଇତି ପ୍ରତ୍ୟଭିଜ୍ଞାୟ ପୂର୍ବବୃତ୍ତଂ ପ୍ରକାଶୟେତ୍, ଏବଂ ସତି ସନ୍ଦେହାନୋ ମଲୟକେତୁ ରସ୍ମିନ୍ ପ୍ରୟୋଗେ ଶ୍ଲଥ ଆଦରୋ ଭବେତ୍ । (ପ୍ରକାଶମ୍) କୁମାର ! ନ କଦାଚିଦପି ଶକଟଦାସଃ ଅମାତ୍ୟରାକ୍ଷସସ୍ୟା-ଗ୍ରତୋ ମୟା ଲିଖିତଃ ଇତି ପ୍ରତିପତ୍ସ୍ୟତେ । ଅତଃ ଅନ୍ୟଲିଖିତ ମପି ଆନୀୟତାମ୍ । ଯତୋ ବର୍ଣ୍ଣସଂବାଦ ଏବ ଏତତ୍ ସର୍ବଂ ବିଭାବୟିଷ୍ୟତି ।
ମଲୟ- ବିଜୟେ ! ଏବଂ କ୍ରିୟତାମ୍ ।
ଭାଗୁ- କୁମାର ! ମୁଦ୍ରାମପି ଆନୟତୁ ଇୟମ୍ ।
ମଲୟ- ଉଭୟମପି ଆନୀୟତାମ୍ ।
ପ୍ରତି- ଜଂ କୁମାଲୋ ଆଣବେଦି । (ଇତି ନିଷ୍କ୍ରମ୍ୟ ପୁନଃ ପ୍ରବିଶ୍ୟ) କୁମାଲ ! ଇଦଂ କ୍ଖୁ ତଂ ସଅଡଦାସେଣ ସହତ୍ଥଲିହିଦଂ ପତ୍ତଂ ମୁଦ୍ଦା ଅ (ଯତ୍ କୁମାରଃ ଆଜ୍ଞାପୟତି । କୁମାର ! ଇଦଂ ଖଲୁ ତତ୍ ଶକଟଦାସେନ ସ୍ୱହସ୍ତଲିଖିତଂ ପତ୍ରଂ ମୁଦ୍ରା ଚ ।)
ମଲୟ- (ଉଭୟ ମପି ନାଟ୍ୟେନ ଅବଲୋକ୍ୟ) ଆର୍ଯ୍ୟ ! ସଂବଦନ୍ତି ଅକ୍ଷରାଣି ।
ରାକ୍ଷସଃ- (ସ୍ୱଗତମ୍) ସଂବଦନ୍ତି ଅକ୍ଷରାଣି, ଶକଟଦାସସ୍ତୁ ମମ ମିତ୍ର ମିତି ଚ ବିସଂବଦନ୍ତି ଅକ୍ଷରାଣି । ତତ୍ କିଂ ଶକଟଦାସେନ ଲିଖିତମ୍ ?

ସ୍ମୃତଂ ସ୍ୟାତ୍ ପୁତ୍ରଦାରାଣାଂ ବିସ୍ମୃତାଃ ସ୍ୱାମିଭକ୍ତୟଃ ।
ଚଲେଷ୍ୱର୍ଥେଷୁ ଲୁବ୍ଧେନ ନ ଯଶଃସ୍ୱନପାୟିଷୁ ॥ ୧୪ ॥

ଅଥବା କଃ ସନ୍ଦେହଃ ?—

Digitized by PPRACHIN, SOA

ରାକ୍ଷସ– କାହାକୁ କି ଖବର ? ଏ ଚିଠି ତ ମୋର ନୁହେଁ ।

ମଳୟ– ତା' ହେଲେ ଏ ମୋହର କାହାର ?

ରାକ୍ଷସ– ଧୂର୍ତ୍ତମାନେ ନକଲି ମୋହର ମଧ୍ୟ ନିର୍ମାଣ କରିପାରନ୍ତି ।

ଭଗୁ–କୁମାର ! ଅମାତ୍ୟ ଠିକ୍ କହିଛନ୍ତି । ଭଦ୍ର ସିଦ୍ଧାର୍ଥକ ! ଏ ଚିଠି କିଏ ଲେଖିଛି ?

ସିଦ୍ଧା– (ରାକ୍ଷସଙ୍କ ମୁହଁକୁ ଚାହିଁ ତଳକୁ ମୁହଁ ପୋତି ରହିଲେ ।)

ଭଗୁ– ଭଦ୍ର, ପୁଣି ମାଡ଼ ଖାଇବା ଭଲ ନୁହେଁ । କହିଦିଅ ।

ସିଦ୍ଧା–ଆର୍ଯ୍ୟ ! ଶକଟଦାସ ।

ରାକ୍ଷସ– କୁମାର, ଯଦି ଶକଟଦାସ ଲେଖିଥିବେ, ତା' ହେଲେ ମୁଁ ଲେଖିଛି ବୋଲି ଧରାଯିବ ।

ମଳୟ- ବିଜୟା, ଶକଟଦାସଙ୍କୁ ମୁଁ ଦେଖିବାକୁ ଚାହେଁ ।

ପ୍ରତୀ–ଯଥାଜ୍ଞା କୁମାର ।

ଭଗୁ– (ସ୍ୱଗତ) ଆର୍ଯ୍ୟ ଚାଣକ୍ୟଙ୍କର ଚରମାନେ ଅନିଶ୍ଚିତ କଥା କହନ୍ତି ନାହିଁ । କିନ୍ତୁ ଶକଟଦାସ ଆସି ଏ ଲେଖାକୁ ଚିହ୍ନିପାରି ଯଦି ପୂର୍ବ ଘଟଣା ପ୍ରକାଶ କରିଦେବ ? ତା'ହେଲେ ମଳୟକେତୁର ସନ୍ଦେହ ଆସିପାରେ ଏବଂ ଏ କୌଶଳ-ବ୍ୟବସ୍ଥାରେ ଗୁରୁତ୍ୱ ନ ଦେଇ ପାରେ । (ପ୍ରକାଶ୍ୟରେ) କୁମାର, ଶକଟଦାସ କେବେହେଲେ ନିଜେ ଲେଖିଛନ୍ତି ବୋଲି ଅମାତ୍ୟଙ୍କ ସମ୍ମୁଖରେ ମାନିବେ ନାହିଁ । ତେଣୁ ତାଙ୍କର ଆଉ ଗୋଟିଏ ଲେଖା ଅଣାଯାଉ । ଯଦି ଅକ୍ଷର ମିଳିଯାଏ, ତାହାହିଁ ସବୁ ସ୍ପଷ୍ଟ କରିଦେବ ।

ମଳୟ– ବିଜୟା, ସେଇଆ କର ।

ଭଗୁ– କୁମାର, ମୁଦି ମଧ୍ୟ ଆଣିବା ଉଚିତ ।

ମଳୟ– ଉଭୟ ଆଣ ।

ପ୍ରତୀ- ଯଥାଜ୍ଞା କୁମାର । (ଯାଇ ପୁଣି ପ୍ରବେଶ କରି) ଏଇ, ଶକଟଦାସଙ୍କ ସ୍ୱହସ୍ତ ଲିଖିତ ଲେଖା ଏବଂ ମୁଦି ।

ମଳୟ- (ନାଟ୍ୟରେ ଉଭୟଙ୍କୁ ନିରୀକ୍ଷଣ କରି) ଆର୍ଯ୍ୟ, ଅକ୍ଷର ମିଳିଯାଉଛି ।

ରାକ୍ଷସ– (ସ୍ୱଗତ) ଅକ୍ଷର ମିଳିଯାଉଛି । କିନ୍ତୁ ଶକଟଦାସ ମୋର ମିତ୍ର, ତେଣୁ ଅକ୍ଷର ମିଳିବାର କଥା ତ ନୁହେଁ ! ତେବେ ଶକଟଦାସ କଅଣ—

ତାର ସ୍ତ୍ରୀ ପୁତ୍ରଙ୍କୁ ସ୍ମରଣ କରି ପ୍ରଭୁଭକ୍ତି ଭୁଲିଗଲା ? ସେ କଅଣ ଅବିନଶ୍ୱର
ଯଶ ପାଇଁ ଅଭିଳାଷୀ ନ ହୋଇ ବିନଶ୍ୱର ଧନ ପାଇଁ ଅଭିଳାଷୀ ହେଲା ? ୧୪

ଅବା ଏଥିରେ ସନ୍ଦେହ କଅଣ ? ଏ ମୁଦିଟି ସର୍ବଦା ତାହାର ଅଙ୍ଗୁଳିରେ ଥାଏ । ସିଦ୍ଧାର୍ଥକ ତା'ର ବନ୍ଧୁ । ଭେଦନୀତି ପ୍ରୟୋଗର ଆଧାର ଏହି ପତ୍ର

Digitized by PPRACHIN, SOA

ମୁଦ୍ରା ତସ୍ୟ କରାଙ୍ଗୁଳିପ୍ରଣୟିନୀ ସିଦ୍ଧାର୍ଥକ ସ୍ତତ୍ସୁହୃତ୍
ତସ୍ୟୈବାପରଲେଖ୍ୟ ସୂଚିତମିଦଂ ପତ୍ରଂ ପ୍ରୟୋଗାଶ୍ରୟମ୍ ।
ସୁବ୍ୟକ୍ତଂ ଶକଟେନ ଭେଦପଟୁଭିଃ ସନ୍ଧାୟ ସାର୍ଦ୍ଧଂ ପରୈଃ
ଭର୍ତ୍ତୃସ୍ନେହପରାଙ୍ମୁଖେନ କୃପଣଂ ପ୍ରାଣାର୍ଥିନା ଚେଷ୍ଟିତମ୍ ॥ ୧୫ ॥

ମଲୟ- ଆର୍ଯ୍ୟ ! "ଅଲଙ୍କାରତ୍ରୟଂ ଶ୍ରୀମତା ଯଦନୁପ୍ରେଷିତଂ, ତଦୁପଗତମ୍"
ଇତ୍ୟାର୍ଯ୍ୟେଣ ପରିଲକ୍ଷିତମ୍ । ତନ୍ମଧ୍ୟାତ୍ତୁ ଏକଂ କମିଦମ୍ ? (ନିର୍ବର୍ଣ୍ଣ୍ୟ ଆତ୍ମଗତମ୍)
କଥଂ ତାତେନ ଧୃତପୂର୍ବମିଦମାଭରଣମ୍ । (ପ୍ରକାଶମ୍) ଆର୍ଯ୍ୟ ! କୁତୋଽ-
ୟମଲଙ୍କାରଃ ?

ରାକ୍ଷସ- ବଣିଗ୍‌ଭ୍ୟଃ କ୍ରୟାତ୍ ଅଧିଗତଃ ।

ମଲୟ- ବିଜୟେ ! ଅପି ପ୍ରତ୍ୟଭିଜାନାସି ଭବତୀ ଭୂଷଣମିଦମ୍ ?

ପ୍ରତୀ- (ନିର୍ବର୍ଣ୍ଣ୍ୟ ସବାଷ୍ପମ୍) କୁମାର ! କଥଂ ନ ପ୍ରତ୍ୟଭିଜାନାମି ? ଇଦଂ ଖଳୁ
ସୁଗୃହୀତନାମଧେୟେନ ଦେବେନ ପର୍ବତେଶ୍ୱରେଣ ଧାରିତପୂର୍ବମ୍ । (କୁମାର ! କଥଂ
ନ ପ୍ରତ୍ୟଭିଜାନାମି ? ଇଦଂ ଖଳୁ ସୁଗୃହୀତନାମଧେୟେନ ଦେବେନ ପର୍ବତେଶ୍ୱରେଣ
ଧାରିତପୂର୍ବମ୍ ।)

ମଲୟ- (ସବାଷ୍ପମ୍) ହା ତାତ !

ଏତାନି ତାନି ତବ ଭୂଷଣବଲ୍ଲଭସ୍ୟ ଗାତ୍ରୋଚିତାନି କୁଳଭୂଷଣ ! ଭୂଷଣାନି ।
ଯୈଃ ଶୋଭିତୋଽସି ମୁଖଚନ୍ଦ୍ରକୃତାବଭାସୋ ନକ୍ଷତ୍ରବାନିବ ଶରତ୍ସମୟପ୍ରଦୋଷଃ ॥୧୬॥

ରାକ୍ଷସ- (ସ୍ୱଗତମ୍) କଥଂ ପର୍ବତେଶ୍ୱରଧୃତପୂର୍ବାଣି ଇତି ଆହ ! (ପ୍ରକାଶମ୍)
ବ୍ୟକ୍ତମେତାନ୍ୟପି ତେନ ଚାଣକ୍ୟ ପ୍ରଯୁକ୍ତେନ ବଣିଗ୍‌ଜନେନ ଅସ୍ମାସୁ ବିକ୍ରୀତାନି ।

ମଲୟ- ଆର୍ଯ୍ୟ ! ତାତେନ ଧୃତପୂର୍ବାଣାମାଭରଣ-ବିଶେଷାଣାଂ ବିଶେଷତଶ୍ଚନ୍ଦ୍ରଗୁପ୍ତ
ହସ୍ତଗତାନାଂ ବଣିଗ୍‌ଭ୍ୟଃ କ୍ରୟାତ୍ ଅଧିଗମଃ ଇତି ନ ଯୁଜ୍ୟତେ । ଅଥବା
ଯୁଜ୍ୟତେ ଏବ ଏତତ୍—

ଚନ୍ଦ୍ରଗୁପ୍ତସ୍ୟ ବିକ୍ରେତୁ ରଧିକଂ ଲାଭମିଚ୍ଛତଃ ।
କଳ୍ପିତା ମୂଲ୍ୟମେତେଷାଂ କ୍ରୂରେଣ ଭବତା ବୟମ୍ ॥ ୧୭ ॥

ରାକ୍ଷସ- (ଆତ୍ମଗତମ୍) ଅହୋ ! ସୁଶ୍ଳିଷ୍ଟଃ ଅୟମ୍ ଅଭୂତ୍ ଶତ୍ରୁପ୍ରୟୋଗଃ । କୁତଃ—

ଲେଖୋଽୟଂ ନ ମମେତି ନୋତ୍ତରମିଦଂ ମୁଦ୍ରା ମଦୀୟା ଯତଃ
ସୌହାର୍ଦ୍ଦଂ ଶକଟେନ ଖଣ୍ଡିତମିତି ଶ୍ରଦ୍ଧେୟମେତତ୍ କଥମ୍ ?
ମୌର୍ଯ୍ୟେ ଭୂଷଣବିକ୍ରୟଂ ନରପତୌ କୋ ନାମ ସମ୍ଭାବୟେତ୍ ?
ତସ୍ମାତ୍ ସମ୍ପ୍ରତିପତ୍ତିରେବ ହି ବରଂ ନ ଗ୍ରାମ୍ୟମତ୍ରୋତ୍ତରମ୍ ॥ ୧୮ ॥

Digitized by PPRACHIN, SOA

ଅନ୍ୟ ଏକ ଲେଖା ସହିତ ମିଳିଗଲା । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ,ଶକଟଦାସ ପ୍ରଭୁଭକ୍ତି ପ୍ରତି ବିମୁଖ ହୋଇ ବିଭେଦପଟୁ ଶତ୍ରୁମାନଙ୍କ ସହିତ ସନ୍ଧିକରି ପ୍ରାଣ ଆଶାରେ ଏପରି ହୀନ କାର୍ଯ୍ୟ କରିଛି ।

ମଳୟ– ଆର୍ଯ୍ୟ, ଆପଣ ଲେଖିଛନ୍ତି ଯେ, ସେ ଯେଉଁ ଅଳଙ୍କାର ପଠାଇଥିଲେ, ତାହା ଆପଣ ପାଇଛନ୍ତି । ଏହା କଅଣ ସେଥି ମଧ୍ୟରୁ ଗୋଟିଏ ? (ଯେଉଁ ଆଭରଣଟି ଆପଣ ପରିଧାନ କରିଛନ୍ତି ।) (ନିରୀକ୍ଷଣ କରି ସ୍ୱଗତ) ଏଇ ଭୂଷଣକୁ ମୋର ପିତା ପରିଧାନ କରୁଥିଲେ । (ପ୍ରକାଶ୍ୟରେ) ଆର୍ଯ୍ୟ, ଆପଣ ଏ ଆଭରଣ କେଉଁଠୁ ପାଇଲେ ?

ରାକ୍ଷସ - ବଣିକମାନଙ୍କଠାରୁ କିଣା ହୋଇଛି ।

ମଳୟ–ବିଜୟା, ଏ ଭୂଷଣକୁ ତୁମେ ଚିହ୍ନି ପାରୁଛ ?

ପ୍ରତୀ- (ନିରୀକ୍ଷଣ କରି ଅଶ୍ରୁପୂର୍ଣ୍ଣ ଚକ୍ଷୁରେ) କୁମାର, କିପରି ନ ଚିହ୍ନିବି ? ଏହାକୁ ପ୍ରାତଃସ୍ମରଣୀୟ ପର୍ବତେଶ୍ୱର ପରିଧାନ କରୁଥିଲେ ।

ମଳୟ– (ଅଶ୍ରୁପୂର୍ଣ୍ଣ ଚକ୍ଷୁରେ) ହା ପିତା,

ହେ କୁଳଭୂଷଣ, ତୁମେ ଥିଲ ଭୂଷଣ ପ୍ରିୟ । ଏହି ତୁମର ଶରୀରଯୋଗ୍ୟ ଭୂଷଣ, ଯାହାଦ୍ୱାରା ତୁମର ମୁଖଚନ୍ଦ୍ର ଉଜ୍ଜ୍ୱଳ ହୋଇ ଉଠୁଥିଲା । ଶରତ୍‌କାଳର ନକ୍ଷତ୍ର ଯୁକ୍ତ ପ୍ରଦୋଷ ପରି ତୁମେ ଶୋଭା ପାଉଥିଲ । ୧୭

ରାକ୍ଷସ–(ସ୍ୱଗତ) କଅଣ ! ପର୍ବତେଶ୍ୱର ଏହାକୁ ପିନ୍ଧୁଥିଲେ ବୋଲି ଏ କହୁଛନ୍ତି ! (ପ୍ରକାଶ୍ୟରେ) ଏହାକୁ ମଧ୍ୟ ଚାଣକ୍ୟ-ପ୍ରେରିତ ବଣିକମାନେ ମୋତେ ବିକି-ଦେଇ ଯାଇଛନ୍ତି !

ମଳୟ ଆର୍ଯ୍ୟ, ଯେଉଁ ଭୂଷଣ ମୋର ପିତା ପରିଧାନ କରୁଥିଲେ ଏବଂ ଯାହା ଚନ୍ଦ୍ରଗୁପ୍ତର ହସ୍ତଗତ ହୋଇଥିଲା, ତାହାକୁ ବଣିକମାନେ ବିକି ଦେଇଯିବେ, ଏହା ସମ୍ଭବ ନୁହେଁ । ଅବା ହୋଇପାରେ—

ଚନ୍ଦ୍ରଗୁପ୍ତ ଅଧିକ ଲାଭ ଆଶାରେ ଏହାକୁ ବିକ୍ରୟ କରିଛି ଏବଂ ଆପଣ ନିଷ୍ଠୁର ଭାବରେ ମୋତେ ଏହାର ମୂଲ୍ୟରୂପେ ଦେବେ ବୋଲି ଠିକ୍ କରିଛନ୍ତି ।

ରାକ୍ଷସ - (ସ୍ୱଗତ) ଓଃ ! ଶତ୍ରୁର ଯୋଜନା କେଡ଼େ ଖାପ୍ ଖାଇଯାଇଛି ! କାରଣ —

ଏ ଲେଖା ମୋର ନୁହେଁ ବୋଲି କହିବା ଠିକ୍ ଉତ୍ତର ହେଉ ନାହିଁ, କାରଣ ମୁଦ୍ରାଟି ମୋର । ଶକଟଦାସ ବନ୍ଧୁତା ଛିନ୍ନ କଲା, ଏହା ମଧ୍ୟ କିପରି ବିଶ୍ୱାସ କରିହେବ ? ସମ୍ରାଟ୍ ଚନ୍ଦ୍ରଗୁପ୍ତ ଭୂଷଣ ବିକ୍ରୟ କଲେ,ଏ କଥା କିଏ ବା ବିଶ୍ୱାସ କରିବ ? ତେଣୁ ଏପରି ପରିସ୍ଥିତିରେ ଦୋଷ ସ୍ୱୀକାର କରିବା ବରଂ ଭଲ, ଅସଙ୍ଗତ ଉତ୍ତର ଦେବା ଭଲ ହେବନାହିଁ । ୧୮

Digitized by PPRACHIN, SOA

ମଲୟ- ଏତତ୍ ଆର୍ଯ୍ୟଂ ପୃଚ୍ଛାମି ।

ରାକ୍ଷସଃ- (ସବାଷ୍ପମ୍) କୁମାର ! ଯଃ ଆର୍ଯ୍ୟଃ ତଂ ପୃଚ୍ଛ, ବୟମିଦାନୀମନାର୍ଯ୍ୟାଃ ସଂବୃତ୍ତାଃ ।

ମଲୟ—

ମୌର୍ଯ୍ୟୋଽସୌ ସ୍ୱାମିପୁତ୍ରଃ, ପରିଚରଣପରୋ ମିତ୍ରପୁତ୍ରସ୍ତବାହମ୍
ଦାତା ସୋଽର୍ଥସ୍ୟ ତୁଭ୍ୟଂ ସ୍ୱମତମନୁଗତସ୍ତ୍ୱନ୍ତୁ ମହ୍ୟଂ ଦଦାସି ।
ଦାସ୍ୟଂ ସତ୍କାରପୂର୍ବଂ ନନୁ ସଚିବପଦଂ ତତ୍ର ତେ ସ୍ୱାମ୍ୟମତ୍ର
ସ୍ୱାର୍ଥେ କସ୍ମିନ୍ ସମୀହା ପୁନରଧିକ ପରେ ତ୍ୱାମନାର୍ଯ୍ୟଂ କରୋତି ? ॥ ୧୯ ॥

ରାକ୍ଷସଃ—କୁମାର ! ଏବମଯୁକ୍ତବ୍ୟାହାରିଣା ଭବତା ଏବ ନିର୍ଣ୍ଣୟୋ ଦତ୍ତଃ । କୁତଃ—

(ମୌର୍ଯ୍ୟୋଽସୌ ସ୍ୱାମିପୁତ୍ରଃ ଇତି ଯୁଷ୍ମଦସ୍ମଦୋଃ ବ୍ୟତ୍ୟୟେନ ପଠତି ।)

ମଲୟ- (ଲେଖ ମଲଂକରଣସ୍ଥଗିକାଞ୍ଚ ବିନିର୍ଦ୍ଦିଶ୍ୟ) ଇଦମିଦାନୀଂ କିମ୍ ?

ରାକ୍ଷସଃ—(ସବାଷ୍ପମ୍) ବିଧେ ର୍ବିଲସିତମିଦମ୍ । କୁତଃ—

ଭୃତ୍ୟତ୍ୱେ ପରିଭବଧାମନି ସତି ସ୍ନେହାତ୍ ପ୍ରଭୂଣାଂ ସତାଂ
ପୁତ୍ରେଭ୍ୟଃ କୃତବେଦିନାଂ କୃତଧିୟାଂ ଯେଷାମଭିନ୍ନା ବୟମ୍ ।
ତେ ଲୋକସ୍ୟ ପରୀକ୍ଷକାଃ କ୍ଷିତିଭୃତଃ ପାପେନ ଯେନ କ୍ଷତାଃ
ତସ୍ୟେଦଂ ବିପୁଳଂ ବିଧେ ର୍ବିଲସିତଂ ପୁଂସାଂ ପ୍ରଯତ୍ନଚ୍ଛିଦଃ ॥ ୨୦ ॥

ମଲୟ- (ସକ୍ରୋଧମ୍) କଥ ମଦ୍ୟାପି ନିହ୍ନୂୟତେ ବିଧେର୍ବିଲସିତମିଦଂ ନ ମମେତି ! ଅନାର୍ଯ୍ୟ !—

କନ୍ୟାଂ ତୀବ୍ରବିଷପ୍ରୟୋଗ ବିଷମାଂ କୃତ୍ୱା କୃତଘ୍ନ ! ତ୍ୱୟା
ବିସ୍ରମ୍ଭପ୍ରବଣଃ ପୁରା ମମ ପିତା ନୀତଃ କଥାଶେଷତାମ୍ ।
ସମ୍ପ୍ରତ୍ୟାହିତଗୌରବେଣ ଭବତା ମନ୍ତ୍ରାଧିକାରେ ରିପୋଃ
ପ୍ରାରବ୍ଧାଃ ପ୍ରଣସ୍ୟାସ୍ୟ ମାଂସବଦହୋ ! ବିକ୍ରେତୁମେତେ ବୟମ୍ ॥ ୨୧ ॥

ରାକ୍ଷସଃ- (ସ୍ୱଗତମ୍) ଅୟମପରୋ ଗଣ୍ଡସ୍ୟ ଉପରି ବିସ୍ଫୋଟଃ ! (ପ୍ରକାଶଂ କର୍ଣ୍ଣୌ ପିଧାୟ) ଶାନ୍ତଂ ପାପଂ, ଶାନ୍ତଂ ପାପମ୍ । ନାହଂ ବିଷକନ୍ୟାମାରୋପିତବାନ୍ ପର୍ବତେଶ୍ୱରେ ।

ମଲୟ- କେନ ତର୍ହି ବ୍ୟାପାଦିତସ୍ତାତଃ ?

Digitized by PPRACHIN, SOA

ମଳୟ– ଆର୍ଯ୍ୟ, ମୁଁ ଆପଣଙ୍କୁ ଏହା ପଗ୍ଚରେ--

ରାକ୍ଷସ- (ଅଶ୍ରୁପୂର୍ଣ୍ଣ ଚକ୍ଷୁରେ) କୁମାର, ଯେ ଆର୍ଯ୍ୟ, ତାଙ୍କୁ ହିଁ ପଗ୍ଚର । ମୁଁ ବର୍ତ୍ତମାନ ଅନାର୍ଯ୍ୟରେ ପରିଣତ ।

ମଳୟ– ଚନ୍ଦ୍ରଗୁପ୍ତ ଆପଣଙ୍କ ପ୍ରଭୁର ପୁତ୍ର, ମୁଁ ଆପଣଙ୍କ ମିତ୍ରର ପୁତ୍ର, ମୁଁ ଆଜ୍ଞାବହ । ଚନ୍ଦ୍ରଗୁପ୍ତ ଆପଣଙ୍କୁ ଧନ ଦେବ, କିନ୍ତୁ ଆପଣ ନିଜ ଇଚ୍ଛାରେ ମୋତେ ଧନ ଦେଉଛନ୍ତି । ସେଠାରେ ଆପଣଙ୍କର ମନ୍ତ୍ରୀପଦ ସମ୍ମାନିତ ଦାସତା ମାତ୍ର; କିନ୍ତୁ ଏଠାରେ ଆପଣ ପ୍ରଭୁ । ତା' ହେଲେ ଆପଣଙ୍କର ଆଉ କଅଣ ଅଧିକତର ସ୍ୱାର୍ଥ ଅଛି, ଯାହାର ପ୍ରାପ୍ତି-ଆଶା ଆପଣଙ୍କୁ ଅନାର୍ଯ୍ୟ କରୁଛି ? ୧୮

ରାକ୍ଷସ-- କୁମାର, ଏପରି ଅନୁଚିତ କଥା କହି ଆପଣ ନିଜେ ହିଁ ନିର୍ଣ୍ଣୟ କରିଦେଇଛନ୍ତି ! ଯେହେତୁ– ('ଚନ୍ଦ୍ରଗୁପ୍ତ ଆପଣଙ୍କ ପ୍ରଭୁର ପୁତ୍ର' ଇତ୍ୟାଦି ମଳୟକେତୁର କଥାକୁ ୧ମ ପୁରୁଷ ସ୍ଥାନରେ ୨ୟ ପୁରୁଷ ଏବଂ ୨ୟ ପୁରୁଷ ସ୍ଥାନରେ ୧ମ ପୁରୁଷ କରି କହିଲେ ।)

ମଳୟ– (ଚିଠି ଓ ଅଳଙ୍କାର ପେଡ଼ି ଆଡକୁ ନିର୍ଦ୍ଦେଶ କରି) ବର୍ତ୍ତମାନ ଏହା କଅଣ ?

ମଳୟ– (ଅଶ୍ରୁପୂର୍ଣ୍ଣ ଚକ୍ଷୁରେ) ବିଧାତାର ଖେଳ । କାରଣ–

ମୁଁ ଭୃତ୍ୟ ହେତୁ ଅବଜ୍ଞାର ପାତ୍ର ହେଲେ ସୁଦ୍ଧା ଯେଉଁ ଅଭିଜ୍ଞ, କୃତଜ୍ଞ, ଧୀମାନ୍ ରଜାମାନେ ସ୍ନେହରେ ମୋତେ ପୁତ୍ର ଦୃଷ୍ଟିରେ ଦେଖୁଥିଲେ, ସେହି ରାଜାମାନଙ୍କୁ ଯେଉଁ ବିଧାତା ଧ୍ୱଂସ କଲା, ଏ ସମସ୍ତ ତାହାରି ଖେଳ : ସେ ହିଁ ମନୁଷ୍ୟର ସମସ୍ତ ଚେଷ୍ଟାକୁ ପ୍ରତିହତ କରେ ।

ମଳୟ– (କ୍ରୋଧରେ) ବର୍ତ୍ତମାନ ମଧ୍ୟ ଏହାକୁ ବିଧାତାର ଖେଳ ବୋଲି କହି ଘୋଡାଇ ରଖୁଛ ? ଆଉ ନିଜର ଖେଳ ବୋଲି ମାନୁନାହଁ ? ଅନାର୍ଯ୍ୟ !

କୃତଘ୍ନ ! ଏଥି ପୂର୍ବରୁ ତୁମେ ମୋର ପିତାଙ୍କ ନିକଟକୁ ଏକ ବିଷମ ବିଷକନ୍ୟା ପ୍ରେରଣ କରି ତାଦ୍ୱାରା ମୋର ବିଶ୍ୱାସଶୀଳ ପିତାଙ୍କୁ ହତ୍ୟା କରାଇଥିଲ । ବର୍ତ୍ତମାନ ଶତ୍ରୁର ମନ୍ତ୍ରୀ ହେବା ପାଇଁ ଲୋଭାସକ୍ତ ହୋଇ ତୁମେ ଶତ୍ରୁକୁ ପ୍ରୀତ କରିବା ଉଦ୍ଦେଶ୍ୟରେ ମୋତେ ମାଂସଭଳି ବିକ୍ରି କରିଦେବାକୁ ବାହାରିଛ !

ରାକ୍ଷସ– (ସ୍ୱଗତ) ଏ ତ ଆହୁରି ବେଢ଼ି ଉପରେ କୋରଡା ମାଡ ! (ପ୍ରକାଶ୍ୟରେ) (କାନରେ ହାତ ଦେଇ) ଭଗବାନ୍ ! ଭଗବାନ୍ !! ମୁଁ ପର୍ବତେଶ୍ୱରଙ୍କ ପ୍ରତି ବିଷକନ୍ୟା ପ୍ରୟୋଗ କରିନାହିଁ ।

ମଳୟ– ତା' ହେଲେ ପିତାଙ୍କୁ କିଏ ମାରିଲା ?

Digitized by PPRACHIN, SOA

ରାକ୍ଷସଃ- ଦୈବମତ୍ର ପ୍ରଷ୍ଟବ୍ୟମ୍ ।

ମଲୟ- (ସକ୍ରୋଧମ୍) ଦୈବମତ୍ର ପ୍ରଷ୍ଟବ୍ୟଂ, ନ କ୍ଷପଣକୋ ଜୀବସିଦ୍ଧିଃ ?

ରାକ୍ଷସଃ- (ସ୍ୱଗତମ୍) କଥଂ ଜୀବସିଦ୍ଧିରପି ଗୃଣକ୍ୟପ୍ରଣିଧିଃ ! ହନ୍ତ ! ହୃଦୟମପି ମେ ଶତ୍ରୁଭିଃ ସ୍ୱୀକୃତମ୍ ।

ମଲୟ- (ସକ୍ରୋଧମ୍) ଭାସୁରକ ! ଆଜ୍ଞାପ୍ୟତାଂ ଶିଖରସେନଃ ସେନାପତିଃ—ଯେ ଏତେନ ରାକ୍ଷସେନ ସହ ସୌହାର୍ଦ୍ଦମୁତ୍ପାଦ୍ୟ ଅସ୍ମଚ୍ଛରୀର ଦ୍ରୋହେଣ ଚନ୍ଦ୍ରଗୁପ୍ତମାରାଧୟିତୁକାମାଃ ପଞ୍ଚ ରାଜାନଃ, ତଦ୍ ଯଥା- କୌଲୂତଃ ଚିତ୍ରବର୍ମା, ମଲୟନରପତିଃ ସିଂହନାଦଃ, କାଶ୍ମୀରଃ ପୁଷ୍କରାକ୍ଷଃ, ସିନ୍ଧୁରାଜଃ ସୁଷେଣଃ, ପାରସୀକାଧିରାଜଃ ମେଘାକ୍ଷଃ ଇତି, ତେଷୁ ତ୍ରୟଃ ପ୍ରଥମାଃ ମଦୀୟାଂ ଭୂମିଂ କାମୟନ୍ତେ, ତେ ଗମ୍ଭୀରଶ୍ୱଭ୍ରମୁପନୀୟ ପାଂଶୁଭିଃ ପୂର୍ୟନ୍ତାମ୍, ଇତରୌ ତୁ ଦ୍ୱୌ ହସ୍ତିବଳକାମୌ ହସ୍ତିନା ଏବ ଘାତ୍ୟେତାମ୍ ଇତି ।

ପୁରୁଷଃ- ଜଂ କୁମାରୋ ଆଣବେଦି । (ଯତ୍ କୁମାରଃ ଆଜ୍ଞାପୟତି ।) (ଇତି ନିଷ୍କ୍ରାନ୍ତଃ)

ମଲୟ- (ସକ୍ରୋଧମ୍) ରାକ୍ଷସ ! ରାକ୍ଷସ !! ନାହଂ ବିସ୍ରମ୍ଭଘାତୀ ରାକ୍ଷସଃ, ମଲୟକେତୁଃ ଖଲ୍ୱହମ୍ । ତତ୍ ଗଚ୍ଛ, ସମାଶ୍ରୀୟତାଂ ସର୍ବାତ୍ମନା ଚନ୍ଦ୍ରଗୁପ୍ତଃ ଇତି ।

> ବିଷ୍ଣୁଗୁପ୍ତଞ୍ଚ ମୌର୍ଯ୍ୟଞ୍ଚ ସମାବାପ୍ୟାଗତୌ ତ୍ୱୟା ।
> ଉନ୍ମୂଲୟିତୁମୀଶୋଽହଂ ତ୍ରିବର୍ଗମିବ ଦୁର୍ନୟଃ ॥ ୨୨ ॥

ଭାଗୁ- କୁମାର ! କୃତଂ କାଲହରଣେନ । ଶୀଘ୍ରମେବ କୁସୁମପୁରୋପରୋଧାୟ ପ୍ରତିଷ୍ଠାପ୍ୟନ୍ତାମ୍ ଅସ୍ମଦ୍‌ବଲାନି—

> ଗୌଡୀନାଂ ଲୋଧ୍ରଧୂଳୀପରିମଲବହୁଲାନ୍ ଧୂମ୍ରୟନ୍ତଃ କପୋଲାନ୍
> କ୍ଲିଶ୍ନନ୍ତଃ କୃଷ୍ଣିମାନଂ ଭ୍ରମରକୁଲରୁଚଃ କୁଞ୍ଚିତସ୍ୟାଲକସ୍ୟ ।
> ପାଂଶୁସ୍ତମ୍ଭା ବଲାନାଂ ତୁରଗଖୁରପୁଟକ୍ଷୋଦଲବ୍ଧାତ୍ମଲାଭାଃ
> ଶତ୍ରୂଣାମୁତ୍ତମାଙ୍ଗେ ଗଜମଦସଲିଲଚ୍ଛିନ୍ନମୂଲାଃ ପତନ୍ତୁ ॥ ୨୩ ॥

(ଇତି ସପରିଜନୋ ନିଷ୍କ୍ରାନ୍ତୋ ମଲୟକେତୁଃ)

ରାକ୍ଷସଃ- (ସାବେଗମ୍) ହା ଧିକ୍ କଷ୍ଟମ୍ ! ତେଽପି ହତାଃ ତପସ୍ୱିନଃ ଚିତ୍ରବର୍ମାଦୟଃ ! ତତ୍ କଥଂ ସୁହୃନ୍ନାଶାୟ ରାକ୍ଷସଶ୍ଚେଷ୍ଟତେ, ନ ଶତ୍ରୁବିନାଶାୟ ? ତତ୍ କମିଦାନୀଂ କରବାଣି ମନ୍ଦଭାଗ୍ୟଃ ?

Digitized by PPRACHIN, SOA

ରାକ୍ଷସ– ଦୈବକୁ ପଗ୍ଗର ।

ମଳୟ–(ରାଗରେ) ଦୈବକୁ ପଗ୍ଗରିବି ? କ୍ଷପଣକ ଜୀବସିଦ୍ଧିକୁ ନୁହେଁ ?

ରାକ୍ଷସ– (ସ୍ୱଗତ) କଅଣ ! ଜୀବସିଦ୍ଧି ମଧ୍ୟ ଗୁଣକ୍ୟର ଚର ! ଓଃ ! ଶତ୍ରୁ ମୋର ହୃଦୟକୁ ମଧ୍ୟ ଆୟତ୍ତ କରିନେଇଛି !

ମଳୟ- (କ୍ରୋଧରେ) ଭସୁରକ ! ଶିଖରସେନକୁ ମୋର ଆଦେଶ ଜଣାଅ— କୁଳୁତରାଜ ଚିତ୍ରବର୍ମା, ମଳୟରାଜ ସିଂହନାଦ, କାଶ୍ମୀର-ରାଜ ପୁଷ୍କରାକ୍ଷ, ସିନ୍ଧୁରାଜ ସୁଷେଣ, ପାରସ୍ୟରାଜ ମେଘନାଦ, ଏହି ପାଞ୍ଚଜଣ ରାଜା ରାକ୍ଷସ ସହିତ ବନ୍ଧୁତା କରି ମୋତେ ମାରି ଚନ୍ଦ୍ରଗୁପ୍ତର ଅନୁଗ୍ରହ ପାଇବାକୁ ଗ୍ରହାଁନ୍ତି । ଏମାନଙ୍କ ମଧ୍ୟରୁ ପ୍ରଥମ ତିନି ଜଣ ମୋର ରାଜ୍ୟ ନେବାକୁ ଗ୍ରହାଁନ୍ତି, ସେମାନଙ୍କୁ ଗଭୀର ଗର୍ତ୍ତରେ ପକାଇ ପୋତିଦିଅ ଏବଂ ଅନ୍ୟ ଦୁଇଜଣ ମୋର ହସ୍ତୀବାହିନୀ ନେବାକୁ ଗ୍ରହାଁନ୍ତି, ସେମାନଙ୍କୁ ହସ୍ତୀଦ୍ୱାର ମରାଅ ।

ବ୍ୟକ୍ତି– କୁମାରଙ୍କର ଯାହା ଆଜ୍ଞା । (ଗ୍ରଲିଗଲା)

ମଳୟ– [କ୍ରୋଧରେ] ରାକ୍ଷସ ! ରାକ୍ଷସ !! ମୁଁ ବିଶ୍ୱାସଘାତକ ରାକ୍ଷସ ନୁହେଁ । ମୁଁ ହେଉଛି ମଳୟକେତୁ । ତେଣୁ ଯାଅ, ମନପ୍ରାଣ ଦେଇ ଚନ୍ଦ୍ରଗୁପ୍ତର ସେବା କର ।

ଦେଖ—

ଦୁର୍ନୀତି ଯେପରି ତ୍ରିବର୍ଗକୁ (ଧର୍ମ, ଅର୍ଥ, କାମକୁ) ଉନ୍ମୂଳ କରିବାକୁ ସମର୍ଥ, ସେହିପରି ଗୁଣକ୍ୟ ଓ ଚନ୍ଦ୍ରଗୁପ୍ତ ତୁମ ସହିତ ମିଳିତ ହୋଇ ଆସିଲେ ସୁଦ୍ଧା ମୁଁ ତୁମ ତିନିଙ୍କୁ ବିଲୋପ କରିବାକୁ ସମର୍ଥ । ୨୨

ଭଗୁ- କୁମାର ! ବିଳମ୍ବ କରିବା ଅନୁଚିତ । ବର୍ତ୍ତମାନ କୁସୁମପୁର ଅବରୋଧ ନିମନ୍ତେ ଆମର ସୈନ୍ୟମାନଙ୍କୁ ଆଦେଶ ଦିଅନ୍ତୁ ।

ଆମ ସୈନ୍ୟବାହିନୀର ଅଶ୍ୱମାନଙ୍କ ଖୁରାଘାତରୁ ଧୂଳିରାଶି ଉତ୍‌ଥିତ ହୋଇ ଶତ୍ରୁମାନଙ୍କ ମସ୍ତକ ଉପରେ ପତିତ ହେଉ । ହସ୍ତୀମାନଙ୍କର ମଦ- ଜଳଦ୍ୱାର ସେହି ଧୂଳିରାଶିର ମୂଳ ଛିନ୍ନ ହେଉ । ଗୌଡ଼ୀ ରମଣୀମାନଙ୍କର ଲୋଧ୍ରପୁଷ୍ପ-ପରାଗ-ଗନ୍ଧବୋଳା କପୋଳକୁ ସେହି ଧୂଳିରାଶି ମଳିନ କରୁ ଏବଂ ସେମାନଙ୍କର ଭ୍ରମରପଂକ୍ତିସଦୃଶ କୁଞ୍ଚିତ କେଶକଳାପର ନୀଳିମାକୁ ନିଷ୍ପ୍ରଭ କରୁ । ୨୩

(ପରିଜନବର୍ଗଙ୍କ ସହିତ ମଳୟକେତୁର ପ୍ରସ୍ଥାନ)

ରାକ୍ଷସ- (ଆବେଗର ସହିତ) ଓଃ ! କି ଦୁଃଖ ! ବିଚରା ଚିତ୍ରବର୍ମା ପ୍ରଭୃତି ମଧ୍ୟ ନିହତ ହେଲେ ! ତାହାହେଲେ ରାକ୍ଷସ ନିଜର ବନ୍ଧୁମାନଙ୍କ ବିନାଶପାଇଁ ଚେଷ୍ଟା କରୁଛି, ଶତ୍ରୁମାନଙ୍କ ବିନାଶପାଇଁ ନୁହେଁ ! ମୁଁ ହତଭାଗା ବର୍ତ୍ତମାନ କଅଣ କରିବି ?

Digitized by PPRACHIN, SOA

କିଂ ଗଚ୍ଛାମି ତପୋବନଂ ନ ତପସା ଶାମ୍ୟେତ୍ ସବୈରଂ ମନଃ
କିଂ ଭର୍ତ୍ତୄନନୁଯାମି ଜୀବତି ଶତ୍ରୌ ସ୍ତ୍ରୀଣାମିୟଂ ଯୋଗ୍ୟତା ।
କିଂ ବା ଖଡ୍ଗସଖଃ ପତାମ୍ୟରିବଳେ ନେଦଂ ନ ଯୁକ୍ତଂ ଭବେତ୍
ଚେତଶ୍ଚନ୍ଦନଦାସମୋକ୍ଷରଭସ ରୁନ୍ଧ୍ୟାତ୍ କୃତଘ୍ନଂ ନ ଚେତ୍ ॥ ୨୪ ॥

(ଇତି ନିଷ୍କ୍ରାନ୍ତାଃ ସର୍ବେ)

॥ ଇତି ମୁଦ୍ରାରାକ୍ଷସେ ପଞ୍ଚମଃ ଅଙ୍କଃ ॥

ଷଷ୍ଠୋଽଙ୍କଃ

(ତତଃ ପ୍ରବିଶତି ଅଲଂକୃତଃ ସହର୍ଷଃ ସିଦ୍ଧାର୍ଥକଃ)

ସିଦ୍ଧାର୍ଥକଃ—

ଜଅଦି ଜଳଦଣୀଲୋ କେସବୋ କେସିଘାଦୀ
ଜଅଦି ଅ ଜଣଦିଟ୍ଠୀଚନ୍ଦମା ଚନ୍ଦଉତ୍ତୋ ।
ଜଅଦି ଜଅଣସଜ୍ଜଂ ଜା ଅକାଊଣ ସେଣ୍ଣଂ
ପଡିହଦପଡିପକ୍ଖା ଅଜ୍ଜଚାଣକ୍କଣୀଦୀ ॥ ୧ ॥
(ଜୟତି ଜଳଦନୀଳଃ କେଶବଃ କେଶିଘାତୀ
ଜୟତି ଚ ଜନଦୃଷ୍ଟିଚନ୍ଦ୍ରମା ଶ୍ଚନ୍ଦ୍ରଗୁପ୍ତଃ ।
ଜୟତି ଜୟନସଜ୍ଜଂ ଯା ଅକୃତ୍ୱା ସୈନ୍ୟଂ
ପ୍ରତିହତପ୍ରତିପକ୍ଷା ଆର୍ଯ୍ୟ ଚାଣକ୍ୟନୀତିଃ ॥ ୧ ॥

ତା ଜାବ ଚିରସ୍ସ କାଳସ୍ସ ପ୍ପିଅବଅସ୍ସଂ ସୁସିଦ୍ଧତ୍ଥଅଂ ପେକ୍ଖାମି । (ପରିକ୍ରମ୍ୟ ଅବଲୋକ୍ୟ ଚ) ଅଅଂ ଉଣ ପ୍ପିଅବଅସ୍ସଓ ସୁସିଦ୍ଧତ୍ଥଓ ଇଦୋ ଜ୍ଜେବ ଆଅଚ୍ଛଦି । ତା ଜାବ ଉବସପ୍ପାମି । (ତଦ୍ ଯାବତ୍ ଚିରସ୍ୟ କାଳସ୍ୟ ପ୍ରିୟବୟସ୍ୟଂ ସୁସିଦ୍ଧାର୍ଥକଂ ପଶ୍ୟାମି । ଅୟଂ ପୁନଃ ପ୍ରିୟବୟସ୍ୟଃ ସୁସିଦ୍ଧାର୍ଥକଃ ଇତ ଏବ ଆଗଚ୍ଛତି । ତଦ୍ ଯାବତ୍ ଉପସର୍ପାମି ।)

(ତତଃ ପ୍ରବିଶତି ସୁସିଦ୍ଧାର୍ଥକଃ)

Digitized by PPRACHIN, SOA

ଯିବି କି ମୁଁ ତପୋବନକୁ ? ତପୋବ୍ରତେ ମୋ ମନ
ନ ହୋଇବ ଶାନ୍ତ, ଜଳଇ ଯେଣୁ ହିଂସା-ଜ୍ୱଳନ ।
ମୋ ପ୍ରଭୁଙ୍କ ପଥ କରିବି ଅବା ଅନୁସରଣ ?
ରିପୁ ଥାଉଁ ଥାଉଁ ଜୀବିତ ଏ ତ ଅବଳା କର୍ମ ।
ଖଡ୍‌ଗ ଧରି ଅବା ଡେଇଁବି ଅରି ସେନା ଉପରେ ?
ମାତର ଏ ନୁହେଁ ଯୁକତ ଭବି ଦେଖିଲେ ଥରେ ।
ଚନ୍ଦନଦାସର ମୁକତି ପାଇଁ ମୋ ବ୍ୟଗ୍ର ମନ
ବାଧା ଦେବ ଏଥି, ଅନ୍ୟଥା ପର ହେବ କୃତଘ୍ନ । ⁕

(ସମସ୍ତଙ୍କର ପ୍ରସ୍ଥାନ, ପଞ୍ଚମ ଅଙ୍କ ସମାପ୍ତ)

ଷଷ୍ଠ ଅଙ୍କ

(ସଜ୍ଜିତ ବେଶରେ, ଆନନ୍ଦ ମନରେ ସିଦ୍ଧାର୍ଥକଙ୍କର ପ୍ରବେଶ)

ସିଦ୍ଧା- ଜୟ ଘନଶ୍ୟାମ କେଶୀନିହନ୍ତା କେଶବ
ଜୟ ଜନ-ଦୃଷ୍ଟି-ଚନ୍ଦ୍ର ଚନ୍ଦ୍ରଗୁପ୍ତ ଦେବ ।
ଜୟ ଆର୍ଯ୍ୟ ଚାଣକ୍ୟଙ୍କ ନୀତି ମହୀୟସୀ
ବିନା ସୈନ୍ୟେ ରିପୁବଳ ଦିଏ ଯେ ବିଧ୍ୱଂସି । ୧ ।

ବହୁଦିନ ପରେ ଆଜି ପ୍ରିୟବନ୍ଧୁ ସୁସିଦ୍ଧାର୍ଥକ ଦେଖା ହେବେ । (କିଛି ବାଟ ଯାଇ ଏବଂ ନିରୀକ୍ଷଣ କରି) ଏଇ ମୋର ପ୍ରିୟବନ୍ଧୁ ସୁସିଦ୍ଧାର୍ଥକ ଆସୁଛନ୍ତି । ଯାଏଁ ତାଙ୍କ ପାଖକୁ ।

(ସୁସିଦ୍ଧାର୍ଥକଙ୍କର ପ୍ରବେଶ)

⁕ ଅର୍ଥାତ୍, ଚନ୍ଦନଦାସର ଉଦ୍ଧାର ନିମନ୍ତେ ମୋର ମନ ବ୍ୟଗ୍ର । ତେଣୁ ତାହା ଏପରି କର୍ମରେ (ଖଡ୍‌ଗ ଧରି ଶତ୍ରୁ ସୈନ୍ୟ ଉପରେ ଲମ୍ଫ ଦେବାରେ) ବାଧା ଦେବ । ଯଦି ବାଧା ନ ଦେବ, ତା'ହେଲେ କୃତଘ୍ନ ହେବ । କାରଣ, ଚନ୍ଦନଦାସ ମୋ'ର ପାଇଁ ମରିବାକୁ ଯାଉଛି । ମୁଁ ତାକୁ ରକ୍ଷା ନ କଲେ କୃତଘ୍ନ ହେବ ।

Digitized by PPRACHIN, SOA

ସୁସିଦ୍ଧାର୍ଥକଃ—

ସନ୍ତାବେନ୍ତା ଆବାଣ୍ଡେସୁଂ ମହୂସବେସୁଂ ରୁଆବେନ୍ତା ।
ହୃଅଅଟ୍ଠିଆ ବ ବହ୍ଵବା ବରହେ ମିତ୍ତାଣଂ ଦୁମ୍ମଣାଅନ୍ତେ ॥ ୨ ॥
(ସନ୍ତାପଯନ୍ତ ଆପାନେଷୁ ମହୋତ୍ସବେଷୁ ରୁଜାଯନ୍ତଃ ।
ହୃଦୟସ୍ଥିତା ଅପି ବିଭବା ବିରହେ ମିତ୍ରାଣାଂ ଦୁର୍ମନାୟନ୍ତେ ॥ ୨ ॥)

ସୁଦଞ୍ଚ ମଏ ଜଧା—ମଲଅକେଦୁକଡଆଦୋ ପ୍ପିଅବଅସ୍ସଓ ସିଦ୍ଧତ୍ଥଓ ଆଅଦୋ ତ୍ତି । ତା ଜାବ ଣଂ ଅଣ୍ଣେସାମି । (ପରିକ୍ରମ୍ୟ ଉପସୃତ୍ୟ) ଏସୋ ସିଦ୍ଧତ୍ଥଓ । (ଶ୍ରୁତଞ୍ଚ ମୟା ଯଥା—ମଲୟକେତୁକଟକାତ୍ ପ୍ରିୟବୟସ୍ୟଃ ସିଦ୍ଧାର୍ଥକଃ ଆଗତଃ ଇତି । ତତ୍ ଯାବତ୍ ଏନଂ ଅନ୍ୱେଷ୍ୟାମି । ଏଷ ସିଦ୍ଧାର୍ଥକଃ ।)

ସିଦ୍ଧା- (ବିଲୋକ୍ୟ) କଧଂ ଇଦୋ ଜ୍ଜେବ ପ୍ପିଅବଅସ୍ସଓ ସୁସିଦ୍ଧତ୍ଥଓ! (ଉପଗମ୍ୟ) ଅବି ସୁହଂ ପ୍ପିଅବଅସ୍ସସ୍ସ ? (କଥମିତ ଏବ ପ୍ରିୟ ବୟସ୍ୟଃ ସୁସିଦ୍ଧାର୍ଥକଃ ! ଅପି ସୁଖଂ ପ୍ରିୟବୟସ୍ୟସ୍ୟ ?)

(ଉଭୌ ଅନ୍ୟୋନ୍ୟମ୍ ଆଲିଙ୍ଗତଃ ।)

ସୁସିଦ୍ଧା- ଅହ୍ଵ ବଅସ୍ସ ! କୁଦୋ ମେ ସୁହଂ ଜସ୍ସ ତୁମଂ ଚିରଆଲପ୍ପବାସପ୍ପଚ୍ଚାଗଦୋ ବ ଅଣ୍ଣାବିଅ ଗୁହଂ ଅଣ୍ଣଦୋ ଗଦୋ ସି ତ୍ତି । (ଅହୋ ବୟସ୍ୟ ! କୁତୋ ମେ ସୁଖମ୍, ଯସ୍ୟ ତ୍ୱଂ ଚିରକାଳ-ପ୍ରବାସ-ପ୍ରତ୍ୟାଗତୋଽପି ଅଜ୍ଞାପୟିତ୍ୱା ଗୃହମ୍ ଅନ୍ୟତୋ ଗତୋଽସୀତି ।)

ସିଦ୍ଧା- ପସୀଦଦୁ ପ୍ପିଅବଅସ୍ସୋ । ଅହଂ କ୍ଖୁ ଦିଟ୍ଠମେତ୍ତୋ ଜ୍ଜେବ ଅଜ୍ଜଚାଣକ୍କେଣ ଆଣତ୍ତୋ ଜଧା—ସିଦ୍ଧତ୍ଥଅ ! ଗଚ୍ଛ, ଏଦଂ ପ୍ପିଅଂ ଗୁହଂ ପ୍ପିଅଦଂସଣସ୍ସ ଦେଅସ୍ସ ଚନ୍ଦସିରିଣୋ ଣିବେଦେହି ତ୍ତି । ତଦା ତସ୍ସ ତଂ ଣିବେଦିଅ ଏଦ୍ଦଂ ଅଣୁଭୂଦପାତ୍ଥିବପ୍ପସାଦୋ ଅହଂ ପ୍ପିଅବଅସ୍ସଂ ପେକ୍ଖିଦୁଂ ତୁହ ଗେହଂ ଚଳିଦୋ ହ୍ମି । (ପ୍ରସୀଦତୁ ପ୍ରିୟବୟସ୍ୟଃ । ଅହଂ ଖଳୁ ଦୃଷ୍ଟମାତ୍ରଃ ଏବ ଆର୍ଯ୍ୟଚାଣକ୍ୟେନ ଆଜ୍ଞପ୍ତୋ ଯଥା—ସିଦ୍ଧାର୍ଥକ ! ଗଚ୍ଛ, ଇମଂ ପ୍ରିୟଂ ବୃତ୍ତାନ୍ତଂ ପ୍ରିୟଦର୍ଶନସ୍ୟ ଦେବସ୍ୟ ଚନ୍ଦ୍ରଶ୍ରିୟୋ ନିବେଦୟ ଇତି । ତତସ୍ତସ୍ୟ ତନ୍ନିବେଦ୍ୟ ଏବମନୁଭୂତପାର୍ଥିବପ୍ରସାଦୋଽହଂ ପ୍ରିୟବୟସ୍ୟଂ ପ୍ରେକ୍ଷିତୁଂ ତବ ଗେହଂ ଚଳିତୋଽସ୍ମି ।)

ସୁସିଦ୍ଧା- ବଅସ୍ସ ! ଜଦି ମଏ ଏଦଂ ସୁଣିଦବ୍ୱଂ ଭୋଦି, ତା ମଂ ବି ସୁଣାବେହି, କିଂ ତେ ପିଅଦଂସଣସ୍ସ ଚନ୍ଦସିରିଣୋ ଣିବେଦିଦଂ ତ୍ତି । (ବୟସ୍ୟ ! ଯଦି ମୟେଦଂ ଶ୍ରୋତବ୍ୟଂ ଭବତି, ତତ୍ ମାମ୍ ଅପି ଶ୍ରାବୟ, କିଂ ତତ୍ ପ୍ରିୟଂ ପ୍ରିୟଦର୍ଶନସ୍ୟ ଚନ୍ଦ୍ରଶ୍ରିୟଃ ନିବେଦିତମ୍ ଇତି ।)

ସିଦ୍ଧାର୍ଥକଃ- ପ୍ପିଅବଅସ୍ସ ! ତୁହ ବି କିଂ ଅସୁଣିଦବ୍ୱଂ ଅତ୍ଥି ? ତା ଣିସ ମେହି । ଅତ୍ଥି ଦାବ ଅଜ୍ଜ ଚ୍ଚାଣକ୍କଣୀଦି-ମୋହିଦ-ମଦିଣା ମଲଅକେଦୁହଦଏଣ ଣିରାକରିଅ

ସୁସିଦ୍ଧା— ବନ୍ଧୁର ଅଭାବରେ ପାନଗୋଷ୍ଠୀ ମଧ୍ୟ ଦୁଃଖଦାୟକ ଏବଂ ମହୋତ୍ସବ ମଧ୍ୟ ପୀଡାଦାୟକ ବୋଧହୁଏ । ଯେତେ ଧନ ଥିଲେ କଅଣ ହେବ, ବନ୍ଧୁର ଅଭାବରେ ମନ ବିରସ ହୁଏ । ୨ ।

ଶୁଣିଲି, ମଳୟ-କେତୁର ଶିବିରରୁ ପ୍ରିୟବନ୍ଧୁ ସିଦ୍ଧାର୍ଥକ ଆସିଛନ୍ତି । ତେଣୁ ତାଙ୍କୁ ଖୋଜିବି (କିଛି ଦୂର ଯାଇ ଓ ନିରୀକ୍ଷଣ କରି) ଏଇ ତ ସିଦ୍ଧାର୍ଥକ !

ସିଦ୍ଧା— (ଗୃହିଁ) ଆରେ ! ପ୍ରିୟବନ୍ଧୁ ସୁସିଦ୍ଧାର୍ଥକ ତ ଏଣେ ଆସୁଛନ୍ତି ! (ନିକଟକୁ ଯାଇ) ପ୍ରିୟବନ୍ଧୁ ! ସବୁ କୁଶଳ ତ ?

(ଉଭୟେ ପରସ୍ପରକୁ ଆଲିଙ୍ଗନ କଲେ ।)

ସୁସିଦ୍ଧା—କୁଶଳ କିପରି ମିଳିବ ? ଯେହେତୁ, ତୁମେ ଦୀର୍ଘ କାଳ ପରେ ପ୍ରବାସରୁ ଫେରି ମଧ୍ୟ କୌଣସି ସମାଗ୍ଭର ନ ଜଣାଇ ଅନ୍ୟତ୍ର ଗ୍ଭଲିଗଲ ।

ସିଦ୍ଧା— କ୍ଷମା କର ବନ୍ଧୁ ! ଆର୍ଯ୍ୟ ଗ୍ଭଣକ୍ୟ ମୋତେ ଦେଖିଲକ୍ଷଣି ଆଜ୍ଞା ଦେଲେ— "ସିଦ୍ଧାର୍ଥକ ! ଯାଅ, ମହାରାଜ ଚନ୍ଦ୍ରଗୁପ୍ତଙ୍କୁ ଏହି ଶୁଭ ସମ୍ବାଦ ଜଣାଇ ଦିଅ" ତେଣୁ ମହାରାଜାଙ୍କୁ ତାହା ଜଣାଇ ଏବଂ ତାଙ୍କର ପ୍ରସାଦ ଲଭ କରି ତୁମକୁ ଭେଟିବା ପାଇଁ ତୁମ ଘରକୁ ଆସୁଛି ।

ସୁସିଦ୍ଧା—ମିତ୍ର, ମୋ ଶୁଣିବାରେ ଯଦି ବାଧା ନାହିଁ, ତା' ହେଲେ କୁହ, କି ଶୁଭ ଖବର ପ୍ରିୟଦର୍ଶନ ଚନ୍ଦ୍ରଗୁପ୍ତଙ୍କୁ ଜଣାଇଲ ?

ସିଦ୍ଧା— ବନ୍ଧୁ, ତୁମକୁ ନ କହିବାର ଏଭଳି କଅଣ ଅଛି ? ତା' ହେଲେ ଶୁଣ । ଗ୍ଭଣକ୍ୟନୀତିରେ ମୂଢ଼ମନା ହୋଇଯାଇ ଦୁଷ୍ଟ ମଳୟକେତୁ ରାକ୍ଷସକୁ ବିତାଡ଼ିତ କଲା ଏବଂ ଚିତ୍ରବର୍ମା ପ୍ରଭୃତି ପାଞ୍ଚଜଣ ପ୍ରଧାନ ରାଜାଙ୍କୁ ହତ୍ୟା କଲା । ତେଣୁ

Digitized by PPRACHIN, SOA

ରକ୍‌ଖସ, ହ୍ୱଦା ଚନ୍ଦବମ୍ମପ୍‌ପମୁହା ପ୍‌ପହାଣା ପଞ୍ଚ ପାତ୍ତ୍ଥିବା, ତଦୋ ଅସମିକ୍‌ଖ-କାରି ଏସୋ ଦୁରାଆରେ ତ୍ତି, ଉଜ୍‌ଝିଅ ମଲଅକେଦୁକଡ଼ଅଭୂମିଂ, ଣିଅଭୂମିକୁସଲଦାଏ ଭଅଚଲୋଲସେସ ପରବାରେସୁଂ ସଳଂ ସଳଂ ବଜଅଂ ଅଭିପ୍‌ପତ୍ଥିଦେସୁଂ ପତ୍ଥି-ବେସୁଂ, ଭଦ୍ଦଭଟ-ପୁରୁଷଦତ୍ତ-ହିଙ୍ଗୁରାତ-ବଲଗୁତ୍ତ-ରାଅସେଣ-ଭାଙ୍ଗୁରାଅଣ-ରୋହିଦକ୍‌ଖ-ବିଜଅବକ୍ଷପପ୍‌ମୁହେହିଂ ସଜମିଦୋ ମଲଅକେଦୁ । (ପ୍ରିୟବଅସ୍ୟ ! ତଥାପି କିମ୍ ଅଶ୍ରୋତବ୍ୟମ୍ ଅସ୍ତି ? ତନ୍ନିଶାମୟ । ଅସ୍ତି ତାବଦାର୍ଯ୍ୟ ଚାଣକ୍ୟେନାତ୍ର ମୋହିତମତିନା ମଲୟକେତୁର୍ହତକେନ ନିରାକୃତ୍ୟ ରାକ୍ଷସଂ, ହତାଃ ଚନ୍ଦ୍ରବର୍ମପ୍ରମୁଖାଃ ପ୍ରଧାନାଃ ପଞ୍ଚ ପାର୍ଥିବାଃ । ତତଃ 'ଅସମୀକ୍ଷ୍ୟକାରୀ ଏଷ ଦୁରାତ୍ମା' ଇତି ଉଜ୍‌ଝିତ୍ୱା ମଲୟକେତୁ-କଟକ- ଭୂମିଂ ନିଜ ଭୂମି କୁଶଳତୟା ଭୟଚଲୋଲ-ସୈନ୍ୟ-ତନୂକୃତ-ଶେଷ-ପରିବାରେଷୁ ସ୍ୱକଂ ସ୍ୱକଂ ବିଷୟମ୍ ଅଭିପ୍ରସ୍ଥିତେଷୁ ପାର୍ଥିବେଷୁ, ଭଦ୍ରଭଟ-ପୁରୁଷଦତ୍ତ-ହିଙ୍ଗୁରାତ-ବଲଗୁପ୍ତ ରାଜସେନ- ଭାଗୁରାୟଣ- ରୋହିତାକ୍ଷ- ବିଜୟବର୍ମପ୍ରମୁଖୈଃ ସଂଯମିତଃ ମଲୟକେତୁଃ ।)

ସୁସିଦ୍ଧା—ବଅସ୍ସ ! ଭଦ୍ଦଭଟପ୍‌ପମୁହା କିଲ ଦେଅସ୍ସ ଚନ୍ଦସିରିଣୋ ଅବରତ୍ତା ମଲଅ-କେଦୁଂ ସମାସ୍ସିଦା ତ୍ତି ଲୋଏ ମନ୍ତୀଅଦି । ତା କଂ ଣିମିତ୍ତଂ ଏଦଂ କୁକବଣାଡ-ଅସ୍ସ ବିଅ ଅଣ୍ଣଂ ମୁହେ ଅଣ୍ଣଂ ଣିବ୍‌ବହଣେ ତ୍ତି । (ବୟସ୍ୟ ! ଭଦ୍ରଭଟପ୍ରମୁଖାଃ କିଲ ଦେବସ୍ୟ ଚନ୍ଦ୍ରଶ୍ରିୟଃ ଅପରକ୍ତାଃ, ମଲୟକେତୁଂ ସମାଶ୍ରିତାଃ ଇତି ଲୋକେ ମନ୍ତ୍ରତେ । ତତ୍ କିଂନିମିତ୍ତମ୍ ଏତତ୍ କୁକବିନାଟକସ୍ୟ ଇବାନ୍ୟଦ୍ ମୁଖେ ଅନ୍ୟନ୍ନିର୍ବହଣେ ଇତି ?)

ସିଦ୍ଧା- ବଅସ୍ସ ! ଣୂଣଂ ଦାବ, ଦୈବଗଦୀଏ ବିଅ ଅସୁଣିଦଗଦୀଏ ଣମୋ ଅଜ୍ଜଚାଣକ୍କ-ଣୀଦୀଏ । (ବୟସ୍ୟ ! ନୂନଂ ତାବତ୍, ଦୈବଗତ୍ୟୈ ଇବ ନମଃ ଆର୍ଯ୍ୟଚାଣକ୍ୟନୀତ୍ୟୈ ।)

ସୁସିଦ୍ଧା- ବଅସ୍ସ ! ତଦୋ ତଦୋ ? (ବୟସ୍ୟ ! ତତଃ ତତଃ ?)

ସିଦ୍ଧା- ବଅସ୍ସ ! ତଦୋ ପ୍‌ପହୁଦ ସାରସାହଣସମୁଦଏଣ ଇଦୋ ଣିକ୍କମିଅ ଅଜ୍ଜ-ଚାଣକ୍କେଣ ପଡ଼ିବଣ୍ଣଂ ଅରାଅଲୋଅଂ ଅସେସରାଅବଲଂ । (ବୟସ୍ୟ ! ତତଃ ପ୍ରଭୂତ ସାରସାଧନସମୁଦୟେନେତୋ ନିଷ୍କ୍ରମ୍ୟ ଆର୍ଯ୍ୟଚାଣକ୍ୟେନ ପ୍ରତିପନ୍ନମ୍ ଅରାଜ-ଲୋକମ୍ ଅଶେଷରାଜବଲମ୍ ।)

ସୁସିଦ୍ଧା- ବଅସ୍ସ ! କହିଂ ? (ବୟସ୍ୟ ! କୁତ୍ର ?)

ସିଦ୍ଧା- ବଅସ୍ସ ! ଜହିଂ ଏଦେ—(ବୟସ୍ୟ ! ଯତ୍ରୈତେ)—

ଅଦିସଅଗୁରୁଏଣ ଦାଣଦେପ୍ପେଣ ଦନ୍ତୀ
ସଜଲଜଲଦଣୀଲା ଉବ୍‌ବହନ୍ତୋ ଣଦନ୍ତି ।
କସାପ୍ପହାରଭଏଣ ଜାଦକମ୍ପା ତୁରନ୍ତୋ
ଗହିଦଜଅଣସଦ୍ଦା ସଂଘଦନ୍ତେ ତୁରଂଗା ॥ ୩ ॥

(ଅତିଶୟଗୁରୁକେଣ ଦାନଦର୍ପେଣ ଦନ୍ତିନଃ
ସଜଲଜଲଦନୀଲା ମୁଦ୍‌ବହନ୍ତୋ ନଦନ୍ତି ।

Digitized by PPRACHIN, SOA

ମଳୟକେତୁକୁ ବିଚାରହୀନ ଅତ୍ୟାଚାରୀ ବୋଲି ଭାବି ଅନ୍ୟ ରାଜାମାନେ ତାର ଶିବିର ପରିତ୍ୟାଗ କରି ନିଜ ନିଜ ରାଜ୍ୟକୁ ପଳାଇ ଗଲେ । କାରଣ, ସେମାନଙ୍କର ସୈନ୍ୟମାନେ ଭୟରେ ଛତ୍ରଭଙ୍ଗ ଦେଲେ । ସେମାନଙ୍କର ଅଙ୍ଗରକ୍ଷୀ ମାନଙ୍କର ସଂଖ୍ୟା ମଧ୍ୟ ହ୍ରାସ ପାଇଲା । ଏଭଳି ଅବସ୍ଥାରେ ସେମାନଙ୍କର ନିଜ ନିଜ ରାଜ୍ୟକୁ ଫେରିଯିବା ବ୍ୟତୀତ ମଙ୍ଗଳ ନ ଥିଲା । ତେଣୁ ଭଦ୍ରଭଟ, ପୁରୁଷଦତ୍ତ, ହିଙ୍ଗୁରାତ, ବଳଗୁପ୍ତ, ରାଜସେନ, ଭାଗୁରାୟଣ, ଲୋହିତାକ୍ଷ, ବିଜୟବର୍ମା ପ୍ରଭୃତି ମଳୟକେତୁକୁ ବାନ୍ଧି ପକାଇଲେ ।

ସୁସିଦ୍ଧା– ମିତ୍ର ! ଭଦ୍ରଭଟ ପ୍ରଭୃତି ତୁଆଡେ ମହାରାଜ ଚନ୍ଦ୍ରଗୁପ୍ତଙ୍କ ପ୍ରତି ବିମୁଖ ହୋଇ ମଳୟକେତୁର ଆଶ୍ରୟ ନେଇଛନ୍ତି, ଏହା ସାଧାରଣରେ ପ୍ରକାଶ । ତେବେ କୁକବିର ନାଟକରେ ଯେପରି ମୁଳ ଗୋଟିଏ ପ୍ରକାର ଓ ଶେଷ ଆଉ ଗୋଟିଏ ପ୍ରକାର,ସେହିପରି ଏହି କାର୍ଯ୍ୟ ଆରମ୍ଭରେ ଏକ ପ୍ରକାର ଓ ସମାପ୍ତିରେ ଅନ୍ୟ ପ୍ରକାର କାହିଁକି ?

ସିଦ୍ଧା– ମିତ୍ର, ନିୟତିର ଗତିବିଧି ଭଳି ଦୁର୍ବୋଧ୍ୟ ଚାଣକ୍ୟ-ନୀତିକୁ ନମସ୍କାର ।

ସୁସିଦ୍ଧା– ବନ୍ଧୁ, ତା'ପରେ ?

ସିଦ୍ଧା– ତା'ପରେ ଏଆଡୁ ଆର୍ଯ୍ୟ ଚାଣକ୍ୟ ବଛା ବଛା ସୈନ୍ୟ ନେଇ ରାଜାବିହୀନ ସୈନ୍ୟବାହିନୀଙ୍କୁ ପରାସ୍ତ କରିବେଲେ ।

ସୁସିଦ୍ଧା–ବନ୍ଧୁ, କେଉଁଠାରେ ?

ସିଦ୍ଧା– ଯେଉଁଠାରେ—

ସଜଳ ଜଳଦ ଭଳି ନୀଳବର୍ଣ୍ଣ ହସ୍ତୀଗଣ ଅତିଶୟ ମଦଜଳଦର୍ପରେ ଗର୍ଜନ କରୁଛନ୍ତି ଏବଂ ଯୁଦ୍ଧ - ଭୂଷାରେ ସଜ୍ଜିତ ହୋଇଥିବା ଅଶ୍ୱମାନେ କଶାଘାତ ଭୟରେ ଚଳଚଞ୍ଚଳ ହୋଇଉଠୁଛନ୍ତି । ୩ ।

Digitized by PPRACHIN, SOA

କଣ୍ଠାପ୍ରହାରଭୟେନ ଜାତକମ୍ପାସ୍ତୁରଙ୍ଗୋ
ଗୃହୀତ ଜୟନସଙ୍ଗାଃ ସମ୍ପଦ୍ୟନ୍ତେ ତୁରଙ୍ଗାଃ ॥ ୩ ॥

ସୁସିଦ୍ଧା- ବଅସ୍ସ ! ଏଦଂ ସବ୍ବଂ ଦାବ ଚିଟ୍ଠଦୁ, ତହା ସବ୍ବଲୋଅପଚ୍ଚକ୍ଖଂ ଉଜ୍ଝିଆହିଆରେ ଭବଅ କହ୍ନଂ ଅଜ୍ଜଗ୍ଣକ୍କୋ ପୁଣୋ ବି ତଂ ଜ୍ଜେବ ମନ୍ତୃପଦଂ ଆରୂଢୋ ? (ବୟସ୍ୟ ! ଏତତ୍ ସର୍ବଂ ତାବତ୍ ତିଷ୍ଠତୁ । ତଥା ସର୍ବଲୋକପ୍ରତ୍ୟକ୍ଷମ୍ ଉଜ୍ଝିତାଧିକାରେ ଭୂତ୍ୱା କଥମ୍ ଆର୍ଯ୍ୟଚାଣକ୍ୟଃ ପୁନଃ ଅପି ମନ୍ତ୍ରିପଦମ୍ ଆରୂଢ଼ଃ ?)

ସିଦ୍ଧା- ବଅସ୍ସ ! ଅହମୁକ୍ଖୋ ଦାଣିଂ ସି ତୁମଂ, ଜୋ ଅମଚରକ୍ଖସେଣ ଅଣବଗାହିଦପୁବ୍ବଂ ଅଜ୍ଜଗ୍ଣକ୍କବୁଦ୍ଧିଂ ଅବଗାହିଦୁଂ ଇଚ୍ଛସି ? (ବୟସ୍ୟ ! ଅତିମୁଗ୍ଧ ଇଦାନୀମ୍ ଅସି ତ୍ୱଂ, ଯୋ ଅମାତ୍ୟରାକ୍ଷସେନ ଅନବଗାହିତପୂର୍ବାମ୍ ଆର୍ଯ୍ୟଚାଣକ୍ୟବୁଦ୍ଧିମ୍ ଅବଗାହିତୁମ୍ ଇଚ୍ଛସି ।

ସୁସିଦ୍ଧା- ବଅସ୍ସ ! ଅଧ ଅମଚରକ୍ଖସୋ ଦାଣିଂ କହିଂ ? (ବୟସ୍ୟ ! ଅଥ ଅମାତ୍ୟରାକ୍ଷସଃ ଇଦାନୀଂ କୁତ୍ର ?)

ସିଦ୍ଧା- ବଅସ୍ସ ! ସୋ କ୍ଖୁ ତସ୍ସିଂ ପ୍ପଲଅକୋଲାହଲେ ବଡ୍ଢମାଣେ ମଲଅକେଦୁକଡ଼ଆଦୋ ଣିକ୍କମିଅ ଉନ୍ଦୁରଣାମଧେଏଣ ଚରେଣ ଅଣୁସରନ୍ତୋ ଇମଂ ଜ୍ଜେବ କୁସୁମପୁରଂ ଆଗଦୋ ତ୍ତି ଅଜ୍ଜଗ୍ଣକ୍କସ୍ସ ଣିବେଦିଦଂ ।(ବୟସ୍ୟ ! ସ ଖଳୁ ତସ୍ମିନ୍ ପ୍ରଲୟ କୋଲାହଲେ ବର୍ଦ୍ଧମାନେ ମଲୟକେତୁକଟକାତ୍ ନିଷ୍କ୍ରମ୍ୟ ଉନ୍ଦୁରନାମଧେୟେନ ଚରେଣ ଅନୁସ୍ରିୟମାଣ ଇଦମ୍ ଏବ କୁସୁମପୁରମ୍ ଆଗତ ଇତି ଆର୍ଯ୍ୟଚାଣକ୍ୟସ୍ୟ ନିବେଦିତମ୍ ।)

ସୁସିଦ୍ଧା-- ବଅସ୍ସ ! ତହା ଣାମ ଅମଚରକ୍ଖସୋ ଣନ୍ଦରଜ୍ଜପଚ୍ଚାଣଅଣେ କଦବ୍ବବସାଓ ଣିକ୍କମିଅ ସଂପଦଂ ଅକଦତ୍ଥୋ ପୁଣୋ ବି କହିଂ ଇମଂ ଜ୍ଜେବ କୁସୁମଉରଂ ଆଅଦୋ ? (ବୟସ୍ୟ ! ତଥା ନାମ ଅମାତ୍ୟରାକ୍ଷସୋ ନନ୍ଦରାଜ୍ୟ- ପ୍ରତ୍ୟାନୟନେ କୃତବ୍ୟବସାୟୋ ନିଷ୍କ୍ରମ୍ୟ ସାଂପ୍ରତମକୃତାର୍ଥଃ ପୁନରପି କଥମ୍ ଇଦମେବ କୁସୁମପୁରମାଗତଃ ?

ସିଦ୍ଧା- ବଅସ୍ସ ! ତକ୍କେମି ଚନ୍ଦଣଦାସସ୍ସ ସିଣେହେଣ ତ୍ତି । (ବୟସ୍ୟ ! ତର୍କୟାମି ଚନ୍ଦଣଦାସସ୍ୟ ସ୍ନେହେନ ଇତି ।)

ସୁସିଦ୍ଧା- ବଅସ୍ସ ! ସଚ୍ଚଂ ଚନ୍ଦଣଦାସସ୍ସ ସିଣେହେଣ ତ୍ତି ? ଅଧ ଚନ୍ଦଣଦାସସ୍ସ ମୋକ୍ଖଂ ପେକ୍ଖସି ? (ବୟସ୍ୟ ! ସତ୍ୟଂ ଚନ୍ଦନଦାସସ୍ୟ ସ୍ନେହେନ ଇତି ? ଅଥ ଚନ୍ଦନଦାସସ୍ୟ ମୋକ୍ଷଂ ପ୍ରେକ୍ଷସେ ?)

ସିଦ୍ଧା- ବଅସ୍ସ ! କୁଦୋ ସେ ଅଧଣ୍ଣସ୍ସ ମୋକ୍ଖୋ ? ସୋ କ୍ଖୁ ସଂପଦଂ ଅଜ୍ଜଗ୍ଣକ୍କସ୍ସ ଆଣତ୍ତିଏ ଦୁବେହ୍ମଂ ପି ଅହ୍ମେହିଂ ବଜ୍ଝଟ୍ଠାଣଂ ପ୍ପବେସିଅ ବାବାଇଦବ୍ବୋ । (ବୟସ୍ୟ ! କୁତୋଽସ୍ୟ ଅଧନ୍ୟସ୍ୟ ମୋକ୍ଷଃ ? ସ ଖଳୁ ସାଂପ୍ରତମାର୍ଯ୍ୟଚାଣକ୍ୟସ୍ୟ ଆଜ୍ଞପ୍ତ୍ୟା ଦ୍ୱାଭ୍ୟାମପି ଆବାଭ୍ୟାଂ ବଧସ୍ଥାନଂ ପ୍ରବେଶ୍ୟ ବ୍ୟାପାଦୟିତବ୍ୟଃ ।)

Digitized by PPRACHIN, SOA

ସୁସିଦ୍ଧା—ମିତ୍ର, ଏସବୁ କଥା ଏତିକି ଥାଉ । ଆଚ୍ଛା, ଆର୍ଯ୍ୟ ଚାଣକ୍ୟ ସର୍ବ ସମକ୍ଷରେ ମନ୍ତ୍ରୀପଦ ତ୍ୟାଗ କରି ପୁଣି କିପରି ତାହା ଗ୍ରହଣ କଲେ ?

ସିଦ୍ଧା— ତୁମେ ତ ଅତି ମୂଢ଼ ! କାରଣ, ଆର୍ଯ୍ୟ ଚାଣକ୍ୟଙ୍କର ଯେଉଁ ନୀତିକୁ ଅମାତ୍ୟ ରାକ୍ଷସ ମଧ୍ୟ ଭେଦ କରିପାରି ନାହାଁନ୍ତି, ତୁମେ ତାହାକୁ ଭେଦ କରିବାକୁ ଇଚ୍ଛା କରୁଛ ?

ସୁସିଦ୍ଧା— ମିତ୍ର, ଅମାତ୍ୟ ରାକ୍ଷସ ବର୍ତ୍ତମାନ କେଉଁଠାରେ ?

ସିଦ୍ଧା— ଯୁଦ୍ଧ କୋଳାହଳ ବଢନ୍ତେ ସେ ମଳୟକେତୁର ଶିବିରରୁ ବାହାରି ଏହି ପାଟଳିପୁତ୍ରକୁ ଆସୁଛନ୍ତି । ଉଦୁମ୍ବର ନାମକ ଚର ତାଙ୍କର ଅନୁସରଣ କରୁଛି । ଏ କଥା ଆର୍ଯ୍ୟ ଚାଣକ୍ୟଙ୍କୁ ଜଣାଇ ଦିଆଯାଇଛି ।

ସୁସିଦ୍ଧା— ମିତ୍ର ତା' ହେଲେ ଅମାତ୍ୟ ରାକ୍ଷସ ନନ୍ଦରାଜ୍ୟର ପୁନରୁଦ୍ଧାର ନିମନ୍ତେ ସଙ୍କଳ୍ପ କରି ଏହି ପାଟଳିପୁତ୍ରରୁ ଯାଇଥିଲେ । କିନ୍ତୁ ବର୍ତ୍ତମାନ ବ୍ୟର୍ଥ ମନୋରଥ ହୋଇ ପୁଣି ଏହିଠାକୁ କାହିଁକି ଆସିଲେ ?

ସିଦ୍ଧା— ମିତ୍ର, ମୁଁ ଭାବୁଛି, ଚନ୍ଦନ ଦାସ ପ୍ରତି ମମତା-ବଶତଃ ସେ ଏଠାକୁ ଆସୁଛନ୍ତି ।

ସୁସିଦ୍ଧା-ମିତ୍ର ! ସତରେ ଚନ୍ଦନଦାସ ପ୍ରତି ମମତା ବଶତଃ ? ତା' ହେଲେ ଚନ୍ଦନ-ଦାସ ମୁକ୍ତି ପାଇପାରିବ ବୋଲି ତୁମେ ଭାବୁଛ ?

ସିଦ୍ଧା— ସେ ଦୁର୍ଭାଗାର ମୁକ୍ତି କାହିଁ ? ଆର୍ଯ୍ୟ ଚାଣକ୍ୟ ଆଜ୍ଞା ଦେଇଛନ୍ତି ଯେ, ଆମେ ଦୁଇଜଣ ବର୍ତ୍ତମାନ ତାକୁ ବଧ୍ୟଭୂମିକୁ ନେଇ ବଧ କରିବା ।

Digitized by PPRACHIN, SOA

ସୂସିଦ୍ଧୋ- (ସନ୍ତୋଷମ୍) ବଅସ୍ସ ! କିମ୍ ଅଜ୍ଜଚାଣକ୍କସ୍ସ ଘାଦଅଜଣୋ ଅଣ୍ଣୋ ଣତ୍ଥି, ଜେଣ ଅମ୍ହେ ଇଦିସେ ଣିଘିଣେ କମ୍ମେ ଣିଜୁଜ୍ଜୀଅଦି ? (ବୟସ୍ୟ ! କିମ୍ ଆର୍ଯ୍ୟଚାଣକ୍ୟସ୍ୟ ଘାତକଜନୋଽନ୍ୟଃ ନାସ୍ତି, ଯେନ ଆବାମ୍ ଈଦୃଶେ ନୃଶଂସେ କର୍ମଣି ନିଯୁଜ୍ୟାବହେ ?)

ସିଦ୍ଧ- ବଅସ୍ସ ! କୋ ଜୀବଲୋଏ ଜୀବିଦୁକାମୋ ଅଜ୍ଜଚାଣକ୍କସ୍ସ ଆଣତ୍ତିଂ ପଡ଼ିକୂଲେଦି ? ତା ଏହି, ଚଣ୍ଡାଲବେସଧାରିଣୋ ଭବିଅ ଚନ୍ଦଣଦାସଂ ବଜ୍ଝଟ୍ଠାଣଂ ଣେହ୍ମ । (ବୟସ୍ୟ ! କୋ ଜୀବଲୋକେ ଜୀବିତୁକାମଃ ଆର୍ଯ୍ୟଚାଣକ୍ୟସ୍ୟ ଆଜ୍ଞପ୍ତିଂ ପ୍ରତିକୂଳୟତି ? ତଦ୍ ଏହି, ଚଣ୍ଡାଲବେଷଧାରିଣୌ ଭୂତ୍ୱା ଚନ୍ଦନଦାସଂ ବଧସ୍ଥାନଂ ନୟାବଃ । (ଇତି ଉଭୌ ନିଷ୍କ୍ରାନ୍ତୌ)

॥ ଇତି ପ୍ରବେଶକଃ ॥

(ତତଃ ପ୍ରବିଶତି ରଜ୍ଜୁହସ୍ତଃ ପୁରୁଷଃ)

ପୁରୁଷଃ- ଛଗ୍‌ଗୁଣ ସଂଯୋଅଦିଢା ଉବାଅ-ପରିବାଡୀ-ଘଡିଦ-ପାସମୁହୀ ।
ଚାଣକ୍କଣୀଦିରଜ୍ଜୁ ରିଉସଂଜମଣ ଉଜ୍ଜଆ ଜଅଦି ॥ ୩ ॥
(ଷଡ୍‌ଗୁଣସଂଯୋଗଦୃଢା ଉପାୟ-ପରିପାଟୀ-ଘଟିତ-ପାଶମୁଖୀ ।
ଚାଣକ୍ୟନୀତିରଜ୍ଜୁ ରିପୁସଂଯମନ-ଋଜୁକା ଜୟତି ॥ ୪ ॥)

(ପରିକ୍ରମ୍ୟ ଅବଲୋକ୍ୟ ଚ) ଏସୋ ସୋ ଅଜ୍ଜଚାଣକ୍କସ୍ସ ଚନ୍ଦଉତ୍ତେଣ ଚରେଣ କଧିଦୋ ପଦେସୋ, ଜହିଂ ମଏ ଅଜ୍ଜଚାଣକ୍କାଣତ୍ତୀଏ ଅମଚ୍ଚରକ୍‌ଖସୋ ପେକ୍‌ଖିଦବ୍ବୋ । ଜହିଂ ଏସୋ କ୍‌ଖୁ ଅମଚ୍ଚରକ୍‌ଖସୋ କିଦସୀସାବଗୁଣ୍ଠଣୋ ଇଦୋ ଚ୍ଚେବ ଆଅଚ୍ଛଦି । ତା ଜାବ ଇମେହିଂ ଜିଣ୍ଣୁଜ୍ଜାଣପାଦବେହିଂ ଅବବାରିଦ-ସରୀରୋ ପେକ୍‌ଖାମି, କହିଂ ଆସଣପରିଗ୍ଗହଂ କରେଦି । (ଇତି ପରିକ୍ରମ୍ୟ ତଥାସ୍ଥିତଃ) (ଏଷ ସ ଆର୍ଯ୍ୟଚାଣକ୍ୟସ୍ୟ ଚନ୍ଦ୍ରଗୁପ୍ତେନ ଚରେଣ କଥିତଃ ପ୍ରଦେଶଃ, ଯତ୍ର ମୟା ଆର୍ଯ୍ୟଚାଣକ୍ୟାଜ୍ଞପ୍ତ୍ୟା ଅମାତ୍ୟରାକ୍ଷସଃ ପ୍ରେକ୍ଷିତବ୍ୟଃ । (ବିଲୋକ୍ୟ) କଥ ମେଷ ଖଲୁ ଅମାତ୍ୟରାକ୍ଷସଃ କୃତଶୀର୍ଷାବଗୁଣ୍ଠନ ଇତ ଏବ ଆଗଚ୍ଛତି, ତଦ୍ ଯାବଦ୍ ଏଭିଃ ଜୀର୍ଣ୍ଣ- ଉଦ୍ୟାନପାଦପୈଃ ଅପବାରିତଶରୀରଃ ପ୍ରେକ୍ଷେ, କୁତ୍ରାସନପରିଗ୍ରହଂ କରୋତି ଇତି ।)

(ତତଃ ପ୍ରବିଶତି ଶସ୍ତ୍ରଂ ଧାରୟନ୍ କୃତଶୀର୍ଷାବଗୁଣ୍ଠନଃ ରାକ୍ଷସଃ)

ରାକ୍ଷସଃ-(ସବାଷ୍ପମ୍) କଷ୍ଟଂ ! ଭୋ କଷ୍ଟମ୍ ! !

ଉଚ୍ଛିନ୍ନାଶ୍ରୟକାତରେବ କୁଲଟା ଗୋତ୍ରାନ୍ତରଂ ଶ୍ରୀର୍ଗତା
ତାମେବାନୁଗତା ଗତାନୁଗତିକାସ୍ତ୍ୟକ୍ତାନୁରାଗାଃ ପ୍ରଜାଃ ।
ଆପ୍ତୈରପ୍ୟନବାପ୍ତପୌରୁଷଫଲୈଃ କାର୍ଯ୍ୟସ୍ୟ ଧୂରୁଜ୍ଝିତା
କିଂ କୁର୍ବନ୍ତ୍ୟଥବୋତ୍ତମାଙ୍ଗରହିତୈର୍ନାଙ୍ଗୈରିବ ସ୍ଥୀୟତେ ॥ ୫ ॥

Digitized by PPRACHIN, SOA

ସୁସିଦ୍ଧା– [କ୍ରୋଧରେ] ଆର୍ଯ୍ୟ ଚାଣକ୍ୟଙ୍କୁ କଅଣ ଘାତକ ମିଳୁ ନାହାଁନ୍ତି ଯେ, ଆମକୁ ଏପରି ଅତି ନୃଶଂସ କାର୍ଯ୍ୟରେ ନିଯୁକ୍ତ କରିଛନ୍ତି ?

ସିଦ୍ଧା– ମିତ୍ର, ଜୀବନ ପ୍ରତି ଆଶା ରଖି କିଏ ଆର୍ଯ୍ୟ ଚାଣକ୍ୟର ଆଜ୍ଞା ଲଙ୍ଘନ କରିବ ? ତେଣୁ ଆସ, ଆମେ ଦୁହେଁ ଚଣ୍ଡାଳ ବେଶ ଧାରଣ କରି ଚନ୍ଦନ-ଦାସଙ୍କୁ ବଧ୍ୟଭୂମିକୁ ନେବା ।

(ଉଭୟଙ୍କର ପ୍ରସ୍ଥାନ)

('ପ୍ରବେଶକ' ଶେଷ)

(ହାତରେ ରଜ୍ଜୁ ଧରି ଏକ ପୁରୁଷର ପ୍ରବେଶ)

ଜୟ ଜୟ ଚାଣକ୍ୟଙ୍କ ନୀତି ରଜ୍ଜୁ ଗୂଢ଼,
ଷଡ୍‌ଗୁଣର ସଂଯୋଗରେ ହୋଇଛି ଯା' ଦୃଢ଼ ।
ଉପାୟ-କୌଶଳେ ଯା'ର ଫାଶ ବିରଚିତ,
ରିପୁ ବାନ୍ଧିବାକୁ ଯାହା ସତତ ଉଦ୍ୟତ । ୪

(କିଛି ଦୂର ଯାଇ ନିରୀକ୍ଷଣ କରି) ଉଦୁମ୍ବର ଆର୍ଯ୍ୟ ଚାଣକ୍ୟଙ୍କୁ ଏହି ସ୍ଥାନ କଥା କହିଛି । ଆର୍ଯ୍ୟ ଚାଣକ୍ୟଙ୍କ ଆଜ୍ଞାରେ ମୁଁ ଏହିଠାରେ ରହି ଅମାତ୍ୟ ରାକ୍ଷସଙ୍କୁ ଦେଖିବି । (ନିରୀକ୍ଷଣ କରି) ଏଇ ତ ! ଅମାତ୍ୟ ରାକ୍ଷସ ମସ୍ତକ ଆଚ୍ଛାଦିତ କରି ଏଇ ଆଡକୁ ଆସୁଛନ୍ତି ! ତା' ହେଲେ ଏଇ ଉଦ୍ୟାନର ବୃକ୍ଷ ଗହଳରେ ଲୁଚି ଦେଖେଁ, ସେ କେଉଁଠାରେ ବସୁଛନ୍ତି ।

(କିଛିବାଟ ଯାଇ ବୃକ୍ଷ ଗହଳରେ ଲୁଚି ଅପେକ୍ଷା କରି ରହିଲା ।)

(ଶସ୍ତ୍ର ଧାରଣ ଏବଂ ମସ୍ତକ ଆଚ୍ଛାଦନ କରି ରାକ୍ଷସଙ୍କର ପ୍ରବେଶ)

ରାକ୍ଷସ– (ଅଶ୍ରୁପୂର୍ଣ୍ଣ ନୟନରେ) ହାୟ ! ହାୟ !!

ରାଜଲକ୍ଷ୍ମୀ ଆଶ୍ରୟ-ବିହୀନା ହେବା ହେତୁ କାତରା ହୋଇ ବେଶ୍ୟାଭଳି ଅନ୍ୟ କୁଳକୁ ଚାଲିଗଲା । ପ୍ରଜାମାନେ ରାଜଭକ୍ତି ପରିତ୍ୟାଗ କରି ଗତାନୁଗତିକ ଭାବରେ ତାକୁ ଅନୁସରଣ କଲେ । ବିଶ୍ୱସ୍ତ ଲୋକମାନେ ମଧ୍ୟ ସେମାନଙ୍କ ପୌରୁଷର ଫଳ ନ ପାଇ ଦାୟିତ୍ୱ ପରିତ୍ୟାଗ କଲେ । ସେମାନେ ବା କ'ଣ କରନ୍ତେ ? ଶିର-ବିହୀନ ହସ୍ତୀ ପରି ସେମାନେ ଅଛନ୍ତି ମାତ୍ର । ୫ ।

Digitized by PPRACHIN, SOA

ଅପିଚ—

ପତ୍ନୀଂ ତ୍ୟକ୍ତ୍ୱା ଦେବ ଭୁବନପତ୍ତ ମୂର୍ଚ୍ଛିରଭ୍ରଜନଂ
ଗତା ଛିଦ୍ରେଣ ଶ୍ରୀର୍ବ୍ୟଷଳମବନ୍ନାତେବ ବୃଷଳୀ ।
ସ୍ଥିତାଭୂତା ସ୍ତସ୍ମିନ୍ କମିହ କରବାମ ସ୍ଥିରମପି
ପ୍ରଯତ୍ନଂ ନୋ ଯେଷାଂ ବିଫଳୟତି ଦୈବଂ ଦ୍ୱିଷଦିବ ॥ ୬ ॥

ମଯ୍ୟା ହି—

ଦେବେ ଗତେ ଦିବମତଦ୍ୱିଧମୃତ୍ୟୁଯୋଗ୍ୟେ
ଶୈଳେଶ୍ୱରଂ ସମଧିକୃତ୍ୟ କୃତଃ ପ୍ରଯତ୍ନଃ ।
ତସ୍ମିନ୍ ହତେ ତନୟମସ୍ୟ, ତଥାପ୍ୟସିଦ୍ଧି—
ର୍ଦୈବଂ ହି ନନ୍ଦକୁଳଶତ୍ରୁରସୌ ନ ବିପ୍ରଃ ॥ ୭ ॥

ଅହୋ ! ବିବେକଶୂନ୍ୟତା ମ୍ଲେଚ୍ଛସ୍ୟ ମଲୟକେତୋଃ ! —

ଯୋ ନଷ୍ଟାନପି ଜୀବନାଶମଧୁନା ଶୁଶ୍ରୂଷତେ ସ୍ୱାମିନ-
ସ୍ତେଷାଂ ବୈରିଭିରକ୍ଷତଃ କଥମସୌ ସଂଧାସ୍ୟତେ ରାକ୍ଷସଃ ?
ଇତ୍ୟର୍ଥଂ ବସ୍ତୁବିବେକ ମୂଢ଼ମତିନା ମ୍ଲେଚ୍ଛେନ ନାଲୋଚିତଂ
ଦୈବେନୋପହତସ୍ୟ ବୁଦ୍ଧିରଥବା ସର୍ବଂ ବିପର୍ଯସ୍ୟତି ॥୮॥

ତଦିଦାନୀମପି ତାବଦରାତି-ହସ୍ତଗତୋ ବିନଶ୍ୟେତ୍ତୁ ରାକ୍ଷସୋ ନ ତୁ ଚନ୍ଦ୍ରଗୁପ୍ତେନ ସହ ସନ୍ଧିଂ କୁର୍ଯ୍ୟାଦିତି । ଅଥବା ମମ କାମମସତ୍ୟସନ୍ଧ ଇତି ବରମଯଶଃ, ନ ପୁନଃ ଶତ୍ରୁବଞ୍ଚନ ପରିଭୂତଃ । (ସମନ୍ତାତ୍ତୁ ଅବଲୋକ୍ୟ ସାସ୍ରମ୍) ଏତାସ୍ତା ଦେବସ୍ୟ ପାଦଚଙ୍କ୍ରମଣପରିଚୟ-ପବିତ୍ରୀକୃତରଥ୍ୟାଃ କୁସୁମପୁର-ଉପକଣ୍ଠଭୂମୟଃ ।

ଇହ ହି—

ଶାର୍ଙ୍ଗଜ୍ୟାକୃଷ୍ଟମୁକ୍ତ ପ୍ରଶିଥିଳ କବିକାପ୍ରଗ୍ରହେଣାତ୍ର ଦେଶେ
ଦେବେନାକର ଚଦ୍ରଂ ପ୍ରଜବତତୁରଗଂ ହାଣମୋକ୍ଷସ୍ଥଳେଷୁ ।
ଅସ୍ୟାମୁଦ୍ୟାନରାଜୌ ସ୍ଥିତମିହ କଥିତଂ ରାଜଭିସ୍ତୈର୍ବିନେତ୍ରଥଂ
ସର୍ବଂ ତ୍ୟାଲୋକ୍ୟମାନାଃ କୁସୁମପୁରଭୁବୋ ଭୂୟସା ଦୁଃଖୟନ୍ତି ॥ ୯ ॥

ତତ୍ କ୍ୱ ଖଳୁ ଗଚ୍ଛାମି ମନ୍ଦଭାଗ୍ୟଃ ? (ବିଲୋକ୍ୟ) ଭବତୁ, ଦୃଷ୍ଟମେତତ୍ ଜୀର୍ଣ୍ଣୋଦ୍ୟାନମ୍, ଅତ୍ର ପ୍ରବିଶ୍ୟ କୁତଶ୍ଚିତ୍ ଚନ୍ଦନଦାସସ୍ୟ ବୃତ୍ତାନ୍ତମ୍ ଉପଲପ୍ସ୍ୟେ । (ପରିକ୍ରମ୍ୟ ସ୍ୱଗତମ୍) ଅହୋ ! ଅଲକ୍ଷିତୋପନିପାତାଃ ପୁରୁଷାଣାଂ ସମବିଷମଦଶାବିଭାଗପରିଣତୟୋ ଭବନ୍ତି । କୁତଃ ?—

Digitized by PPRACHIN, SOA

ଆଉ ମଧ୍ୟ—

ରାଜଲକ୍ଷ୍ମୀ ଜଗତର ଅଧୀଶ୍ୱର ଅଭିଜାତ ସ୍ୱାମୀଙ୍କୁ (ନନ୍ଦଙ୍କୁ) ବର୍ଜ୍ଜନ କରି, ଛିଦ୍ର ପାଇ ଅବିନୀତା ବାରାଙ୍ଗନା ପରି ଚନ୍ଦ୍ରଗୁପ୍ତ ପାଖକୁ ଚାଲିଗଲା ଏବଂ ତା' ପାଖରେ ନିଶ୍ଚଳା ହୋଇ ରହିଲା । ଏଥିରେ ବା ମୁଁ କ'ଣ କରିବି ? ଦୈବ ଶତ୍ରୁ ଭଳି ମୋର ସମସ୍ତ ଦୃଢ଼ ପ୍ରଯତ୍ନକୁ ନିଷ୍ଫଳ କରିଦେଇଛି । ୬ ।

କାରଣ—

ମହାରାଜ ନନ୍ଦ, ଯେ କି ସେଭଳି ମୃତ୍ୟୁର ପାତ୍ର ନ ଥିଲେ, ସ୍ୱର୍ଗକୁ ଚାଲିଗଲେ । ତାଙ୍କପରେ ମୁଁ ପର୍ବତେଶ୍ୱରଙ୍କୁ ଅବଲମ୍ବନ କରି ଚେଷ୍ଟା ଚଳାଇଲି । ସେ ନିହତ ହୁଅନ୍ତେ ତାଙ୍କ ପୁତ୍ରଙ୍କୁ ମଧ୍ୟ ଅବଲମ୍ବନ କଲି । ତଥାପି ସିଦ୍ଧି ମିଳିଲା ନାହିଁ । ତେଣୁ ଦୈବ ହିଁ ନନ୍ଦ କୁଳର ଶତ୍ରୁ, ସେହି ବ୍ରାହ୍ମଣ ନୁହେଁ । ୭

ଓଃ ! ମ୍ଳେଚ୍ଛ ମଳୟକେତୁର କି ବିବେକହୀନତା !

ପ୍ରଭୁମାନେ ସମୂଳେ ଲୋପ ପାଇଥିଲେ ମଧ୍ୟ ଯେଉଁ ରାକ୍ଷସ ଅଦ୍ୟାପି ସେମାନଙ୍କର ସେବା କରିଆସୁଛି, ସେ ଅକ୍ଷତ ଶରୀରରେ ଥିବା ପର୍ଯ୍ୟନ୍ତ କିପରି ଶତ୍ରୁମାନଙ୍କ ସହିତ ସନ୍ଧି କରି ପାରିବ ? ଏକଥା ସେହି ବିବେକହୀନ ମ୍ଳେଚ୍ଛ ବିଚାର କଲା ନାହିଁ ! ହୋଇପାରେ, ଦୈବ ଯାହା ପ୍ରତି ବିମୁଖ, ତା'ର ସମସ୍ତ ବୁଦ୍ଧି ବିପରୀତ ହୋଇଯାଏ । ୮ ।

ତଥାପି ବର୍ତ୍ତମାନ ମଧ୍ୟ ରାକ୍ଷସ ଶତ୍ରୁହାତରେ ଧରାପଡି ମୃତ୍ୟୁ ବରଣ କରିପାରେ, କିନ୍ତୁ ଚନ୍ଦ୍ରଗୁପ୍ତ ସହିତ ସନ୍ଧି କରି ନପାରେ । ହଁ, ମୁଁ ମୋର ପ୍ରତିଜ୍ଞା ପୂରଣ କରି ନ ପାରିଲି ବୋଲି ଅଯଶ ବରଣ କରିନେବା ଶ୍ରେୟସ୍କର, ଶତ୍ରୁଦ୍ୱାରା ପ୍ରତାରିତ ହୋଇ ପରାଭବ ପାଇବା ଶ୍ରେୟସ୍କର ନୁହେଁ ।

(ଚତୁର୍ଦ୍ଦିଗକୁ ଚାହିଁ ଅଶ୍ରୁପୂର୍ଣ୍ଣ ଚକ୍ଷୁରେ) ଏଇ ହେଉଛି ପାଟଳିପୁତ୍ରର ଉପକଣ୍ଠ ଭୂମି, ଯାହାର ପଥ ମହାରାଜା(ନନ୍ଦ) ଙ୍କ ପଦଚାରଣାରେ ପବିତ୍ରହୋଇଛି ।

ଏହି ସ୍ଥାନରେ ମହାରାଜା ଧନୁ ଆକର୍ଷଣ କଲାବେଳେ ଅଶ୍ୱର ଲଗାମରଜ୍ଜୁ ଲମ୍ବିଯାଇ ଶିଥିଳ ହୋଇଯାଉଥିଲା, ଏବଂ ସେ (ସେହି ଅବସ୍ଥାରେ ମଧ୍ୟ) ଘୋଡ଼ା ଛୁଟେଇ ଚଳ ଲକ୍ଷ୍ୟ ଉପରେ ଆଶ୍ଚର୍ଯ୍ୟଜନକ ଭାବରେ ଶର ନିକ୍ଷେପ କରୁଥିଲେ । ଏଇ ଉଦ୍ୟାନ ବୃକ୍ଷ ଗହଳିରେ ସେ ବସୁଥିଲେ; ରାଜାମାନଙ୍କ ସହିତ ଆଳାପ କରୁଥିଲେ । ଆଜି ଏହି ପାଟଳିପୁତ୍ରର ଭୂମି ଉପରେ ଦୃଷ୍ଟିପାତ କଲେ ମହାରାଜାଙ୍କ ଅଭାବରେ ଏହା ଗଭୀର ଦୁଃଖ ଦେଉଛି । ୯ ।

ତେବେ ମୁଁ ମନ୍ଦଭାଗ୍ୟ କୁଆଡେ ଯିବି ? [ଚାହିଁ] ହେଉ; ଏଇ ଜୀର୍ଣ୍ଣ ଉପବନକୁ ଦେଖିଲି । ଏହା ଭିତରେ ପ୍ରବେଶ କରି କୌଣସି ସୂତ୍ରରୁ ଚନ୍ଦନଦାସଙ୍କ ସମ୍ବନ୍ଧରେ ବୃତ୍ତାନ୍ତ ସଂଗ୍ରହ କରିବି । ଓଃ ! ମଣିଷର ଉତ୍ଥାନ ପତନ ଅବସ୍ଥା ଅଲକ୍ଷିତଭାବରେ ଆସେ । କାରଣ—

Digitized by PPRACHIN, SOA

ପୌରୈରଙ୍ଗୁଲିଭିର୍ନବେନ୍ଦୁବଦହଂ ନିର୍ଦ୍ଦିଶ୍ୟମାନଃ ଶନୈ-
ର୍ଯୋ ରାଜେବ ପୁରା ପୁରାନ୍ନିରଗମଂ ରାଜ୍ଞାଂ ସହସ୍ରୈର୍ବୃତଃ ।
ଭୂୟଃ ସମ୍ପ୍ରତି ସୋଽହମେବ ନଗରେ ତସ୍ମିନ୍ନେବ ବନ୍ଧ୍ୟଶ୍ରମୋ
ଜୀର୍ଣ୍ଣୋଦ୍ୟାନକମେଷ ତସ୍କର ଇବ ତ୍ରାସାଦ୍ ବିଶାମି ଦ୍ରୁତମ୍ ॥ ୧୦ ॥

ଅଥବା, ଯେଷାଂ ପ୍ରସାଦାଦ୍ ଇଦମାସୀତ୍, ତେ ଏବ ନ ସନ୍ତି । (ନାଟ୍ୟେନ ପ୍ରବିଶ୍ୟ ବିଲୋକ୍ୟ ଚ) ଅହୋ ! ଜୀର୍ଣ୍ଣୋଦ୍ୟାନସ୍ୟ ନାଭିରମଣୀୟତା !

ଅତ୍ର ହି—

ବିପର୍ଯ୍ୟସ୍ତଂ ସୌଧଂ କୁଲମିବ ମହାରମ୍ଭରଚନଂ
ସରଃ ଶୁଷ୍କଂ ସାଧୋର୍ହୃଦୟମିବ ନାଶେନ ସୁହୃଦଃ ।
ଫଲୈର୍ହୀନା ବୃକ୍ଷା ବିଗୁଣବିଧିଯୋଗାଦିବ ନୟା-
ସ୍ତୃଣୈଶ୍ଛନ୍ନା ଭୂମିର୍ମତିରିବ କୁନୀତ୍ୟା ହ୍ୟବିଦୁଷଃ ॥ ୧୧ ॥

ଅପି ଚ—

କ୍ଷତାଙ୍ଗାନାଂ ତୀକ୍ଷ୍ଣୈଃ ପରଶୁଭିରୁଦଗ୍ରୈଃ କ୍ଷିତିରୁହାଂ
ରୁଜା କୂଜନ୍ତୀନାମବିରତ କପୋତୋପରୁଦିତୈଃ ।
ସ୍ୱନିର୍ମୋକଚ୍ଛେଦୈଃ ପରିଚିତପରିକ୍ଲେଶକୃପୟା
ଶ୍ୱସନ୍ତଃ ଶାଖାନାଂ ବ୍ରଣମିବ ନିବଧ୍ନନ୍ତି ଫଣିନଃ ॥ ୧୨ ॥

ଏତେ ଚ ତପସ୍ୱିନଃ—

ଅନ୍ତଃଶରୀର ପରିଶୋଷମୁପାହିତସ୍ୟନ୍ତଃ
କୀଟକ୍ଷତ ସ୍ରୁତିଭିରସ୍ରମିବୋଦ୍ୱମନ୍ତଃ ।
ଛାୟାବିୟୋଗ ମଲିନା ବ୍ୟସନେ ନିମଗ୍ନା
ବୃକ୍ଷାଃ ଶ୍ମଶାନମୁପଗନ୍ତୁ ମିବ ପ୍ରବୃତ୍ତାଃ ॥ ୧୩ ॥

ଯାବଦ୍ ଅସ୍ମିନ୍ ବିଷମଦଶା-ପରିଣାମ- ସୁଲଭେ ଭଗ୍ନଶିଲାତଲେ ମୁହୂର୍ତ୍ତମ୍ ଉପବିଶାମି (ଉପବିଶ୍ୟ ଆକର୍ଣ୍ଣ୍ୟ ଚ) ଅୟେ ! କମସ୍ୟମ୍ ଆକସ୍ମିକଃ ଶଙ୍ଖପଟହ-ବିମିଶ୍ରୋ ନାନ୍ଦୀନାଦଃ ଶ୍ରୂୟତେ ? ଯ ଏଷଃ—

Digitized by PPRACHIN, SOA

ମୁଁ ପୂର୍ବେ ହଜାର ହଜାର ରଜାଙ୍କ ଗହଣରେ ରଜା ଭଳି ଧୀରେ-ଧୀରେ ପୁରରୁ ବାହାରୁଥିଲି । ପୁରବାସୀମାନେ ଚନ୍ଦ୍ର ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କଲା ଭଳି ମୋ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଦେଉଥିଲେ । ମୁଁ ସେହି ଲୋକ, ମୋର ସମସ୍ତ ଶ୍ରମ ବ୍ୟର୍ଥ ହୋଇଛି । ମୁଁ ପୁଣି ଆଜି ସେହି ନଗରର ଜୀର୍ଣ୍ଣ ଉଦ୍ୟାନ ଭିତରେ ଗୋଟାଏ ତସ୍କର ଭଳି ଡରଡରରେ ତଥା ଭୟରେ ପ୍ରବେଶ କରୁଛି ! ୧୦ ।

ହଁ, ଯାହାଙ୍କ ପ୍ରସାଦରୁ ମୋର ସେଭଳି ଅବସ୍ଥା ଥିଲା, ସେମାନେ ଆଉ ନାହାଁନ୍ତି । (ନାଟ୍ୟରେ ପ୍ରବେଶ କରି ଏବଂ ନିରୀକ୍ଷଣ କରି) ଓଃ ! ଏ ଜୀର୍ଣ୍ଣ ଉଦ୍ୟାନ କି ଅସୁନ୍ଦର ! କାରଣ, ଏଠାରେ—

କୌଣସି କୃତୀ ବଂଶ ଲୁପ୍ତଗୌରବ ହେଲା ଭଳି ବିଗତ ଅଟ୍ଟାଳିକା ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ବନ୍ଧୁବିନାଶରେ ସାଧୁର ହୃଦୟ ଅବସନ୍ନ ହୋଇଗଲା ଭଳି ସରୋବର ଶୁଷ୍କ ହୋଇ ଯାଉଛି । ମନ୍ଦ ରଜାର ଶାସନ ନୀତି ନିଷ୍ଫଳ ହେଲା ପରି ବୃକ୍ଷମାନେ ଫଳହୀନ ହୋଇ ଯାଉଛନ୍ତି । କପଟ ଉପଦେଶରେ ମୂର୍ଖ ବ୍ୟକ୍ତିର ବୁଦ୍ଧି ଆଚ୍ଛନ୍ନ ହୋଇଗଲା ପରି ଭୂମି ତୃଣରେ ଆଚ୍ଛାଦିତ ହୋଇଯାଉଛି । ୧୧ ।

ଆଉ ମଧ୍ୟ—

ପ୍ରକାଣ୍ଡ ତୀକ୍ଷ୍ଣ କୁଠାରରେ କ୍ଷତ ବିକ୍ଷତ ହୋଇଥିବା ବୃକ୍ଷମାନଙ୍କର ଶାଖାଗୁଡ଼ିକ କପୋତରବ ଛଳରେ ଯନ୍ତ୍ରଣାରେ କ୍ରନ୍ଦନ କରୁଛନ୍ତି ! ସର୍ପଗଣ ସତେ ଯେପରି ପରିଚିତ ବନ୍ଧୁମାନଙ୍କ ଦୁଃଖରେ ଦୟାପରବଶ ହୋଇ ଦୀର୍ଘଶ୍ୱାସପୂର୍ବକ ନିଜ ନିଜ କଞ୍ଚୁକରେ (କାତିରେ) ବୃକ୍ଷମାନଙ୍କ କ୍ଷତ ଉପରେ ପଟି ବାନ୍ଧୁଛନ୍ତି ! ୧୨ ।

ପୁଣି ଏହି ବିଚରା—

ବୃକ୍ଷମାନଙ୍କ ଶରୀରର ଅଭ୍ୟନ୍ତର ଶୁଷ୍କ ହୋଇଗଲାଣି । କୀଟ କାଟିବା ଫଳରେ ଯେଉଁ ରସ ଝରୁଛି, ତାହାଦ୍ୱାରା ଏମାନେ ସତେ ଯେପରି ଅଶ୍ରୁପାତ କରୁଛନ୍ତି ! ଛାୟା ଅଭାବରେ ଏମାନେ ମଳିନ ଏବଂ ଦୁଃଖରେ ନିମଗ୍ନ ହୋଇଗଲେଣି । ତେଣୁ ଏହି ବୃକ୍ଷଗୁଡ଼ିକ ସତେ ଯେପରି ଶ୍ମଶାନକୁ ଯିବାକୁ ବାହାରିଲେଣି ! ୧୩ ।

ଯାଏଁ, ଏହି ଭଙ୍ଗା ପଥର ଉପରେ ମୁହୂର୍ତ୍ତେ ବିଶ୍ରାମ କରେଁ । ବର୍ତ୍ତମାନର ଦୁର୍ଦ୍ଦଶାରେ ଏହା ହିଁ ସୁଲଭ । (ବସି ଓ କାନ ଡେରି) ଓହୋ ! ଗମ୍ଭୀର ପଟହ (ମର୍ଦ୍ଦଳ) ଏବଂ ଶଙ୍ଖଧ୍ୱନି ସହିତ ଏ କି ମାଙ୍ଗଳିକ ନାଦ ଶୁଭୁଛି ?

Digitized by PPRACHIN, SOA

ପ୍ରକୃଙ୍ଗ୍ ଶ୍ରୋତୃଣାଂ ଶ୍ରୁତପଥମପାରଂ ଗୁରୁତୟା
ବହୁତ୍ୱାତ୍ ପ୍ରାସାଦୈଃ ସପଦ ପୈରପୀତୋତ୍କଣ୍ଠିତ ଇବ ।
ଅସୌ ନାନ୍ଦୀନାଦଃ ପଟୁପଟହଶଙ୍ଖଧ୍ୱନିମହାନ୍ ।
ଦଶାଂ ଦୈର୍ଘ୍ୟଂ ଦ୍ରଷ୍ଟୁଂ ପ୍ରସରତି ସକୌତୂହଳ ଇବ ॥ ୧୪ ॥

(ବିଚିନ୍ତ୍ୟ) ଆଂ, ଜ୍ଞାତମ୍ । ଏଷ ହି ମଳୟକେତୁ-ସଂଯମନସଞ୍ଜାତୋ ରାଜ-କୁଳସ୍ୟ (ଇତି ଅର୍ଦ୍ଧୋକ୍ତେ ସାସୂୟମ୍) ମୌର୍ଯ୍ୟକୁଳସ୍ୟ ଅଧିକପରିତୋଷଂ ପିଶୁନୟତି । (ସବାଷ୍ପମ୍) କଷ୍ଟଂ ଭୋ ! କଷ୍ଟମ୍ !!

ଶ୍ରାବିତୋଽସ୍ମି ଶ୍ରିୟଂ ଶତ୍ରୋରବଦ୍ଧମାସ୍ୟ ଚ ଦର୍ଶିତଃ ।
ଅନୁଭବୟିତୁଂ ମନ୍ୟେ ଯତ୍ନଃ ସମ୍ପ୍ରତି ମାଂ ବିଧେଃ ॥ ୧୫ ॥

ପୁରୁଷଃ- ଆସୀଣୋ ଅଅଂ । ତା ଜାବ ଅଜ୍ଜଚାଣକ୍କସ୍ସ ଆଣତ୍ତିଂ ସପାଦେମି । (ଆସୀନୋଽୟମ୍ । ତଦ୍ ଯାବଦ୍ ଆର୍ଯ୍ୟଚାଣକ୍ୟସ୍ୟ ଆଜ୍ଞପ୍ତିଂ ସମ୍ପାଦୟାମି) (ରାକ୍ଷସ-ମପଶ୍ୟନ୍ ଇବ ତସ୍ୟ ଅଗ୍ରତୋ ରଜ୍ଜୁପାଶେନ କଣ୍ଠମୁଦ୍‌ବଧ୍ନାତି ।)

ରାକ୍ଷସଃ- (ବିଲୋକ୍ୟ ସ୍ୱଗତମ୍) ଅୟେ ! କଥମୟମ୍ ଆତ୍ମାନମ୍ ଉଦ୍‌ବଧ୍ନାତି ! ନନୁ ଅୟମ୍ ଅହମିବ ଦୁଃଖିତଃ ତପସ୍ୱୀ । ଭବତୁ, ପୃଚ୍ଛାମି ଏନମ୍ (ଉପସୃତ୍ୟ ପ୍ରକାଶମ୍) ଭଦ୍ର ! ଭଦ୍ର !! କିମିଦମ୍ ଅନୁଷ୍ଠୀୟତେ ?

ପୁରୁଷଃ- (ସବାଷ୍ପମ୍) ଅଜ୍ଜ ! ଜଂ ପିଅବଅସ୍ସବିଣାସଦୁଃଖିଦୋ ଅହ୍ମାଦିସୋ ମନ୍ଦଭଓ ଅଣୁଚିଟ୍ଠଦି (ଆର୍ଯ୍ୟ ! ଯତ୍ ପ୍ରିୟବୟସ୍ୟବିନାଶ ଦୁଃଖିତୋ ଅସ୍ମାଦୃଶୋ ମନ୍ଦଭାଗ୍ୟୋ ଜନୋଽନୁତିଷ୍ଠତି ।)

ରାକ୍ଷସଃ- (ସ୍ୱଗତମ୍) ପ୍ରଥମମେବ ମୟା ଜ୍ଞାତଂ—'ନୂନମ୍ ଅହମ୍ ଇବ ଅୟମାର୍ତ୍ତଃ ତପସ୍ୱୀ', ଇତି । ଭବତୁ, ପୃଚ୍ଛାମି ଏନମ୍ (ପ୍ରକାଶମ୍) ଭଦ୍ର ! ବ୍ୟସନସବ୍ରହ୍ମ-ଚାରିନ୍ ! ଯଦି ନ ଗୁହ୍ୟଂ ନାତିଭାରିକଂ ବା, ତତଃ ଶ୍ରୋତୁମିଚ୍ଛାମି କିଂ ତେ ପ୍ରାଣପରିତ୍ୟାଗକାରଣମ୍ ?

ପୁରୁଷଃ- (ନିରୂପ୍ୟ) ଅଜ୍ଜ ! ଣ ରହସ୍ସଂ, ଣ ବା ଅତି ଗୁରୁଅଂ, କିନ୍ତୁ ଣ ସକ୍କଣୋମି ପିଅବଅସ୍ସବିଣାସଦୁକ୍ଖିଦହିଅଓ ଏତ୍ତିଅମେତ୍ତଂ ମରଣସ୍ସ କାଲହରଣଂ କାଦୁଂ । (ଆର୍ଯ୍ୟ ! ନ ରହସ୍ୟଂ ନ ବାଽତିଗୁରୁକଂ, କିନ୍ତୁ ନ ଶକ୍ନୋମି ପ୍ରିୟବୟସ୍ୟସ୍ୟ ବିନାଶ-ଦୁଃଖିତହୃଦୟଃ ଏତାବନ୍ମାତ୍ରମପି ମରଣସ୍ୟ କାଲହରଣଂ କର୍ତ୍ତୁମ୍ ।)

ରାକ୍ଷସଃ- (ନିଃଶ୍ୱସ୍ୟ ଆତ୍ମଗତମ୍) କଷ୍ଟମେତେଷୁ ସୁହୃଦ୍‌ବ୍ୟସନେଷୁ ପରବତ୍ ଉଦାସୀନାଃ ପ୍ରତ୍ୟାଦିଶ୍ୟାମହେ ବୟମନେନ । (ପ୍ରକାଶମ୍) ଭଦ୍ର ! ଯଦି ନ ରହସ୍ୟଂ, ନାତିଗୁରୁକଂ ବା, ତତ୍ ପୁନଃ ଶ୍ରୋତୁମିଚ୍ଛାମି । କଥ୍ୟତାଂ କା ଗତିଃ ଦୁଃଖସ୍ୟ ଇତି ?)

Digitized by PPRACHIN, SOA

ଗମ୍ଭୀର ପଟହ ଏବଂ ଶଙ୍ଖଧ୍ୱନି ସହିତ ବଢ଼ିଉଠୁଥିବା ଏହି ମାଙ୍ଗଳିକ ନାଦ ଖୁବ୍ ଜୋର୍‌ରେ ଶୁଭୁଥିବାରୁ ଶ୍ରୋତାମାନଙ୍କର ସଂକୀର୍ଣ୍ଣ କର୍ଣ୍ଣ କୁହରକୁ ପୀଡ଼ା ଦେଉଅଛି ଏବଂ ଏହାର ପ୍ରଭୂତ ପ୍ରାବଲ୍ୟ ହେତୁ ଅଟ୍ଟାଳିକାଗୁଡ଼ିକ ସତେ ଯେପରି ଏହାକୁ ପିଇ ପୁଣି ବାନ୍ତି କରି ପକାଉଛନ୍ତି ! ଜଣାଯାଉଛି, ଏହି ଶବ୍ଦ ଦିଗମାନଙ୍କର ଦୈର୍ଘ୍ୟ ମାପିବା ନିମନ୍ତେ ସତେ ଯେପରି କୌତୂହଳ-ବଶତଃ ପ୍ରସାର ଲାଭ କରୁଛି !

(ଚିନ୍ତାକରି) ଓ, ଜାଣିଲି । ମଳୟକେତୁ ବନ୍ଦୀ ହୋଇଥିବା ହେତୁ ଏହି ଶବ୍ଦ ରାଜବଂଶର (ଅଧା କହି ଈର୍ଷାର ସହିତ) ମୌର୍ଯ୍ୟବଂଶର ପରମ ଆନନ୍ଦ ସୂଚିତ କରୁଅଛି । ହାୟ ! ହାୟ ! କି କଷ୍ଟ !

ବିଧାତା ମୋତେ ଶତ୍ରୁର ସମୃଦ୍ଧି କଥା ଶୁଣାଇଛି, ପୁଣି ଏଠାକୁ ଆଣି ସେ ସମୃଦ୍ଧି ଦେଖାଇଛି । ବର୍ତ୍ତମାନ ତାହା ମୋତେ ଅନୁଭବ କରାଇବା ପାଇଁ ଯତ୍ନ କରୁଛି ବୋଲି ମୋର ମନେ ହେଉଛି ।

ପୁରୁଷ— ଏ ବସିଲେଣି । ତା'ହେଲେ ବର୍ତ୍ତମାନ ମୁଁ ଆର୍ଯ୍ୟ ଚାଣକ୍ୟଙ୍କର ଆଦେଶ ଅନୁସାରେ କାର୍ଯ୍ୟ କରେଁ ।

(ରାକ୍ଷସଙ୍କୁ ନ ଦେଖିଲା ଭଳି ତାଙ୍କରି ଆଗରେ ବେକରେ ଦଉଡ଼ି ବାନ୍ଧିବାରେ ଲାଗିଲା ।)

ରାକ୍ଷସ— (ଚାହିଁ) ଓହୋ ! ଏ ଲୋକଟି କାହିଁକି ବେକରେ ଦଉଡ଼ି ଦେଇ ମରିବାକୁ ଯାଉଛି ! ବୋଧହୁଏ ଏ ବିଚରା ମୋରି ଭଳି ଦୁଃଖୀ । ଆଚ୍ଛା, ଏହାକୁ ପଚାରେଁ । [ନିକଟକୁ ଯାଇ ପ୍ରକାଶ୍ୟରେ] ଭଦ୍ର ! ଭଦ୍ର ! ଏ କଣ କରୁଛ ?

ପୁରୁଷ— (ଅଶ୍ରୁପୂର୍ଣ୍ଣ ଚକ୍ଷୁରେ ଆର୍ଯ୍ୟ) ! ପ୍ରିୟ ବନ୍ଧୁର ବିନାଶରେ ବିଚଳିତ ହୋଇ ମୋ ପରି ମନ୍ଦଭାଗ୍ୟ ବ୍ୟକ୍ତି ଯାହା କରେ ।

ରାକ୍ଷସ- (ସ୍ୱଗତ) ମୁଁ ପ୍ରଥମରୁ ଜାଣି ନେଇଛି ଏ ବିଚରାଟି ମୋରି ଭଳି ଦୁଃଖୀ । (ପ୍ରକାଶ୍ୟରେ) ହେ ମୋର ସମଦୁଃଖୀ ବନ୍ଧୁ, ଯଦି ଗୋପନୀୟ ନୁହେଁ କିମ୍ବା ଖୁବ୍ ବେଦନାଦାୟକ ନୁହେଁ, ତାହାହେଲେ ତୁମ ପ୍ରାଣବିସର୍ଜନର କାରଣ କ'ଣ କୁହ । ମୁଁ ଶୁଣିବାକୁ ଚାହେଁ ।

ପୁରୁଷ— ଆର୍ଯ୍ୟ, ଗୋପନୀୟ ନୁହେଁ କିମ୍ବା ଅତି ବେଦନାଦାୟକ ନୁହେଁ । ମାତ୍ର ପ୍ରିୟ ବନ୍ଧୁର ବିନାଶରେ ମୁଁ ଏ ଳି ବିଚଳିତ ହୃଦୟ ଯେ, ଏତେ ଟିକିଏ ସମୟ ମଧ୍ୟ ବିଳମ୍ବ କରିବାକୁ ସମର୍ଥ ନୁହେଁ ।

ରାକ୍ଷସ— (ଦୀର୍ଘଶ୍ୱାସ ପକାଇ ସ୍ୱଗତ) ହାୟ ! ବନ୍ଧୁର ବିପଦରେ ମୁଁ ଯେ ପର ଭଳି ଉଦାସୀନ ରହିଛି, ଏହି ବ୍ୟକ୍ତିର କାର୍ଯ୍ୟ ମୋତେ ଲଜ୍ଜିତ କରି-

Digitized by PPRACHIN, SOA

ପୁରୁଷଃ- ଅହ୍ମୋ ! ଣିବ୍‌ବନ୍ଧୋ ଅଜ୍ଜସ୍‌ସ । କା ଗଦୀ ? ଏସୋ ଣିବେଦେମି । ଅତ୍ଥି ଏତ୍ଥ ଣଅରେ ମଣିଆରସେଟ୍‌ଠୀ ଜିଣ୍ହୁଦାସୋ ଣାମ । (ଅହୋ ! ନିର୍ବନ୍ଧଃ ଆର୍ଯ୍ୟସ୍ୟ ! କା ଗତିଃ ? ଏଷ ନିବେଦୟାମି । ଅସ୍ତ୍ୟତ୍ର ନଗରେ ମଣିକାର ଶ୍ରେଷ୍ଠୀ ଜିଷ୍ଣୁଦାସୋ ନାମ ।)

ରାକ୍ଷସଃ- (ସ୍ୱଗତମ୍) ଜିଷ୍ଣୁଦାସ ଶ୍ଚନ୍ଦନଦାସସ୍ୟ ପରଂ ମିତ୍ରମ୍ । (ପ୍ରକାଶମ୍) କିଂ ତସ୍ୟ ?

ପୁରୁଷଃ- ସୋ ମମ ପ୍ପିଅବଅସ୍‌ସୋ । (ସ ମମ ପ୍ରିୟବୟସ୍ୟଃ ।)

ରାକ୍ଷସଃ- (ସହର୍ଷମାତ୍ମଗତମ୍) ଅଯେ ! ପ୍ରିୟବୟସ୍ୟଃ ଇତ୍ୟାହ । ଅତ୍ୟନ୍ତ-ସନ୍ନିକୃଷ୍ଟଃ ସମ୍ବନ୍ଧଃ । ହନ୍ତ !! ଜ୍ଞାସ୍ୟତି ଚନ୍ଦନଦାସସ୍ୟ ବୃତ୍ତାନ୍ତମ୍ । (ପ୍ରକାଶମ୍) ଭଦ୍ର ! କିଂ ତସ୍ୟ ?

ପୁରୁଷଃ- (ସବାଷ୍ପମ୍) ସଂପଦଂ ସୋ ଦୀଣଅଣଦତ୍ତବିହବୋ ଜଳଣଂ ପ୍ପବିସିଦୁକାମୋ ଣଅରାଦୋ ଣିକ୍‌କନ୍ତୋ । ତା ଅହ୍ମଂ ପି ଜାବ ତସ୍‌ସ ପ୍ପିଅବଅସ୍‌ସସ୍‌ସ ଅସୁଣି-ଦବ୍‌ବଂ ଣ ସୁଣେମି, ତାବ ଅତ୍ତାଣଂ ଉବ୍‌ବନ୍ଧିଅ ବାବାଦେମି ତ୍ତି ଇମଂ ଜିଣ୍ଣୁଜ୍ଜାଣଂ ଆଅଦୋ । (ସାଂପ୍ରତଂ ସ ଦୀନଜନଦତ୍ତବିଭବୋ ଜ୍ୱଳନଂ ପ୍ରବେଷ୍ଟୁକାମୋ ନଗରାନ୍ନିଷ୍କ୍ରାନ୍ତଃ । ତଦହମପି ଯାବତ୍ତସ୍ୟ ପ୍ରିୟବୟସ୍ୟସ୍ୟ ଅଶ୍ରୋତବ୍ୟଂ ନ ଶୃଣୋମି, ତାବତ୍ ଆତ୍ମାନମ୍ ଉଦ୍‌ବଧ୍ୟ ବ୍ୟାପାଦୟାମି ଇତି ଇଦଂ ଜୀର୍ଣ୍ଣୋଦ୍ୟାନମ୍ ଆଗତଃ ।)

ରାକ୍ଷସଃ- ଭଦ୍ର ! ଅଥାଗ୍ନିପ୍ରବେଶେ ତବ ସୁହୃଦଃ କୋ ହେତୁଃ ?
କିମ୍ ଔଷଧପଥାତିଗୈଃ ଉପହତୋ ମହାବ୍ୟାଧିଭିଃ ?

ପୁରୁଷ- ଅଜ୍ଜ ! ଣ ହି, ଣ ହି । (ଆର୍ଯ୍ୟ ! ନ ହି, ନ ହି)

ରାକ୍ଷସଃ- କିମଗ୍ନିବିଷକଲ୍ପୟା ନରପତେର୍ନିରସ୍ତଃ କ୍ରୁଧା ?

ପୁରୁଷଃ- ଅଜ୍ଜ ! ସନ୍ତଂ ପାବଂ, ସନ୍ତଂ ପାବଂ । ଚନ୍ଦଉତ୍ତସ୍‌ସ ଜଣପଦେସୁ ଅଣିସଂସା ପଡିବତ୍ତୀ । (ଆର୍ଯ୍ୟ ! ଶାନ୍ତଂ ପାପଂ, ଶାନ୍ତଂ ପାପଂ । ଚନ୍ଦ୍ରଗୁପ୍ତସ୍ୟ ଜନପଦେଷୁ ଅନୃଶଂସା ପ୍ରତିପତ୍ତିଃ ।)

ରାକ୍ଷସଃ- ଅଲଭ୍ୟମନୁରକ୍ତବାନ୍ କିମୟଂ ମନ୍ୟନାର୍ଯ୍ୟଜନମ୍ ?

ପୁରୁଷଃ- (କର୍ଣ୍ଣୌ ପିଧାୟ) ଅଜ୍ଜ ! ସନ୍ତଂ ପାବଂ, ସନ୍ତଂ ପାବଂ । ଅଭୂମୀ କ୍ଖୁ ଏସୋ ଅବିଣଅସ୍‌ସ ସେଟ୍‌ଠିଜଣସ୍‌ସ, ବିସେସଦୋ ଜିଣ୍ହୁଦାସସ୍‌ସ । (ଆର୍ଯ୍ୟ ! ଶାନ୍ତଂ ପାପଂ, ଶାନ୍ତଂ ପାପମ୍ । ଅଭୂମିଃ ଖଲୁ ଏଷ ଅବିନୟସ୍ୟ ଶ୍ରେଷ୍ଠିଜନସ୍ୟ, ବିଶେଷତୋ ଜିଷ୍ଣୁଦାସସ୍ୟ ।)

ରାକ୍ଷସଃ- କିମସ୍ୟ ଭବତୋ ଯଥା ସୁହୃଦ ଏବ ନାଶୋଽବଶଃ ? ॥ ୧୬ ॥

ପୁରୁଷଃ- ଅଜ୍ଜ ! ଅଧ ଇଂ ? (ଆର୍ଯ୍ୟ ! ଅଥ କିମ୍ ?)

Digitized by PPRACHIN, SOA

ଦେଉଛି । (ପ୍ରକାଶ୍ୟରେ) ଭଦ୍ର, ଯଦି ଗୋପନୀୟ କିମ୍ବା ଅତି ଦୁଃଖଦାୟକ ନୁହେଁ, ତା'ହେଲେ ମୁଁ ଶୁଣିବାକୁ ଚାହେଁ । କୁହ, ତୁମ ଉପରେ କି ଦୁଃଖ ପଡ଼ିଛି ?

ପୁରୁଷ - ଓଃ ! ଆପଣଙ୍କର କି ଜିଦ୍ ! ଆଉ ଚାରା କଅଣ ? ତା' ହେଲେ କହୁଛି । ଏହି ନଗରରେ ଜିଷ୍ଣୁଦାସ ନାମକ ଜଣେ ଅଳଙ୍କାରବ୍ୟବସାୟୀ ଶେଠ ଅଛନ୍ତି ।

ରାକ୍ଷସ– (ସ୍ୱଗତ) ଜିଷ୍ଣୁଦାସ ଚନ୍ଦନଦାସଙ୍କର ପରମ ବନ୍ଧୁ । (ପ୍ରକାଶ୍ୟରେ) ତାଙ୍କର କ'ଣ ହୋଇଛି ?

ପୁରୁଷ–ସେ ମୋର ପ୍ରିୟ ମିତ୍ର ।

ରାକ୍ଷସ– (ଆନନ୍ଦରେ ସ୍ୱଗତ) ଆଃ ! ଏ ତ ତାଙ୍କର ପ୍ରିୟ ବନ୍ଧୁ ବୋଲି କହୁଛି । ଅତ୍ୟନ୍ତ ଘନିଷ୍ଠ ସମ୍ବନ୍ଧ । ତା' ହେଲେ ଚନ୍ଦନ ଦାସଙ୍କ ଖବର ଏ ଜାଣିଥିବ । (ପ୍ରକାଶ୍ୟରେ) ଭଦ୍ର, ଜିଷ୍ଣୁଦାସଙ୍କର କ'ଣ ହୋଇଛି ?

ପୁରୁଷ– [ଅଶ୍ରୁପୂର୍ଣ୍ଣ ଚକ୍ଷୁରେ] ଦରିଦ୍ରମାନଙ୍କୁ ସେ ବର୍ତ୍ତମାନ ସମସ୍ତ ଧନ ଦାନ କରି ଦେଇ ଅଗ୍ନିରେ ଝାସ ଦେବାକୁ ନଗରରୁ ଚାଲି ଯାଉଛନ୍ତି । ମୁଁ ମଧ୍ୟ ତାଙ୍କର ମୃତ୍ୟୁ ଖବର ଶୁଣିବା ପୂର୍ବରୁ ବେକରେ ଦଉଡ଼ି ଦେଇ ମରିବା ପାଇଁ ଏହି ଜୀର୍ଣ୍ଣ ଉଦ୍ୟାନକୁ ଆସିଛି ।

ରାକ୍ଷସ–ଭଦ୍ର, ତୁମ ବନ୍ଧୁଙ୍କର ଅଗ୍ନି ପ୍ରବେଶର କାରଣ କଅଣ ? ସେ କଅଣ କଠିନ ରୋଗରେ ଆକ୍ରାନ୍ତ, ଯାହାର ପ୍ରତୀକାର କୌଣସି ଔଷଧରେ ସମ୍ଭବ ନୁହେଁ ?

ପୁରୁଷ– ନା, ନା ।

ରାକ୍ଷସ ତା'ହେଲେ କଅଣ ଅଗ୍ନି ତୁଲ୍ୟ ତଥା ବିଷତୁଲ୍ୟ ରାଜକୋପରେ ନିକ୍ଷେପିତ ?

ପୁରୁଷ–ଭଗବାନ୍ ! ଭଗବାନ୍ ! ଚନ୍ଦ୍ରଗୁପ୍ତଙ୍କ ରାଜ୍ୟରେ କୌଣସି ନୃଶଂସତା ନାହିଁ ।

ରାକ୍ଷସ–ତେବେ କ'ଣ କୌଣସି ପର ସ୍ତ୍ରୀ ପ୍ରତି ଆସକ୍ତ,ଯେଉଁ ସ୍ତ୍ରୀ କି ତାଙ୍କୁ ଆଦୌ ମିଳିବାର ନୁହେଁ ?

ପୁରୁଷ– (କାନରେ ହାତଦେଇ) ଭଗବାନ୍ ! ଭଗବାନ୍ !! ବିନୟୀ ବଣିକ ଲୋକ ପକ୍ଷରେ ଏଭଳି ଆଚରଣ ସମ୍ଭବ ନୁହେଁ, ବିଶେଷତଃ ଜିଷ୍ଣୁଦାସଙ୍କ ପକ୍ଷରେ ।

ରାକ୍ଷସ- ତା 'ହେଲେ କ'ଣ ତୁମ ଭଳି ତାଙ୍କର ମଧ୍ୟ ଅନିବାର୍ଯ୍ୟ ବନ୍ଧୁ-ବିନାଶ ଘଟିଛି ?

ପୁରୁଷ– ଆର୍ଯ୍ୟ, ଏହା ହିଁ ଠିକ୍ ।

Digitized by PPRACHIN, SOA

ରାକ୍ଷସଃ- (ସାବେଗମାତ୍ମଗତମ୍) ଚନ୍ଦନଦାସୋଽସ୍ୟ ସୁହୃଦଃ ପ୍ରିୟ ସୁହୃତ୍ତ । ତସ୍ୟ ପ୍ରିୟ-
ସୁହୃଦ୍‌ବିନାଶ ଏବଂ ଅଗ୍ନିପ୍ରବେଶହେତୁଃ ଇତି ଯତ୍ର ସତ୍ୟଂ ' ସମାକୁଳିତଃ ଏବାସି,
ସୁହୃତ୍ସ୍ନେହପକ୍ଷପାତନା ହୃଦୟେନ । (ପ୍ରକାଶମ୍) ଭଦ୍ର ! ତସ୍ୟାପି ତବ ସୁହୃଦଃ
ସୁଚରିତଂ ବିସ୍ତରେଣ ଶ୍ରୋତୁମିଚ୍ଛାମି ।

ପୁରୁଷଃ- ଅଜ୍ଜ ! ଅଦୋ ଅବରଂ ଣ ସକ୍କଣୋମି ମନ୍ଦଭାଓ ମରଣସ୍ସ ବିଗ୍‌ଘ ମୁପ୍‌ପା-
ଦେଦୁଂ । (ଆର୍ଯ୍ୟ ! ଅତୋଽପରଂ ନ ଶକ୍ନୋମି ମନ୍ଦଭାଗ୍ୟୋ ମରଣସ୍ୟ ବିଘ୍ନ-
ମୁତ୍ପାଦୟିତୁମ୍ ।)

ରାକ୍ଷସଃ- ଶ୍ରବଣୀୟାଂ କଥାଂ କଥୟତୁ ଭଦ୍ରମୁଖଃ ।

ପୁରୁଷ- କା ଗଦୀ ? ଏସୋ କ୍ଖୁ ଣିବେଦେମି । ଣିସାମେଦୁ ଅଜ୍ଜୋ । (କା ଗତିଃ ?
ଏଷ ଖଲୁ ନିବେଦୟାମି । ନିଶାମୟତୁ ଆର୍ଯ୍ୟଃ ।)

ରାକ୍ଷସଃ- ଭଦ୍ର ! ଦତ୍ତାବଧାନୋଽସ୍ମି ।

ପୁରୁଷଃ- ଅତ୍ଥି, ଜାଣାଦି ଅଜ୍ଜୋ ଏତ୍ଥ ଣଅରେ ମଣିଆରସେଟ୍ଠୀ ଚନ୍ଦଣଦାସୋ
ଣାମ । (ଅସ୍ତି ଜାନାତି ଆର୍ଯ୍ୟଃ ଇହ ନଗରେ ମଣିକାରଶ୍ରେଷ୍ଠୀ ଚନ୍ଦନଦାସୋ ନାମ ।)

ରାକ୍ଷସଃ- (ସବିଷାଦମାତ୍ମଗତମ୍) ଏତତ୍ତ ତତ୍ର ଅପାବୃତମ୍ ଅସ୍ମଦ୍‌ବିନାଶଦୀକ୍ଷା-ପ୍ରକାଶ-
ଦ୍ୱାରଂ ଦୈବେନ । ହୃଦୟ ! ସ୍ଥିରଂ ଭବ । କମପି ତେ କଷ୍ଟତରମ୍ ଆକର୍ଣ୍ଣନୀୟମ୍ ।
(ପ୍ରକାଶମ୍) ଭଦ୍ର ! ଶ୍ରୂୟତେ, ମିତ୍ରବତ୍ସଳଃ ସ ସାଧୁଃ । କିଂ ତସ୍ୟ ?

ପୁରୁଷଃ- ସୋ ଏଦସ୍‌ସ ଜିଣ୍ଣୁଦାସସ୍‌ସ ପ୍‌ପିଅବଅସ୍‌ସୋ ହୋଦି । (ସ ଏତସ୍ୟ ଜିଷ୍ଣୁ-
ଦାସସ୍ୟ ପ୍ରିୟବୟସ୍ୟଃ ଭବତି ।)

ରାକ୍ଷସଃ- (ସ୍ୱଗତମ୍) ଅୟମଭ୍ୟର୍ଣ୍ଣଃ ଶୋକବଜ୍ରପାତୋ ହୃଦୟସ୍ୟ । (ପ୍ରକାଶମ୍)
ତତସ୍ତତଃ ?

ପୁରୁଷ- ତଦୋ ଜିଣ୍ଣୁଦାସେଣ ପ୍‌ପିଅବଅସ୍‌ସସ୍‌ସ ସିଣେହସରିସ ଅଜ୍ଜ ବିଣବ୍ରେ ଚନ୍ଦଉତ୍ତେ ।
(ତତୋ ଜିଷ୍ଣୁଦାସେନ ପ୍ରିୟବୟସ୍ୟସ୍ୟ ସ୍ନେହସଦୃଶ ମଦ୍ୟ ବିଜ୍ଞପ୍ତ ଶ୍ଚନ୍ଦ୍ରଗୁପ୍ତଃ ।)

ରାକ୍ଷସଃ- କଥଂ କମିତି ?

ପୁରୁଷ- "ଦେବ ! ଅତ୍ଥି ମେ ଗେହେ କୁଟୁମ୍ବ-ଭରଣ-ପଜ୍ଜତ୍ତୋ ଅତ୍ଥୋ । ତସ୍‌ସ
ବିଣିମଏଣ ମୁଞ୍ଚଅଦୁ ମେ ପ୍‌ପିଅବଅସ୍‌ସୋ ଚନ୍ଦଣଦାସୋ ତ୍ତି ।" ("ଦେବ ! ଅସ୍ତି
ମେ ଗେହେ କୁଟୁମ୍ବଭରଣ ପର୍ଯ୍ୟାପ୍ତଃ ଅର୍ଥଃ । ତସ୍ୟ ବିନିମୟେନ ମୁଚ୍ୟତାଂ ମେ
ପ୍ରିୟବୟସ୍ୟଃ ଚନ୍ଦନଦାସଃ ଇତି ।")

ରାକ୍ଷସଃ- (ସ୍ୱଗତମ୍) ସାଧୁ ! ଜିଷ୍ଣୁଦାସ ! ସାଧୁ ! ଅହୋ ! ଦର୍ଶିତଃ ମିତ୍ରସ୍ନେହଃ ।

ଟୀ । କୁତଃ— ପିତୃନ୍ ପୁତ୍ରାଃ ପୁତ୍ରାନ୍ ପରବଦଭିହିଂସନ୍ତି ପିତରେ
ଯଦର୍ଥଂ ସୌହାର୍ଦ୍ଦଂ ସୁହୃଦି ଚ ବିମୁଞ୍ଚନ୍ତି ସୁହୃଦଃ ।
ପ୍ରିୟଂ ମୋକ୍ତୁଂ ତଦ୍ ଯୋ ବ୍ୟସନମିବ ସଦ୍ୟୋ ବ୍ୟବସିତଃ ।
କୃତାର୍ଥୋଽସ୍ୟଂ ହୋଽର୍ଥସ୍ତବ ସତି ବଣିକ୍‌ତ୍ୱେଽପି ବଣିଜଃ ॥ ୧୭ ॥

Digitized by PPRACHIN, SOA

ରାକ୍ଷସ– (ଉଦ୍‌ବେଗରେ ସ୍ୱଗତ) ଚନ୍ଦନଦାସ ଏହାର ପ୍ରିୟବନ୍ଧୁଙ୍କର ବନ୍ଧୁ । ଏହାର ପ୍ରିୟବନ୍ଧୁଙ୍କର ଅଗ୍ନି ପ୍ରବେଶର କାରଣ ହେଉଛି ତାଙ୍କର ପ୍ରିୟ ବନ୍ଧୁଙ୍କର ବିନାଶ । ଏହା ଶୁଣି ମୋର ହୃଦୟ ଚନ୍ଦନ ଦାସଙ୍କ ପ୍ରତି ସ୍ନେହ ବଶତଃ ଉଦ୍‌ବିଗ୍ନ ହୋଇ ଉଠୁଛି । (ପ୍ରକାଶ୍ୟରେ) ଭଦ୍ର ! ତୁମ ସୁହୃଦ୍‌ଙ୍କ ସୁଚରିତ ମୁଁ ବିସ୍ତୃତ ଭବରେ ଶୁଣିବାକୁ ଚାହେଁ ।

ପୁରୁଷ– ମୁଁ ହତଭଗା ମୋ ମରଣରେ ଆଉ ବିଘ୍ନ ସୃଷ୍ଟି କରି ପାରିବି ନାହିଁ ।

ରାକ୍ଷସ– ଭଦ୍ର, କୁହ । ଏ କଥାଟି ଶ୍ରବଣଯୋଗ୍ୟ ।

ପୁରୁଷ–ଆଉ ଉପାୟ କ'ଣ ? ତା' ହେଲେ କହୁଛି, ଶୁଣନ୍ତୁ ।

ରାକ୍ଷସ–ଭଦ୍ର ! ମନଦେଇ ଶୁଣୁଛି ।

ପୁରୁଷ– ଆର୍ଯ୍ୟ, ଆପଣ ଜାଣନ୍ତି, ଏହି ନଗରରେ ଚନ୍ଦନଦାସ ନାମକ ଜଣେ ଅଳଙ୍କାରବ୍ୟବସାୟୀ ଶେଠ ଅଛନ୍ତି ।

ରାକ୍ଷସ–(ବିଷାଦରେ ସ୍ୱଗତ) ବିଧାତା ମୋତେ ମୃତ୍ୟୁଦୀକ୍ଷା ଦେବାର ଦ୍ୱାର ଖୋଲିଦେଲା । ହୃଦୟ, ସ୍ଥିର ହୁଅ । ତୋତେ ଆହୁରି ଅଧିକ ବେଦନା ଦାୟକ କିଛି ଶୁଣିବାକୁ ପଡ଼ିବ । (ପ୍ରକାଶ୍ୟରେ) ଭଦ୍ର, ଶୁଣାଯାଏ, ସେ ଜଣେ ସାଧୁ ଓ ମିତ୍ରସ୍ନେହୀ ବ୍ୟକ୍ତି । ତାଙ୍କର କଣ ହୋଇଛି ?

ପୁରୁଷ– ସେ ଜିଷ୍ଣୁଦାସଙ୍କର ପରମ ବନ୍ଧୁ ।

ରାକ୍ଷସ–(ସ୍ୱଗତ) ବର୍ତ୍ତମାନ ମୋ ହୃଦୟରେ ଶୋକ-ବଜ୍ରପାତ ନିକଟ ହୋଇଆସିଲା ।

ପୁରୁଷ–ଜିଷ୍ଣୁଦାସ ଆଜି ଚନ୍ଦ୍ରଗୁପ୍ତଙ୍କୁ ଏକ ଅନୁରୋଧ ଜଣାଇଲେ, ଯାହା କି ତାଙ୍କ ବନ୍ଧୁ-ପ୍ରୀତିର ଉପଯୁକ୍ତ ନିଦର୍ଶନ ।

ରାକ୍ଷସ- କି ଅନୁରୋଧ ?

ପୁରୁଷ–ସେ କହିଲେ — "ମହାରାଜ, ମୋ ଗୃହରେ ପରିବାର ପୋଷଣ ନିମନ୍ତେ ଯଥେଷ୍ଟ ଧନ ଅଛି । ତାହା ସମସ୍ତ ନେଇ ତା' ବଦଳରେ ମୋର ପ୍ରିୟ ବନ୍ଧୁ ଚନ୍ଦନଦାସଙ୍କୁ ମୁକ୍ତି ଦିଅନ୍ତୁ ।"

ରାକ୍ଷସ- (ସ୍ୱଗତ) ଧନ୍ୟ ଜିଷ୍ଣୁ ଦାସ, ଧନ୍ୟ ! ତୁମେ ଉପଯୁକ୍ତ ବନ୍ଧୁପ୍ରୀତି ଦେଖାଇଛ । କାରଣ—

ଧନ ପାଇଁ ପୁତ୍ର ପିତାକୁ ଏବଂ ପିତା ପୁତ୍ରକୁ ଶତ୍ରୁ ଭଳି ହତ୍ୟା କରନ୍ତି; ଧନ ପାଇଁ ବନ୍ଧୁମାନେ ବନ୍ଧୁତ୍ୱ ତ୍ୟାଗ କରନ୍ତି । ତୁମେ ଜଣେ ବଣିକ ହୋଇ ମଧ୍ୟ ବିପଦକୁ ବର୍ଜନ କଲା ଭଳି ଧନକୁ ବର୍ଜନ କରିବା ପାଇଁ ସ୍ଥିର କରିଛ । ତେଣୁ ତୁମର ଧନ କୃତାର୍ଥ ହୋଇଛି । ୧୭

Digitized by PPRACHIN, SOA

(ପ୍ରକାଶମ୍) ଭଦ୍ର ! ତତସ୍ତଥାଽଭିହିତେନ ସତା କିଂ ପ୍ରତିପନ୍ନଂ ମୌର୍ଯ୍ୟେଣ ?

ପୁରୁଷଃ- ଅଜ୍ଜ ! ତଦୋ ଏବ୍ବଂ ଭଣିଦେଣ ଚନ୍ଦଉତ୍ତେଣ ପ୍ପଡ଼ିଭଣିଦୋ ସେଟ୍ଠୀ ଜିଣ୍ଣୁଦାସୋ--ଜିଣ୍ଣୁଦାସ ! ଣ ମଏ ଅତ୍ଥଅସ୍ସ କାରଣେଣ ସେଟ୍ଠୀ ଚନ୍ଦଣଦାସୋ ଣିଜମିଦୋ । କିନ୍ତୁ ପ୍ପଚ୍ଛାଦିଦୋ ଅଣେଣ ଅମଚ୍ଚରକ୍ଖସସ୍ସ ଘରଅଣୋ, ବହୁସୋ ଜାଚଦେଣାବି ଣ ସମପ୍ପିଦୋ ତ୍ତି । ତା ଜଇ ଅମଚ୍ଚରକ୍ଖସସ୍ସ ଘରଅଣଂ ସମପ୍ପେଦି, ତଦୋ ଅତ୍ଥି ସେ ମୋକ୍ଖୋ । ଅଣ୍ଣଧା ପାଣହରୋ ସେ ଦଣ୍ଡୋ ତ୍ତି ଭଣିଅ ବଜ୍ଝଟ୍ଠାଣଂ ଆଣୀଦୋ ଚନ୍ଦଣଦାସୋ । ତଦୋ ଜାବ ପ୍ପିଅବଅସ୍ସସ୍ସ ଚନ୍ଦଣଦାସସ୍ସ ଅସୁଣିଦବ୍ବଂ ଣ ସୁଣେମି, ତାବଜ୍ଜେବ ଅତ୍ତାଣଂ ବାବାଦେମି ତ୍ତି ଜ୍ଜଲଣେ ପ୍ପବେସିଦୁକାମୋ ସେଟ୍ଠୀ ଜିଣ୍ଣୁଦାସୋ ଣଅରାଦୋ ଣିଗ୍ଗଦୋ । ଅହ୍ମଂ ବି ଜାବ ପ୍ପିଅବଅସ୍ସସ୍ସ ଜିଣ୍ଣୁଦାସସ୍ସ ଅସୁଣିଦବ୍ବଂ ଣ ସୁଣେମି, ତାବ ଉବ୍‌ବନ୍ଧିଅ ଅତ୍ତାଣଂ ବାବାଦେମି ତ୍ତି ଇମଂ ଜିଣ୍ଣୁଜ୍ଜାଣଂ ଆଗଦୋହ୍ମି । (ଆର୍ଯ୍ୟ ! ତତ ଏବଂ ଭଣିତେନ ଚନ୍ଦ୍ରଗୁପ୍ତେନ ପ୍ରତିଭଣିତଃ ଶ୍ରେଷ୍ଠୀ ଜିଷ୍ଣୁଦାସଃ—ଜିଷ୍ଣୁଦାସ ! ନ ମୟା ଅର୍ଥସ୍ୟ କାରଣେନ ଶ୍ରେଷ୍ଠୀ ଚନ୍ଦନଦାସଃ ନିୟମିତଃ, କିନ୍ତୁ ପ୍ରଚ୍ଛାଦିତଃ ଅନେନ ଅମାତ୍ୟରାକ୍ଷସସ୍ୟ ଗୃହଜନଃ, ବହୁଶୋ ଯାଚିତେନାପି ନ ସମର୍ପିତଃ ଇତି । ତଦ୍ ଯଦି ଅମାତ୍ୟରାକ୍ଷସସ୍ୟ ଗୃହଜନଂ ସମର୍ପୟତି, ତତଃ ଅସ୍ତି ଅସ୍ୟ ମୋକ୍ଷଃ । ଅନ୍ୟଥା ପ୍ରାଣହରୋଽସ୍ୟ ଦଣ୍ଡଃ ଇତି ଭଣିତ୍ୱା ବଧ୍ୟସ୍ଥାନ ମାନୀତ ଶ୍ଚନ୍ଦନଦାସଃ । ତତୋ ଯାବତ୍ ପ୍ରିୟବୟସ୍ୟସ୍ୟ ଚନ୍ଦନଦାସସ୍ୟ ଅଶ୍ରୋତବ୍ୟଂ ନ ଶୃଣୋମି, ତାବଦେବ ଆତ୍ମାନଂ ବ୍ୟାପାଦୟାମି, ଇତି ଜ୍ୱଲନେ ପ୍ରବେଷ୍ଟୁକାମଃ ଶ୍ରେଷ୍ଠୀ ଜିଷ୍ଣୁଦାସଃ ନଗରାନ୍ନିର୍ଗତଃ । ଅହମପି ଯାବତ୍ ପ୍ରିୟବୟସ୍ୟସ୍ୟ ଜିଷ୍ଣୁଦାସସ୍ୟ ଅଶ୍ରୋତବ୍ୟଂ ନ ଶୃଣୋମି, ତାବନ୍ନୁ ଉଦ୍‌ବଧ୍ୟ ଆତ୍ମାନଂ ବ୍ୟାପାଦୟାମି, ଇତି ଇଦଂ ଜୀର୍ଣ୍ଣୋଦ୍ୟାନମାଗତୋଽସ୍ମି ।

ରାକ୍ଷସଃ- ନ ଖଲୁ ବ୍ୟାପାଦିତଃ ଚନ୍ଦନଦାସଃ ?

ପୁରୁଷଃ-ଅଜ୍ଜ ! ଣ ଦାବ ବାବାଦୀଅଦି । ସୋ କ୍ଖୁ ସଂପଦଂ ପୁଣୋ ପୁଣୋ ଅମଚ୍ଚରକ୍ଖସସ୍ସ ଘରଅଣଂ ଜାଚୀଅଦି । ଣ ସୋ ମିତ୍ତବଚ୍ଛଲଦାଏ ଜାଚୀଅନ୍ତୋ ବି ତଂ ସମପ୍ପେଦି । ତା ଏଦିଣା କାରଣେଣ ହୋଦି ସେ ମରଣସ୍ସ କାଲହରଣଂ । (ଆର୍ଯ୍ୟ ! ନ ତାବନ୍ନ ବ୍ୟାପାଦ୍ୟତେ । ସ ଖଲୁ ସାଂପ୍ରତଂ ପୁନଃ ପୁନରମାତ୍ୟରାକ୍ଷସସ୍ୟ ଗୃହଜନଂ ଯାଚ୍ୟତେ । ନ ସ ମିତ୍ରବତ୍ସଲତୟା ଯାଚ୍ୟମାନୋଽପି ତଂ ସମର୍ପୟତି । ତଦ୍ ଏତେନ କାରଣେନ ଭବତି ଅସ୍ୟ ମରଣସ୍ୟ କାଲହରଣମ୍ ।)

ରାକ୍ଷସଃ- (ସହର୍ଷମାତ୍ମଗତମ୍) ସାଧୁ ବୟସ୍ୟ ଚନ୍ଦନଦାସ ! ସାଧୁ ସାଧୁ !

ଶିବେରିବ ସମୁଦ୍‌ଭୂତଂ ଶରଣାଗତରକ୍ଷୟା ।
ବଚୀୟତେ ତ୍ୱୟା ସାଧୋ ! ଯଶୋଽପି ସୁହୃଦା ବିନା ॥ ୧୮ ॥

(ପ୍ରକାଶମ୍) ଭଦ୍ର ! ଭଦ୍ର ! ଗଚ୍ଛ, ଶୀଘ୍ରମିଦାନୀଂ ଜିଷ୍ଣୁଦାସଂ ଜ୍ୱଲନ-ପ୍ରବେଶାନ୍ନିବାରୟ । ଅହମପି ଚନ୍ଦନଦାସଂ ମରଣାନ୍ମୋଚୟାମି ।

Digitized by PPRACHIN, SOA

(ପ୍ରକାଶ୍ୟରେ) ଭଦ୍ର, ଜିଷ୍ଣୁଦାସ ଏପରି ଜଣାନ୍ତେ ଚନ୍ଦ୍ରଗୁପ୍ତ କି ଉତ୍ତର ଦେଲେ ?

ପୁରୁଷ—ଆର୍ଯ୍ୟ, ଚନ୍ଦ୍ରଗୁପ୍ତ ଏଇଭଳି ଉତ୍ତର ଦେଲେ— "ଶେଠ ଜିଷ୍ଣୁଦାସ ! ଅର୍ଥ ନିମନ୍ତେ ମୁଁ ଚନ୍ଦନ ଦାସକୁ ବନ୍ଦୀ କରିନାହିଁ । କିନ୍ତୁ ସେ ଅମାତ୍ୟ ରାକ୍ଷସଙ୍କର ପରିବାରକୁ ଲୁଚାଇ ରଖିଛି । ବହୁବାର ଅର୍ପଣ କରିବାକୁ କହିଲେ ମଧ୍ୟ ସେ ତାଙ୍କୁ ଅର୍ପଣ କରୁନାହିଁ । ସେ ଯଦି ଅମାତ୍ୟ ରାକ୍ଷସଙ୍କର ପରିବାରବର୍ଗଙ୍କୁ ଅର୍ପଣ କରିଦେବ, ତା' ହେଲେ ମୁକ୍ତି ପାଇବ ଅନ୍ୟଥା ତାକୁ ପ୍ରାଣଦଣ୍ଡ ଦିଆଯିବ ।" ଏହା କହି ସେ ଚନ୍ଦନ ଦାସଙ୍କୁ ବଧ୍ୟଭୂମିକୁ ପଠାଇ ଦେଲେ । ତା' ପରେ ଜିଷ୍ଣୁଦାସ ଭାବିଲେ—"ଚନ୍ଦନଦାସଙ୍କର ମୃତ୍ୟୁବାର୍ତ୍ତା ଶୁଣିବା ପୂର୍ବରୁ ମୁଁ ଆତ୍ମହତ୍ୟା କରିବି । " ଏହା ଭାବି ସେ ଅଗ୍ନିରେ ଝାସ ଦେବା ପାଇଁ ନଗରରୁ ଚାଲିଆସିଲେ । ମୁଁ ମଧ୍ୟ ଜିଷ୍ଣୁଦାସଙ୍କର ମୃତ୍ୟୁବାର୍ତ୍ତା ଯେପରି ନ ଶୁଣିବି, ସେଥିପାଇଁ ଆଗରୁ ନିଜ ବେକରେ ଦଉଡ଼ି ଦେଇ ମରିଯିବା ପାଇଁ ଏହି ଜୀର୍ଣ୍ଣ ଉଦ୍ୟାନକୁ ଆସିଛି ।

ରାକ୍ଷସ ଚନ୍ଦନ ଦାସଙ୍କୁ ହତ୍ୟା କରାଯାଇ ନାହିଁ ତ ?

ପୁରୁଷ—ନା, ତାଙ୍କୁ ହତ୍ୟା କରାଯାଇ ନାହିଁ । ତାଙ୍କୁ ବର୍ତ୍ତମାନ ଅମାତ୍ୟ ରାକ୍ଷସଙ୍କ ପରିବାରକୁ ଅର୍ପଣ କରି ଦେବାପାଇଁ ବାରମ୍ବାର କୁହାଯାଉଛି । ସେ କିନ୍ତୁ ବନ୍ଧୁ ପ୍ରୀତିବଶତଃ ଅର୍ପଣ କରୁ ନାହାଁନ୍ତି । ଏହି କାରଣରୁ ତାଙ୍କ ମୃତ୍ୟୁରେ କିଛି ସମୟ ବିଳମ୍ବ ହେଉଛି ।

ରାକ୍ଷସ—(ଆନନ୍ଦରେ ସ୍ୱଗତ) ସାଧୁ ! ମିତ୍ର ଚନ୍ଦନ ଦାସ ! ସାଧୁ !

ହେ ସାଧୁ ! ବନ୍ଧୁଙ୍କ ଅନୁପସ୍ଥିତିରେ ମଧ୍ୟ ଶରଣାଗତକୁ (ବନ୍ଧୁର ପରିବାରକୁ) ରକ୍ଷା କରିବା ଦ୍ୱାରା ତୁମର ଯଶ ଶିବିଙ୍କ ଯଶଭଳି ବର୍ଦ୍ଧିତ ହେଉଅଛି । ୧୮

(ପ୍ରକାଶ୍ୟରେ) ଭଦ୍ର ! ଭଦ୍ର ! ବର୍ତ୍ତମାନ ଶୀଘ୍ର ଯାଅ । ଜିଷ୍ଣୁଦାସଙ୍କୁ ଅଗ୍ନି ପ୍ରବେଶରୁ ନିବୃତ୍ତ କର । ମୁଁ ମଧ୍ୟ ଚନ୍ଦନ ଦାସଙ୍କୁ ମରଣରୁ ମୁକ୍ତ କରିବି ।

Digitized by PPRACHIN, SOA

ପୁରୁଷଃ- ଅଧ କେଣ ଉଣ ଉବାଏଣ ଅଜ୍ଜୋ ଚନ୍ଦଣଦାସଂ ମରଣାଦୋ ମୋଚେଦି ?
ଅଥ କେନ ପୁନଃ ଉପାୟେନ ଆର୍ଯ୍ୟଃ ଚନ୍ଦନଦାସଂ ମରଣାତ୍ ମୋଚୟିଷ୍ୟତି ?

ରାକ୍ଷସଃ- (ଖଡ୍ଗମାକୃଷ୍ୟ) ନନୁ ଅନେନ ବ୍ୟବସାୟସହାୟସୁହୃଦା ନିସ୍ତ୍ରିଂଶେନ ।

ନନୁ ପଶ୍ୟ—

ନିସ୍ତ୍ରିଂଶୋଽୟଂ ବିଗତଜଳଦବ୍ୟୋମ-ସଙ୍କାଶମୂର୍ତ୍ତିଃ
ଯୁଦ୍ଧଶ୍ରଦ୍ଧାପୁଲକିତ ଇବ ପ୍ରାପ୍ତସଖ୍ୟଃ କରେଣ ।
ସତ୍ତ୍ୱୋତ୍କର୍ଷାତ୍ ସମରନିକଷେ ଦୃଷ୍ଟସାରଃ ପରୈର୍ମେ
ମିତ୍ରସ୍ନେହାଦ୍ ବିବଶମଧୁନା ସାହସେ ମାଂ ନିୟୁଙ୍କ୍ତେ ॥ ୧୯ ॥

ପୁରୁଷଃ- ଅଜ୍ଜ ! ଏବଂ ସେଟ୍ଠିଚନ୍ଦଣଦାସ-ଜୀବିଦଂ ହୋଦି ତ୍ତି ସୁଣିଦଂ । ବିସମଦସା-ବିପ୍ପଅପରିଣାମପଡିଦେଣ ଣ ସକ୍କୋମି କିଞ୍ଚିଦପଦଂ ପଡିବଜ୍ଜିଦୁଂ । (ବିଲୋକ୍ୟ ପାଦୟୋର୍ନିପତ୍ୟ) ଅଧ ସୁଗିହିଦଣାମଧେଆ ଅମଚ୍ଚରକ୍ଖସପାଦା ତୁହ୍ମେ ତ୍ତି ? ତା କରେହ ମେ ପସାଦଂ ସଂଦେହବିଣ୍ଣଏଣ । (ଆର୍ଯ୍ୟ ! ଏବଂ ଶ୍ରେଷ୍ଠି ଚନ୍ଦନଦାସ ଜୀବିତଂ ଭବତୀତି ଶ୍ରୁତମ୍ । ବିଷମଦଶାବିପାକ ପରିଣାମ ପତିତୋ ନ ଶକ୍ନୋମି କିଞ୍ଚିତ ପଦଂ ପ୍ରତିପତ୍ତୁମ୍ । ଅଥ ସୁଗୃହୀତନାମଧେୟାଃ ଅମାତ୍ୟ ରାକ୍ଷସପାଦାଃ ଯୂୟମିତି ? ତତ୍ କୁରୁ ମେ ପ୍ରସାଦଂ ସନ୍ଦେହନିର୍ଣ୍ଣୟେନ ।

ରାକ୍ଷସଃ- ଭଦ୍ର ! ସୋଽହମନୁଭୂତଭର୍ତ୍ତୃବିନାଶଃ, ସୁହୃଦ୍ବିନାଶହେତୁଃ ଅନାର୍ଯ୍ୟୋ ଦୁର୍ଗୃହୀତନାମା ଯଥାର୍ଥୋ ରାକ୍ଷସଃ ।

ପୁରୁଷଃ- (ସହର୍ଷଂ ପୁନଃ ପାଦୟୋର୍ନିପତ୍ୟ) ପସୀଦଧ, ପସୀଦଧ । ଦିଟ୍ଠିଆ କଦତ୍ଥୋ ହ୍ମି । (ପ୍ରସୀଦତ, ପ୍ରସୀଦତ । ଦିଷ୍ଟ୍ୟା କୃତାର୍ଥୋଽସ୍ମି ।)

ରାକ୍ଷସଃ- ଭଦ୍ର ! ଉତ୍ତିଷ୍ଠ ଉତ୍ତିଷ୍ଠ । କୃତମିଦାନୀଂ କାଳହରଣେନ । ନିବେଦ୍ୟତାଂ ଜିଷ୍ଣୁ-

ଦାସାୟ ଯଦୈଷ ରାକ୍ଷସଃ ଚନ୍ଦନଦାସଂ ମରଣାତ୍ ମୋଚୟତି । (ଇତି 'ନିସ୍ତ୍ରିଂଶୋଽୟଂ' ଇତ୍ୟାଦି ପଠନ୍ ଆକୃଷ୍ଟଖଡ୍ଗଃ ପରିକ୍ରାମତି ।)

ପୁରୁଷଃ- (ପାଦୟୋର୍ନିପତ୍ୟ) ପସୀଦନ୍ତୁ ପସୀଦନ୍ତୁ ଅମଚ୍ଚରକ୍ଖସପାଦା । ଅତ୍ଥ ଦାବ ଏତ୍ଥ ଣଅରେ ପଢମଂ ଚନ୍ଦଉତ୍ତହଦଏଣ ଅଜ୍ଜସଅଡଦାସସ୍ସ ବଧୋ ଆଣତ୍ତୋ । ସୋ ଅ କେଣାବି ବଜ୍ଝଟ୍ଠାଣଦୋ ଅବହରିଅ ଦେସାନ୍ତରଂ ଅବବାହିଦୋ । ତଦୋ ଚନ୍ଦଉତ୍ତହଦଏଣ କିସ ପମାଦୋ କଦୋ ତ୍ତି ଅଜ୍ଜସଅଡଦାସ-ବଧକଞ୍ଚୁଣୀଏ ସମୁଜ୍ଜଲିଦୋ ରୋସଗ୍ଗୀ ଘାଦଅଜଣବଧ-ଜଲେଣ ଣିବ୍ବାବିଦୋ ।

Digitized by PPRACHIN, SOA

ପୁରୁଷ— ଆପଣ କି ଉପାୟରେ ତାଙ୍କୁ ମରଣରୁ ମୁକ୍ତ କରିବେ ?

ରାକ୍ଷସ—(ଖଣ୍ଡା ବାହାର କରି) ମୋର ଏହି ପରମ କର୍ମସାଥୀ ଖଡ୍ଗ ଦ୍ୱାରା । ଦେଖ—

ମେଘମୁକ୍ତ ଆକାଶ-ସଦୃଶ ରୂପ ଧାରଣ କରିଥିବା ଏହି ଖଡ୍ଗ ଯୁଦ୍ଧ ଶ୍ରଦ୍ଧାରେ ପୁଲକିତ ହେଲାଭଳି ମୋ ହାତରେ ରହିଅଛି । ଶତ୍ରୁମାନେ ଘୋର ଯୁଦ୍ଧରେ ଏହି ଶକ୍ତି-ସମ୍ପନ୍ନ ଖଡ୍ଗର ଶକ୍ତି ଦେଖିଛନ୍ତି । ବନ୍ଧୁପ୍ରୀତିରେ ମୁଁ ବର୍ତ୍ତମାନ ବିବଶ । ଏହି ଖଡ୍ଗ ହିଁ ମୋତେ ସାହସିକ କାର୍ଯ୍ୟରେ ନିୟୋଜିତ କରୁଅଛି । ୧୯

ପୁରୁଷ—ଆର୍ଯ୍ୟ, ଆପଣ ଶେଠ ଚନ୍ଦନ ଦାସଙ୍କ ଜୀବନ ରକ୍ଷା କରିବେ, ଏହା ଶୁଣିଲି । କିନ୍ତୁ ମୁଁ ମୋ ଦୁର୍ଦ୍ଦଶାର ଶେଷ ସୀମାରେ ପହଞ୍ଚି ଥିବାରୁ ଆପଣଙ୍କୁ ନିଶ୍ଚିତ ଭାବେ ଚିହ୍ନି ପାରୁ ନାହିଁ । (ତାହିଁ ପାଦତଳେ ପଡ଼ି) ଆପଣ କ'ଣ ପ୍ରାତଃ-ସ୍ମରଣୀୟ ଅମାତ୍ୟ ରାକ୍ଷସ ? ମୋର ସନ୍ଦେହ ଦୂର କରି ମୋତେ ଅନୁଗୃହୀତ କରନ୍ତୁ ।

ରାକ୍ଷସ— ଭଦ୍ର ! ମୁଁ ସେହି କୁଖ୍ୟାତ ଅନାର୍ଯ୍ୟ ରାକ୍ଷସ, ଯେ କି ତା'ର ପ୍ରଭୁଙ୍କ ବଂଶର ବିନାଶ ଦେଖିଛି, ଯେ କି ନିଜ ବନ୍ଧୁର ବିନାଶର କାରଣ । ମୁଁ ସେହି ରାକ୍ଷସ' ଯଥାର୍ଥରେ ରାକ୍ଷସ ।

ପୁରୁଷ—(ଆନନ୍ଦରେ ପୁଣି ପାଦତଳେ ପଡ଼ି) ପ୍ରସନ୍ନ ହୁଅନ୍ତୁ, ପ୍ରସନ୍ନ ହୁଅନ୍ତୁ ଆର୍ଯ୍ୟ । ସୌଭାଗ୍ୟକୁ ଆପଣଙ୍କୁ ଦେଖି ଧନ୍ୟ ହେଲି ।

ରାକ୍ଷସ-ଉଠ, ଉଠ । ବର୍ତ୍ତମାନ ବିଳମ୍ବ କରିବା ଅନୁଚିତ । ଜିଷ୍ଣୁ ଦାସଙ୍କୁ ଜଣାଇ ଦିଅ, ରାକ୍ଷସ ଚନ୍ଦନଦାସଙ୍କୁ ମରଣରୁ ମୁକ୍ତ କରିବ । ('ମେଘମୁକ୍ତ ଆକାଶ ସଦୃଶ' ଇତ୍ୟାଦି ପୂର୍ବୋକ୍ତ କଥା କହି କହି ଖଡ୍ଗ ଉତ୍ତୋଳନ କରି ଧାଇଁବାରେ ଲାଗିଲେ ।)

ପୁରୁଷ— (ପୁଣି ପାଦତଳେ ପଡି) ମହାଭାଗ ! ଅମାତ୍ୟ ! ପ୍ରସନ୍ନ ହୁଅନ୍ତୁ । ଏହି ନଗରରେ ଏଥି ପୂର୍ବରୁ ଶକଟ ଦାସଙ୍କୁ ବଧ କରିବା ପାଇଁ ଦୁଷ୍ଟ ଚନ୍ଦ୍ରଗୁପ୍ତ ଆଦେଶ ଦେଇଥିଲା । ଶକଟ ଦାସଙ୍କୁ ବଧ୍ୟଭୂମିରୁ କେହି ଜଣେ ଅପହରଣ କରି ଦେଶାନ୍ତରକୁ ନେଇଗଲା । ତେଣୁ ଏହି ଅସାବଧାନତା କିପରି ଘଟିଲା ବୋଲି ରାଗିଯାଇ ଦୁଷ୍ଟ ଚନ୍ଦ୍ରଗୁପ୍ତ ଘାତକମାନଙ୍କୁ ମାରି ଆର୍ଯ୍ୟ ଶକଟଦାସଙ୍କ ବଧ-ପ୍ରତାରଣା ଜନିତ ନିଜର ପ୍ରଜ୍ୱଳିତ କୋପାନଳକୁ ନିର୍ବାପିତ କଲା ।

Digitized by PPRACHIN, SOA

ତଦୋ ପହୁଦି ଘାଦଆ ଜଂ କଂ ବ ଗହୀଦସତ୍ଥଂ ଅପୁବ୍ବଂ ପୁରିସଂ ଅଗ୍ଗେ ପଚ୍ଛାଦୋ ବା ପେକ୍ଖନ୍ତି, ତଦୋ ଅଦ୍ଧପଧେ ଜ୍ଜେବ ଅତ୍ତଣୋ ଜୀବିଦଂ ପରିରକ୍ଖନ୍ତା ଅପ୍ପମତ୍ତା ଏଦେ ଅପ୍ପାବିଦବଜ୍ଝଟ୍ଠାଣଂ ବଜ୍ଝଂ ବାବାଦେନ୍ତି । ତା ଏବ୍ବଂ ଗହୀଦସତ୍ଥେହିଂ ଅମଚ୍ଚପାଦେହିଂ ତହିଂ ଗଚ୍ଛନ୍ତେହିଂ ସେଟ୍ଠିଚନ୍ଦଣଦାସସ୍ସ ବଧୋ ତୁବରାଇଦୋ ହୋଦି । (ପ୍ରସୀଦନ୍ତୁ ପ୍ରସୀଦନ୍ତୁ ଅମାତ୍ୟ ରାକ୍ଷସ ପାଦାଃ । ଅସ୍ତି ତାବତ୍ ଅତ୍ର ନଗରେ ପ୍ରଥମଂ ଚନ୍ଦ୍ରଗୁପ୍ତହତକେନ ଆର୍ଯ୍ୟଶକଟଦାସସ୍ୟ ବଧଃ ଆଜ୍ଞପ୍ତଃ । ସ ଚ କେନାପି ବଧସ୍ଥାନାତ୍ ଅପହୃତ୍ୟ ଦେଶାନ୍ତରମ୍ ଅପବାହିତଃ । ଅତଶ୍ଚନ୍ଦ୍ରଗୁପ୍ତହତକେନ କସ୍ମାତ୍ ପ୍ରମାଦଃ କୃତଃ ଇତି ଆର୍ଯ୍ୟଶକଟଦାସ-ବଧବଞ୍ଚନୟା ସମୁଜ୍ଜ୍ୱଲିତଃ ରୋଷାଗ୍ନିଃ ଘାତକଜନବଧଜଲେନ ନିର୍ବାପିତଃ । ତତଃ ପ୍ରଭୃତି ଘାତକାଃ ଯଂ କମପି ଗୃହୀତଶସ୍ତ୍ରମ୍ ଅପୂର୍ବଂ ପୁରୁଷମ୍ ଅଗ୍ରେ ପଶ୍ଚାଦ୍ ବା ପଶ୍ୟନ୍ତି, ତଦା ଅର୍ଦ୍ଧପଥେ ଏବ ଆତ୍ମନୋ ଜୀବିତଂ ପରିରକ୍ଷନ୍ତୋ ଅପ୍ରମତ୍ତାଃ ଏତେ ଅପ୍ରାପ୍ତ-ବଧସ୍ଥାନଂ ବଧ୍ୟଂ ବ୍ୟାପାଦୟନ୍ତି । ତସ୍ମାଦେବଂ ଗୃହୀତଶସ୍ତ୍ରୈଃ ଅମାତ୍ୟପାଦୈଃ ତତ୍ର ଗଚ୍ଛଦ୍ଭିଃ ଶ୍ରେଷ୍ଠିଚନ୍ଦନଦାସସ୍ୟ ବଧଃ ତ୍ୱରୟିତୋ ଭବତି ।) (ଇତି ନିଷ୍କ୍ରାନ୍ତଃ)

ରାକ୍ଷସଃ- (ସ୍ୱଗତମ୍) ଅହୋ ! ଦୁର୍ବୋଧଶ୍ଚାଣକ୍ୟବଟୋଃ ନୀତିମାର୍ଗଃ । କୁତଃ—

ଯଦି ସ ଶକଟୋ ନୀତଃ ଶତ୍ରୋର୍ମତେନ ମମାନ୍ତିକଂ
କିମିତି ନିହତସ୍ତେନ କ୍ରୋଧାଦ୍ ବଧାଧିକୃତୋ ଜନଃ ।
ଅଥ ନ କୃତକଂ ତାଦୃକ୍ କଷ୍ଟଂ କଥଂ ନୁ ସମର୍ଥୟେତ୍
ଇତି ମମ ମତିସ୍ତର୍କାରୂଢା ନ ପଶ୍ୟତି ନିଶ୍ଚୟମ୍ ॥ ୨୦ ॥

(ବିଚିନ୍ତ୍ୟ) ତସ୍ମାତ୍—

ନାୟଂ ନିସ୍ତ୍ରିଂଶକାଲଃ ପ୍ରଥମମିହ କୃତେ ଘାତକାନାଂ ବିଘାତେ
ନୀତିଃ କାଲାନ୍ତରେଣ ପ୍ରକଟୟତି ଫଲଂ କିଂ ତଥା କାର୍ଯ୍ୟମତ୍ର ?
ଔଦାସୀନ୍ୟଂ ନ ଯୁକ୍ତଂ ପ୍ରିୟସୁହୃଦି ଗତେ ମତ୍କୃତେ ଚାତିଘୋରଂ
ବ୍ୟାପତ୍ତିଂ, ଜ୍ଞାତମସ୍ୟ ସ୍ୱତନୁମହମିମାଂ ନିଷ୍କ୍ରୟଂ କଲ୍ପୟାମି ॥ ୨୧ ॥

(ଇତି ନିଷ୍କ୍ରାନ୍ତାଃ ସର୍ବେ)

(ଇତି ମୁଦ୍ରାରାକ୍ଷସେ ଷଷ୍ଠୋଽଙ୍କଃ)

Digitized by PPRACHIN, SOA

ସେହିଦିନଠାରୁ ଘାତକମାନେ ଯେତେବେଳେ ଯେ କୌଣସି ଶସ୍ତ୍ରଧାରୀ ନୂତନ ବ୍ୟକ୍ତିଙ୍କୁ ଆଗରେ ହେଉ ବା ପଛରେ ହେଉ ଦେଖୁଛନ୍ତି, ସେତେବେଳେ ନିଜରି ଜୀବନ ରକ୍ଷା ଉଦ୍ଦେଶ୍ୟରେ ସଙ୍ଗେ ସଙ୍ଗେ ସତର୍କ ହୋଇ ବଧ୍ୟଭୂମିରେ ପହଞ୍ଚିବା ପୂର୍ବରୁ ଅଧା ବାଟରେ ବଧ୍ୟ ବ୍ୟକ୍ତିଙ୍କୁ ବଧ କରି ପକାଉଛନ୍ତି ! ଏଭଳି ପରିସ୍ଥିତିରେ ଆପଣ ଯଦି ଶସ୍ତ୍ର ଧରି ଯିବେ, ତାହାହେଲେ ଶେଠ ଚନ୍ଦନଦାସଙ୍କ ମୃତ୍ୟୁ ଶୀଘ୍ର ଘଟିଯିବ । (ପ୍ରସ୍ଥାନ କଲ)

ରାକ୍ଷସ— (ସ୍ୱଗତ) ଓଃ ! ଦୁଷ୍ଟ ଚାଣକ୍ୟର ନୀତି କି ଦୁର୍ବୋଧ୍ୟ ! କାରଣ—

ଯଦି ଶକଟ ଦାସ ଶତ୍ରୁର ସମ୍ମତିରେ ମୋ ନିକଟକୁ ନିଆ ହୋଇଛି, ତା' ହେଲେ କିମିତି କ୍ରୋଧରେ ବଧଦାୟିତ୍ୱରେ ଥିବା ଘାତକମାନଙ୍କୁ ମାରି-ଦିଆଗଲ ! ଯଦି ତାହା କୃତ୍ରିମ ନୁହେଁ,(ଅର୍ଥାତ୍ ଶକଟ ଦାସ ଯଦି ସିଦ୍ଧାର୍ଥକ-ଙ୍କର ସାହାଯ୍ୟରେ ହିଁ ପଳାଇଗଲ ।) ତା'ହେଲେ ଶକଟଦାସ ସେଭଳି ନୀଚ କାର୍ଯ୍ୟ (ଶତ୍ରୁଙ୍କ ସହିତ ସନ୍ଧି କରି ଗୋପନରେ ଚିଠି ପଠାଇବା) କରିବାକୁ କିପରି ଚିନ୍ତା କରି ପାରିଲ ? ଏଭଳି ନାନା ପ୍ରକାର ତର୍କରେ ପଡ଼ି ମୋର ମନ କିଛି ସ୍ଥିର କରିପାରୁ ନାହିଁ । ୨୦

(ଚିନ୍ତାକରି)

ବର୍ତ୍ତମାନ ଅସି ଧାରଣର ସମୟ ନୁହେଁ; କାରଣ ଏଥି ପୂର୍ବରୁ ଘାତକ-ମାନେ ମରିଛନ୍ତି । ନୀତି କିଛି ସମୟ ପରେ ଫଳ ଦିଏ; ତେଣୁ ଏଭଳି ପରିସ୍ଥିତିରେ ନୀତିଦ୍ୱାରା ଲଭ କ'ଣ ? ଉଦାସୀନ ରହିବା ମଧ୍ୟ ଉଚିତ ନୁହେଁ; କାରଣ ପ୍ରିୟବନ୍ଧୁ ମୋରି ଯୋଗୁ ହିଁ ଘୋର ବିପଦରେ ପଡ଼ିଛନ୍ତି । ହଁ, ଜାଣିଲି,ମୋର ଶରୀର ହିଁ ପ୍ରିୟବନ୍ଧୁଙ୍କ ଜୀବନ ରକ୍ଷା ନିମନ୍ତେ ଅର୍ପଣ କରିବି ।

(ସମସ୍ତଙ୍କର ପ୍ରସ୍ଥାନ)

।। ଷଷ୍ଠ ଅଙ୍କ ସମାପ୍ତ ।।

Digitized by PPRACHIN, SOA

ସପ୍ତମୋଽଙ୍କଃ

(ତତଃ ପ୍ରବିଶତି ଚଣ୍ଡାଳଃ)

ଚଣ୍ଡାଳଃ- ଓସଲଧ ଅଜ୍ଜା ! ଓସଲଧ । ଅବେଧ ମାଣହେ ! ଅବେଧ—

ଜଇ ଲକ୍ଖିଦୁଂ ମହେଛ ପ୍ପାଣେ ବିହବେ କୁଲେ କଲତ୍ତେ ଅ ।
ପରିହଲଧ ତା ବିସଂ ବିଅ ଲାଅପଚ୍ଚଥଂ ପ୍‌ପଅତ୍ତେଣ ॥ ୧ ॥

(ଅପସରତ ଆର୍ଯ୍ୟାଃ ! ସପସରତ ! ଅପେତ ମାନ୍ୟାଃ ! ଅପେତ—

ଯଦି ରକ୍ଷିତୁଂ ମନ୍ୟଧ୍ୱଂ ପ୍ରାଣଂ ବିଭବଂ କୁଳଂ କଳତ୍ରଂ ଚ ।
ପରିହରତ ତସ୍ମାଦ୍ ବିଷମିବ ରାଜାପଥ୍ୟଂ ପ୍ରଯତ୍ନେନ ॥ ୨ ॥

ଅବି ଅ—

ହୋଦି ପୁରିସସ୍ସ ବ୍ୱାହି ମଲଣଂ ବା ସେବିଦେ ଅପଚ୍ଚଥେ ବି ।
ଲାଆପଚ୍ଚଥେ ଉଣ ସେବିଦେ ସଅଲଂ ବି କୁଲଂ ମଲଦି ॥ ୨ ॥

(ଅପି ଚ—

ଭବତି ପୁରୁଷସ୍ୟ ବ୍ୟାଧି ର୍ମରଣଂ ବା ସେବିତେଽପଥ୍ୟେଽପି ।
ରାଜାପଥ୍ୟେ ପୁନଃ ସେବିତେ ତୁ ସକଳମପି କୁଳଂ ମ୍ରିୟତେ ॥ ୨ ॥)

ତା ଜଇ ଣ ପ୍ପତ୍ତିଆଅଧ, ତଦା ପେକ୍ଖିଧ ଏଦଂ ଲାଆପଚ୍ଚଥ କାଲିଣଂ ସେଟ୍‌ଠି-ଚନ୍ଦଣଦାସଂ ବଜ୍ଝଟ୍‌ଠାଣଂ ଆଣୀଅମାଣଂ ସପୁତ୍ତକଲତ୍ତଂ । ଅଜ୍ଜ ! କିଂ ଭଣଧ ? ଅତ୍ଥି କିଂ ଚନ୍ଦଣଦାସସ୍ସ ମୋକ୍‌ଖୋବାଓ ତ୍ତି ? କୁଦୋ ସେ ଅଧଣ୍ଣସ୍ସ ମୋକ୍‌ଖୋବାଓ ? ଏଦ ହ୍ମଣ ଅତ୍ଥି । ଯୋ ଜଇ ଅମଚ୍ଚରକ୍‌ଖସସ୍ସ ଘରଅଣଂ ସମପ୍ପେଦି । କିଂ ଭଣଧ ? ଏସୋ ସଲଣାଗଦବଚ୍ଛଲେ ଅତ୍ତଣୋ ଜୀବିଦସ୍ସ କାଲଣେଣ ଈଦିସଂ ଅକଜ୍ଜଂ ଣ କଲିସ୍ସଦି ? ଅଜ୍ଜା ! ଜଇ ଏବ୍ବଂ, ତେଣ ହି ଅବଧାଲେଧ ସେ ସୁଭଗଦିଂ । କିଂ ଦାଣିଂ ତୁହ୍ମାଣେ ପଂପଡୀଆଲବିଆରେଣ ? (ତଦ୍ ଯଦି ନ ପ୍ରତ୍ୟୟଧ୍ୱଂ, ତଦା ପ୍ରେକ୍ଷଧ୍ୱମେନଂ ରାଜାପଥ୍ୟକାରିଣଂ ଶ୍ରେଷ୍ଠିଚନ୍ଦନଦାସଂ ବଧ-ସ୍ଥାନମାନୀୟମାନଂ ସପୁତ୍ରକଳତ୍ରମ୍ । (ଆକାଶେ) ଆର୍ଯ୍ୟାଃ ! କିଂ ଭଣଥ ? ଅସ୍ତି କିଂ ଚନ୍ଦନଦାସସ୍ୟ ମୋକ୍ଷୋପାୟଃ ଇତି ? କୁତଃ ଅସ୍ୟ ଅଧନ୍ୟସ୍ୟ ମୋକ୍ଷୋପାୟଃ ? ଏତତ୍ ପୁନରସ୍ତି—ସ ଯଦି ଅମାତ୍ୟ ରାକ୍ଷସସ୍ୟ ଗୃହଜନଂ ସମର୍ପୟତି । (ପୁନ-ରାକାଶେ) କିଂ ଭଣଥ ? ଏଷ ଶରଣାଗତବତ୍ସଳ ଆତ୍ମନୋ ଜୀବିତସ୍ୟ କାରଣେନ ଈଦୃଶମକାର୍ଯ୍ୟଂ ନ କରିଷ୍ୟତି ଇତି । ଆର୍ଯ୍ୟାଃ ! ଯଦି ଏବଂ ତେନ ହି ଅବଧତ୍ତ ଅସ୍ୟ ଶୁଭଗତିମ୍ । କମିଦାନୀଂ ଯୁଷ୍ମାକଂ ପ୍ରତୀକାର-ବିଚାରେଣ ?)

(ତତଃ ପ୍ରବିଶତି ଦ୍ୱିତୀୟଚଣ୍ଡାଳାନୁଗତଃ ବଧବେଷଧାରୀ ଶୂଳଂ ସ୍କନ୍ଧେନ ଆଦାୟ କୁଟୁମ୍ବିନ୍ୟା ପୁତ୍ରେଣ ଚ ଅନୁଗମ୍ୟମାନଃ ଚନ୍ଦନଦାସଃ)

ଚନ୍ଦନ- ହ୍ଧୀ ! ହ୍ଧୀ ! ଅହ୍ମାରିସାଣଂ ବି ଣିଚ୍ଚଚରିତ୍ତଭଙ୍ଗ ଭୀରୂଣଂ ଚୋରଜଣୋଚିଦଂ

Digitized by PPRACHIN, SOA

ସପ୍ତମ ଅଙ୍କ

(ଜଣେ ଚଣ୍ଡାଳର ପ୍ରବେଶ)

ଚଣ୍ଡାଳ—ଭଦ୍ର ମହୋଦୟଗଣ ! ଅପସରି ଯାଅ ! ଅପସରି ଯାଅ !

ରଖିବାକୁ ଯଦି ଚାହଁ କୁଳ, ଭାର୍ଯ୍ୟା, ପ୍ରାଣ, ଧନ
ଭୟଙ୍କର ରାଜଦ୍ରୋହ କର ଦୂରେ ବର୍ଜନ ।
ଅପଥ୍ୟ ସେବନେ ନର ଲଭେ ବ୍ୟାଧି ଅବା ମୃତ୍ୟୁ
ସକୁଟୁମ୍ବ ନାଶ ଯାଏ ନୃପେ ଅପ୍ରୀତିକତା ହେତୁ ! ୧ ।

ତେବେ ଯଦି ବିଶ୍ୱାସ ନ ହେଉଛି, ତା'ହେଲେ ଦେଖ, ଏହି ଶେଠ ଚନ୍ଦନ ଦାସ ରାଜବିଦ୍ରୋହ କରିଥିବାରୁ କିପରି ପୁତ୍ର ଓ ସ୍ତ୍ରୀ ସହିତ ବଧ୍ୟଭୂମିକୁ ନିଆ ହେଉଛି ! (ଶୂନ୍ୟକୁ ଚାହିଁ) ଭଦ୍ରଗଣ ! କ'ଣ କହୁଛ ? ପଚାରୁଛ, ଚନ୍ଦନ ଦାସର ମୁକ୍ତି ପାଇଁ କୌଣସି ଉପାୟ ଅଛି କି ? ଏହି ହତଭାଗାର ମୁକ୍ତିର ଉପାୟ କଣ ସମ୍ଭବ ? ଅବା ସମ୍ଭବ ହୋଇପାରେ, ଏ ଯଦି ଅମାତ୍ୟ ରାକ୍ଷସଙ୍କର ପରିବାରକୁ ଅର୍ପଣ କରି ଦିଅନ୍ତି । (ପୁଣି ଶୂନ୍ୟକୁ ଚାହିଁ) କ'ଣ କହୁଛ ? କହୁଛ ଯେ, ଏହି ଶରଣାଗତବତ୍ସଳ ବ୍ୟକ୍ତି ନିଜ ଜୀବନ ଆଶାରେ ଏପରି ଅକାର୍ଯ୍ୟ କରିବେ ନାହିଁ । ଭଦ୍ର ଗଣ, ତାହାହେଲେ ଏହାଙ୍କର ସଦ୍‌ଗତି ଚିନ୍ତା କର ତୁମ୍ଭମାନଙ୍କ ପକ୍ଷରେ ଏହାଙ୍କର ପ୍ରତୀକାର ଚିନ୍ତା କରିବା କି ଦରକାର ?

(ଆଉ ଜଣେ ଚଣ୍ଡାଳର ପ୍ରବେଶ । ତା' ପଛେ ପଛେ କାନ୍ଧରେ ଶୂଳ ଧରି ବଧ୍ୟ ବେଶରେ ଚନ୍ଦନ ଦାସଙ୍କର ଆଗମନ । ତାଙ୍କ ପଛେ ପଛେ ତାଙ୍କ ସ୍ତ୍ରୀ ଓ ପୁତ୍ର ।)

ଚନ୍ଦନ—(ଅଶ୍ରୁଭରା ନୟନରେ) ହା ଧିକ୍ ! ହା ଧିକ୍ ! ଆମ ଭଳି ଚରିତ୍ରଭଙ୍ଗ-ଭୀରୁ ଲୋକମାନେ ମଧ୍ୟ ଚୋରମାନଙ୍କ ପରି ମୃତ୍ୟୁ ବରଣ କରନ୍ତି ! ଅତଏବ କୃତାନ୍ତଙ୍କୁ ନମସ୍କାର । ହଁ, ନୃଶଂସମାନଙ୍କ ଦୃଷ୍ଟିରେ ନିରପରାଧ ଓ ଅପରାଧୀଙ୍କ ମଧ୍ୟରେ କୌଣସି ଭେଦ ନାହିଁ । କାରଣ—

Digitized by PPRACHIN, SOA

ମଲଣଂ ପଉଂ ତ୍ତି ଣମୋ କଦନ୍ତସ୍ସ । ଅହବା, ଣ ଣିସଂସାଣଂ ଉଦାସୀଣେସୁ ଇଦରେସୁ ବା ବିସେସୋ ଅତ୍ଥି । ତଧା ହି-(ହା ଧିକ୍ ! ହା ଧିକ୍ ! ଅସ୍ମାଦୃଶାନାମପି ନୃତ୍ୟଗୃହଭଙ୍ଗଭୀରୂଣାଂ ଚୌରଜନୋଚିତଂ ମରଣଂ ପ୍ରାପ୍ତମିତି ନମଃ କୃତାନ୍ତାୟ । ଅଥବା ନ ନୃଶଂସାନାମ୍ ଉଦାସୀନେଷୁ ଇତରେଷୁ ବା ବିଶେଷୋଽସ୍ତି । ତଥାହି—

ମୋତ୍ତୂଣ ଆମିସାଇଂ ମଲଣଭଏଣ ତଣେହି ଜୀବନ୍ତମ୍ ।
ବାହାଣଂ ମୁଦ୍ଧହଲିଣଂ ହନ୍ତୁଂ କୋ ଣାମ ଣିବ୍ବନ୍ଧୋ ॥ ୩ ॥
(ମୁକ୍ତ୍ୱା ଆମିଷାଣି ମରଣଭୟେନ ତୃଣୈ ର୍ଜୀବନ୍ତମ୍ ।
ବ୍ୟାଧାନାଂ ମୁଗ୍ଧହରିଣଂ ହନ୍ତୁଂ କୋ ନାମ ନିର୍ବନ୍ଧଃ ॥ ୩ ॥)

(ସମନ୍ତାଦ୍ ବିଲୋକ୍ୟ) ଭୋ ପିଅବଅସ୍ସ ଜିଣ୍ଣୁଦାସ ! କଧଂ ପଡିବଅଣଂ ବି ମେ ଣ ପଡିବଜ୍ଜସି ତ୍ତି ? ଅଧବା ଦୁଲ୍ଲହା କ୍ଖୁ ପୁଲିସା, ଜେ ଇମସ୍ସିଂ କାଲେ ଦିଟ୍ଠିପଧେ ବି ଚିଟ୍ଠନ୍ତି । ଏଦେ ଅହ୍ମପିଅବଅସ୍ସା ଅଣୁସୁବାଦମେତ୍ତକେଣ କଦପଡିଆରା ଜଦ୍ଧମଦଣିବଉମାଣା ପଲିବଡ୍ଢମାଣ ସୋଅ-ଦୀଣବଦଣା ବାହ୍ପଗରୁଅଏ ଦିଟ୍ଠିଏ ମଂ ଅଣୁଗଚ୍ଛନ୍ତି । (ଭୋ ପ୍ରିୟବୟସ୍ୟ ଜିଷ୍ଣୁଦାସ ! କଥଂ ପ୍ରତିବଚନମପି ମେ ନ ପ୍ରତିପଦ୍ୟସେ ଇତି ? ଅଥବା ଦୁର୍ଲଭାଃ ଖଳୁ ପୁରୁଷାଃ ଯେ ଅସ୍ମିନ୍ କାଳେ ଦୃଷ୍ଟିପଥେଽପି ତିଷ୍ଠନ୍ତି । (ସବାଷ୍ପମ୍) ଏତେ ଅସ୍ମତ୍ପ୍ରିୟବୟସ୍ୟାଃ ଅଶ୍ରୁପାତମାତ୍ରେଣ କୃତପ୍ରତୀକାରାଃ କଥମପି ନିବର୍ତ୍ତମାନାଃ ପରିବର୍ଦ୍ଧମାନ-ଶୋକଦୀନବଦନାଃ ବାଷ୍ପଗୁର୍ବ୍ୟା ଦୃଷ୍ଟ୍ୟା ମାମନୁଗଚ୍ଛନ୍ତି ।) (ଇତି ପରିକ୍ରାମତି)

ଚଣ୍ଡାଲୌ- (ପରିକ୍ରମ୍ୟ ଅବଲୋକ୍ୟ ଚ) ଅଜ୍ଜ ଚନ୍ଦଣଦାସ ! ଆଗଦୋସି ବଜ୍ଝଟ୍ଠାଣଂ । ତା ବିସଜ୍ଜେହି ପରିଅଣଂ । (ଆର୍ଯ୍ୟ ! ଚନ୍ଦନଦାସ ! ଆଗତୋଽସି ବଧସ୍ଥାନଂ, ତଦ୍ ବିସର୍ଜୟ ପରିଜନମ୍ ।)

ଚନ୍ଦନ- ଅଜ୍ଜେ ! କୁଟୁମ୍ବିଣି ! ଣିବତ୍ତସ୍ସ ତୁମଂ ସପୁତ୍ତା । ବଜ୍ଝଟ୍ଠାଣଂ କ୍ଖୁ ଏଦଂ । ଅଦୋ ଅବରଂ ଅଭୂମି କ୍ଖୁ ଅଣୁଗଚ୍ଛିଦୁଂ । (ଆର୍ଯ୍ୟେ ! କୁଟୁମ୍ବିନି ! ନିବର୍ତ୍ତସ୍ୱ ତ୍ୱଂ ସପୁତ୍ରା । ବଧସ୍ଥାନଂ ଖଲୁ ଏତତ୍ । ଅତଃ ଅପରମ୍ ଅଭୂମିଃ ଖଲୁ ଅନୁଗନ୍ତୁମ୍ ।)

କୁଟୁମ୍ବିନୀ- (ସବାଷ୍ପମ୍) ପରଲୋଅଂ ପତ୍ଥିଦୋ ଅଜ୍ଜୋ, ଣ ଉଣ ଦେସନ୍ତରଂ । ତା ଅଜୋଗ୍ଗଂ ଦାଣୀଂ କୁଲଜଣସ୍ସ ଣିବତ୍ତିଦୁଂ । (ପରଲୋକଂ ପ୍ରସ୍ଥିତଃ ଆର୍ଯ୍ୟଃ ନ ପୁନଃ ଦେଶାନ୍ତରମ୍ । ତଦ୍ ଅଯୋଗ୍ୟମିଦାନୀଂ କୁଳଜନସ୍ୟ ନିବର୍ତ୍ତିତୁମ୍ ।)

ଚନ୍ଦନ- ଅଜ୍ଜେ ! ସଚଂ । ମିତ୍ତକଜ୍ଜେଣ ମମ ବିଣାସୋ, ଣ ପୁଲିସଦୋସେଣ । ତା କିଂ ହରିସଟ୍ଠାଣେ ବି ରୋଦସି ? (ଆର୍ଯ୍ୟେ ! ସତ୍ୟମ୍ । ମିତ୍ରକାର୍ଯ୍ୟେଣ ମମ ବିନାଶଃ, ନ ପୁରୁଷଦୋଷେଣ । ତତ୍ କିଂ ହର୍ଷସ୍ଥାନେଽପି ରୋଦିଷି ?)

କୁଟୁମ୍ବିନୀ- ଅଜ୍ଜ ! ଜଇ ଏବ୍ବଂ, ତା ଅଣୁଚଦଂ ଦାଣୀଂ କୁଲଜଣେଣ ଣିବତ୍ତିଦୁଂ । (ଆର୍ଯ୍ୟ ! ଯଦି ଏବଂ, ତତ୍ ଅନୁଚିତମ୍ ଇଦାନୀଂ କୁଳଜନେନ ନିବର୍ତ୍ତିତୁମ୍ ।)

Digitized by PPRACHIN, SOA

ବିଚର ହରିଣମାନେ ମରଣ ଭୟରେ ଆମିଷ ତ୍ୟାଗକରି ତୃଣ ଭୋଜନରେ ଜୀବନ ଧାରଣ କରନ୍ତି । ତଥାପି ସେମାନଙ୍କୁ ମାରିବା ପାଇଁ ବ୍ୟାଧମାନଙ୍କର କି ଆଗ୍ରହ ! ୩

(ଚତୁର୍ଦିଗକୁ ଗ୍ରହିଁ) ହେ ବନ୍ଧୁ ଜିଷ୍ଣୁଦାସ, ତୁମେ କିପରି ପଦେ ଉତ୍ତର ବି ଦେଉନାହଁ ? ଅବା ଏଭଳି ସମୟରେ ଦୃଷ୍ଟିପଥକୁ ମଧ୍ୟ ଆସିବା ଲୋକ ଦୁର୍ଲଭ । (ଅଶ୍ରୁଭରା ଚକ୍ଷୁରେ) ଏଇ ମୋର ପ୍ରିୟ ସାଥୀମାନେ ଅଶ୍ରୁପାତ କରି ଏବଂ ତଦ୍ଦ୍ୱାର ସତେ ଯେପରି ପ୍ରତୀକାର କରି ଫେରିଯାଉଛନ୍ତି ଗଭୀର ଶୋକରେ ସେମାନଙ୍କର ମୁଖ ମ୍ଳାନ ହୋଇଗଲଣି । ସେମାନେ ଅଶ୍ରୁପୂର୍ଣ୍ଣ ଦୃଷ୍ଟିରେ ମୋତେ ଗ୍ରହିଁ ଗ୍ରହିଁ ଯାଉଛନ୍ତି ।

[ଯିବାକୁ ଲାଗିଲେ]

ଚଣ୍ଡାଳଦ୍ୱୟ—ଆର୍ଯ୍ୟ ଚନ୍ଦନ ଦାସ, ବଧ୍ୟ ଭୂମିରେ ଆସି ପହଞ୍ଚିଛ । ତେଣୁ ପରିବାର-ଲୋକଙ୍କୁ ବିଦାୟ ଦିଅ ।

ଚନ୍ଦନ—(ପତ୍ନୀକୁ) ପ୍ରିୟେ, ସହଧର୍ମିଣୀ ! ବର୍ତ୍ତମାନ ପୁତ୍ର ସହିତ ଫେରିଯାଅ । ଏହା ବଧ୍ୟସ୍ଥାନ । ଆଉ ଆଗକୁ ଅନୁସରଣ କରିବା ଉଚିତ ନୁହେଁ ।

ପତ୍ନୀ— [କାନ୍ଦି କାନ୍ଦି] ଆର୍ଯ୍ୟ ! ଆପଣ ପରଲୋକକୁ ଯାଉଛନ୍ତି, ଦେଶାନ୍ତରକୁ ନୁହେଁ । ତେଣୁ କୁଳବଧୂ ପକ୍ଷରେ ଫେରିଯିବା ଉଚିତ ହେବନାହିଁ ।

ଚନ୍ଦନ— ଆର୍ଯ୍ୟେ, ମୋର ଏହି ମୃତ୍ୟୁ ମିତ୍ରକାର୍ଯ୍ୟ ନିମନ୍ତେ ଘଟୁଛି, ବ୍ୟକ୍ତିଗତ ଦୋଷରୁ ନୁହେଁ । ତେଣୁ ତୁମର ଆନନ୍ଦିତ ହେବାର କଥା । କାନ୍ଦୁଛ କାହିଁକି ?

ପତ୍ନୀ— ଆର୍ଯ୍ୟ, ଯଦି ଏପରି, ତେବେ କୁଳବଧୂ ପକ୍ଷରେ ଫେରିଯିବା ଉଚିତ ହେବନାହିଁ ।

Digitized by PPRACHIN, SOA

ଚନ୍ଦନ- ଅଧ କଂ ବ୍ୟବସିତଂ ଅଜ୍ଜାଏ ? (ଅଥ କଂ ବ୍ୟବସିତମ୍ ଆର୍ଯ୍ୟୟା ?)

କୁଟୁମ୍ବିନୀ- (ସବାଷ୍ପମ୍) ଭଅବଦୋ ଚଲଣେ ମଣୁଗଚ୍ଛନ୍ତୀଏ ଅପ୍ପାଣୁଗ୍ଗହୋ ହୋଦି ତ୍ତି । (ଭର୍ତ୍ତୁଶ୍ଚରଣମନୁଗଚ୍ଛନ୍ତ୍ୟା ଆତ୍ମାନୁଗ୍ରହୋ ଭବତୁ ଇତି ।)

ଚନ୍ଦନ- ଅଜ୍ଜେ ! ଦୁବ୍ବବସିଦଂ ଏଦଂ ଦେ । ତା ଦାଣିଂ ଅଜ୍ଜାଏ ଇଅଂ ଅସୁହିଦ-ଲୋଅବବହାରେ କୁମାରେ ଅଣୁଗେହ୍ଣିଦବ୍ବୋ ତ୍ତି । (ଆର୍ଯ୍ୟେ ! ଦୁର୍ବ୍ୟବସିତ ମିଦଂ ତେ । ତଦ୍ ଇଦାନୀମ୍ ଆର୍ଯ୍ୟୟା ଅୟମ୍ ଅସ୍ପୃଷ୍ଟଲୋକବ୍ୟବହାରଃ କୁମାରଃ ଅନୁଗ୍ରହୀତବ୍ୟଃ ଇତି ।)

କୁଟୁମ୍ବିନୀ- ଅଣୁଗେହ୍ଣନ୍ତୁ ଣଂ ପସଣ୍ଣାଓ କୁଳଦେବଦାଓ । ଜାଦ ! ପୁତ୍ତଅ ! ପଣମ ଅପଚ୍ଛିମଅସ୍ସ ପିଦୁଣୋ ପାଏସୁଂ । (ଅନୁଗୃହ୍ଣନ୍ତୁ ଏନଂ ପ୍ରସନ୍ନାଃ କୁଳଦେବତାଃ । ଜାତ ! ପୁତ୍ରକ ! ପ୍ରଣମ ଅପଶ୍ଚିମସ୍ୟ ପିତୁଃ ପାଦୟୋଃ)

ପୁତ୍ରଃ- (ପାଦୟୋ ର୍ନିପତ୍ୟ) ତାଦ ! ମଏ ତାଦବିରହିଦେଣ କିଂ ଅଣୁଚିଟ୍ଠିଦବ୍ବଂ ? (ତାତ ! ମୟା ତାତବିରହିତେନ କିମ୍ ଅନୁଷ୍ଠାତବ୍ୟମ୍ ?)

ଚନ୍ଦନ- ପୁତ୍ତ ! ଚାଣକ୍କବିରହିଦେ ଦେସେ ବସିଦବ୍ବଂ । (ପୁତ୍ର ! ଚାଣକ୍ୟବିରହିତେ ଦେଶେ ବସ୍ତବ୍ୟମ୍ ।)

ଚଣ୍ଡାଳୌ- ଅଜ୍ଜ ! ଚନ୍ଦଣଦାସ ! ଣିଖାଦେ ଶୂଲେ । ତା ଦାଣିଂ ସଜ୍ଜୋ ହୋହି ! (ଆର୍ଯ୍ୟ ! ଚନ୍ଦନଦାସ ! ନିଖାତଃ ଶୂଳଃ, ତଦ୍ ଇଦାନୀଂ ସଜ୍ଜୋ ଭବ ।)

କୁଟୁମ୍ବିନୀ- ଅଜ୍ଜା ! ପଲିତ୍ତାଅଧ, ପଲିତ୍ତାଅଧ । (ଆର୍ଯ୍ୟାଃ ! ପରିତ୍ରାୟଧ୍ୱଂ, ପରିତ୍ରାୟଧ୍ୱମ୍ ।)

ଚନ୍ଦନ- ଭଦମୁହ ! ମୁହୁତ୍ତଅଂ ଚିଟ୍ଠ । ଅଇ ଜୀବଦବଚ୍ଛଲେ ! କିଂ ଏତ୍ତିଅ ଆକ୍କନ୍ଦସି ? ସଗ୍ଗଂ ଗଦା କ୍ଖୁ ତେ ଦେବା ଣନ୍ଦା, ଜେ ଦୁକ୍ଖିଦ' ଇତ୍ଥୀଜଣଂ ପପଇଦଣଂ ଅଣୁକମ୍ପନ୍ତ । (ଭଦ୍ରମୁଖ ! ମୁହୂର୍ତ୍ତଂ ତିଷ୍ଠ । ଅୟି ଜୀବତବତ୍ସଲେ ! କିମର୍ଥ ଆକ୍ରନ୍ଦସି ? ସ୍ୱର୍ଗଂ ଗତାଃ ଖଲୁ ତେ ଦେବାଃ ନନ୍ଦାଃ, ଯେ ଦୁଃଖିତଂ ସ୍ତ୍ରୀଜନଂ ପ୍ରତ୍ୟଦନମନୁକମ୍ପନ୍ତେ ।)

ପ୍ରଥମଶ୍ଚଣ୍ଡାଳଃ— ଅଲେ ବେଣୁବେତ୍ତଆ ! ଗେହ୍ନିଅ ଇମଂ ଚନ୍ଦଣଦାସଂ ଘଲଜଣୋ ସଅଂ ଜ୍ଜେବ ଗମିସ୍ସଦି । (ଅରେ ବେଣୁବେତ୍ରକ ! ଗୃହାଣ ଇମଂ ଚନ୍ଦନଦାସମ୍ । ଗୃହଜନଃ ସ୍ୱୟମେବ ଗମିଷ୍ୟତି ।

ଦ୍ୱିତୀୟଶ୍ଚଣ୍ଡାଳଃ—ଅଲେ ବଜ୍ଜଲୋମଆ ! ଏସେ ଗେହ୍ଣାମି । (ଅରେ ବଜ୍ରଲୋମକ ! ଏଷ ଗୃହ୍ଣାମି ।)

ଚନ୍ଦନ- ଭଦମୁହ ! ଚିଟ୍ଠ ମୁହୁତ୍ତଅଂ, ଜାବ ପୁତ୍ତଅଂ ପରିସ୍ସଆମି ; (ଇତି ପୁତ୍ରଂ ପରିଷ୍ୱଜ୍ୟ ମୂର୍ଦ୍ଧ୍ନି ସମାଘ୍ରାୟ) ଜାଦ ! ପୁତ୍ତଅ ! ଅବସ୍ସଂ ଭବିଦବ୍ବେ ବିଣାସେ ମିତ୍ତକଜ୍ଜଂ ସମୁବ୍ବହମାଣେ ବିଣାସମଣୁହବାମି । (ଭଦ୍ରମୁଖ ! ତିଷ୍ଠ ମୁହୂର୍ତ୍ତମ୍, ପୁତ୍ରକଂ ପରିଷ୍ୱଜାମି । ଜାତ ! ପୁତ୍ରକ ! ଅବଶ୍ୟମ୍ଭାବିତବ୍ୟେଽପି ବିନାଶେ ମିତ୍ରକାର୍ଯ୍ୟଂ ସମୁଦ୍ବହମାନୋ ବିନାଶମନୁଭବାମି ।)

Digitized by PPRACHIN, SOA

ଚନ୍ଦନ– ଆର୍ଯ୍ୟେ, ତୁମେ କ'ଣ କରିବାକୁ ଭବୁଛ ?

ପତ୍ନୀ–ସ୍ୱାମୀଙ୍କର ପାଦ ଅନୁସରଣ କରି ଧନ୍ୟ ହେବି ।

ଚନ୍ଦନ– ଆର୍ଯ୍ୟେ, ତୁମେ ଅନୁଚିତ ସଂକଳ୍ପ କରିଛ । ଏହି ଶିଶୁପୁତ୍ର ସାଂସାରିକ ଅଭିଜ୍ଞତା ଲଭ କରିନାହିଁ । ତେଣୁ ଏହାକୁ ପାଳନ କରିବା ତୁମ ପକ୍ଷରେ ଉଚିତ ।

ପତ୍ନୀ–ସଦୟ କୁଳଦେବତାମାନେ ଏହାକୁ ପାଳନ କରନ୍ତୁ । (ପୁତ୍ରକୁ) ପୁତ୍ର, ପିତା ଚିରଦିନ ପାଇଁ ଯାଉଛନ୍ତି । ତାଙ୍କ ପାଦତଳେ ପଡ ।

ପୁତ୍ର–(ପାଦତଳେ ପଡ଼ି) ପିତା, ଆପଣଙ୍କ ବିନା ମୁଁ କଅଣ କରିବି ?

ଚନ୍ଦନ–ପୁତ୍ର, ଯେଉଁ ଦେଶରେ ଚାଣକ୍ୟ ନଥିବ, ସେହି ଦେଶରେ ବାସ କରିବୁ ।

ଚଣ୍ଡାଳଦ୍ୱୟ–ଆର୍ଯ୍ୟ ଚନ୍ଦନଦାସ, ଶୂଳ ପୋତା ହେଲଣି ! ପ୍ରସ୍ତୁତ ହୁଅ ।

ପତ୍ନୀ– ହେ ଭଦ୍ରମାନେ ! ରକ୍ଷାକର ! ରକ୍ଷାକର !

ଚନ୍ଦନ ମୁହୂର୍ତ୍ତେ ଅପେକ୍ଷା କର । ଗୋ ପ୍ରାଣପ୍ରିୟେ ! କାହିଁକି ବିଳାପ କରୁଛ ? ମହାରାଜା ନନ୍ଦ, ଯେ ଦୁଃଖିତ ସ୍ତ୍ରୀଲୋକଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରୁଥିଲେ, ସେ ସ୍ୱର୍ଗକୁ ଗଲେଣି ।

୧ମ ଚଣ୍ଡାଳ–ଆରେ ବେଣୁବେତ୍ରକ ! ଚନ୍ଦନଦାସକୁ ଧର । ତା' ଘରଲୋକ ଆପେ ଆପେ ଚାଲିଯିବେ ।

୨ୟ ଚଣ୍ଡାଳ– ଆରେ ବଜ୍ରଲୋମକ ! ଏଇ ଧରିଲି ।

ଚନ୍ଦନ–ମହାଶୟ ! ଟିକିଏ ରହନ୍ତୁ । ମୁଁ ପୁତ୍ରକୁ ଟିକିଏ ଆଲିଙ୍ଗନ କରେଁ । (ପୁତ୍ରର ମସ୍ତକ ଚୁମ୍ବନ କରି) ପୁତ୍ର ! ମୃତ୍ୟୁ ତ ସମସ୍ତଙ୍କ ପକ୍ଷରେ ନିଶ୍ଚିତ । ମୁଁ ମିତ୍ର-କାର୍ଯ୍ୟରେ ମୃତ୍ୟୁ ବରଣ କରୁଛି ।

Digitized by PPRACHIN, SOA

ପୁତ୍ରଃ- ତାଦ ! ଏଦଂ କଖୁ ଭଣିଦବ୍ବଂ, କିଂ କୁଲକ୍କମୋ କ୍ଖୁ ଏସୋ ଅହ୍ମାଣଂ ।
(ଇତି ପାଦୟୋଃ ପତତି ।) (ତାତ ! ଇଦଂ ଖଲୁ ଭଣିତବ୍ୟଂ କିଂ କୁଲକ୍ରମଃ ଖଲୁ ଏଷଃ ଅସ୍ମାକମ୍ ।)

ଦ୍ୱିତୀୟଶ୍ଚଣ୍ଡାଲଃ- ଅଲେ ! ଗେହ୍ଣ ବଜ୍ଝଲୋମଆ ! (ଅରେ ! ଗୃହାଣ ବଜ୍ରଲୋମକ !)
(ଚଣ୍ଡାଲୌ ଗୃହୀତଃ ଚନ୍ଦନଦାସ ମାରୋପୟିତୁଂ ଶୂଳେ)

କୁଟୁମ୍ବିନୀ- (ସୋରସ୍ତାଡମ୍) ଅଜ୍ଜା ! ପଲିତ୍ତାଅଧ ପଲିତ୍ତାଅଧ । (ଆର୍ଯ୍ୟାଃ ! ପରିତ୍ରାୟଧ୍ୱଂ, ପରିତ୍ରାୟଧ୍ୱମ୍)

ରାକ୍ଷସଃ- (ପଟାକ୍ଷେପେଣ ପ୍ରବିଶ୍ୟ) ଭବତି ! ନ ଭେତବ୍ୟଂ, ନ ଭେତବ୍ୟମ୍ ।
ଭୋ ଭୋ ଶୂଳାୟତନାଃ ! ନ ଖଲୁ ବ୍ୟାପାଦୟିତବ୍ୟଶ୍ଚନ୍ଦନଦାସଃ । କୁତଃ—

ଯେନ ସ୍ୱାମିକୁଳଂ ରିପୋରିବ କୁଳଂ ଦୃଷ୍ଟଂ ବିନଶ୍ୟତ୍ପୁରା
ମିତ୍ରାଣାଂ ବ୍ୟସନେ ମହୋତ୍ସବ ଇବ ସ୍ୱସ୍ଥେନ ଯେନ ସ୍ଥିତମ୍ ।
ଆତ୍ମା ଯସ୍ୟ ବଧାୟ ବଃ ପରିଭବକ୍ଷେତ୍ରୀକୃତୋଽପି ପ୍ରିୟଃ
ତସ୍ୟାୟଂ ମମ ମୃତ୍ୟୁଲୋକପଦବୀ ବଧ୍ୟସ୍ରଗାବଧ୍ୟତାମ୍ ॥ ୪ ॥

ଚନ୍ଦନ- (ବିଲୋକ୍ୟ ସବାଷ୍ପମ୍) ଅମଚ ! କିଂ ଏଦଂ ଦେ ବବ୍‌ବସିଦଂ ? (ଅମାତ୍ୟ ! କିମିଦଂ ତେ ବ୍ୟବସିତମ୍ ?)

ରାକ୍ଷସଃ- ତ୍ୱଦୀୟସୁଚରିତୈକଦେଶସ୍ୟ ଅନୁକରଣଂ କିଲ ।

ଚନ୍ଦନ- ଅମଚ ! ସବ୍‌ବଂ ବି ମେ ଣିପ୍ଫଲଂ ଏଦଂ ପଅଆସ କରନ୍ତେଣ ଣ ମେ ପଓିଅଂ ଅଣୁଚିଟ୍ଠିଦଂ ଅମଚେଣ । (ଅମାତ୍ୟ ! ସର୍ବମପି ମେ ନିଷ୍ଫଳମିମଂ ପ୍ରୟାସ କୁର୍ବତା ନ ପ୍ରିୟ ମନୁଷ୍ଠିତ ମମାତ୍ୟେନ ।)

ରାକ୍ଷସଃ- ସଖେ ଚନ୍ଦନଦାସ ! କୃତମୁପାଲମ୍ଭେନ, ସ୍ୱାର୍ଥପ୍ରଧାନୋ ହି ଜୀବଲୋକଃ ।
ଭଦ୍ରମୁଖ ! ଅସ୍ମଦର୍ଥୋ ନିବେଦ୍ୟତାଂ ତାବଦ୍ ଦୁରାତ୍ମନେ ଚାଣକ୍ୟାୟ ।

ଚଣ୍ଡାଳୌ- ଅଧ କିଂ ତ୍ତି ? (ଅଥ କିମ୍ ଇତି ?)

ରାକ୍ଷସଃ— ଦୁଷ୍କାଳେଽପି କଳାବତଜ୍ଜନରୁଚୌ ପ୍ରାଣୈଃ ପରଂ ରକ୍ଷତା
ନୀତଂ ଯେନ ଯଶସ୍ୱିନାଽତିଲଘୁତାମୌଶୀନରୀୟଂ ଯଶଃ ।
ବୁଦ୍ଧାନାମପି ଚେଷ୍ଟିତଂ ସୁଚରିତୈଃ କ୍ଳିଷ୍ଟଂ ବିଶୁଦ୍ଧାତ୍ମନା
ପୂଜାର୍ହୋଽପି ସ ଯତ୍କୃତେ ତବ ଗତୋ ବଧ୍ୟତ୍ୱମେଷୋଽସି ସଃ ॥ ୫ ॥

ପ୍ରଥମଃ- ଅଲେ ବେଣୁବେତ୍ତଆ । ତୁମଂ ଦାବ ଚେଟ୍ଠିଚନ୍ଦଣଦାସ ଗେହ୍ଣିଅ ଇମସ୍ସ ମସାଣପାଦବସ୍ସ ଚ୍ଛାଆଏ ମୁହୁତ୍ତଅଂ ଚିଟ୍ଠ, ଜାବ ଅହଂ ଅଜ୍ଜଚାଣକ୍କସ୍ସ ଣିବେଦେମି ଗହୀ ଦୁକ୍ଖେଦୋ ଅମଚରକ୍‌ଖସୋ ତ୍ତି । (ଅରେ ବେଣୁବେତ୍ରକ ? ତ୍ୱଂ ତାବତ୍ ଶ୍ରେଷ୍ଠି ଚନ୍ଦନଦାସ ଗୃହୀତ୍ୱା ଅସ୍ୟ ଶ୍ମଶାନ ପାଦପସ୍ୟ ଛାୟାୟାଂ ମୁହୂର୍ତ୍ତଂ ତିଷ୍ଠ ଯାବତ୍ ଆର୍ଯ୍ୟଚାଣକ୍ୟସ୍ୟ ନିବେଦୟାମି ଯଥା ଗୃହୀତୋଽମାତ୍ୟ ରାକ୍ଷସ ଇତି ।)

ଦ୍ୱିତୀୟଃ- ଅଲେ ବଜ୍ଝ ଲୋମଆ ! ଏବ୍‌ବଂ ହୋଦୁ । (ଅରେ ବଜ୍ରଲୋମକ ! ଏବଂ ଭବତୁ ।)

Digitized by PPRACHIN, SOA

ପୁତ୍ର– ପିତା ! ଆପଣ କହି ଯାଆନ୍ତୁ ଯେ, ଏହା ଆମର କୁଳଧର୍ମ ।

(ପାଦତଳେ ପଡ଼ିଲା)

୨ୟ ଚଣ୍ଡାଳ–ଆରେ ବଜ୍ରଲୋମକ ! ଏହାକୁ ଧର । (ଉଭୟ ଚଣ୍ଡାଳ ଚନ୍ଦନଦାସଙ୍କୁ ଶୂଳରେ ବସାଇବାକୁ ଧରିଲେ ।)

ପତ୍ନୀ– (ସ୍ୱବକ୍ଷରେ ଆଘାତ କରି) ମହାଶୟ, ରକ୍ଷାକର ! ରକ୍ଷାକର !

ରାକ୍ଷସ–[ସହସା ପରଦା ଆଡ଼େଇ ପ୍ରବେଶ କରି] ଭଦ୍ରେ ! ଭୟ କର ନାହିଁ,ଭୟ କର ନାହିଁ । ହେ ହେ ଘାତକଗଣ ! ଚନ୍ଦନଦାସଙ୍କୁ ହତ୍ୟା କରନାହିଁ । କାରଣ––

ମୁଁ ହେଉଛି ସେହି ରାକ୍ଷସ, ଯେ ନିଜର ପ୍ରଭୁକୁଳକୁ ଶତ୍ରୁକୁଳ ପରି ଧ୍ୱଂସ ହୋଇଯିବାର ଦେଖିଛି; ଯେ ମିତ୍ରମାନଙ୍କର ବିପଦରେ ମହୋତ୍ସବରେ ସୁଖୀ ହେଲା ଭଳି ରହିଛି; ଯାହାର ପ୍ରାଣ ଅବଜ୍ଞାର ପାତ୍ର ହୋଇଥିଲେହେଁ ତୁମ୍ଭମାନଙ୍କ ଦ୍ୱାରା ନିଃଶେଷ ହେବାପାଇଁ ହିଁ ରହିଛି, ସେହି ରାକ୍ଷସର ଗଳାରେ ଯମଭୁବନର ସରଣୀ ସ୍ୱରୂପ ଏହି ହତ୍ୟାକାଳୀନ ମାଳାକୁ ପିନ୍ଧାଇ ଦିଅ ।

ଚନ୍ଦନ– [ସ୍ନେହିଁ ଅଶ୍ରୁପୂର୍ଣ୍ଣ ଚକ୍ଷୁରେ] ଅମାତ୍ୟ ! ଆପଣ ଏ କଣ କରୁଛନ୍ତି ?

ରାକ୍ଷସ– ଏହା ତୁମ୍ଭ ମହାନ ଚରିତର କିୟଦଂଶ ଅନୁକରଣ ମାତ୍ର ।

ଚନ୍ଦନ–ଅମାତ୍ୟ ! ଆପଣ ମୋର ସମସ୍ତ ପ୍ରୟାସକୁ ବିଫଳ କରି ଭଲ କରୁନାହାଁନ୍ତି ।

ରାକ୍ଷସ–ମିତ୍ର ଚନ୍ଦନଦାସ ! ମୋତେ ଭର୍ତ୍ସନା କରନାହିଁ । ସଂସାରରେ ସମସ୍ତେ ସ୍ୱାର୍ଥକୁ ଦେଖନ୍ତି । (ଜଣେ ଚଣ୍ଡାଳକୁ) ଭଦ୍ର, ଦୁରାତ୍ମା ଚାଣକ୍ୟକୁ ଜଣାଅ––

ଚଣ୍ଡାଳଦ୍ୱୟ–କଅଣ ?

ରାକ୍ଷସ–ଏହି ଖଳରୁଚିପୂର୍ଣ୍ଣ ମନ୍ଦ କଳିଯୁଗରେ ମଧ୍ୟ ଯେଉଁ ଯଶସ୍ୱୀ ବ୍ୟକ୍ତି ନିଜ ପ୍ରାଣ ବିନିମୟରେ ଅନ୍ୟକୁ ରକ୍ଷାକରି ଶିବିଙ୍କର ଯଶକୁ ମଧ୍ୟ ଲଘୁ କରିଦେଇଛନ୍ତି, ଯେଉଁ ବିଶୁଦ୍ଧାତ୍ମା ବ୍ୟକ୍ତି ନିଜର ସୁକର୍ମ ଦ୍ୱାରା ବୋଧିସତ୍ତ୍ୱମାନଙ୍କର କାର୍ଯ୍ୟକଳାପକୁ ମଧ୍ୟ ନିଷ୍ଫଳ କରିଦେଇଛନ୍ତି, ସେହି ପୂଜାସ୍ପଦ ବ୍ୟକ୍ତି (ଚନ୍ଦନଦାସ) ଯାହା ପାଇଁ ତୁମ୍ଭର ବଧ୍ୟ ହେବାକୁ ଯାଉଛନ୍ତି , ମୁଁ ସେହି ରାକ୍ଷସ ଉପସ୍ଥିତ ।

୧ମ ଚଣ୍ଡାଳ– ଆରେ ବେଣୁ ବେତ୍ରକ ! ତୁ ତା' ହେଲେ ଚନ୍ଦନ ଦାସଙ୍କୁ ଧରି ଏହିଠାରେ ଏହି ଶ୍ମଶାନ ଗଛ ଛାଇରେ ମୁହୂର୍ତ୍ତେ ରହ । ମୁଁ ଯାଇ ଆର୍ଯ୍ୟ ଚାଣକ୍ୟଙ୍କୁ ଜଣାଇ ଦିଏଁ, ଅମାତ୍ୟ ରାକ୍ଷସ ଧରା ପଡ଼ିଛନ୍ତି ।

୨ୟ ଚଣ୍ଡାଳ- ଆରେ ବଜ୍ରଲୋମକ ! ସେଇଆ କର ।

Digitized by PPRACHIN, SOA

(ଇତି ସପୁତ୍ରଦାରେଣ ଚନ୍ଦନଦାସେନ ସହ ନିଷ୍କ୍ରାନ୍ତାଃ)

ପ୍ରଥମଃ- (ରାକ୍ଷସେନ ସହ ପରିକ୍ରମ୍ୟ) କେ କେ ଏତ୍ଥ ଦୁଆଲିଆଣଂ ? ଣିବେଦେଧ ଦାବ ଣନ୍ଦକୁଲସେଣ୍ଣ-ପବ୍ବଦ-ଚୁଣ୍ଣଣ-କୁଳିସସ୍ସ ମୌଲିଅକୁଲପଦିଟ୍ଠାବିଦଧମ୍ମ-ପବ୍ବଦସ୍ସ ଅଜ୍ଜଚାଣକ୍କସ୍ସ । (କଃ କୋଽତ୍ର ଦୌବାରିକାଣାମ୍ ? ନିବେଦୟତ ତାବତ୍ ନନ୍ଦକୁଲ-ସୈନ୍ୟ ପର୍ବତ- ଚୂର୍ଣ୍ଣନକୁଳିଶସ୍ୟ ମୌର୍ଯ୍ୟକୁଲପ୍ରତିଷ୍ଠାପିତଧର୍ମ-ପର୍ବତସ୍ୟ ଆର୍ଯ୍ୟଚାଣକ୍ୟସ୍ୟ ।)

ରାକ୍ଷସଃ- (ସ୍ୱଗତମ୍) ଏତଦପି ନାମ ରାକ୍ଷସେନ ଶ୍ରୋତବ୍ୟମ୍ !

ଚଣ୍ଡାଲଃ- ଏସୋ କ୍ଖୁ ଅଜ୍ଜଣୀଦିସଞ୍ଜମିଦବୁଦ୍ଧିପଳହଲେ ଗହିଦେ ଅମଚ୍ଚରକ୍ଖସେ ତ୍ତି । (ଏଷ ଖଳୁ ଆର୍ଯ୍ୟନୀତିସଂଯମିତବୁଦ୍ଧିପରସରୋ ଗୃହୀତୋଽମାତ୍ୟ ରାକ୍ଷସଃ ଇତି ।)

(ତତଃ ପ୍ରବିଶତି ଜବନିକାବୃତଶରୀରୋ ମୁଖମ ସଦୃଶ୍ୟଃ ସହର୍ଷ ଷ୍ଟାଣକ୍ୟଃ

ଚାଣକ୍ୟଃ—ଭଦ୍ର ! କଥୟ କଥୟ—

କେନୋତ୍ତୁଙ୍ଗ ଶିଖାକଲାପକପିଲୋ ବଦ୍ଧଃ ପଟାନ୍ତେ ଶିଖୀ ?
ପାଶୈଃ କେନ ସଦାଗତେରଗତିତା ସଦ୍ୟଃ ସମାସାଦିତା ?
କେନାନେକପ-ଦାନବାସିତସଟଃ ସିଂହୋଽର୍ପିତଃ ପଞ୍ଜରେ ?
ଭୀମଃ କେନ ଚ ନୈକନକ୍ରମକରୋ ଦୋର୍ଭ୍ୟାଂ ପ୍ରତୀର୍ଣ୍ଣୋଽର୍ଣ୍ଣବଃ ?

ଚଣ୍ଡାଲଃ- ଣଂ ଣୀଦିଣିଉଣବୁଦ୍ଧିଣା ଅଜ୍ଜେଣ ଜ୍ଜେବ । (ନନୁ ନୀତିନିପୁଣବୁଦ୍ଧିନା ଆର୍ଯ୍ୟେଣ ଏବ)

ଚାଣକ୍ୟଃ- ଭଦ୍ର ! ମା ମା ଏବମ୍ । ନନ୍ଦକୁଲଦ୍ୱେଷିଣା ଦୈବେନ ଇତି ବ୍ରୂହି ।

ରାକ୍ଷସଃ- (ବିଲୋକ୍ୟ ସ୍ୱଗତମ୍) ଅୟେ ! ଅୟଂ ସ ଦୁରାତ୍ମା, ଅଥବା ଅୟଂ ସ ମହାତ୍ମା କୌଟିଲ୍ୟଃ ? ଯତଃ—

ଆକରଃ ସର୍ବଶାସ୍ତ୍ରାଣାଂ ରତ୍ନାନାମିବ ସାଗରଃ ।
ଗୁଣୈର୍ନ ପରିତୁଷ୍ୟାମୋ ଯସ୍ୟ ମତ୍ସରିଣୋ ବୟମ୍ ॥ ୭ ॥

ଚାଣକ୍ୟଃ- (ବିଲୋକ୍ୟ ସହର୍ଷମ୍) ଅୟେ ! ଅୟମ୍ ଅମାତ୍ୟରାକ୍ଷସଃ, ଯେନ ମହାତ୍ମନା—

ଗୁରୁଭିଃ କଳ୍ପନାକ୍ଲେଶୈ ର୍ଦୀର୍ଘଜାଗର ହେତୁଭିଃ ।
ଚିରମାୟାସିତା ସେନା ବୃଷଳସ୍ୟ ମତେଶ୍ଚ ମେ ॥ ୮ ॥

(ଜବନିକାମ୍ ଅପନୀୟ ଉପସୃତ୍ୟ ଚ) ଭୋ ଭୋ ଅମାତ୍ୟ ରାକ୍ଷସ ! ବିଷ୍ଣୁଗୁପ୍ତଃ ଅଭିବାଦୟତେ ।

ରାକ୍ଷସଃ- (ସ୍ୱଗତ) ଅମାତ୍ୟ ଇତି ଲଜ୍ଜାକରମିଦାନୀଂ ବିଶେଷଣ ପଦମ୍ । (ପ୍ରକାଶମ୍) ଭୋ ଭୋ ବିଷ୍ଣୁଗୁପ୍ତ ! ନ ମାଂ ଶ୍ୱପାକସ୍ପର୍ଶଦୂଷିତଂ ସ୍ପୃଷ୍ଟୁମର୍ହସି ।

Digitized by PPRACHIN, SOA

(ଚନ୍ଦନ ଦାସଙ୍କୁ ତାଙ୍କର ପୁତ୍ର ଓ ସ୍ତ୍ରୀ ସହିତ ଘେନି ୨ୟ ଚଣ୍ଡାଳର ପ୍ରସ୍ଥାନ ।
୧ମ ଚଣ୍ଡାଳ–(ରାକ୍ଷସଙ୍କ ସହିତ କିଛି ଦୂର ଯାଇ) କିଏ ? କିଏ ଏଠାରେ ଅଛି ?
ନନ୍ଦକୂଳସୈନ୍ୟବାହିନୀ ରୂପକ ପର୍ବତମାଳାର ବଜ୍ରସ୍ୱରୂପ, ମୌର୍ଯ୍ୟକୁଳ-ପ୍ରତିଷ୍ଠାତା,ଧର୍ମରାଶି ସ୍ୱରୂପ ଯେଉଁ ଆର୍ଯ୍ୟ ଚାଣକ୍ୟ, ତାଙ୍କୁ ଜଣାଅ–
ରାକ୍ଷସ– (ସ୍ୱଗତ) ରାକ୍ଷସକୁ ଏହା ପୁଣି ଶୁଣିବାକୁ ପଡ଼ିଲା !
ଚଣ୍ଡାଳ--ଆର୍ଯ୍ୟଙ୍କ ନୀତିରେ ଅମାତ୍ୟରାକ୍ଷସଙ୍କର ସମସ୍ତ ବୁଦ୍ଧି ଛନ୍ଦି ହୋଇଯାଉଛି । ସେ ଧରାପଡ଼ିଛନ୍ତି ।

(ହର୍ଷୋତ୍‌ଫୁଲ୍ଲ ଚାଣକ୍ୟଙ୍କର ପ୍ରବେଶ । ତାଙ୍କର ଶରୀର ପରଦା ଆଢ଼ୁଆଳରେ ଆବୃତ ଥିଲା । ମୁହଁଟି କେବଳ ଦେଖା ଯାଉଥିଲା ।)

ଚାଣକ୍ୟ– ଭଦ୍ର ! କହ, କହ ––

କିଏ ଉତ୍ତୁଙ୍ଗ ଶିଖାରାଜି ବିଶିଷ୍ଟ ପିଙ୍ଗଳବର୍ଣ୍ଣ ଅଗ୍ନିକୁ ପଣତରେ ବାନ୍ଧିଲା ? କିଏ ପ୍ରଚଣ୍ଡ ବାୟୁକୁ ଫାଶରେ ବାନ୍ଧି ଗତିହୀନ କଲା ? ଯେଉଁ ସିଂହର କେଶର ହସ୍ତୀମଦଜଳରେ ସୁଗନ୍ଧିତ, ସେଭଳି ସିଂହକୁ କିଏ ପିଞ୍ଜରାବଦ୍ଧ କଲା ? କିଏ ଅସଂଖ୍ୟ କୁମ୍ଭୀର ମକରପୂର୍ଣ୍ଣ ସମୁଦ୍ରକୁ ହାତରେ ପହଁରି ପାର ହୋଇଗଲା ?

ଚଣ୍ଡାଳ– ନୀତିନିପୁଣ ବୁଦ୍ଧିମାନ୍ ଆପଣ ।
ଚାଣକ୍ୟ– ନା, ନା, ତାହା କୁହ ନାହିଁ । କୁହ–ନନ୍ଦକୁଳ ବିଦ୍ୱେଷୀ ଦୈବ ।
ରାକ୍ଷସ– (ସ୍ୱଗତ) ଏ ଦୁରାତ୍ମା ଚାଣକ୍ୟ ? ନା ମହାତ୍ମା ଚାଣକ୍ୟ ?

ସମୁଦ୍ର ଯେପରି ରତ୍ନରାଶିର ଆକାର,ଏ ସେହିପରି ଶାସ୍ତ୍ର ରାଶିର ଆକାର । ମୁଁ ଈର୍ଷ୍ୟାଳୁ ହୋଇଥିବାରୁ ଏହାଙ୍କ ଗୁଣରେ ଆନନ୍ଦ ଲାଭ କରିପାରୁନାହିଁ । ୭

ଚାଣକ୍ୟ– (ରାକ୍ଷସଙ୍କୁ ଦେଖି ଆନନ୍ଦରେ ସ୍ୱଗତ) ଆଃ ! ଏ ସେହି ଅମାତ୍ୟ ରାକ୍ଷସ, ଯେଉଁ ମହାତ୍ମାଙ୍କ ଯୋଗୁ–

ଚନ୍ଦ୍ରଗୁପ୍ତଙ୍କ ସୈନ୍ୟବାହିନୀ ଦୀର୍ଘ ପ୍ରସ୍ତୁତି କରି ଆସିଛନ୍ତି ଏବଂ ମୋର ମନ ନାନା ପ୍ରକାର ଯୋଜନା କରି ଆସିଛି । ତଜ୍ଜନିତ କ୍ଳେଶ ଦୀର୍ଘ ଅନିଦ୍ରା ସୃଷ୍ଟି କରିଛି । ଫଳରେ ଉଭୟେ (ଚନ୍ଦ୍ରଗୁପ୍ତଙ୍କ ସେନା ଓ ମୋର ମନ) ବହୁ କଷ୍ଟ ପାଉଛନ୍ତି । ୮ ।

(ପରଦା ଆଡେଇ ଦେଇ ନିକଟକୁ ଆସି) ହେ ହେ ଅମାତ୍ୟ ରାକ୍ଷସ ! ବିଷ୍ଣୁଗୁପ୍ତ ଆପଣଙ୍କୁ ଅଭିବାଦନ କରୁଛି ।

ରାକ୍ଷସ- (ସ୍ୱଗତ) ଅମାତ୍ୟ ବୋଲି ବିଶେଷଣଟି ବର୍ତ୍ତମାନ ମୋ ପକ୍ଷରେ ଲଜ୍ଜା-ଜନକ । [ପ୍ରକାଶ୍ୟରେ] ହେ ବିଷ୍ଣୁଗୁପ୍ତ ! ମୋତେ ଚଣ୍ଡାଳ ସ୍ପର୍ଶ କରିଥିବା ହେତୁ ମୁଁ ଅପବିତ୍ର । ତେଣୁ ମୋତେ ଛୁଇଁବା ଉଚିତ ହେବନାହିଁ ।

Digitized by PPRACHIN, SOA

ଚାଣକ୍ୟଃ- ଅମାତ୍ୟରାକ୍ଷସ ! ନାୟଂ ଶ୍ୱପାକଃ । ଅୟଂ ଖଲୁ ଦୃଷ୍ଟପୂର୍ବ ଏବ ଭବତା ସିଦ୍ଧାର୍ଥକନାମା ରାଜପୁରୁଷଃ । ଯୋଽପ୍ୟସୌ ଦ୍ୱିତୀୟଃ, ସୋଽପି ସମିଦ୍ଧାର୍ଥକନାମା ରାଜପୁରୁଷଃ ଏବ । ତାଭ୍ୟାମେବ ସହ ସୌହାର୍ଦମୁତ୍ପାଦ୍ୟ ଶକଟଦାସୋଽପି ତପସ୍ୱୀ ସଂ ତାଦୃଶ ମଜାନନ୍ନେବ କପଟଲେଖଂ ମୟା ଏବଂ ଲେଖିତଃ ।

ରାକ୍ଷସଃ- (ଆତ୍ମଗତମ୍) ଦିଷ୍ଟ୍ୟା ଶକଟଦାସଂ ପ୍ରତି ଅପନୀତୋ ବିକଲ୍ପଃ ।

ଚାଣକ୍ୟଃ- କିଂ ବହୁନା, ସଂକ୍ଷେପତଃ କଥୟାମି ।

ଭୃତ୍ୟାଃ ଭଦ୍ରଭଟାଦୟଃ ସ ଚ ତଥା ଲେଖଃ ସମିଦ୍ଧାର୍ଥକଃ
ତଚ୍ଚାଲଂକରଣତ୍ରୟଂ ସ ଭବତୋ ମିତ୍ରଂ ଭଦନ୍ତଃ କିଲ ।
ଜୀର୍ଣ୍ଣୋଦ୍ୟାନଗତଃ ସ ଚାର୍ତ୍ତିପୁରୁଷଃ କ୍ଲେଶଃ ସ ଚ ଶ୍ରେଷ୍ଠିନଃ
ସର୍ବଂ ମେ—(ଇତି ଅର୍ଦ୍ଧୋକ୍ତେ ଲଜ୍ଜାଂ ନାଟୟତି)
ବୃଷଳସ୍ୟ ବୀର ! ଭବତା ସଂଯୋଗମିଚ୍ଛୋର୍ନୟଃ ॥ ୯ ॥

ତଦ୍ ଏଷ ବୃଷଳଃ ତ୍ୱାଂ ଦ୍ରଷ୍ଟୁମାଗଚ୍ଛତି । ପଶ୍ୟ ଏନମ୍ ।

ରାକ୍ଷସଃ- (ସ୍ୱଗତମ୍) କା ଗତିଃ ? (ପ୍ରକାଶମ୍) ଏଷ ପଶ୍ୟାମି ।

(ତତଃ ପ୍ରବିଶତି ରାଜା ବିଭବତଶ୍ଚ ପରିବାରଃ)

ରାଜା- (ସ୍ୱଗତମ୍) ବିନୈବ ଯୁଦ୍ଧାଦାର୍ଯ୍ୟେଣ ପରାଜିତଂ ଦୁର୍ଜୟଂ ପରକୁଳମିତି ଲଜ୍ଜିତଃ ଇବାସ୍ମି । ମମ ହି—

ଫଳଯୋଗମବାପ୍ୟ ସାୟକାନାମନୟୋଗେନ ବିଲକ୍ଷତାଂ ଗତାନାମ୍ ।
ନ ଶୁଚେବ ଭବତ୍ୟଧୋମୁଖାନାଂ ନିଜତୂଣୀଶୟନ ବ୍ରତଂ ପ୍ରବୃତ୍ତେ ॥୧୦॥

ଅଥବା—

ବିଗୁଣୀକୃତକାର୍ମୁକୋଽପି ଜେତୁଂ ଭୁବି ଜେତବ୍ୟମସୌ ସମର୍ଥ ଏବ ।
ସ୍ୱପତୋଽପି ମମେବ ଯସ୍ୟ ତନ୍ତ୍ରେ ଗୁରବୋ ଜାଗ୍ରତି କାର୍ଯ୍ୟଜାଗରୂକାଃ ॥୧୧॥

(ଚାଣକ୍ୟମୁପସୃତ୍ୟ) ଆର୍ଯ୍ୟ ! ଚନ୍ଦ୍ରଗୁପ୍ତଃ ପ୍ରଣମତି ।

ଚାଣକ୍ୟଃ- ବୃଷଳ ! ସଂପନ୍ନାଃ ତେ ସର୍ବାଶିଷଃ, ତଦ୍ ଅଭିବାଦୟସ୍ୱ ତତ୍ରଭବନ୍ତମମାତ୍ୟରାକ୍ଷସମ୍ । ପୈତୃକସ୍ତବାୟମ୍ ଅମାତ୍ୟମୁଖ୍ୟଃ ।

ରାକ୍ଷସଃ- (ସ୍ୱଗତମ୍) ଯୋଜିତୋଽନେନ ସମ୍ବନ୍ଧଃ ।

ରାଜା- (ରାକ୍ଷସମୁପସୃତ୍ୟ) ଆର୍ଯ୍ୟ ! ଚନ୍ଦ୍ରଗୁପ୍ତୋଽହମଭିବାଦୟେ ।

ରାକ୍ଷସଃ- (ବିଲୋକ୍ୟ ସ୍ୱଗତମ୍) ଅୟେ ! ଅୟଂ ଚନ୍ଦ୍ରଗୁପ୍ତଃ । ଯ ଏଷଃ—
ବାଲ ଏବ ହି ଲୋକେଽସ୍ମିନ୍ ସମ୍ଭାବିତମହୋଦୟଃ ।
କ୍ରମେଣାରୂଢବାନ୍ ରାଜ୍ୟଂ ଯୂଥୈଶ୍ୱର୍ଯ୍ୟମିବ ଦ୍ୱିପଃ ॥ ୧୨ ॥

Digitized by PPRACHIN, SOA

ଚାଣକ୍ୟ- ହେ ଅମାତ୍ୟ ରାକ୍ଷସ, ଏ ଚଣ୍ଡାଳ ନୁହଁନ୍ତି । ଏ ଜଣକ ସିଦ୍ଧାର୍ଥକ ନାମକ ରାଜକର୍ମଚାରୀ, ଯାହାଙ୍କୁ ଆପଣ ଆଗରୁ ଦେଖିଛନ୍ତି । ଏ ଯେଉଁ ଦ୍ୱିତୀୟ ଚଣ୍ଡାଳ,ସେ ମଧ୍ୟ ସୁସିଦ୍ଧାର୍ଥକ ନାମକ ରାଜକର୍ମଚାରୀ । ବିଚରା ଶକଟ ଦାସଙ୍କ ସହିତ ଏ ଦୁଇ ଜଣଙ୍କର ସୌହାର୍ଦ୍ଦ୍ୟ ଜନ୍ମାଇ ମୁହିଁ କପଟ ପତ୍ର ଲେଖାଇଥିଲି । ବିଚରା ଶକଟଦାସ ସେତେବେଳେ ତାହା କପଟ ପତ୍ର ବୋଲି ଜାଣି ନଥିଲେ ।

ରାକ୍ଷସ- (ସ୍ୱଗତ) ଭାଗ୍ୟକୁ ଶକଟଦାସଙ୍କ ପ୍ରତି ମୋର ସନ୍ଦେହ ଦୂର ହୋଇଗଲା ।

ଚାଣକ୍ୟ– ଅଧିକ କଅଣ କହିବି ? ସଂକ୍ଷେପରେ କହୁଛି–

ହେ ବୀର, ଭଦ୍ରଭଟ ପ୍ରଭୃତି ଭୃତ୍ୟଗଣ, ସେହି ପତ୍ର, ସେହି ସିଦ୍ଧାର୍ଥକ; ସେହି ତିନୋଟି ଅଳଙ୍କାର, ଆପଣଙ୍କର ମିତ୍ର ସେହି ଜ୍ୟୋତିଷୀ, ଜୀର୍ଣ୍ଣ ଉଦ୍ୟାନର ସେହି ଆର୍ତ୍ତବ୍ୟକ୍ତି ଏବଂ ଚନ୍ଦନଦାସଙ୍କର ସେହି ଦୁଃଖ, ଏ ସମସ୍ତ ଚନ୍ଦ୍ରଗୁପ୍ତଙ୍କ ସହିତ ଆପଣଙ୍କୁ ମିଳାଇବା ଇଚ୍ଛାରେ ହିଁ ମୋର (ଲଜ୍ଜା ଅଭିନୟ କରି) ଯୋଜନା । ବର୍ତ୍ତମାନ ଚନ୍ଦ୍ରଗୁପ୍ତ ଆପଣଙ୍କୁ ଭେଟିବାକୁ ଆସୁଛନ୍ତି । ଆପଣ ତାଙ୍କୁ ଦେଖା କରନ୍ତୁ । ୯ ।

ରାକ୍ଷସ- [ସ୍ୱଗତ] ଆଉ ଉପାୟ କଅଣ ? ଦେଖା କରିବି ।

[ଆଡମ୍ବରରେ ପରିଜନ ବେଷ୍ଟିତ ରାଜା ଚନ୍ଦ୍ରଗୁପ୍ତଙ୍କର ପ୍ରବେଶ ।]

ରାଜା– (ସ୍ୱଗତ) ବିନା ଯୁଦ୍ଧରେ ଆର୍ଯ୍ୟ ଚାଣକ୍ୟ ଦୁର୍ଜୟ ଶତ୍ରୁ ସୈନ୍ୟଙ୍କୁ ଜୟକଲେ । ତେଣୁ ମୁଁ ଲଜ୍ଜିତ ଭଳି ଅନୁଭବ କରୁଛି । ଯାହା ହେଉ—

ମୋର ଫଳକଯୁକ୍ତ ଶରଗୁଡ଼ିକ କାର୍ଯ୍ୟରେ ନ ଲଗିବାରୁ ପ୍ରୟୋଜନଶୂନ୍ୟ ହୋଇ ସତେ ଯେପରି ଦୁଃଖରେ ମୁହଁ ମାଡି ପଡ଼ି ରହିଛନ୍ତି ! ସେମାନଙ୍କର ଏହି ତୂଣୀର-ଶୟନ-ବ୍ରତରେ ମୋର ଖୁସି ହେବାର କିଛି ନାହିଁ । ୧୦ ।

ହଁ, ମୋର ଭଳି ଯାହାର ଗୁରୁ ସତର୍କ ରହି ଶାସନ କାର୍ଯ୍ୟ ପରିଚାଳନା କରନ୍ତି, ସେ ରାଜା ଧନୁରୁ ଗୁଣ ବାହାର କରିଦେଇ ଶୟନ କଲେ ମଧ୍ୟ ସଂସାରରେ ଯାହାକୁ ଜିଣିବାକୁ ଚାହେଁ, ଜିଣିବାକୁ ସମର୍ଥ ହୁଏ ।

[ଚାଣକ୍ୟଙ୍କ ନିକଟକୁ ଯାଇ] ଆର୍ଯ୍ୟ, ଚନ୍ଦ୍ରଗୁପ୍ତ ପ୍ରଣାମ କରୁଛି ।

ଚାଣକ୍ୟ-ତୁମର ସମସ୍ତ ମଙ୍ଗଳ ସଂପନ୍ନ ହୋଇଛି । ବର୍ତ୍ତମାନ ତୁମ କୁଳର ମୁଖ୍ୟ ଅମାତ୍ୟ ପୂଜନୀୟ ରାକ୍ଷସଙ୍କୁ ପ୍ରଣାମ କର ।

ରାକ୍ଷସ-(ସ୍ୱଗତ) ଏ ଯେ ସମ୍ବନ୍ଧ ଯୋଡ଼ିଦେଲେ !

ରାଜା– (ରାକ୍ଷସଙ୍କ ନିକଟକୁ ଯାଇ) ଆର୍ଯ୍ୟ, ଚନ୍ଦ୍ରଗୁପ୍ତ ପ୍ରଣାମ କରୁଛି ।

ରାକ୍ଷସ– (ରହିଁ ସ୍ୱଗତ) ଏଇ ସେ ଚନ୍ଦ୍ରଗୁପ୍ତ, ଯେ କି —

ବାଳକ ଥିଲାବେଳେ ଭବିଷ୍ୟତରେ ଖୁବ୍ ଅଭ୍ୟୁଦୟ ଲାଭ କରିବ, ଏ ସୂଚନା ମିଳୁଥିଲା । ହସ୍ତୀ କ୍ରମେ କ୍ରମେ ଯୂଥର ଅଧିପତି ହେଲାଭଳି ଏ କ୍ରମେ-କ୍ରମେ ସାମ୍ରାଜ୍ୟର ଅଧୀଶ୍ୱର ହୋଇଛି । ୧୨ ।

Digitized by PPRACHIN, SOA

(ପ୍ରକାଶମ୍) ରାଜନ୍ ! ବିଜୟସ୍ୱ ।

ରାଜା- ଆର୍ଯ୍ୟ !

ଜଗତଃ କିଂ ନ ବିଜିତଂ ମୟେତି ପ୍ରତିଚିନ୍ତ୍ୟତାମ୍ ।
ଗୁରୌ ଷାଡ୍‌ଗୁଣ୍ୟଚିନ୍ତାୟାମାର୍ଯ୍ୟେ ଗୁର୍ଯ୍ୟେ ଚ ଜାଗ୍ରତି ॥ ୧୩ ॥

ରାକ୍ଷସଃ- (ସ୍ୱଗତମ୍) ସ୍ପୃଶତି ମାଂ କୌଟିଲ୍ୟଶିଷ୍ୟଃ ଭୃତ୍ୟଂଭାବେନ । ଅଥବା ବିନୟଃ ଏବ ଅସ୍ୟ । ଚନ୍ଦ୍ରଗୁପ୍ତସ୍ୟ ମତ୍ସରଃ ତୁ ମେ ବିପକ୍ଷୀକୃତଂ କଲୟତି । ସର୍ବଥା ସ୍ଥାନେ ଯଶସ୍ୱୀ ଚାଣକ୍ୟଃ । କୁତଃ—

ଦ୍ରବ୍ୟଂ ଜିଗୀଷୁମଧିଗମ୍ୟ ଜଡାତ୍ମନୋଽପି
ନେତୁର୍ଯଶସ୍ୱିନି ପଦେ ନିୟତା ପ୍ରତିଷ୍ଠା ।
ଅଦ୍ରବ୍ୟମେତ୍ୟ ତୁ ବିବିକ୍ତନୟୋଽପି ମନ୍ତ୍ରୀ
ଶୀର୍ଣ୍ଣାଶ୍ରୟଃ ପତତି କୂଳଜବୃକ୍ଷବୃତ୍ତ୍ୟା ॥ ୧୪ ॥

ଚାଣକ୍ୟଃ- ଅମାତ୍ୟରାକ୍ଷସ ! ଅପି ଇଷ୍ୟତେ ଚନ୍ଦନଦାସସ୍ୟ ଜୀବିତମ୍ ?

ରାକ୍ଷସଃ- ଭୋ ବିଷ୍ଣୁଗୁପ୍ତ ! କୁତଃ ସନ୍ଦେହଃ ?

ଚାଣକ୍ୟଃ- ଅମାତ୍ୟରାକ୍ଷସ ! ଅଗୃହୀତଶସ୍ତ୍ରେଣ ଭବତା ଅନୁଗୃହ୍ୟତେ ବୃଷଳଃ, ଇତ୍ୟତଃ ସନ୍ଦେହଃ । ତଦ୍ ଯଦି ସତ୍ୟମେବ ଚନ୍ଦନଦାସସ୍ୟ ଜୀବିତମିଷ୍ୟତେ, ତତୋ ଗୃହ୍ୟତାମିଦଂ ଶସ୍ତ୍ରମ୍ ।

ରାକ୍ଷସଃ- ଭୋ ବିଷ୍ଣୁଗୁପ୍ତ ! ମା ମା ଏବମ୍ । ଅଯୋଗ୍ୟାଃ ବୟମ୍ ଏତସ୍ୟ ଗ୍ରହଣେ । ବିଶେଷତଃ ତ୍ୱୟା ଗୃହୀତସ୍ୟ ଶସ୍ତ୍ରସ୍ୟ ।

ଚାଣକ୍ୟଃ- ଅମାତ୍ୟରାକ୍ଷସ ! ଯୋଗ୍ୟଃ ଅହମ୍, ଅଯୋଗ୍ୟଃ ଭବାନ୍ ଇତି କଥମେତତ୍ ? ପଶ୍ୟ—

ଅଶ୍ୱୈଃ ସାର୍ଦ୍ଧମଜସ୍ର ଦତ୍ତକବିକାକ୍ଷାମୈରଶୂନ୍ୟାସନୈଃ
ସ୍ନାନାହାର ବିହାର ପାନଶୟନସ୍ୱେଚ୍ଛା ସୁଖୈ ର୍ବର୍ଜିତାନ୍ ।
ମାହାତ୍ମ୍ୟାଦତିପୌରୁଷସ୍ୟ ଭବତୋ ଦୃପ୍ତାରିଦର୍ପଚ୍ଛିଦଃ
ପଶ୍ୟୈତାନ୍ ପରିକଳ୍ପନାବ୍ୟତିକରପ୍ରୋଚ୍ଛୂନବଂଶାନ୍ ଗଜାନ୍ ॥ ୧୫ ॥

ଅଥବା କିମନେନ ? ନ ଖଲୁ ଭବତଃ ଶସ୍ତ୍ରଗ୍ରହଣ ମନ୍ତରେଣ ଚନ୍ଦନଦାସସ୍ୟ ଜୀବିତମସ୍ତି ।

Digitized by PPRACHIN, SOA

(ପ୍ରକାଶ୍ୟରେ) ରଜା ଚନ୍ଦ୍ରଗୁପ୍ତ, ବିଜୟୀ ହୁଅ ।

ରଜା– ଆର୍ଯ୍ୟ, ମୋର ପୂଜ୍ୟଗୁରୁ ଆପଣଦୁଇଜଣ ଷଡ଼୍‌ଗୁଣ (ସନ୍ଧି, ବିଗ୍ରହ ପ୍ରଭୃତି)ର ପରିଚାଳନାରେ ସତତ ଯତ୍ନଶୀଳ ଅଛନ୍ତି । ତେଣୁ ଜଗତରେ ଏପରି କଅଣ ଅଛି,ଯାହାକୁ ମୁଁ ଜୟ କରିନପାରିବି ? ୧୩ ।

ରାକ୍ଷସ– (ସ୍ୱଗତ) ଚାଣକ୍ୟର ଶିଷ୍ୟ ମୋତେ ସେବକ ରୂପେ ଗ୍ରହଣ କରୁଛି ! ଅବା ଚନ୍ଦ୍ରଗୁପ୍ତର ଏହା ପ୍ରକୃତରେ ବିନୟ । ଚନ୍ଦ୍ରଗୁପ୍ତ ପ୍ରତି ମୋର ଦ୍ୱେଷ ହିଁ ମୋତେ ବିପରୀତ ଧାରଣା ଦେଉଛି । ଚାଣକ୍ୟ ଯେ ଯଶସ୍ୱୀ ହୋଇଛି, ତାହା ଯୁକ୍ତିଯୁକ୍ତ । କାରଣ–

ମନ୍ତ୍ରୀ ସ୍ୱଳ୍ପବୁଦ୍ଧି ହେଲେ ମଧ୍ୟ ଯଦି ବିଜୟାଭିଳାଷୀ ରଜାର ମନ୍ତ୍ରୀତ୍ୱ କରୁଥାଏ, ତା' ହେଲେ ଯଶସ୍ୱୀ ପଦରେ ପ୍ରତିଷ୍ଠା ଲାଭକରେ । ମାତ୍ର ମନ୍ତ୍ରୀ ଯେତେ ନୀତିତତ୍ତ୍ୱଜ୍ଞ ହେଲେ ସୁଦ୍ଧା ଯଦି ଅପଦାର୍ଥ ରାଜାର ମନ୍ତ୍ରୀତ୍ୱ କରୁଥାଏ, ତା' ହେଲେ ଆଶ୍ରୟହୀନ ହୋଇ ନଦୀ ତୀରସ୍ଥିତ ବୃକ୍ଷ ପରି ପତନ ଲାଭକରେ । ୧୪ ।

ଚାଣକ୍ୟ–ଅମାତ୍ୟ ରାକ୍ଷସ, ଆପଣ ଚନ୍ଦନ ଦାସଙ୍କର ଜୀବନ ଇଚ୍ଛା କରନ୍ତି ?

ରାକ୍ଷସ– ହେ ବିଷ୍ଣୁଗୁପ୍ତ,ଏଥିରେ କ'ଣ ସନ୍ଦେହ ଅଛି ?

ଚାଣକ୍ୟ– ଅମାତ୍ୟ ରାକ୍ଷସ, ଆପଣ ମନ୍ତ୍ରୀତ୍ୱର ଚିହ୍ନ ସ୍ୱରୂପ ଶସ୍ତ୍ର ଗ୍ରହଣ ନ କରି ଚନ୍ଦ୍ରଗୁପ୍ତଙ୍କୁ ଅନୁଗ୍ରହୀତ କରୁଛନ୍ତି, ଏଣୁ ସନ୍ଦେହ ରହୁଛି । ତେବେ ଯଦି ଆପଣ ପ୍ରକୃତରେ ଚନ୍ଦନଦାସଙ୍କ ଜୀବନ ଚାହାଁନ୍ତି, ତା' ହେଲେ ମନ୍ତ୍ରୀତ୍ୱର ଚିହ୍ନ ଶସ୍ତ୍ର ଗ୍ରହଣ କରନ୍ତୁ ।

ରାକ୍ଷସ–ନା ନା ବିଷ୍ଣୁଗୁପ୍ତ, ମୁଁ ଏହି ଶସ୍ତ୍ରର ଅଯୋଗ୍ୟ । ବିଶେଷତଃ ଯେଉଁ ଶସ୍ତ୍ର ଆପଣ ଧାରଣ କରିଛନ୍ତି, ତାହା ଗ୍ରହଣ କରିବାକୁ ମୁଁ ଅଯୋଗ୍ୟ ।

ଚାଣକ୍ୟ– ଅମାତ୍ୟ ରାକ୍ଷସ ! ମୁଁ ଯୋଗ୍ୟ, ଆପଣ ଅଯୋଗ୍ୟ, ଏପରି କହନ୍ତୁ ନାହିଁ । ଦେଖନ୍ତୁ—

ସର୍ବଦା ଅଶ୍ୱମାନଙ୍କ ଉପରେ ଆରୋହଣ କରିବା ଫଳରେ ଏବଂ ଲଗାମ ଲାଗି ରହିବା ଫଳରେ ଅଶ୍ୱମାନେ କ୍ଷୀଣ ହୋଇଗଲେଣି । ହସ୍ତୀମାନଙ୍କର ପୃଷ୍ଠଦେଶରେ ସର୍ବଦା ଗଦି ପଡ଼ି ରହିବା ଫଳରେ ସେମାନଙ୍କର ପୃଷ୍ଠଦେଶ ଫୁଲିଗଲାଣି । ଏମାନେ ସମସ୍ତେ ସ୍ନାନ, ଆହାର, ବିହାର, ପାନ, ଶୟନ ପ୍ରଭୃତି ସୁଖସ୍ୱାଚ୍ଛନ୍ଦ୍ୟରୁ ବଞ୍ଚିତ । ହେ, ମତିମାନ୍ ଆପଣ ହେଉଛନ୍ତି ଦର୍ପିଷ୍ଠ ଶତ୍ରୁମାନଙ୍କର ଦର୍ପଦଳନକାରୀ । ଆପଣଙ୍କ ପୌରୁଷର ପ୍ରଭାବରୁ ହିଁ ଏମାନଙ୍କର ଏପରି ଅବସ୍ଥା ହୋଇଛି । ୧୫ ।

ହଁ, ଅଧିକ କହିବା ଅନାବଶ୍ୟକ । ଆପଣ ଯଦି ଶସ୍ତ୍ରଗ୍ରହଣ ନ କରନ୍ତି, ତେବେ ଚନ୍ଦନଦାସ ଜୀବନ ପାଇପାରିବେ ନାହିଁ ।

Digitized by PPRACHIN, SOA

ରାକ୍ଷସଃ- (ସ୍ୱଗତମ୍)

ନନ୍ଦସ୍ନେହଗୁଣାଃ ସ୍ପୃଶନ୍ତି ହୃଦୟଂ ଭୃତ୍ୟୋଽପି ତଦ୍‌ବିଦ୍ୱିଷାମ୍
ଯେ ସିକ୍ତାଃ ସ୍ୱୟମେବ ପାଣିଦ୍ୱୟସା ଛେଦ୍ୟା ତ ଏବ ଦ୍ରୁମାଃ ।
ଶସ୍ତ୍ରଂ ମିତ୍ରଶରୀରରକ୍ଷଣକୃତେ ବ୍ୟାପାରଣୀୟଂ ମୟା
କାର୍ଯ୍ୟାଣାଂ ଗତୟୋ ବିଧେରପି ନ ଯାନ୍ତ୍ୟାଲୋଚନାଗୋଚରମ୍ ॥ ୧୬ ॥

(ପ୍ରକାଶମ୍) ଭୋ ବିଷ୍ଣୁଗୁପ୍ତ ! ଉପାନୟ ଖଡ୍‌ଗମ୍ । ନମଃ ସର୍ବକାର୍ଯ୍ୟପ୍ରତିପତ୍ତି-ହେତବେ ସୁହୃତ୍‌ସ୍ନେହାୟ । କା ଗତିଃ ? ଏଷ ସଜ୍ଜୋଽସ୍ମି ।

ଚାଣକ୍ୟଃ- (ସହର୍ଷଂ ଶସ୍ତ୍ରମର୍ପୟିତ୍ୱା) ବୃଷଳ ! ବୃଷଳ ! ଅମାତ୍ୟରାକ୍ଷସେନ ଇଦାନୀଂ ଗୃହୀତଶସ୍ତ୍ରେଣ ଅନୁଗୃହୀତଃ । ଦିଷ୍ଟ୍ୟା ବର୍ଦ୍ଧତେ ଭବାନ୍ ।

ରାଜା- ଆର୍ଯ୍ୟପ୍ରସାଦ ଏଷ ଚନ୍ଦ୍ରଗୁପ୍ତେଣ ଅନୁଭୂୟତେ ।

ପୁରୁଷଃ- (ପ୍ରବିଶ୍ୟ) ଜେଦୁ ଜେଦୁ ଅଜ୍ଜୋ । ଅଜ୍ଜ ! ଏସୋ କ୍ଖୁ ଭଦ୍ଦଭଡଭାଗୁରାଅଣ-ପମୁହେହିଂ ସଂଜମିଅକରଚରଣୋ ମଲଅକେଦୂ ପଡିହାରଭୂମିଏ ଅବଟ୍ଠାବିଦୋ । ତା ଏଦଂ ସୁଣିଅ ଅଜ୍ଜୋ ପମାଣଂ ତ୍ତି । (ଜୟତୁ ଜୟତୁ ଆର୍ଯ୍ୟଃ । ଆର୍ଯ୍ୟ ! ଏଷ ଖଲୁ ଭଦ୍ରଭଟ-ଭାଗୁରାୟଣପ୍ରମୁଖୈଃ ସଂଯମିତକରଚରଣୋ ମଲୟକେତୁଃ ପ୍ରତୀହାର-ଭୂମୌ ଉପସ୍ଥାପିତଃ । ତଦ୍ ଇଦଂ ଶ୍ରୁତ୍ୱା ଆର୍ଯ୍ୟଃ ପ୍ରମାଣ ମିତି ।)

ଚାଣକ୍ୟଃ- ଅଂ ଶ୍ରୁତମ୍ । ଭଦ୍ର ! ନିବେଦ୍ୟତାମ୍ ଅମାତ୍ୟରାକ୍ଷସାୟ । ଅୟମିଦାନୀଂ ରାଜକାର୍ଯ୍ୟଂ କରିଷ୍ୟତି ।

ରାକ୍ଷସଃ- (ସ୍ୱଗତମ୍) କଥଂ ଦାସୀକୃତ୍ୟ ଇଦାନୀଂ ବିଜ୍ଞାପନାୟ ମାଂ ମୁଖରୀକରୋତି କୌଟିଲ୍ୟଃ । କା ଗତିଃ ? (ପ୍ରକାଶମ୍) ରାଜନ୍ ଚନ୍ଦ୍ରଗୁପ୍ତ ! ବିଦିତମେବ ଯଥା ବୟଂ ମଲୟକେତୌ କଞ୍ଚିତ୍ କାଲାନ୍ତରମ୍ ଉଷିତାଃ । ତତ୍ ପରିରକ୍ଷ୍ୟନ୍ତାମ୍ ଅସ୍ୟ ପ୍ରାଣାଃ ।

ରାଜା- (ଚାଣକ୍ୟମୁଖମବଲୋକୟତି)

ଚାଣକ୍ୟଃ- ବୃଷଳ ! ପ୍ରତିମାନୟିତବ୍ୟଃ ଅୟଂ ଅମାତ୍ୟରାକ୍ଷସସ୍ୟ ପ୍ରଥମଃ ପ୍ରଣୟଃ । (ପୁରୁଷ ମବଲୋକ୍ୟ) ଭଦ୍ର ! ଅସ୍ମଦ୍‌ବଚନାଦ୍ ଉଚ୍ୟନ୍ତାଂ ଭଦ୍ରଭଟପ୍ରଭୃତୟଃ— ଅମାତ୍ୟରାକ୍ଷସ-ବିଜ୍ଞାପିତୋ ଦେବଶ୍ଚନ୍ଦ୍ରଗୁପ୍ତଃ ପ୍ରୟଚ୍ଛତି ମଲୟକେତବେ ପିତ୍ର୍ୟମେବ ବିଷୟମ୍ । ଅତୋ ଗଚ୍ଛନ୍ତୁ ଭବନ୍ତଃ ସହାନେନ । ପ୍ରତିଷ୍ଠିତେ ତସ୍ମିନ୍ ପୁନରାଗନ୍ତବ୍ୟମ୍ ।

ପୁରୁଷଃ ଜଂ ଅଜ୍ଜୋ ଆଣବେଦି (ଯଦ୍ ଆର୍ଯ୍ୟଃ ଆଜ୍ଞାପୟତି ।)

(ଗନ୍ତୁମୁଦ୍ୟତଃ)

ଚାଣକ୍ୟଃ- ତିଷ୍ଠ ତାବତ୍ ଭଦ୍ର ! ଭଦ୍ର ! ଏବମ୍ ଅପରମ୍ ଉଚ୍ୟନ୍ତାଂ ବିଜୟପାଲୋ ଦୁର୍ଗପାଳଶ୍ଚ, ଅମାତ୍ୟରାକ୍ଷସସ୍ୟ ଗୃହୀତଶସ୍ତ୍ରସ୍ୟ ପ୍ରୀତ୍ୟା ଦେବଃ ଚନ୍ଦ୍ରଗୁପ୍ତଃ ସମାଜ୍ଞା-ପୟତି ଏଷ ତାବତ୍ ଶ୍ରେଷ୍ଠୀ ଚନ୍ଦନଦାସଃ ପୃଥିବ୍ୟାଂ ସର୍ବେଷୁ ନଗରେଷୁ ଶ୍ରେଷ୍ଠି-ପଦମ୍ ଆରୋପ୍ୟତାମ୍ ଇତି ।

Digitized by PPRACHIN, SOA

ରାକ୍ଷସ– [ସ୍ୱଗତ] ମହାରାଜା ନନ୍ଦଙ୍କର ସ୍ନେହକଣିକା ଏବେ ମଧ୍ୟ ମୋର ହୃଦୟରେ ନିହିତ ଅଛି, ବର୍ତ୍ତମାନ ମୁଁ ତାଙ୍କ ଶତ୍ରୁର ଭୃତ୍ୟ ହେବାକୁ ଯାଉଛି ! ଯେଉଁ ବୃକ୍ଷମାନଙ୍କୁ ମୁଁ ନିଜ ହାତରେ ଜଳ ଦେଇ ବଢାଇଥିଲି, ସେ ସମସ୍ତଙ୍କୁ ମୋତେ କାଟିବାକୁ ପଡ଼ିବ ! ମିତ୍ରର ପ୍ରାଣରକ୍ଷା ନିମନ୍ତେ ମୋତେ ଶତ୍ରୁର ଶସ୍ତ୍ର (ମନ୍ତ୍ରୀତ୍ୱର ଚିହ୍ନ) ଗ୍ରହଣ କରିବାକୁ ପଡ଼ିବ । ଓହୋ ! ବିଧାତାର କାର୍ଯ୍ୟର ଗତି କିଭଳି କୁଆଡେ ଯାଉଛି,ମନରେ ଚିନ୍ତା ମଧ୍ୟ କରିହେଉ-ନାହିଁ । ୧୬ ।

(ପ୍ରକାଶ୍ୟରେ) ହେ ବିଷ୍ଣୁଗୁପ୍ତ,ଖଡ୍‌ଗ (ମନ୍ତ୍ରୀତ୍ୱର ଚିହ୍ନ) ଆଣ । ମିତ୍ର ପ୍ରୀତି ନିମନ୍ତେ ମୋତେ ଯେ କୌଣସି କାର୍ଯ୍ୟ କରିବାକୁ ପଡ଼ିବ । ମୁଁ ମିତ୍ରପ୍ରୀତି ଆଗରେ ନତମସ୍ତକ ହୋଇ ଶସ୍ତ୍ରଧାରଣ କରିବାକୁ ପ୍ରସ୍ତୁତ ଅଛି ।

ଚାଣକ୍ୟ- (ଆନନ୍ଦରେ) ଚନ୍ଦ୍ରଗୁପ୍ତ ! ଚନ୍ଦ୍ରଗୁପ୍ତ ! ବର୍ତ୍ତମାନ ତୁମେ ଅମାତ୍ୟ ରାକ୍ଷସଙ୍କ ଦ୍ୱାରା ଅନୁଗୃହୀତ ହେଲ । ସେ ଶସ୍ତ୍ର ଗ୍ରହଣ କରିଛନ୍ତି । ତୁମ ସୌଭାଗ୍ୟର ଅଭିବୃଦ୍ଧି ଘଟିଲା ।

ରାଜା– ଚନ୍ଦ୍ରଗୁପ୍ତ ଯାହା କିଛି ଲାଭ କରୁଛି, ତାହା ସମସ୍ତ ଆପଣଙ୍କର ଅନୁଗ୍ରହ ।

ପୁରୁଷ–(ପ୍ରବେଶ କରି) ଆର୍ଯ୍ୟ ଚାଣକ୍ୟଙ୍କର ଜୟ । ଆର୍ଯ୍ୟ, ଭଦ୍ରଭଟ,ଭାଗୁରାୟଣ ପ୍ରମୁଖଙ୍କ ଦ୍ୱାରା ହସ୍ତ ପଦ ବନ୍ଧାହୋଇଥିବା ମଳୟକେତୁଙ୍କୁ ଦ୍ୱାରଦେଶରେ ଉପସ୍ଥିତ କରାଯାଇଛି । ଏହା ଶୁଣି ଆପଣ ଯାହା କରିବା ହୁଅନ୍ତୁ ।

ଚାଣକ୍ୟ- ହଁ, ଶୁଣିଲି ; ଅମାତ୍ୟ ରାକ୍ଷସଙ୍କୁ ଜଣାଅ । ବର୍ତ୍ତମାନ ସେ ରାଜକାର୍ଯ୍ୟ କରିବେ ।

ରାକ୍ଷସ- (ସ୍ୱଗତ) ଆରେ ! ଚାଣକ୍ୟ ମୋତେ ଭୃତ୍ୟତ୍ୱ ଗ୍ରହଣ କରିବାକୁ ବାଧ୍ୟ କରି ମୁଁ ଭୃତ୍ୟତ୍ୱ ଗ୍ରହଣ କଲି ବୋଲି କହିବା ପାଇଁ ପ୍ରବୃତ୍ତ କରୁଛି ! ଆଉ ଉପାୟ କଅଣ ? (ପ୍ରକାଶ୍ୟରେ) ରାଜା ଚନ୍ଦ୍ରଗୁପ୍ତ, ତୁମେ ଜାଣ,ମୁଁ କିଛିକାଳ ମଳୟକେତୁ ନିକଟରେ ଥିଲି । ତେଣୁ ତାହାର ପ୍ରାଣରକ୍ଷା କର ।

ରାଜା– (ଚାଣକ୍ୟଙ୍କ ମୁହଁକୁ ଚାହିଁଲେ ।)

ଚାଣକ୍ୟ– ବୃଷଳ ! ଅମାତ୍ୟଙ୍କର ଏହି ପ୍ରଥମ ଅନୁରୋଧ ରକ୍ଷା କରିବା ଉଚିତ । (ପୁରୁଷଙ୍କୁ) ଭଦ୍ର, ମୋ କଥାନୁସାରେ ଭଦ୍ରଭଟ ପ୍ରଭୃତିଙ୍କୁ କୁହ, ଅମାତ୍ୟ ରାକ୍ଷସଙ୍କ ଅନୁରୋଧରେ ମହାରାଜା ଚନ୍ଦ୍ରଗୁପ୍ତ ମଳୟକେତୁଙ୍କୁ ତାଙ୍କର ପୈତୃକ ରାଜ୍ୟ ଫେରାଇ ଦେଲେ । ତେଣୁ ସେମାନେ ତାଙ୍କ ସହିତ ଯାଆନ୍ତୁ । ତାଙ୍କୁ ରାଜପଦରେ ପ୍ରତିଷ୍ଠିତ କରାଇ ଆସିବେ ।

ପୁରୁଷ– ଅମାତ୍ୟଙ୍କର ଯାହା ଆଜ୍ଞା । (ଚାଲି ଯାଉଥିଲା)

ଚାଣକ୍ୟ–ଟିକିଏ ରୁହ । ଭଦ୍ର ! ବିଜୟପାଳ ଓ ଦୁର୍ଗପାଳଙ୍କୁ କୁହ– ଅମାତ୍ୟ ରାକ୍ଷସ ଶସ୍ତ୍ର ଗ୍ରହଣ କରିଥିବା ହେତୁ ତାଙ୍କ ପ୍ରୀତି ନିମନ୍ତେ ଚନ୍ଦ୍ରଗୁପ୍ତ ଆଜ୍ଞା ଦେଉଛନ୍ତି–ଶେଠ ଚନ୍ଦନଦାସଙ୍କୁ ପୃଥିବୀର ସବୁ ନଗରରେ ପ୍ରଧାନ ଶେଠ ପଦରେ ସମ୍ମାନିତ କରାଯାଉ ।

Digitized by PPRACHIN, SOA

ପୁରୁଷଃ- କଂ ଅନ୍ୟୋ ଆଣବେଦ । (ଯଦ୍ ଆର୍ଯ୍ୟଃ ଆଜ୍ଞାପୟତି)

(ଇତି ନିଷ୍କ୍ରାନ୍ତଃ)

ଚାଣକ୍ୟଃ- ଭୋ ରାଜନ୍ ! ଚନ୍ଦ୍ରଗୁପ୍ତ ! କଂ ତେ ଭୂୟଃ ପ୍ରିୟମୁପକରୋମି ?

ରାଜା- କିମତଃ ପରଂ ପ୍ରିୟମସ୍ତି ?

ରାକ୍ଷସେନ ସମଂ ମୈତ୍ରୀ ରାଜ୍ୟେ ଚାରୋପିତାଃ ବୟମ୍ ।
ନନ୍ଦାଶ୍ଚୋନ୍ମୂଳିତାଃ ସର୍ବେ କିଂ କର୍ତ୍ତବ୍ୟମତଃ ପରମ୍ ? ॥ ୧୭ ॥

ରାକ୍ଷସଃ-ବିଜୟସ୍ୱ ! ଉଚ୍ୟତାଂ ଦୁର୍ଗପାଲୋ ବିଜୟପାଲଶ୍ଚ, ଅମାତ୍ୟରାକ୍ଷସପରିଗ୍ରହେଣ ପ୍ରୀତୋ ଦେବଶ୍ଚନ୍ଦ୍ରଗୁପ୍ତଃ ସମାଜ୍ଞାପୟତି—ବିନା ହସ୍ତ୍ୟଶ୍ୱଂ କ୍ରିୟତାଂ ସର୍ବବନ୍ଧମୋକ୍ଷଃ । ଅଥବା ଅମାତ୍ୟରାକ୍ଷସେ ନେତରି କିଂ ହସ୍ତ୍ୟଶ୍ୱେନ ପ୍ରୟୋଜନମ୍ ?

ତଦ୍ ଇଦାନୀମ୍—

ସର୍ବ ବାହନହସ୍ତିଭ୍ୟାଂ ମୁଚ୍ୟତାଂ ସର୍ବବନ୍ଧନମ୍ ।
ମୟା ପୂର୍ଣ୍ଣପ୍ରତିଜ୍ଞେନ କେବଲଂ ବଧ୍ୟତେ ଶିଖା ॥ ୧୮ ॥

ପ୍ରତିହାରୀ- କଂ ଅନ୍ୟୋ ଆଣବେଦି । (ଯଦ୍ ଆର୍ଯ୍ୟଃ ଆଜ୍ଞାପୟତି) (ଇତି ନିଷ୍କ୍ରାନ୍ତଃ)

ଚାଣକ୍ୟଃ- ଅମାତ୍ୟରାକ୍ଷସ ! ତଦ୍ ଉଚ୍ୟତାଂ, କିଂ ତେ ଭୂୟଃ ପ୍ରିୟମୁପକରୋମି ?

ରାକ୍ଷସଃ- କିମତଃ ପରମପି ପ୍ରିୟମସ୍ତି ? ଯଦି ନ ପରିତୋଷଃ, ତଦ୍ ଇଦମସ୍ତୁ—

(ଭରତବାକ୍ୟମ୍)

ବାରାହୀମାତ୍ମଯୋନେସ୍ତନୁମତନୁବଲାମାସ୍ଥିତସ୍ୟାନୁରୂପାଂ
ଯସ୍ୟ ପ୍ରାଗ୍ଦନ୍ତକୋଟିଂ ପ୍ରଳୟପରିଗତା ଶିଶ୍ରିୟେ ଭୂତଧାତ୍ରୀ ।
ମ୍ଳେଚ୍ଛୈରୁଦ୍ୱେଜ୍ୟମାନା ଭୁଜଯୁଗମଧୁନା ପୀବରଂ ରାଜମୂର୍ତ୍ତେଃ
ସ ଶ୍ରୀମଦ୍‌ବନ୍ଧୁଭୃତ୍ୟଶ୍ଚିରମବତୁ ମହୀଂ ପାର୍ଥିବଶ୍ଚନ୍ଦ୍ରଗୁପ୍ତଃ ॥ ୧୯ ॥

(ଇତି ନିଷ୍କ୍ରାନ୍ତାଃ ସର୍ବେ)

॥ ଇତି ମୁଦ୍ରାରାକ୍ଷସେ ସପ୍ତମୋଽଙ୍କଃ ॥

Digitized by PPRACHIN, SOA

ପୁରୁଷ–ଆର୍ଯ୍ୟଙ୍କର ଯାହା ଆଜ୍ଞା । (ଚାଲିଗଲା)
ଚାଣକ୍ୟ– ମହାରାଜ ଚନ୍ଦ୍ରଗୁପ୍ତ ! କୁହ, ତୁମ ପାଇଁ ଆଉ କି ପ୍ରିୟ କାର୍ଯ୍ୟ କରିବି ?
ରାଜା- ଏହାଠାରୁ ବଳି ଆଉ ଅଧିକ ପ୍ରିୟକାର୍ଯ୍ୟ କ'ଣ ଅଛି ?

ରାକ୍ଷସଙ୍କ ସହିତ ମିତ୍ରତା ହେଲା; ମୁଁ ରାଜପଦରେ ପ୍ରତିଷ୍ଠିତ ହେଲି;
ନନ୍ଦମାନେ ସମୂଳେ ଧ୍ୱଂସ ହେଲେ । ଏହାପରେ ଆଉ କଣ କରିବାର ଅଛି ? ୧୭

ଚାଣକ୍ୟ– ବିଜୟା, ଦୁର୍ଗପାଳ ଓ ବିଜୟପାଳଙ୍କୁ କୁହ— ଅମାତ୍ୟ ରାକ୍ଷସଙ୍କୁ ପାଇ ଚନ୍ଦ୍ରଗୁପ୍ତ ପ୍ରୀତ ହୋଇ ଆଜ୍ଞା ଦେଉଛନ୍ତି---ହାତୀ ଓ ଘୋଡାମାନଙ୍କ ବ୍ୟତୀତ ଆଉ ସମସ୍ତଙ୍କୁ ବନ୍ଧନମୁକ୍ତ କର । ଅବା, ହାତୀ ଘୋଡାରେ ବା କି ପ୍ରୟୋଜନ ? ଯେହେତୁ, ଅମାତ୍ୟ ରାକ୍ଷସ ବର୍ତ୍ତମାନ ରାଜକାର୍ଯ୍ୟର ଦାୟିତ୍ୱ ନେଇଛନ୍ତି । ତେଣୁ ବର୍ତ୍ତମାନ ହାତୀ ଘୋଡା ସହିତେ ସମସ୍ତଙ୍କୁ ବନ୍ଧନମୁକ୍ତ କର । କେବଳ ମୋର ଶିଖାକୁ ମୁଁ ବନ୍ଧନଯୁକ୍ତ କରେ ।
କାରଣ, ମୋର ପ୍ରତିଜ୍ଞା ପୂର୍ଣ୍ଣ ହୋଇଛି । ୧୮ ।

ପ୍ରତୀ- ଆର୍ଯ୍ୟଙ୍କର ଯାହା ଆଜ୍ଞା । (ଚାଲିଗଲା)
ଚାଣକ୍ୟ- ଅମାତ୍ୟ ରାକ୍ଷସ ! ତେବେ କହନ୍ତୁ, ମୁଁ ଆପଣଙ୍କର ଆଉ ପ୍ରିୟ କାର୍ଯ୍ୟ କ'ଣ କରିବି ?
ରାକ୍ଷସ- ଏହାଠାରୁ ଅଧିକ ପ୍ରିୟକାର୍ଯ୍ୟ କ'ଣ ଅଛି ? ତଥାପି ଯଦି ମନରେ ସନ୍ତୋଷ ଜାତ ନ ହେଉଥାଏ, ତେବେ ଏହା ହେଉ—

(ଭରତ ବାକ୍ୟ)

ପୁରାକାଳେ ପୃଥ୍ୱୀ ପ୍ଳାବିଲା ଯେବେ ପ୍ରଳୟ ଜଳ
ସ୍ୱୟମ୍ଭୁ ଶ୍ରୀହରି ଜଗତ— ତ୍ରାଣେ ହେଲେ ତତ୍ପର ।
ଅଦଭୁତ ତାଙ୍କ ବରାହ— ତନୁ-ଦନ୍ତ-ଆଶ୍ରୟେ
ଜୀବଧାତ୍ରୀ ଧରା ରହିଲା ସୁଖେ ସେହି ସମୟେ ।
ଏବେ ଭୀତ ହୁଏ ଧରଣୀ ଯେଣୁ ମ୍ଲେଚ୍ଛ ଉତ୍ପାତେ
ଚନ୍ଦ୍ରଗୁପ୍ତରୂପେ ଶ୍ରୀହରି ଜନ୍ମିଛନ୍ତି ଜଗତେ ।
ତାଙ୍କ ବେନି ବାହୁ ଆଶ୍ରୟେ ପୃଥ୍ୱୀ ରହିଛି ଆଜି
(ମ୍ଲେଚ୍ଛ ଜନ ବଳ ବିକ୍ରମ ସବୁ ଗଲାଣି ଭଜି ।)
ବହୁକାଳ ରାଜ୍ୟ ପାଳନ୍ତୁ ଚନ୍ଦ୍ରଗୁପ୍ତ ନୃପତି
ବନ୍ଧୁ ଭୃତ୍ୟ ବର୍ଗ ତାଙ୍କର ସୁଖେ ରହନ୍ତୁ ନିତି ।

(ସମସ୍ତଙ୍କର ପ୍ରସ୍ଥାନ)

॥ ସପ୍ତମ ଅଙ୍କ ସମାପ୍ତ ॥

॥ ମୁଦ୍ରାରାକ୍ଷସ ନାଟକ ସମାପ୍ତ ॥

Digitized by PPRACHIN, SOA